# ଧରିତ୍ରୀ
DHARITRI

ଭୁବନେଶ୍ୱର, ବୁଧବାର, ସେପ୍ଟେମ୍ବର ୬/୨୦୨୩ (୧୮ ପୃଷ୍ଠା) | Bhubaneswar, Wednesday, September 6/2023 | Page 18 | ₹ 7.00

୪୯ଶ ଭାଗ ୨୮୨ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 49 ISSUE 282 | ମୂଲ୍ୟ ₹୭/-





DSPL-220

ODISHA NEW OPPORTUNITIES

JOIN THE JUGGERNAUT

## ODISHA'S INVESTMENT SURGE

**Ranked 2nd** in the country in terms of Ongoing Projects for FY 23

**Ranked 3rd** in the country in bank-assisted investments



1. Stable Polity
2. Progressive Policy
3. Investment in Robust Infrastructure
4. Improving Business Climate

### Top States Attracting Higher Ongoing Investments in FY23 (₹ lakh crore)




Source: CMIE capex database & CII Research

### Top States Attracting Bank-assisted Investment Proposals during 2022-23




Source: Reserve Bank of India

IPA NEW OPPORTUNITIES

GO SWIFT
Government of Odisha - Single Window for Investor Facilitation and Tracking

**3737** GO-SWIFT Applications

**11+ Lakh** Investment

**7+ Lakh** Employment

*COME, JOIN THE JUGGERNAUT*

**Invest in Odisha, Invest in the Future**

OIPR-14005/13/0014/2324

Contact Information
Industrial Promotion & Investment Corporation of Odisha Limited (IPICOL), IPICOL House, Janpath
Bhubaneswar – 751022, Odisha
E-mail us at: info@investodisha.org | Toll Free Number: 1800 345 7111

Please visit investodisha.gov.in for more details

Follow us on @investInOdisha /InvestOdisha

## ସଂକ୍ଷେପରେ

### ରାହୁଲଙ୍କ ଏମ୍‌ପି ପଦକୁ ସୁପ୍ରିମକୋର୍ଟରେ ଚ୍ୟାଲେଞ୍ଜ

**ନୂଆଦିଲ୍ଲୀ,୫।୯:** କଂଗ୍ରେସ ନେତା ରାହୁଲ ଗାନ୍ଧୀ ମାନହାନି ମାମଲାରେ ଦୋଷୀସାବ୍ୟସ୍ତ ହେବା ସତ୍ତ୍ୱେ ଲୋକ ସଭା ସଦସ୍ୟତା ଫେରିପାଇବାର ବୈଧତାକୁ ମଙ୍ଗଳବାର ସୁପ୍ରିମକୋର୍ଟରେ ଚ୍ୟାଲେଞ୍ଜ କରାଯାଇଛି। ରାହୁଲଙ୍କ ଏମ୍‌ପି ପଦ କାଏମ୍ ରହିଲା ବୋଲି ଲୋକ ସଭା ସଚିବାଳୟ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ଉକ୍ତ ବିଜ୍ଞପ୍ତିକୁ ଖାରଜ କରାଯିବାକୁ ଲକ୍ଷ୍ନୌର ଜଣେ ଆଇନଜୀବୀ ପିଟିଶନରେ ନିବେଦନ କରିଛନ୍ତି। ଜଣେ ଆଇନ ଅଦାଲତରେ ଦୋଷୀସାବ୍ୟସ୍ତ ହୋଇ ଲୋକ ସଭା ସଦସ୍ୟତା ହରାଇବା ପରେ ସେ ସମସ୍ତ ଅଭିଯୋଗରୁ ନିର୍ଦ୍ଦୋଷ ପ୍ରମାଣିତ ନ ହେବା ପର୍ଯ୍ୟନ୍ତ ଏମ୍‌ପି ଭାବେ ଫେରିପାରିବେ ନାହିଁ ବୋଲି ପିଟିଶନରେ କୁହାଯାଇଛି। ଆପରାଧିକ ମାନହାନି ମାମଲାରେ ରାହୁଲଙ୍କୁ ୨ ବର୍ଷ ଜେଲଦଣ୍ଡ ହେବା ପରେ ଜନପ୍ରତିନିଧି ଆଇନ, ୧୯୫୧ ଅନୁଯାୟୀ ତାଙ୍କ ଲୋକ ସଭା ସଦସ୍ୟତା ରଦ୍ଦ ହୋଇଥିଲା। ସୁପ୍ରିମକୋର୍ଟ ତଳକୋର୍ଟଙ୍କ ରାୟ ଉପରେ ସ୍ଥଗିତାଦେଶ ଲଗାଇବା ପରେ ତାଙ୍କ ସଦସ୍ୟତାକୁ ପୁନର୍ବାର କାଏମ ରଖାଯାଇଛି। ଏନେଇ ବାଚସ୍ପତିଙ୍କ ନିଷ୍ପତ୍ତି ଠିକ୍ ନ ଥିଲା ବୋଲି ଆବେଦନକାରୀ ଦର୍ଶାଇଛନ୍ତି।

### ଗେଲ୍ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଗିରଫ

**ନୂଆଦିଲ୍ଲୀ,୫।୯:** ଲାଞ୍ଚ ନେବା ମାମଲାରେ କେନ୍ଦ୍ରୀୟ ଅପରାଧ ତଦନ୍ତ ବ୍ୟୁରୋ(ସିବିଆଇ) ଗ୍ୟାସ୍ ଅଥରଟି ଅଫ୍ ଇଣ୍ଡିଆ ଲିମିଟେଡ୍(ଜିଏଆଇଏଲ୍)ର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ କେ.ବି. ସିଂଙ୍କ



କେ.ବି. ସିଂ

ସମେତ ଅନ୍ୟ ୪ ଜଣଙ୍କୁ ଗିରଫ କରିଛି। ଦୁଇ ପାଇପ୍ ଲାଇନ ପ୍ରୋଜେକ୍ଟର କଣ୍ଟ୍ରାକ୍ଟ ଦେବା ଲାଗି ଘରୋଇ କମ୍ପାନୀଠାରୁ ୫୦ ଲକ୍ଷ ଟଙ୍କା ଲାଞ୍ଚ ନେଇଥିବା ଅଭିଯୋଗ ହୋଇଥିଲା। ସିବିଆଇ ୪ ଅଭିଯୁକ୍ତଙ୍କୁ ଗିରଫ କରିବା ସହ ଦିଲ୍ଲୀ, ମୁମ୍ବାଇ ଏବଂ ବିଶାଖାପାଟଣାରେ ଚଢ଼ାଉ କରିଛି। ଅଭିଯୁକ୍ତମାନେ ଶ୍ରୀକାକୁଲମ୍‌ଠାରୁ ଅନୁଗୋଳ ଏବଂ ବିଦ୍ୟାପୁର ଠାରୁ ଅଯୁରିଆ ଗ୍ୟାସ୍ ପାଇପ୍ ଲାଇନ୍ ପ୍ରୋଜେକ୍ଟର କଣ୍ଟ୍ରାକ୍ଟ ଲାଗି ଲାଞ୍ଚ ନେଇଥିବା ଅଭିଯୋଗ ହୋଇଥିଲା।

**ଉଦୟନିଧିଙ୍କ 'ସନାତନ' ମନ୍ତବ୍ୟ**

### ସିଜେଆଇଙ୍କୁ ଚିଠି ଲେଖିଲେ ବିଶିଷ୍ଟ ନାଗରିକ

**ନୂଆଦିଲ୍ଲୀ,୫।୯(ପି.ଟି.):** ସନାତନ ଧର୍ମର ବିଲୋପ ଲାଗି ମନ୍ତବ୍ୟ ଦେଇଥିବା ଡିଏମ୍‌କେ ନେତା ଉଦୟନିଧି ଷ୍ଟାଲିନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ସୁପ୍ରିମକୋର୍ଟ ହସ୍ତକ୍ଷେପ କରିବାକୁ ୨୬୨ ବିଶିଷ୍ଟ ନାଗରିକ ସିଜେଆଇ ଡି.ୱାଇ. ଚନ୍ଦ୍ରଚୂଡ଼ଙ୍କୁ ପତ୍ର ଲେଖିଛନ୍ତି। ପତ୍ରରେ ସ୍ୱାକ୍ଷର କରିଥିବା ଖ୍ୟାତନାମା ବ୍ୟକ୍ତିଙ୍କ ମଧ୍ୟରେ ପୂର୍ବତନ ବିଚାରପତି, ପ୍ରଶାସନିକ ଅଧିକାରୀ ପ୍ରମୁଖ ରହିଛନ୍ତି। ଦିଲ୍ଲୀ ହାଇକୋର୍ଟର ପୂର୍ବତନ ବିଚାରପତି ଏସ୍.ଏନ୍. ଧିଙ୍ଗ୍ରା କହିଛନ୍ତି, ଉଦୟନିଧି କେବଳ ଘୃଣିତ ମନ୍ତବ୍ୟ ଦେଇ ନାହାନ୍ତି, ଏଥିପାଇଁ ସେ କ୍ଷମା ମାଗିବାକୁ ମନା କରିଦେଇଛନ୍ତି। ତାଙ୍କ ମନ୍ତବ୍ୟରେ ନିମ୍ନସ୍ୱାକ୍ଷରକାରୀମାନେ ଗଭୀର ଉଦ୍‌ବେଗ ପ୍ରକାଶ କରିଛନ୍ତି। ଭାରତର ଏକ ବୃହତ୍ ଜନସଂଖ୍ୟା ବିରୋଧରେ ଏହା ନିଶ୍ଚିତ ଭାବେ ଘୃଣିତ ମନ୍ତବ୍ୟ ଏବଂ ଭାରତକୁ ଧର୍ମନିରପେକ୍ଷ ଭାବେ ପରିକଳ୍ପିତ କରିଥିବା ସମ୍ବିଧାନ ଉପରେ ଆକ୍ରମଣ ବୋଲି ସେମାନେ ଅଭିଯୋଗ କରିଛନ୍ତି। ଦେଶର ଧର୍ମନିରପେକ୍ଷତାକୁ ସୁରକ୍ଷିତ ରଖିବାକୁ ହେଲେ କାର୍ଯ୍ୟାନୁଷ୍ଠାନ ଆବଶ୍ୟକ ବୋଲି ପତ୍ରରେ କୁହାଯାଇଛି। ଏହି ଅତ୍ୟନ୍ତ ଗମ୍ଭୀର ପ୍ରସଙ୍ଗରେ ଯଦି ପ୍ରଶାସନ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାରେ ବିଳମ୍ବ କରନ୍ତି, ତେବେ ଏହାକୁ ଅଦାଲତ ଅବମାନନା ଭାବେ ଗ୍ରହଣ କରାଯାଇପାରିବ ବୋଲି ସ୍ୱାକ୍ଷରକାରୀମାନେ କହିଛନ୍ତି। ସୂଚନାଯୋଗ୍ୟ, କାର୍ଯ୍ୟାନୁଷ୍ଠାନ ନେବାକୁ ତାମିଲନାଡୁ ସରକାର ମନା କରିଦେଇଥିବାରୁ ଏହା କୋର୍ଟଙ୍କ ନିର୍ଦ୍ଦେଶର ଅବମାନନା ଏବଂ ଆଇନର ଶାସନକୁ ପରିହାସ। ତେଣୁ ସୁପ୍ରିମକୋର୍ଟ ନିଜ ଆଡୁ ଏହାକୁ ଅବମାନନା ନୋଟିସ ଭାବେ ଗ୍ରହଣ କରି ରାଜ୍ୟ ସରକାରଙ୍କ ଅପାରଗତାକୁ ଦାୟୀ କରିବା ସହ ଘୃଣା ମନ୍ତବ୍ୟ ରୋକିବା ସହ ସାର୍ବଜନିକ ବ୍ୟବସ୍ଥା ଓ ଶାନ୍ତି ରକ୍ଷା ଦିଗରେ ନିର୍ଣ୍ଣାୟକ ପଦକ୍ଷେପ ନିଅନ୍ତୁ ବୋଲି ବିଶିଷ୍ଟ ବ୍ୟକ୍ତିମାନେ ନିବେଦନ କରିଛନ୍ତି।

# ଆକର୍ଷଣର କେନ୍ଦ୍ରବିନ୍ଦୁ ମିନି-ଇଣ୍ଡିଆ



ଜି-୨୦ ଆୟୋଜନ ସ୍ଥଳ ଭାରତ ମଣ୍ଡପମ୍‌ରେ ପ୍ରସ୍ତୁତିର ସମୀକ୍ଷା କରୁଛନ୍ତି କେନ୍ଦ୍ର ସୂଚନା ଓ ପ୍ରସାରଣ ମନ୍ତ୍ରୀ ଅନୁରାଗ ସିଂ ଠାକୁର, ପାଖରେ ଅଛନ୍ତି ବହିର୍ବ୍ୟାପାର ମନ୍ତ୍ରଣାଳୟ ମୁଖପାତ୍ର ଅରିନ୍ଦମ୍ ବାଗ୍‌ଚୀ ଓ ଅନ୍ୟ ଅଧିକାରୀ।




ନୂଆଦିଲ୍ଲୀର ଆଇଟିସି ମୌର୍ଯ୍ୟ ହୋଟେଲରେ ଜି୨୦ ଲୋଗୋ ଲଗାଯାଇଛି।

**ନୂଆଦିଲ୍ଲୀ,୫।୯(ପି.ଟି.)**

ଜି୨୦ ନେତାମାନଙ୍କ ସମ୍ମିଳନୀ ଆସନ୍ତା ୯ ଓ ୧୦ ତାରିଖରେ ନୂଆଦିଲ୍ଲୀର ଭାରତ ମଣ୍ଡପମ୍ କମ୍ପ୍ଲେକ୍ସରେ ଅନୁଷ୍ଠିତ ହେବାକୁ ଯାଉଛି। ଏଥିପାଇଁ ସେଠାରେ ବିଶାଳ ଅନ୍ତର୍ଜାତୀୟ ଗଣମାଧ୍ୟମ କେନ୍ଦ୍ର ସ୍ଥାପନ ହେବ, ଯେଉଁଠି ମିନି-ଇଣ୍ଡିଆକୁ ଜୀବନ୍ତ ଦେଖିବାକୁ ମିଳିବ ବୋଲି କେନ୍ଦ୍ର ସୂଚନା ଓ ପ୍ରସାରଣ ମନ୍ତ୍ରୀ ଅନୁରାଗ ଠାକୁର ମଙ୍ଗଳବାର କହିଛନ୍ତି। ଜି୨୦ ସମ୍ମିଳନୀର ସମସ୍ତ ବିବରଣୀକୁ ସାରା ବିଶ୍ୱରେ ପ୍ରସାରିତ କରିବାକୁ ଥିବା ଏହି ମିଡିଆ ସେଣ୍ଟରର ପ୍ରସ୍ତୁତିକୁ ଅନୁରାଗ ସମୀକ୍ଷା କରିଥିଲେ। ଜି୨୦ ସମିଟ୍‌ର ଖବର ସଂଗ୍ରହ ଲାଗି ରାଜଧାନୀ ଦିଲ୍ଲୀରେ ଦେଶ ବିଦେଶର ଗଣମାଧ୍ୟମ ପ୍ରତିନିଧିଙ୍କ ପାଇଁ ମିଡିଆ ସେଣ୍ଟରର ଆୟୋଜନ କରାଯାଉଛି। ସେଠାରେ ଦେଶର ତଥା ଅନ୍ତର୍ଜାତୀୟ ଗଣମାଧ୍ୟମ ଲାଗି ବ୍ରଡ୍‌ବ୍ୟାଣ୍ଡ ସଂଯୋଗ, ମିଡିଆ ଲାଉଞ୍ଜ, କିଓସ୍କ ଆଦି ବିଭିନ୍ନ ସୁବିଧା ରହିବ। ଉକ୍ତ ସେଣ୍ଟରରେ ୩,୦୦୦ରୁ ଊର୍ଦ୍ଧ୍ୱ ଗଣମାଧ୍ୟମ ପ୍ରତିନିଧିଙ୍କ ରହିବା ବ୍ୟବସ୍ଥା ହେଉଛି। ୱାନ୍-ଅନ୍-ୱାନ୍ ସାକ୍ଷାତ୍କାର ଲାଗି ଛୋଟ ମିଡିଆ ବୁଥ୍ ଏବଂ ୫୦, ୧୦୦ ତଥା ୩୦୦ ଲୋକ ବସିବା ପାଇଁ ବିଭିନ୍ନ ସାମର୍ଥ୍ୟର ମିଡିଆ ବ୍ରିଫିଙ୍ଗ୍ ରୁମ୍ ରହିବ। ଜି୨୦ ସମିଟ୍‌ର ସମସ୍ତ ବିବରଣୀ ଅଲ୍‌ଟ୍ରା ହାଇ ଡେଫିନେଶନ (ୟୁଏଚ୍‌ଡି) ଏବଂ ୪କେ ବ୍ରଡ୍‌କାଷ୍ଟ ପ୍ରଯୁକ୍ତିରେ ରେକର୍ଡ କରାଯିବ, ଯାହା ଦେଶରେ ପୂର୍ବରୁ କେବେ ହୋଇ ନ ଥିଲା ବୋଲି ମନ୍ତ୍ରୀ ଅନୁରାଗ କହିଛନ୍ତି।

ଡିଜିଟାଲ ଅର୍ଥନୀତିରେ ଭାରତର ପ୍ରଗତି, ସାଂସ୍କୃତିକ ବିବିଧତା, ହସ୍ତଶିଳ୍ପ ଓ କାରିଗରୀକୁ ପ୍ରଦର୍ଶିତ କରିବା ଲାଗି ସମ୍ମିଳନୀ ଅବସରରେ 'ଗୋଟିଏ ଜିଲା ଗୋଟିଏ ଉତ୍ପାଦ' ଇନିସିଏଟିଭ୍‌ରେ ଅନେକ ପ୍ରଦର୍ଶନୀର ଆୟୋଜନ କରାଯାଇଛି। ସେହିପରି ମାନବ ଇତିହାସରେ ପ୍ରଥମ ସଂସଦ ଅନୁଭବ ମଣ୍ଡପମ୍ ସମୟରୁ ଦେଶରେ ଗଣତନ୍ତ୍ରର କ୍ରମବିକାଶକୁ ମଧ୍ୟ ପ୍ରଦର୍ଶିତ କରାଯାଉଛି। ତେଣୁ ଭାରତ ମଣ୍ଡପମ୍ କମ୍ପ୍ଲେକ୍ସରେ ମିନି-ଇଣ୍ଡିଆ ଆବିର୍ଭାବ ହୋଇଛି। ଏଠାରେ ଅତିଥିମାନେ ତାମିଲନାଡୁର ମନ୍ଦିରଠାରୁ ଆରମ୍ଭ କରି ରାଜସ୍ଥାନର ସଂସ୍କୃତି, ହିମାଚଳପ୍ରଦେଶର ପର୍ବତମାଳାକୁ ଦେଖିବାର ସୁଯୋଗ ପାଇବେ। ଏଠାରେ ପ୍ରତି ରାଜ୍ୟ ସେମାନଙ୍କ ସଂସ୍କୃତି ପ୍ରଦର୍ଶିତ କରିବେ। ଏହା ବ୍ୟତୀତ ସେଠାରେ ଏକ ଗ୍ରୀନ୍ ୱାଲ୍ ପ୍ରସ୍ତୁତ କରାଯାଇଛି, ଯେଉଁଠି ଯେକେହି ଦେଶର ଯେକୌଣସି ଭାଗକୁ ବାଛି ସେଠାରେ ନିଜ ଫଟୋ ଉଠାଇପାରିବେ ବୋଲି ମନ୍ତ୍ରୀ ଅନୁରାଗ କହିଛନ୍ତି।




ନୂଆଦିଲ୍ଲୀ: ଜି୨୦ରେ ଯୋଗଦେବା ପାଇଁ ଭାରତ ଆସୁଥିବା ଆମେରିକା ରାଷ୍ଟ୍ରପତି ଜୋ ବାଇଡେନ୍‌ଙ୍କ ତୈଳଚିତ୍ରରେ ଶେଷସ୍ପର୍ଶ ଦେଉଛନ୍ତି ଚିତ୍ରକର ଜଗଜୋତ ସିଂ ରୁବାଲ।

### ସବୁ ପକ୍ଷଙ୍କ ସହ କାମ କରିବାକୁ ପ୍ରସ୍ତୁତ: ଚାଇନା

**ବେଜିଂ,୫।୯(ପି.ଟି.)**

ଜି୨୦ ସମ୍ମିଳନୀ ଆୟୋଜକ ଭାରତକୁ ଚାଇନା ସମର୍ଥନ କରେ। ନୂଆଦିଲ୍ଲୀରେ ହେବାକୁ ଯାଉଥିବା ଏହି ହାଇପ୍ରୋଫାଇଲ୍ ସମ୍ମିଳନୀର ସଫଳତାକୁ ଆଗେଇ ନେବା ଲାଗି ସମସ୍ତ ପକ୍ଷଙ୍କ ସହ କାମ କରିବାକୁ ପ୍ରସ୍ତୁତ ବୋଲି ଚାଇନା ମଙ୍ଗଳବାର କହିଛି। ଜି୨୦ ସମିଟ୍‌ରେ ରାଷ୍ଟ୍ରପତି ଶି ଜିନ୍‌ପିଙ୍ଗଙ୍କ ପରିବର୍ତ୍ତେ ପ୍ରଧାନମନ୍ତ୍ରୀ ଲି କିଆଙ୍ଗ ଯୋଗଦେବେ ବୋଲି ଚାଇନା ବହିର୍ବ୍ୟାପାର ମନ୍ତ୍ରଣାଳୟ ଘୋଷଣା କରିବାର ଦିନକ ପରେ ବେଜିଂ ପକ୍ଷରୁ ଉପରୋକ୍ତ ସଫେଇ ଦିଆଯାଇଛି। ଚାଇନା ଜି୨୦ ରାଷ୍ଟ୍ରଗୋଷ୍ଠୀ ସମ୍ମିଳନୀରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିଭାଇ ଆସିଛି। ଜି୨୦ ସମିଟ୍‌କୁ ଆମେ ସମର୍ଥନ ଜଣାଇ ସଫଳତା ପାଇଁ କାର୍ଯ୍ୟ କରିବାକୁ ପ୍ରସ୍ତୁତ ବୋଲି ଚାଇନା ବହିର୍ବ୍ୟାପାର ମନ୍ତ୍ରଣାଳୟ କହିଛି।

## ଜି୨୦: ବିଦେଶୀ ଅତିଥିଙ୍କ ଅପେକ୍ଷାରେ ଭାରତ ମଣ୍ଡପମ୍

ବିଶ୍ୱର ୨୦ଟି ବୃହତ୍ ଅର୍ଥବ୍ୟବସ୍ଥାର ନେତାମାନେ ଜି୨୦ ସମିଟ୍‌ରେ ଯୋଗଦେଇ ଡିଜିଟାଲ୍ ପରିବର୍ତ୍ତନ, ଜଳବାୟୁ ପରିବର୍ତ୍ତନର ମୁକାବିଲା ପାଇଁ ପାଣ୍ଠି ଯୋଗାଣ, ସ୍ଥାୟୀ ବିକାଶ ଲକ୍ଷ୍ୟ ଏବଂ ଖାଦ୍ୟ ସୁରକ୍ଷା ସମେତ ଅନ୍ୟାନ୍ୟ ବିଭିନ୍ନ ପ୍ରସଙ୍ଗରେ ସମାଧାନର ସୂତ୍ର ବାହାର କରିବେ। ସମ୍ମିଳନୀରେ ଯୋଗ ଦେଉଥିବା ନେତାଙ୍କ ମଧ୍ୟରେ ଅଛନ୍ତି ଆମେରିକା ରାଷ୍ଟ୍ରପତି ଜୋ ବାଇଡେନ୍, ଚାଇନା ପ୍ରଧାନମନ୍ତ୍ରୀ ଲି କିଆଙ୍ଗ, ବ୍ରିଟିଶ ପ୍ରଧାନମନ୍ତ୍ରୀ ଋଷି ସୁନକ, ଅଷ୍ଟ୍ରେଲିଆ ପ୍ରଧାନମନ୍ତ୍ରୀ ଆନ୍ଥୋନି ଆଲବାନିସ୍, କାନାଡା ପ୍ରଧାନମନ୍ତ୍ରୀ ଜଷ୍ଟିନ୍ ଟ୍ରୁଡୋ, ଜର୍ମାନ ଚାନ୍ସେଲର ଓଲାଫ୍ ସ୍କୋଲ୍‌ଜ, ଜାପାନ ପ୍ରଧାନମନ୍ତ୍ରୀ ଫୁମିଓ କିଶିଡ଼ା, ଦକ୍ଷିଣ କୋରିଆ ରାଷ୍ଟ୍ରପତି ୟୁନ୍ ସୁକ୍-ୟେଓ, ଫ୍ରାନ୍ସ ରାଷ୍ଟ୍ରପତି ଏମାନୁଏଲ୍ ମାକରଁ, ସାଉଦି ଆରବ କ୍ରାଉନ୍ ପ୍ରିନ୍ସ ମହମ୍ମଦ ବିନ୍ ସଲମାନ, ଦକ୍ଷିଣ ଆଫ୍ରିକା ରାଷ୍ଟ୍ରପତି ସିରିଲ୍ ରାମାଫୋସା, ବାଂଲାଦେଶ ପ୍ରଧାନମନ୍ତ୍ରୀ ଶେଖ୍ ହାସିନା, ତୁର୍କୀ ରାଷ୍ଟ୍ରପତି ତାୟିପ ଏର୍ଡୋଗାନ୍, ଆର୍ଜେଣ୍ଟିନା ରାଷ୍ଟ୍ରପତି ଅଲବେର୍ଟୋ ଫର୍ନାଣ୍ଡିଜ୍ ପ୍ରମୁଖ ଯୋଗଦେବେ। ଅନ୍ୟପକ୍ଷରେ ରୁଷିଆ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ୍ ଜି୨୦ ସମିଟ୍‌ରେ ଯୋଗଦେବେ ନାହିଁ ବୋଲି ପୂର୍ବରୁ କହିଥିଲେ। ସେହିପରି ୟୁରୋପୀୟ ସଂଘର ନେତୃବୃନ୍ଦ ଉର୍ସୁଲା ଭନ୍ ଡେର୍ ଲେୟେନ୍, ଚାର୍ଲ୍ସ ମିଚେଲ ଯୋଗଦେବା ନେଇ ଏପର୍ଯ୍ୟନ୍ତ ସ୍ପଷ୍ଟ କରିନାହାନ୍ତି। ମେକ୍ସିକୋ ରାଷ୍ଟ୍ରପତି ଆଣ୍ଡ୍ରେସ୍ ମାନୁଏଲ୍ ଲୋପେଜ୍ ଓବ୍ରାଡର, ଇଟାଲୀ ପ୍ରଧାନମନ୍ତ୍ରୀ ଜିର୍ଜିଆ ମେଲୋନି ଏବଂ ଇଣ୍ଡୋନେସିଆ ରାଷ୍ଟ୍ରପତି ଜୋକୋ ୱିଡୋଡୋ ଆସିବା ନେଇ ଏପର୍ଯ୍ୟନ୍ତ ନିଶ୍ଚିତ କରିନାହାନ୍ତି।

### 'ଏଆଇ ଅବତାର' ସ୍ୱାଗତ କରିବ

ଜି୨୦ ସମ୍ମିଳନୀ ପାଇଁ ନୂଆଦିଲ୍ଲୀ ସଜେଇ ହୋଇଛି। ଏହି ସମ୍ମିଳନୀରେ ଯୋଗଦେବାକୁ ଥିବା ନେତାମାନଙ୍କୁ 'ଏଆଇ ଅବତାର' ସ୍ୱାଗତ କରିବ। ଜି୨୦ ସମ୍ମିଳନୀ ଅବସରରେ 'ଗଣତନ୍ତ୍ରର ଜନନୀ' ନାମକ ଏକ ପ୍ରଦର୍ଶନୀ ଅନୁଷ୍ଠିତ ହେବ। ପ୍ରଦର୍ଶନୀରେ ବୈଦିକ ଯୁଗଠାରୁ ଆରମ୍ଭକରି ଆଧୁନିକ ଯୁଗର ଭାରତୀୟ ଗଣତାନ୍ତ୍ରିକ ପରମ୍ପରା ବିଷୟରେ ପ୍ରଦର୍ଶନ କରାଯିବ ବୋଲି ଆୟୋଜକଙ୍କ ପକ୍ଷରୁ କୁହାଯାଇଛି। ଏଥିରେ ଇଂଲିଶ, ଇଟାଲୀୟ, କୋରିଆନ, ଜାପାନିଜ୍ ସମେତ ୧୬ ଭାଷାର ଲେଖା ଓ ଅଡିଓ ସ୍ଥାନ ପାଇବ। ଭାରତୀୟ ଗଣତନ୍ତ୍ରର ଇତିହାସ ବିଷୟରେ ଥିବା ବିଭିନ୍ନ କଥାବସ୍ତୁକୁ ୨୬ଟି ସ୍କ୍ରିନ୍ ଜରିଆରେ ପ୍ରଦର୍ଶିତ କରାଯିବ। ବିଭିନ୍ନ ରାଷ୍ଟ୍ର ମୁଖ୍ୟ, ସେମାନଙ୍କ ପ୍ରତିନିଧି ଏବଂ ଅନ୍ୟ ଅତିଥିମାନେ ଏହି ପ୍ରଦର୍ଶନୀ ସ୍ଥଳକୁ ପ୍ରବେଶ କରିବା ମାତ୍ରେ ସେମାନଙ୍କୁ 'ଏଆଇ ଅବତାର' ସ୍ୱାଗତ ପ୍ରଦାନ କରିବ। ଜଣେ ହରପ୍ପା ବାଳିକାଙ୍କ ମୂର୍ତ୍ତି ପୋଡିୟମ ନିକଟରେ ସ୍ଥାନ ପାଇବ। ପ୍ରତିମୂର୍ତ୍ତି ୧୨୦ କେ.ଜି. ତମ୍ବାରେ ନିର୍ମିତ ହୋଇଥିବାବେଳେ ଏହାର ଉଚ୍ଚତା ୫ ଫୁଟ ରହିଛି। ସେହିପରି ସ୍ୱାଧୀନତା ପରଠାରୁ ଆଧୁନିକ ଯୁଗର ଭାରତୀୟ ନିର୍ବାଚନ ପରମ୍ପରା(୧୯୫୧ ରୁ ୨୦୧୯ ଲୋକ ସଭା ନିର୍ବାଚନ) ବିଷୟରେ ଏଥିରେ ପ୍ରଦର୍ଶିତ ହେବ। ସମ୍ମିଳନୀରେ ଯୋଗଦେବାକୁଥିବା ଅତିଥିମାନଙ୍କ ଆତିଥେୟତା ଲାଗି ସ୍ୱତନ୍ତ୍ର ଧ୍ୟାନ ଦିଆଯାଇଛି। ଅତିଥିଙ୍କୁ ୫ଶହ ପ୍ରକାର ଖାଦ୍ୟ ପରଷାଯିବ। ଏଥିରେ ମାଣ୍ଡିଆରୁ ଆରମ୍ଭ କରି ଲିଟି ଚୋଖା ସ୍ଥାନ ପାଇବ।

## ଆଦିତ୍ୟ ଏଲ୍୧ର ଦ୍ୱିତୀୟ କକ୍ଷ ପରିବର୍ତ୍ତନ

**ବେଙ୍ଗାଲୁରୁ,୫।୯(ପି.ଟି.)**

ଭାରତର ପ୍ରଥମ ସୂର୍ଯ୍ୟ ମିଶନ ଆଦିତ୍ୟ-ଏଲ୍୧ର ଦ୍ୱିତୀୟ ପୃଥିବୀ କୈନ୍ଦ୍ରିକ କକ୍ଷ ପରିବର୍ତ୍ତନ ମଙ୍ଗଳବାର ସଫଳତାର ସହ ସମ୍ପନ୍ନ ହୋଇଛି। ମଙ୍ଗଳବାର ଭୋର ସମୟରେ ଇସ୍ରୋର ଟେଲିମେଟ୍ରି, ଟ୍ରାକିଂ ଆଣ୍ଡ କମାଣ୍ଡ ନେଟ୍‌ୱର୍କ (ଆଇଏସ୍‌ଟିଆର୍‌ଏସି) ଆଦିତ୍ୟ-ଏଲ୍୧ର କକ୍ଷ ଉତ୍‌ଥାନ କରାଇଥିଲା। ଏହି ସମୟରେ ଇସ୍ରୋ ଏବଂ ଆଇଏସ୍‌ଟିଆର୍‌ଏସିର ମରିସସ୍, ବେଙ୍ଗାଲୁରୁ ଏବଂ ପୋର୍ଟ ବ୍ଲେୟାରରେ ଥିବା ଗ୍ରାଉଣ୍ଡ ଷ୍ଟେଶନଗୁଡ଼ିକ ଅପରେଶନ ଉପରେ ନଜର ରଖିଥିଲେ। ଦ୍ୱିତୀୟ ମାନୋଭର ଫଳରେ ପୃଥିବୀଠାରୁ ଆଦିତ୍ୟ-ଏଲ୍୧ର ସର୍ବନିମ୍ନ ଦୂରତା ୨୮୨ କିଲୋମିଟର ଏବଂ ସର୍ବାଧିକ ଦୂରତା ୪୦,୨୨୫ କିଲୋମିଟରରେ ପହଞ୍ଚିଥିବା ଇସ୍ରୋ ପକ୍ଷରୁ ଟୁଇଟ୍ କରାଯାଇଛି। ଆଦିତ୍ୟ-ଏଲ୍୧ର ତୃତୀୟ ମାନୋଭର ଆସନ୍ତା ୧୦ ତାରିଖ ରାତି ୨ଟା ୩୦ ମିନିଟ ସମୟରେ ହେବ। ସେପ୍ଟେମ୍ବର ୨ରେ ଭାରତ ଆଦିତ୍ୟ-ଏଲ୍୧କୁ ସୂର୍ଯ୍ୟ ଅଭିମୁଖେ ଛାଡ଼ିଥିବାବେଳେ ୩ ତାରିଖରେ ପ୍ରଥମ କକ୍ଷ ଉତ୍ଥାନ କରାଯାଇଥିଲା। ଏହି ମହାକାଶ ଯାନ ପୃଥିବୀଠାରୁ ୧୫ ଲକ୍ଷ କିଲୋମିଟରରେ ଥିବା ପ୍ରଥମ ଲିଗ୍ରାଙ୍ଗିଆନ୍ ପଏଣ୍ଟ (ଏଲ୍୧)ରେ ଅବସ୍ଥାପିତ ହୋଇ ସୂର୍ଯ୍ୟଙ୍କ ଉପରେ ଅଧ୍ୟୟନ କରିବ। ସେଠାରେ ପହଞ୍ଚିବା ଲାଗି ଆଦିତ୍ୟ-ଏଲ୍୧କୁ ୧୨୭ ଦିନ ଲାଗିଯିବ।




### ପ୍ରଜ୍ଞାନ ପଠାଇଥିବା ଫଟୋରେ ଚନ୍ଦ୍ରର ନୂଆ ରଙ୍ଗ

**ବେଙ୍ଗାଲୁରୁ,୫।୯**

ଚନ୍ଦ୍ରଯାନ-୩ର ରୋଭର ପ୍ରଜ୍ଞାନ ଚନ୍ଦ୍ରପୃଷ୍ଠ ଏବଂ ଲ୍ୟାଣ୍ଡର ବିକ୍ରମର ଫଟୋ ପଠାଇଥିଲା। ଇସ୍ରୋ ଉକ୍ତ ଫଟୋର ୩ଡି ଭିଜୁଆଲାଇଜେଶନ ମଙ୍ଗଳବାର ଛାଡ଼ିଛି। ଏହାକୁ ଲାଲ୍ ଓ ସ୍ୟାନ୍ ରଙ୍ଗର ଚଷମାରେ ଦେଖାଯାଇପାରିବ। ନେଭିଗେଶନ କ୍ୟାମେରା ଷ୍ଟେରିଓ ଇମେଜ୍ ବ୍ୟବହାର କରି ଏହି ଆନାଗ୍ଲିଫ୍ ପ୍ରସ୍ତୁତ କରାଯାଇଛି। ଏଥିରେ ଚନ୍ଦ୍ରର ନୂଆ ରଙ୍ଗ ଦେଖିବାକୁ ମିଳିଛି।

## 'ଓ୭୦' ରାୟ ସଂରକ୍ଷିତ

**ନୂଆଦିଲ୍ଲୀ,୫।୯**

ସମ୍ବିଧାନର ଅନୁଚ୍ଛେଦ ୩୭୦ ଉଚ୍ଛେଦକୁ ଚ୍ୟାଲେଞ୍ଜ କରି ଦାଏର ଏକାଧିକ ପିଟିଶନର ଶୁଣାଣି କରି ସୁପ୍ରିମକୋର୍ଟ ମଙ୍ଗଳବାର ରାୟ ସଂରକ୍ଷିତ ରଖିଛନ୍ତି। କ୍ରମାଗତ ୧୬ ଦିନର ଶୁଣାଣି ପରେ ପ୍ରଧାନ ବିଚାରପତି ଡି.ୱାଇ. ଚନ୍ଦ୍ରଚୂଡ଼ଙ୍କ ଅଧ୍ୟକ୍ଷତାରେ ଗଠିତ ୫ ଜଣିଆ ଖଣ୍ଡପୀଠ ରାୟ ସଂରକ୍ଷିତ ରଖିବାକୁ ନିଷ୍ପତ୍ତି ନେଇଥିଲେ। ଖଣ୍ଡପୀଠରେ ଜଷ୍ଟିସ ସଞ୍ଜୟ କିଶନ କୌଲ, ସଞ୍ଜୀବ ଖାନ୍ନା, ବି.ଆର୍. ଗଭାଇ ଏବଂ ସୂର୍ଯ୍ୟ କାନ୍ତ ରହିଛନ୍ତି। ଶୁଣାଣିର ଶେଷ ଦିନରେ ଖଣ୍ଡପୀଠ ବରିଷ୍ଠ ଆଇନଜୀବୀ କପିଲ ସିବଲ, ଗୋପାଳ ସୁବ୍ରମଣ୍ୟମ, ରାଜୀବ ଧାୱନ, ଜାଫର ଶାହ, ଦୁଷ୍ୟନ୍ତ ଡାଭେଙ୍କ ଯୁକ୍ତି ଶୁଣିଥିଲେ। କେନ୍ଦ୍ର ତରଫରୁ ଆର୍ଟର୍ନି ଜେନେରାଲ ଆର୍. ଭେଙ୍କଟରମଣୀ, ସଲିସିଟର ଜେନେରାଲ ତୁଷାର ମେହେଟ୍ଟା, ବରିଷ୍ଠ ଆଇନଜୀବୀ ହରିଶ ସାଲ୍‌ଭେ, ରାକେଶ ଦ୍ୱିବେଦୀ ଯୁକ୍ତି ଉପସ୍ଥାପନ କରିଥିଲେ। ୩୭୦ ଉଚ୍ଛେଦ ଲାଗି କେନ୍ଦ୍ର ୨୦୧୯ ଅଗଷ୍ଟ ୫ରେ ନେଇଥିବା ନିଷ୍ପତ୍ତିର ସାମ୍ବିଧାନିକ ବୈଧତା, ରାଜ୍ୟକୁ ଦୁଇଟି କେନ୍ଦ୍ରଶାସିତ ଅଞ୍ଚଳରେ ବିଭକ୍ତ କରିଥିବା ଜମ୍ମୁ-କଶ୍ମୀର ପୁନର୍ଗଠନ ଆଇନର ବୈଧତା ଉପରେ ଆଇନଜୀବୀମାନେ ଯୁକ୍ତି ରଖିଥିଲେ। ଏହା ବ୍ୟତୀତ ଜମ୍ମୁ-କଶ୍ମୀରରେ ୨୦୧୮ ଜୁନ୍ ୨୦ରେ ରାଜ୍ୟପାଳ ଶାସନ ଲାଗି ଏବଂ ସେହିବର୍ଷ ଡିସେମ୍ବର ୧୯ରେ ରାଷ୍ଟ୍ରପତି ଶାସନ ଲାଗୁ କରାଯିବା ସହ ଏହାର ଅବଧିକୁ ୨୦୧୯ ଜୁଲାଇ ୩ରେ ବଢ଼ାଇବାକୁ ସୁପ୍ରିମକୋର୍ଟରେ ଚ୍ୟାଲେଞ୍ଜ କରାଯାଇଥିବାବେଳେ ଏହା ସପକ୍ଷ ଓ ବିପକ୍ଷରେ ଆଇନଜୀବୀ ଯୁକ୍ତି ବାଢ଼ିଥିଲେ।

## ଦେଶକୁ ଅନ୍ଧାରରେ ରଖନାହିଁ

**କେନ୍ଦ୍ରକୁ ସଂସଦ ସ୍ୱତନ୍ତ୍ର ଅଧିବେଶନର କାର୍ଯ୍ୟସୂଚୀ ପଚାରିଲା ଇଣ୍ଡିଆ**

**ନୂଆଦିଲ୍ଲୀ,୫।୯**

କେନ୍ଦ୍ର ସରକାର ଆସନ୍ତା ୧୮ରୁ ୨୨ ପର୍ଯ୍ୟନ୍ତ ସଂସଦର ସ୍ୱତନ୍ତ୍ର ଅଧିବେଶନ ଡାକିଛନ୍ତି। ତେବେ ଏହି ଅଧିବେଶନ କ'ଣ ପାଇଁ ଡକାଯାଇଛି ସେନେଇ କିଛି ସ୍ପଷ୍ଟ କରାଯାଇ ନ ଥିବାରୁ ମଙ୍ଗଳବାର ଏହା ଉପରେ ସ୍ୱଚ୍ଛତା ଅବଲମ୍ବନ କରିବାକୁ କେନ୍ଦ୍ର ନିକଟରେ ବିରୋଧୀ ବ୍ଲକ୍ 'ଇଣ୍ଡିଆ' ଦାବି କରିଛି। ଦେଶକୁ ଅନ୍ଧାରରେ ନ ରଖି ପାର୍ଲାମେଣ୍ଟର ଏଜେଣ୍ଡା (କାର୍ଯ୍ୟସୂଚୀ) ସ୍ପଷ୍ଟ କରିବାକୁ ବିରୋଧୀ ଦଳଗୁଡ଼ିକ ଚାପ ପକାଇଛନ୍ତି।

ମହିଳା ସଂରକ୍ଷଣ ବିଲ୍ ପୂର୍ବରୁ ରାଜ୍ୟ ସଭାରେ ପାରିତ ହୋଇସାରିଥିବାବେଳେ ଲୋକ ସଭାରେ ଏହାକୁ ଯଥାଶୀଘ୍ର ସମ୍ଭବ ଗୃହୀତ କରାଇବା ପାଇଁ ବିରୋଧୀ ଦଳଗୁଡ଼ିକ ଦାବି କରିଆସୁଛନ୍ତି। ଏହିକ୍ରମରେ କଂଗ୍ରେସ ସଂସଦୀୟ ଦଳ ନେତ୍ରୀ ସୋନିଆ ଗାନ୍ଧୀ ଆସନ୍ତା ଅଧିବେଶନରେ ଉକ୍ତ ବିଲ୍‌କୁ ଗୃହୀତ କରାଇବା ସକାଶେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନିକଟକୁ ପତ୍ର ଲେଖିବାକୁ ଯାଉଛନ୍ତି। ବିରୋଧୀଙ୍କ ଏକ ବୈଠକରେ ଦଳଗୁଡ଼ିକ ଏକାଠି ହୋଇ ଆଦାନୀ ପ୍ରସଙ୍ଗ ଉଠାଇ କେନ୍ଦ୍ରକୁ ଘେରିବା ପାଇଁ ପ୍ରସ୍ତୁତ ହୋଇଛନ୍ତି। ଇଣ୍ଡିଆ ପକ୍ଷରୁ ଆଗାମୀ ବୈଠକ ମଧ୍ୟପ୍ରଦେଶର ଭୋପାଳରେ କରିବାକୁ ମଙ୍ଗଳବାର କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖାର୍ଗେଙ୍କ ବାସଭବନରେ ଆୟୋଜିତ ନୈଶଭୋଜି ବେଳେ ସ୍ଥିର କରାଯାଇଛି। ଏଥିରେ ଯୋଗଦେଇଥିବା ଅନେକ ବିରୋଧୀ ନେତା ଆଗାମୀ ଅଧିବେଶନ ପାଇଁ ରଣନୀତି ଉପରେ ମଧ୍ୟ ଆଲୋଚନା କରିଥିଲେ। ଖାର୍ଗେ କହିଥିଲେ, ନରେନ୍ଦ୍ର ମୋଦି ସରକାର ପ୍ରଥମ ଥର ପାଇଁ ବିନା କୌଣସି ଏଜେଣ୍ଡାରେ ଏକ ସ୍ୱତନ୍ତ୍ର ଅଧିବେଶନ ଡାକିଛନ୍ତି। ଏନେଇ ବିରୋଧୀ ଦଳଗୁଡ଼ିକର ପରାମର୍ଶ ନିଆଯାଇ ନାହିଁ କି କାହାକୁ ଅବଗତ କରାଯାଇନାହିଁ। ଏପରି ଭାବେ ଗଣତନ୍ତ୍ର ଚାଲେନାହିଁ। ଅଧିବେଶନରେ ଲୋକଙ୍କ ସ୍ୱର ଉଠାଇବାକୁ ଆମେ ପଛଘୁଞ୍ଚା ଦେବୁନାହିଁ।

# ଧରିତ୍ରୀ
DHARITRI

ଭୁବନେଶ୍ୱର, ବୁଧବାର, ସେପ୍ଟେମ୍ବର ୬/୨୦୨୩ | Bhubaneswar, Wednesday, September 6/2023 | ପୃଷ୍ଠା-୧




**ଶଙ୍ଖ ଶେଖରଙ୍କ ହ୍ୟାଟ୍ରିକ**

ଶଙ୍ଖ ଶେଖର ହେମ୍ବ୍ରମଙ୍କ ହ୍ୟାଟ୍ରିକ ଗୋଲ ବଳରେ ଓଡ଼ିଶା ବି.ସି. ରୟ ଟ୍ରଫି ଜାତୀୟ ଜୁନିୟର ଫୁଟବଲ ଟୁର୍ନାମେଣ୍ଟରେ ବିଜୟ ସହ ଅଭିଯାନ ଆରମ୍ଭ କରିଛି।

୧୬

୧୦

**ଶୁଟିଂ ବେଳେ ଶୁଣିଥିଲେ ଗାଳି**

ଅଭିନେତ୍ରୀ କ୍ରୀତି ସାନନ୍ ଚଳଚ୍ଚିତ୍ର ଏବଂ ମଡେଲିଂରେ ପ୍ରବେଶ କରିବାବେଳେ ଜଣେ କୋରିଓଗ୍ରାଫରଙ୍କଠାରୁ ତାଙ୍କୁ ବେଶ୍ ଗାଳି ଶୁଣିବାକୁ ପଡ଼ିଥିବା ଏକ ସାକ୍ଷାତ୍କାରରେ କହିଛନ୍ତି।



# ‘ପ୍ରେସିଡେଣ୍ଟ ଅଫ୍ ଭାରତ’କୁ ନେଇ ବିବାଦ

**ଚଳିତବର୍ଷ ଭାରତ ଅଧ୍ୟକ୍ଷତା କରୁଥିବା ଜି୨୦ ସମ୍ମିଳନୀ ସେପ୍ଟେମ୍ବର ୯ ଓ ୧୦ରେ ନୂଆଦିଲ୍ଲୀରେ ଅନୁଷ୍ଠିତ ହେବ। ଉକ୍ତ ସମିଟ୍‌କୁ ଆମେରିକା ରାଷ୍ଟ୍ରପତି ଜୋ ବାଇଡେନ୍ ଓ ବ୍ରିଟେନ୍ ପ୍ରଧାନମନ୍ତ୍ରୀ ଋଷି ସୁନକଙ୍କ ସମେତ ଜି୨୦ ରାଷ୍ଟ୍ର ସମୂହର ନେତା ଓ ପ୍ରତିନିଧିମାନେ ଆସିବେ। ଏହି ପରିପ୍ରେକ୍ଷୀରେ ୯ ତାରିଖ (ଶନିବାର) ରାତି ୮ଟାରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ବିଦେଶୀ ଅତିଥିମାନଙ୍କ ଉଦ୍ଦେଶ୍ୟରେ ଏକ ନୈଶଭୋଜିର ଆୟୋଜନ କରିବେ। ଡିନର ପାର୍ଟି ପାଇଁ ଛପାଯାଇଥିବା ନିମନ୍ତ୍ରଣପତ୍ରରେ ‘ପ୍ରେସିଡେଣ୍ଟ ଅଫ୍ ଇଣ୍ଡିଆ’ ପରିବର୍ତ୍ତେ ‘ପ୍ରେସିଡେଣ୍ଟ ଅଫ୍ ଭାରତ’ ଉଲ୍ଲେଖ କରାଯାଇଛି। ପୂର୍ବରୁ କୌଣସି ସରକାରୀ କାର୍ଯ୍ୟକ୍ରମରେ ଦେଶର ଏଭଳି ନାମକରଣ ଦେଖାଯାଇ ନ ଥିଲା। ୨୦୨୪ ଲୋକ ସଭା ନିର୍ବାଚନରେ ଭାଜପାକୁ ହରାଇବା ପାଇଁ ଏକାଠି ହୋଇଥିବା ୨୬ ବିରୋଧୀ ଦଳ ସେମାନଙ୍କ ବ୍ଲକ୍‌ର ନାମ ଇଣ୍ଡିଆନ୍ ନ୍ୟାଶନାଲ ଡେମୋକ୍ରାଟିକ୍ ଇନ୍‌କ୍ଲୁସିଭ୍ ଆଲାଏନ୍ସ (ଇଣ୍ଡିଆ) ରଖିଥିବାରୁ ଭାଜପା ନେତୃତ୍ୱାଧୀନ କେନ୍ଦ୍ରର ମୋଦି ସରକାର ନିମନ୍ତ୍ରଣପତ୍ରରେ ଏଭଳି ପରିବର୍ତ୍ତନ କରାଇଥିବା କୁହାଯାଉଛି। ଏହାକୁ ନେଇ ରାଜନୈତିକ ବିବାଦ ଉଠିଛି। ସରକାର ଦେଶର ଇତିହାସକୁ ନଷ୍ଟ କରିବା ପାଇଁ ଉଦ୍ୟମ ଚଳାଇଥିବା କଂଗ୍ରେସ ଅଭିଯୋଗ ଆଣିଛି।**


On the occasion of G20 Summit

सत्यमेव जयते

The President of Bharat
requests the pleasure of the company of

at Dinner
on Saturday, September 09, 2023 at 2000 hrs

**ନୂଆଦିଲ୍ଲୀ,୫।୯ (ପ୍ରସ୍ତୁତି: ଦୁର୍ଯ୍ୟୋଧନ ମିଶ୍ର)**

କେନ୍ଦ୍ର ସରକାର ‘ଏକ ଦେଶ, ଏକ ନିର୍ବାଚନ’ ବ୍ୟବସ୍ଥା ପାଇଁ ଆସନ୍ତା ୧୮ରୁ ୨୨ ପର୍ଯ୍ୟନ୍ତ ପାର୍ଲାମେଣ୍ଟର ୫ ଦିନିଆ ସ୍ୱତନ୍ତ୍ର ଅଧିବେଶନ ଡାକିଥିବା ଚର୍ଚ୍ଚା ହେଉବେଳେ ରାଷ୍ଟ୍ରର ଦୁଇଟି ନାମକୁ ନେଇ ବିବାଦ ଉପୁଜିଛି। ଗୋଟିଏ ହେଲା ଇଣ୍ଡିଆ ଓ ଅନ୍ୟଟି ଭାରତ। ଭାରତୀୟ ସମ୍ବିଧାନର ଅନୁଚ୍ଛେଦ ୧ ଅନୁସାରେ ‘ଇଣ୍ଡିଆ’ ହେଉଛି ‘ଭାରତ’, ଯାହାକି ରାଜ୍ୟଗୁଡ଼ିକର ସଂଘ। କଂଗ୍ରେସ ନେତା ରାହୁଲ ଗାନ୍ଧୀ ଶନିବାର ଏକକାଳୀନ ନିର୍ବାଚନକୁ ମାଇକ୍ରୋବ୍ଲଗିଂ ସାଇଟ୍ ଏକ୍ସ’ରେ ଲେଖିଥିଲେ, ଇଣ୍ଡିଆ ହେଉଛି ଭାରତ, ଯାହାକି ରାଜ୍ୟଗୁଡ଼ିକର ସଂଘ। ‘ଏକ ଦେଶ, ଏକ ନିର୍ବାଚନ’ ଯୋଜନା ସଂଘୀୟ ବ୍ୟବସ୍ଥା ଓ ରାଜ୍ୟଗୁଡ଼ିକ ଉପରେ ଆକ୍ରମଣ। ରାହୁଲଙ୍କ ଏହି ସମାଲୋଚନା ପରେ କେନ୍ଦ୍ର ସରକାର ଜି୨୦ ଅଧ୍ୟକ୍ଷତା ସମ୍ପର୍କିତ ଦସ୍ତାବିଜଗୁଡ଼ିକରେ ଦେଶର ନାମ ‘ଇଣ୍ଡିଆ’ ପରିବର୍ତ୍ତେ ‘ଭାରତ’ ଉଲ୍ଲେଖ କରିଥିବା ଦେଖିବାକୁ ମିଳିଛି। ଏହିକ୍ରମରେ ଜି୨୦ରେ ଯୋଗଦେବାକୁ ଥିବା ବିଦେଶୀ ଅତିଥିମାନଙ୍କୁ ଦେଶର ନାମ ‘ଇଣ୍ଡିଆ’ ନୁହେଁ, ବରଂ ‘ଭାରତ’ ବୋଲି ଜଣାଇବାକୁ ଭରପୂର ଉଦ୍ୟମ କରାଯାଇଛି। ଏହାର ଆଉ ଏକ ଉଦାହରଣ ହେଲା, ବିଦେଶୀ ପ୍ରତିନିଧିମାନଙ୍କୁ ଦେବା ପାଇଁ ଏକ ବୁକ୍‌ଲେଟ୍ ବା ପୁସ୍ତିକା ଛପାଯାଇଛି। ତା’ର ଶୀର୍ଷକ ରଖାଯାଇଛି, ‘ଭାରତ, ଦି ମଦର ଅଫ୍ ଡେମୋକ୍ରାସି’ ଅର୍ଥାତ୍ ଭାରତ ହେଉଛି ଗଣତନ୍ତ୍ରର ଜନନୀ। ଏଥିରେ ଉଲ୍ଲେଖ କରାଯାଇଛି, ଭାରତ ହେଉଛି ଦେଶର ସରକାରୀ ନାମ, ଯାହାକି ସମ୍ବିଧାନରେ ଲିପିବଦ୍ଧ। ୧୯୪୬-୪୮ ଆଲୋଚନା ବେଳେ ମଧ୍ୟ ଏହାକୁ ବ୍ୟବହାର କରାଯାଇଥିଲା।

ରାଷ୍ଟ୍ରପତିଙ୍କ ଅଫିସରୁ କେତେଜଣ କେନ୍ଦ୍ରମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀଙ୍କ ନିକଟକୁ ମଧ୍ୟ ନିମନ୍ତ୍ରଣପତ୍ର ପଠାଯାଇଛି। ଭାଜପା ଶାସିତ ଉତ୍ତର-ପୂର୍ବ ରାଜ୍ୟ ଆସାମ ମୁଖ୍ୟମନ୍ତ୍ରୀ ହିମନ୍ତ ବିଶ୍ୱଶର୍ମା ପାଇଥିବା ନିମନ୍ତ୍ରଣପତ୍ରରେ ଏହି ପରିବର୍ତ୍ତନକୁ ଦେଖି ଗଦ୍‌ଗଦ୍ ହୋଇଯାଇଛନ୍ତି। ଏକ୍ସ’ରେ ହିମନ୍ତ ଲେଖିଛନ୍ତି, ‘ରିପବ୍ଲିକ୍ ଅଫ୍ ଭାରତ’- ଆମ ସଭ୍ୟତା ସାହସିକତାର ସହ ‘ଅମୃତକାଳ’ ଆଡ଼କୁ ଅଗ୍ରସର ହେଉଥିବାରୁ ଖୁସି ଓ ଗର୍ବ ଲାଗୁଛି। କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି, ଏହି ପଦକ୍ଷେପ ବହୁ ପୂର୍ବରୁ ନିଆଯିବା ଦରକାର ଥିଲା। ଏହା ମନକୁ ବଡ଼ ସନ୍ତୋଷ ଦେଇଛି। ‘ଭାରତ’ ଆମ ପରିଚୟ। ଏହାକୁ ନେଇ ଆମେ ଗର୍ବିତ। ରାଷ୍ଟ୍ରପତି ‘ଭାରତ’କୁ ପ୍ରାଥମିକତା ଦେଇଛନ୍ତି। ଉପନିବେଶବାଦୀ ମାନସିକତାରୁ ବାହାରିବା ପାଇଁ ଏହା ହେଉଛି ସବୁଠୁ ବଡ଼ ଉକ୍ତି। ☞ପୃଷ୍ଠା-୨

**ଆଜିର ସମ୍ପାଦକୀୟ**

**ଆଫ୍ରିକାରୁ ପରିବର୍ତ୍ତନ**

**ଦିନିକିଆ କ୍ରିକେଟ ବିଶ୍ୱକପ୍**

# ଭାରତୀୟ ଦଳ ଘୋଷିତ

- ଅକ୍ଟୋବର ୫ରେ ଆରମ୍ଭ, ନଭେମ୍ବର ୧୯ରେ ଶେଷ
- ତିଳକ ବାଦ୍, ଅଶ୍ୱିନଙ୍କୁ ଅଣଦେଖା
- ରାହୁଲ, କିଶନଙ୍କୁ ସୁଯୋଗ

**ପାଲିକେଲେ(ଶ୍ରୀଲଙ୍କା),୫।୯(ପି.ଟି.)**

ବାଜିଛି ଦିନିକିଆ କ୍ରିକେଟ ବିଶ୍ୱକପ୍ ବିଗୁଲ। ଭାରତର ବିଭିନ୍ନ ଗ୍ରାଉଣ୍ଡରେ ଅକ୍ଟୋବର ୫ରୁ ନଭେମ୍ବର ୧୯ ପର୍ଯ୍ୟନ୍ତ ହେବାକୁଥିବା ଆଇସିସିର ଏହି ମେଗା ଇଭେଣ୍ଟ ପାଇଁ ମଙ୍ଗଳବାର ଭାରତୀୟ ଦଳ ଘୋଷଣା କରାଯାଇଛି। ୧୫ ଜଣିଆ ଦଳର ନେତୃତ୍ୱ ନେବେ ରୋହିତ ଶର୍ମା। ହାର୍ଦ୍ଦିକ ପାଣ୍ଡ୍ୟା ଉପ-ଅଧିନାୟକ ଦାୟିତ୍ୱ ତୁଲାଇବେ। ଆହତ ସମସ୍ୟା ପାଇଁ ଦୀର୍ଘଦିନ କ୍ରିକେଟରୁ ଦୂରେଇ ରହିଥିବା ଲୋକେଶ ରାହୁଲଙ୍କୁ ବିଶ୍ୱକପ୍ ଦଳରେ ସାମିଲ କରାଯାଇଛି। ଦ୍ୱିତୀୟ ଉଇକେଟକିପର ଭାବେ ଯୁବ ଖେଳାଳି ଇଶାନ କିଶନଙ୍କୁ ନିଆଯାଇଛି। ଏସିଆ କପ୍ ଗ୍ରୁପ୍ ମ୍ୟାଚ ଖେଳିବା ପାଇଁ ଶ୍ରୀଲଙ୍କା ଯାଇ ନ ଥିଲେ ହେଁ ରାହୁଲଙ୍କ ଫିଟ୍‌ନେସକୁ ନେଇ କୌଣସି ସମସ୍ୟା ନାହିଁ ବୋଲି ଜାତୀୟ ଚୟନ କମିଟି ମୁଖ୍ୟ ଅଜିତ ଅଗରକର ସ୍ପଷ୍ଟ କରିଛନ୍ତି। ପାକିସ୍ତାନ ବିପକ୍ଷ ଭାରତର ସୁପର-୪ ଏସିଆ କପ୍ ମ୍ୟାଚ ଖେଳିବା ପାଇଁ ରାହୁଲ ଚଳିତ ମାସ ୯ ତାରିଖରେ ଶ୍ରୀଲଙ୍କାରେ ପହଞ୍ଚିବେ। ଜାତୀୟ କ୍ରିକେଟ ଏକାଡେମୀରେ ସେ ☞ପୃଷ୍ଠା-୨

ICC MEN'S CRICKET WORLD CUP INDIA 2023

# ମାଣ୍ଡିଆ ପ୍ରସ୍ତୁତ ଖାଦ୍ୟ ପରଷିବେ ସୁବାସା, ରାଇମତୀ

**ବାରିପଦା/କୁନ୍ଦୁରା ୫।୯, (ନୀଳାଦ୍ରି ବିହାରୀ ଦଣ୍ଡପାଟ/ ସନ୍ତୋଷ ପ୍ରହରାଜ)**

**ଜି୨୦ ସମ୍ମିଳନୀ**



ସୁବାସା ମହାନ୍ତ ଏବଂ ରାଇମତୀ ଘିଉରିଆ

ନୂଆଦିଲ୍ଲୀ ଭାରତ ମଣ୍ଡପଠାରେ ଆସନ୍ତା ୯ ଏବଂ ୧୦ତାରିଖ ଦୁଇଦିନ ଧରି ଜି୨୦ ସମ୍ମିଳନୀ ଅନୁଷ୍ଠିତ ହେବ। ଏଥିରେ ବିଶ୍ୱର ପ୍ରମୁଖ ୨୦ଟି ଦେଶର ରାଷ୍ଟ୍ରମୁଖ୍ୟ ଏବଂ ପ୍ରତିନିଧି ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ଏହି ବିଶ୍ୱସ୍ତରୀୟ ସମ୍ମିଳନୀରେ ନେତା ଓ ପ୍ରତିନିଧିମାନଙ୍କୁ ମିଲେଟ(ମାଣ୍ଡିଆ)ରେ ପ୍ରସ୍ତୁତ ସୁସ୍ୱାଦୁ ବ୍ୟଞ୍ଜନ ପରଷାଯିବ। ଏହାକୁ ପରଷିବା ସହ ମାଣ୍ଡିଆ ଚାଷ ଉପରେ ନିଜର ଅନୁଭୂତି ବଖାଣିବା ପାଇଁ ଓଡ଼ିଶାରୁ ୨ ମହିଳା ଚାଷୀ ମଙ୍ଗଳବାର ଦିଲ୍ଲୀ ଯାତ୍ରା କରିଛନ୍ତି। ସେମାନେ ହେଲେ ମୟୂରଭଞ୍ଜ ଜିଲା ଯଶୀପୁର ବ୍ଲକ ଗୋଇଲି ଗ୍ରାମର ସୁବାସା ମହାନ୍ତ ଓ କୋରାପୁଟ ଜିଲା କୁନ୍ଦୁରା ବ୍ଲକ ଲିମା ପଞ୍ଚାୟତ ନୂଆଗୁଡ଼ା ଗ୍ରାମର ରାଇମତୀ ଘିଉରିଆ। ମୟୂରଭଞ୍ଜ ଜିଲାର ମାଣ୍ଡିଆ ମା’ ବୋଲାଉଥିବା ସୁବାସାଙ୍କ ଏହି ସଫଳତା ନେଇ ଜିଲାରେ ଖୁସିର ଲହରି ଖେଳିଯାଇଛି। ଜି୨୦ କାର୍ଯ୍ୟକ୍ରମକୁ ନିମନ୍ତ୍ରିତ ହୋଇ ମିଲେଟ ମିଶନର ସଫଳତା ☞ପୃଷ୍ଠା-୨




**ଆଜିର ମନ୍ତବ୍ୟ**

"ମୋଦି ସରକାର ଲୋକଙ୍କ ଦୁର୍ଦ୍ଦଶାରୁ ଧ୍ୟାନ ହଟାଇବା ପାଇଁ ପ୍ରତିଦିନ ମିଡିଆ ପାଇଁ ନୂଆ ନୂଆ କାହାଣୀ ପ୍ରସ୍ତୁତ କରୁଛନ୍ତି। ଦରବୃଦ୍ଧି, ବେରୋଜଗାରି, ମଣିପୁର ଓ ଚାଇନାର ଅତିକ୍ରମଣ, ସିଏଜି ରିପୋର୍ଟ, ଦୁର୍ନୀତି, ସାମ୍ବିଧାନିକ ପ୍ରତିଷ୍ଠାନଗୁଡ଼ିକୁ ଦୁର୍ବଳ କରିବା ଏବଂ ଦେଶବାସୀଙ୍କୁ ଠକିବା ଭଳି ପ୍ରସଙ୍ଗଗୁଡ଼ିକୁ ଲୁଚାଇବା ହେଉଛି କେନ୍ଦ୍ରର ଉଦ୍ଦେଶ୍ୟ।

– ମଲ୍ଲିକାର୍ଜୁନ ଖାର୍ଗେ, କଂଗ୍ରେସ ଅଧ୍ୟକ୍ଷ

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଖରାକୁ ଡରେ ବର୍ଷାକୁ ଡରେ**
**ଶୀତକୁ ନୁହେଁ ମୁଁ ବାହାର**
**ଏମନ୍ତ ଜନ ମୁଁ କେମନ୍ତ ବଞ୍ଚିବି**
**କିଏ ଆଣିଦେବ ଆହାର ?**

ଖରା, ବର୍ଷା ଓ ଶୀତକୁ ଡରି ବା ଆଳ ଦେଖାଇ କୌଣସି କାମଧନ୍ଦା କରୁ ନଥିବା ବ୍ୟକ୍ତି ସାଧାରଣତଃ ଅଳସୁଆ ପ୍ରକୃତିର ହୋଇଥାନ୍ତି। ଏପରି ବ୍ୟକ୍ତିଙ୍କୁ ଆହାର ମିଳିବା କଷ୍ଟକର ହୋଇପଡିଥିବା ବେଳେ ଅଳସୁଆ ବ୍ୟକ୍ତିଙ୍କୁ ଲକ୍ଷ୍ୟରେ ରଖି ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଖାଇଲାବେଳକୁ ପୁଅର ମାଆ।**
**ହୁଳୁହୁଳି ପକାଇଲା ବେଳକୁ ତୁଣ୍ଡରେ ଘାଆ।।**

ଖାଇବାକୁ ଆଗୁସାର ଅଥଚ କାମ କରିବାକୁ ବିମୁଖ। ଅନ୍ୟ ଅର୍ଥରେ ନିଜର କାର୍ଯ୍ୟ ସାଧନ ପାଇଁ ଯେତିକି ବ୍ୟଗ୍ରତା ପ୍ରକାଶ ପାଏ, ଅନ୍ୟର ସାହାଯ୍ୟ କରିବାକୁ ସେତେଟା ବ୍ୟଗ୍ରତା ପରିଲକ୍ଷିତ ହୁଏ ନାହିଁ ବୋଲି ଏଠାରେ ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ – ଫ୍ରେଣ୍ଡସ୍ ପବ୍ଲିଶର୍ସ

# ଉଚ୍ଚଶିକ୍ଷା ପାଇଁ ଅଷ୍ଟ୍ରେଲିଆ ଯିବେ କେନ୍ଦୁଝରର ୫ ମେଧାବୀ

- **କର୍ଟିନ ବିଶ୍ୱବିଦ୍ୟାଳୟ ସହ ଜିଲା ପ୍ରଶାସନର ବୁଝାମଣା**
- **ଜିଲା ଖଣିଜ ପ୍ରତିଷ୍ଠାନ ସମସ୍ତ ଖର୍ଚ୍ଚ ବହନ କରିବ**
- **ନବୀନ ନିବାସରେ ମୁଖ୍ୟମନ୍ତ୍ରୀଙ୍କୁ ଭେଟିଲେ ଛାତ୍ରୀଛାତ୍ର**

କେନ୍ଦୁଝର, ୫।୯
(ନରେଶ ଚନ୍ଦ୍ର ପଟ୍ଟନାୟକ/ଦୀପକ ମିଶ୍ର)

କେନ୍ଦୁଝର ସରକାରୀ ଇଞ୍ଜିନିୟରିଂ କଲେଜରୁ ମାଇନିଂ ଇଞ୍ଜିନିୟରିଂରେ ସଫଳତାର ସହ ବିଟେକ୍ ପାସ କରିଥିବା ୫ ମେଧାବୀ ଛାତ୍ରୀଛାତ୍ର ଉଚ୍ଚଶିକ୍ଷା ପାଇଁ ଅଷ୍ଟ୍ରେଲିଆ ଯିବେ। ସେମାନେ ବିଶ୍ୱର ସୁନାମଧନ୍ୟ ଶିକ୍ଷା ପ୍ରତିଷ୍ଠାନ କର୍ଟିନ ବିଶ୍ୱବିଦ୍ୟାଳୟ ଅଧୀନ ୱେଷ୍ଟ ଅଷ୍ଟ୍ରେଲିଆନ ସ୍କୁଲ ଅଫ୍ ମାଇନ୍ସ, ମିନେରାଲ୍ସ, ଏନର୍ଜି ଆଣ୍ଡ କେମିକାଲ ଇଞ୍ଜିନିୟରିଂ (ଡବ୍ଲ୍ୟୁଏସ୍ଏମ୍ ଓ ଏମ୍ଇସିଇ)ରେ ଉଚ୍ଚଶିକ୍ଷା ଲାଭ କରିବେ। ସେମାନଙ୍କ ପାଠପଢ଼ା, ଅଷ୍ଟ୍ରେଲିଆରେ ରହଣି ଓ ଯାତାୟାତ ବାବଦକୁ ସମସ୍ତ ଖର୍ଚ୍ଚ କେନ୍ଦୁଝର ଜିଲା ଖଣିଜ ପ୍ରତିଷ୍ଠାନ ବହନ କରିବ ବୋଲି ଜିଲା ପ୍ରଶାସନ ପକ୍ଷରୁ ସୂଚନା ମିଳିଛି।

କର୍ଟିନ ବିଶ୍ୱବିଦ୍ୟାଳୟର ବିଭିନ୍ନ ଉଦ୍ୟୋଗୀଙ୍କ ସହ ସମ୍ପର୍କ, ଉଚ୍ଚମାନର ଗବେଷଣା ଓ ନୂତନ ପାଠ୍ୟକ୍ରମ ପାଇଁ ଏହା ସମଗ୍ର ବିଶ୍ୱରେ ପରିଚିତ। ଶିକ୍ଷାନୁଷ୍ଠାନ ୭ ବର୍ଷ ଧରି ମିନେରାଲ ଏବଂ ମାଇନିଂ ଇଞ୍ଜିନିୟରିଂ ଶିକ୍ଷାଦାନ କ୍ଷେତ୍ରରେ କ୍ୟୁଏସ୍ ବିଶ୍ୱବିଶ୍ୱବିଦ୍ୟାଳୟ ର୍ୟାଙ୍କ୍ରେ ଦ୍ୱିତୀୟ ସ୍ଥାନ ଅଧିଗ୍ରହଣ କରିଆସୁଛି। ଏଠାରେ ଅଧ୍ୟୟନ କରିବା ପାଇଁ କେନ୍ଦୁଝର ଜିଲାରୁ ଯେଉଁ ୫ ଛାତ୍ରୀଛାତ୍ର ଚୟନ ହୋଇଛନ୍ତି ସେମାନେ ହେଲେ, ମିନର୍ଭା ସାହୁ, ଅଭିକ କୁମାର, ଆକିବ ଅହମ୍ମଦ, ଗିରିଶ ଶେଖର ନାୟକ ଓ ସରୋଜ ବିଶ୍ୱକର୍ମା। ଛାତ୍ରୀଛାତ୍ର ପ୍ରଫେସନାଲ ମାଇନିଂ ଇଞ୍ଜିନିୟରିଂରେ ସ୍ନାତକୋତ୍ତର ଡିଗ୍ରୀ ହାସଲ ପାଇଁ ଅଷ୍ଟ୍ରେଲିଆ ଯିବେ। ଏଥିପାଇଁ ୱେଷ୍ଟ ଅଷ୍ଟ୍ରେଲିଆନ ସ୍କୁଲ ଅଫ୍ ମାଇନ୍ସ ସହ କେନ୍ଦୁଝର ଜିଲା ପ୍ରଶାସନର ବୁଝାମଣା ହୋଇଛି। ଏହି



ଉଚ୍ଚଶିକ୍ଷା ପାଇଁ ଅଷ୍ଟ୍ରେଲିଆ ଯିବାକୁ ଥିବା ୫ ଛାତ୍ରୀଛାତ୍ର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଭେଟିଛନ୍ତି। ଏହି ଅବସରରେ ଉପସ୍ଥିତ ଅଛନ୍ତି ୫-ଟି ସଚିବ ଭି.କେ. ପାଣ୍ଡିଆନ୍।

ବୁଝାମଣା ପଛରେ ଏକ ବଡ଼ ଏବଂ ମହତ ଉଦ୍ଦେଶ୍ୟ ରହିଛି। କେନ୍ଦୁଝର ଏକ ଜନଜାତି ବହୁଳ ଜିଲା ହେବା ସାଙ୍ଗକୁ ଏଠାରେ ଖଣିଜ ସମ୍ପଦ ଭରପୂର ରହିଛି। ଏଣୁ ଜିଲାର ଶୈକ୍ଷିକ ବାତାବରଣକୁ ଉତ୍କୃଷ୍ଟ କରିବା ଏବଂ ଏଠିକାର ଯୁବପିଢ଼ିଙ୍କୁ ସଶକ୍ତ କରିବା ପାଇଁ ଜିଲା ପ୍ରଶାସନକୁ ଏହା ଏକ ସୁଯୋଗ ପ୍ରଦାନ କରିଛି। ମାଇନିଂ ଇଞ୍ଜିନିୟରିଂ କ୍ଷେତ୍ରରେ ସେମାନଙ୍କୁ ଅତ୍ୟାଧୁନିକ ଜ୍ଞାନକୌଶଳ ସମ୍ପନ୍ନ କରାଯାଇ ଭବିଷ୍ୟତରେ ନିଜ ଅଞ୍ଚଳର ବିକାଶରେ ନିୟୋଜନ କରାଯିବା ହେଉଛି ଜିଲା ପ୍ରଶାସନର ମୂଳ ଉଦ୍ଦେଶ୍ୟ ବୋଲି ଜିଲାପାଳ ଆଶିଷ ଠାକ୍ରେ କହିଛନ୍ତି।

ଚୟନ ହୋଇଥିବା ୫ ଛାତ୍ରୀଛାତ୍ର ସୋମବାର ନବୀନନିବାସ ଯାଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ସାକ୍ଷାତ କରିଛନ୍ତି। ମୁଖ୍ୟମନ୍ତ୍ରୀ ଖୁସିବ୍ୟକ୍ତ କରି ନୂଆ ଯାତ୍ରା ପାଇଁ ଛାତ୍ରୀଛାତ୍ରଙ୍କୁ ଶୁଭେଚ୍ଛା ଜଣାଇଥିଲେ। ଏଥିସହ କଠିନ ପରିଶ୍ରମ କରି ନିଜର କ୍ୟାରିୟର ଲକ୍ଷ୍ୟ ହାସଲ କରିବାକୁ ପରାମର୍ଶ ଦେଇଥିଲେ। ମୁଖ୍ୟମନ୍ତ୍ରୀଙ୍କ ସହ ସାକ୍ଷାତ୍ ସମୟରେ ୫-ଟି ସଚିବ ଭି.କେ. ପାଣ୍ଡିଆନ ଓ କେନ୍ଦୁଝର ଜିଲାପାଳ ଉପସ୍ଥିତ ଥିଲେ।

# ଆଗ ଟଙ୍କା ଫେରସ୍ତ ପାଇବେ ଜିଏଲ୍‌ପି ଡେଭଲପର୍ସର କ୍ଷୁଦ୍ର ଜମାକାରୀ

**ଚିଟ୍ ଫଣ୍ଡ**

କଟକ,୫।୯ (କାର୍ତ୍ତିକ ସାହୁ)

ସରକାରଙ୍କ ଦ୍ୱାରା ଚିଟ୍‌ଫଣ୍ଡ ଘୋଷିତ ଜିଏଲ୍‌ପି ଡେଭଲପର୍ସର କ୍ଷୁଦ୍ର ଜମାକାରୀଙ୍କ ଟଙ୍କା ପ୍ରାଥମିକତା ଭିତ୍ତିରେ ଆଗ ଫେରସ୍ତ କରାଯିବା ଉପରେ ହାଇକୋର୍ଟ ଗୁରୁତ୍ୱାରୋପ କରିଛନ୍ତି। ଦିଲ୍ଲୀରେ ଥିବା ଜିଏଲପି ଡେଭଲପର୍ସ ଲିମିଟେଡ୍ ଓ ଗୋଲଡେନ୍ ଲ୍ୟାଣ୍ଡ ଡେଭଲପର୍ସ ଲିମିଟେଡ୍ ପକ୍ଷରୁ ହାଇକୋର୍ଟରେ ଆଗତ ମାମଲାର ଶୁଣାଣି କରି ବିଚାରପତି ବିଶ୍ୱନାଥ ରଥ ଆସନ୍ତା ୨ ମାସ ମଧ୍ୟରେ ୮ ହଜାର ଟଙ୍କାରୁ କମ୍ ଜମାକାରୀଙ୍କ ଟଙ୍କା ଫେରସ୍ତ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଉଭୟ ସଂସ୍ଥା ପକ୍ଷରୁ ସ୍ଥାନୀୟ ଏକ ହୋଟେଲରେ ମଙ୍ଗଳବାର ସନ୍ଧ୍ୟାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଆଇନଜୀବୀ ଅଜିତ୍ ରାଉତ, ଶାରଦା ପ୍ରସାଦ ତ୍ରିପାଠୀ ଓ ବିଶ୍ୱଭୂଷଣ ଦାସ ଏ ସମ୍ପର୍କରେ ସୂଚନା ଦେଇଛନ୍ତି।

ମିଳିଥିବା ସୂଚନା ଅନୁସାରେ, ସରକାରଙ୍କ ଦ୍ୱାରା ବାଜ୍ୟାପ୍ତ ହୋଇଥିବା କମ୍ପାନୀର ଅର୍ଥ କଟକ ଅତିରିକ୍ତ ଜିଲାପାଳଙ୍କ ହେପାଜତରେ ରଖାଯାଇଛି। ତେବେ ଜମାକାରୀଙ୍କୁ ତୁରନ୍ତ ଟଙ୍କା ଫେରାଇବାକୁ ଆବେଦନ କରି କମ୍ପାନୀ ପକ୍ଷରୁ ହାଇକୋର୍ଟରେ ମାମଲା ଦାୟର କରାଯାଇଥିଲା। ହାଇକୋର୍ଟ ପ୍ରାଥମିକ ପର୍ଯ୍ୟାୟରେ ୮ ହଜାର ଟଙ୍କାରୁ କମ୍ ଜମାକାରୀଙ୍କ ଅର୍ଥ ଫେରସ୍ତ ନିମନ୍ତେ ନିର୍ଦ୍ଦେଶ ଦେବା ପରେ ଅତିରିକ୍ତ ଜିଲାପାଳ ଏହି ପ୍ରକ୍ରିୟା ତୁରନ୍ତ ଆରମ୍ଭ କରନ୍ତୁ ବୋଲି କମ୍ପାନୀ ପକ୍ଷରୁ ନିବେଦନ କରାଯାଇଛି। ଏଭଳି ଜମାକାରୀଙ୍କ ସଂଖ୍ୟା ପ୍ରାୟ ୨ ଲକ୍ଷ ବୋଲି କୁହାଯାଇଛି। ତେବେ ଏହି କମ୍ପାନୀରେ ମୋଟ ୬ ଲକ୍ଷରୁ ଅଧିକ ଜମାକାରୀ ରହିଥିବାବେଳେ ଅଦ୍ୟାବଧି ପ୍ରାୟ ୪ ଲକ୍ଷ ଜମାକାରୀ କଟକ ଅତିରିକ୍ତ ଜିଲାପାଳଙ୍କ ନିକଟରେ ଅର୍ଥ ଫେରସ୍ତ ପାଇଁ ଆବେଦନ କରିଥିବା ଜଣାପଡିଛି। କମ୍ପାନୀ ପକ୍ଷରୁ ରୁଜୁ ଏହି ମାମଲାକୁ ଆଇନଜୀବୀ ମିଲନ୍ କାନୁନ୍‌ଗୋ ପରିଚାଳନା କରୁଥିଲେ।

# ୧ଲକ୍ଷ କୋଟି ଟଙ୍କାରେ ପହଞ୍ଚିଲାଣି ଅଣଦାବିଦାର ଟଙ୍କା

## ଉତ୍ତରାଧିକାରୀଙ୍କ ନାମ ଉଲ୍ଲେଖ କରିବାକୁ ଆର୍ଥିକ ସଂସ୍ଥାଗୁଡ଼ିକ ପ୍ରବର୍ତ୍ତାନ୍ତୁ: ସୀତାରାମନ୍

ମୁମ୍ବାଇ, ୫।୯

ଦେଶର ବ୍ୟାଙ୍କ ଏବଂ ଆର୍ଥିକ କାରବାର ସହ ଜଡ଼ିତ ସଂସ୍ଥାଗୁଡ଼ିକରେ ଅଣଦାବିଦାରଙ୍କ ଟଙ୍କା ବୃଦ୍ଧି ପାଇବାରେ ଲାଗିଛି। ଏହା ପ୍ରାୟ ଏକ ଲକ୍ଷ କୋଟି ଟଙ୍କାରେ ପହଞ୍ଚିଲାଣି। ତେଣୁ ଗ୍ରାହକମାନଙ୍କୁ ସେମାନଙ୍କ ଆକାଉଣ୍ଟରେ ନୋମିନିଙ୍କ ନାମ ଉଲ୍ଲେଖ କରିବାକୁ ପ୍ରବର୍ତ୍ତାଇବା ପାଇଁ ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ୍ ସମସ୍ତ ବ୍ୟାଙ୍କ ଏବଂ ଆର୍ଥିକ ସଂସ୍ଥାଗୁଡ଼ିକୁ ନିର୍ଦ୍ଦେଶ ଦେଇଛନ୍ତି। ଏହାଦ୍ୱାରା ଆକାଉଣ୍ଟଧାରୀଙ୍କ ପରେ ସେମାନଙ୍କ ନୋମିନିମାନେ ଅର୍ଥ ଫେରିପାଇବାରେ ସହାୟକ ହେବ ଏବଂ ବ୍ୟାଙ୍କରେ ପଡ଼ିରହୁଥିବା ଅନ୍‌କ୍ଲେମ୍‌ଡ୍ ଟଙ୍କା ହ୍ରାସ ପାଇବ।

ଏକ ରିପୋର୍ଟ ଅନୁସାରେ ବ୍ୟାଙ୍କିଙ୍ଗ୍ ବ୍ୟବସ୍ଥାରେ କେବଳ ୩୫ହଜାର କୋଟିରୁ ଊର୍ଦ୍ଧ୍ୱ



ଟଙ୍କା ଅଣଦାବିଦାର ଭାବେ ପଡ଼ିରହିଛି। ଅନ୍ୟ ଆର୍ଥିକ କ୍ଷେତ୍ରକୁ ମିଶାଇଲେ ଏହା ୧ଲକ୍ଷ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ହେବ ବୋଲି ଜଣାପଡ଼ିଛି। ତେଣୁ ସମସ୍ତ ଆକାଉଣ୍ଟଧାରୀ ଏବଂ ଗ୍ରାହକଙ୍କୁ ସେମାନଙ୍କ ନୋମିନି ବା ଉତ୍ତରାଧିକାରୀଙ୍କ ନାମ ଏବଂ ସମ୍ପର୍କ ଠିକ୍ ଭାବେ ପ୍ରଦାନ କରିବା ପାଇଁ ପରାମର୍ଶ ଦେବାକୁ ମଙ୍ଗଳବାର ଅର୍ଥମନ୍ତ୍ରୀ ସୀତାରାମନ୍ ସମସ୍ତ ଆର୍ଥିକ ସଂସ୍ଥାକୁ ନିର୍ଦ୍ଦେଶ ଦେଇଛନ୍ତି। ବ୍ୟାଙ୍କିଙ୍ଗ୍ ବ୍ୟବସ୍ଥା, ଆର୍ଥିକ କାରବାରେ ସମ୍ପୃକ୍ତ ଯଥା ମ୍ୟୁଚୁଆଲ୍ ଫଣ୍ଡ, ଷ୍ଟକ୍ ମାର୍କେଟ ଏବଂ ଯେଉଁମାନେ ଲୋକମାନଙ୍କ ଟଙ୍କା ସହିତ କାରବାର କରୁଛନ୍ତି, ସେମାନେ ନିଶ୍ଚିତ ଭାବେ ଲୋକମାନଙ୍କ ଟଙ୍କାର ସୁରକ୍ଷା ସହ ସେମାନଙ୍କ ନୋମିନି ସମ୍ପର୍କରେ ଚିନ୍ତା କରିବାର ଆବଶ୍ୟକ ରହିଛି ବୋଲି ଗ୍ଲୋବାଲ୍ ଫିନ୍‌ଟେକ୍ ଫେଷ୍ଟ (ଜିଏଫ୍ଏଫ୍)ରେ ଯୋଗଦେବା ଅବସରରେ ସୀତାରାମନ୍ ଏହା କହିଛନ୍ତି। ଏହାଦ୍ୱାରା ଏକ ସୁସ୍ଥ ଅର୍ଥ ବ୍ୟବସ୍ଥା ନିର୍ମାଣ କରାଯାଇପାରିବ। ନଚେତ୍ ଟିକେ ଅବହେଳା ଚରମ ବିଶୃଙ୍ଖଳା ସୃଷ୍ଟି କରିପାରେ ବୋଲି ସୀତାରାମନ୍ କହିଛନ୍ତି।

# ୩ ପର୍ଯ୍ୟାୟରେ ଚାଲିବ ଟିକାକରଣ

## ମିଶନ ଇନ୍ଦ୍ରଧନୁଷ୍ ଅଭିଯାନ-୫.୦କୁ ସଫଳ କରିବାକୁ ବୈଠକ

ଭୁବନେଶ୍ୱର, ୫।୯(ସୁନିତ୍ ମିଶ୍ର)

ରାଜ୍ୟରେ ବ୍ୟାପକ ଟିକାକରଣ କାର୍ଯ୍ୟକ୍ରମ (ଆଇଏମ୍ଆଇ) ମିଶନ ଇନ୍ଦ୍ରଧନୁଷ୍ ଅଭିଯାନ-୫.୦କୁ ସଫଳ କରିବା ଲାଗି ମୁଖ୍ୟ ଶାସନ ସଚିବ ପ୍ରଦୀପ କୁମାର ଜେନାଙ୍କ ଅଧ୍ୟକ୍ଷତାରେ ରାଜ୍ୟସ୍ତରୀୟ କ୍ରିୟାନୁଷ୍ଠାନ କମିଟି ବୈଠକ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ବୈଠକରେ ସ୍ୱାସ୍ଥ୍ୟ ବିଭାଗ କମିଶନର ଶାଳିନୀ ପଣ୍ଡିତ ମିଶନ ଇନ୍ଦ୍ରଧନୁଷ୍ ଅଭିଯାନ-୫.୦ ର ସଫଳତା ପାଇଁ ନିଆଯାଇଥିବା ବିଭିନ୍ନ ପ୍ରସ୍ତୁତି ସମ୍ପର୍କରେ ସୂଚନା ଦେଇଛନ୍ତି। ସେପ୍ଟେମ୍ବର ୧୧ରୁ ୧୬ ତାରିଖ, ଅକ୍ଟୋବର ୯ରୁ ୧୪ ଏବଂ ନଭେମ୍ବର ୬ରୁ ୧୧ ଏଭଳି ୩ଟି ପର୍ଯ୍ୟାୟରେ ଏହି ଟିକାକରଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ପ୍ରତ୍ୟେକ ଥର ନିୟମିତ ଟିକାକରଣ ଦିବସକୁ ମିଶାଇ ୬ ଦିନ ଧରି ଏହା ଅନୁଷ୍ଠିତ ହେବ। ଜନ୍ମରୁ ୨୩ ମାସ ପର୍ଯ୍ୟନ୍ତ ଶିଶୁଙ୍କୁ ବୟସ ଅନୁସାରେ ନେବାକୁ ଥିବା ଟିକା, ଆରମ୍ଭରୁ ଟିକା ନ ନେଇଥିବା ଶିଶୁ, ସମ୍ପୂର୍ଣ୍ଣ ଟିକାକରଣ ହୋଇ ନ ଥିବା ଏବଂ ୨ରୁ ୫ ବର୍ଷ ମଧ୍ୟରେ ଏମ୍ଆର-୧, ଏମ୍ଆର୍-୨, ପେଣ୍ଟା ଏବଂ ଓପିଭି ଡୋଜ୍ ନେଇ ନ ଥିବା ଶିଶୁ ଓ ଗର୍ଭବତୀ ମହିଳାମାନଙ୍କୁ ଟିକାକରଣ କରିବା ଲକ୍ଷ୍ୟ ରହିଛି। ରାଜ୍ୟରେ ୨୦୧୫ରୁ ମିଶନ ଇନ୍ଦ୍ରଧନୁଷ୍ ଅଭିଯାନ ଆରମ୍ଭ ହୋଇଛି, ଯେଉଁଥିରେ ସମସ୍ତ ବାଦ୍‌ପଡ଼ିଥିବା ଶିଶୁ, ୨ ବର୍ଷ ପର୍ଯ୍ୟନ୍ତ ଶିଶୁ ଓ ଗର୍ଭବତୀ ମହିଳାଙ୍କୁ ଚିହ୍ନଟ କରାଯାଇ ସେମାନଙ୍କ ନିମନ୍ତେ ସମ୍ପୂର୍ଣ୍ଣ ଟିକାକରଣ କରାଯିବା ଲକ୍ଷ୍ୟ ରଖାଯାଇଛି। ବର୍ତ୍ତମାନ ସୁଦ୍ଧା ରାଜ୍ୟରେ ୧୦ ପର୍ଯ୍ୟାୟରେ ମିଶନ ଇନ୍ଦ୍ରଧନୁଷ ଅଭିଯାନ କରାଯାଇସାରିଛି। ଆଇଏମ୍ ଆଇ- ୫.୦ ଅଭିଯାନ ଅଧୀନରେ ୨୦୨୩ରେ ଟିକାକରଣ କରାଯିବାକୁ ଥିବା ଶିଶୁ ଓ ଗର୍ଭବତୀ ମହିଳାମାନଙ୍କୁ ୟୁ-ୱିନ୍ (ଡିଜିଟାଲ୍ ପ୍ଲାଟ୍‌ଫର୍ମ)ରେ ପଞ୍ଜୀକରଣ କରିବା ଏବଂ ସ୍ୱତନ୍ତ୍ର ତଥା ଯୋଜନାବଦ୍ଧ ଭାବେ ସେମାନଙ୍କୁ ଆଇଏମ୍ଆଇ ଜରିଆରେ ଟିକା ଦେବାକୁ ଲକ୍ଷ୍ୟ ରହିଛି।

# ଲଘୁଚାପ: ଦକ୍ଷିଣ ଓଡ଼ିଶାରେ ପ୍ରବଳ ବର୍ଷା ସମ୍ଭାବନା

**୩ ଜିଲାକୁ ଅରେଞ୍ଜ ୱାର୍ନିଂ**

ଭୁବନେଶ୍ୱର,୫।୯(ଅନିଲ ଦାସ)

ଉତ୍ତର-ପଶ୍ଚିମ ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ଲଘୁଚାପ ମଙ୍ଗଳବାର ଘନୀଭୂତ ହୋଇଛି। ଏହାର ପ୍ରଭାବରେ ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଦକ୍ଷିଣ ଓଡ଼ିଶାରେ ପ୍ରବଳ ବର୍ଷା ହୋଇପାରେ। ମାଲକାନଗିରି, କୋରାପୁଟ ଏବଂ ନବରଙ୍ଗପୁର ଜିଲାର କେତେକ ସ୍ଥାନରେ ଅତି ପ୍ରବଳ ବର୍ଷା ହେବା ନେଇ ଚେତାବନୀ ଦିଆଯାଇଛି। ସେହିପରି ରାୟଗଡ଼ା, ଗଜପତି, ଗଞ୍ଜାମ, କନ୍ଧମାଳ, କଳାହାଣ୍ଡି, ନୂଆପଡ଼ା, ବଲାଙ୍ଗୀର, ବାଲେଶ୍ୱର, ଭଦ୍ରକ, କେନ୍ଦୁଝର, ମୟୂରଭଞ୍ଜ, ସୁନ୍ଦରଗଡ଼, ଝାରସୁଗୁଡ଼ା ଏବଂ ସମ୍ବଲପୁର ଜିଲାରେ ପ୍ରବଳ ବର୍ଷା (୭ରୁ ୧୧ ସେଣ୍ଟିମିଟର) ହେବାର ସମ୍ଭାବନା ରହିଛି। ଏ ନେଇ ଏହି ଜିଲା ପାଇଁ ୟେଲୋ ୱାର୍ନିଂ ଜାରି କରାଯାଇଛି। ୭ ତାରିଖରେ ଢେଙ୍କାନାଳ, ସୁନ୍ଦରଗଡ଼, ଝାରସୁଗୁଡ଼ା, ବରଗଡ଼, ବାଲେଶ୍ୱର, ଭଦ୍ରକ, ଯାଜପୁର, କଟକ, ନୟାଗଡ଼, ଗଞ୍ଜାମ, କନ୍ଧମାଳ, ବଲାଙ୍ଗୀର, ସୋନପୁର, କୋରାପୁଟ, ମାଲକାନଗିରି ଜିଲାରେ ପ୍ରବଳ ବର୍ଷା ହୋଇପାରେ। ଗତ ୨୪ ଘଣ୍ଟା ମଧ୍ୟରେ ଯାଜପୁର ୫୧ ମିଲିମିଟର ବର୍ଷା ରେକର୍ଡ କରାଯାଇଥିବା ବେଳେ ଚାନ୍ଦବାଲିରେ ୪୦.୫, ନୂଆପଡା ୩୪, ଢେଙ୍କାନାଳ ୨୬.୫, ଅନୁଗୋଳ ୩୦, ତାଳଚେର ୧୨, ହୀରାକୁଦ ୧୮, ଫୁଲବାଣୀ ୧୯.୪, ଟିଟିଲାଗଡ଼ ୨୬, ସୋନପୁର ୩୧.୮, ଦାରିଙ୍ଗବାଡ଼ି ୩୯, ନୟାଗଡ଼ ୨୫, ପାରଳାଖେମୁଣ୍ଡି୩୩, ଢେଙ୍କାନାଳ ୨୬, ବରଗଡ଼ରେ ୨୪.୨ ମିଲିମିଟର ବର୍ଷା ରେକର୍ଡ କରାଯାଇଛି।

## 'ପ୍ରେସିଡେଣ୍ଟ ଅଫ୍ ଭାରତ'...

ପ୍ରଥମ ପୃଷ୍ଠାରୁ...

ଭାଜପା ନେତାମାନେ ଏହି ପଦକ୍ଷେପକୁ ସ୍ୱାଗତ କରିଥିବାବେଳେ ରାଷ୍ଟ୍ରପତିଙ୍କ ନିମନ୍ତ୍ରଣପତ୍ରକୁ ନେଇ ବିରୋଧୀ ଦଳଗୁଡ଼ିକ କଡ଼ା ସମାଲୋଚନା କରିଛନ୍ତି। ଭାଜପାକୁ ୨୦୨୪ ନିର୍ବାଚନରେ ଗାଦିଚ୍ୟୁତ କରିବା ପାଇଁ ଏକତ୍ରିତ ହୋଇଥିବା ବିରୋଧୀ ମେଣ୍ଟର ନାମ 'ଇଣ୍ଡିଆ' ରଖାଯାଇଥିବାରୁ ଭାଜପା ଏପରି କରିଥିବା ସେମାନେ କହିଛନ୍ତି। ରାଷ୍ଟ୍ରୀୟ ଜନତା ଦଳ (ଆର୍‌ଜେଡି) ନେତା ମନୋଜ ଝା କହିଛନ୍ତି, ଆମେ ଆମ ମେଣ୍ଟର ନାମ ଇଣ୍ଡିଆ ରଖିବାର କିଛି ସପ୍ତାହ ପରେ ଭାଜପା 'ରିପବ୍ଲିକ୍ ଅଫ୍ ଇଣ୍ଡିଆ' ବଦଳରେ 'ରିପବ୍ଲିକ୍ ଅଫ୍ ଭାରତ' ଲେଖି ନିମନ୍ତ୍ରଣପତ୍ର ପଠାଇବା ଆରମ୍ଭ କରିଛି। ସମ୍ବିଧାନ ଅନୁସାରେ 'ଇଣ୍ଡିଆ' ଓ 'ଭାରତ' ସମାନ। ଭାଜପା ଆମଠାରୁ 'ଇଣ୍ଡିଆ' କିମ୍ବା 'ଭାରତ'କୁ ଛଡ଼ାଇ ନେଇପାରିବ ନାହିଁ। ସେହିପରି ଇଣ୍ଡିଆ ମେଣ୍ଟ ଏହାର ନାମ ଭାରତ ରଖିଲେ, ଭାଜପା 'ଭାରତ'କୁ ହଟାଇ ଭିନ୍ନ କିଛି ଲେଖିବ କି ବୋଲି ଦିଲ୍ଲୀ ମୁଖ୍ୟମନ୍ତ୍ରୀ ତଥା ଆମ୍ ଆଦ୍‌ମୀ ପାର୍ଟି (ଏଏପି) ଆବାହକ ଅରବିନ୍ଦ କେଜ୍‌ରିୱାଲ ପ୍ରଶ୍ନ କରିଛନ୍ତି। କଂଗ୍ରେସ ସାଧାରଣ ସମ୍ପାଦକ ଜୟରାମ ରମେଶ ଏକ୍ସ'ରେ ସମ୍ବିଧାନର ଅନୁଚ୍ଛେଦ ୧କୁ ଶେୟାର କରି କହିଛନ୍ତି, ଭାରତ ଇଣ୍ଡିଆ ଥିଲା, ଯାହାକି ରାଜ୍ୟଗୁଡ଼ିକର ଏକ ସଂଘ ହେବ। କିନ୍ତୁ ଏବେ ରାଜ୍ୟଗୁଡ଼ିକର ସଂଘକୁ ଆକ୍ରମଣ କରାଯାଉଛି। ଭାଜପା 'ଇଣ୍ଡିଆ ଶାଇନିଂ' ସ୍ଲୋଗାନ ଦେଇ ପ୍ରଚାର କରୁଥିଲା। ଏହାକୁ ନେଇ କଂଗ୍ରେସର ପ୍ରତିକ୍ରିୟା ରହିଥିଲା, ସାଧାରଣ ଲୋକଙ୍କୁ କ'ଣ ମିଳିଲା। ଭାଜପା ଡିଜିଟାଲ ଇଣ୍ଡିଆ, ଷ୍ଟାର୍ଟ-ଅପ୍ ଇଣ୍ଡିଆ, ନ୍ୟୁ ଇଣ୍ଡିଆ ଆଦି ଆଣିଥିବାବେଳେ କଂଗ୍ରେସ 'ଭାରତ ଯୋଡ଼ୋ ଯାତ୍ରା'ର ଆୟୋଜନ କରିଥିଲା। ଆସନ୍ତା ୭ରେ ଏହାର ବର୍ଷପୂର୍ତ୍ତି ଆୟୋଜନ କରାଯିବ। ମୋଦି ଦେଶ(ଇଣ୍ଡିଆ/ଭାରତ)କୁ କଳଙ୍କିତ ଓ ବିଭାଜିତ କରିଚାଲିଥିବେ କି ବୋଲି ରମେଶ ପ୍ରଶ୍ନ କରିଛନ୍ତି। ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ତଥା ତୃଣମୂଳ କଂଗ୍ରେସ (ଟିଏମ୍‌ସି) ସୁପ୍ରିମୋ ମମତା ବାନାର୍ଜୀ କହିଛନ୍ତି, ଇଣ୍ଡିଆ ଯାହା ଭାରତ ତାହା ବୋଲି ଆମେ ସମସ୍ତେ ଜାଣିଛେ। କିନ୍ତୁ ସାରା ବିଶ୍ୱ ଆମକୁ ଇଣ୍ଡିଆ ବୋଲି ଜାଣେ। ହଠାତ୍ ଏମିତି କ'ଣ ହୋଇଗଲା ଯେ, ଆମେ କେବଳ ଭାରତ ନାମରେ ପରିଚିତ ହେବା। ତାମିଲନାଡୁ ମୁଖ୍ୟମନ୍ତ୍ରୀ ଏମ୍. କେ. ଷ୍ଟାଲିନ୍ ମଧ୍ୟ ଏହି ପ୍ରସଙ୍ଗରେ ଭାଜପା ଉପରେ ବର୍ଷିଛନ୍ତି। ଅଣଭାଜପା ଶକ୍ତିଗୁଡ଼ିକ ଫାସିବାଦୀ ଭାଜପା ଶାସନକୁ କ୍ଷମତାଚ୍ୟୁତ କରିବା ପାଇଁ ଏକାଠି ହେବା ପରେ ଏବଂ ମେଣ୍ଟର ନାମ 'ଇଣ୍ଡିଆ' ରଖିବା ପରେ ଭାଜପା ଦେଶର ନାମ ବଦଳାଇବାକୁ ଚାହୁଁଛି। ଭାଜପା ଇଣ୍ଡିଆରେ ବୈପ୍ଲବିକ ପରିବର୍ତ୍ତନ ଆଣିବା ପାଇଁ ପ୍ରତିଶ୍ରୁତି ଦେଇଥିଲା। କିନ୍ତୁ ୯ ବର୍ଷ ପରେ ଆମେ କ'ଣ ପାଇଲେ ? ଦେଶର ନାମ ପରିବର୍ତ୍ତନ। ଜାତୀୟତାବାଦୀ କଂଗ୍ରେସ ପାର୍ଟି (ଏନ୍‌ସିପି) ମୁଖ୍ୟ ଶରଦ ପାୱାର କହିଛନ୍ତି, ଦେଶର ନାଁ ବଦଳାଇବା ଅଧିକାର କାହାର ନାହିଁ। ଏହାର ଜବାବରେ ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେ.ପି. ନଡ୍ଡା କଂଗ୍ରେସକୁ 'ଦେଶ ବିରୋଧୀ' ଏବଂ 'ସମ୍ବିଧାନ ବିରୋଧୀ' ଆଖ୍ୟା ଦେଇଛନ୍ତି। କେନ୍ଦ୍ରମନ୍ତ୍ରୀ ରାଜୀବ ଚନ୍ଦ୍ରଶେଖରଙ୍କ ମତରେ ଦେଶର ନାମ ଭାରତ। ତେଣୁ 'ପ୍ରେସିଡେଣ୍ଟ ଅଫ୍ ଭାରତ' ଲେଖିଲେ ବିରୋଧୀଙ୍କ କ'ଣ ଅସୁବିଧା ହେଉଛି। ଅନ୍ୟପକ୍ଷେ ସେପ୍ଟେମ୍ବର ୧୮ରୁ ଆରମ୍ଭ ହେବାକୁ ଥିବା ସଂସଦର ସ୍ୱତନ୍ତ୍ର ଅଧିବେଶନ ପାଇଁ କୌଣସି ନିର୍ଦ୍ଦିଷ୍ଟ କାର୍ଯ୍ୟସୂଚୀ ସରକାରଙ୍କ ପକ୍ଷରୁ ଘୋଷଣା କରାଯାଇ ନ ଥିବାରୁ ଉକ୍ତ ଅଧିବେଶନରେ ଦେଶର ନାମ ପରିବର୍ତ୍ତନ ପାଇଁ ବିଲ୍ ଆଗତ ହୋଇପାରେ ବୋଲି କଳ୍ପନାଜଳ୍ପନା ପ୍ରକାଶ ପାଇଛି।

## ଭାରତୀୟ ଦଳ...

ଉଭୟ ବ୍ୟାଟିଂ ଏବଂ ଉଇକେଟ କିପିଂ ଫିଟ୍‌ନେସରେ ଉତ୍ତୀର୍ଣ୍ଣ ହୋଇଛନ୍ତି ବୋଲି ଅଗରକର କହିଛନ୍ତି। ମ୍ୟାଚ ପରିସ୍ଥିତିକୁ ଦୃଷ୍ଟିରେ ରଖି ଆବଶ୍ୟକ ପଡ଼ିଲେ ଉଭୟ ରାହୁଲ ଓ କିଶନ ପ୍ଲେଇଂ ଇଲେଭେନରେ ସାମିଲ ହୋଇପାରନ୍ତି ବୋଲି ଅଧିନାୟକ ରୋହିତ କହିଛନ୍ତି।

ରାହୁଲ ଓ କିଶନ ସାମିଲ ହେବା ଦ୍ୱାରା ଅନ୍ୟତମ ଉଇକେଟକିପର ସଞ୍ଜୁ ସାମ୍‌ସନଙ୍କୁ ଦଳରେ ସ୍ଥାନ ମିଳିନାହିଁ। ସେ ସମ୍ପ୍ରତି ରିଜର୍ଭ ଖେଳାଳି ଭାବେ ଶ୍ରୀଲଙ୍କାରେ ଭାରତୀୟ ଦଳ ସହ ରହିଛନ୍ତି। ଏସିଆ କପ୍‌ରେ ପାକିସ୍ତାନ ବିପକ୍ଷରେ ମ୍ୟାଚ ଖେଳିଥିବା ଶ୍ରେୟସ ଆୟାର ଦଳରେ ସ୍ଥାନ ବଜାୟ ରଖିବାରେ ସକ୍ଷମ ହୋଇଛନ୍ତି। ଫଳରେ ସୂର୍ଯ୍ୟକୁମାର ଯାଦବ ଓ ଯୁବ ବ୍ୟାଟର ତିଳକ ବର୍ମାଙ୍କ ମଧ୍ୟରୁ ଜଣକୁ ଚୟନ କରିବାକୁ ଚୟନକର୍ତ୍ତା ବାଧ୍ୟ ହୋଇଥିଲେ। ନିକଟ ଅତୀତରେ ଦିନିକିଆରେ ଭଲ ପ୍ରଦର୍ଶନ କରିପାରି ନ ଥିଲେ ମଧ୍ୟ ଅଭିଜ୍ଞତା ଦୃଷ୍ଟିରୁ ୩୨ ବର୍ଷୀୟ ସୂର୍ଯ୍ୟକୁମାର ପ୍ରଥମ ପସନ୍ଦ ହୋଇଥିଲେ।

ବୋଲିଂ ବିଭାଗରେ ଯଶପ୍ରୀତ୍ ବୁମ୍‌ରା, ମହମ୍ମଦ ସିରାଜ ଓ ମହମ୍ମଦ ଶାମିଙ୍କୁ ଚୟନ କମିଟି ସଦସ୍ୟ ପ୍ରଥମ ପସନ୍ଦ ପେସ୍ ତ୍ରୟ ଭାବେ ନେଇଛନ୍ତି। ଦୀର୍ଘଦିନ ଧରି ଆହତ ସମସ୍ୟାରେ ରହିବା ପରେ ବୁମ୍‌ରା ନିକଟରେ ଆୟର୍ଲାଣ୍ଡ ବିପକ୍ଷ ଟି୨୦ ସିରିଜରେ ପ୍ରତ୍ୟାବର୍ତ୍ତନ କରିଥିଲେ। ଏସିଆ କପ୍‌ରେ ମଧ୍ୟ ସେ ଭାରତୀୟ ଦଳର ସଦସ୍ୟ ରହିଛନ୍ତି। ଅନ୍ୟପକ୍ଷରେ ଏସିଆ କପ୍‌ରେ ଦକ୍ଷତା ଦେଖାଇବାର ସୁଯୋଗ ପାଇ ନ ଥିବା ପ୍ରସିଦ୍ଧ କ୍ରିଷ୍ଣାଙ୍କୁ ବିଶ୍ୱକପ୍ ଦଳରେ ସ୍ଥାନ ମିଳିନାହିଁ। ପେସ୍ ବିକଳ୍ପ ଭାବେ ହାର୍ଦ୍ଦିକ ପାଣ୍ଡ୍ୟା ଓ ଶାର୍ଦ୍ଦୂଳ ଠାକୁର ଭାରତୀୟ ବିଶ୍ୱକପ୍ ଦଳରେ ରହିଛନ୍ତି। ପୂର୍ବାନୁମାନ ଅନୁସାରେ ବାମହାତୀ ରିଷ୍ଟ ସ୍ପିନର କୁଲଦୀପ ଯାଦବଙ୍କୁ ଚୟନକର୍ତ୍ତା ପସନ୍ଦ କରିଛନ୍ତି। ଅଲରାଉଣ୍ଡର ରବୀନ୍ଦ୍ର ଜାଡେଜା ଓ ଅକ୍ଷର ପଟେଲ ଅନ୍ୟ ଦୁଇ ସ୍ପିନ୍ ବିକଳ୍ପ ଭାବେ ରହିଛନ୍ତି। ଲେଗ୍ ସ୍ପିନର ଯୁଜବେନ୍ଦ୍ର ଚହଲଙ୍କୁ ଦଳରେ ସ୍ଥାନ ମିଳିନାହିଁ। ରବିଚନ୍ଦ୍ରନ ଅଶ୍ୱିନ ଓ ୱାଶିଂଟନ ସୁନ୍ଦରଙ୍କୁ ଅଣଦେଖା କରାଯିବା ଅର୍ଥ ବିଶ୍ୱକପ୍ ଅବସରରେ ଭାରତ ଅଫ୍‌ସ୍ପିନରଙ୍କ ସେବାରୁ ବଞ୍ଚିତ ରହିବ। ବ୍ୟାଟିଂ ଲାଇନ୍‌ଅପ୍‌ରେ ଗଭୀରତା ଏବଂ ଦଳକୁ ଅଧିକ ସନ୍ତୁଳିତ କରିବା ପାଇଁ ଜାଡେଜା ଓ ଅକ୍ଷରଙ୍କୁ ଚୟନ କରାଯାଇଛି ବୋଲି ରୋହିତ ପ୍ରକାଶ କରିଛନ୍ତି। ଅକ୍ଟୋବର ୫ରେ ଅହମଦାବାଦଠାରେ ଇଂଲଣ୍ଡ ଓ ନ୍ୟୁଜିଲାଣ୍ଡ ମଧ୍ୟରେ ଉଦ୍‌ଘାଟନୀ ମ୍ୟାଚ ଖେଳାଯିବ। ୮ ତାରିଖରେ ଚେନ୍ନାଇରେ ଅଷ୍ଟ୍ରେଲିଆ ବିପକ୍ଷରେ ଖେଳି ଭାରତ ଏହାର ଅଭିଯାନ ଆରମ୍ଭ କରିବ।

**ଭାରତୀୟ ଦଳ:** ରୋହିତ ଶର୍ମା (ଅଧିନାୟକ), ଶୁବମନ ଗିଲ୍, ବିରାଟ କୋହଲି, ଶ୍ରେୟସ ଆୟାର, ଲୋକେଶ ରାହୁଲ, ଇଶାନ କିଶନ, ସୂର୍ଯ୍ୟକୁମାର ଯାଦବ, ହାର୍ଦ୍ଦିକ ପାଣ୍ଡ୍ୟା (ଉପ-ଅଧିନାୟକ), ରବୀନ୍ଦ୍ର ଜାଡେଜା, ଅକ୍ଷର ପଟେଲ, କୁଲଦୀପ ଯାଦବ, ଶାର୍ଦ୍ଦୂଳ ଠାକୁର, ମହମ୍ମଦ ଶାମି, ମହମ୍ମଦ ସିରାଜ, ଯଶପ୍ରୀତ୍ ବୁମ୍‌ରା।

## ମାଣ୍ଡିଆ ପ୍ରସ୍ତୁତ ଖାଦ୍ୟ...

ବଖାଣିବାକୁ ସୁଯୋଗ ମିଳିଥିବାରୁ ସୁବାସା ଉତ୍ସାହିତ ଥିବା କହିଛନ୍ତି। ସେହିପରି ୧୭୦ ପ୍ରକାର ଦେଶୀ ଧାନ ସଂଗ୍ରହକରି ଜୈବିକ ପଦ୍ଧତିରେ ଚାଷ କରୁଥିବା ରାଇମତୀ ଗତ କିଛି ବର୍ଷ ହେଲା ବିଭିନ୍ନ କିସମର ମାଣ୍ଡିଆ ଚାଷ ଏବଂ ଦେଶୀ ମାଣ୍ଡିଆ ଚାଷ କରି ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛନ୍ତି। ତାଙ୍କୁ ଜି୨୦ ସମ୍ମିଳନୀରେ ଯୋଗଦେବାକୁ ସୁଯୋଗ ମିଳିଥିବାରୁ ଅଞ୍ଚଳବାସୀ ବେଶ୍ ଖୁସି।

୨ ଦିନିଆ ଜି-୨୦ ସମ୍ମିଳନୀ ନେଇ କେନ୍ଦ୍ର ସରକାରଙ୍କ ପକ୍ଷରୁ ସମସ୍ତ ପ୍ରସ୍ତୁତି ଜୋରସୋରରେ ଚାଲିଛି। ବିଦେଶୀ ଅତିଥିଙ୍କ ଆତିଥ୍ୟ ପ୍ରତି ବିଶେଷ ଧ୍ୟାନ ଦିଆଯିବା ଲାଗି ବ୍ୟବସ୍ଥା କରାଯାଉଛି। ବିଭିନ୍ନ ଦେଶର ମୁଖ୍ୟ ଆମ ଦେଶର ଆତିଥ୍ୟ ଗ୍ରହଣ କରିବାକୁ ଯାଉଥିବାରୁ ସେମାନଙ୍କ ରହିବା, ଖାଇବା ଓ ପିଇବା ଉପରେ ସ୍ୱତନ୍ତ୍ର ଧ୍ୟାନ ରଖାଯାଉଛି। କିଭଳି ସେମାନେ ଆମ ଦେଶର ସୁସ୍ୱାଦୁ ବ୍ୟଞ୍ଜନ ଗ୍ରହଣ କରିପାରିବେ ସେଥିପ୍ରତି ମଧ୍ୟ ବିଶେଷ ବ୍ୟବସ୍ଥା କରାଯାଉଛି। ଚଳିତବର୍ଷ ସମଗ୍ର ବିଶ୍ୱ ଅନ୍ତର୍ଜାତୀୟ ମିଲେଟ ବର୍ଷ-୨୦୨୩ ପାଳନ କରୁଛି। ଏଥିନିମନ୍ତେ ମିଲେଟ ଜାତୀୟ ଖାଦ୍ୟର ପ୍ରଚାରପ୍ରସାର ପାଇଁ ଜୋର୍‌ଦାର ପ୍ରସ୍ତୁତି ଆରମ୍ଭ ହୋଇଛି। ମିଲେଟ୍ ଭାରତର ପାରମ୍ପରିକ ଖାଦ୍ୟ। ଏହାକୁ ସାଧାରଣ ଲୋକଙ୍କ ଥାଳିରେ ସାମିଲ କରିବା ପାଇଁ ସରକାର ପ୍ରୟାସ କରୁଛନ୍ତି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଆଜି ଚନ୍ଦ୍ରଙ୍କ ଶୁଭତ୍ୱ କାରଣରୁ ପ୍ରତ୍ୟେକ କାର୍ଯ୍ୟ ସହଜ ଓ ସୁବିଧାରେ ସମ୍ପନ୍ନ ହେବ। ଅର୍ଥ ଓ ସମ୍ମାନ ପ୍ରାପ୍ତି ସହ ସଭାସମିତି, ଆନୁଷ୍ଠାନିକ ଓ ସାଙ୍ଗଠନିକ କାର୍ଯ୍ୟରେ ପ୍ରଶଂସିତ ହେବେ। ବ୍ୟବସାୟକୁ ଆଗକୁ ବଢ଼ାଇବା ପାଇଁ ନୂତନ ପଦକ୍ଷେପ ଗ୍ରହଣ କରିବେ। ତଥାପି ଘର କଥା କହି ବନ୍ଧୁଙ୍କ ମନରେ ବିଶ୍ୱାସ ହେଲା ଭଳି କାମ କରିପାରନ୍ତି।

**ବୃଷ** ସ୍ୱରାଶିରେ ଉଚ୍ଚସ୍ଥ ଚନ୍ଦ୍ର ଯୋଗୁ ମନ ପ୍ରଫୁଲ୍ଲ ରହିବ ଏବଂ ସମସ୍ତ ସମସ୍ୟାର ସମାଧାନ ହୋଇପାରିବ। ତଥାପି ସକାଳୁ ସକାଳୁ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବା ପୂର୍ବରୁ ପରିବାର ସହ ଆଲୋଚନା କରିବା ଭଲ ହେବ। ବନ୍ଧୁ ଗହଣରେ ଅପ୍ରିୟ ସତ୍ୟ ଭାଷଣରୁ ଦୂରେଇ ରହନ୍ତୁ। କଚେରି ମାମଲା କ୍ଷେତ୍ରରେ ଆଶାଜନକ ଫଳ ପାଇବେ।

**ମିଥୁନ** ମୁଖଭାବରେ ଶୁକ୍ର ପ୍ରଭାବରୁ ସାମାଜିକ ସ୍ତରରେ ପ୍ରଶଂସିତ ହେବେ। କୌଣସି ନୂତନ କାର୍ଯ୍ୟରେ ହାତ ଦେବାକୁ ସ୍ଥିର କରି କୃତକାର୍ଯ୍ୟ ହୋଇପାରନ୍ତି। ସ୍ୱାର୍ଥସାଧନ ମାନସରେ ମିତ୍ରମାନେ ପ୍ରଶଂସା ଗାଇ ବୁଲିବେ, ଏଣୁ ଏଥିପ୍ରତି ସତର୍କ ରହିବା ଭଲ। କଳା, ସାହିତ୍ୟ, ସାମ୍ବାଦିକତା ଓ ରଚନାତ୍ମକ କାର୍ଯ୍ୟରେ ଅଗ୍ରଗତି ଘଟିବ।

**କର୍କଟ** ଅଷ୍ଟମସ୍ଥ ସ୍ୱଗୃହୀ ଶନିଙ୍କ ପ୍ରଭାବରୁ କୌଣସି ଅଭାବ ନ ଥାଇ ଅତୀତ ଘଟଣାର ସମୀକ୍ଷାଜନିତ ମନ ବିଷାଦଗ୍ରସ୍ତ ହେବ। ମିଥ୍ୟା ଅଭିଯୋଗ ସକାଶେ ଅନ୍ୟ ଉପରେ ବିରକ୍ତି ପ୍ରକାଶ କରିପାରନ୍ତି। ଋଣ ସୂତ୍ରରେ ଅର୍ଥଲାଭ କରିବେ ଓ ଶିଳ୍ପ ବାଣିଜ୍ୟରେ ଉନ୍ନତି ଘଟିବ। ସାହିତ୍ୟ, କଳା, ବୈଷୟିକ କ୍ଷେତ୍ରରୁ ପ୍ରଶଂସିତ ହେବେ।

**ସିଂହ** ବୁଧାଦିତ୍ୟ ଯୋଗରୁ ସ୍ୱାସ୍ଥ୍ୟ ଭଲ ରହିବ ଏବଂ ବିଶିଷ୍ଟବ୍ୟକ୍ତିଙ୍କ ସାହାଯ୍ୟ ଲାଭ କରିପାରିବେ। କରଜଦାତାଙ୍କ ଚାପ ବୃଦ୍ଧି ପାଇବାରୁ ମାନସିକ ଭାରସାମ୍ୟ ହରାଇପାରନ୍ତି। ଘର କଥା ମନକୁ ଆନ୍ଦୋଳିତ କରିବା ସଙ୍ଗକୁ ନୂତନ ଦାୟିତ୍ୱ ନେଇ ବିବ୍ରତ ହେବାର ସୂଚନା ରହିଛି। ମିଥ୍ୟାଭାଷଣରୁ ସମାଲୋଚିତ ହୋଇପାରନ୍ତି।

**କନ୍ୟା** ତୃତୀୟଅଷ୍ଟମାଧିପ ମଙ୍ଗଳ ରାଶିରେ ରହିବା ଦ୍ୱାରା ବାରମ୍ବାର ଚେଷ୍ଟା କଲେ ମଧ୍ୟ କାର୍ଯ୍ୟହାନିରୁ କ୍ଷୋଭ ପ୍ରକାଶ କରିବେ। ପାରିବାରିକ ସଦ୍ଭାବ ଅକ୍ଷୁଣ୍ଣ ରହିବା ହେତୁ ମାନସିକ ଶାନ୍ତି ଲଭିବେ। ଶିଳ୍ପ, ବ୍ୟବସାୟ ତଥା ଏଜେନ୍ସିପରେ ପ୍ରତିଦ୍ୱନ୍ଦ୍ୱିତା ବଢ଼ିପାରେ। କର୍ମାରମ୍ଭରେ ସଂକଟରେ ସମ୍ମୁଖୀନ ହେଲେ ମଧ୍ୟ ପରକ୍ଷଣରେ ସବୁ ଠିକ୍ ହୋଇଯିବ।

**ତୁଳା** ରାଶିରେ କବନ୍ଧଗ୍ରହ କେତୁ ପ୍ରଭାବରୁ ମାନସିକ ଅସୁସ୍ଥତା ହିଁ ସ୍ୱାସ୍ଥ୍ୟ ସମସ୍ୟାକୁ ଆମନ୍ତ୍ରଣ କରିବ। ଗୃହ ସମସ୍ୟା, ଆନୁଷ୍ଠାନିକ କାମ, ଯାନ୍ତ୍ରିକ ଶିଳ୍ପ ଓ ପରିବହନ କ୍ଷେତ୍ରରେ ଆଶା ଅନୁରୂପ ଫଳ ପାଇବେ। ବନ୍ଧୁସମ୍ପର୍କକୁ କେନ୍ଦ୍ରକରି ପରିବାରରେ ଅଶାନ୍ତି ବୃଦ୍ଧି ପାଇପାରେ। ସରକାରୀ କାମ ଓ ପଦସ୍ଥ ବ୍ୟକ୍ତିବିଶେଷଙ୍କ କ୍ଷେତ୍ରରୁ ଉପକୃତ ହେବେ।

**ବିଛା** ଚତୁର୍ଥଶନିଙ୍କ କୁପ୍ରଭାବରୁ କାର୍ଯ୍ୟହାନି ଓ ବିଳମ୍ବଜନିତ ମନରେ ସରସତା ରହିବ ନାହିଁ। ଅନ୍ୟମାନଙ୍କ ଦ୍ୱାରା ପ୍ରତାରିତ ହୋଇ ମାନସିକ ସ୍ତରରେ କଷ୍ଟ ଅନୁଭବ କରିପାରନ୍ତି। ଆନୁଷ୍ଠାନିକ ଅଥବା ସାମାଜିକ କାର୍ଯ୍ୟରେ ଯୋଗଦେଇ ପ୍ରଶଂସିତ ହେବେ। କଳା, ସାହିତ୍ୟ, ସଙ୍ଗୀତ, ଚଳଚ୍ଚିତ୍ର, ରାଜନୀତି, ପ୍ରଶାସନ ପାଇଁ ଦିନଟି ବହୁତ ଭଲ।

**ଧନୁ** ପ୍ରତ୍ୟେକ ପରିସ୍ଥିତିରେ ମନୋବଳ ଟାଣ ରହିବ କିନ୍ତୁ ବିଳମ୍ବରେ କାର୍ଯ୍ୟସିଦ୍ଧି ଘଟିବ। ମନରେ ଉଙ୍କି ମାରୁଥିବା ଆଶା ପୂରଣ ହେବାରେ ବନ୍ଧୁ ସାହାଯ୍ୟ କରିପାରନ୍ତି। ପୂର୍ବାଷାଢ଼ାନକ୍ଷତ୍ର ସକାଶେ ପାରିବାରିକ ପ୍ରତିରୋଧ କାମକୁ ବିଶୃଙ୍ଖଳିତ କରିପାରେ। ସାହିତ୍ୟ, ସଂଗୀତ, ଚଳଚ୍ଚିତ୍ର ତଥା ମନୋରଞ୍ଜନରେ ନିଜକୁ ନିୟୋଜିତ କଲେ ପ୍ରଶଂସିତ ହେବେ।

**ମକର** କର୍ମଭାବକୁ ଗୁରୁଦୃଷ୍ଟି ଜନିତ ନୂତନ ଯୋଜନା ସକାଶେ ମନ ବଳାଇ ପାରନ୍ତି। କ୍ରୟ ବିକ୍ରୟ କ୍ଷେତ୍ରରେ ସତର୍କ ନ ହେଲେ ଠକାମିରେ ପଡିବାର ଆଶଙ୍କା ରହିଛି। ଆଜିର ଅପରାହ୍ନରେ ସତ୍‌ସଙ୍ଗ, ପୁରାଣ ପଠନ ସାଙ୍ଗକୁ ଧର୍ମକାର୍ଯ୍ୟ ପ୍ରତି ରୁଚି ବଳିବ। ବନ୍ଧୁଙ୍କ ମନରେ ବିଶ୍ୱାସ ହେଲା ଭଳି କଥା କହି କାମ ହାସଲରେ ସମର୍ଥ ହେବେ।

**କୁମ୍ଭ** ତୃତୀୟଭାବ ପାପପ୍ରଭାବରୁ ବିରକ୍ତିକର କଥା କିମ୍ବା ବିବାଦୀୟ ମନ୍ତବ୍ୟ ଦେଇ ଶତ୍ରୁତା ଅର୍ଜନ କରିପାରନ୍ତି। ପାରିବାରିକ କ୍ଷେତ୍ରରେ ଭାବପ୍ରବଣତା ଯୋଗୁ ମନୋବଳ ହ୍ରାସ ପାଇବ। ଶିଳ୍ପ, ବାଣିଜ୍ୟ, ପରିବହନ ଓ ବ୍ୟବସାୟରେ ସଫଳତା ହାସଲ କରିବେ। ତଥାପି ସମସ୍ୟାର ସରଳ ସମାଧାନ କ୍ଷେତ୍ରରେ ବନ୍ଧୁ ସାହାଯ୍ୟ କରିବେ।

**ମୀନ** ଆଜି ଭାଗ୍ୟସ୍ଥାନକୁ ଚନ୍ଦ୍ରଙ୍କ ଦୃଷ୍ଟିଜନିତ ଆପଣ ନିଜକାମ ପଛକୁ ପକାଇ ଅନ୍ୟମାନଙ୍କ ନିର୍ଦ୍ଦେଶରେ କାମ କରିପାରନ୍ତି। ଫଳତଃ ପରିବାର ସକାଶେ ଗୁରୁତ୍ୱପୂର୍ଣ୍ଣ କାମଟି ହାସଲ କରିବା କଷ୍ଟକର ହୋଇପଡ଼ିବ। ତଥାପି ସହକର୍ମୀ କିମ୍ବା ବନ୍ଧୁଙ୍କ ସହାୟତାରୁ ମୂଲ୍ୟବାନ ଦ୍ରବ୍ୟ ଲାଭ ହୋଇପାରେ। କର୍ମକ୍ଷେତ୍ରରେ ତରବରିଆ ପଦକ୍ଷେପ ନେବା ଠିକ୍ ହେବ ନାହିଁ।

ଆଜି ଶ୍ରୀକୃଷ୍ଣ ଜନ୍ମାଷ୍ଟମୀ (ସ୍ମାର୍ତ୍ତ), ଭାଦ୍ରବ କୃଷ୍ଣ ଅଷ୍ଟମୀ ବୁଧବାର, ସେପ୍ଟେମ୍ବର ୬ ତାରିଖ, ବୁଧେଇ ଓଷାର ପ୍ରଥମ ପାଳି, ରାଶିନକ୍ଷତ୍ର- ଦିବା ଘ.୦୯.୨୦ମି. ଗତେ, ରୋହିଣୀ ବୃଷ, ସପ୍ତମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। ସକାଳ ଘ.୦୫.୧୪ମି. ଗତେ ଘ.୦୭.୧୪ମି. ମଧ୍ୟେ, ଘ.୧୦.୧୨ମି. ଗତେ ଘ.୧୧.୨୦ମି. ମଧ୍ୟେ ଶୁଦ୍ଧ ଶୁଭବେଳା। ଦିବା ଘ.୧୧.୪୫ମି. ଗତେ ଘ.୦୧.୧୭ମି. ମଧ୍ୟେ ରାହୁକାଳ।




# ବିଭିନ୍ନ ଆର୍‌ଟିଓ ଅଧୀନରେ ଖୋଲିବ ୫୪ କ୍ୟାମ୍ପ ଅଫିସ୍

**ଭୁବନେଶ୍ୱର, ୫।୯ (ସୁଜିତ୍ ମିଶ୍ର)**

ରାଜ୍ୟର ବିଭିନ୍ନ ଜିଲା ମୁଖ୍ୟାଳୟରେ ଆର୍‌ଟିଓ(ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ) ଥିଲେ ମଧ୍ୟ ଲୋକଙ୍କ ସୁବିଧା ଦୃଷ୍ଟିରୁ ରାଜ୍ୟ ସରକାର ଆଉ ୫୪ ସ୍ଥାନରେ କ୍ୟାମ୍ପ ଅଫିସ(ଆର୍‌ଟିଓ) ଖୋଲିବାକୁ ଅନୁମତି ଦେଇଛନ୍ତି। ଏହି କ୍ୟାମ୍ପ ଅଫିସ୍‌ଗୁଡ଼ିକ ସମ୍ପୃକ୍ତ ଜିଲାଗୁଡିକରେ ଥିବା ଆର୍‌ଟିଓ କାର୍ଯ୍ୟାଳୟ ଅଧୀନରେ କାର୍ଯ୍ୟ କରିବ। ଆର୍‌ଟିଓମାନେ ନିଜ ଅଞ୍ଚଳରେ ପ୍ରସ୍ତାବିତ କ୍ୟାମ୍ପ ଅଫିସରେ ବିଭିନ୍ନ ପରିବହନ ସେବା ଯୋଗାଇଦେବାକୁ ଉପସ୍ଥିତ ରହିବେ। ରାଜ୍ୟ ସଡ଼କ ଓ ପରିବହନ ବିଭାଗ ପକ୍ଷରୁ ରାଜ୍ୟ ପରିବହନ କମିଶନରଙ୍କୁ ଏହି ନୂଆ ୫୪ କ୍ୟାମ୍ପ ଅଫିସ ଖୋଲିବାକୁ ସରକାର ଅନୁମତି ଦେଇଥିବା ନେଇ ଜଣାପଡିଛି। ରାଜ୍ୟ ପରିବହନ କମିଶନର ଗତ ୨୩ ତାରିଖରେ ଏନେଇ ରାଜ୍ୟ ସରକାରଙ୍କୁ ପ୍ରସ୍ତାବ ଦେଇଥିଲେ। ଏହି ପ୍ରସ୍ତାବକୁ ଆଧାରକରି ରାଜ୍ୟ ସରକାର ଅନୁମତି ଦେଇଥିବା ଜଣାପଡ଼ିଛି। ଏ ସବୁ କ୍ୟାମ୍ପ ଅଫିସ୍ ସେହି ଜିଲାରେ ଥିବା ଆର୍‌ଟିଓ କାର୍ଯ୍ୟାଳୟ ଅଧୀନରେ କାର୍ଯ୍ୟ କରିବ। ମିଳିଥିବା ସୂଚନା ମୁତାବକ, ଗଞ୍ଜାମ ଜିଲାରେ ୨ଟି ଆର୍‌ଟିଓ ଛତ୍ରପୁର ଓ ଭଞ୍ଜନଗରରେ ଥିବାବେଳେ କ୍ୟାମ୍ପ ଅଫିସ ଯଥାକ୍ରମେ ବ୍ରହ୍ମପୁର ଓ ଆସିକାରେ ଖୋଲିବ। ସେହିପରି କଳାହାଣ୍ଡିରେ ଆର୍‌ଟିଓ ଅଫିସ୍ ଥିବାବେଳେ ଧର୍ମଗଡ଼ କ୍ୟାମ୍ପ ଅଫିସ ଖୋଲିବ। ସେହିପରି ମୟୂରଭଞ୍ଜର ରାଇରଙ୍ଗପୁର ଆର୍‌ଟିଓ ଅଫିସ ଅଧୀନରେ କରଞ୍ଜିଆରେ କ୍ୟାମ୍ପ ଅଫିସ୍ ସ୍ଥାପନ ହେବ। ଏହିଭଳି ଆଉ କେତେକ ସ୍ଥାନରେ ମଧ୍ୟ କ୍ୟାମ୍ପ ଅଫିସ୍ ଖୋଲିବାକୁ ଥିବା ଜଣାପଡିଛି। କେବଳ ନୂଆପଡ଼ା ଜିଲା(ଆର୍‌ଟିଓ)କୁ ବାଦ୍ ଦେଲେ ଅନ୍ୟ ସବୁ ଜିଲାରେ ଏହି ନୂଆ କ୍ୟାମ୍ପ ଅଫିସ୍ ଖୋଲିବ ବୋଲି ଜଣାପଡ଼ିଛି।

# ଅବସର ନେଲେ ବିଚାରପତି ବିଶ୍ୱନାଥ ରଥ

**କଟକ,୫।୯ (କାର୍ତ୍ତିକ ସାହୁ)**

ମଙ୍ଗଳବାର ପୂର୍ବାହ୍ନରେ ହାଇକୋର୍ଟର ୨ ବିଚାରପତି ଶପଥ ଗ୍ରହଣ କରିଥିବାବେଳେ ଅପରାହ୍ନରେ ବିଚାରପତି ବିଶ୍ୱନାଥ ରଥ ଅବସର ଗ୍ରହଣ କରିଥିଲେ। ମୁଖ୍ୟ ବିଚାରପତି ଶୁଭାଶିଷ ତାଳପତ୍ରଙ୍କ କୋର୍ଟ ପରିସରରେ ଆୟୋଜିତ କାର୍ଯ୍ୟକ୍ରମରେ ବିଚାରପତି ରଥଙ୍କୁ ବିଦାୟ ସମ୍ବର୍ଦ୍ଧନା ଦିଆଯାଇଥିଲା। ଏଥିରେ ହାଇକୋର୍ଟ ବିଚାରପତି, ବିଚାର ବିଭାଗୀୟ ଅଧିକାରୀ, ହାଇକୋର୍ଟ ବାର୍ ଆସୋସିଏଶନ୍‌ର କର୍ମକର୍ତ୍ତା ଓ ଆଇନଜୀବୀମାନେ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ, ହାଇକୋର୍ଟର ବରିଷ୍ଠ ଆଇନଜୀବୀ ବିପିନ୍ ବିହାରୀ ରଥ ଓ ହେମାବତୀ ରଥଙ୍କ ପୁତ୍ର ବିଶ୍ୱନାଥ ୧୯୬୧ ସେପ୍ଟେମ୍ବର ୭ରେ ଜନ୍ମଗ୍ରହଣ କରିଥିଲେ। ପରେ ସେ ମଧୁସୂଦନ ଆଇନ ମହାବିଦ୍ୟାଳୟରୁ ଆଇନରେ ଡିଗ୍ରୀ ହାସଲ କରିଥିଲେ। ସେ ୧୯୮୫ରେ ନିଜ ପିତାଙ୍କ ଅଧୀନରେ ଆଇନ ଅଭ୍ୟାସ ଆରମ୍ଭ କରିଥିଲେ। ପରବର୍ତ୍ତୀ ସମୟରେ ଅର୍ଥାତ୍ ୨୦୧୪ ଜୁଲାଇ ୨ରେ ସେ ଓଡ଼ିଶା ହାଇକୋର୍ଟର ବିଚାରପତି ଭାବେ ଯୋଗଦେଇଥିଲେ। ସେ ଓକିଲାତି ସମୟରେ ବହୁ ଗୁରୁତ୍ୱପୂର୍ଣ୍ଣ ମାମଲା ପରିଚାଳନା କରିବା ସହ ବିଚାରପତି ଭାବେ ଅନେକ ଗୁରୁତ୍ୱପୂର୍ଣ୍ଣ ମାମଲାର ରାୟ ପ୍ରଦାନ କରିଛନ୍ତି।

# ବିଦ୍ୟୁତ୍ ଫାଶରେ ପଡ଼ି ୨ ହାତୀ ମୃତ



ଘଟଣାସ୍ଥଳରେ ମରି ପଡ଼ିଥିବା ଗୋଟିଏ ଦନ୍ତା ଓ ଗୋଟିଏ ମାଈ ହାତୀ।

- ୪ ଦିନ ତଳୁ ମୃତ୍ୟୁ ହୋଇଥିବା ସନ୍ଦେହ
- ସାତକୋଶିଆରେ ପାଟ୍ରୋଲିଂକୁ ନେଇ ପ୍ରଶ୍ନବାଚୀ

**ଅନୁଗୋଳ,୫।୯ (ଅମିତ କୁମାର ସାମଲ)**

ଅନୁଗୋଳ ଜିଲା ସାତକୋଶିଆ ଅଭୟାରଣ୍ୟର ଟାଇଁସି ସଂରକ୍ଷିତ ଜଙ୍ଗଲରେ ଶିକାରୀଙ୍କ ବିଦ୍ୟୁତ୍ ଫାଶରେ ଲାଗି ୨ ହାତୀଙ୍କ ମୃତ୍ୟୁ ହୋଇଛି। ତେବେ ଏହି ଘଟଣା ୪ ଦିନ ତଳେ ଘଟିଥିବା ସନ୍ଦେହ କରାଯାଉଥିବା ବେଳେ ଏତେ ବିଳମ୍ବରେ ବନ ବିଭାଗ ଖବରପାଇବା ଅଭୟାରଣ୍ୟରେ ପାଟ୍ରୋଲିଂ ବ୍ୟବସ୍ଥା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଘଟଣାସ୍ଥଳରେ ବନ ବିଭାଗ ଅଧିକାରୀ ଓ ଭୁବନେଶ୍ୱରରୁ ଯାଇଥିବା ଜଏଣ୍ଟ ଟାସ୍କ ଫୋର୍ସ ଟିମ୍ ପହଞ୍ଚି ତଦନ୍ତ କରୁଥିବା ସୂଚନା ମିଳିଛି।

ପ୍ରକାଶ ଯେ, ଟାଇଁସି ସଂରକ୍ଷିତ ଜଙ୍ଗଲ ମଧ୍ୟକୁ କେତେଜଣ ଗାଈଚରାଳି ମଙ୍ଗଳବାର ଯାଇଥିବା ବେଳେ ସେଠାରେ ୨ଟି ହାତୀର ମୃତଦେହ ଦେଖି ବନ ବିଭାଗକୁ ଖବର ଦେଇଥିଲେ। ତୁରନ୍ତ ବନ ବିଭାଗ ଟିମ୍ ସେଠାରେ ପହଞ୍ଚି ପ୍ରାଥମିକ ତଦନ୍ତ ଆରମ୍ଭ କରିଥିଲା। ଘଟଣାସ୍ଥଳରୁ କିଛି ବିଦ୍ୟୁତ୍ ତାର ମିଳିଥିବାରୁ ଜନ୍ତୁ ଶିକାର ପାଇଁ ଶିକାରୀମାନେ ବିଛାଇଥିବା ବିଦ୍ୟୁତ୍ ତାରରେ ଲାଗି ଗୋଟିଏ ୧୫ ବର୍ଷୀୟ ଦନ୍ତା ହାତୀ ଓ ଆଉ ଏକ ୫ ବର୍ଷର ମାଈ ହାତୀର ମୃତ୍ୟୁ ହୋଇଥିବା ଅନୁମାନ କରାଯାଉଛି। ହାତୀ ୨ଟିର ମୃତଦେହ ଗଳିତ ଅବସ୍ଥାକୁ ଆସିଯାଇଥିବାରୁ ୪ ଦିନ ପୂର୍ବରୁ ଏହି ଘଟଣା ଘଟିଥିବା କୁହାଯାଉଛି। ଜଙ୍ଗଲ ଉପରେ ଦେଇ କେବୁଲ ମାଧ୍ୟମରେ ବିଦ୍ୟୁତ୍ ତାର ଯାଇଥିବା ବେଳେ ଶିକାରୀମାନେ କିପରି ସେଥିରେ ହୁକ ପକାଇ ତାର ବିଛାଇଲେ ତାହା ଚର୍ଚ୍ଚାର ବିଷୟ ହୋଇଛି। ଏ ନେଇ ବିଦ୍ୟୁତ ବିଭାଗ, ଭୁବନେଶ୍ୱରର ଯାଇଥିବା ଜଏଣ୍ଟ ଟାସ୍କଫୋର୍ସ ଟିମ୍ ମଧ୍ୟ ଟିକିନିଖି ଯାଞ୍ଚ କରୁଛି। ସାତକୋଶିଆ ଡିଏଫଓ ସରୋଜ କୁମାର ପଣ୍ଡା କହିଛନ୍ତି, ସାତକୋଶିଆ ଘଞ୍ଚ ଜଙ୍ଗଲରେ ପରିପୂର୍ଣ୍ଣ ହୋଇଥିବାରୁ ସବୁ ଅଞ୍ଚଳରେ ପାଟ୍ରୋଲିଂ ହୋଇପାରୁ ନାହିଁ। ତଥାପି କୌଣସି କର୍ମଚାରୀଙ୍କ ଅବହେଳା ଥିଲେ ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

# ୭୫ଜଣଙ୍କୁ 'ଜାତୀୟ ଶିକ୍ଷକ ପୁରସ୍କାର' ପ୍ରଦାନ




ମଙ୍ଗଳବାର ଗୁରୁ ଦିବସ ଅବସରରେ ନୂଆଦିଲ୍ଲୀ ବିଜ୍ଞାନ ଭବନରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କଠାରୁ ଜାତୀୟ ଶିକ୍ଷକ ପୁରସ୍କାର ଗ୍ରହଣ କରୁଛନ୍ତି ଓଡ଼ିଶାର ଶଶିଶେଖର କରଶର୍ମା, ସୁବାସ ଚନ୍ଦ୍ର ରାଉତ, ସୁନିତା ସିଂ, ରବିନାରାୟଣ ସାହୁ। ନିକଟରେ ଅଛନ୍ତି କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ।

**ଭୁବନେଶ୍ୱର, ୫।୯ (ଅସମାପିକା ସାହୁ)**

ଶିକ୍ଷାଦାନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ଦେଶର ୭୫ଜଣ ଶିକ୍ଷକଙ୍କୁ 'ଜାତୀୟ ଶିକ୍ଷକ ପୁରସ୍କାର ୨୦୨୩' ମିଳିଛି। ଗୁରୁଦିବସ ଅବସରରେ ମଙ୍ଗଳବାର ନୂଆଦିଲ୍ଲୀସ୍ଥିତ ବିଜ୍ଞାନ ଭବନଠାରେ ଆୟୋଜିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଶିକ୍ଷକମାନଙ୍କୁ ଏହି ପୁରସ୍କାର ପ୍ରଦାନ କରିଛନ୍ତି। ଏମାନଙ୍କ ମଧ୍ୟରେ ୫୦ଜଣ ସ୍କୁଲ ଶିକ୍ଷକ,

## ଓଡ଼ିଶାରୁ ୪

ଉଚ୍ଚଶିକ୍ଷା ବିଭାଗର ୧୩ଜଣ ଶିକ୍ଷକ ଏବଂ ଦକ୍ଷତା ବିକାଶ ଓ ଉଦ୍ୟମିତା ମନ୍ତ୍ରଣାଳୟର ୧୨ଜଣ ଶିକ୍ଷକ ରହିଛନ୍ତି। ଓଡ଼ିଶାର ୪ଜଣ ଶିକ୍ଷକ ଏହି ଜାତୀୟ ଶିକ୍ଷକ ପୁରସ୍କାର ପାଇଥିବାବେଳେ ଦୁଇଜଣ ଶିକ୍ଷକ ଓ ଅନ୍ୟ ଦୁଇଜଣ ହେଉଛନ୍ତି ପ୍ରଶିକ୍ଷଣ ଅଧିକାରୀ। ଦୁଇ ଶିକ୍ଷକ ହେଲେ ଭଦ୍ରକ ଜିଲାର କେନ୍ଦୁଆପଡ଼ା ନୋଡାଲ ହାଇସ୍କୁଲର ଶିକ୍ଷକ ଶଶି ଶେଖର କର ଶର୍ମା ଓ ଜଗତ୍‌ସିଂହପୁର ଜିଲାର ବୃନ୍ଦାବନ ସରକାରୀ ଉଚ୍ଚ ବିଦ୍ୟାଳୟର ଶିକ୍ଷକ ସୁଭାଷ ଚନ୍ଦ୍ର ରାଉତ ଏବଂ ଦୁଇ ପ୍ରଶିକ୍ଷକ ହେଲେ ଖୋର୍ଦ୍ଧା ଜିଲା ଜଟଣୀ ନିକଟସ୍ଥ ଖୁଦପୁରସ୍ଥିତ ଦିବ୍ୟାଙ୍ଗଙ୍କ ପାଇଁ ରହିଥିବା ସ୍ୱତନ୍ତ୍ର ଆଇଟିଆଇ ଅନୁଷ୍ଠାନର ପ୍ରଶିକ୍ଷଣ ଅଧିକାରୀ ରବିନାରାୟଣ ସାହୁ ଓ ଭୁବନେଶ୍ୱରର ରାଜଭବନ ନିକଟ ସରକାରୀ ଶିଳ୍ପ ତାଲିମ ପ୍ରତିଷ୍ଠାନର ସହକାରୀ ପ୍ରଶିକ୍ଷଣ ଅଧିକାରୀ(ଏଟିଓ) ସୁନୀତା ସିଂହ।

ସୂଚନାଯୋଗ୍ୟ, ଶିକ୍ଷା ମନ୍ତ୍ରଣାଳୟର ବିଦ୍ୟାଳୟ ଶିକ୍ଷା ଓ ସାକ୍ଷରତା ବିଭାଗ ପକ୍ଷରୁ ପ୍ରତିବର୍ଷ ଗୁରୁ ଦିବସରେ ଏଭଳି ଏକ ଜାତୀୟସ୍ତରୀୟ କାର୍ଯ୍ୟକ୍ରମ ଆୟୋଜନ କରାଯାଇ ଦେଶର ଶ୍ରେଷ୍ଠ ଶିକ୍ଷକଙ୍କୁ ଜାତୀୟ ପୁରସ୍କାର ପ୍ରଦାନ କରାଯାଇଥାଏ। ଚଳିତବର୍ଷରୁ ଜାତୀୟ ଶିକ୍ଷକ ପୁରସ୍କାର ପରିସରକୁ ବ୍ୟାପକ କରାଯାଇ ଉଚ୍ଚଶିକ୍ଷା ବିଭାଗ ଏବଂ ଦକ୍ଷତା ବିକାଶ ଓ ଉଦ୍ୟମିତା ମନ୍ତ୍ରଣାଳୟର ଶିକ୍ଷକମାନଙ୍କୁ ଏଥିରେ ଅନ୍ତର୍ଭୁକ୍ତ କରାଯାଇଛି।

# ଶପଥ ନେଲେ ୨ ହାଇକୋର୍ଟ ବିଚାରପତି

**କଟକ,୫।୯ (କାର୍ତ୍ତିକ ସାହୁ)**

ଓଡ଼ିଶା ହାଇକୋର୍ଟର ବିଚାରପତି ଭାବେ ଶିବଶଙ୍କର ମିଶ୍ର ଓ ଆନନ୍ଦ ଚନ୍ଦ୍ର ବେହେରା ମଙ୍ଗଳବାର ପୂର୍ବାହ୍ନରେ ଶପଥ ଗ୍ରହଣ କରିଛନ୍ତି। ହାଇକୋର୍ଟର ପୁରୁଣା ବିଲ୍ଡିଂସ୍ଥିତ ନୂତନ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟ ବିଚାରପତି ଶୁଭାଶିଷ ତାଳପତ୍ର ଉଭୟଙ୍କୁ ପଦ ଓ ଗୋପନୀୟତାର ଶପଥ ପାଠ କରାଇଥିଲେ। ଏହି ଶପଥପାଠ ଉତ୍ସବରେ ଆଇନମନ୍ତ୍ରୀ ଜଗନ୍ନାଥ ସାରକା, ଭିଜିଲାନ୍ସ ଡିଜି ଯଶୱନ୍ତ କୁମାର ଜେଠୱା, ପୋଲିସ କମିଶନର ସୌମେନ୍ଦ୍ର ପ୍ରିୟଦର୍ଶୀ, ଆଡ୍‌ଭୋକେଟ୍ ଜେନେରାଲ ଅଶୋକ କୁମାର ପରିଜାଙ୍କ ସମେତ ହାଇକୋର୍ଟ ବିଚାରପତି, ବିଚାର ବିଭାଗୀୟ ଅଧିକାରୀ, ହାଇକୋର୍ଟ ବାର୍ ଆସୋସିଏଶନ୍‌ର କର୍ମକର୍ତ୍ତା ଓ ଆଇନଜୀବୀମାନେ ଉପସ୍ଥିତ ଥିଲେ।




ବିଚାରପତି ଶିବଶଙ୍କର ମିଶ୍ର ଓ ଆନନ୍ଦ ଚନ୍ଦ୍ର ବେହେରାଙ୍କୁ ମୁଖ୍ୟ ବିଚାରପତି ଶୁଭାଶିଷ ତାଳପତ୍ର ଶପଥ ପାଠ କରାଉଛନ୍ତି।

୧୯୬୮ ମେ' ୩ ତାରିଖରେ ବିଚାରପତି ଶିବଶଙ୍କର ଜୟପୁରଠାରେ ଜନ୍ମଗ୍ରହଣ କରିଥିଲେ। ସ୍ୱର୍ଗତ ଅନଙ୍ଗଭୀମ ମିଶ୍ର ଓ ସ୍ୱର୍ଗତ ଶଶିରେଖା ମିଶ୍ରଙ୍କ ପୁଅ ଶିବଶଙ୍କର କୋରାପୁଟର ଜୟପୁର ଆଇନ ମହାବିଦ୍ୟାଳୟରୁ ଏଲ୍‌ଏଲ୍‌ବି ଡିଗ୍ରୀ ହାସଲ କରିଥିଲେ। ଶିବଶଙ୍କର ୧୯୯୧ ଡିସେମ୍ବର ୭ରେ ଓକିଲାତି ନିମନ୍ତେ ନାମ ପଞ୍ଜୀକରଣ କରିଥିଲେ। ତାଙ୍କର ୩୦ ବର୍ଷର ଓକିଲାତି ଅଭିଜ୍ଞତା ରହିଛି। ଦେୱାନୀ, ଫୌଜଦାରି ମାମଲା ପରିଚାଳନାରେ ସେ ସିଦ୍ଧହସ୍ତ। ସେହିପରି ଅନ୍ୟତମ ନୂତନ ବିଚାରପତି ଆନନ୍ଦଚନ୍ଦ୍ର ବେହେରା ୧୯୬୪ ମେ' ୨୩ରେ ଜନ୍ମଗ୍ରହଣ କରିଥିଲେ। ରାଜ୍ୟର ବିଭିନ୍ନ ସ୍ଥାନରେ ସେ ବରିଷ୍ଠ ବିଚାର ବିଭାଗୀୟ ଅଧିକାରୀ ଭାବେ କାର୍ଯ୍ୟ କରିଛନ୍ତି। ଏଥିସହ ସେ ରାଜ୍ୟ ଭିଜିଲାନ୍ସରେ ଲିଗାଲ ଆଡଭାଇଜର ଭାବେ କାର୍ଯ୍ୟରତ ଥିଲେ। ହାଇକୋର୍ଟର ମଞ୍ଜୁରୀପ୍ରାପ୍ତ ବିଚାରପତି ପଦବୀ ୩୩ ହୋଇଥିବାବେଳେ ମୁଖ୍ୟ ବିଚାରପତିଙ୍କୁ ମିଶାଇ ବିଚାରପତି ସଂଖ୍ୟା ୨୦ ଥିଲା। ଏବେ ଏହି ଦୁଇ ବିଚାରପତିଙ୍କ ଶପଥଗ୍ରହଣ ଓ ବିଚାରପତି ବିଶ୍ୱନାଥ ରଥଙ୍କ ଅବସର ପରେ ଏହି ସଂଖ୍ୟା ୨୧ରେ ପହଞ୍ଚିଛି।




# ଏ ବର୍ଷ ୭ ସ୍ଥାନରେ ଇକୋ ରିଟ୍ରିଟ୍

**ଭୁବନେଶ୍ୱର,୫।୯ (ଶର୍ମିଷ୍ଠା ପାଣିଗ୍ରାହୀ)**

ଚଳିତ ବର୍ଷ ରାଜ୍ୟର ୫ ସ୍ଥାନରେ ଇକୋ ରିଟ୍ରିଟ୍ ହେବ। ଏଥିପାଇଁ ଓଡ଼ିଶା ପର୍ଯ୍ୟଟନ ବିଭାଗ ଇକୋ ରିଟ୍ରିଟ୍‌ର ପଞ୍ଚମ ସଂସ୍କରଣ ପାଇଁ ବାର୍ଷିକ କ୍ୟାମ୍ପେନ୍ ଖୁବ୍‌ଶୀଘ୍ର ଆରମ୍ଭ କରିବାକୁ ଯାଉଛି। କୋଣାର୍କ, ସାତକୋଶିଆ, ଭିତରକନିକା, ଦାରିଙ୍ଗବାଡ଼ି, ହୀରାକୁଦ, ସୋନାପୁର ଓ ପୁଟସିଲ୍‌ଠାରେ ଇକୋ ରିଟ୍ରିଟ୍ ହେବା ନେଇ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ତେବେ ବର୍ତ୍ତମାନ ପର୍ଯ୍ୟନ୍ତ ନିର୍ଦ୍ଦିଷ୍ଟ ତାରିଖ ଘୋଷଣା ହୋଇ ନ ଥିଲେ ମଧ୍ୟ ଡିସେମ୍ବର୧ରୁ ଏହା ଆରମ୍ଭ ହୋଇପାରେ। ତେଣୁ ପର୍ଯ୍ୟଟକମାନେ ସେପ୍ଟେମ୍ବର ୧୫ରୁ ବୁକିଂ ଆରମ୍ଭ କରିପାରିବେ। ବିଳାସପୂର୍ଣ୍ଣ ଟେଣ୍ଟ ହାଉସ୍ ସହିତ ଦୁଃସାହସିକ କ୍ରୀଡ଼ା, ବିଚ୍, ମନ୍ଦିର, ଜଙ୍ଗଲ ଆଉ ଅନେକ ସ୍ଥାନ ଏକ୍ସପ୍ଲୋର କରିବେ ପର୍ଯ୍ୟଟକ। ତେବେ ଏ ସଂକ୍ରାନ୍ତ ସମସ୍ତ ସୂଚନା ଆସନ୍ତା ସପ୍ତାହରେ ପର୍ଯ୍ୟଟକମାନେ ପାଇପାରିବେ ବୋଲି ବିଭାଗ ପକ୍ଷରୁ କୁହାଯାଇଛି। ଉଲ୍ଲେଖଯୋଗ୍ୟ, ୨୦୧୯ରେ କୋଣାର୍କ ଚନ୍ଦ୍ରଭାଗାଠାରୁ ଆରମ୍ଭ ହୋଇଥିବା ଏହି ଇକୋ ରିଟ୍ରିଟ୍ ପରବର୍ତ୍ତୀ ସମୟରେ ୫ଟି ସ୍ଥାନରେ ହେଉଥିବାବେଳେ ଏବେ ଏହି ସଂଖ୍ୟା ୭ରେ ପହଞ୍ଚିଛି। ଗତବର୍ଷ କୋଣାର୍କ ରାମଚଣ୍ଡୀ ବେଳାଭୂମିର ସୁନ୍ଦର ପରିବେଶ ଉପଭୋଗ କରିବା ପାଇଁ ୨୦ରୁ ଅଧିକ

## ୫ମ ସଂସ୍କରଣର ବାର୍ଷିକ କ୍ୟାମ୍ପେନ୍ ଖୁବ୍‌ଶୀଘ୍ର

କାର୍ଯ୍ୟକ୍ରମ ସହ ୭୦ରୁ ଅଧିକ ଟେଣ୍ଟ ବ୍ୟବସ୍ଥା କରାଯାଇଥିଲା। ସାତକୋଶିଆଠାରେ ୨୫ ଟେଣ୍ଟ ଓ ୧୨ରୁ ଅଧିକ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ସେଠାରେ ବ୍ୟାଘ୍ର ସଂରକ୍ଷଣ, ରତ୍ନଗିରି ଜଳପ୍ରପାତ, ସାତକୋଶିଆ ଗଣ୍ଡ ପ୍ରମୁଖ ସ୍ଥାନ ପର୍ଯ୍ୟଟକଙ୍କ ପାଇଁ ମୁଖ୍ୟ ଆକର୍ଷଣ ରହିଛି। ସେହିପରି ଭିତକନିକାଠାରେ ୨୫ ବିଳାସପୂର୍ଣ୍ଣ ଟେଣ୍ଟ ଓ ୧୨ରୁ ଅଧିକ କାର୍ଯ୍ୟକ୍ରମ ହୋଇଥିଲା। ପର୍ଯ୍ୟଟକମାନେ ଭିତରକନିକା ନ୍ୟାଶନାଲ୍ ପାର୍କ, କ୍ରିକ୍‌ରେ ବୋଟିଂ, ନେଚର୍ ୱାକ୍ ଆଦିର ମଜା ନେବାର ସୁଯୋଗ ରହିଛି। ଦାରିଙ୍ଗବାଡ଼ିଠାରେ କଫି ଗାର୍ଡେନ୍, ମିଦୁବନ୍ଦା ୱାଟର୍‌ଫଲ୍, ସୂର୍ଯ୍ୟାସ୍ତ ପଏଣ୍ଟ , ହୀରାକୁଦ୍‌ଠାରେ ମା ସାଲେଶ୍ୱରୀ ମନ୍ଦିର, ଦେବୀଗଡ଼ ବନ୍ୟାପ୍ରାଣୀ ଅଭୟାରଣ୍ୟ, ହୀରାକୁଦ୍ ଡ୍ୟାମ୍, ସୋନାପୁରଠାରେ ସୁବର୍ଣ୍ଣମେରୁ ଶିବମନ୍ଦିର, ଲଙ୍କେଶ୍ୱରୀ ମନ୍ଦିର, ସୁରେଶ୍ୱରୀ ମନ୍ଦିର ଏବଂ ପୁଟସିଲ୍‌ଠାରେ ଶାବର ଶ୍ରୀକ୍ଷେତ୍ର, ଟ୍ରାଇବାଲ୍ ମ୍ୟୁଜିୟମ୍, ଡୁମ୍‌ଡୁମା ଜଳପ୍ରପାତ ଭଳି ପ୍ରମୁଖ ସ୍ଥାନଗୁଡ଼ିକ ପର୍ଯ୍ୟଟକଙ୍କ ପାଇଁ ଆକର୍ଷଣୀୟ ସାଜିଛି। ସନ୍ଧ୍ୟା ମନୋରଞ୍ଜନ, କ୍ୟୁଲିନାରି ଏକ୍ସପେରିଏନ୍ସ, ରାଇଫଲ୍ ଶୁଟିଂ, ଆର୍ଚେରି, ସାଇକେଲିଂ ଭଳି କାର୍ଯ୍ୟକ୍ରମ କରାଯାଉଛି।



କେବଳ ନିଜର ବିଶ୍ୱାସକୁ ଜ୍ଞାନ ଏବଂ ଅନ୍ୟମାନଙ୍କ ବିଶ୍ୱାସକୁ ପ୍ରମାଦ ଅଜ୍ଞାନ ଆଉ ଭାଣ୍ଡାମି ବୋଲି ନିନ୍ଦା କରନା ଏବଂ କୌଣସି ସଂପ୍ରଦାୟର ବିଭିନ୍ନ ମତବାଦକୁ ଏବଂ ସେମାନଙ୍କ ଅସହିଷ୍ଣୁତାକୁ ମଧ୍ୟ ବିଦ୍ରୂପ କରନାହିଁ। **-ଶ୍ରୀଅରବିନ୍ଦ**



# ଆଫ୍ରିକାରୁ ପରିବର୍ତ୍ତନ

ବିଶ୍ୱ ସମ୍ମୁଖୀନ ହେଉଥିବା ସମସ୍ୟା ମଧ୍ୟରୁ ବିଶ୍ୱତାପନ ଓ ଜଳବାୟୁ ପରିବର୍ତ୍ତନ ବଡ଼ ଆହ୍ୱାନ ସୃଷ୍ଟି କରିଛି। ଏହାର ପ୍ରଭାବ ଉଦ୍ଭିଦ ଓ ପ୍ରାଣିଜଗତ ଉପରେ ପ୍ରତ୍ୟକ୍ଷ ପଡ଼ିଚାଲିଛି। ବର୍ଷରେ ଅନୁଭୂତ ହୋଇଆସୁଥିବା ୬ ଋତୁ ମଧ୍ୟରୁ କେବଳ ଗ୍ରୀଷ୍ମ, ବର୍ଷା ଓ ଶୀତକୁ ମଣିଷ ଅନୁଭବ କରିପାରୁଛି। ବିଡ଼ମ୍ବନାର ବିଷୟ ଯେ, ଆଫ୍ରିକା ମହାଦେଶରେ ଥିବା ସାହାରା ମରୁଭୂମିରେ ଅତ୍ୟଧିକ ବର୍ଷା ଯୋଗୁ ବନ୍ୟା ସ୍ଥିତି ଉପୁଜିବା ଜଳବାୟୁ ପରିବର୍ତ୍ତନର ଗମ୍ଭୀରତାକୁ ସୂଚାଇଦେଇଛି। ଅନ୍ୟପକ୍ଷରେ ସେହି ମହାଦେଶର ବ୍ୟାପକ ଚାଷୋପଯୋଗୀ ଜମି ମରୁଭୂମି ପାଲଟିବାରେ ଲାଗିଛି। ପ୍ରକୃତିର ଏପରି ବିଚିତ୍ର ରୂପ ଏହି ମହାଦେଶକୁ ଅସ୍ତବ୍ୟସ୍ତ କରିଦେଇଥିବାରୁ ଏହାର ଅନେକ ରାଷ୍ଟ୍ର ପ୍ରତିକାର ଖୋଜିବାକୁ ଯାଇ ପ୍ରଥମ ଥର ପାଇଁ ଆଫ୍ରିକା ଜଳବାୟୁ ସମ୍ମିଳନୀ-୨୦୨୩ (ଏସିଏସ୍୨୩)ର ଆୟୋଜନ କରିଛନ୍ତି। ୪ରୁ ୬ ସେପ୍ଟେମ୍ବର ଯାଏ କେନିଆ ରାଜଧାନୀ ନାଇରୋବିଠାରେ ଏହା ଅନୁଷ୍ଠିତ ହେଉଛି। କେନିଆ ସହିତ ଆଫ୍ରିକୀୟ ସଂଘ (ଏୟୁ) ଏହାକୁ ଆୟୋଜନ କରୁଛନ୍ତି। ସବୁଜ ଅଭିବୃଦ୍ଧି ଓ ଜଳବାୟୁ ପରିବର୍ତ୍ତନ ମୁକାବିଲା ସକାଶେ ପାଣ୍ଠି ସଂଗ୍ରହକୁ ଏହାର ମୁଖ୍ୟ ଲକ୍ଷ୍ୟ ରଖାଯାଇଛି। ଏଥିରେ ଆଦିମ ଜନଜାତି, ମହିଳା ଓ ଯୁବପିଢ଼ିର ସକ୍ରିୟ ଯୋଗଦାନ ଉପରେ ଗୁରୁତ୍ୱ ଦିଆଯାଇଛି। ବିଶେଷକରି ମହିଳାଙ୍କ ନେତୃତ୍ୱରେ ଜଳବାୟୁ ପରିବର୍ତ୍ତନ ମୁକାବିଲାଜନିତ ପଦକ୍ଷେପ ଅଗ୍ରପ୍ରାଧାନ୍ୟ ପାଇଛି। ଜଳବାୟୁ ପରିବର୍ତ୍ତନ ଦ୍ୱାରା ଆଫ୍ରିକା ମହାଦେଶର ଅଧିବାସୀମାନେ ସବୁଠାରୁ ଅଧିକ ପ୍ରଭାବିତ ହେଉଛନ୍ତି ବୋଲି ସୁଇଡେନ୍‌ର ଯୁବ ପରିବେଶ କର୍ମୀ ଗ୍ରେଟା ଥନ୍‌ବର୍ଗ ୨୦୨୦ରେ ଏକ କାର୍ଯ୍ୟକ୍ରମରେ କହିଥିଲେ। ଏଥିସହିତ ଉଦ୍‌ବେଗ ପ୍ରକାଶ କରିଥିଲେ ଯେ, ବିକଶିତ ରାଷ୍ଟ୍ରଗୁଡ଼ିକ ଏ ଦିଗରେ ଯେଉଁ ପ୍ରତିଶ୍ରୁତି ଦେଇଥିଲେ ତାହାକୁ ପାଳନ କରୁନାହାନ୍ତି। କେବଳ ବଡ଼ ବଡ଼ କଥା କହିଦେଲେ ଜଳବାୟୁ ପରିବର୍ତ୍ତନକୁ ରୋକାଯାଇପାରିବ ନାହିଁ ବୋଲି ସେ ଦେଇଥିବା ମନ୍ତବ୍ୟ ସେତେବେଳେ ଚର୍ଚ୍ଚାକୁ ଆସିଥିଲା। ଏଠାରେ ମନେପଡ଼େ ଡେନ୍‌ମାର୍କ ରାଜଧାନୀ କୋପେନ୍‌ହାଗେନ୍‌ରେ ୨୦୦୯ରେ ଅନୁଷ୍ଠିତ ଜାତିସଂଘର କନ୍‌ଫରେନ୍ସ ଅଫ୍ ପାର୍ଟିଜ୍ (କପ୍)-୧୫ରେ ବିକଶିତ ରାଷ୍ଟ୍ରଗୁଡ଼ିକ ଜଳବାୟୁ ପରିବର୍ତ୍ତନର ମୁକାବିଲା ପାଇଁ ବିକାଶଶୀଳ ରାଷ୍ଟ୍ରଗୁଡ଼ିକୁ ୨୦୨୦ ସୁଦ୍ଧା ବାର୍ଷିକ ୧୦୦ ବିଲିୟନ ଡଲାର ଦେବା ଲାଗି ଦେଇଥିବା ପ୍ରତିଶ୍ରୁତି। ଦେଖିଲା ବେଳକୁ ଧନୀ ଦେଶଗୁଡ଼ିକ ସେମାନଙ୍କ କଥା ରଖିପାରିନାହାନ୍ତି। ଏହି ଅବଧି ୨୦୨୫କୁ ଘୁଞ୍ଚିଯାଇଛି। ଅନ୍ତର୍ଜାତୀୟ ସ୍ତରରେ ଜଳବାୟୁ ପରିବର୍ତ୍ତନ ରୋକିବା ପାଇଁ ଧନୀ ଦେଶଗୁଡ଼ିକ ଲକ୍ଷ୍ୟପଥରୁ ବିଚ୍ୟୁତ ହେଉଥିବାରୁ ସେଗୁଡ଼ିକ ଉପରେ ବିକାଶଶୀଳ ଓ ଗରିବ ରାଷ୍ଟ୍ରଗୁଡ଼ିକର ଭରସା ପାଉନାହିଁ। ସମ୍ଭବତଃ ଏହି କାରଣରୁ ଆଫ୍ରିକା ଜଳବାୟୁ ସମ୍ମିଳନୀ ଆୟୋଜନ ଗୁରୁତ୍ୱପୂର୍ଣ୍ଣ ହୋଇପଡ଼ିଛି।

> **ଧନୀ ଦେଶଗୁଡ଼ିକ ଜଳବାୟୁ ପରିବର୍ତ୍ତନ ମୁକାବିଲାକୁ ନେଇ ବାହାନା କରୁଥିବା ବେଳେ ଗରିବ ରାଷ୍ଟ୍ରଗୁଡ଼ିକ ଏହାର ଗମ୍ଭୀରତାକୁ ହୃଦୟଙ୍ଗମ କରି ଯେତେବେଳେ ମଞ୍ଚ ଗଠନ କଲେଣି, ତାହାର ପ୍ରଭାବ ଅନ୍ତର୍ଜାତୀୟ ସମୁଦାୟ ଉପରେ ପଡ଼ିବା ସ୍ୱାଭାବିକ।**

ଏବର ସ୍ଥିତି ଦେଖିଲେ ଅନେକ ବିକଶିତ ରାଷ୍ଟ୍ର ଯୁଦ୍ଧ, କ୍ଷମତା ବିସ୍ତାର ଆଦି ସ୍ୱାର୍ଥହାସଲ ଦିଗରେ ବୁଡ଼ିରହିଛନ୍ତି। ଉଦାହରଣ ସ୍ୱରୂପ, ରୁଷିଆ-ୟୁକ୍ରେନ୍ ଯୁଦ୍ଧ, ଚାଇନା-ତାଇୱାନ ଉତ୍ତେଜନା ଭଳି ପ୍ରସଙ୍ଗକୁ ନେଇ କିଏ କେଉଁ ଦେଶକୁ ସମର୍ଥନ କରିବେ ସେଥିରେ ଲାଗି ପଡ଼ିଛନ୍ତି। ବିକଶିତ ରାଷ୍ଟ୍ରଗୁଡ଼ିକର ବିଶ୍ୱତାପନ ବୃଦ୍ଧିରେ ପ୍ରଚ୍ଛନ୍ନ ହାତ ଥିଲେ ମଧ୍ୟ ଏହାର ମୁକାବିଲା ଦିଗକୁ ଅଣଦେଖା କରିଚାଲିଛନ୍ତି। ସମସ୍ତେ ଜାଣନ୍ତି ଆଫ୍ରିକା ମହାଦେଶ ଜୈବ ବିବିଧତାରେ ଭରପୂର। ତେବେ ଜାତିସଂଘ ରିପୋର୍ଟ ଅନୁଯାୟୀ ଏହି ମହାଦେଶ ମାତ୍ର ୨ରୁ ୩ ପ୍ରତିଶତ ବୈଶ୍ୱିକ ଅଙ୍ଗାରକାମ୍ଳ ନିର୍ଗମନ କରୁଥିବା ବେଳେ ଏହା ବିଶ୍ୱତାପନ ଓ ଜଳବାୟୁ ପରିବର୍ତ୍ତନ ଦ୍ୱାରା ସବୁଠାରୁ ଅଧିକ ପ୍ରଭାବିତ ହେଉଛି। ବିତ୍ତଶାଳୀ ରାଷ୍ଟ୍ରଗୁଡ଼ିକ ପ୍ରାକୃତିକ ସମ୍ବଳକୁ ଅବିଚାରିତ ଭାବେ ବ୍ୟବହାର କରିବା ସହ ଅଙ୍ଗାରକାମ୍ଳ ନିର୍ଗମନ ବଢ଼ାଉଥିବାରୁ ତାହାର ପ୍ରଭାବ ବିଶ୍ୱବିସ୍ତାର କରୁଛି। ଏଥିପାଇଁ କ୍ଷତିଗ୍ରସ୍ତ ହେଉଥିବା ଗରିବ ଓ ବିକାଶଶୀଳ ରାଷ୍ଟ୍ରଗୁଡ଼ିକର କ୍ଷତିଭରଣା କରିବା ସକାଶେ ଆର୍ଥିକ ପାଣ୍ଠି ବ୍ୟବସ୍ଥା କରାଯାଇଥିଲା। ସେଥିରୁ ବଞ୍ଚିତ ହେବାରୁ ଆଫ୍ରିକା ଏବେ ନିଜ ତରିକାରେ ଜଳବାୟୁ ପରିବର୍ତ୍ତନକୁ ମୁକାବିଲା କରିବା ଲାଗି ଅଣ୍ଟା ଭିଡ଼ିଛି ବୋଲି କୁହାଯାଉଛି। ଏହାର ପ୍ରଥମ ସମ୍ମିଳନୀରେ ଜାତିସଂଘ ମହାସଚିବ ଆଣ୍ଟୋନିଓ ଗୁଟରେସ୍, ପୂର୍ବତନ ମହାସଚିବ ବାନ୍-କି-ମୁନ୍, ଆଫ୍ରିକାର ୨୦ ଦେଶର ରାଷ୍ଟ୍ରମୁଖ୍ୟ ଏବଂ ଆଦିବାସୀ, କୃଷକଙ୍କ ସମେତ ଜଳବାୟୁ ପରିବର୍ତ୍ତନ ମୁକାବିଲାରେ ଜଡ଼ିତ ପ୍ରାୟ ୩୦ ହଜାର ପ୍ରତିନିଧି ଯୋଗଦେବା ନିଶ୍ଚିତ ଭାବେ ଉତ୍ସାହଜନକ ପଦକ୍ଷେପ। ଧନୀ ଦେଶଗୁଡ଼ିକ ଜଳବାୟୁ ପରିବର୍ତ୍ତନ ମୁକାବିଲାକୁ ନେଇ ବାହାନା କରୁଥିବା ବେଳେ ଗରିବ ରାଷ୍ଟ୍ରଗୁଡ଼ିକ ଏହାର ଗମ୍ଭୀରତାକୁ ହୃଦୟଙ୍ଗମ କରି ଯେତେବେଳେ ମଞ୍ଚ ଗଠନ କଲେଣି, ତାହାର ପ୍ରଭାବ ଅନ୍ତର୍ଜାତୀୟ ସମୁଦାୟ ଉପରେ ପଡ଼ିବା ସ୍ୱାଭାବିକ। ଯଦି ଏହି ସମ୍ମିଳନୀରୁ କିଛି ସକାରାତ୍ମକ ନିଷ୍କର୍ଷ ବାହାରେ ଓ ପରବର୍ତ୍ତୀ ସମୟରେ ତାହା କାର୍ଯ୍ୟରେ ପ୍ରତିଫଳିତ ହୁଏ, ନିଶ୍ଚିତ ଭାବେ ଆଫ୍ରିକା ଜଳବାୟୁ ସମ୍ମିଳନୀ ଏକ ନିଆରା ଉଦାହରଣ ସୃଷ୍ଟି କରିବ।

## su | do | ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | | | 1 | 9 | | | |
| | | 6 | 7 | | | | 2 | 9 |
| | | | | | | 7 | | 8 |
| | 7 | | 2 | | 5 | 1 | | |
| | | 3 | | | | | 8 | |
| 5 | | | 8 | 7 | | | | 6 |
| 7 | | | | 5 | | | | |
| | | | 9 | | 1 | | | |
| | | 1 | | 4 | | 6 | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 9 | 7 | 5 | 6 | 8 | 4 | 2 | 3 | 1 |
| 3 | 6 | 2 | 9 | 5 | 1 | 7 | 8 | 4 |
| 4 | 1 | 8 | 7 | 3 | 2 | 5 | 9 | 6 |
| 6 | 5 | 1 | 3 | 2 | 8 | 4 | 7 | 9 |
| 2 | 8 | 4 | 1 | 7 | 9 | 6 | 5 | 3 |
| 7 | 3 | 9 | 4 | 6 | 5 | 1 | 2 | 8 |
| 1 | 2 | 7 | 8 | 4 | 3 | 9 | 6 | 5 |
| 5 | 9 | 3 | 2 | 1 | 6 | 8 | 4 | 7 |
| 8 | 4 | 6 | 5 | 9 | 7 | 3 | 1 | 2 |

ଗତକାଲିର ଉତ୍ତର

# ପାନୀୟ ଜଳର ସମାଧାନ ନୁହେଁ ପାଣି ବୋତଲ



**ବିଚିତ୍ର ବିଶ୍ୱାଳ**

ଜନସାଧାରଣଙ୍କ ପାଖରେ ସ୍ୱଚ୍ଛ ନିରାପଦ ପାନୀୟଜଳ ଉପଲବ୍ଧ ହେବା ଜାତିସଂଘର ସଷ୍ଟେନେବଲ୍ ଡେଭଲପ୍‌ମେଣ୍ଟ ଗୋଲ୍ ବା ଚିରନ୍ତନ ବିକାଶ ଲକ୍ଷ୍ୟର ଏକ ପ୍ରମୁଖ ଉଦ୍ଦେଶ୍ୟ। ତେଣୁ ଲୋକମାନଙ୍କ ପାଖରେ ସ୍ୱଚ୍ଛ ପାନୀୟଜଳ ପହଞ୍ଚେଇବା ବିଶ୍ୱର ପ୍ରତ୍ୟେକ ଦେଶର ସରକାରଙ୍କ ଦାୟିତ୍ୱ। କିନ୍ତୁ ସାମ୍ପ୍ରତିକ ପରିସ୍ଥିତିକୁ ଦେଖିଲେ ବୁଝାପଡୁଛି, ଏବେ ବି ବିଶ୍ୱର ଅନେକ ଦେଶ ଏହି ଲକ୍ଷ୍ୟ ହାସଲ ଦିଗରେ ପଛରେ ଅଛନ୍ତି। ଜାତିସଂଘ ତଥ୍ୟ ଅନୁସାରେ ୨୦୨୦ ସୁଦ୍ଧା ବିଶ୍ୱର ୭୪% ଲୋକ ସ୍ୱଚ୍ଛ ପାନୀୟଜଳ ପାଇବାକୁ ସକ୍ଷମ ହୋଇପାରିଛନ୍ତି। ବିଗତ ଦୁଇ ଦଶନ୍ଧିରେ ୬୪% ଲୋକଙ୍କ ପାଖରେ ସ୍ୱଚ୍ଛ ପାନୀୟଜଳ ପହଞ୍ଚିପାରିଥିବା ବେଳେ ଚଳିତ ଦଶନ୍ଧିରେ ଏଥିରେ ମାତ୍ର ଦଶ ପ୍ରତିଶତ ବୃଦ୍ଧିହୋଇଛି। ଏହି ଅଭିବୃଦ୍ଧି ଅତ୍ୟନ୍ତ ନିରୁତ୍ସାହଜନକ। ଗୋଟିଏ ପଟେ ଦେଶଗୁଡ଼ିକ ବିଜ୍ଞାନ ଓ ଜ୍ଞାନକୌଶଳ କ୍ଷେତ୍ରରେ ଦ୍ରୁତଗତିରେ ବିକାଶ କରୁଥିବାବେଳେ ପାନୀୟଜଳ ପରି ଏକ ମୌଳିକ ଆବଶ୍ୟକତାକୁ ନାଗରିକମାନଙ୍କ ପାଖରେ ପହଞ୍ଚେଇ ନ ପାରିବା ମାନବିକତାର ସାମୂହିକ ବିଫଳତାକୁ ପ୍ରକାଶ କରୁଛି। ଏକବିଂଶ ଶତାବ୍ଦୀରେ ଏବେ ବି ବିଶ୍ୱର ୨୦୦ କୋଟି ଲୋକଙ୍କ ପାଖରେ ପିଇବା ପାଇଁ ସ୍ୱଚ୍ଛ ପାନୀୟଜଳ ନାହିଁ। ଜାତିସଂଘର ଏହି ତଥ୍ୟ ଭିନ୍ନ ଭିନ୍ନ ଦେଶର ସରକାରମାନେ ପ୍ରଦାନ କରିଥିବା ତଥ୍ୟ ଉପରେ ପର୍ଯ୍ୟବସିତ। ବାସ୍ତବରେ ଆହୁରି ଅଧିକ ଲୋକ ସ୍ୱଚ୍ଛ ପାନୀୟଜଳ ପାଇବାରୁ ବଞ୍ଚିତ ହୋଇଛନ୍ତି।

ଗୋଟିଏ ପଟେ ସାଧାରଣ ଲୋକମାନଙ୍କ ପାଖରେ ସ୍ୱଚ୍ଛ ପାନୀୟ ଜଳ ପହଞ୍ଚି ପାରି ନ ଥିବା ବେଳେ ଅନ୍ୟପଟେ ସାରା ବିଶ୍ୱରେ ପାଣି ବୋତଲ କମ୍ପାନୀମାନଙ୍କ ବ୍ୟବସାୟ ବହୁଗୁଣ ବଢ଼ିଚାଲିଛି। ଏଠାରେ ସୂଚନାଯୋଗ୍ୟ, ସ୍ୱଚ୍ଛ ପାନୀୟଜଳ ଯୋଗାଣର ବିକଳ୍ପ କେବେ ବି ବୋତଲ ବନ୍ଦ ପାଣି ନୁହେଁ। ବୋତଲ ପାଣି କେବଳ ବ୍ୟବସାୟ ପାଇଁ ଉଦ୍ଦିଷ୍ଟ ଓ ଏହା ଗରିବ ଲୋକଙ୍କ ହାତପାହାନ୍ତାର ବାହାରେ। ପରିସଂଖ୍ୟାନ ଅନୁସାରେ ପାଣି ବୋତଲ କମ୍ପାନୀମାନେ ଭୂପୃଷ୍ଠ ଓ ଭୂତଳ ଜଳକୁ ଅତି କମ୍ ଖର୍ଚ୍ଚରେ ଶୋଷି ୧୫୦ରୁ ୧୦୦୦ ଗୁଣ ପର୍ଯ୍ୟନ୍ତ ଲାଭ ଲୁଟୁଛନ୍ତି। ଗୋଟିଏ ବୋତଲ ମ୍ୟୁନିସିପାଲିଟି ଟ୍ୟାପ୍ ପାଣିର ମୂଲ୍ୟ ତୁଳନାରେ ଏହି କମ୍ପାନୀମାନେ ଶହ ଶହ ଗୁଣ ଅଧିକ ଦାମ୍‌ରେ ପାଣି ବୋତଲ ବିକ୍ରି କରୁଛନ୍ତି। ପାଣି ବୋତଲ କମ୍ପାନୀମାନେ ବୋତଲ ପ୍ରତି ଚଢ଼ା ଦାମ୍‌କୁ ନ୍ୟାୟପୂର୍ଣ୍ଣ ଦେଖାଇବାକୁ ଯାଇ ପାଣିର ନିରାପତ୍ତା ଓ ସ୍ୱଚ୍ଛତାର ଯୁକ୍ତିବାଢ଼ନ୍ତି। କିନ୍ତୁ ବୋତଲ ବନ୍ଦ ପାଣିରେ ସବୁପ୍ରକାର ପ୍ରଦୂଷଣର ପ୍ରତିରୋଧକ ଶକ୍ତି ନାହିଁ। ସର୍ବସାଧାରଣରେ ଯୋଗାଇ ଦିଆଯାଉଥିବା ଟ୍ୟାପ୍ ପାଣିକୁ ଯେପରି ଭାବେ ଜନସ୍ୱାସ୍ଥ୍ୟ ଓ ପରିବେଶ ନିୟମ ଆଦିକୁ ସମ୍ମୁଖୀନ ହେବାକୁ ପଡ଼େ ପାଣି ବୋତଲ କମ୍ପାନୀମାନେ ବିଭିନ୍ନ ପ୍ରକାର ଫନ୍ଦିଫିକର କରି ସେପରି ପରୀକ୍ଷାକୁ ଏଡାଇ ଯାଆନ୍ତି। ନିକଟ ଅତୀତରେ ୧୦୯ଟି ଦେଶରେ କରାଯାଇଥିବା ଏକ ଅଧ୍ୟୟନ ଅନୁସାରେ ପ୍ରଚୁର ଲାଭଯୁକ୍ତ ଓ ଦ୍ରୁତ ଅଭିବୃଦ୍ଧିମୁଖୀ ପାଣି ବୋତଲ କମ୍ପାନୀମାନେ ପାନୀୟ ଜଳ ଯୋଗାଣ କ୍ଷେତ୍ରରେ ସରକାରୀ ବ୍ୟବସ୍ଥାର ବିଫଳତାକୁ ଅନେକାଂଶରେ ଢାଙ୍କି ଦେଉଛନ୍ତି। ମୁଖ୍ୟତଃ ନିମ୍ନ ଓ ମଧ୍ୟମ ରୋଜଗାର ବର୍ଗର ଦେଶମାନଙ୍କରେ ପାଣି ବୋତଲ କମ୍ପାନୀମାନେ ନିରାପଦ ପାନୀୟ ଜଳ ପ୍ରକଳ୍ପଗୁଡ଼ିକୁ ସଫଳ କରେଇ ନ ଦେବା ପାଇଁ ଚେଷ୍ଟା କରୁଛନ୍ତି। ଏହି କମ୍ପାନୀମାନେ ଲାଭ ପାଇଁ ଛୋଟଛୋଟ ଦେଶର ସରକାରଙ୍କୁ ମଧ୍ୟ ନିୟନ୍ତ୍ରଣ କରିବାକୁ ପଛାଉ ନାହାନ୍ତି। କାରଣ ସରକାରଙ୍କ ତରଫରୁ ନିରାପଦ ପାନୀୟଜଳ ଯୋଗାଇ ଦିଆଗଲେ ସେମାନଙ୍କ ଲାଭ ପ୍ରଭାବିତ ହେବାର ସମ୍ଭାବନା ଅଛି ବୋଲି ସେମାନେ ମନେ କରୁଛନ୍ତି। ଅନ୍ୟ ଅର୍ଥରେ କହିଲେ, ଏହି ପାଣି ବୋତଲ କମ୍ପାନୀମାନେ ଜାତିସଂଘର ସଷ୍ଟେନେବଲ୍ ଡେଭଲପ୍‌ମେଣ୍ଟ ଗୋଲ୍‌କୁ ମଧ୍ୟ ପ୍ରତିହତ କରୁଛନ୍ତି। ୟୁଏନ୍ ବିଶ୍ୱବିଦ୍ୟାଳୟର ସଦ୍ୟତମ ରିପୋର୍ଟ ଅନୁସାରେ ଚଳିତ ଦଶନ୍ଧିରେ ବିଶ୍ୱର ପାଣି ବୋତଲ ବଜାର ଦୁଇଗୁଣ ହୋଇ ୫୦୦ ବିଲିୟନ ଡଲାରରେ ପହଞ୍ଚିବ। ଏହାଦ୍ୱାରା ଜଳସଙ୍କଟ ଅଞ୍ଚଳରେ ଜଳ ଅଭାବ ଦେଖାଦେବା ସହିତ ପୃଥିବୀ ଉପରେ ଓ ମହାସାଗରରେ ପ୍ଲାଷ୍ଟିକ୍ ଆବର୍ଜନା ବୃଦ୍ଧି ପାଇବ।



ପାଣି ବୋତଲ ବିକ୍ରି କ୍ଷେତ୍ର ସମ୍ପ୍ରତି ଦ୍ରୁତଗତିରେ ଅଭିବୃଦ୍ଧି ହେଉଛି। ଏସିଆ, ଆଫ୍ରିକା, କାରିବିୟାନ୍ ଦେଶମାନଙ୍କରେ ପାଣି ବୋତଲ ବିକ୍ରି ବହୁ ପରିମାଣରେ ବଢ଼ିଛି। ଏଥିରୁ ପ୍ରମାଣିତ ହେଉଛି ଏହିସବୁ ଅଞ୍ଚଳରେ ଲୋକମାନଙ୍କ ପାଖରେ ସ୍ୱଚ୍ଛ ନିରାପଦ ପାନୀୟଜଳ ପହଞ୍ଚେଇବାର ସରକାରୀ ବ୍ୟବସ୍ଥା ଦୁର୍ବଳ ଅଛି। ତାହାହେଲେ ଜାତିସଂଘ ଧାର୍ଯ୍ୟ କରିଥିବା ୨୦୩୦ ସୁଦ୍ଧା ସମସ୍ତଙ୍କ ପାଇଁ ସ୍ୱଚ୍ଛ ପାନୀୟ ଜଳର ଉଦ୍ଦେଶ୍ୟ ନିଶ୍ଚିତ ଭାବେ ସଫଳ ହେବ ନାହିଁ। ସଷ୍ଟେନେବୁଲ୍ ଡେଭଲପମେଣ୍ଟ ଗୋଲ୍‌ରେ ଯେତେବେଳେ ସମସ୍ତଙ୍କ ପାଇଁ ସମତାଭିତ୍ତିରେ ସ୍ୱଚ୍ଛ ପାନୀୟ ଜଳର ପ୍ରାପ୍ତି କଥା କୁହାଯାଉଛି, ନିଶ୍ଚିତ ଭାବେ ବୋତଲ ବନ୍ଦ ପାଣି ତାହାର ସମାଧାନ ନୁହେଁ। ସରକାରଙ୍କ ଦ୍ୱାରା ଟ୍ୟାପ୍ ମାଧ୍ୟମରେ ସ୍ୱଚ୍ଛ ଓ ନିରାପଦ ପାନୀୟ ଜଳ ଯୋଗାଇ ଦିଆ ନ ଗଲେ ଏହି ଲକ୍ଷ୍ୟ କେବେହେଲେ ହାସଲ ହୋଇପାରିବ ନାହିଁ। ଚଢ଼ା ମୂଲ୍ୟ ଯୋଗୁ ବୋତଲ ବନ୍ଦ ପାଣି ଆଦୌ ଗରିବ ଲୋକଙ୍କ ପାଇଁ ନୁହେଁ। ତେଣୁ ବୋତଲ ବନ୍ଦ ପାଣି ଏକ ଜରୁରୀ ସାମଗ୍ରୀ ଅପେକ୍ଷା ଏକ ବିଳାସ ସାମଗ୍ରୀ ଭାବେ ଅଧିକ ପରିଗଣିତ ହୋଇଥାଏ। କିନ୍ତୁ ଭିନ୍ନ ଭିନ୍ନ ଦେଶର ଅନେକ ଅଞ୍ଚଳରେ ସରକାରଙ୍କ ଦ୍ୱାରା ସ୍ୱଚ୍ଛ ନିରାପଦ ପାନୀୟ ଜଳର ଯୋଗାଣ ନ ଥିବାରୁ ବାଧ୍ୟ ହୋଇ ଲୋକମାନେ ଅଧିକ ଖର୍ଚ୍ଚ କରି ବୋତଲ ବନ୍ଦ ପାଣି ପାଖକୁ ଯାଉଛନ୍ତି। ଏହା ହିଁ ପାଣି ବୋତଲ କମ୍ପାନୀମାନଙ୍କର ବ୍ୟବସାୟ ବୃଦ୍ଧିର ଏକ ପ୍ରମୁଖ କାରଣ। ଅନ୍ୟପକ୍ଷରେ ଏସିଆ, ଆଫ୍ରିକା ଆଦି ମହାଦେଶରେ ପାଣି ବୋତଲ ବିକ୍ରିର ବୃଦ୍ଧିକୁ ଦେଖିଲେ ସେଠାରେ ପାନୀୟ ଜଳ ଯୋଗାଣ କ୍ଷେତ୍ରରେ ସରକାରଙ୍କ ବିଫଳତା ପ୍ରମାଣ ହେଉଛି। ଗୋଟିଏ ପଟେ ଲୋକମାନେ ପିଇବା ପାଇଁ ସ୍ୱଚ୍ଛ ପାଣି ପାଉ ନ ଥିବାବେଳେ ଆଉ କିଛିଲୋକ ପାଣିକୁ ବିଳାସ ସାମଗ୍ରୀ ଭାବେ ବ୍ୟବହାର କରୁଛନ୍ତି। ଜାତିସଂଘର ୨୦୧୬ର ଏକ ଆକଳନ ଅନୁସାରେ ସାରା ବିଶ୍ୱର ଜନସମୁଦାୟକୁ ସ୍ୱଚ୍ଛ ପାନୀୟଜଳ ଯୋଗେଇ ଦେବା ପାଇଁ ପ୍ରାୟ ୧୧୪ ବିଲିୟନ ଡଲାର ଆବଶ୍ୟକ ପଡ଼ିବ, ଯାହାକି ବାର୍ଷିକ ପାଣି ବୋତଲ ବିକ୍ରି ମୂଲ୍ୟ ୨୭୦ ବିଲିୟନ୍ ଡଲାରଠାରୁ କମ୍।

ଗତ ବର୍ଷ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ କରିଥିବା ଏକ ଆକଳନ ଅନୁସାରେ ଜନସାଧାରଣଙ୍କୁ ସ୍ୱଚ୍ଛ ଓ ନିରାପଦ ପାନୀୟ ଜଳ ଯୋଗାଣ କ୍ଷେତ୍ରରେ ଦେଶମାନଙ୍କର ପ୍ରଗତି ଅତ୍ୟନ୍ତ ନୈରାଶ୍ୟଜନକ ଓ ସେଥିପାଇଁ ଦେଶମାନଙ୍କୁ ବର୍ତ୍ତମାନଠାରୁ ଚାରିଗୁଣ ଅଧିକ ପ୍ରୟାସ କରିବାର ଆବଶ୍ୟକତା ରହିଛି। ନଚେତ୍ ଜାତିସଂଘ ଧାର୍ଯ୍ୟ କରିଥିବା ୨୦୩୦ ସୁଦ୍ଧା ସମସ୍ତଙ୍କ ପାଇଁ ସ୍ୱଚ୍ଛ ପାନୀୟ ଜଳ ଯୋଗାଣ କେବଳ ଏକ ଦିବା ସ୍ୱପ୍ନ ହୋଇ ରହିଯିବ। ଏବେ ମଧ୍ୟ ଅନେକ ଦେଶର ସରକାରଙ୍କ ପାଇଁ ସ୍ୱଚ୍ଛ ପାନୀୟ ଜଳ ଯୋଗାଣ ଏକ ପ୍ରମୁଖ ବିଷୟ ନୁହେଁ। ସରକାରମାନେ ଖଣି, ଶିଳ୍ପ ଆଦି ପାଇଁ ଯେତିକି ତତ୍ପରତା ପ୍ରକାଶ କରୁଛନ୍ତି ସେତିକି ତତ୍ପରତା ସାଧାରଣ ଲୋକମାନଙ୍କ ନିମନ୍ତେ ପାନୀୟ ଜଳ ଯୋଗାଣ କ୍ଷେତ୍ରରେ ଦେଖାଉନାହାନ୍ତି।

ପାଣି ବୋତଲ କମ୍ପାନୀ ଦ୍ରୁତଗତିରେ ବଢୁଥିବା ବେଳେ ପାଣିର ଗୁଣବତ୍ତାକୁ ନିଶ୍ଚିତ କରିବା ପାଇଁ ସରକାରଙ୍କ ତରଫରୁ ଏହି ବିଷୟକ ନୀତି ନିୟମକୁ କଡ଼ାକଡ଼ି କରିବାର ସମୟ ଆସିଛି। ବୋତଲ ବନ୍ଦ ପାଣିର ଗୁଣବତ୍ତା, ଭୂତଳ ଜଳ ଶୋଷଣ, ପ୍ଲାଷ୍ଟିକ୍ ଆବର୍ଜନା ପରିଚାଳନା, କାର୍ବନ୍ ନିର୍ଗମନ ଆଦି ଅନେକ ବିଷୟରେ ପାଣି ବୋତଲ କମ୍ପାନୀମାନେ ଆଇନକୁ ପାଳନ କରୁନାହାନ୍ତି। ଆଇନଗୁଡ଼ିକ କିପରି ଠିକ୍‌ଭାବେ ପାଳନ ହେବ, ସରକାର ସେଥିପ୍ରତି ନଜର ଦେବାର ସମୟ ଆସିଛି। ସ୍ୱଚ୍ଛ ଓ ନିରାପଦ ପିଇବା ପାଣି ବଞ୍ଚିରହିବା ପାଇଁ ଏକ ମୌଳିକ ଆବଶ୍ୟକତା। ଏହାର ବିକ୍ରିକୁ ପ୍ରୋତ୍ସାହନ କରିବା ପରିବର୍ତ୍ତେ ସରକାର ଲୋକମାନଙ୍କ ପାଖରେ ମାଗଣାରେ ଉପଲବ୍ଧ କରେଇବା ଆବଶ୍ୟକ।

**ଭିରଙ୍ଗ, ତିରଣ, ଜଗତ୍‌ସିଂହପୁର**
**ମୋ-୯୪୩୮୪୬୮୪୭୪**

# ସର୍ବୋଚ୍ଚ ନ୍ୟାୟାଳୟଙ୍କ ଐତିହାସିକ ପଦକ୍ଷେପ



**ଇପ୍ସିତା ମହାନ୍ତି**

କିଛି ସପ୍ତାହ ତଳେ ଭାରତର ସର୍ବୋଚ୍ଚ ନ୍ୟାୟାଳୟ 'ପେପରଲେସ୍ ଗ୍ରୀନ୍ କୋର୍ଟ ରୁମ୍' ଅର୍ଥାତ୍ 'କାଗଜବିହୀନ ସବୁଜିମା ନ୍ୟାୟାଳୟ କକ୍ଷ' କାର୍ଯ୍ୟକ୍ରମ ଆରମ୍ଭ କରିଛନ୍ତି। ପରିବେଶ ସୁରକ୍ଷା ଉଦ୍ଦେଶ୍ୟରେ ସର୍ବୋଚ୍ଚ ନ୍ୟାୟାଳୟଙ୍କ ଏହି ପଦକ୍ଷେପକୁ ସାରା ଦେଶ ସ୍ୱାଗତ କରୁଛି। ଦେଶର ଯେକୌଣସି ସ୍ତରର ନ୍ୟାୟାଳୟକୁ ପରିଦର୍ଶନରେ ଗଲେ ଦେଖିପାରିବା ସେହି ନ୍ୟାୟାଳୟର କୋଠରିଗୁଡିକ କିଭଳି ବିଭିନ୍ନ ଗ୍ରନ୍ଥ, କାଗଜପତ୍ର ଓ ଦଲିଲର ପାହାଡ଼ରେ ଭରି ରହିଛି। ନ୍ୟାୟାଧୀଶ, ଆଇନଜୀବୀ, ନ୍ୟାୟାଳୟର କର୍ମଚାରୀ, ବାଦୀ, ପ୍ରତିବାଦୀଙ୍କୁ ସର୍ବଦା ବାଧବାଧକତାରେ ଏପରି ଏକ ଅଣନିଃଶ୍ୱାସୀ ପରିବେଶରେ ରହି କାମ କରିବାକୁ ପଡୁଛି। ତେବେ 'ପେପରଲେସ୍ ଗ୍ରୀନ୍ କୋର୍ଟ ରୁମ୍' କାର୍ଯ୍ୟକ୍ରମ ପ୍ରବର୍ତ୍ତନ ପରେ ସର୍ବୋଚ୍ଚ ନ୍ୟାୟାଳୟ ସମ୍ପୂର୍ଣ୍ଣ ହାଇଟେକ୍ ଦିଗକୁ ଅଗ୍ରସର ହେଉଛନ୍ତି। ଅତ୍ୟାଧୁନିକ ଜ୍ଞାନକୌଶଳ ବ୍ୟବହାର ଯୋଗୁ ନ୍ୟାୟାଧୀଶଙ୍କ ପାଇଁ କାଗଜର ସେହି ପାହାଡ଼ ଗଦାର ସ୍ଥାନ ଏବେ ଏକ ପତଳା ପପ୍-ଅପ୍ ପରଦା ନେଇଛି। ସର୍ବୋଚ୍ଚ ନ୍ୟାୟାଳୟରେ ଏକ ଡିଜିଟାଲ ଲାଇବ୍ରେରି ମଧ୍ୟ ଆରମ୍ଭ ହୋଇଛି, ଯେଉଁଠି ଆଇନ ସହ ଜଡ଼ିତ ସମସ୍ତ ପୁସ୍ତକକୁ ତୁରନ୍ତ ଅବଲୋକନ କରିହେବ। ୭୩ ବର୍ଷର ଇତିହାସରେ ଭାରତୀୟ ନ୍ୟାୟପାଳିକାର ସମ୍ପୂର୍ଣ୍ଣ ଡିଜିଟାଲୀକରଣ ପ୍ରକ୍ରିୟା ଆରମ୍ଭ ହେବା ଦିଗରେ ଏହା ଏକ ସୋପାନ ମାତ୍ର। ବାସ୍ତବିକ ଏହା ହେଉଛି ସର୍ବୋଚ୍ଚ ନ୍ୟାୟାଳୟଙ୍କ ପ୍ରଥମ ପଦକ୍ଷେପ। ବର୍ତ୍ତମାନ ସର୍ବୋଚ୍ଚ ନ୍ୟାୟାଳୟର ପ୍ରଥମ ୩ଟି ଅଦାଲତ 'ସବୁଜ ନ୍ୟାୟାଳୟ' ହୋଇଛି। ଆଗାମୀ ଦିନରେ ଏହି ତିନୋଟି ଅଦାଲତରେ ପୂର୍ବ ଭଳି ମୋଟାମୋଟା କେସ୍ ଫାଇଲ କିମ୍ବା ଗତ ୫୦ବର୍ଷର ସର୍ବୋଚ୍ଚ ନ୍ୟାୟାଳୟଙ୍କ ନିଷ୍ପତ୍ତିଗୁଡ଼ିକର ଶହ ଶହ ନଥିପତ୍ର ଏବଂ କାଗଜପତ୍ର ଦୃଷ୍ଟିଗୋଚର ହେବନାହିଁ।

ଅନ୍‌ଲାଇନ ଶୁଣାଣି ପାଇଁ ଏହି ନ୍ୟାୟାଳୟଗୁଡ଼ିକର କୋଠରିରେ ଆଜି ବଡ଼ବଡ଼ ଏଲ୍‌ସିଡି ସ୍ଥାପିତ ହୋଇଛି। ଓକିଲମାନଙ୍କ ପାଇଁ ହାଇଟେକ୍ ସୁବିଧା ଆରମ୍ଭ ହୋଇଛି। ଏଣିକି ଓକିଲମାନଙ୍କୁ ବିଭିନ୍ନ ମାମଲା ସମ୍ବନ୍ଧୀୟ ମୋଟାମୋଟା ଗ୍ରନ୍ଥ, କାଗଜପତ୍ର ଆଦି ବହନ କରିବାକୁ ପଡ଼ିବ ନାହିଁ। ସେମାନେ ଲାପ୍‌ଟପ୍ ଏବଂ ଟାବ୍‌ଲେଟ୍ ମାଧ୍ୟମରେ ବିଚାରପତିମାନଙ୍କୁ ବିଭିନ୍ନ ତଥ୍ୟ ଜଣାଇପାରିବେ। ଏହାକୁ ସହଜରେ ପାଠ କରାଯାଇ ପାରିବ। ବିଭିନ୍ନ ମାମଲା ସହ ଜଡ଼ିତ ଆଇନଗତ ଦଲିଲର ସହଜ ଉପଲବ୍ଧତା ପାଇଁ ବିଚାରପତିଙ୍କ ପାଖରେ ଡକ୍ୟୁମେଣ୍ଟ ଭ୍ୟୁଇଙ୍ଗ୍ ଟେକ୍ନୋଲୋଜି (ଦସ୍ତାବିଜ ଅବଲୋକନ କୌଶଳ) ମଧ୍ୟ ରହିବ। ଏହାକୁ ବ୍ୟବହାର କରିବା ପରେ ଡକ୍ୟୁମେଣ୍ଟଗୁଡ଼ିକୁ ମେଶିନରେ ରଖାଯାଇପାରିବ। ଯାହାକୁ ଓକିଲମାନେ ନିଜ ସ୍କ୍ରିନ୍ ଅବା କୋର୍ଟର ବଡ଼ ପରଦାରେ ଦେଖି ସହଜରେ ତର୍ଜମା କରିପାରିବେ। ବିଭିନ୍ନ ଦସ୍ତାବିଜ ଅବା ଦଲିଲ ପଢ଼ିବା ପାଇଁ ଓକିଲମାନଙ୍କ ପାଖରେ ସ୍ମାର୍ଟ ସ୍କ୍ରିନ୍‌ର ସୁବିଧା ମଧ୍ୟ ଉପଲବ୍ଧ ରହିବ। ଅଦାଲତରେ ଉପସ୍ଥିତ ବିଚାରପତିଗଣ ବିଭିନ୍ନ ପୁରୁଣା ବିଚାରର ନ୍ୟାୟିକ ତଥ୍ୟ ଏବଂ ଆଇନର ବିଭିନ୍ନ ଦିଗକୁ ଡିଜିଟାଲ ପ୍ଲାଟ୍‌ଫର୍ମରେ ଦେଖିପାରିବେ। ସର୍ବୋଚ୍ଚ ନ୍ୟାୟାଳୟର ୧ମ ରୁ ୫ମ ନ୍ୟାୟିକ କରିଡର ବ୍ୟତୀତ ମିଡିଆ (ଗଣମାଧ୍ୟମ ଯୋଗାଯୋଗ) କକ୍ଷ ଏବଂ ବିଶ୍ରାମାଗାରରେ ଓକିଲ, ମହକିଲ ତଥା ଗଣମାଧ୍ୟମ ପ୍ରତିନିଧିଙ୍କ ପାଇଁ ମାଗଣା ୱାଇଫାଇର ସୁବିଧା ଉପଲବ୍ଧ ରହିଛି। ଆଶା କରାଯାଉଛି ଆସନ୍ତା ଦିନରେ ଅନ୍ୟ ନ୍ୟାୟାଳୟଗୁଡ଼ିକରେ ମଧ୍ୟ ଏଭଳି ପରିବର୍ତ୍ତନ ଦେଖିବାକୁ ମିଳିବ।



ଉଲ୍ଲେଖନୀୟ ଯେ, ନ୍ୟାୟାଳୟର ପରିସର ତଥା କକ୍ଷଗୁଡ଼ିକର ଆଧୁନିକୀକରଣ ପାଇଁ ଭାରତର ପ୍ରଧାନ ବିଚାରପତି ନ୍ୟାୟାଧୀଶ ଧନଞ୍ଜୟ ଯଶୱନ୍ତ ଚନ୍ଦ୍ରଚୂଡ଼ ହିଁ ପ୍ରସ୍ତାବ ଦେଇଥିଲେ। ସେ ଆହୁରି ମଧ୍ୟ ଚାହିଁଥିଲେ ଯେ, ସର୍ବୋଚ୍ଚ ନ୍ୟାୟାଳୟର କାର୍ଯ୍ୟକ୍ରମ କାଗଜବିହୀନ ହେଉ, ଯାହା ଆଜି ସର୍ବୋଚ୍ଚ ନ୍ୟାୟାଳୟରେ ଆରମ୍ଭ ହୋଇଛି। କାଗଜ ସଂରକ୍ଷଣ ପାଇଁ ସର୍ବୋଚ୍ଚ ନ୍ୟାୟାଳୟ ଏକାଧିକ ଯୋଜନା ପ୍ରସ୍ତୁତ କରିଛନ୍ତି। ଯେପରି- ଯାଚିକାର 'ବ୍ୟାକ୍ ଟୁ ବ୍ୟାକ୍ ପ୍ରିଣ୍ଟିଂ' (କାଗଜର ଉଭୟ ପାର୍ଶ୍ୱ ଛପାଯିବା), ଇ-ଫାଇଲିଂ କରିବା ଇତ୍ୟାଦି। ଏହା ସହ ସର୍ବୋଚ୍ଚ ନ୍ୟାୟାଳୟର ଅଧିକାଂଶ ନ୍ୟାୟିକ ପ୍ରକ୍ରିୟାର ଲାଇଭ ଟେଲିକାଷ୍ଟ (ସିଧା ପ୍ରସାରଣ) ଆରମ୍ଭ ହୋଇଛି; ଯଦ୍ୱାରା ଜଣେ ସାଧାରଣ ନାଗରିକ ଏହାର ଲାଭପାଇପାରିବେ। ବର୍ତ୍ତମାନ କେଉଁ ଓକିଲ ନ୍ୟାୟାଳୟରେ କେଉଁ ଯୁକ୍ତି ଉପସ୍ଥାପନ କରିଥିଲେ ଏବଂ ଏହା ଉପରେ ନ୍ୟାୟାଧୀଶ କିପରି ପ୍ରତିକ୍ରିୟା ପ୍ରକାଶ କଲେ ତାହା ଜାଣିହେବ। ପୂର୍ବରୁ ଏହି ସୂଚନା ସହଜରେ ଉପଲବ୍ଧ ନ ଥିଲା, କିନ୍ତୁ ବର୍ତ୍ତମାନ ଯିଏ ଏହି ସିଧା ପ୍ରସାରଣ ଦେଖିବା ପାଇଁ ଅନୁମତିପ୍ରାପ୍ତ, ସେ ବିନା କାଟଛାଣ୍ଟରେ ସମଗ୍ର ପ୍ରକ୍ରିୟା ଦେଖିପାରିବ। ନ୍ୟାୟାଳୟର ନ୍ୟାୟିକ ପ୍ରକ୍ରିୟା ଦେଖିବାକୁ ଦେବା ନିଶ୍ଚିତ ରୂପେ ଏକ ପ୍ରଶଂସନୀୟ ପଦକ୍ଷେପ। ସେହିଭଳି ନିଜ ମୋବାଇଲ ଫୋନ କିମ୍ବା କମ୍ପ୍ୟୁଟର ସ୍କ୍ରିନ୍‌ରେ ଆମେ(ଅନୁମତିପ୍ରାପ୍ତ) ନ୍ୟାୟାଳୟର ଡିସ୍‌ପ୍ଲେ ବୋର୍ଡ(ପ୍ରଦର୍ଶନ ଫଳକ)କୁ ସହଜରେ ଦେଖିପାରିବା। ସେହି ବୋର୍ଡରୁ କେଉଁ ଅଦାଲତରେ କି ମାମଲା ଚାଲୁଛି ତାହା ଜାଣିହେବ। ସର୍ବୋଚ୍ଚ ନ୍ୟାୟାଳୟଙ୍କ ଏହି ପଦକ୍ଷେପ କେବଳ ପରିବେଶର ସୁରକ୍ଷା କରିବ ନାହିଁ ବରଂ ସମୟ ବଞ୍ଚାଇବ ଏବଂ ନ୍ୟାୟାଳୟ ପରିସରର ଅଯଥା ଭିଡ଼କୁ ମଧ୍ୟ ହ୍ରାସ କରିବ। ନ୍ୟାୟିକ ପ୍ରକରଣ ଗତିଶୀଳ ହେବ। ନ୍ୟାୟାଳୟଙ୍କ ନିର୍ଦ୍ଦେଶନାମା ଶୀଘ୍ର ପ୍ରାପ୍ତ ହେବ। ଏସବୁ ଦୃଷ୍ଟିରୁ ବିଚାରକଲେ ଜାଣିପାରିବା ଯେ ଏହା ହେଉଛି ଉଚ୍ଚତମ ନ୍ୟାୟାଳୟଙ୍କ ସ୍ୱାଗତଯୋଗ୍ୟ ପଦକ୍ଷେପ।

**ବୈପାରିଗୁଡ଼ା, କୋରାପୁଟ**
**ମୋ- ୬୩୭୦୬୭୯୪୦୫**

## ଏଇ ଭାରତରେ

ଶିକ୍ଷା ସହିତ ପରିବେଶ ଉପଯୋଗୀ ଜୀବନ ଜିଇବାର ବାଟ ଦେଖାଉଛନ୍ତି ବିଜ୍ଞାନ ଶିକ୍ଷକ ସି.ଏମ୍. ନାଗରାଜା। ବେଙ୍ଗାଲୁରୁର ଡୋଡାବନହାଲିସ୍ଥିତ ସରକାରୀ ଉଚ୍ଚପ୍ରାଥମିକ ବିଦ୍ୟାଳୟରେ ସେ ଅନେକ ପରିବେଶ ଅନୁକୂଳ ବ୍ୟବସ୍ଥା ଖଞ୍ଜି ଦେଇଛନ୍ତି। ୨୦୧୮ରେ ସ୍କୁଲରେ ପ୍ରଥମେ ବର୍ଜ୍ୟ ପରିଚାଳନା କାର୍ଯ୍ୟକ୍ରମ ଆରମ୍ଭ କରିଥିଲେ। ସ୍କୁଲର ପୁରୁଣା ଫର୍ନିଚରରୁ ପ୍ରୋଜେକ୍ଟର ସ୍କ୍ରିନ, ଡାଏସ, ପୋଡିୟମ, ନେମ୍‌ପ୍ଲେଟ ଓ କପ୍‌ବୋର୍ଡ ତିଆରି କରିଛନ୍ତି। ସେ ପିଲାମାନଙ୍କ ଦ୍ୱାରା ବ୍ୟବହୃତ କ୍ଷୀର ପ୍ୟାକେଟ ସଂଗ୍ରହ କରି ସେଥିରେ କମ୍ପ୍ୟୁଟର କଭର କରିଛନ୍ତି। ନାଗରାଜା ଏନ୍‌ଜିଓ ସହଯୋଗରେ ଦୁଇଟି ବାୟୋ ୱେଷ୍ଟ କନଭର୍ଟର ଓ ପ୍ଲାଷ୍ଟିକ ୱେଷ୍ଟବିନ୍ ବ୍ୟବସ୍ଥା କରିପାରିଛନ୍ତି। ବର୍ଷାଜଳ ଓ ପ୍ରତିଦିନ ବ୍ୟବହାର ହେଉଥିବା ଜଳକୁ ସଂରକ୍ଷିତ କରି ରଖାଯାଉଛି ଓ ତାହାକୁ ବଗିଚା ଓ ଅନ୍ୟ କାମରେ ବ୍ୟବହାର କରାଯାଉଛି। କେବଳ ଏତିକି ନୁହେଁ ସ୍କୁଲ ବଗିଚାରେ କମ୍ ଜଳ ବ୍ୟବହାର କରିବା ଲାଗି ସିଞ୍ଚନ ପଦ୍ଧତିରେ ଜଳସେଚନ କରାଯାଉଛି।

## ୨୫ ବର୍ଷ ତଳର ଧରିତ୍ରୀ

୬ ସେପ୍ଟେମ୍ବର ୧୯୯୮

- ରାଷ୍ଟ୍ରୀୟ ସାଧାରଣତନ୍ତ୍ର ଦାଗେସ୍ଥାନର ରାଜଧାନୀ ମାଖାଚାକାଲାଠାରେ ଏକ ଶକ୍ତିଶାଳୀ ବିସ୍ଫୋରଣ ଘଟି ୧୬ ମୃତ।
- କେନ୍ଦ୍ର ମାନବ ସମ୍ବଳ ବିକାଶ ମନ୍ତ୍ରୀ ମୁରଲୀ ମନୋହର ଯୋଶୀଙ୍କ ସହ ଆଲୋଚନା ପରେ ସର୍ବଭାରତୀୟ ବିଶ୍ୱବିଦ୍ୟାଳୟ ଓ ମହାବିଦ୍ୟାଳୟ ମହାସଂଘ ସଙ୍ଗଠନର ଆହ୍ୱାନକ୍ରମେ ଆନ୍ଦୋଳନରତ ଶିକ୍ଷକମାନଙ୍କ ଧର୍ମଘଟ ପ୍ରତ୍ୟାହୃତ।
- ଚାନ୍ଦିପୁରସ୍ଥିତ ମଧ୍ୟବର୍ତ୍ତିକାଳୀନ କ୍ଷେପଣାସ୍ତ୍ର ପରୀକ୍ଷଣ ଘାଟିରୁ ସ୍ୱଳ୍ପ ଦୂରଗାମୀ କ୍ଷେପଣାସ୍ତ୍ର 'ତ୍ରିଶୂଳ' ଓ 'ଆକାଶ'ର ସଫଳ ପରୀକ୍ଷଣ।

## ଚିରନ୍ତନୀ

ଲୁହାର କପାଟ ସମ
କାଟି ଦେଇ ବିଶ୍ୱର ବିଷାଦ
ଜଣାଇବି ଆଜି କୋଟି
ଶତାବ୍ଦୀ ସଞ୍ଚିତ ପ୍ରତିବାଦ।
-(ଶୂନ୍ୟ ଚିନ୍ତା)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

# ପାଠକ ଶ୍ରେଷ୍ଠ ବିଚାରକ

## କିଏ ଦଳୀୟ କର୍ମୀ, କିଏ ଭୋଟର

ମହାଶୟ,

ଏବେ ସାମ୍ପ୍ରତିକ ପରିସ୍ଥିତିରେ ବିଭିନ୍ନ ରାଜନୈତିକ ଦଳ ନିଜ ନିଜ କର୍ମୀଙ୍କ ସଂଖ୍ୟା ବୃଦ୍ଧି କରିବାରେ ଲାଗି ପଡ଼ିଛନ୍ତି। ବିଭିନ୍ନ ପ୍ରକାର ସରକାରୀ ଯୋଜନାରେ ମିଳୁଥିବା ଆର୍ଥିକ ସାହାଯ୍ୟ, କୃଷକମାନଙ୍କ ପାଇଁ ମିଳୁଥିବା ଋଣ ପ୍ରଦାନ, ସ୍ୱୟଂ ସହାୟିକା ଗୋଷ୍ଠୀମାନଙ୍କୁ ସରକାରୀ ସହାୟତା, ସୁଧ ଛାଡ଼ ଋଣ, ବାର୍ଦ୍ଧକ୍ୟ ଭତ୍ତା, ବିଧବା ଭତ୍ତା, ଛତା, ଜୋତା, ଲାପ୍‌ଟପ, କମ୍ପ୍ୟୁଟର ଏବଂ ସାଧାରଣ ଲୋକଙ୍କୁ ମାଗଣା ରାଶନର ପ୍ରଲୋଭନ ଦେଖାଇ ରାଜନୈତିକ ଦଳମାନେ ଦଳୀୟ କର୍ମୀ ଯୋଗାଡ କରୁଥିବା ପ୍ରାୟ ସମସ୍ତଙ୍କୁ ଜଣା ଅଛି। ଆଉ କିଛି ମିଛିମିଛିକା ଅସାମ୍ବିଧାନିକ ଦଳୀୟ ପଦବୀ ସୃଷ୍ଟି କରାଯାଇ କ୍ଷମତା ଲୋଭ ପ୍ରଦର୍ଶନ କରାଯାଉଛି। ପ୍ରାୟ ସବୁ ରାଜନୈତିକ ଦଳ ଭିତରେ ଛାତ୍ରୀଛାତ୍ର, ଯୁବଗୋଷ୍ଠୀ, ମହିଳା, ବରିଷ୍ଠ ନାଗରିକମାନଙ୍କୁ ସ୍ୱତନ୍ତ୍ର ସାଂଗଠନିକ କ୍ଷମତା ଦିଆଯାଇ ବହୁ ମାତ୍ରାରେ ଆକର୍ଷିତ କରାଯାଉଛି। ଏହି ପ୍ରକାର ଦଳୀୟ ରାଜନୈତିକ ପ୍ରକ୍ରିୟାରେ ଆମ ଦେଶର ପ୍ରାୟ ୯୦ ପ୍ରତିଶତ ସବୁ ବର୍ଗର ଲୋକ ଦଳୀୟ କର୍ମୀ, ସଂଗଠକହୋଇଗଲା ପରେ ଆଉ ଭୋଟର ଭାବରେ ରହି ସମର୍ଥନ ଦେବାକୁ କିମ୍ବା ରାଜନୈତିକ ଦଳ ସପକ୍ଷରେ ମତଦାନ କରିବାକୁ ମାତ୍ର ୧୦ ପ୍ରତିଶତ ଲୋକ ରହିବେ। ଅତଏବ, କିଏ ଦଳୀୟ କର୍ମୀ ଏବଂ କିଏ ସାଧାରଣ ଭୋଟର, ତାହା ଜାଣିବା ମୁସ୍କିଲ।

**-ଅବନୀ ଚନ୍ଦ୍ର ଦାସ, ପ୍ରଶାନ୍ତି ବିହାର, ଭୁବନେଶ୍ୱର**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)


ଭାଜପା କର୍ମୀମାନେ ସମ୍ବିତ ପାତ୍ରଙ୍କୁ କଳାପତାକା ଦେଖାଇବାକୁ ଯାଉଛନ୍ତି।

# କଳାପତାକା ଦେଖାଇଲେ, ଅଣ୍ଡାମାଡ଼ କଲେ

■ ଭାଜପା ରାଷ୍ଟ୍ରୀୟ ପ୍ରବକ୍ତା ସମ୍ବିତ ପାତ୍ରଙ୍କୁ ନୟାଗଡ଼ରେ ବିରୋଧ
■ ଭାଜପାର ପ୍ରତ୍ୟୁଷା, ଇରାନୀ ଗୋଷ୍ଠୀ ମୁହାଁମୁହିଁ
■ ଗୋଷ୍ଠୀ ସଂଘର୍ଷକୁ ପଣ୍ଡ କଲା ପୋଲିସ

ନୟାଗଡ଼,୫ା୯(ଲୋକନାଥ ମିଶ୍ର)

ନୟାଗଡ଼ର ଭାଜପା ଜିଲା କାର୍ଯ୍ୟାଳୟ ସମ୍ମୁଖରେ ମଙ୍ଗଳବାର ଭାଜପା ରାଷ୍ଟ୍ରୀୟ ପ୍ରବକ୍ତା ସମ୍ବିତ ପାତ୍ରଙ୍କୁ ଇରାନୀ ରାୟଙ୍କ ଗୋଷ୍ଠୀର କର୍ମୀମାନେ କଳାପତାକା ଦେଖାଇବା ସହ ଅଣ୍ଡାମାଡ଼ କରିଛନ୍ତି। ତେବେ ଶୋଭାଯାତ୍ରା ଭାଜପା ଜିଲା କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚିବା ପୂର୍ବରୁ ଅଣ୍ଡାମାଡ଼ ଓ କଳାପତାକା ପ୍ରଦର୍ଶନ ହୋଇଥିଲା। ଏଣୁ ଅଣ୍ଡା ସମ୍ବିତ ପାତ୍ରଙ୍କ ଦେହରେ ବାଜିନାହିଁ। ପୁଣି କଳାପତାକା ମଧ୍ୟ ବହୁ ଆଗରୁ ପ୍ରଦର୍ଶନ ହୋଇଥିଲା। ଏହି ଘଟଣାକୁ ନେଇ ଭାଜପାର ଦୁଇ ନାରୀ ନେତ୍ରୀ ଇରାନୀ ରାୟ ଓ ପ୍ରତ୍ୟୁଷା ରାଜେଶ୍ୱରୀ ସିଂ ଗୋଷ୍ଠୀ ମଧ୍ୟରେ ଗୋଷ୍ଠୀ ସଂଘର୍ଷ ହେବାର ଥିଲା। ଦୁଇ ଗୋଷ୍ଠୀ ମୁହାଁମୁହିଁ ହୋଇ ସାରିଥିଲେ। ଏଭଳିସ୍ଥଳେ କଳାପତାକା ଓ ଅଣ୍ଡାମାଡ଼ କରିଥିବା ୨ କର୍ମୀଙ୍କୁ ପୋଲିସ ଉଠାଇ ନେବା ପରେ ଗୋଷ୍ଠୀ ସଂଘର୍ଷ ପଣ୍ଡ ହୋଇଥିଲା। ପୋଲିସ ପରିସ୍ଥିତିକୁ ନିୟନ୍ତ୍ରଣ କରି ନେଇଥିଲା। ଏଣୁ ପ୍ରତ୍ୟୁଷା ରାଜେଶ୍ୱରୀଙ୍କ ସ୍ୱାମୀ ପୂର୍ବତନ କନ୍ଧମାଳ ଏମ୍‌ପି ହେମେନ୍ଦ୍ର ଚନ୍ଦ୍ର ସିଂଙ୍କ ଶ୍ରାଦ୍ଧ ବାର୍ଷିକ ପାଳନ ଶାନ୍ତିଶୃଙ୍ଖଳାର ସହ ସମାପନ ହୋଇଯାଇଛି।

ମଙ୍ଗଳବାର ପୂର୍ବତନ ଏମ୍‌ପି ହେମେନ୍ଦ୍ର ଚନ୍ଦ୍ର ସିଂଙ୍କ ୯ମ ଶ୍ରାଦ୍ଧ ବାର୍ଷିକ ପୁରୁଣା ରାଜବାଟିରେ ପାଳନ ହେଉଥିଲା। ଏହି ଅବସରରେ ଏକ ରକ୍ତଦାନ ଶିବିର ସହ ହେମେନ୍ଦ୍ରଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରିବାର କାର୍ଯ୍ୟକ୍ରମ ଥିଲା। ଭାଜପା ରାଷ୍ଟ୍ରୀୟ ପ୍ରବକ୍ତା ସମ୍ବିତ ପାତ୍ର କାର୍ଯ୍ୟକ୍ରମରେ ଯୋଗଦେବା ପାଇଁ ନୟାଗଡ଼ ଆସୁଥିଲେ। ତେବେ ସମ୍ବିତ ହେମେନ୍ଦ୍ରଙ୍କ କାର୍ଯ୍ୟକ୍ରମରେ ଯୋଗଦେବାକୁ ଇରାନୀଙ୍କ ଗୋଷ୍ଠୀ ପକ୍ଷରୁ ବିରୋଧ କରାଯାଇଥିଲା। ସମ୍ବିତ କିନ୍ତୁ ଇରାନୀଙ୍କ ଗୋଷ୍ଠୀର କର୍ମୀ କଥା ନ ଶୁଣି କାର୍ଯ୍ୟକ୍ରମରେ ଯୋଗଦେବେ କହିବାରୁ ବିବାଦ ବଢ଼ିଥିଲା। ଇରାନୀଙ୍କ ଗୋଷ୍ଠୀ ଖୋଲାଖୋଲି ସମ୍ବିତଙ୍କୁ ବିରୋଧ କରିଥିଲେ। ଏପରି କି ସିନ୍ଦୂରିଆ ନିକଟସ୍ଥ ଭାଜପା ଜିଲା କାର୍ଯ୍ୟାଳୟଠାରେ ସମ୍ବିତଙ୍କୁ ଅଣ୍ଡାମାଡ଼ ଓ କଳାପତାକା ଦେଖାଇବାକୁ ପ୍ରସ୍ତୁତ ହୋଇ ରହିଥିଲେ। ତେବେ ସମ୍ବିତ ୫୭ ନଂ. ଜାତୀୟ ରାଜପଥରେ ସିନ୍ଦୂରିଆ ଦେଇ ନ ଯାଇ ବିକଳ୍ପ ରାସ୍ତାରେ ପୁରୁଣା ରାଜବାଟିରେ ପହଞ୍ଚି କାର୍ଯ୍ୟକ୍ରମରେ ଯୋଗଦେଇଥିଲେ। ପୁରୁଣା ରାଜବାଟିଠାରୁ ପ୍ରତ୍ୟୁଷା ରାଜେଶ୍ୱରୀଙ୍କ ସହ ବାଇକ୍ ଶୋଭାଯାତ୍ରାରେ ସିନ୍ଦୂରିଆ ନିକଟସ୍ଥ ହେମେନ୍ଦ୍ରଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିବାକୁ ପହଞ୍ଚିଲେ। ଏଣୁ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିବାକୁ ଯିବା ଓ ଫେରିବା ସମୟରେ ସମ୍ବିତଙ୍କୁ ବିରୋଧ କରାଯାଇଥିବା ଦେଖିବାକୁ ମିଳିଥିଲା।

# ମୋର ବିରୋଧୀମାନେ ମଧ୍ୟ ମୋ ଶିକ୍ଷକ: ରାହୁଲ

**ନୂଆଦିଲ୍ଲୀ,୫ା୯:** କଂଗ୍ରେସ ନେତା ରାହୁଲ ଗାନ୍ଧୀ ଗୁରୁ ଦିବସରେ ଏକ ନିଆରା ଅଭିନନ୍ଦନ ଜଣାଇଛନ୍ତି। ମଙ୍ଗଳବାର ରାହୁଲ କହିଛନ୍ତି ତାଙ୍କ ବିରୋଧୀମାନେ ମଧ୍ୟ ତାଙ୍କର ଶିକ୍ଷକ। ଯେହେତୁ ସେମାନଙ୍କର ଆଚରଣ, ମିଥ୍ୟା ଏବଂ ଶବ୍ଦ ତାଙ୍କୁ ଠିକ ରାସ୍ତାରେ ରହିବାକୁ ସାହାଯ୍ୟ କରେ ଓ ଯେ କୌଣସି ମୂଲ୍ୟରେ ଆଗକୁ ବଢ଼ିବା ଜାରି ରଖିବାରେ ସାହାଯ୍ୟ କରେ। ଗୁରୁ ଦିବସରେ ସେ ସମସ୍ତ ଶିକ୍ଷକମାନଙ୍କୁ ଧନ୍ୟବାଦ ଜଣାଇଛନ୍ତି। ସେ ସୋସିଆଲ ମିଡ଼ିଆ ଏକ୍ସରେ ଲେଖିଛନ୍ତି, ଜଣେ ଶିକ୍ଷକଙ୍କର ଆମ ଜୀବନରେ ବହୁତ ଉଚ୍ଚ ସ୍ଥାନ ଅଛି। କାରଣ ଜଣେ ଶିକ୍ଷକ ଆପଣଙ୍କ ଜୀବନର ପଥକୁ ଆଲୋକିତ କରନ୍ତି ଏବଂ ଆପଣଙ୍କୁ ଠିକ ଦିଗକୁ ଯିବାକୁ ପ୍ରେରଣା ଦିଅନ୍ତି। ଭାରତର ଲୋକମାନେ ମଧ୍ୟ ଶିକ୍ଷକମାନଙ୍କ ପରି, ଯେହେତୁ ସେମାନେ ବିବିଧତା ମଧ୍ୟରେ ଏକତାର ଉଦାହରଣ ଦିଅନ୍ତି, ସାହସ ସହିତ ପ୍ରତ୍ୟେକ ସମସ୍ୟାର ମୁକାବିଲା କରିବାକୁ ଆମକୁ ପ୍ରେରଣା ଦିଅନ୍ତି ଓ ନମ୍ରତା ଏବଂ ଅନୁତାପର ଉଦାହରଣ ଅଟନ୍ତି। ମହାତ୍ମା ଗାନ୍ଧୀ, ଗୌତମ ବୁଦ୍ଧ ଏବଂ ଶ୍ରୀ ନାରାୟଣ ଗୁରୁ ଭଳି ମହାପୁରୁଷଙ୍କୁ ମୁଁ ମୋର ଗୁରୁ ବୋଲି ବିବେଚନା କରିଥାଏ। ଏହି ବ୍ୟକ୍ତିତ୍ୱମାନେ ଆମକୁ ସମାଜର ସମସ୍ତ ଲୋକଙ୍କ ସମାନତା,ସମସ୍ତଙ୍କ ପ୍ରତି ଦୟା ଏବଂ ପ୍ରେମ ଦେଖାଇବା ପାଇଁ ଜ୍ଞାନ ଦେଇଛନ୍ତି।


ରାହୁଲ ଗାନ୍ଧୀ

# ନିର୍ଦ୍ଧାରିତ ସମୟରେ ହେବ ନିର୍ବାଚନ

ଭୁବନେଶ୍ୱର,୫ା୯(ଅନିଲ ଦାସ)

**ପ୍ରସ୍ତୁତ ପାଇଁ ଦଳୀୟ ନେତାଙ୍କୁ ବିଜେଡିର ପରାମର୍ଶ**
**୧୧ରୁ ଶଙ୍ଖ ଭବନରେ ତାଲିମ ନେବେ ମାଷ୍ଟର ଟ୍ରେନର**

କିଛିମାସ ଧରି ଆଗୁଆ ନିର୍ବାଚନ ଚର୍ଚ୍ଚା ଜୋର ଧରିଥିଲା। ତେବେ ଏଥିରେ ବିଜେଡି ପୂର୍ଣ୍ଣଚ୍ଛେଦ ପକାଇ ନିଜର ନେତାମାନଙ୍କୁ ଧାର୍ଯ୍ୟ ସମୟରେ ସାଧାରଣ ନିର୍ବାଚନ ପାଇଁ ପ୍ରସ୍ତୁତ ରହିବାକୁ ପରାମର୍ଶ ଦେଇଛି। ଆସନ୍ତା ସାଧାରଣ ନିର୍ବାଚନ ଧାର୍ଯ୍ୟ ସମୟରେ ହେବ ବୋଲି ଦଳ ପକ୍ଷରୁ ସଙ୍କେତ ଦିଆଯାଇଛି। ନିର୍ବାଚନ ପ୍ରସ୍ତୁତି ପାଇଁ ହାତରେ ମାତ୍ର ୫ ମାସ ସମୟ ଥିବାରୁ 'ଆମ ଓଡ଼ିଶା ନବୀନ ଓଡ଼ିଶା' ଯୋଜନାର ପ୍ରକଳ୍ପ କାର୍ଯ୍ୟକୁ ବ୍ୟାପକ ଭାବେ ଆରମ୍ଭ କରିବା, ଜିଲା ପରିଷଦ ଜୋନ୍‌ୱାରି ଛାତ୍ର, ଯୁବ ଓ ମହିଳାମାନଙ୍କ ବୈଠକ କରିବା, ଗାନ୍ଧୀ ଜୟନ୍ତୀରୁ ଦଳୀୟ ପଦଯାତ୍ରାକୁ ଡିସେମ୍ବର ଶେଷ ପର୍ଯ୍ୟନ୍ତ ଚଳାଇ ରଖିବା, ଯେଉଁମାନେ ମାଷ୍ଟରଟ୍ରେନର ପ୍ରଶିକ୍ଷଣ ନେବେ ସେମାନଙ୍କ ମାଧ୍ୟମରେ ପଞ୍ଚାୟତୱାରି ଅଧିକ ସଂଖ୍ୟକ ଦଳୀୟ କର୍ମୀଙ୍କୁ ପ୍ରଶିକ୍ଷିତ କରାଇବା ସହ ଘରେ ଘରେ ଶଙ୍ଖ ଅଭିଯାନକୁ ତ୍ୱରାନ୍ୱିତ କରିବା ନିମନ୍ତେ ପର୍ଯ୍ୟବେକ୍ଷକମାନଙ୍କୁ ଦଳ ପକ୍ଷରୁ ପରାମର୍ଶ ଦିଆଯାଇଛି। ତେବେ ଆସନ୍ତା ମାସେ କିମ୍ବା ୧୫ଦିନ ମଧ୍ୟରେ ପୁଣିଥରେ ଦଳୀୟ ପର୍ଯ୍ୟବେକ୍ଷକମାନଙ୍କ ବୈଠକ ବସିବ ବୋଲି କୁହାଯାଇଥିବା ଜଣାପଡ଼ିଛି।

ସଂଗଠନକୁ ଦୃଢ଼ କରିବା ପାଇଁ ଦଳ ପକ୍ଷରୁ ନିର୍ବାଚନମଣ୍ଡଳୀୱାରି ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଆସନ୍ତା ୧୧ ତାରିଖରୁ ଆରମ୍ଭ ହେବ। ସୋମବାର ନବୀନ ନିବାସରେ ଦଳର ପର୍ଯ୍ୟବେକ୍ଷକଙ୍କ ସହ ଏହି ପ୍ରଶିକ୍ଷଣ ଶିବିରକୁ ନେଇ ବିଜେଡି ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବିଚାରବିମର୍ଶ କରିବା ପରେ ମଙ୍ଗଳବାର ଦଳ ପକ୍ଷରୁ ଗାଇଡ୍‌ଲାଇନ୍ ଜାରି ହୋଇଛି। ଧାର୍ଯ୍ୟ ସମୟ ଅର୍ଥାତ୍ ମାର୍ଚ୍ଚ-ଏପ୍ରିଲ ମାସରେ ସାଧାରଣ ନିର୍ବାଚନ ହେବାକୁ ଥିବାରୁ ସଂଗଠନକୁ ଦୃଢ଼ କରି ସରକାରଙ୍କ ବିଭିନ୍ନ କାର୍ଯ୍ୟକ୍ରମ ମାଧ୍ୟମରେ ଲୋକଙ୍କ ନିକଟତର ହେବାକୁ ଦଳୀୟ ପର୍ଯ୍ୟବେକ୍ଷକମାନଙ୍କୁ ପରାମର୍ଶ ଦିଆଯାଇଥିବା ଜଣାପଡ଼ିଛି।

ବିଜେଡି ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ, ବରିଷ୍ଠ ଉପସଭାପତି ତଥା ପ୍ରଶିକ୍ଷଣ କାର୍ଯ୍ୟକ୍ରମର ଆବାହକ ଦେବୀ ପ୍ରସାଦ ମିଶ୍ର ବିଜେଡିର ସମସ୍ତ ପର୍ଯ୍ୟବେକ୍ଷକଙ୍କୁ ଚିଠି ଲେଖି ପ୍ରତ୍ୟେକ ନିର୍ବାଚନମଣ୍ଡଳୀରୁ ସର୍ବାଧିକ ୨୦୦ଜଣଙ୍କୁ ମାଷ୍ଟରଟ୍ରେନର ଭାବେ ଶଙ୍ଖ ଭବନରେ ପ୍ରଶିକ୍ଷଣ ଦେବା ସମ୍ପର୍କରେ ଅବଗତ କରାଇଛନ୍ତି। ସେ ତାଙ୍କ ଚିଠିରେ ଉଲ୍ଲେଖ କରିଛନ୍ତି ଯେ ଦଳର ସଭାପତିଙ୍କ ଅଧ୍ୟକ୍ଷତାରେ ସେପ୍ଟେମ୍ବର ୪ରେ ଅନୁଷ୍ଠିତ ସମୀକ୍ଷା ବୈଠକରେ ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମକୁ ନେଇ ବିସ୍ତୃତ ଆଲୋଚନା ହୋଇଛି। ଦଳର ସଭାପତିଙ୍କ ପରାମର୍ଶରେ ଶଙ୍ଖ ଭବନରେ ଆସନ୍ତା ୧୧ରୁ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ପ୍ରତ୍ୟେକ ନିର୍ବାଚନମଣ୍ଡଳୀରୁ ସର୍ବାଧିକ ୨୦୦ଜଣ ମାଷ୍ଟର ଟ୍ରେନରଙ୍କୁ ପ୍ରଶିକ୍ଷଣ ଦିଆଯିବ। ସମସ୍ତ ନିର୍ବାଚନମଣ୍ଡଳୀର ବିଧାୟକ, ନେତା, ଦଳୀୟ ପଦାଧିକାରୀଙ୍କ ସହ ବିଚାରବିମର୍ଶ କରି ଆସନ୍ତା ୫ଦିନ ମଧ୍ୟରେ ନିର୍ବାଚନମଣ୍ଡଳୀୱାରି ସର୍ବାଧିକ ୨୦୦ଜଣ ସକ୍ରିୟ କର୍ମୀ(ମାଷ୍ଟରଟ୍ରେନର)ଙ୍କ ତାଲିକା ଦେବାକୁ ପର୍ଯ୍ୟବେକ୍ଷକଙ୍କୁ କୁହାଯାଇଛି। ସେହିପରି ଜଣେ ଲେଖାଏ ଡାଟା ଏଣ୍ଟ୍ରି ଅପରେଟରଙ୍କ ନାଁ ଓ ବିସ୍ତୃତ ତଥ୍ୟ ଦେବାକୁ ପଡ଼ିବ। ଏହି ଡାଟାଏଣ୍ଟ୍ରି ଅପରେଟରମାନେ ସମ୍ପୃକ୍ତ ନିର୍ବାଚନମଣ୍ଡଳୀୱାରି ତଥ୍ୟକୁ ୧୫ଦିନ ମଧ୍ୟରେ ଶଙ୍ଖ ଭବନକୁ ଜଣାଇବେ। ମାଷ୍ଟରଟ୍ରେନର ଭାବେ ପ୍ରତ୍ୟେକ ପଞ୍ଚାୟତ ଓ ୱାର୍ଡ(ସହରାଞ୍ଚଳ)ରୁ ୩ରୁ ୪ଜଣ ଚୟନ କରାଯିବ, ସେମାନଙ୍କ ସଂଖ୍ୟା ସର୍ବାଧିକ ୨୦୦ ମଧ୍ୟରେ ରହିବ। ଏହି ୨୦୦ଜଣଙ୍କ ମଧ୍ୟରୁ ପ୍ରତ୍ୟେକ ଜିଲା ପରିଷଦ ଜୋନରୁ ସର୍ବନିମ୍ନ ୪ରୁ ୫ଜଣ ମହିଳା ସଦସ୍ୟ ସାମିଲ ହେବେ। ସେହିପରି ଜିଲା ପରିଷଦ ଜୋନରୁ ଅତିକମ୍‌ରେ ଜଣେ ଦଳର ସୋସିଆଲ ମିଡିଆ କର୍ମକର୍ତ୍ତା ମଧ୍ୟ ରହିବେ। ଏହି ସମସ୍ତ ୨୦୦ଜଣ ସଦସ୍ୟଙ୍କ ପାଖରେ ସ୍ମାର୍ଟଫୋନ୍ ଥିବା ଜରୁରୀ ଓ ସେମାନେ ସୋସିଆଲ ମିଡିଆ ଏବଂ ହ୍ୱାଟ୍ସଆପ୍ ପରିଚାଳନା କରିପାରୁଥିବେ ବୋଲି ଦଳ ପକ୍ଷରୁ କୁହାଯାଇଛି। ଶଙ୍ଖ ଭବନରେ ଏହି ପ୍ରଶିକ୍ଷଣ ଶିବିର ମୋଟ ୧ଘଣ୍ଟା ୫୫ମିନିଟ୍ ଧରି ଚାଲିବ।

# ଶିବରାଜଙ୍କୁ କ୍ରିକେଟର ଧୋନୀଙ୍କ ସହ ତୁଳନା କଲେ ରାଜନାଥ

**ଭୋପାଳ,୫ା୯ :** ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ ମଧ୍ୟପ୍ରଦେଶର ମୁଖ୍ୟମନ୍ତ୍ରୀ ଶିବରାଜ ସିଂ ଚୌହାନଙ୍କ ନେତୃତ୍ୱକୁ ପ୍ରଶଂସା କରିବା ସହ ତାଙ୍କୁ ମହାନ କ୍ରିକେଟର ମହେନ୍ଦ୍ର ସିଂ ଧୋନୀ (ଏମ୍‌ଏସ୍ ଧୋନି)ଙ୍କ ସହ ତୁଳନା କରିଛନ୍ତି। ରାଜନାଥ କହିଛନ୍ତି, ଶିବରାଜଙ୍କୁ ରାଜନୀତିର ଧୋନୀ କହିବା ଅତ୍ୟୁକ୍ତି ହେବ ନାହିଁ। ଆରମ୍ଭ ଯାହା ବି ହେଉ, ସେ ଭଲ ଫିନିଶ ଦେଇ ମ୍ୟାଚ୍ କିପରି ଜିତିବେ ଜାଣନ୍ତି। ଶିବରାଜ ଲୋକଙ୍କ ସେବା କରିଛନ୍ତି, ସେଥିପାଇଁ ସେ ଜନସାଧାରଣଙ୍କ ବିଶ୍ୱାସକୁ ହାସଲ କରି ପାରିଛନ୍ତି। ସେ ମଧ୍ୟପ୍ରଦେଶରେ ମାମା ଭାବରେ ବି ଜଣାଶୁଣା। ମଧ୍ୟପ୍ରଦେଶର ନେମୁଚରେ ଭାଜପାର ଜନ ଆଶୀର୍ବାଦ ଯାତ୍ରାକୁ ଆରମ୍ଭ କରିବା ପୂର୍ବରୁ ଏକ ସାଧାରଣ ସଭାକୁ ସମ୍ବୋଧିତ କରି ରାଜନାଥ ଏଭଳି ତୁଳନା କରିଛନ୍ତି।

# ବିଜେଡିର ୩ ବିଧାୟକଙ୍କୁ ଯୁବ କଂଗ୍ରେସର ବିରୋଧ

**ଗୁରୁଦିବସ ପାଳନ କାର୍ଯ୍ୟକ୍ରମ**

ଭବାନୀପାଟଣା,୫ା୯(ଉତ୍ତମ କୁମାର ଦାଶ)

କଳାହାଣ୍ଡି ଜିଲା ନର୍ଲାରେ ମଙ୍ଗଳବାର ନୂତନ ପ୍ରାଥମିକ ଶିକ୍ଷକ ଭବନ ଉଦ୍‌ଘାଟନ ଓ ୨୬ତମ ଜିଲାସ୍ତରୀୟ ଗୁରୁଦିବସ କାର୍ଯ୍ୟକ୍ରମ ପୂର୍ବରୁ ଯୁବ କଂଗ୍ରେସ କର୍ମକର୍ତ୍ତାଙ୍କ ଦ୍ୱାରା ଜିଲାର ୩ ବିଜେଡି ବିଧାୟକ ବିରୋଧର ଶିକାର ହୋଇଛନ୍ତି। ଯୁବ କଂଗ୍ରେସ ପକ୍ଷରୁ ସେମାନଙ୍କୁ କଳାପତାକା ପ୍ରଦର୍ଶନ ସହ ଅଣ୍ଡାମାଡ଼ କରାଯାଇଥିବା ଜଣାପଡିଛି। ଏଥିରେ ଜୁନାଗଡ଼ ବିଧାୟକ ଦିବ୍ୟଶଙ୍କର ମିଶ୍ରଙ୍କ ସହ ନର୍ଲା ବିଧାୟକ ଭୂପିନ୍ଦର ସିଂହ ଓ ଲାଞ୍ଜିଗଡ଼ ବିଧାୟକ ପ୍ରଦୀପ ଦିଶାରୀ ରହିଥିଲେ। ବହୁଚର୍ଚ୍ଚିତ ଗୋଲାମୁଣ୍ଡା ବ୍ଲକ ମହାଲିଙ୍ଗ ସନ୍‌ଶାଇନ ପବ୍ଲିକ ସ୍କୁଲ ଅଧ୍ୟକ୍ଷା ମମିତା ମେହେର ହତ୍ୟାକାଣ୍ଡ, ୫-ଟି ଯୋଜନାରେ ରୂପାନ୍ତରିତ କାର୍ଯ୍ୟରେ ହରିଲୁଟ ଓ ବ୍ଲକରେ ଶିକ୍ଷକ ସମସ୍ୟା ନେଇ ନର୍ଲା ଛାତ୍ର କଂଗ୍ରେସ ଓ ଯୁବ କଂଗ୍ରେସର କର୍ମକର୍ତ୍ତାମାନେ ୩ ବିଧାୟକଙ୍କୁ ତୀବ୍ର ବିରୋଧ କରିଥିଲେ। ଏପରିକି ଯୁବ କଂଗ୍ରେସ କର୍ମକର୍ତ୍ତାମାନେ ସଭାରେ ବିଧାୟକଙ୍କୁ ନ ବସେଇବା ଦାବି କରିବା ସହ ଦିବ୍ୟଶଙ୍କର ମିଶ୍ର ଗୋ ବ୍ୟାକ ଗୋ ବ୍ୟାକ ନାରା ଦେଇଥିଲେ। ବର୍ଷାରେ ଭିଜିଭିଜି ସେମାନେ ବିରୋଧ ପ୍ରଦର୍ଶନ କରୁଥିବା ଦେଖିବାକୁ ମିଳିଥିଲା।


ବିଜେଡି ବିଧାୟକଙ୍କୁ ଯୁବ କଂଗ୍ରେସ କର୍ମୀମାନେ ବିରୋଧ କରୁଛନ୍ତି।

# ଭାଜପା କୃଷକ ମୋର୍ଚ୍ଚାର ନୂଆ କମିଟି

**୩୪ ସାଙ୍ଗଠନିକ ଜିଲା ସଭାପତି, ସ୍ୱତନ୍ତ୍ର ନିମନ୍ତ୍ରିତ ସଦସ୍ୟ ଭାବେ ୩୫ ମନୋନୀତ**

ଭୁବନେଶ୍ୱର, ୫ା୯(ସୁନିତ୍ ମିଶ୍ର)

ଭାଜପା ରାଜ୍ୟ ସଭାପତି ମନମୋହନ ସାମଲଙ୍କ ଅନୁମୋଦନକ୍ରମେ କୃଷକ ମୋର୍ଚ୍ଚା ରାଜ୍ୟ ସଭାପତି ମହେଶ୍ୱର ସାହୁ ମଙ୍ଗଳବାର କୃଷକ ମୋର୍ଚ୍ଚା ରାଜ୍ୟ ପଦାଧିକାରୀ, କାର୍ଯ୍ୟକାରିଣୀ, ସ୍ଥାୟୀ ନିମନ୍ତ୍ରିତ, ସ୍ୱତନ୍ତ୍ର ନିମନ୍ତ୍ରିତ ସଦସ୍ୟ ଏବଂ ଜିଲା ସଭାପତିଙ୍କ ନାମ ଘୋଷଣା କରିଛନ୍ତି। ରାଜ୍ୟ ଉପସଭାପତି ଭାବେ ସୂର୍ଯ୍ୟ ନାରାୟଣ ମହାପାତ୍ର, ହୃଷୀକେଶ ଜେନା, ପ୍ରଦୀପ କୁମାର ପତ୍ରୀ, ବିପଦ ଭଞ୍ଜନ ଦାସ, ହଳପାଣି ମାଝି ଓ ଚନ୍ଦ୍ରଶେଖର ପଣ୍ଡାଙ୍କୁ ଦାୟିତ୍ୱ ଦିଆଯାଇଛି। ରାଜ୍ୟ ସାଧାରଣ ସମ୍ପାଦକ ଭାବେ ସମୀର ପାତ୍ର ଓ ଉପେନ୍ଦ୍ର ଭଞ୍ଜ, ରାଜ୍ୟ ସମ୍ପାଦକ ଭାବେ ମହେନ୍ଦ୍ର ଠାକୁର, ବିକ୍ରମ କେଶରୀ ରାଉତରାୟ, ମନୋଜ କୁମାର ସାହୁ, ଅଶୋକ କୁମାର ରଥ, ପାରାଉ ମୁର୍ମୁ, କୋଷାଧ୍ୟକ୍ଷ ଭାବେ ବିଶ୍ୱଜିତ୍ ସ୍ୱାଇଁ, କାର୍ଯ୍ୟାଳୟ ସମ୍ପାଦକ ଭାବେ ଅଜୟ କୁମାର ସାହୁ, ସାମାଜିକ ଗଣମାଧ୍ୟମ ସଂଯୋଜକ ଭାବେ ପ୍ରଦୀପ କୁମାର ସାହୁ ଏବଂ ସାମାଜିକ ଗଣମାଧ୍ୟମ ସହ-ସଂଯୋଜକ ଭାବେ ଶିବପ୍ରସାଦ ଶ୍ରୀଚନ୍ଦନ ଓ ସୁଧାକର ସାହୁଙ୍କୁ ଦାୟିତ୍ୱ ଦିଆଯାଇଛି। ସ୍ଥାୟୀ ନିମନ୍ତ୍ରିତ ସଦସ୍ୟ ଭାବେ କୃଷ୍ଣ ଜଗଦେବ, ଭାଗୀରଥି ପ୍ରଧାନ, ଶିବାଜୀ ମହାନ୍ତି, ପ୍ରଦୀପ ପୁରୋହିତ, ବିଜୟ ଖାଲ୍‌କୋ, ଦିଲୀପ କୁମାର ସ୍ୱାଇଁ, ମନୀଷା ଚିନ୍ମୟୀ ବେହେରା, ଶ୍ରୀରଞ୍ଜନ ମଙ୍ଗରାଜ ପ୍ରମୁଖଙ୍କୁ ମନୋନୀତ କରାଯାଇଛି। ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟଭାବେ ୪୮ ଜଣ ଏବଂ ସ୍ୱତନ୍ତ୍ର ନିମନ୍ତ୍ରିତ ସଦସ୍ୟ ଭାବେ ୩୫ ଜଣଙ୍କୁ ମନୋନୀତ କରାଯାଇଛି। ସେହିପରି ୩୪ଟି ସାଙ୍ଗଠନିକ ଜିଲା ସଭାପତିଙ୍କ ନାମ ମଧ୍ୟ ଘୋଷଣା କରାଯାଇଛି।

**ପୂର୍ବ ତଟ ରେଳପଥ**

(1) ଇ-ଟେଣ୍ଡର ବିଜ୍ଞପ୍ତି ସଂ.ST-SBP-TENDER-2023-30, ତା.25.08.2023ରିଖ

**କାର୍ଯ୍ୟର ନାମ :** ଚିକିତ୍ସାଳୟ ପ୍ରବନ୍ଧନ ଏବଂ ସୂଚନା ପ୍ରଣାଳୀର କାର୍ଯ୍ୟାନ୍ୱୟନ ନିମନ୍ତେ ସମ୍ବଲପୁର ମଣ୍ଡଳର ବଲାଙ୍ଗୀର, ଟିଟିଲାଗଡ଼, କଣ୍ଟାବାଞ୍ଜି ଏବଂ ମହାସମୁନ୍ଦ ଠାରେ ହେଲ୍‌ଥ ୟୁନିଟ୍ ଏବଂ ମଣ୍ଡଳ ରେଳବାଇ ଚିକିତ୍ସାଳୟ ଠାରେ LAN ପଏଣ୍ଟ ଏବଂ Wi-Fi ପଏଣ୍ଟ ଗୁଡ଼ିକର ବ୍ୟବସ୍ଥା।

**ଟେଣ୍ଡର ମୂଲ୍ୟ (₹) :** 11,80,345.45, ବିଡ୍ ସିକ୍ୟୁରିଟି (₹): 23,600.00

(2) ଇ-ଟେଣ୍ଡର ବିଜ୍ଞପ୍ତି ସଂ.ST-SBP-TENDER-2023-31, ତା. 25.08.2023ରିଖ

**କାର୍ଯ୍ୟର ନାମ:** ମଣ୍ଡଳ ରେଳ ପ୍ରବନ୍ଧକ ବିଲ୍ଡିଙ୍ଗ/ସମ୍ବଲପୁରର ରେଲନେଟ୍ ଏବଂ Wi-Fi ର ଉନ୍ନୟନ ନିମନ୍ତେ ଦୂରସଂଚାର ସମ୍ପତ୍ତିର ନିର୍ମାଣ(Creation)।

**ଟେଣ୍ଡର ମୂଲ୍ୟ (₹) :** 69,95,079.33, ବିଡ୍ ସିକ୍ୟୁରିଟି (₹): 1,39,900.00

**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ:** ତା.18.09.2023 ରିଖ 1100 ଘଟିକାରେ (କ୍ରମ ସଂ.1 ପାଇଁ) ଏବଂ ତା. 21.09.2023 ରିଖ 1100 ଘଟିକାରେ (କ୍ରମ ସଂ.2 ପାଇଁ)।

ଏହି ଇ-ଟେଣ୍ଡରଗୁଡ଼ିକ କ୍ଷେତ୍ରରେ ଡାକ/କୋରିୟର/ଫାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ ଏବଂ ଯଥା ସମୟରେ ଗ୍ରହଣ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ। ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବସାଇଟ http://www.ireps.gov.in ରେ ଉପଲବ୍ଧ ଅଟେ।

ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15(ପନ୍ଦର) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି।

ମଣ୍ଡଳ ରେଳ ପ୍ରବନ୍ଧକ(ସଙ୍କେତ ଏବଂ ଦୂରସଞ୍ଚାର), ସମ୍ବଲପୁର
PR-535/O/23-24

CAREER APPOINTMENT
ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385
Email : advt@dharitri.com

**WALK-IN-INTERVIEW**
Between- 8.30 A.M. to 9 AM.
From 11.09.2023 to 16.09.2023
**APEX ENGLISH MEDIUM SCHOOL**
Affiliated to CBSE, New Delhi, Laliteswar Nagar, Jajpur
Phone:9437080047, Email:apexjajpur1998@gmail.com
For the Post of TGT : English, Science & S.S.T.
Salary : As per Experience and Efficiency
Sd./- DIRECTOR

**URGENTLY REQUIRED**
JP Solutions, CDA-13, Cuttack Urgently Required Loan Recovery agent for Bank. Fresher or experience candidate for all Odisha. Telecaller experience girls.
Qualification:10th/ +2
Salary 10000 upto 20000+incentive.
Contact:jpsolutions147@gmail.com
63728 04980, 82804 99801

**WALK-IN-INTERVIEW**
Jagannath Hospital, Sahid Nagar, Bhubaneswar urgently required Male Receptionists and NICU / PICU Sisters. **Walk-in-interview on 07.09.2023.** Candidates may send their resume through email - jagannathhospital@yahoo.com.
Phone : 8093091310

**SHREE JAGANNATH TEMPLE OFFICE, PURI**
Advertisement Notice No.11513,
Date:5.9.2023

Applications are invited from eligible retired Revenue Supervisor/ Revenue Inspector/ Asst. Revenue Inspector/ Amins for the post of Amin to work in the land related matters of Shree Jagannath Mahaprabhu Bije-Puri located at Puri, Khurda, Cuttack, Bhadrak, Kendrapada, Ganjam, Jagatsinghpur, Jajpur, Balasore districts. The remuneration will be fixed as per Finance Department Office Memorandum No.24533, dt.29.9.2022. **Eligibility of the Candidates:** (a) The applicant who has retired and not attained age of 65 years as on dt.31.07.2023. (b) The applicant must have acquired sufficient revenue knowledge and experience in Tahasil/ Settlement/ Consolidation organisation during his service tenure and should have interest in field works. (c) The engagement is purely temporary on outturn oriented basis and can be terminated at any time without assigning any reason. (d) The short listed applicants will be called for interview through issue of letter. (e) Retired employees who previously worked under SJTA and have been disengaged, should not apply. Process of Application: The applicants should send their Bio-data in given format annexed herewith alongwith Retirement order, P.P.O. order, Experience Certificates, Address proof document, Passport Size photograph, other related documents through Registered Post with AD in A4 size envelope with superscription "Application for the Post of Amin" addressed to the Administrator (Niti), Shree Jagannath Temple Administration, Grand Road, Puri, Pin-752001. The applications filled in all respect should reach this office latest by 5 PM on 20.9.2023. Application received after due date will not be entertained. The Temple Administration reserves the rights to cancel the advertisement without assigning any reason thereto. No T.A., D.A. will be given to attend interview.

Sd./- Administrator
Shree Jagannath Temple, Puri

**Application for the Post of ______ of Shree Jagannath Temple Administration, Puri**
Passport size Photograph

**BIO-DATA**
1. Name of Applicant, 2. Father's Name, 3. Date of Birth, 4. Date of Retirement from Govt. Service, 5. Correspondence Address, 6. Permanent Address, 7. Mobile No., 8. Nationality, 9. Experience/ Previous posing, 10. List of documents attached.

**UNDERTAKING**
I Shri.......................... undertake that all the above information submitted by me is correct to my knowledge and belief.
Date: Signature of the Applicant

**DIRECTORATE OF MEDICAL EDUCATION & TRAINING, ODISHA**
**ADVERTISEMENT FOR OPENING OF INSTITUTIONS FOR IMPARTING NURSING/PHARMACY/ PHYSIOTHERAPY AND OCCUPATIONAL THERAPY/ DMLT & DMRT AND ALLIED MEDICAL SCIENCE COURSES IN THE STATE FOR 2024-25**
MET-I-AMS-01/2023 - No. 12920 Dt.: 02.09.2023
No. E-377: Online applications are invited for obtaining new NOC for opening of Institutions for imparting Nursing/ Pharmacy/Physiotherapy and Occupational Therapy/ DMLT & DMRT and Allied Medical Science Courses in the State of Odisha in the academic session 2024-25. The detail guidelines and instruction manual are available in the website of DMET (O), i.e. **www.dmetodisha.gov.in.**
Sd./- DMET, Odisha
OIPR-10016/11/0008/2324

**DIRECTORATE OF MEDICAL EDUCATION & TRAINING, ODISHA**
**ADVERTISEMENT FOR COMBINED ALLIED AND PARAMEDICAL COUNSELLING FOR TAKING ADMISSION IN VARIOUS ALLIED AND PARAMEDICAL COURSES FOR AY 2024-25**
MET-I-AMS-01/2023/12953 Dt.: 02.09.2023
No. E-378: Online applications are invited for combined allied and paramedical counselling to take admission in various paramedical courses for the academic session of 2024-25. The detail guidelines and instruction manual are available in the website of DMET (O), i.e. **www.dmetodisha.gov.in.**
Sd./- DMET, Odisha
OIPR-10016/11/0007/2324

**कार्यपालक अभियंता का कार्यालय**
**ग्रामीण विकास विशेष प्रमंडल, राँची**
**ई–निविदा आमंत्रण सूचना**
ई– निविदा सूचना संख्या – RDD/SD/RANCHI/21/2022-23 Re-tender (3rd Call)
P.R. No. 293960 Rural Development (22-23) D &
P.R No. 296683 Rural Development (23-24) D

1. कार्य की विस्तृत विवरणी :

| क्र० सं० | कार्य का नाम | प्राक्कलित राशि (लाख में) | अग्रधन की राशि (रू० में) | परिमाण विपत्र का मूल्य (रू० में) | कार्य पूर्ण करने की अवधि |
|---|---|---|---|---|---|
| 1 | राँची जिला के सिल्ली प्रखंड में कोंचो पंचायत अंतर्गत देलबेड़ा धाम के स्वर्णरेखा नदी घाट पर उच्च स्तरीय पुल निर्माण। | 1059.506 | 21,19,100.00 | 10,000.00 | 24 माह |

2. वेबसाइट में निविदा प्रकाशन की तिथि – दिनांक 11.09.2023
3. ई–निविदा प्राप्ति की तिथि एवं समय – दिनांक 12.09.2023 से दिनांक 25.09.2023 को अपराह्न 5:00 बजे तक।
4. निविदा शुल्क एवं अग्रधन की राशि जमा करने की अंतिम तिथि एवं समय 29.09.2023 अपराह्न 05:00 बजे तक।
5. निविदा शुल्क एवं अग्रधन की राशि जमा करने का स्थान :–
i) ग्रामीण विकास विशेष प्रमंडल, राँची के लिए जिला नियंत्रण कक्ष, राँची।
ii) ग्रामीण विकास विशेष अंचल, राँची के लिए जिला नियंत्रण कक्ष, राँची।
iii) e-procurement Cell, मुख्य अभियंता कार्यालय, ग्रामीण विकास विशेष प्रक्षेत्र, एफ०एफ०पी० भवन, धुर्वा, राँची।
6. निविदा शुल्क एवं अग्रधन की राशि जमा करने की तिथि को यदि राज्य में सरकारी अवकाश घोषित होता है, तो उक्त तिथि एवं समय अगले कार्यदिवस तक स्वतः विस्तारित समझी जायेगी।
7. निविदा खोलने का स्थान :– कार्यपालक अभियंता का कार्यालय, ग्रामीण विकास विशेष प्रमंडल, राँची।
8. निविदा खोलने की तिथि एवं समय :– 30.09.2023 अपराह्न 02:00 बजे।
9. निविदा आमंत्रित करने वाले पदाधिकारी का नाम एवं पता – कार्यपालक अभियंता, ग्रामीण विकास विशेष प्रमंडल, राँची।
10. ई०–निविदा प्रकोश्ठ का दूरभाश सं० – 9431349277 (संबंधित कार्यपालक अभियंता का दूरभाश नम्बर)
11. निविदा शुल्क राश्ट्रीयकृत बैंक द्वारा निर्गत ड्राफ्ट या बैकर्स चेक जो कार्यपालक अभियंता, ग्रामीण विकास विशेश प्रमंडल, राँची के पदनाम से देय हो देना होगा।
12. परिमाण विपत्र की राशि घट–बढ़ सकती है, तदनुसार अग्रधन की राशि देय होगी।
विस्तृत जानकारी के लिये वेबसाईट www.jharkhandtenders.gov.in एवं कार्यालय की सूचना पट्ट पर देखा जा सकता है।
कार्यपालक अभियंता
ग्रामीण विकास विशेष प्रमंडल, राँची
PR 306246 Rural Development(23-24)#D

**OFFICE OF THE MUNICIPAL COUNCIL, NAYAGARH**
**QUOTATION CALL NOTICE**
No. 2810 Date: 04.09.2023
No. C-1305: Sealed quotations are invited through Registered Post/Speed Post/By hand from the contractors (MV/HT) having updated GST, PAN Card, Licence for supply of Electrical Street Light with all fixtures for Nayagarh Municipality as per detailed specification, terms and conditions in separate schedule, which may be obtained from Office of the Municipal Council, Nayagarh on any working days from 07.09.2023 to 16.09.2023 upto 5.30 P.M. on payment of cost of bid document of Rs.2000.00 in shape of cash deposit receipt of Nayagarh Municipality & EMD of Rs.10,000.00 in shape of Cash deposit receipt of Nayagarh Municipality/TDR drawn on any Nationalized Bank and in favour of Executive Officer, Nayagarh Municipality, payable at Nayagarh. All quotations are to be received in the Office of the undersigned during office hour upto 5.30 P.M. on or before date 18.09.2023. The quotation will be opened by the undersigned or authorised official on date 21.09.2023 at 11.00 A.M. in the Office of the Executive Officer, Nayagarh Municipality in presence of the quotationers or their authorised representatives who wish to remain present at that time. Other terms and conditions can be seen in the DTCN documents. The authority reserves the right to reject any or all the tender without assigning any reason thereof.
Sd./- Executive Officer
Nayagarh Municipality
OIPR-13134/11/0013/2324

# ଆକ୍ରାନ୍ତ ସଂଖ୍ୟା ୧୬ଶହ ପାର୍

ଭୁବନେଶ୍ୱର, ୫।୯ (ବନ୍ଦନା ସେଠୀ)

ସ୍ମାର୍ଟସିଟିବାସୀଙ୍କୁ ଡରାଉଛି ଡେଙ୍ଗୁ। ଘରେ ଘରେ ଜ୍ୱର ରୋଗୀ ଥିବାବେଳେ ଅଧିକାଂଶ ଡେଙ୍ଗୁରେ ଆକ୍ରାନ୍ତ। ପ୍ରତି ୧୦୦ ନମୁନାରୁ ୧୦ ନମୁନା ପଜିଟିଭ ବାହାରୁଛି। ଜୁଲାଇ ଦ୍ୱିତୀୟ ସପ୍ତାହରେ ସହରରୁ ଦୈନିକ ୭ରୁ ୧୦ ରୋଗୀ ଚିହ୍ନଟ ହେଉଥିବାବେଳେ ଏବେ ଦୈନିକ ରୋଗୀଙ୍କ ସଂଖ୍ୟା ୩୦ରୁ ୪୦ ମଧ୍ୟରେ ରହୁଛି। ଭୁବନେଶ୍ୱର ଡେଙ୍ଗୁର ହଟ୍‌ସ୍ପଟ ପାଲଟିଥିବାବେଳେ ବିଏମ୍‌ସିର କୌଣସି ରଣନୀତି କାମ ଦେଉନାହିଁ। ଯୋଜନା ପରେ ଯୋଜନା ହାତକୁ ନେଇ ତାହାର ପ୍ରଚାର କରୁଥିବାବେଳେ ବୃଦ୍ଧି ପାଉଥିବା ସଂକ୍ରମଣ ବିଏମ୍‌ସିର ପାରିବା ପଣିଆ ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଜୁଲାଇ ୨୮ ସୁଦ୍ଧା ସହରରୁ ୪୫୦ଜଣ ରୋଗୀ ଚିହ୍ନଟ ହୋଇଥିବାବେଳେ ଅଗଷ୍ଟ ୩ ବେଳକୁ ୬୦୫ ଏବଂ ୨୫ ବେଳକୁ ୧୩୪୯ ଜଣ ଚିହ୍ନଟ ହୋଇଛନ୍ତି। ବିଏମ୍‌ସିର ତଥ୍ୟ ଅନୁଯାୟୀ, ଗତ ୨୪ ଘଣ୍ଟାରେ ୩୦ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ଏହାକୁ ମିଶାଇ ସେପ୍ଟେମ୍ବର ୫ସୁଦ୍ଧା ରାଜଧାନୀରେ ସଂକ୍ରମଣ ସଂଖ୍ୟା ୧୬ଶହ ପାର୍ କରିଛି। ସେହିପରି ଏବେ ବର୍ଷା ଲାଗି ରହିଥିବାରୁ ଏହି ସଂଖ୍ୟା ଆଗକୁ ଆହୁରି ବଢ଼ିପାରେ ବୋଲି ଆଶଙ୍କା କରାଯାଉଛି।

ଡେଙ୍ଗୁ ରୋଗ ବାହାକ ଏଡିସ୍ ମଶା ସାଧାରଣତଃ ଜମି ରହିଥିବା ଅପରିଷ୍କାର ପାଣିରେ ବଂଶବିସ୍ତାର କରିଥାଏ। ଯଦି ବିଏମ୍‌ସି ପରିମଳ ଉପରେ ଧ୍ୟାନ ଦିଅନ୍ତା ତେବେ ଏଭଳି ଅବସ୍ଥା ହୁଅନ୍ତା ନାହିଁ। ମାତ୍ର ସହରସାରା ଅଳିଆ ଆବର୍ଜନା ଗଦା ହୋଇ ରହୁଥିବାବେଳେ ନାଳ ନର୍ଦ୍ଦମା ଠିକ୍ ଭାବେ ସଫା ହେଉନାହିଁ। ସେହିପରି ବିଭିନ୍ନ ଅଞ୍ଚଳରେ ଠିକ୍ ଭାବେ ମଶାତେଲ ସିଞ୍ଚନ ହେଉ ନ ଥିବାବେଳେ ନିୟମିତ ମଶାଧୂଆଁ ମଧ୍ୟ ଦିଆଯାଉ ନାହିଁ। ଯେଉଁ କାରଣରୁ ଭୁବନେଶ୍ୱରରେ ମଶାବଂଶ ବୃଦ୍ଧି ପାଇବାରେ ଲାଗିଛି। ବିଏମ୍‌ସିର ଏପରି ବେପରୁଆ ମନୋଭାବକୁ ନେଇ ଜନସାଧାରଣ ଅସନ୍ତୋଷ ବୃଦ୍ଧି ପାଉଥିବାବେଳେ କର୍ପୋରେଟରମାନେ ମଧ୍ୟ ଅନେକ ସମୟରେ ଏହା ବିରୋଧରେ ସ୍ୱର ଉଠାଉଛନ୍ତି। ମାତ୍ର ବିଏମ୍‌ସି ହାତଗଣତି କିଛି ସ୍ଥାନରେ ମଶାତେଲ ପକାଇ, ଘରଘର ଅଭିଯାନ କରି ନିଜ ପ୍ରଶଂସାରେ ଶତମୁଖ ହୋଇଯାଉଛି। ସହରର ସୁ-ପରିମଳ ବ୍ୟବସ୍ଥାକୁ ନେଇ ଡେଙ୍ଗୁରା ପିଟୁଥିବା ବିଏମ୍‌ସି ବାସ୍ତବରେ ଏଥିରେ ଫେଲ୍ ମାରୁଥିବା ଦେଖାଯାଉଛି।

## କାମ ଦେଉନି ବିଏମ୍‌ସି ରଣନୀତି



ରସୁଲଗଡ଼ ପଛପାର୍ଶ୍ୱ ଦେଇ ଯାଇଥିବା ଦୟାୱେଷ୍ଟ କେନାଲ।

"ଏବେ ବର୍ଷାଦିନ ଥିବାରୁ ସଂକ୍ରମଣ ଅଧିକ ରହୁଛି। ଚଳିତ ମାସ ପିକ୍‌ରେ ଥିବାବେଳେ ଏହାପରେ ଧୀରେ ଧୀରେ ସଂକ୍ରମଣ କମିବ ବୋଲି ଆଶା କରାଯାଉଛି। ଭୁବନେଶ୍ୱରରେ ଡେଙ୍ଗୁ ପରୀକ୍ଷା କରିବା ସହ ଚିକିତ୍ସା ପାଇଁ ଉପଯୁକ୍ତ ସୁବିଧା ସୁଯୋଗ ରହିଛି। ବର୍ତ୍ତମାନ ବିଏମ୍‌ସି ପକ୍ଷରୁ ଆଇଆର୍‌ସି ଭିଲେଜ୍ ଏବଂ ପଟିଆ ୟୁପିଏଚ୍‌ସିରେ ଟେଷ୍ଟିଂ ବ୍ୟବସ୍ଥା କରାଯାଇଛି। ସେହିପରି ଘରଘର ସମ୍ପର୍କ, ଆଗ୍ରେସିଭ୍ ଆୱାରନେସ୍, ମଶା ଧୂଆଁ, ମଶା ତେଲ ସିଞ୍ଚନ, ଘାସବୁଦା କଟାଯିବା ଭଳି ବିଭିନ୍ନ ପଦକ୍ଷେପ ନିଆଯାଉଛି।

–ଡା. ଅନ୍ତର୍ଯ୍ୟାମୀ ମିଶ୍ର, ଅତିରିକ୍ତ ଜନସ୍ୱାସ୍ଥ୍ୟ ଅଧିକାରୀ

### ମଶାଧୂଆଁ ଦିଆଯିବା ଦେଖିନାହିଁ



ବିଏମ୍‌ସି ପକ୍ଷରୁ କେବେ ମଶାଧୂଆଁ ଦିଆଯାଉଛି ମୁଁ କେବେ ଦେଖିନାହିଁ। ସହରସାରା ଅଳିଆ ଆବର୍ଜନା ଗଦା ହୋଇଥିବାବେଳେ ନାଳ ନର୍ଦ୍ଦମାରେ ଅପରିଷ୍କାର ପାଣି ଜମା ହୋଇ ରହୁଛି। ମାତ୍ର କାମ କରିବା ଅପେକ୍ଷା ବିଏମ୍‌ସି କେବଳ ଯୋଜନା ଏବଂ ନିଜର ପ୍ରଚାରରେ ବ୍ୟସ୍ତ ରହୁଛି।

–ସତ୍ୟଜିତ୍ ପତି, ଲକ୍ଷ୍ମୀସାଗର

### ବିଏମ୍‌ସିର କଥା ଓ କାମରେ ଫରକ



ଭୁବନେଶ୍ୱର ନାମକୁ ମାତ୍ର ସ୍ମାର୍ଟସିଟି। ବାସ୍ତବରେ ଏହା କୌଣସି ଗାଁଠାରୁ କମ୍ ନୁହେଁ। ଗତ କିଛିବର୍ଷ ଧରି ଡେଙ୍ଗୁ ସଂକ୍ରମଣରେ ଭୁବନେଶ୍ୱର ହଟ୍‌ସ୍ପଟ ରହୁଥିଲେ ବି ଏନେଇ ବିଏମ୍‌ସି କିଛି ପଦକ୍ଷେପ ନେଉନାହିଁ। କେବଳ ବୈଠକ କରି ଯୋଜନା କରୁଥିବା କହୁଛି। କିନ୍ତୁ ବିଏମ୍‌ସିର କଥା ଆଉ କାମ ଭିତରେ ଆକାଶ ପାତାଳର ଫରକ ରହୁଛି।

–ମନୋଜ କୁମାର ମଲ୍ଲିକ, ସତ୍ୟବିହାର

### ଠିକ୍ ଭାବେ ସଚେତନ କରାଯାଉନାହିଁ



ଗତ ୧୫ଦିନ କି ମାସେ ହେବ, ବିଏମ୍‌ସିର ଗାଡ଼ି ଦିନବେଳା ଥରେ ଆସି ମଶାଧୂଆଁ ଦେଇ ଯାଇଥିଲା। ଏହାପରେ ଆଉ କାହାର ଦେଖାଦର୍ଶନ ନାହିଁ। ସେହିପରି 'ଘରଘର ଅଭିଯାନ' କି ପାଣି ଜମୁଥିବା ସ୍ଥାନରେ ମଶାତେଲ ସିଞ୍ଚନ କରାଯାଉ ନାହିଁ। ଲୋକଙ୍କୁ ଠିକ୍ ଭାବେ ସଚେତନ ମଧ୍ୟ କରାଯାଉ ନାହିଁ।

–କୁମୁଦିନୀ, ଲକ୍ଷ୍ମୀସାଗର

### ଡେଙ୍ଗୁ ଦମନ କେବଳ ଲୋକଦେଖାଣିଆ



ବିଏମ୍‌ସି କେବଳ ଲୋକ ଦେଖାଣିଆ ଭାବେ ଡେଙ୍ଗୁ ଦମନ ପାଇଁ କାମ କରୁଛି। ଗତବର୍ଷ ଆମ ଅଞ୍ଚଳରେ ଡେଙ୍ଗୁରୋଗୀ ଚିହ୍ନଟ ହୋଇଥିବାବେଳେ ଏବେ ଘରେଘରେ ଜ୍ୱର ରୋଗୀ। ମାତ୍ର ବିଏମ୍‌ସି ପକ୍ଷରୁ ଏଠାରେ କୌଣସି ସଚେତନ କାର୍ଯ୍ୟକ୍ରମ କିମ୍ବା ମଶାଧୂଆଁ ଦିଆଯାଉ ନାହିଁ।

–ସତ୍ୟରଞ୍ଜନ ପାତ୍ର, ଖଣ୍ଡଗିରି



ଗୁରୁ ଦିବସ ପାଳନ ଅବସରରେ ମଙ୍ଗଳବାର ୟୁନିଟ୍-୩ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ପିଲାମାନେ ସେମାନଙ୍କ ଗୁରୁଙ୍କୁ ପୂଜନ କରୁଛନ୍ତି। (ଫଟୋ-ମନୋରଞ୍ଜନ ମିଶ୍ର)

## ନିଖିଳୋତ୍କଳ ସଂସ୍କୃତ ମହାମଣ୍ଡଳମ୍‌ର ବିକ୍ଷୋଭ

ଭୁବନେଶ୍ୱର,୫।୯ (ଅନୁରାଧା ମହାରଣା)

୧୦ ଦଫା ଦାବିରେ ନିଖିଳୋତ୍କଳ ସଂସ୍କୃତ ମହାମଣ୍ଡଳମ୍ ପକ୍ଷରୁ ସୋମବାର ଲୋୟର ପିଏମଜିରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ୧୯୮୯ ଶିକ୍ଷା ଆଇନରେ ଗଢ଼ିଉଠିଥିବା ୩୯ଟି ଟୋଲକୁ ପିଛିଲା ଭାବରେ ପୂର୍ଣ୍ଣ ଅନୁଦାନ ଦିଆଯାଇ ୭ମ ବେତନ କମିଶନ ଲାଗୁ କରିବା ସହ ଅନୁଦାନରୁ ବାଦ ପଡିଥିବା ସମସ୍ତ ୪୧ଟି ଅନୁଷ୍ଠାନକୁ ପିଛିଲାଭାବେ ଅନୁଦାନ ପ୍ରଦାନ ଦାବି ହୋଇଛି। ସେହିଭଳି ୧୮୦୨ରୁ ପ୍ରତିଷ୍ଠା ଲାଭକରି ବର୍ତ୍ତମାନ ପର୍ଯ୍ୟନ୍ତ କାର୍ଯ୍ୟକ୍ଷମ ଅନୁଦାନ ପାଉଥିବା ଟୋଲ୍ ସହ ଅନ୍ୟ ସମସ୍ତ ଟୋଲକୁ ସରକାରୀକରଣ, ସାଧାରଣ ଶିକ୍ଷା(ହାଇସ୍କୁଲ)ର ଶିକ୍ଷକ ସାରଣୀ ଭଳି ଟୋଲର ସମସ୍ତ ମାଟ୍ରିକ ସିଟି, ଆଇଏସ୍‌ସି ସିଟି ଓ ଆଚାର୍ଯ୍ୟ ଉପାଧିଧାରୀ ଶାସ୍ତ୍ରୀପଣ୍ଡିତ, ବିଜ୍ଞାନ ଶିକ୍ଷକଙ୍କୁ ଉନ୍ନୀତ ଭାବରେ ଟ୍ରେନ୍ଡ ଗ୍ରାଜୁଏଟ୍ ମାନ୍ୟତା ସହ ବେତନ ପ୍ରଦାନ, ଟୋଲ୍‌ରେ ଜଣେ କିରାଣି ଓ ରାତ୍ରିଜଗୁଆଳି ପଦବୀ ସୃଷ୍ଟି କରିବା ଅନ୍ୟତମ ଦାବି ରହିଛି। ୪୮ବର୍ଷରୁ ଊର୍ଦ୍ଧ୍ୱ ବୟସ୍କ ଶାସ୍ତ୍ରୀପଣ୍ଡିତଙ୍କୁ ସାଧାରଣ ଶିକ୍ଷାର ସଂସ୍କୃତ ଶିକ୍ଷକ ଭଳି ଉନ୍ନୀତ ହାରରେ ଦରମା ଦିଆଯାଉ ଏବଂ ଟୋଲର ଶିକ୍ଷକପଣ୍ଡିତ କର୍ମଚାରୀଙ୍କ ବୟସ ସୀମା ୬୨ ବର୍ଷକୁ ବୃଦ୍ଧି କରାଯିବା ସହ ପୁରୁଣା ପେନ୍‌ସନ ବ୍ୟବସ୍ଥା ଲାଗୁ କରିବା ଓ ଖାଲିପଡିଥିବା ସମସ୍ତ ଶିକ୍ଷକପଣ୍ଡିତ କର୍ମଚାରୀ ପଦବୀ ପୂରଣ କରାଯାଉ। ୧୯୬୯ ଶିକ୍ଷା ଆଇନ ଅନୁଯାୟୀ ବୃତ୍ତି ବ୍ୟବସ୍ଥାରେ ପ୍ରତ୍ୟେକ ଶିକ୍ଷାର୍ଥୀଙ୍କୁ ମାସିକ ୨ହଜାର ଟଙ୍କା ବୃତ୍ତି ପ୍ରଦାନ, ସଂସ୍କୃତ ଶିକ୍ଷାର ମାନବୃଦ୍ଧି ପାଇଁ ସବୁଦିନିଆ ସ୍ଥାୟୀସଂସ୍କୃତ ଶିକ୍ଷାଧୀକ୍ଷକ ନିଯୁକ୍ତି ଦେବା ସହ ଶିକ୍ଷାଧୀକ୍ଷକ ଓ ସହକାରୀ ଶିକ୍ଷାଧୀକ୍ଷକ କାର୍ଯ୍ୟାଳୟରେ ଖାଲିପଡିଥିବା ପଦବୀ ପୂରଣ, ସଂସ୍କୃତର ପୁନରୁଦ୍ଧାର ପାଇଁ ସମସ୍ତ ଟୋଲକୁ ୫-ଟି ଅନ୍ତର୍ଭୁକ୍ତିକରଣ, ସମଗ୍ରଶିକ୍ଷା ବ୍ୟବସ୍ଥା ପ୍ରଚଳନ ସହ ଆବାସିକ ବିଦ୍ୟାଳୟରେ ପରିଣତ କରାଯାଉ ବୋଲି ଦାବିପତ୍ରରେ ଦର୍ଶାଯାଇଛି।

## ସଂକ୍ଷେପରେ

### ଯୁବକଙ୍କୁ ଅପହରଣ କରି ମାଡ଼

**ଭୁବନେଶ୍ୱର,୫।୮(ସତ୍ୟଜିତ୍ ରାଉତ):** ଜଣେ ଯୁବକଙ୍କୁ ଅପହରଣ କରିନେବା ପରେ ଏକ ଘରେ ରଖି ମାଡ଼ ମାରି ଟଙ୍କା ଦାବି କରୁଥିଲେ। ଖବର ପାଇ ଏୟାରପୋର୍ଟ ଥାନା ପୋଲିସ ଗଣ୍ଡମୁଣ୍ଡାସ୍ଥିତ ଉକ୍ତ ଘରେ ଛଡ଼ାଉ କରି ଅପହୃତ ଯୁବକଙ୍କୁ ଉଦ୍ଧାର କରିବା ସହ ଏଥିରେ ସମ୍ପୃକ୍ତ ୨ ଅଭିଯୁକ୍ତଙ୍କୁ ଗିରଫ କରିଛି।

**୨ ଅଭିଯୁକ୍ତ ଗିରଫ**

ଅଭିଯୁକ୍ତଦ୍ୱୟ ହେଲେ କାର୍‌ଗିଲ ବସ୍ତିରେ ରହୁଥିବା ସୁବାସ ପଟ୍ଟନାୟକ (୪୦) ଓ କେଳାସାହିର ସୁମନ୍ତ ମଙ୍ଗରାଜ ଓରଫ ବିଜୁ (୨୧)। ସେମାନଙ୍କୁ ମଙ୍ଗଳବାର କୋର୍ଟଚାଲାଣ କରାଯିବା ପରେ ଜାମିନ ନାମଞ୍ଜୁର ପରେ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। କାର୍‌ଗିଲ ବସ୍ତିରେ ରହୁଥିବା ମମତା ନାୟକଙ୍କ ଏତଲାକ୍ରମେ ପୋଲିସ ଏକ ମାମଲା (ନଂ.୩୧୭/୨୦୨୩) ରୁଜୁ କରି ଅଧିକ ତଦନ୍ତ ଚଳାଇଛି। ଅପହୃତ ଯୁବକ ଜଣକ ହେଲେ ମମତାଙ୍କ ବଡ଼ପୁଅ ଦେବା ନାୟକ। ସେ ଅଭିଯୁକ୍ତ ସୁବାସ ଓ ବିଜୁଙ୍କୁ କିଛି ଟଙ୍କା ଦେବାର ଥିଲା। ହେଲେ ଟଙ୍କା ନ ମିଳିବାରୁ ଅଭିଯୁକ୍ତଦ୍ୱୟ ଆପରାଧିକ ଷଡ଼ଯନ୍ତ୍ର କରିଥିଲେ। ସୋମବାର ସନ୍ଧ୍ୟାରେ ଦେବା ତ୍ରିନାଥ ମଣ୍ଡପରେ ବସିଥିବାବେଳେ ଅଭିଯୁକ୍ତଦ୍ୱୟ ତାଙ୍କୁ ଏକ ଅଟୋରେ ଅପହରଣ କରି ନେଇଥିଲେ। ପରେ ତାଙ୍କୁ ଗଣ୍ଡମୁଣ୍ଡାସ୍ଥିତ ରିଲାଏନ୍ସ ଫ୍ରେସ ନିକଟରେ ଥିବା ଏକ ଘରେ ଅଟକ ରଖି ପ୍ରବଳ ମାଡ଼ ମାରିବା ସହ ଟଙ୍କା ମାଗିଥିଲେ। ଏନେଇ ଦେବାଙ୍କ ମା' ଥାନାକୁ ଖବର ଦେବାରୁ ପୋଲିସ ଟିମ୍ ତଦନ୍ତ ଆରମ୍ଭ କରି ଉକ୍ତ ରାତିରେ ଦେବାଙ୍କୁ ଉଦ୍ଧାର କରିବା ପରେ ଅଭିଯୁକ୍ତଦ୍ୱୟଙ୍କୁ ଗିରଫ କରିଥିଲା। ତେବେ ଅଭିଯୁକ୍ତ ବିଜୁଙ୍କ ନାମରେ ପୂର୍ବରୁ ଏୟାରପୋର୍ଟ ଥାନାରେ ୬ଟି ମାମଲା ରହିଛି। ସେ ଏଭଳି ବାରମ୍ବାର ଆପରାଧିକ କାର୍ଯ୍ୟ କରୁଥିବାରୁ ତାଙ୍କ ବିରୋଧରେ ସିଆର୍‌ପିସି-୧୧୦ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପୋଲିସ ପକ୍ଷରୁ କୁହାଯାଇଛି।

### ଧାର ନେଇ ୩୩ ଲକ୍ଷ ଠକେଇ, ଅଭିଯୁକ୍ତ ଗିରଫ

**ଭୁବନେଶ୍ୱର,୫।୮(ସତ୍ୟଜିତ୍ ରାଉତ):** ଘର ନିର୍ମାଣ ପାଇଁ ଧାର ଆକାରରେ ୩୩ ଲକ୍ଷ ଟଙ୍କା ନେଇ ଠକେଇ କରିବା ଅଭିଯୋଗରେ ସମ୍ପୃକ୍ତ ଅଭିଯୁକ୍ତଙ୍କୁ ଖଣ୍ଡଗିରି ଥାନା ପୋଲିସ ଗିରଫ କରିଛି। ସେ ହେଲେ ଏହି ଥାନା ଅନ୍ତର୍ଗତ ଏମ୍‌ସ ରୋଡସ୍ଥିତ ରୟାଲ ହେରିଟେଜ୍ ଆପାର୍ଟମେଣ୍ଟରେ ରହୁଥିବା ଗଞ୍ଜାମ ଜିଲା ଖଲିକୋଟ ଥାନା ଅଞ୍ଚଳର ଦିଲୀପ କୁମାର ସାମନ୍ତରାୟ (୫୯)। ତାଙ୍କୁ ମଙ୍ଗଳବାର କୋର୍ଟଚାଲାଣ କରାଯିବା ପରେ ଜାମିନ ନାମଞ୍ଜୁର ହେବାରୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି।

## ମୁହଁରେ କଳାପଟି ବାନ୍ଧି ପ୍ରତିବାଦ କଲେ ଶିକ୍ଷକ




ଭୁବନେଶ୍ୱର,୫।୯ (ଅନୁରାଧା ମହାରଣା)

ଦାବି ପୂରଣ ହେଉ ନ ଥିବାରୁ ଗୁରୁଦିବସକୁ ଓଡ଼ିଶା ମାଧ୍ୟମିକ ସ୍କୁଲ ଶିକ୍ଷକ ସଂଘ(ଓଷ୍ଟା) କଳାଦିବସ ଭାବେ ପାଳନ କରିଛି। ୩୦ ହଜାରରୁ ଊର୍ଦ୍ଧ୍ୱ ଶିକ୍ଷୟିତ୍ରୀଶିକ୍ଷକ ଭୁବନେଶ୍ୱର ଲୋୟର ପିଏମ୍‌ଜିରେ ମୁହଁରେ କଳାପଟି ବାନ୍ଧି ଧାରଣା ଦେବା ସହ ନୀରବ ଶୋଭାଯାତ୍ରା କରି ନାରାବାଜି ଦେଇଛନ୍ତି। ଅଗଷ୍ଟ ୧୬ରୁ ୧୮ ତାରିଖ ଯାଏ ଶିକ୍ଷକମାନେ ବର୍ଷା ଓ ଖରାରେ ଏଠାରେ ଅହୋରାତ୍ର ଧାରଣାରେ ବସିଥିଲେ। ଧାରଣାର ଶେଷ ଦିନ ସରକାରଙ୍କଠାରୁ ପାଇଥିବା ପ୍ରତିଶ୍ରୁତି କାର୍ଯ୍ୟକାରୀ ନ ହେବାରୁ ଆନ୍ଦୋଳନ ଜାରି ରଖିଥିଲେ। ଅନୁଦାନ ଯୋଗ୍ୟ ବିଦ୍ୟାଳୟକୁ ଅନୁଦାନ ନ ଦେଲେ, ସପ୍ତମ ବେତନ କମିଶନ ପାଇବାରୁ ବଞ୍ଚିତ ବିଦ୍ୟାଳୟଗୁଡ଼ିକ ପାଇଁ ଏହା ଲାଗୁ ନ ହେଲେ, ସମସ୍ତ ନୂତନ ଅନୁଦାନପ୍ରାପ୍ତ ବିଦ୍ୟାଳୟରେ କାର୍ଯ୍ୟରତ ଶିକ୍ଷକ ଓ ଶିକ୍ଷା କର୍ମଚାରୀଙ୍କୁ ପେନ୍‌ସନ୍ ତଥା ଚାକିରି ସର୍ତ୍ତାବଳୀ ପୂରଣ ନ କଲେ, ସମସ୍ତ ପୂର୍ଣ୍ଣ ଅନୁଦାନ ପ୍ରାପ୍ତ ବିଦ୍ୟାଳୟଗୁଡ଼ିକୁ ସରକାରୀକରଣ ନ କଲେ, ୨୦୦୪ରୁ ୨୦୧୩ ମଧ୍ୟରେ ନିଯୁକ୍ତ ସମସ୍ତ ଚୁକ୍ତିଭିତ୍ତିକ ଶିକ୍ଷକଙ୍କୁ ୬ଟି ଇନକ୍ରିମେଣ୍ଟ ଦେବା ସହିତ ବରିଷ୍ଠତା ପ୍ରଦାନ ନ କଲେ ସଂଘ ଚରମ ନିଷ୍ପତ୍ତି ନେବ ବୋଲି ଓଷ୍ଟା ସଭାପତି ଅକ୍ଷୟ କୁମାର ମିଶ୍ର କହିଛନ୍ତି। ଓଷ୍ଟାର କାର୍ଯ୍ୟକାରୀ ସଭାପତି ନୀଳମଣି ପୁରୋହିତ, ସାଧାରଣ ସଂପାଦକ ରଜନ କୁମାର ଦାଶ, ଯୁଗ୍ମ ସାଧାରଣ ସଂପାଦକ ବ୍ରଜକିଶୋର ବିଶ୍ୱାଳ, କୋଷାଧ୍ୟକ୍ଷ ଅଶୋକ ମହାପାତ୍ର, ଶିକ୍ଷାପ୍ରଦୀପ ସଂପାଦକ ଶଙ୍କର ସୁବୁଦ୍ଧିପ୍ରମୁଖ ଏହି ଆନ୍ଦୋଳନର ନେତୃତ୍ୱ ନେଇଥିଲେ।

## ପର୍ଯ୍ୟଟନରେ ରୂପାନ୍ତରଣ ଆଣିଛି ପ୍ରଯୁକ୍ତିବିଦ୍ୟା

**ଭୁବନେଶ୍ୱର,୫।୯(ଶର୍ମିଷ୍ଠା ପାଣିଗ୍ରାହୀ):** ପ୍ରଯୁକ୍ତିବିଦ୍ୟାର ପ୍ରୟୋଗ ପର୍ଯ୍ୟଟନ କ୍ଷେତ୍ର ତଥା ହୋଟେଲ ଶିଳ୍ପରେ ଉଲ୍ଲେଖନୀୟ ରୂପାନ୍ତରଣ ଆଣିଛି। ଆଗାମୀ ଦିନରେ ଏହାର ଉପଯୋଗରେ ଉଭୟ କ୍ଷେତ୍ରରେ ଭିନ୍ନ ଏକ ଅନୁଭୂତି ଆଣିବା ଲକ୍ଷ୍ୟ ରହିବ। ସର୍ବବୃହତ୍ ବୈଷୟିକ ଯାତ୍ରା ପରିଚାଳନା କାର୍ଯ୍ୟକ୍ରମ ଭାବେ ପରିଗଣିତ ହୋଇଥିବା ଏହି ଆୟୋଜନ ଓଡ଼ିଶା ପର୍ଯ୍ୟଟନ ଇତିହାସରେ ଏକ ସ୍ୱର୍ଣ୍ଣିମ ମୁହୂର୍ତ୍ତ ଓ ମାଇଲଖୁଣ୍ଟ ହୋଇ ରହିବ। ବୈଷୟିକ ଜ୍ଞାନକୌଶଳ ପ୍ରୟୋଗ ଭିତ୍ତିକ ପର୍ଯ୍ୟଟନ ନିଶ୍ଚିତ ଭାବେ ପର୍ଯ୍ୟଟକଙ୍କ ଆଗମନ, ପରିଦର୍ଶନ ଓ ସୁଖ ସ୍ୱଚ୍ଛନ୍ଦ୍ୟକୁ ସୁନିଶ୍ଚିତ କରିବ। ଏଥିସହ ରାଜ୍ୟ ଅର୍ଥନୀତିକୁ ସୁଦୃଢ଼ କରିବାରେ ସହାୟକ ହେବ ବୋଲି ମତ ପ୍ରକାଶ ପାଇଛି। ରିଟ୍ରୋଡ୍ ପକ୍ଷରୁ ସୋମବାର ଭୁବନେଶ୍ୱରଠାରେ 'ଟେକ୍ ଇନ୍ ଟୁରିଜମ-ଫାଷ୍ଟ ଚାପ୍ଟର- ୨୦୨୩' କନ୍‌କ୍ଲେଭ ଅନୁଷ୍ଠିତ ହୋଇଥିଲା। ଅତିଥି ଭାବେ ସୂଚନା ପ୍ରଯୁକ୍ତି ବିଭାଗର ପ୍ରମୁଖ ଶାସନ ସଚିବ ମନୋଜ କୁମାର ମିଶ୍ର, ଓଟିଡିସିର ଅଧ୍ୟକ୍ଷ ଡ. ଲେନିନ ମହାନ୍ତି, ପୋଲିସ କମିଶନର ସୌମେନ୍ଦ୍ର ପ୍ରିୟଦର୍ଶୀ ପ୍ରମୁଖ ଯୋଗଦେଇ ଏହା କହିଛନ୍ତି।

## ୧୯୩୦ ସାଇବର ହେଲ୍ପ ଲାଇନ କଲ୍ ସେଣ୍ଟର ଶୁଭାରମ୍ଭ




ଡିଜିପି ସୁନୀଲ ବଂଶଲ '୧୯୩୦ ସାଇବର କ୍ରାଇମ୍ ହେଲ୍ପ ଲାଇନ ଓ ହେଲ୍ପ ଡେସ୍କ' ଉଦ୍‌ଘାଟନ କରୁଛନ୍ତି।

ଭୁବନେଶ୍ୱର,୫।୯(ସତ୍ୟଜିତ୍ ରାଉତ)

ଭୁବନେଶ୍ୱର କେଶରୀନଗରସ୍ଥିତ ସାଇବର କମ୍ପ୍ଲେକ୍ସରେ କ୍ରାଇମବ୍ରାଞ୍ଚ ପକ୍ଷରୁ ମଙ୍ଗଳବାର '୧୯୩୦ ସାଇବର କ୍ରାଇମ୍ ହେଲ୍ପ ଲାଇନ ଓ ସାଇବର କ୍ରାଇମ ହେଲ୍ପ ଡେସ୍କ' କାର୍ଯ୍ୟକ୍ଷମ ହୋଇଛି। ଏହାକୁ ପୋଲିସ ଡିଜି ସୁନୀଲ ବଂଶଲ ଉଦ୍‌ଘାଟନ କରିଥିଲେ। ରାଜ୍ୟବ୍ୟାପୀ ସାଇବର ଠକେଇର ଶିକାର ହେଉଥିବା ପୀଡ଼ିତମାନେ ତୁରନ୍ତ ସାହାଯ୍ୟ ପାଇବା ସହ ଟଙ୍କା ଫେରିପାଇବା ପାଇଁ ଏହି ନମ୍ବର ୧୯୩୦କୁ କଲ୍ କରିବେ। ଉକ୍ତ ସହାୟତା କେନ୍ଦ୍ରରେ ସ୍ୱତନ୍ତ୍ର ପ୍ରଶିକ୍ଷଣପ୍ରାପ୍ତ ପୋଲିସ କର୍ମଚାରୀମାନେ ରହିଛନ୍ତି। ଏହି ସହାୟତା କେନ୍ଦ୍ର ୨୪ ଘଣ୍ଟିଆ କାର୍ଯ୍ୟ କରିବ ବୋଲି ପୋଲିସ ପକ୍ଷରୁ ସୂଚନା ଦିଆଯାଇଛି। ଏହି କାର୍ଯ୍ୟକ୍ରମରେ କ୍ରାଇମବ୍ରାଞ୍ଚ ଏଡିଜି ଅରୁଣ ବୋଥ୍ରାଙ୍କ ସମେତ ଅନ୍ୟ ବରିଷ୍ଠ ପୋଲିସ ଅଧିକାରୀମାନେ ଉପସ୍ଥିତ ଥିଲେ।

## ଓଡିଏମ୍ ସ୍କୁଲରେ ଗୁରୁ ସମ୍ବର୍ଦ୍ଧନା ଉତ୍ସବ





ଭୁବନେଶ୍ୱର,୫।୯

ପ୍ରତି ବର୍ଷ ଭଳି ଚଳିତ ବର୍ଷ ମଧ୍ୟ ଓଡିଏମ୍ ପବ୍ଲିକ୍ ସ୍କୁଲ ପକ୍ଷରୁ ଗୁରୁଦିବସ ସ୍କୁଲର ପଟିଆ କ୍ୟାମ୍ପସ ପରିସରରେ ପାଳିତ ହୋଇଯାଇଛି। ବିଶେଷକରି ବିଦ୍ୟାଳୟର ପ୍ରତିଷ୍ଠାତା ତଥା ଅଧ୍ୟକ୍ଷ ଡ. ସତ୍ୟବ୍ରତ ମୀନକେତନଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଗୁରୁ ଉତ୍ସବ କାର୍ଯ୍ୟକ୍ରମରେ ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ପ୍ରଫେସର (ଡ.) ପି.କେ.ଦାସ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିବାବେଳେ ସମ୍ମାନିତ ଅତିଥି ଭାବେ ଡ.ଜ୍ୟୋତ୍ସ୍ନା ମହାପାତ୍ର ଯୋଗଦେଇଥିଲେ। ଏପରିକି ସଭା ଆରମ୍ଭରେ ମୀନକେତନ, ବିଦ୍ୟାଳୟର ନିର୍ଦ୍ଦେଶିକା ଇନ୍ଦୁମତୀ ରାୟ, ସିଓଓ ସ୍ୱୟନ୍ ସତ୍ୟେନ୍ଦୁ ଏବଂ ସମସ୍ତ ଶିକ୍ଷୟିତ୍ରୀଶିକ୍ଷକ ଡ.ସର୍ବପଲ୍ଲୀ ରାଧାକ୍ରିଷ୍ଣନ୍‌ଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରିବା ସହ ଗୁରୁପୂଜା ଓ ଗୁରୁବନ୍ଦନା ଗାନ କରିଥିଲେ। ଅପରପକ୍ଷରେ ପ୍ରାଚୀନ ଗୁରୁକୁଳ ରୀତିରେ ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ମୂଲ୍ୟବୋଧଭିତ୍ତିକ ସଙ୍ଗୀତ, ବକ୍ତୃତା, କବିତା ପଠନ, ଅଭିନୟ ଇତ୍ୟାଦି ପ୍ରଦର୍ଶିତ କରାଯାଇଥିଲା। ଏହି ଅବସରରେ ମୀନକେତନ ସ୍କୁଲର ସମସ୍ତ ଶିକ୍ଷୟିତ୍ରୀଶିକ୍ଷକଙ୍କୁ ଆନ୍ତରିକ ଶୁଭେଚ୍ଛା ଜଣାଇବା ସହ ଶିକ୍ଷକମାନଙ୍କର ଗୁରୁଦାୟିତ୍ୱ ଏବଂ କର୍ତ୍ତବ୍ୟବୋଧକୁ ପ୍ରଶଂସା କରିଥିଲେ। ସେହିଭଳି ଗୁରୁ-ଶିଷ୍ୟ ପରମ୍ପରା ସବୁଦିନ ପାଇଁ ସମାଜକୁ ଦିଗ୍‌ଦର୍ଶନ ପ୍ରଦାନ କରୁଥିବ ବୋଲି ସେ ଉଦ୍‌ବୋଧନ ଦେଇଥିଲେ। ଏହି ପରିପ୍ରେକ୍ଷୀରେ 'ଗୁରୁଣାଂ ଗୁରୁ'ମାନଙ୍କୁ ମୁଖ୍ୟ ଅତିଥି ସମ୍ବର୍ଦ୍ଧିତ କରିବା ସହ ସାଧୁବାଦ ଜଣାଇଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଶିକ୍ଷା ନିର୍ଦ୍ଦେଶକ ଡ.ଆର୍ତ୍ତତ୍ରାଣ ମିଶ୍ର, ଶିକ୍ଷା ଉପଦେଷ୍ଟା ବ୍ରହ୍ମାନନ୍ଦ ରାଉତ, ଉପାଧ୍ୟକ୍ଷା ଡ.ସନ୍ଧ୍ୟାରାଣୀ ସ୍ୱାଇଁ, ଉପାଧ୍ୟକ୍ଷ ଡ. ରାଜେଶ କୁମାର ପାଢୀଙ୍କ ସମେତ ସ୍କୁଲର ସମସ୍ତ ଶିକ୍ଷୟିତ୍ରୀଶିକ୍ଷକ ଉପସ୍ଥିତ ଥିଲେ।

## ଭୂମି ପ୍ରମାଣପତ୍ର ଦେଇ ଘର ଭାଙ୍ଗିଦେଲା ବିଏମ୍‌ସି

### ଜାଗା ମିଶନ ବିବାଦ

ଭୁବନେଶ୍ୱର, ୫।୯ (ବନ୍ଦନା ସେଠୀ)

ଦୀର୍ଘ ୩୦ ବର୍ଷ ଧରି ବସ୍ତିରେ ଘର କରି ରହୁଥିଲେ। ପ୍ରମାଣସ୍ୱରୂପ ଇଲେକ୍ଟ୍ରି ବିଲ୍ ସହିତ ଅନ୍ୟାନ୍ୟ କାଗଜପତ୍ର ମଧ୍ୟ ରହିଛି। ପ୍ରକୃତ ହିତାଧିକାରୀ ହୋଇଥିବାରୁ ଜାଗା ମିଶନ ସର୍ଭେରେ ନାଁ ଆସିବା ସହିତ ଭୂମି ପ୍ରମାଣପତ୍ର ମଧ୍ୟ ପାଇଥିଲେ। ହେଲେ କିଛି କାରଣ ନ ଦର୍ଶାଇ ହଠାତ୍ ବିଏମ୍‌ସିର ଟିମ୍ ଆସି ତାଙ୍କ ଘର ଭାଙ୍ଗିଦେଲେ। ଜାଗା ମିଶନରେ ଭୂମି ପ୍ରମାଣପତ୍ର ପାଇବା ପରେ ବି କେଉଁ ଆଧାରରେ ଘର ଭଙ୍ଗାଗଲା ସେ ନେଇ ଏବେ ହିତାଧିକାରୀ ଜଣକ ଚିନ୍ତାରେ ଥିବାବେଳେ କାହାକୁ ଏନେଇ ଆପତ୍ତି କରିବେ ବୁଝିପାରୁ ନାହାନ୍ତି। ଘଟଣାଟି ୱାର୍ଡ ନଂ. ୩୬ ଅନ୍ତର୍ଗତ ୟୁନିଟ-୪ ଭୌମନଗରର ରାମପୁର ବସ୍ତି-ବି ରେ ଘଟିଛି।

ଏଠାରେ ରହୁଥିବା ସୁବାସ ଚନ୍ଦ୍ର ଦାସଙ୍କ ସ୍ତ୍ରୀ ଅନସୂୟା ଦାସଙ୍କ ନାମ ଜାଗା ମିଶନ୍ ତାଲିକାରେ ଆସିଥିଲା। ୨୮ ତାରିଖରେ ସେ ଜୋନ୍ ଅଫିସରୁ ଭୂମି ପ୍ରମାଣପତ୍ର ଆଣିଥିଲେ। ତାଙ୍କୁ ମିଳିଥିବା ପ୍ଲଟ୍ ନଂ. ୩୪୪ଟି ୩୫୦.୨୪ ବର୍ଗଫୁଟର ଥିବାରୁ ଏଥିପାଇଁ ତାଙ୍କୁ ଅତିରିକ୍ତ ୨ହଜାର ୯୭୦ଟଙ୍କା ପଇଠ କରିବାକୁ ପଡ଼ିଥିଲା। ତେବେ ସୁବାସଙ୍କ ବାପା ଅସୁସ୍ଥ ଥିବାରୁ ତାଙ୍କର ଦେଖାଶୁଣା କରିବାକୁ କିଛିଦିନ ହେବ ଅନସୂୟା ଅନ୍ୟତ୍ର ରହୁଥିବା ଘରେ ରହୁଛନ୍ତି। ରାମପୁର ବସ୍ତି-ବିରେ ସୁବାସ ଏକୁଟିଆ ରହୁଥିଲେ। ମଙ୍ଗଳବାର ସେ କାମରେ ଯାଇଥିବାବେଳେ ତାଙ୍କ ଘର ଭଙ୍ଗାଯିବ ବୋଲି ଶୁଣି ସ୍ଥାନୀୟ କର୍ପୋରେଟର ଅଲିଅଲି ମଲ୍ଲିକଙ୍କ ପାଖକୁ ଯାଇଥିଲେ। ଘଟଣା ଶୁଣିବା ପରେ ଏହା କମିଶନରଙ୍କ ଅର୍ଡର ବୋଲି ସେ କହିଥିଲେ। ଏଥିସହ ଜାଗା ମିଶନ୍‌ରେ ଜମି ପ୍ରମାଣପତ୍ର ପାଇଥିବାରୁ କେଉଁଠି ହେଲେ ବି ଜମି ମିଳିବ ବୋଲି କହି ତାଙ୍କୁ ଫେରାଇ ଦେଇଥିଲେ। ଫେରିବା ବେଳକୁ ଘରଟିକୁ ଭଙ୍ଗାଯାଇ ସାରିଥିଲା। ଯାହାକିଛି ଜିନିଷପତ୍ର ଥିଲା ସବୁ ସେହି ଭଙ୍ଗା ଘରେ ରହିଛି। ଏବେ ଭଙ୍ଗାଘରୁ ଜିନିଷ କାଢ଼ିବେ ନା ଏନେଇ କେଉଁଠି ଅଭିଯୋଗ କରିବେ ସେ ଦ୍ୱନ୍ଦ୍ୱରେ ଅଛନ୍ତି। ଘଟଣା ସମ୍ପର୍କରେ ସୁବାସ କହିଛନ୍ତି, ପୂର୍ବରୁ ମୋ ଘର ଭାଙ୍ଗି ୱାର୍ଡ ଅଫିସ କରାଯିବ ବୋଲି କର୍ପୋରେଟର କହୁଥିଲେ। ମାତ୍ର ମୋ ଘର ଥିବା ପ୍ଲଟ୍‌ର ଭୂମି ଅଧିକାର ପ୍ରମାଣପତ୍ର ପାଇବା ପରେ ମୁଁ ନିଶ୍ଚିନ୍ତ ହୋଇଯାଇଥିଲି ଯେ ଏବେ ତାହା ଆଉ ଭଙ୍ଗା ଯିବନି। ହେଲେ କମିଶନରଙ୍କ ଅର୍ଡର ଅଛି କହି ଏବେ ମତେ ବେଘର କରିଦିଆ ଯାଇଛି। ଘର ନ ଥିବାବେଳେ ତାହାର ଭୂମି ପ୍ରମାଣପତ୍ର ଧରି କ'ଣ କରିବି। ଯଦି ବା ନୂଆ ଜାଗା ଦେବେ ତେବେ ସେଠାରେ ଘର କରିବା ପାଇଁ ଅର୍ଥ କୋଉଠୁ ଆଣିବେ ବୋଲି ସେ ପ୍ରଶ୍ନ କରିଛନ୍ତି। ଏନେଇ ସ୍ଥାନୀୟ କର୍ପୋରେଟରଙ୍କୁ ପଚାରିବାରୁ, ଆମ କମିଶନର ଅଛନ୍ତି, ଜୋନାଲ ଡେପୁଟି କମିଶନର ଅଛନ୍ତି ଘର କାହିଁକି ଭାଙ୍ଗିଲା ସେମାନଙ୍କୁ ପଚାରନ୍ତୁ ବୋଲି କହିଛନ୍ତି। ସେହିପରି କମିଶନରଙ୍କ ସହ ଯୋଗାଯୋଗ କରିବାକୁ ଚେଷ୍ଟା କରାଯାଇଥିଲେ ବି ସେ ଫୋନ୍ ଉଠାଇ ନ ଥିଲେ। ଯଦି ସମ୍ପୃକ୍ତ ଘରକୁ ଭାଙ୍ଗି ୱାର୍ଡ ଅଫିସ କରିବା ପାଇଁ ପୂର୍ବରୁ ଯୋଜନା କରାଯାଇଥିଲା ତେବେ ହିତାଧିକାରୀଙ୍କୁ ପ୍ରମାଣପତ୍ର କାହିଁକି ଦେଲେ। ସେହିପରି ଥରେ ଭୂମି ପ୍ରମାଣପତ୍ର ଦେବା ପରେ ବିଏମ୍‌ସି କେଉଁ ଆଧାରରେ ସମ୍ପୃକ୍ତ ଘର ଭାଙ୍ଗିଲା ତାକୁ ନେଇ ମଧ୍ୟ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।





ବିଏମ୍‌ସି ପକ୍ଷରୁ ଭଙ୍ଗାଯାଇଥିବା ଅନସୂୟା ଦାସଙ୍କ ଘର ଓ ସେ ପାଇଥିବା ଭୂମି ଅଧିକାର ପ୍ରମାଣପତ୍ର।

**ଗୁରୁଦିବସ ପାଳିତ**

ନିରାକାରପୁର,(ମାନସ ଚନ୍ଦ୍ର ପଟ୍ଟନାୟକ):ରାମେଶ୍ୱର ପଞ୍ଚାୟତରେ ଥିବା ଶ୍ରୀବେଦ୍ୟୈ ଶୁକ୍ଳ ଯଜୁର୍ବେଦ କାଣ୍ୱ ବେଦପାଠଶାଳାରେ ଗୁରୁ ଦିବସ ପାଳିତ ହୋଇଯାଇଛି। ଏଥିରେ ଡ. କୃପାସିନ୍ଧୁ ପଣ୍ଡା ପୌରୋହିତ୍ୟ କରିଥିଲେ। ଅତିଥି ଭାବେ ପଣ୍ଡିତ ତପନ କୁମାର ମହାପାତ୍ର, ପଣ୍ଡିତ ଗୋପାଳ ଚନ୍ଦ୍ର ମହାପାତ୍ର, ପଣ୍ଡିତ ବସନ୍ତ କୁମାର ପଣ୍ଡା ଯୋଗଦେଇ ପ୍ରଚୀନ ଗୁରୁ ଶିଷ୍ୟ ପରମ୍ପରା ସମ୍ପର୍କରେ ଆଲୋକପାତ କରିଥିଲେ। ବକ୍ତୃତା ପ୍ରତିଯୋଗିତାରେ କୌଶିକ ପଣ୍ଡା, ସୂର୍ଯ୍ୟନାରାୟଣ ପଣ୍ଡା ଓ ରୁଦ୍ର ସାମନ୍ତରାୟ ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ହାସଲ କରି ପୁରସ୍କୃତ ହୋଇଥିଲେ। ସେହିପରି ଆର୍ଯ୍ୟ ବିହାର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ଡିଏଭି ପବ୍ଲିକ୍ ସ୍କୁଲ, କ୍ଷେତ୍ରବାସୀ ସରକାରୀ ସ୍କୁଲ, ବୋଡଙ୍ଗରା ଠାରେ ଥିବା ଓଡ଼ିଶା ବ୍ରିଗେଡିୟର ସ୍କୁଲ ଓ ବୋଡଙ୍ଗରା ପାଟଣା ସରକାରୀ ସ୍କୁଲ, ରେଙ୍ଗଡା ସରକାରୀ ବିଦ୍ୟାଳୟଙ୍କରେ ଗୁରୁ ଦିବସ ପାଳିତ ହୋଇଯାଇଛି।

## ସଂକ୍ଷେପରେ

### ନିର୍ବାଚନ ପ୍ରସ୍ତୁତି ବୈଠକ

ଖୋର୍ଦ୍ଧା,୫ା୯ (ପ୍ରଭାତ ପାଣିଗ୍ରାହୀ)

୨୦୨୪ ସାଧାରଣ ନିର୍ବାଚନ ପାଇଁ ଖୋର୍ଦ୍ଧା ଜିଲା ସ୍ତରରେ ପ୍ରସ୍ତୁତି ଆରମ୍ଭ ହୋଇଛି। ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ମଙ୍ଗଳବାର ନିର୍ବାଚନ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲାପାଳ କେ. ସୁଦର୍ଶନ ଚକ୍ରବର୍ତ୍ତୀ ଅଧକ୍ଷତା କରିଥିଲେ। ଭୋଟର ସଂଶୋଧନ, ପଞ୍ଜୀକରଣ ଉପରେ ଗୁରୁତ୍ୱ ଦିଆଯାଇଛି। ବୁଥସ୍ତରୀୟ ବ୍ୟବସ୍ଥା, ପରିଚାଳନା ସମେତ ଅନ୍ୟାନ୍ୟ ପ୍ରସଙ୍ଗ ଉପରେ ଆଲୋଚନା କରାଯାଇଛି। ବୈଠକରେ ଜିଲା ଆରକ୍ଷୀ ଅଧୀକ୍ଷକ ସିଦ୍ଧାର୍ଥ କଟାରିଆ, ଅତିରିକ୍ତ ଜିଲାପାଳ ପ୍ରତାପ ଚନ୍ଦ୍ର ବେଉରା, ଉପଜିଲାପାଳ ଦୀପ୍ତିରଞ୍ଜନ ସେଠୀ ଏବଂ ସମସ୍ତ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ।

### ଗୁରୁଙ୍କୁ ପୂଜିଲେ ଛାତ୍ରୀଛାତ୍ର

ଜଟଣୀ, ୫ା୯(ରବୀନ୍ଦ୍ରନାଥ ମହାକୁଡ଼)

ଜଟଣୀ ସହର ଏବଂ ପାଖଆଖ ଅଞ୍ଚଳରେ ଥିବା ବିଭିନ୍ନ ଶିକ୍ଷାନୁଷ୍ଠାନରେ ମଙ୍ଗଳବାର ଗୁରୁଦିବସ ପାଳନ କରାଯାଇଛି। ଛାତ୍ରୀଛାତ୍ରମାନେ ପୂର୍ବତନ ରାଷ୍ଟ୍ରପତି ଡ. ରାଧାକ୍ରିଷ୍ଣନଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ, ଫୁଲ, ଚନ୍ଦନ, ଦେଇ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ପରେ ଶିକ୍ଷୟିତ୍ରୀ ଶିକ୍ଷକଙ୍କୁ ଫୁଲ, ଚନ୍ଦନ, ଦୀପଧୂପ ସହ ପୂଜା କରି ନିଜର ଉଜ୍ଜଳ ଭବିଷ୍ୟତ ଓ ସୁଶିକ୍ଷା ପାଇଁ ପ୍ରଣାମ କରି ଆଶୀର୍ବାଦ ଭିକ୍ଷା କରିଥିଲେ. ଛାତ୍ରୀଛାତ୍ରମାନେ ଗୁରୁଙ୍କୁ ବିଭିନ୍ନ ପ୍ରକାର ଉପହାର ଦେବା ସହିତ ମିଠା ଖୁଆଇଥିଲେ। ସେହିପରି ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମର ଆୟୋଜନ କରି ଭାଗନେଇଥିଲେ। ଶିକ୍ଷୟିତ୍ରୀ ଶିକ୍ଷକମାନେ ଡ. ସର୍ବପଲ୍ଲୀ ରାଧାକୃଷ୍ଣନଙ୍କ ମହାନ ବିଚାର, ଦର୍ଶନ ତଥା ପାଣ୍ଡିତ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ।

### ଶିକ୍ଷକଙ୍କ ପରଲୋକ

ବୋଲଗଡ଼, ୫ା୯(ଦେବବ୍ରତ ହୋତା)

ବୋଲଗଡ଼ ବ୍ଲକ ପଞ୍ଚପଲ୍ଲୀ ସରକାରୀ ଉଚ୍ଚ ବିଦ୍ୟାଳୟରେ ଶିକ୍ଷକତା କରୁଥିବା କାହ୍ନୁଚରଣ ତାଡ଼ଙ୍କର ପବିତ୍ର ଗୁରୁଦିବସରେ ସୋମବାର ପରଲୋକ ହୋଇଯାଇଛି। ମୃତ୍ୟୁବେଳକୁ ତାଙ୍କୁ ୫୮ବର୍ଷ ବୟସ ହୋଇଥିଲା। ବଡ଼ନୟାପଲ୍ଲୀ ବାସିନ୍ଦା ସ୍ୱର୍ଗତ ତାଡ଼ ଡାଇବେଟିସ ଆସ୍ଥମା ଓ କିଡ୍ନୀଜନିତ ରୋଗରେ ପୀଡ଼ିତ ଥାଇ ଚିକିତ୍ସିତ ହେଉଥିବାବେଳେ ଗତ ଏକ ସପ୍ତାହ ହେବ ସେ ଭୁବନେଶ୍ୱରର ଏକ ହସ୍ପିଟାଲରେ କୋମା ଅବସ୍ଥାରେ ଚିକିତ୍ସିତ ହେଉଥିଲେ। ତାଙ୍କ ସ୍ତ୍ରୀ ମଧ କିଛିଦିନ ତଳେ ରୋଗରେ ପଡ଼ି ମୃତ୍ୟୁବରଣ କରିଥିବା ବେଳେ ତାଙ୍କର ଗୋଟିଏ ପୁଅ ଓ ଗୋଟିଏ ଝିଅ ଅଛନ୍ତି। ସେ ଜଣେ ସମୟାନୁବର୍ତ୍ତୀ, ଛାତ୍ରବତ୍ସଳ, ପରୋପକାରୀ ଓ ମିଷ୍ଟଭାଷୀ ବ୍ୟକ୍ତି ଭାବେ ସ୍ଥାନୀୟ ଅଞ୍ଚଳରେ ଜଣାଶୁଣା ଥିଲେ। ତାଙ୍କର ଶେଷକୃତ୍ୟ ଗ୍ରାମ ଶ୍ମଶାନରେ ଅନୁଷ୍ଠିତ ହୋଇଥିଲା।

### ୨୦ ଗ୍ରାମ୍ ବ୍ରାଉନସୁଗାର ଜବତ: ୩ଗିରଫ



ଖୋର୍ଦ୍ଧା, ୫ା୯ (ପ୍ରଭାତ ପାଣିଗ୍ରାହୀ)

ଖୋର୍ଦ୍ଧା ଟାଉନ ଥାନା ପୋଲିସ ସ୍ଥାନୀୟ ବିଡିଏ କଲୋନୀ ଅଞ୍ଚଳରେ ଚଢ଼ାଉ କରି ୩ଜଣ ବ୍ରାଉନସୁଗାର ବ୍ୟବସାୟୀଙ୍କୁ ଗିରଫ କରିଛି। ସେମାନେ ହେଲେ ସାମନ୍ତରାପୁର ସିଦ୍ଧେଶ୍ୱର ମନ୍ଦିର ସମ୍ମୁଖ ଅଞ୍ଚଳର ଶିବ ବେହେରା ଓରଫ ଛଇଲା, ଯାଜପୁର ରାମଚନ୍ଦ୍ରପୁର ଥାନା ଅନ୍ତର୍ଗତ ଅଟାପୁଟିଆ ଗ୍ରାମ ତଥା ଖୋର୍ଦ୍ଧା ବିଡିଏ କଲୋନୀରେ ଭଡ଼ାରେ ରହୁଥିବା ମନୋଜ ପଲେଇଏବଂ ନୟାଗଡ଼ ଜିଲା ରଣପୁର ଥାନା ଅନ୍ତର୍ଗତ ମହତପଲା ଗ୍ରାମର ଅନୀଲ କୁମା ଦାସ। ସେମାନଙ୍କଠାରୁ ୨୦ଗ୍ରାମ ବ୍ରାଉନସୁଗର ସମେତ ଏକ ମୋଟର ସାଇକେଲ (ନଂ- ଓଡି.୦୨.ସିଜେ-୪୭୪୪) ଜବତ କରାଯାଇଛି। ଜବତ ବ୍ରାଉନ ସୁଗାରର ମୂଲ୍ୟ ୨ଲକ୍ଷ ହେବ ବୋଲି ଆକଳନ କରାଯାଇଛି। ସୂଚନା ଅନୁସାରେ, ମନୋଜ ରହୁଥିବା ବିଡିଏ କଲୋନୀର ଭଡ଼ାଘରେ ବ୍ରାଉନସୁଗାର ବେପାର ହେଉଥିବା ଖବର ପାଇ ପୋଲିସ ଚଢ଼ାଉ କରିଥିଲା। ସେଠାରୁ ୩ଜଣଙ୍କୁ କାବୁ କରିଥିଲା। ଏ ନେଇ ଏକ ମାମଲା (ନଂ. ୫୬୩/୨୩) ରୁଜୁ କରି ଗିରଫ ୩ଜଣଙ୍କୁ କୋର୍ଟଚାଲାଣ କରାଯାଇଛି।

# ଡିଏଚ୍ଏଚ୍ ପାଲଟିଛି ରେଫରାଲ ହସ୍ପିଟାଲ



ବରିଷ୍ଠ ନାଗରିକ ମଞ୍ଚର ସଦସ୍ୟମାନେ ମେଡିକାଲ ଅଧୀକ୍ଷକଙ୍କ ସହ ଆଲୋଚନା କରୁଛନ୍ତି।

## ମେଡିକାଲ ଅଧୀକ୍ଷକଙ୍କୁ ଭେଟିଲା ବରିଷ୍ଠ ନାଗରିକ ମଞ୍ଚ

ଖୋର୍ଦ୍ଧା(ପ୍ରଭାତ ପାଣିଗ୍ରାହୀ),୫ା୯

ଖୋର୍ଦ୍ଧା ଜିଲା ମୁଖ୍ୟ ଚିକିତ୍ସାଳୟ (ଡିଏଚ୍ଏଚ୍)ରେ ସ୍ୱାସ୍ଥ୍ୟସେବା ବିପର୍ଯ୍ୟସ୍ତ ହୋଇପଡ଼ିଛି। ଏହି ଚିକିତ୍ସାଳୟ ଉପରେ ବିଶେଷକରି ଖୋର୍ଦ୍ଧାର ୩ ନିର୍ବାଚନମଣ୍ଡଳୀ ସମେତ ପଡ଼ୋଶୀ ପୁରୀ ଓ ନୟାଗଡ଼ ଜିଲାର ଲୋକେ ନିର୍ଭର କରୁଛନ୍ତି। ଏଠାରେ କୋଠା ପରେ କୋଠା ନିର୍ମାଣ ଚାଲିଛି ସତ, ହେଲେ ସ୍ୱାସ୍ଥ୍ୟସେବାରେ ସେଭଳି ଉନ୍ନତି ଆସିପାରୁ ନାହିଁ। ଆବଶ୍ୟକ ସଂଖ୍ୟକ ବିଶେଷଜ୍ଞ, ଡାକ୍ତର, ପାରାମେଡିକାଲ ଷ୍ଟାଫ୍, ଚିକିତ୍ସା ପାଇଁ ଅତ୍ୟାଧୁନିକ ଯନ୍ତ୍ରପାତି ଅଭାବରୁ ରୋଗୀମାନେ ଉପଯୁକ୍ତ ଚିକିତ୍ସା ସେବା ପାଇବାରୁ ବଞ୍ଚିତ ହେଉଛନ୍ତି। ଏହା ଏକ ରେଫେରାଲ ଚିକିତ୍ସାଳୟ ପାଲଟିଛି। ଗୁରୁତର ରୋଗୀଙ୍କୁ ପ୍ରାଥମିକ ଚିକିତ୍ସା କରାଯାଇ କ୍ୟାପିଟାଲ ଅଥବା ଭୁବନେଶ୍ୱର ଏମ୍ସକୁ ପଠାଇ ଦିଆଯାଉଛି, ଯାହାକୁ ନେଇ ରୋଗୀଙ୍କ ସମ୍ପର୍କୀୟ ଏବଂ ବୁଦ୍ଧିଜୀବୀ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି।

ମିଳିଥିବା ସୂଚନା ଅନୁସାରେ, ଖୋର୍ଦ୍ଧା ଡିଏଚ୍ଏଚ୍ରେ ବହୁ ଗୁରୁତ୍ୱପୂର୍ଣ୍ଣ ବିଭାଗରେ ବିଶେଷଜ୍ଞ ପଦବୀ ଖାଲି ପଡ଼ିଛି। ଦୁର୍ଘଟଣା ଜନିତ ଚିକିତ୍ସା ପାଇଁ ଖୋଲିଥିବା ଟ୍ରମାକେୟାର ୟୁନିଟ୍ କୋଠା ଉଦ୍‌ଘାଟନ ପରଠାରୁ କାର୍ଯ୍ୟକ୍ଷମ ନ ହୋଇ ରହିଛି। ଖୋର୍ଦ୍ଧାକୁ ୧୬ ଓ ୫୭ ନମ୍ବର ଜାତୀୟ ରାଜପଥ ସଂଯୋଗ କରୁଛି। ଅନେକ ସମୟରେ ଦୁର୍ଘଟଣା ଘଟୁଛି। ତେବେ ଦୁର୍ଘଟଣାଜନିତ ଚିକିତ୍ସା ପାଇଁ ଉଦ୍ଦିଷ୍ଟ ଟ୍ରମାକେୟାର କୋମାରେ ରହିଛି। ଫଳରେ ଏଠାରେ ଗୁରୁତର ଦୁର୍ଘଟଣା ଜନିତ ଚିକିତ୍ସା ପାଇଁ ରୋଗୀଙ୍କୁ କୌଣସି ସୁବିଧା ମିଳିପାରୁ ନାହିଁ। ସ୍ତ୍ରୀ ଓ ପ୍ରସୂତି ବିଭାଗ ପାଇଁ ୨୪ ଘଣ୍ଟିଆ ସିଟି ସ୍କାନ ଏବଂ ଅଲଟ୍ରା ସାଉଣ୍ଡ ରହିଥିବାବେଳେ ସାଧାରଣ ରୋଗୀଙ୍କ ପାଇଁ ଏହି ସୁବିଧା ଉପଲବ୍ଧ ନାହିଁ। ଫଳରେ ରୋଗୀ ବାହାରେ କ୍ଲିନିକ୍‌ରେ କରି ଅଧିକ ଖର୍ଚ୍ଚାନ୍ତ ହେଉଛନ୍ତି। ସେହିପରି ବହିଃ ବିଭାଗ(ଆଉଟଡୋର)ରେ ଦୈନିକ ଶତାଧିକ ରୋଗୀଙ୍କ ଭିଡ଼ ଲାଗୁଛି। ମାତ୍ର ଦୁଇଜଣ ଡାକ୍ତରଙ୍କ ଦ୍ୱାରା ଚିକିତ୍ସା କରାଯାଉଥିବାରୁ ରୋଗୀଙ୍କୁ ଘଣ୍ଟା ଘଣ୍ଟା ଅପେକ୍ଷା କରିବାକୁ ପଡୁଛି। ଟିକେଟ କାଉଣ୍ଟରରେ ମଧ ରୋଗୀଙ୍କ ଲମ୍ବା ଭିଡ଼ ରହୁଛି। ପୂର୍ବରୁ ଚକ୍ଷୁ ବିଭାଗରୁ ଟିକେଟ ଦିଆଯାଉଥିବାବେଳେ ଏବେ ଏହାକୁ ବନ୍ଦ କରି ଦିଆଯାଇଛି। ଫଳରେ ରୋଗୀମାନେ ଦୁଇ କି.ମି. ଚାଲି ଟିକେଟ କାଉଣ୍ଟରରେ ଲମ୍ବାଧାଡ଼ିରେ ଠିଆ ହୋଇ ଟିକେଟ କରି ଚକ୍ଷୁ ବିଭାଗକୁ ଦୌଡୁଛନ୍ତି। ପୂର୍ବାହ୍ନରେ ବିଶେଷଜ୍ଞମାନେ ରୋଗୀ ଦେଖୁଥିବାବେଳେ ଅପରାହ୍ନ ଅଥବା ସନ୍ଧ୍ୟା ପରେ ଏହା ବନ୍ଦ ରହୁଛି। ଫଳରେ ରୋଗୀ ହଇରାଣ ହେଉଛନ୍ତି।

ଜିଲା ମୁଖ୍ୟ ଚିକିତ୍ସାଳୟର ବହୁବିଧ ସମସ୍ୟା ନେଇ ବରିଷ୍ଠ ନାଗରିକ ମଞ୍ଚର ଉପସଭାପତି ବୈକୁଣ୍ଠନାଥ ମହାପାତ୍ରଙ୍କ ନେତୃତ୍ୱରେ ବିଧାନଚନ୍ଦ୍ର ମହାନ୍ତି, ପ୍ରଫୁଲ୍ଲ କୁମାର ସାମନ୍ତରାୟ, ବସନ୍ତ କୁମାର ଦାଶ, ରବୀନ୍ଦ୍ର କୁମାର ସାହୁ, ସନ୍ତୋଷ କୁମାର ଦାସ, କୃଷ୍ଣଚନ୍ଦ୍ର ହରିଚନ୍ଦନ, ପ୍ରତାପ ଚନ୍ଦ୍ର ମହାପାତ୍ର, ସତ୍ୟବ୍ରତ ଦାସ, ନବ କିଶୋର ମହାପାତ୍ର, ଶ୍ରୀମନ୍ତ କୁମାର ବେହେରା, ନୃସିଂହ ମହାପାତ୍ର, ରାଜେନ୍ଦ୍ର କୁମାର ନରେନ୍ଦ୍ର, ନବ କିଶୋର ମହାନ୍ତି, ବଂଶୀଧର ଦାସ ପ୍ରମୁଖଙ୍କ ପ୍ରତିନିଧିମଣ୍ଡଳ ମଙ୍ଗଳବାର ମେଡିକାଲ ସୁପରିଣ୍ଟେଣ୍ଡେଣ୍ଟ ଡା.ବିଶ୍ୱମୋହନ ମିଶ୍ରଙ୍କ ସହିତ ବିସ୍ତୃତ ଆଲୋଚନା କରିଥିଲା। ସ୍ୱତନ୍ତ୍ର ଭାବେ ଜରୁରିକାଳୀନ ଚିକିତ୍ସା ୱାର୍ଡ ବ୍ୟବସ୍ଥା, ଟ୍ରମା କେୟାର କାର୍ଯ୍ୟକ୍ଷମ ସହ ୨୪ଘଣ୍ଟିଆ ଡାକ୍ତର ଟିମ୍ ନିଯୁକ୍ତ, ସିଟି ସ୍କାନ ଓ ଅଲଟ୍ରା ସାଉଣ୍ଡ ବ୍ୟବସ୍ଥା ଖୋଲାଯିବା, ପାଥୋଲୋଜିରେ କର୍ମଚାରୀଙ୍କ ସଂଖ୍ୟା ବୃଦ୍ଧି କରାଯିବାକୁ ଦାବି କରାଯାଇଥିଲା। ଏଥିସହିତ ବହିଃବିଭାଗ ବିଶେଷଜ୍ଞ ଡାକ୍ତରଙ୍କ ରୋଗୀ ଦେଖା ସନ୍ଧ୍ୟା ସମୟରେ କରାଯିବାକୁ ମଧ ପ୍ରସ୍ତାବ ଦିଆଯାଇଛି।

### ଏମାନେ ଯାହା କୁହନ୍ତି...

“ ମେଡିକାଲରେ ୮ଶଯ୍ୟା ବିଶିଷ୍ଟ ଆଇସିୟୁ, ଡାଇଲେସିସ୍, ରକ୍ତଭଣ୍ଡାର ଗୃହ କାର୍ଯ୍ୟକ୍ଷମ ହେବ। ବିଭିନ୍ନ ବିଭାଗରେ ଖାଲି ପଡ଼ିଥିବା ପଦବୀ ପୂରଣ ନିମନ୍ତେ ରାଜ୍ୟ ସରକାରଙ୍କ ସ୍ୱାସ୍ଥ୍ୟ ବିଭାଗକୁ ପତ୍ର ଲେଖାଯାଇଛି । ଅନ୍ୟାନ୍ୟ ଭିତ୍ତିଭୂମି ପାଇଁ କୋଠା ନିର୍ମାଣ ଚାଲିଥିବା ବେଳେ ପାର୍କିଂ ସୁବ୍ୟବସ୍ଥିତ ଲାଗି ଗୁରୁତ୍ୱ ଦିଆଯାଉଛି।

**- ଡା.ବିଶ୍ୱମୋହନ ମିଶ୍ର, ଜିଲା ମୁଖ୍ୟ ଚିକିତ୍ସା ଅଧୀକ୍ଷକ।**

“ ଜିଲା ମୁଖ୍ୟ ଚିକିତ୍ସାଳୟରେ ଆଇସିୟୁ ପାଇଁ ବିଧାୟକ ପାଣ୍ଠିରୁ ୩ଟି ପର୍ଯ୍ୟାୟରେ ୧.୫କୋଟି ଟଙ୍କା ଯୋଗାଇ ଦିଆଯାଇଛି। ଡାକ୍ତର ସମସ୍ୟା ସମାଧାନ ପାଇଁ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ନିର୍ଦ୍ଦେଶକ ଏବଂ ସ୍ୱାସ୍ଥ୍ୟ ମନ୍ତ୍ରୀଙ୍କୁ ଚିଠି ଲେଖି ଅନୁରୋଧ କରାଯାଇଛି।

**- ଜ୍ୟୋତିରୀନ୍ଦ୍ର ନାଥ ମିତ୍ର, ଖୋର୍ଦ୍ଧା ବିଧାୟକ**

“ ଜିଲା ମୁଖ୍ୟ ଚିକିତ୍ସାଳୟରେ ରହିଥିବା ସମସ୍ୟା ପର୍ଯ୍ୟାୟକ୍ରମେ ସମାଧାନ କରାଯାଉଛି। ଉତ୍ତମ ରୋଗୀ ସେବାକୁ ଗୁରୁତ୍ୱ ଦିଆଯାଉଛି। ଡାକ୍ତର ଅଭାବକୁ ନେଇ ବିଭାଗୀୟ ସଚିବ, ନିର୍ଦ୍ଦେଶକଙ୍କୁ ମଧ ଅବଗତ କରାଯାଇଛି।

**- ଡା. ଆର୍ତ୍ତବନ୍ଧୁ ନାୟକ, ଜିଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ**

“ ଜିଲା ମୁଖ୍ୟ ଚିକିତ୍ସାଳୟ ଉପରୋକ୍ତ ସମସ୍ୟା ସମାଧାନ ପାଇଁ ୫-ଟି ସଚିବଙ୍କ ଖୋର୍ଦ୍ଧା ଗସ୍ତ ସମୟରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଲିଖିତ ଦାବିପତ୍ର ଦିଆଯାଇଛି। ଏହାକୁ ସୁପର ସ୍ପେଶାଲିଟି ହସ୍‌ପିଟାଲରେ ରୂପାନ୍ତରିତ ପାଇଁ ରାଜ୍ୟ ସରକାରଙ୍କ ନିକଟରେ ଦାବି ଉପସ୍ଥାପନ କରାଯିବ।

**- ରାମ ଶଙ୍କର, ସମ୍ପାଦକ, ବରିଷ୍ଠ ନାଗରିକ ମଞ୍ଚ**

## ଦୋକାନ ଉପରକୁ ଧସେଇ ପଶିଲା ଟ୍ରକ୍

### ବର୍ତ୍ତିଲେ ଲୋକେ, ୩ଟି ବାଇକ କ୍ଷତି

ବେଗୁନିଆ,୫ା୯(ହର ପ୍ରସନ୍ନ ପଣ୍ଡା)

ବାଘମାରି-କଣ୍ଟିଲୋ ସଡ଼କ ପଥ କୋଦବେରେଣି ଛକ ନିକଟରେ ମଙ୍ଗଳବାର ଏକ ଟ୍ରକ ରାସ୍ତା କଡ଼କୁ ଧସେଇ ପଶି ଦୋକାନ ଉପରକୁ ମାଡି ଯାଇଥିବାବେଳେ ବଡ଼ ଦୁର୍ଘଟଣାରୁ ଅଳ୍ପକେ ବର୍ତ୍ତି ଯାଇଛି। ଦୋକାନ ଘର ଆଂଶିକ କ୍ଷତି ହୋଇଥିବାବେଳେ ୩ଟି ବାଇକ ଭାଙ୍ଗିରୁଜି ଯାଇଛି। ଖବରପାଇ ଘଟଣାସ୍ଥଳରେ ବେଗୁନିଆ ଓ ଧଳାପଥର ଫାଣ୍ଡି ପୋଲିସ ପହଞ୍ଚି ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ଦୁର୍ଘଟଣା ଘଟାଇଥିବା ଟ୍ରକ ସହିତ କ୍ଷତିଗ୍ରସ୍ତ ବାଇକଗୁଡ଼ିକୁ ପୋଲିସ ଜବତ କରିଛି। ପୋଲିସ ସୂଚନା ଅନୁସାରେ, ମଙ୍ଗଳବାର ପୂର୍ବାହ୍ନ ପ୍ରାୟ ୧୧ଟା ୨୦ ସମୟରେ କୋଦବେରେଣି ଛକ ନିକଟରେ ଉକ୍ତ ଟ୍ରକଟି ଛିଡା ହୋଇ ରହିଥିଲା। ଚାଳକ କେଉଁଆଡେ ଯାଇଥିବାବେଳେ ହେଲପର ଜଣକ ଖୁସିରେ ନିଜକୁ ନିଜେ ଗାଡ଼ିକୁ ଗଡ଼ାଇଥିଲେ। ହେଲେ ପରେ ସମ୍ଭାଳି ପାରି ନ ଥିଲେ। ଅସାବଧାନତା ଯୋଗୁ ରାସ୍ତା କଡ଼ରେ ଥିବା ତେଜରାତି ଦୋକାନ ଉପରକୁ ଟ୍ରକଟି ଧସେଇ ପଶିଥିଲା। ଦୋକାନ ମାଲିକ ଚିତ୍ତରଞ୍ଜନ ପ୍ରଧାନଙ୍କ ସହ ଅନ୍ୟ ଗ୍ରାହକମାନେ ଏହି ଦୁର୍ଘଟଣାରୁ ଅଳ୍ପକେ ବର୍ତ୍ତି ଯାଇଥିଲେ। ଦୋକାନର ପାର୍ଶ୍ୱ କାନ୍ଥ ଆଂଶିକ କ୍ଷତି ହୋଇଛି। ଦୋକାନ ସମ୍ମୁଖରେ ଥିବା ୩ଟି ବାଇକ ଭାଙ୍ଗିରୁଜି ଯାଇଛି। ଦୁର୍ଘଟଣା ଘଟାଇଥିବା ଟ୍ରକ ହେଲପରଙ୍କ ସହ ଚାଳକ କେଉଁଆଡେ ପଳାଇଛନ୍ତି।

# ୪ ଶିକ୍ଷୟିତ୍ରୀଙ୍କୁ ‘ମେନକା ସାହୁ ଗୁରୁଶ୍ରୀ ସ୍ମୃତି ସମ୍ମାନ’



ଅତିଥିଙ୍କ ଗହଣରେ ମେନକା ସାହୁ ଗୁରୁଶ୍ରୀ ସ୍ମୃତି ସମ୍ମାନରେ ସମ୍ମାନିତ ବ୍ୟକ୍ତିତ୍ୱ।

ବେଗୁନିଆ,୫ା୯(ହରପ୍ରସନ୍ନ ପଣ୍ଡା)

ପବିତ୍ର ଗୁରୁଦିବସ ଅବସରରେ ମଙ୍ଗଳବାର ବେଗୁନିଆ ବ୍ଲକସ୍ତରୀୟ ଗୁରୁପୂଜନ ଓ ଗୁରୁ ସମ୍ମାନ ସମାରୋହ ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ଗୋପବନ୍ଧୁ ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ମିଳିତ ପ୍ରାଥମିକ ଶିକ୍ଷକ ସଂଘ ଆନୁକୂଲ୍ୟରେ ଆୟୋଜିତ ସମାରୋହକୁ ସଭାପତି ରବୀନ୍ଦ୍ର ମହାପାତ୍ର ଅଧକ୍ଷତା କରିଥିଲେ। ମୁଖ୍ୟ ଅତିଥି ଭାବେ ରାଜ୍ୟ ସଭା ସଦସ୍ୟ ଡ. ସସ୍ମିତ ପାତ୍ର ଏବଂ ବକ୍ତା ଭାବେ ସ୍ଥାନୀୟ ବିଧାୟକ ରାଜେନ୍ଦ୍ର ସାହୁ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ବିଧାୟକଙ୍କ ପ୍ରତିନିଧି ପ୍ରଶାନ୍ତ ବେହେରା, ରାଜ୍ୟ ଯୁବ ବିଜେଡି ସଭାପତି ଶୁଭକାନ୍ତ ମହାପାତ୍ର, ଆୟୋଜକ ସଂଘର ମୁଖ୍ୟ ଉପଦେଷ୍ଟା ରାଜକିଶୋର ପାଣିଗ୍ରାହୀ, ବିଇଓ ଭାସ୍କର ଲେଙ୍କା, ବ୍ଲକ ଅଧକ୍ଷ ଲକ୍ଷ୍ମୀଧର ସୁବୁଦ୍ଧି, ସରପଞ୍ଚ ସତ୍ୟନାରାୟଣ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ। ସ୍ଥାନୀୟ ବାଳିକା ଉଚ୍ଚ ବିଦ୍ୟାଳୟ ଛାତ୍ରୀ ଗୁରୁବନ୍ଦନା ପାଠ କରିଥିଲେ। ସମ୍ପାଦକ ସରୋଜ ବେହେରା ବାର୍ଷିକ ବିବରଣୀ ପାଠ କରିଥିଲେ। ଶିକ୍ଷକ ସଂଘର ନୂତନ ସମ୍ମିଳନୀ କକ୍ଷ ନିର୍ମାଣ କାର୍ଯ୍ୟ ପାଇଁ ଅତିଥିମାନେ ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ଏହି ଅବସରରେ ୪ଜଣ ଶିକ୍ଷୟିତ୍ରୀଙ୍କୁ ‘ମେନକା ସାହୁ ଗୁରୁଶ୍ରୀ ସ୍ମୃତି ସମ୍ମାନ’ରେ ସମ୍ମାନିତ କରାଯାଇଥିଲା। ଏବିଇଓ ଦାଶରଥି ପ୍ରଧାନଙ୍କୁ ‘ଗୌରାଙ୍ଗ ସାହୁ ସ୍ମୃତି ସମ୍ମାନ’ରେ ସମ୍ମାନ କରାଯାଇଥିଲା। ସେହିପରି ୯ଜଣ ପ୍ରତିଭା ସମ୍ପନ୍ନ ଶିକ୍ଷକଙ୍କୁ ‘ଗୁରୁଶ୍ରୀ’ ସମ୍ମାନରେ ସମ୍ମାନିତ କରାଯାଇଛି। ଶିକ୍ଷକ ସନ୍ତୋଷ ମହାପାତ୍ର ଓ ବସନ୍ତ ଜୟସିଂ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ସୂର୍ଯ୍ୟକାନ୍ତ ପଣ୍ଡା, ବିଶ୍ୱଜିତ୍ ପଟ୍ଟନାୟକ, ପୁଲକ ସାହୁ, ଆଶିଷ ସୁବୁଦ୍ଧି, ବୀର କିଶୋର ମହାରଣା ପ୍ରମୁଖ ଶିକ୍ଷକମାନେ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। ବରିଷ୍ଠ ଉପଦେଷ୍ଟା ବସନ୍ତ ପ୍ରହରାଜ ଧନ୍ୟବାଦ ଦେଇଥିଲେ।

## ସାମୂହିକ ସୁନ୍ଦରାକାଣ୍ଡ, ହନୁମାନ ଚାଳିଶା ପାଠ

ଖୋର୍ଦ୍ଧା,୫ା୯(ପ୍ରଭାତ ପାଣିଗ୍ରାହୀ )

ତ୍ରିନାଥ ଚରଣ ସ୍ମୃତି କଳା ସାହିତ୍ୟ ସଂସଦ, ଖୋର୍ଦ୍ଧା ଆନୁକୂଲ୍ୟରେ ୧୨ ନମ୍ବର୍ ୱାର୍ଡସ୍ଥିତ ଶ୍ରୀରାମ ମନ୍ଦିର ପରିସରରେ ମଙ୍ଗଳବାର ସାମୂହିକ ସୁନ୍ଦରାକାଣ୍ଡ ଓ ହନୁମାନ ଚାଳିଶା ପାଠ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବହୁ ଯୋଗ ଅନୁଷ୍ଠାନର ଯୋଗ ସାଧକସାଧିକାଙ୍କ ସମେତ ସ୍ଥାନୀୟ ବାସିନ୍ଦା, ଶିକ୍ଷାବିତ, ବୁଦ୍ଧିଜୀବୀ, ସାମାଜିକ କର୍ମୀ ଯୋଗ ଦେଇଥିଲେ। ପ୍ରବଚକ ପଣ୍ଡିତ କୃଷ୍ଣଚନ୍ଦ୍ର ଶତପଥୀ ସୁନ୍ଦର କାଣ୍ଡ ପାଠ କରିଥିଲେ। ବିଧାୟକ ଜ୍ୟୋତିରୀନ୍ଦ୍ର ନାଥ ମିତ୍ର, ପୌର ଉପାଧ୍ୟକ୍ଷ ସୌମ୍ୟ ରଞ୍ଜନ ମହାନ୍ତି, ଶିକ୍ଷାବିତ ସତ୍ୟବାଦୀ ବଳିୟାରସିଂହ, ଡ. ବୃନ୍ଦାବନ ପଣ୍ଡା, ଡ. ଶରତ ଚନ୍ଦ୍ର ମହାପାତ୍ର, ଗୋବିନ୍ଦ ଚନ୍ଦ୍ର ମହାରଣା, ଶିକ୍ଷାବିତ୍ ଦୟାନିଧି ସାହୁ, ଆଇନଜୀବୀ ବ୍ରଜ କିଶୋର ସାହୁ ପ୍ରମୁଖ ଯୋଗ ଦେଇଥିଲେ। ଅନୁଷ୍ଠାନର ସମ୍ପାଦିକା ଇତିଶ୍ରୀ ସାହୁ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଏଥିରେ ଚିତ୍ତ ରଞ୍ଜନ ସାହୁ, ନମିତା ତ୍ରିପାଠୀ, ମିନତୀ ଦାସ, ମମତା ରଣସିଂହ, ନରୋତ୍ତମ ମହାନା, ଶୋଭନ କୁମାର ସାହୁ, ମଞ୍ଜୁଲତା ଆଚାର୍ଯ୍ୟ, ହରଷ ଦେଇ, ନୃସିଂହ ମହାପାତ୍ର, ଫକୀର ବେହେରା, ବିଜୟ ମହାନ୍ତି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ଗାନ୍ଧୀଙ୍କ ନୀତି, ଆଦର୍ଶ ଅନୁସରଣ କରିବାକୁ ପରାମର୍ଶ

### ବାପୁଜୀଙ୍କ ପ୍ରତିମୂର୍ତ୍ତି ଅନାବରଣ ସମାରୋହ



ବେଗୁନିଆ,୫ା୯(ହରପ୍ରସନ୍ନ ପଣ୍ଡା)

ଗୁରୁଦିବସ ଅବସରରେ ଖୋର୍ଦ୍ଧା ଜିଲା ବେଗୁନିଆ ସଦର ମହକୁମାସ୍ଥିତ ଗାନ୍ଧୀ ସ୍ମୃତିସ୍ଥଳ ପରିସରରେ ମଙ୍ଗଳବାର ଜାତିର ପିତା ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତି ଅନାବରଣ ସମାରୋହ ଅନୁଷ୍ଠିତ ହୋଇଯାଇଛି। ଗାନ୍ଧୀ ସ୍ମୃତି ସଂସଦ ଆନୁକୂଲ୍ୟରେ ଆୟୋଜିତ ସମାରୋହରେ ରାଜ୍ୟ ଗାନ୍ଧୀ ଶାନ୍ତି ପ୍ରତିଷ୍ଠାନର ସଭାପତି ଜଷ୍ଟିସ ମନୋରଞ୍ଜନ ମହାନ୍ତି ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ଅଞ୍ଚଳର ଗାନ୍ଧିବାଦୀ କୃଷ୍ଣ ସିଂ ବକ୍ତା ଭାବେ ଯୋଗ ଦେଇଥିଲେ। ସଂସଦର ସଭାପତି ଡ. ହରି ପ୍ରସାଦ ଦାସ ଏଥିରେ ଅଧକ୍ଷତା କରିଥିଲେ। ଶିକ୍ଷକ ସନ୍ତୋଷ ମହାପାତ୍ର ମଙ୍ଗଳାଚରଣ ପାଠ କରିବା ପରେ ଅତିଥିଙ୍କ ଦ୍ୱାରା ଡ. ସର୍ବପଲ୍ଲୀ ରାଧାକ୍ରିଷ୍ଣନଙ୍କ ଫଟୋଚିତ୍ରରେ ପୁଷ୍ପ ମଣ୍ଡିତ କରାଯାଇଥିଲା। ପରେ କାର୍ଯ୍ୟକ୍ରମର ସଂଯୋଜକ ପ୍ରଫେସର ରବୀନ୍ଦ୍ର ନାଥ ପାଣିଗ୍ରାହୀ ସ୍ୱାଗତ ଭାଷଣ ଦେବା ସହ ସ୍ୱରଚିତ ଆବାହନୀ ସଙ୍ଗୀତ ଗାନ କରିଥିଲେ। ପାଶ୍ଚାତ୍ୟ ସଭ୍ୟତାରେ ଯୁଗ ଏବେ ଅତି ଆଧୁନିକ ଆଡକୁ ଗତି କରିଛି। ଯୁଗ ବଦଳିଲେ ମଧ ବାପୁଙ୍କ ନୀତି ଓ ଆଦର୍ଶକୁ ଦୃଢତାର ସହ ଅନୁସରଣ କରିବାକୁ ଅତିଥି ଜଷ୍ଟିସ ମହାନ୍ତି ଯୁବପିଢ଼ିଙ୍କୁ ବାର୍ତ୍ତା ଦେଇଥିଲେ। ଏହି ଅବସରରେ ଅତିଥିଙ୍କୁ ଉତ୍ତରୀୟ ଓ ଉପଢୌକନ ସହ ସମ୍ବର୍ଦ୍ଧିତ କରାଯାଇଥିଲା। ସଞ୍ଜୟ ମହାନ୍ତି ଓ ସାଥୀ ସୁକାନ୍ତ ରାଉତ ଧୁଡୁକି ମାଧମରେ ଗାନ୍ଧୀ ଭଜନ ପରିବେଷଣ କରି ସମସ୍ତଙ୍କ ମନ ମୋହିଥିଲେ। ସଂସଦର ବରିଷ୍ଠ ସଦସ୍ୟା ସୁଶ୍ରୀ ସଂଘମିତ୍ରା ରଥ ଧନ୍ୟବାଦ ଦେଇଥିଲେ। କାର୍ଯ୍ୟକ୍ରମରେ ସ୍ଥାନୀୟ ବିଡିଓ ଲକ୍ଷ୍ମୀଧର ସାହୁ, ଅନୁନିବନ୍ଧକ ଅମିତ ସେଠୀ, ଥାନାଧିକାରୀ ବିଶ୍ୱଜିତ୍ ରାଉତରାୟ, ସ୍ଥାନୀୟ ସରପଞ୍ଚ ସତ୍ୟନାରାୟଣ ପ୍ରଧାନ, ସମିତି ସଭ୍ୟ ପ୍ରକାଶ ବଳିୟାରସିଂ, ଡାକ୍ତର ଅମରେନ୍ଦ୍ର ନାଥ ମହାପାତ୍ର, ଡ. ବିଶ୍ୱଜିତ୍ ରାୟ, ଡ. ଝାନ୍ସୀ ସିଂ, ଶିକ୍ଷୟିତ୍ରୀ ପ୍ରତିମା ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

## ଗୁରୁବନ୍ଦନା, ପୂଜନ କଲେ ଛାତ୍ରୀଛାତ୍ର

ଖୋର୍ଦ୍ଧା,୫ା୯(ପ୍ରଭାତ ପାଣିଗ୍ରାହୀ)

ପବିତ୍ର ଗୁରୁଦିବସ ମଙ୍ଗଳବାର ବିଭିନ୍ନ ଶିକ୍ଷାନୁଷ୍ଠାନରେ ପାଳିତ ହୋଇଯାଇଛି। ଛାତ୍ରୀଛାତ୍ରମାନେ ଗୁରୁଙ୍କ ଚରଣ ବନ୍ଦନା ପୂର୍ବକ ମଥାରେ ଫୁଲ, ଚନ୍ଦନ ଦେଇ ପୂଜାର୍ଚ୍ଚନା କରିଥିଲେ। ପଲ୍ଲାହାଟ ସରସ୍ୱତୀ ଶିଶୁ ମନ୍ଦିରରେ ଆୟୋଜିତ କାର୍ଯ୍ୟକ୍ରମରେ ଶିକ୍ଷାବିତ୍ ଭାସ୍କର ପ୍ରଧାନ ମୁଖ୍ୟଅତିଥି ଭାବେ ଯୋଗଦେଇ ଗୁରୁଦିବସ ପାଳନର ମହତ୍ତ୍ୱ ସମ୍ପର୍କରେ ଆଲୋକପାତ କରି ଭାରତର ପୂର୍ବତନ ରାଷ୍ଟ୍ରପତି ସର୍ବପଲ୍ଲୀ ରାଧାକ୍ରିଷ୍ଣନଙ୍କ ଆଦର୍ଶରେ ଅନୁପ୍ରାଣିତ ହେବାକୁ ପରାମର୍ଶ ଦେଇଥିଲେ। ପ୍ରଧାନାଚାର୍ଯ୍ୟ ବିମଳ ଚନ୍ଦ୍ର ରାଉତରାୟ ପରିଚାଳନା କରିଥିଲେ। ପିଲାମାନେ ଗୁରୁମାଗୁରୁଜୀଙ୍କ ବନ୍ଦନା କରିଥିଲେ। ସେହିପରି ଖୋର୍ଦ୍ଧା ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ପରିସରରେ ଆୟୋଜିତ କାର୍ଯ୍ୟକ୍ରମରେ ଶିକ୍ଷାବିତ୍ ରବୀନ୍ଦ୍ର ନାଥ ଶତପଥୀ ମୁଖ୍ୟଅତିଥି ଭାବେ ଯୋଗଦେଇ ପିଲାଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା ସହ ଲକ୍ଷ୍ୟସ୍ଥିର କରିବାକୁ କହିଥିଲେ। ପ୍ରଧାନାଚାର୍ଯ୍ୟ ଗିରିଜା ମହାପାତ୍ର ପିଲାଙ୍କୁ ଗପ ମାଧ୍ୟମରେ ଗୁରୁଦିବସର ତାତ୍ପର୍ଯ୍ୟ କହିଥିଲେ। ବରିଷ୍ଠ ଗୁରୁଜୀ ଗଗନ ବିହାରୀ ପ୍ରତିହାରୀ ଧନ୍ୟବାଦ ଅର୍ପଣ କରିଥିଲେ। ଶିଶୁ ଭଉଣୀଭାଇମାନେ ସାମୂହିକ ଗୁରୁପୂଜନ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ସେହିଭଳି ସିଗମା ପବ୍ଲିକ ସ୍କୁଲରେ ପିଲାମାନେ ସାମୂହିକ ଭାବେ ଗୁରୁବନ୍ଦନା ଓ ପୂଜନ କରିଥିଲେ। ଅଧକ୍ଷା ମମତାଞ୍ଜଳି ପଟ୍ଟନାୟକ ପିଲାଙ୍କୁ କଠିନ ପରିଶ୍ରମ ଏବଂ ନିରନ୍ତର ପ୍ରୟାସ କରିବାକୁ କହିଥିଲେ। କାର୍ଯ୍ୟକ୍ରମରେ ସମସ୍ତ ଶିକ୍ଷୟତ୍ରୀଶିକ୍ଷକ ଉପସ୍ଥିତ ଥିଲେ।

# ସଫେଇ ହେଲା ରାସ୍ତା, ଡ୍ରେନ୍

ଜଟଣୀ, ୫ା୯(ରବୀନ୍ଦ୍ରନାଥ ମହାକୁଡ଼)

### ଖବର ପ୍ରକାଶ ପରେ ପୌର ପ୍ରଶାସନ ଚେତିଲା



ଜଟଣୀ ପୌର ପ୍ରଶାସନ ସହରର ପରିମଳ ବ୍ୟବସ୍ଥା ସୁଧାରିବା ପାଇଁ ତତ୍ପର ହୋଇ ଉଠିଛି। ପୌର ଅଞ୍ଚଳର ୨୩ଟି ୱାର୍ଡରେ ବର୍ଷ ବର୍ଷଧରି ପରିମଳ ବ୍ୟବସ୍ଥାରେ ସୁଧାର ହେଉ ନ ଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଉଥିଲା। ବିଭିନ୍ନ ସାହି ବସ୍ତିଠାରୁ ଆରମ୍ଭକରି ସହରର ମୁଖ୍ୟରାସ୍ତାର ଡ୍ରେନ ସଫେଇ ନ ହେବା, ରାସ୍ତାରେ ଗଦା ଗଦା ଅଳିଆ ଆବର୍ଜନା ପଡ଼ିରହିବା, ଭଙ୍ଗା ଡ୍ରେନ ଏବଂ ଖାଲଖମା ରାସ୍ତାକୁ ନେଇ ବୁଦ୍ଧିଜୀବୀ ମହାଲରେ କ୍ଷୋଭ ପ୍ରକାଶ ପାଇବା ସହିତ ସାଧାରଣରେ ସମସ୍ୟା ସୁଧାରିବା ପାଇଁ ପୌର ପ୍ରଶାସନ ନିକଟରେ ଦାବି ହୋଇଆସୁଥିଲା। ତେବେ ନିର୍ବାଚିତ ଲୋକପ୍ରତିନିଧି, ପୌର ଅଧିକାରୀ କେହି ସମସ୍ୟା ସମାଧାନ ପାଇଁ କର୍ଣ୍ଣପାତ କରି ନ ଥିଲେ। ଏ ନେଇ ଲୋକେ ସାମାଜିକ ଗଣମାଧମରେ ଜଟଣୀ ପୌର ପରିଷଦର ଅବ୍ୟବସ୍ଥାର ଚିତ୍ର ଏବଂ ଭିଡିଓ ଭାଇରାଲ କରି ଆକ୍ଷେପ କରିଥିଲେ। ସେହିପରି ଗତ ୩୧ ତାରିଖରେ ଧରିତ୍ରୀରେ ଉକ୍ତ ସମସ୍ୟାକୁ ନେଇ ‘ମୌଳିକ ସୁବିଧାରୁ ବଞ୍ଚିତ ପୌରବାସୀ’ ଶୀର୍ଷକ ଖବର ପ୍ରକାଶ ପାଇଥିଲା। ଏହାପରେ ପୌର ପ୍ରଶାସନ ସହରର ପରିମଳ ଏବଂ ଡ୍ରେନଜ ବ୍ୟବସ୍ଥାକୁ ସୁଧାରିବାକୁ ଯାଇ ପୌରାଞ୍ଚଳର ବିଭିନ୍ନ ୱାର୍ଡରେ ରହିଥିବା ଡ୍ରେନରୁ ଅଳିଆ ଆବର୍ଜନା ସଫେଇ କରୁଥିବା ଦେଖିବାକୁ ମିଳୁଛି। ଦୀର୍ଘ ୪ ମାସରୁ ଊର୍ଦ୍ଧ୍ୱ ଧରି ୱାର୍ଡ ନମ୍ବର ୪ ଅନ୍ତର୍ଗତ ନୀଳଚକ୍ର ମାର୍କେଟର ମୁଖ୍ୟ ରାସ୍ତା ଏବଂ ଡ୍ରେନରେ ପଡ଼ିରହିଥିବା ଅଳିଆ ଆବର୍ଜନାକୁ ପୌର ପ୍ରଶାସନ ପକ୍ଷରୁ ଦୁଇଦିନ ତଳେ ସଫେଇ କରାଯାଇଛି। ସେହିପରି କୁଦିଆରୀ ହାଇସ୍କୁଲ ସମ୍ମୁଖରେ ରହିଥିବା ମୁକ୍ତାକାଶ ବ୍ୟାୟାମଶାଳାସହିତ ୱାର୍ଡରେ ଅନେକ ସ୍ଥାନରେଥିବା ମୁକ୍ତାକାଶ ବ୍ୟାୟାମଶାଳାକୁ ସୋମବାର ସଫେଇ କରାଯାଇଛି। ମଙ୍ଗଳବାର ଜଟଣୀ ହାଟବଜାର ଅଞ୍ଚଳରେ ଥିବା ଡ୍ରେନରୁ ଅଳିଆ ଆବର୍ଜନା କଢାଯାଇଛି। ତେବେ ଡ୍ରେନରୁ ଆବର୍ଜନା କାଢି ଲୋକଙ୍କ ଘର ସମ୍ମୁଖରେ ପକାଯାଇଥିବାରୁ ବର୍ଷା ପାଣିରେ ଗାଁ ଦାଣ୍ଡ ଦୁର୍ଗନ୍ଧ ଏବଂ ଅସ୍ୱାସ୍ଥ୍ୟକର ପରିବେଶ ସୃଷ୍ଟି ହେବା ସହିତ ଯାତାୟାତରେ ସମସ୍ୟା ଉପୁଜୁଛି। ଏ ନେଇ ସ୍ଥାନୀୟ ଅଞ୍ଚଳରେ ଅସନ୍ତୋଷ ପ୍ରକାଶ ପାଇଛି।




୫।୯।୨୦୨୩

୨,୬୨,୪୮୨ ଟଙ୍କା

# ମହାପ୍ରଭୁଙ୍କୁ ଯେଉଟ ଭୋଗ ଲାଗି

**ପୁରୀ, ୫।୯(ଅଜିତ ମହାନ୍ତି)**

■ ଶ୍ରୀମନ୍ଦିରରେ ଗର୍ଭଉଦକ ବନ୍ଦାପନା ନୀତି ସମ୍ପନ୍ନ

■ ଆଜି ଜନ୍ମାଷ୍ଟମୀ ନୀତି ବେଳେ ବନ୍ଦରହିବ ଦର୍ଶନ

ଶ୍ରୀମନ୍ଦିରରେ ବୁଧବାର ପବିତ୍ର ଜନ୍ମାଷ୍ଟମୀ ନୀତି ଅନୁଷ୍ଠିତ ହେବ। ଜନ୍ମନୀତି ଗୁପ୍ତ ହୋଇଥିବାରୁ ଏହି ନୀତି ସମୟରେ ସର୍ବସାଧାରଣ ଦର୍ଶନ ବନ୍ଦ ରହିବ। ମଙ୍ଗଳବାରଠାରୁ ଶ୍ରୀକୃଷ୍ଣଙ୍କ ଜନ୍ମ ନୀତି ପାଳନ ପାଇଁ ପ୍ରସ୍ତୁତି ଆରମ୍ଭ ହୋଇଛି। ଶ୍ରୀମନ୍ଦିରରେ ମହାପ୍ରଭୁଙ୍କୁ ଯେଉଟ ଭୋଗ ଲାଗିହେବା ସହ ଗର୍ଭଉଦକ ବନ୍ଦାପନା ନୀତି ସମ୍ପନ୍ନ କରାଯାଇଛି।

ଶ୍ରୀମନ୍ଦିର ସ୍ୱତ୍ୱଲିପି ଅନୁଯାୟୀ, ଶ୍ରୀମନ୍ଦିରରେ ଶ୍ରୀବିଗ୍ରହମାନଙ୍କର ସନ୍ଧ୍ୟା ଆଳତି ବେଶରେ ଠାକୁରଙ୍କୁ ୬ମୂର୍ତ୍ତି ଅଳଙ୍କାର ଲାଗିକରାଯାଇଥିଲା। ସନ୍ଧ୍ୟା ଆଳତି ନୀତି ସମ୍ପନ୍ନ ପରେ ଭିତରେ ପାଣି ପଡ଼ି ଟେରା ବନ୍ଧାହୋଇଥିଲା। ସନ୍ଧ୍ୟାଧୂପ ପୂଜା ପରେ ଭିତରେ ପାଣି ପଡ଼ି ଧୋପଖାଳ ହୋଇ ଜୟବିଜୟ ଦ୍ୱାର ବନ୍ଦ କରାଯାଇଥିଲା। ଟେରା ବନ୍ଧାଯିବା ପରେ ଯେଉଟ ଭୋଗ (ଶାଗ, ତରକାରି, ପିଠା, ଝିଲି, ଓରିଆ, ଖିରି ଆଦି) ରୋଷରୁ ଆସି ଅଣସର ପିଣ୍ଡିରେ ରଖାଯାଇଥିଲା। ମୁଦିରସ୍ତ ମହାପ୍ରଭୁଙ୍କ ଶ୍ରୀଅଙ୍ଗରେ ପ୍ରସାଦ ଲାଗି କରିବା ପରେ ୩ ଜଣ ପୂଜାପଣ୍ଡା ସାମନ୍ତ ପଞ୍ଚପଚାରରେ ପୂଜା କରିବା ସହ ଭୋଗ ଲାଗି କରିଥିଲେ। ଏହାପରେ ଧୋପପଖାଳ ହୋଇଥିଲା। ତିନିବାଡ଼ରେ ପାଳିଆ ପୂଜାପଣ୍ଡା, ପତିମହାପାତ୍ର ଓ ମୁଦିରସ୍ତ ବନ୍ଦାପନା କରିଥିଲେ। ତେବେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ବାଡ଼ରେ ଗୋଟିଏ ଅଧିକ ବନ୍ଦାପନା ହୋଇଥିଲା। ଏହି ବନ୍ଦାପନାକୁ ଗର୍ଭଉଦକ ବନ୍ଦାପନା କୁହାଯାଏ। ଏହାପରେ ଶ୍ରୀମନ୍ଦିରରେ ଅନ୍ୟାନ୍ୟ ନୀତି ବଢ଼ିଥିଲା। ଯେଉଟ ଭୋଗ ଏବଂ ଗର୍ଭଉଦକ ବନ୍ଦାପନା ନୀତି ସମ୍ପର୍କରେ ଶ୍ରୀଜଗନ୍ନାଥ ସଂସ୍କୃତି ଗବେଷକଙ୍କ ମତ ଅନୁଯାୟୀ ଗର୍ଭବତୀ ନାରୀମାନେ ସୁଖଦ ପ୍ରସବ ଲାଗି ଯେଉଟ ଫଳ ଖାଇଥାନ୍ତି। ଜନ୍ମାଷ୍ଟମୀ ପୂର୍ବଦିନ ଶ୍ରୀଜଗନ୍ନାଥ ଦେବକୀ ରୂପ ଧାରଣ କରି ଯେଉଟ ଭୋଗ ଖାଇଥାନ୍ତି। ତାଙ୍କ ଗର୍ଭରେ ଶ୍ରୀକୃଷ୍ଣ ରହିଥିବାରୁ ତାଙ୍କ ବାଡ଼ରେ ଗୋଟିଏ ଅଧିକ ବନ୍ଦାପନା କରାଯାଏ। ଲୀଳାମୟ ଠାକୁରଙ୍କର ଏହା ଏକ ଅଲୌକିକ ଲୀଳା। ମହାପ୍ରଭୁ ଶ୍ରୀଜଗନ୍ନାଥ ହେଉଛନ୍ତି ଅବତାରୀ। ତେଣୁ ତାଙ୍କଠାରୁ ଶ୍ରୀକୃଷ୍ଣ ସୃଷ୍ଟି ହୋଇଥିଲେ।



ସନାତନ ଧର୍ମ ପ୍ରତି ଉଦୟନିଧି ଷ୍ଟାଲିନଙ୍କ ଆପତ୍ତିଜନକ ମନ୍ତବ୍ୟ ପ୍ରତିବାଦରେ ମଙ୍ଗଳବାର ଶ୍ରୀମନ୍ଦିର ସିଂହଦ୍ୱାର ସମ୍ମୁଖରେ ଶ୍ରୀଜଗନ୍ନାଥ ସେନା ପକ୍ଷରୁ ବିକ୍ଷୋଭ କରାଯାଉଛି ।

## ସଂକ୍ଷେପରେ

### ଏନ୍‌ସିସି ବାର୍ଷିକ ପ୍ରଶିକ୍ଷଣ ଶିବିର ଆରମ୍ଭ

**ପୁରୀ, ୫।୯(ଅଜିତ ମହାନ୍ତି)**

ଷଷ୍ଠ ଓଡ଼ିଶା ଏନ୍‌ସିସି ବାଟାଲିୟନ ପୁରୀ ଆନୁକୂଲ୍ୟରେ ମିଳିତ ବାର୍ଷିକ ପ୍ରଶିକ୍ଷଣ ଶିବିର ମଙ୍ଗଳବାର ଉଦ୍‌ଘାଟିତ ହୋଇଯାଇଛି। ଏହି ଶିବିରରେ ୪ଟି ଜିଲାର ୫ଶହରୁ ଊର୍ଦ୍ଧ୍ୱ ଜାତୀୟ ସମର ଶିକ୍ଷାର୍ଥୀ ବାହିନୀ (ଏନ୍‌ସିସି କ୍ୟାଡେଟ) ଯୋଗଦେଇଛନ୍ତି। ଶିବିରକୁ ଷଷ୍ଠ ଓଡ଼ିଶା ଏନ୍‌ସିସି ବାଟାଲିୟନ ପୁରୀର କମାଣ୍ଡିଂ ଅଫିସର କର୍ଣ୍ଣେଲ ସୁଦୀପ ସିହ୍ନା ଶୁଭାରମ୍ଭ କରିଥିଲେ। ଏନ୍‌ସିସି କ୍ୟାଡେଟମାନେ ପ୍ରଶିକ୍ଷଣକୁ ଉପଯୋଗ କରି ନିଜକୁ ସୁନାଗରିକ ଭାବେ ଗଢ଼ିବା ସହ ଏକ ସୁଦୃଢ଼ ରାଷ୍ଟ୍ର ଗଠନ ପାଇଁ ସହଯୋଗ କରିବାକୁ ସେ ପରାମର୍ଶ ଦେଇଥିଲେ। ଶିବିରରେ କ୍ୟାଡେଟମାନଙ୍କୁ ଡ୍ରିଲ, ଅସ୍ତ୍ରଶସ୍ତ୍ର ପରିଚାଳନା ଜ୍ଞାନ କୌଶଳ, ମାନଚିତ୍ରରେ ପରିଭାଷା, ଫାୟାରିଂ, ପ୍ରତିବନ୍ଧକ ଦୌଡ଼, ଫାୟାର ଫାଇଟିଂ, ବିପର୍ଯ୍ୟୟ ପ୍ରଶମନ ଆଦି ବିଷୟରେ ତାଲିମ ଦିଆଯିବ। ଚଳିତ ମାସ ୧୧ ତାରିଖ ପର୍ଯ୍ୟନ୍ତ ହେବାକୁ ଥିବା ଏହି ଶିବିରରେ କ୍ୟାଡେଟମାନଙ୍କୁ ସଡ଼କ ସୁରକ୍ଷା, ସମାଜସେବା, ରୋଗୀଙ୍କ ପ୍ରାଥମିକ ଉପଚାର, ସାଇବର ଠକେଇ ଠାରୁ ଦୂରେଇ ରହିବା, ଅଗ୍ନି ନିର୍ବାପକ ଆଦି ବିଷୟରେ ପ୍ରଶିକ୍ଷଣ ଦେବାର ବ୍ୟବସ୍ଥା କରାଯାଇଛି। ପ୍ରଶିକ୍ଷଣ ଶେଷରେ ସଫଳ କ୍ୟାଡେଟମାନଙ୍କୁ ମାନପତ୍ର ଓ ଟ୍ରଫି ଦିଆଯିବ। ଏହି କାର୍ଯ୍ୟକ୍ରମରେ ବାଟାଲିୟନର ସମସ୍ତ ଏନ୍‌ସିସି ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ଥିଲେ।

### ଗୁରୁପୂଜନ କାର୍ଯ୍ୟକ୍ରମ

**ପୁରୀ,୫।୯(ଅଜିତ ମହାନ୍ତି)**

ଅଠରନଳା ଶିକ୍ଷାଶ୍ରୀ ଲେନ୍‌ସ୍ଥିତ ଭଗବତୀ ବିଦ୍ୟା ନିକେତନ ପକ୍ଷରୁ ମଙ୍ଗଳବାର ଗୁରୁଦିବସ ପାଳିତ ହୋଇଯାଇଛି। ଶିଶୁ ସାହିତ୍ୟିକ ରମେଶ ଚନ୍ଦ୍ର ଦାଶ, ବିଦ୍ୟାଳୟର ସମ୍ପାଦକ ମହେନ୍ଦ୍ର ବିଶୋଇ, ସହସମ୍ପାଦକ ଲକ୍ଷ୍ମୀଧର ମାଝୀ, ପ୍ରଧାନ ଶିକ୍ଷୟିତ୍ରୀ କ୍ରିଷ୍ଣାକୁମାରୀ ଦେଈ ଗୁରୁ ପୂଜନ ଉତ୍ସବରେ ଯୋଗଦେଇ ସର୍ବପଲ୍ଲୀ ରାଧାକ୍ରିଷ୍ଣନଙ୍କ ଜୀବନାଦର୍ଶ ଉପରେ ଆଲୋଚନା କରିଥିଲେ। ପ୍ରାରମ୍ଭରେ ରାଧାକ୍ରିଷ୍ଣନଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ ପରେ ବିଦ୍ୟାର୍ଥୀଙ୍କ ଦ୍ୱାରା ଗୁରୁ ପୂଜନ କରାଯାଇଥିଲା। ବିଦ୍ୟାଳୟ ପରିସରରେ ଦନ୍ତ ଚିକିତ୍ସା ଶିବିର ଆୟୋଜିତ ହୋଇଥିଲା। ଭୁବନେଶ୍ୱରସ୍ଥିତ ସମ୍ ହସ୍ପିଟାଲର ଦନ୍ତ ଚିକିତ୍ସକମାନେ ଯୋଗଦେଇ ପ୍ରାୟ ୧୯୩ ଜଣ ବିଦ୍ୟାର୍ଥୀଙ୍କ ଦନ୍ତ ଚିକିତ୍ସା କରିଥିଲେ ।



ପୁରୀ ପୌରସଦନ ପରିସରରେ ମଙ୍ଗଳବାର ନିର୍ଭୟ ଅନୁଷ୍ଠାନ ପକ୍ଷରୁ ଆୟୋଜିତ ଗୁରବେ ନମଃ ଉତ୍ସବରେ ମଞ୍ଚାସୀନ ଅତିଥିମାନେ । (ଫଟୋ– ଯଜ୍ଞେଶ୍ୱର ମହାନ୍ତି)

# ସତ୍‌ମାର୍ଗ ଦେଖାନ୍ତି ଗୁରୁ

**ପୁରୀ, ୫।୯(ଅଜିତ ମହାନ୍ତି):**

**ନିର୍ଭୟ ପକ୍ଷରୁ 'ଗୁରବେ ନମଃ' କାର୍ଯ୍ୟକ୍ରମ**

ଈଶ୍ୱର ମଣିଷକୁ ମର୍ତ୍ତ୍ୟଲୋକକୁ ପଠାନ୍ତି, ହେଲେ ଗୁରୁ ମଣିଷକୁ ସ୍ୱର୍ଗଲୋକରେ ପହଞ୍ଚାନ୍ତି। ଏହା ହିଁ ଈଶ୍ୱର ଓ ଗୁରୁଙ୍କ ମଧ୍ୟରେ ପ୍ରଭେଦ। ଗୁରୁ ପ୍ରଥମେ ଚାହାନ୍ତି, ମୋ ପିଲାଏ ଭଲ ମଣିଷ ହୁଅନ୍ତୁ। ବିଦ୍ୟାରେ ଶ୍ରେଷ୍ଠତ୍ୱ ପ୍ରତିପାଦନ କରନ୍ତୁ, ଯଦ୍ୱାରା ଏକ ଶୃଙ୍ଖଳିତ ଓ ବିକଶିତ ସମାଜ ସୃଷ୍ଟି ହେବ। ଏଥିପାଇଁ ସେ ସତ୍‌ମାର୍ଗ ଦେଖାନ୍ତି। ଶିକ୍ଷାଭିତ୍ତିକ ଅନୁଷ୍ଠାନ 'ନିର୍ଭୟ' ପକ୍ଷରୁ ପୁରୀ ପୌରସଦନ ପରିସରରେ ମଙ୍ଗଳବାର ଗୁରୁଦିବସ ଉପଲକ୍ଷେ ଅନୁଷ୍ଠିତ 'ଗୁରବେ ନମଃ' କାର୍ଯ୍ୟକ୍ରମରେ ଯୋଗଦେଇ ଅତିଥିମାନେ ଏହି ମତବ୍ୟକ୍ତ କରିଛନ୍ତି। ଅତିଥିମାନେ ପ୍ରଥମେ ସର୍ବପଲ୍ଲୀ ରାଧାକ୍ରିଷ୍ଣନଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ସଭାପତି ତଥା ନାଟ୍ୟ ଓ ସଙ୍ଗୀତ ଗୁରୁ ବଦ୍ରି ମିଶ୍ରଙ୍କ ଅଧ୍ୟକ୍ଷତାରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ପୁରୀ ବିଧାୟକ ଜୟନ୍ତ କୁମାର ଷଡଙ୍ଗୀ, ଜିଲାପାଳ ସମର୍ଥ ବର୍ମା, ପଦ୍ମଶ୍ରୀ ଦେବୀପ୍ରସନ୍ନ ପଟ୍ଟନାୟକ, କେନ୍ଦ୍ର ପର୍ଯ୍ୟଟନ ନିଗମ ଅଧ୍ୟକ୍ଷ ଡା. ସମ୍ବିତ ପାତ୍ର, ରାଜ୍ୟ ଯୋଜନା ବୋର୍ଡ ସଦସ୍ୟ ଡ. ପ୍ରସନ୍ନ ପାଢ଼ଶାଣୀ, ରାଷ୍ଟ୍ରପତିଙ୍କ ଶିକ୍ଷା ଗୁରୁ ଶକୁନ୍ତଳା ବଳିୟାର ସିଂହ, ଜିଲା ଶିକ୍ଷା ଅଧିକାରୀ ବିଶ୍ୱଜିତ ଘୋଷ, ଏବିଡିଓ ମମତା ମିଶ୍ର, ଶିକ୍ଷାବିତ୍ ରଘୁନାଥ ମହାପାତ୍ର, କବି ଶଙ୍କର୍ଷଣ ପରିଡ଼ା, ଶ୍ରୀମନ୍ଦିର ସେବାୟତ ମଧୁସୂଦନ ସିଂହାରୀ ଅତିଥି ଭାବେ ଯୋଗଦେଇ ଭାରତକୁ ଗୁରୁମାନଙ୍କ ଅବଦାନ ସମ୍ପର୍କରେ ଆଲୋକପାତ କରିଥିଲେ। ଏହି ଅବସରରେ ଶିକ୍ଷାକ୍ଷେତ୍ରରେ ଗୁରୁ ଶିବରାମ ମିଶ୍ର, ସୁପ୍ରିୟା ପଟ୍ଟନାୟକ, ସୁପ୍ରଭାତୀ ଘଟୁଆରୀ, ମମତା ପଟ୍ଟନାୟକ, ଯୋଗଗୁରୁ ରମାବଲ୍ଲଭ ମହାପାତ୍ର, ସଂସ୍କୃତ ଗୁରୁ ପ୍ରଫେସର ଅତୁଲ କୁମାର ନନ୍ଦ, ନୃତ୍ୟ ଗୁରୁ ରୂପଶ୍ରୀ ମହାପାତ୍ର, ସଙ୍ଗୀତ ଗୁରୁ ବିପିନ୍ ବାରିକ୍, ଗୁରୁ ଆର୍ତ୍ତତ୍ରାଣ ଶତପଥୀ, ଗୁରୁ ବିଜୟ ମହାପାତ୍ର, ମର୍ଦ୍ଦଳ ଗୁରୁ ରବିନାରାୟଣ ପଣ୍ଡା, ନାଟ୍ୟ ଗୁରୁ ବିକ୍ରମ ସାହୁ, ଗୋଟିପୁଅ ଗୁରୁ ବସନ୍ତ କୁମାର ପ୍ରଧାନ, କ୍ରୀଡ଼ା ଗୁରୁ ଜୟନ୍ତ ବେହେରା, ବଡି ବିଲ୍‌ଡର ଅନୀଲ ଗୋଛିକାର ଓ ଅଶୋକ ମହାପାତ୍ର, କୁସ୍ତିଗୁରୁ ପୂର୍ଣ୍ଣଚନ୍ଦ୍ର ପ୍ରତିହାରୀ, ଦିନୁ ପଣ୍ଡା ଓ ଗୋପାଳ ମହାପାତ୍ର, ଶିକ୍ଷାଗୁରୁ ରାଜଲକ୍ଷ୍ମୀ ମିଶ୍ରଙ୍କ ସମେତ ୧୩୦ ଜଣ ଗୁରୁଙ୍କୁ ଅତିଥିମାନେ ସମ୍ମାନିତ କରିଥିଲେ। ସଙ୍ଗୀତ ନିର୍ଦ୍ଦେଶକ କାର୍ତ୍ତିକ ସାହୁ ଓ ଦଳ 'ଗୁରବେ ନମଃ' ପରିବେଷଣ କରିଥିଲେ। ଟ୍ରଷ୍ଟ ସଭାପତି ରାଜକିଶୋର ମହାନ୍ତି ଓ ରାଧାକାନ୍ତ ମହାପାତ୍ରଙ୍କ ପରିଚାଳନାରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସରୋଜ ମହାପାତ୍ର, ଲକ୍ଷ୍ମୀନାରାୟଣ ଦାଶ, ସୁଦର୍ଶନ ସାହୁ, ଅନୀତା ପଟ୍ଟନାୟକ, ଜୟନ୍ତ ଦାସ, ବି.ଇ. ମହାପାତ୍ର, ଉମାକାନ୍ତ ମହାପାତ୍ର, ପତିତପାବନ ଜଗଦ୍ଦେବ, ରାଜକିଶୋର ସାହୁ, ଗୌରୀଶଙ୍କର ଦାସ, ସୋନୁ ପଣ୍ଡା ପ୍ରମୁଖ ସହଯୋଗ କରିଥିଲେ। କୈଳାଶ ରାୟଙ୍କ ପାଇଁ ଶୋକ ପ୍ରକାଶ କରାଯାଇଥିଲା।

## ଜିଜ୍ଞାସା ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ

### ଭାଗନେଲେ ୨୭ ହାଇସ୍କୁଲର ବିଜ୍ଞାନ ଶିକ୍ଷକ

**ପିପିଲି,୫।୯(ଦୁର୍ଗାମାଧବ ମିଶ୍ର)**

ଓଡ଼ିଶା ମାଧ୍ୟମିକ ଶିକ୍ଷା ପରିଷଦ ପକ୍ଷରୁ ପ୍ରଚଳିତ ନୂତନ ଶିକ୍ଷା ପଦ୍ଧତି ଅନ୍ତର୍ଭୁକ୍ତ ଆସ୍ପିରେସନ୍ୟାଲ କମ୍ପୋନେଟ୍‌ର ବିଜ୍ଞାନ ସମ୍ପର୍କିତ ଜିଜ୍ଞାସା କ୍ଲବର ପ୍ରଶିକ୍ଷଣ ସ୍ଥାନୀୟ ପିପିଲି ହାଇସ୍କୁଲଠାରେ ସୋମବାର ଉଦ୍‌ଯାପିତ ହୋଇଛି। ପିପିଲି ବ୍ଲକର ୨୭ ହାଇସ୍କୁଲର ବିଜ୍ଞାନ ଶିକ୍ଷକଙ୍କୁ ନେଇ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ପିଲାଙ୍କ ମଧ୍ୟରେ ବିଜ୍ଞାନର ମାପଦଣ୍ଡକୁ ଆହୁରି ସୁଦୂରପ୍ରସାରୀ କରିବାକୁ ପ୍ରଣୟନ ହୋଇଥିବା ନୂଆ ଯୋଜନା ସମ୍ବନ୍ଧରେ ବୁଝାଯିବା ସହ ପ୍ରଶିକ୍ଷଣ ଦିଆଯାଇଥିଲା। ପରିବେଶ ପରିବର୍ତ୍ତନର ପ୍ରଭାବ, ବିଲୁପ୍ତ ଜୀବଜଗତ, ମୃତ୍ତିକା ସଂରକ୍ଷଣ ଆଦି ୮ଟି ବିଭାଗରେ ବିଜ୍ଞାନ ଶିକ୍ଷକ ନିଜ ନିଜ ଦ୍ୱାରା ପ୍ରସ୍ତୁତ ପ୍ରକଳ୍ପ ଉପସ୍ଥାପନ କରିଥିଲେ। ଶୁଭଶ୍ରୀ ଶତପଥୀ ଏବଂ ରୂପକ ସାହୁ ସମସ୍ତ ଶିକ୍ଷକଙ୍କୁ ତାଲିମ୍ ପ୍ରଦାନ କରିଥିଲେ।

# ଟ୍ରେନ୍‌ରେ ଡକାୟତି ଯୋଜନା ପଣ୍ଡ: ୪ ଗିରଫ

**ପୁରୀ, ୫।୯(ଅଜିତ୍ ମହାନ୍ତି)**

**୫ ମୋବାଇଲ, ୨ ଛୁରି, ଲଙ୍କାଗୁଣ୍ଡ ପ୍ୟାକେଟ୍ ଜବତ**

ଟ୍ରେନ୍‌ରେ ଶୋଇଥିବା ଯାତ୍ରୀଙ୍କଠାରୁ ଡକାୟତି ପାଇଁ ଯୋଜନା କରୁଥିବା ୪ ଅଭିଯୁକ୍ତଙ୍କୁ ପୁରୀ ରେଲୱେ ପୋଲିସ ଗିରଫ କରି ମଙ୍ଗଳବାର କୋର୍ଟ ଚାଲାଣ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ଗଞ୍ଜାମ ଜିଲା ବୈଦ୍ୟନାଥ ଥାନା ଅନ୍ତର୍ଗତ ବାବାଜୀ ତୋଟା ସାହିର ଜଗନ୍ନାଥ ବେହେରା, ହିଞ୍ଜିଳିକାଟୁ ଥାନା ଅନ୍ତର୍ଗତ ଅନକୋରଡା ମାଧ୍ୱସାହିର ମଙ୍ଗୁଲୁ ବେହେରା, ପୁରୁଷୋତ୍ତମପୁର ଥାନା ଅନ୍ତର୍ଗତ ପୁରୁଷୋତ୍ତମ ଗ୍ରାମର ସତ୍ୟ ମହାନ୍ତି ଏବଂ ଖୋର୍ଦ୍ଧା ଜିଲା ଜଟଣୀ ଥାନା ଅନ୍ତର୍ଗତ ରାଜାବଜାରର ପି.ଶିବ ରାଓ। ଏମାନଙ୍କ ନିକଟରୁ ବିଭିନ୍ନ କମ୍ପାନୀର ୫ଟି ମୋବାଇଲ ଫୋନ୍, ୨ଟି ଛୁରୀ, ୪ଟି ଲଙ୍କାଗୁଣ୍ଡ ପ୍ୟାକେଟ୍, ୨ଟି ଟ୍ରେନ୍ ଟିକେଟ୍, ୪ଟି କଳା ରଙ୍ଗର ମାକ୍ସ ଏବଂ ସିଗାରେଟ୍, ଆସ୍କା ଫର୍ଟି, ଡିଆସିଲି ଖୋଳ, ମ୍ୟାପ୍ ଓ ଗ୍ୟାସ୍ ଲାଇଟ୍‌ର ଜବତ କରାଯାଇଛି। ଏନେଇ ଏକ ମାମଲା (ନଂ. ୬୫/୨୩) ରୁଜୁ ହୋଇଛି।

ରେଲୱେ ପୋଲିସ ସୂଚନା ଅନୁଯାୟୀ, ୪ ତାରିଖ ବିଳମ୍ବିତ ରାତିରେ ଆରପିଏଫ୍ ଏବଂ ଜିଆର୍‌ପି ପକ୍ଷରୁ ଆପରାଧିକ କାର୍ଯ୍ୟକଳାପ ରୋକିବା ନିମନ୍ତେ ପାଟ୍ରୋଲିଂ ଚାଲୁଥିଲା। କେତେଜଣ ଦୁର୍ବୃତ୍ତ ପୁରୀ ରେଳଷ୍ଟେଶନ ନିକଟରେ ବିଭିନ୍ନ ମାରଣାସ୍ତ୍ର ସହ ଏକାଠି ହୋଇ ଟ୍ରେନରେ ଯାଉଥିବା ଯାତ୍ରୀଙ୍କ ଠାରୁ ଡକାୟତି କରିବା ପାଇଁ ଯୋଜନା କରୁଥିବା ବିଶେଷ ସୂତ୍ରରୁ ରେଲୱେ ପୋଲିସ ଖବର ପାଇଥିଲା। ଉକ୍ତ ସ୍ଥାନରେ ଚଢ଼ାଉ କରି ୪ ଜଣଙ୍କୁ ଗିରଫ କରିବାରେ ସଫଳ ହୋଇଥିବା ବେଳେ ଅନ୍ଧାରର ସୁଯୋଗ ନେଇ ଜଣେ ଅଭିଯୁକ୍ତ ଘଟଣାସ୍ଥଳରୁ ଖସିପଳାଇଥିଲେ। ସମସ୍ତ ଅଭିଯୁକ୍ତଙ୍କ ନାମରେ ପୂର୍ବରୁ ଅନେକ ଆପରାଧିକ ମାମଲା ତାଙ୍କ ଅଞ୍ଚଳରେ ଥିବା ରେଲୱେ ପୋଲିସ ପକ୍ଷରୁ ସୂଚନା ଦିଆଯାଇଛି।

# ସୁରକ୍ଷା ପ୍ରଦାନ ଦାବିରେ ଆଇନଜୀବୀଙ୍କ ଶୋଭାଯାତ୍ରା



ସହର ପରିକ୍ରମା ପାଇଁ ଶୋଭାଯାତ୍ରାରେ ବାହାରିଥିବା ଆଇନଜୀବୀମାନେ ।

**ନିମାପଡ଼ା,୫।୯(ବିଚିତ୍ରାନନ୍ଦ ସାହୁ)**

ନିମାପଡ଼ା ବାର୍ ଆସୋସିଏଶନ ଓ ଜୁଡିସିଆଲ ବାର୍ ଆସୋସିଏଶନ ପକ୍ଷରୁ ଏକ ବିକ୍ଷୋଭ ଶୋଭାଯାତ୍ରା ମଙ୍ଗଳବାର ଅନୁଷ୍ଠିତ ହୋଇଥିଲା। ନିମାପଡ଼ା କୋର୍ଟଠାରୁ ଶତାଧିକ ଆଇନଜୀବୀ ଏକ ଶୋଭାଯାତ୍ରାରେ ବିଭିନ୍ନ ନାରାବାଜି ଦେଇ ତହସିଲ ଅଫିସଠାରେ ପହଞ୍ଚିଥିଲେ। ଏହି ଅବସରରେ ଓକିଲ ସଂଘର କର୍ମକର୍ତ୍ତାମାନେ ପ୍ରଧାନମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ସ୍ଥାନୀୟ ତହସିଲଦାର ସ୍ମୃତିପ୍ରଜ୍ଞା ପ୍ରିୟଦର୍ଶିନୀଙ୍କୁ ପ୍ରଦାନ କରିଥିଲେ। ଆଇନଜୀବୀଙ୍କ ପାଇଁ ସୁରକ୍ଷା ଆଇନ ପ୍ରଣୟନ କରାଯାଇ କାର୍ଯ୍ୟରତ ଆଇନଜୀବୀଙ୍କୁ ସୁରକ୍ଷା ପ୍ରଦାନ କରାଯିବା, ମୃତ ଆଇନଜୀବୀ ପରିବାର ବର୍ଗଙ୍କୁ ସରକାରଙ୍କ ପକ୍ଷରୁ ଆର୍ଥିକ ସହାୟତା ପ୍ରଦାନ କରାଯିବା, ଆଇନଜୀବୀ ଓ ତାଙ୍କ ପରିବାରର ସଦସ୍ୟଙ୍କ ପାଇଁ ଜୀବନବୀମା ବ୍ୟବସ୍ଥା କରାଯିବା ଆଦି ଦାବିଗୁଡ଼ିକ ରହିଛି। ବରିଷ୍ଠ ଆଇନଜୀବୀ ମୃତ୍ୟୁଞ୍ଜୟ ଦାଶ, ଅଶୋକ ନାୟକ, ବ୍ରହ୍ମାନନ୍ଦ ପ୍ରଧାନ, ବାମନଚରଣ ନାୟକ, ଗଙ୍ଗାଧର ନାୟକ, ପ୍ରତାପ ମହାନ୍ତି, ଗଗନ ମହାନ୍ତି, ମହେନ୍ଦ୍ର ସାହୁ ପ୍ରମୁଖଙ୍କ ନେତୃତ୍ୱରେ ଏହି ବିକ୍ଷୋଭ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ଉଭୟ ସଂଘର ଆଇନଜୀବୀଙ୍କ ମଧ୍ୟରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା।

# ଦୂଷିତ ନାଳ ପାଣି ପିଇ ଗୋବର୍ଦ୍ଧନ ମଠରେ ୨ ଗାଈ ମୃତ

**ପୁରୀ, ୫।୯(ଅଜିତ୍ ମହାନ୍ତି)**

ଦୂଷିତ ନାଳ ପାଣି ପିଇ ଶଙ୍କରାଚାର୍ଯ୍ୟ ମଠ ଅଧୀନ ଗୋବର୍ଦ୍ଧନ ମଠ ଗୋଶାଳାର ଦୁଇଟି ଗାଈଙ୍କର ମୃତ୍ୟୁ ହୋଇଛି। ଏନେଇ ପୁରୀ ଜିଲା ପ୍ରଶାସନ ପଦକ୍ଷେପ ନେବାକୁ ପୂର୍ଣ୍ଣଚନ୍ଦ୍ର ଖୁଣ୍ଟିଆ, ହୃଷିକେଶ ବ୍ରହ୍ମଚାରୀ ଏବଂ ଦେବାଶିଷ ମିଶ୍ର ପ୍ରମୁଖ ଦାବି କରିଛନ୍ତି। ମଙ୍ଗଳବାର ଗୋବର୍ଦ୍ଧନ ମଠ ପରିସରରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଏମାନେ କହିଛନ୍ତି, ଗୋବର୍ଦ୍ଧନ ମଠ ଗୋଶାଳାରେ ଜଗଦ୍‌ଗୁରୁ ଶଙ୍କରାଚାର୍ଯ୍ୟଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ୩୫୦ଟି ଗୋରୁ ରୁହନ୍ତି। ସେହି ଗୋଶାଳା ମଧ୍ୟକୁ ସ୍ଥାନୀୟ ଅଚିହ୍ନା ସାହିରୁ ନିର୍ଗତ ଦୂଷିତ ନାଳପାଣି ଦୀର୍ଘଦିନ ଧରି ପ୍ରବେଶ କରୁଛି। ଗୋରୁ ଏହି ପାଣି ସଂସ୍ପର୍ଶରେ ଆସି ଅସୁସ୍ଥ ହେବା ସହ ମୃତ୍ୟୁବରଣ କରୁଛନ୍ତି। ଗୋବର୍ଦ୍ଧନ ପୀଠ ପକ୍ଷରୁ ଦୀର୍ଘ ତିନିବର୍ଷ ଧରି ଏହି ସମସ୍ୟା ଜିଲା ପ୍ରଶାସନର ଦୃଷ୍ଟି ଆକର୍ଷଣ କରାଯାଇଆସୁଛି। ପ୍ରଶାସନ ପକ୍ଷରୁ ଅଧିକାରୀ ଆସି ଗୋଶାଳାରେ ସ୍ଥିତି ଅନୁଧ୍ୟାନ କରୁଥିଲେ ସୁଦ୍ଧା ପଦକ୍ଷେପ ଗ୍ରହଣ କରାଯାଉନାହିଁ। କିଛି ଦିନ ତଳେ ଦୁଇଟି ଗୋରୁଙ୍କ ମୃତ୍ୟୁ ହେବା ପରେ ଗୋବର୍ଦ୍ଧନ ମଠ ତରଫରୁ ପ୍ରାଣୀ ଚିକିତ୍ସା ଅଧିକାରୀଙ୍କୁ ଅବଗତ କରାଯାଇଥିଲା। ଏ ସମ୍ପର୍କରେ ଗୋବର୍ଦ୍ଧନ ପୀଠାଧୀଶ୍ୱର ଜଗଦ୍‌ଗୁରୁ ଶଙ୍କରାଚାର୍ଯ୍ୟ ସ୍ୱାମୀ ନିଶ୍ଚଳାନନ୍ଦ ସରସ୍ୱତୀ ମହାରାଜ କ୍ଷୋଭ ପ୍ରକାଶ କରିବା ସହ ଜିଲା ପ୍ରଶାସନକୁ ଏହାର ନିରାକରଣ ପାଇଁ ତୁରନ୍ତ ପଦକ୍ଷେପ ନେବାକୁ କହିଛନ୍ତି। ତେଣୁ ପ୍ରଶାସନ ଗୋବର୍ଦ୍ଧନ ଗୋଶାଳାର ଗୋମାତାଙ୍କ ସୁରକ୍ଷା ପାଇଁ ତୁରନ୍ତ ପଦକ୍ଷେପ ନେବା ସହ ସମସ୍ୟାର ସ୍ଥାୟୀ ସମାଧାନ ପାଇଁ ମଠ ପକ୍ଷରୁ ଦାବି କରାଯାଇଛି।

# ଗୁରୁଙ୍କୁ ପୂଜିଲେ ସରପଞ୍ଚ

**ନିମାପଡ଼ା,୫।୯(ବିଚିତ୍ରାନନ୍ଦ ସାହୁ)**

ନିମାପଡ଼ା ବ୍ଲକ ଅଧୀନ ଶାଇଁସ ଶାସନ ଗ୍ରାମ ପଞ୍ଚାୟତ ସରପଞ୍ଚ ଦେବାଶିଷ ଆଚାର୍ଯ୍ୟ ନିଆରା ଢଙ୍ଗରେ ଗୁରୁ ଦିବସ ପାଳନ କରି ସ୍ଥାନୀୟ ଅଞ୍ଚଳବାସୀଙ୍କ ପାଇଁ ଏକ ଉଦାହରଣ ସୃଷ୍ଟି କରିଛନ୍ତି। ବାଜା ବଜାଇ, ବାଣ ଫୁଟାଇ ଗୁରୁମାନଙ୍କୁ ମଙ୍ଗଳବାର ଏକ ଶୋଭାଯାତ୍ରାରେ ପଞ୍ଚାୟତ କାର୍ଯ୍ୟାଳୟକୁ ପାଛୋଟି ନେଇଥିଲେ। ସେଠାରେ ଗୁରୁଙ୍କୁ ପୂଜା କରି ତାଙ୍କଠାରୁ ଆଶୀର୍ବାଦ ଗ୍ରହଣ କରିଥିଲେ। ସମାଜରେ ଗୁରୁମାନେ ହିଁ ସର୍ବଦା ଚିରବନ୍ଦନୀୟ, ଗୁରୁଙ୍କ ଆଶୀର୍ବାଦରେ ଛାତ୍ର ଆଗକୁ ବଢ଼ିପାରିବ, ସମାଜରେ ଜଣେ ଭଲ ମଣିଷ ହୋଇପାରିବ ବୋଲି ସରପଞ୍ଚ ଆଚାର୍ଯ୍ୟ ଆୟୋଜିତ ସମାରୋହରେ ମତବ୍ୟକ୍ତ କରିଥିଲେ। ଏହି ଅବସରରେ ପଞ୍ଚାୟତ କାର୍ଯ୍ୟାଳୟଠାରେ ଆୟୋଜିତ ସମ୍ବର୍ଦ୍ଧନା ସମାରୋହ ଓ ଗୁରୁପୂଜନ କାର୍ଯ୍ୟକ୍ରମରେ ଗୁରୁ ତଥା ଅବସରପ୍ରାପ୍ତ ଶିକ୍ଷକ ଆର୍ତ୍ତବନ୍ଧୁ ତ୍ରିପାଠୀ, ପୂର୍ଣ୍ଣଚନ୍ଦ୍ର ରଥ, ସୁଦର୍ଶନ ମିଶ୍ର, ବାଉରୀବନ୍ଧୁ ପଣ୍ଡା, ନରେନ୍ଦ୍ର ପରିଡ଼ା, ଶ୍ରୀଧର ନାୟକ ପ୍ରମୁଖ ୬ ଜଣ ଗୁରୁ ଶିକ୍ଷକଙ୍କୁ ମାନପତ୍ର, ଉପଢୌକନ, ପୁଷ୍ପଗୁଚ୍ଛ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା। ସମାରୋହରେ ଅତିଥି ଭାବେ ସମିତି ସଭ୍ୟା ସନ୍ଧ୍ୟାରାଣୀ ରଥ, ବରିଷ୍ଠ ଗଣମାଧ୍ୟମ ପ୍ରତିନିଧି ଅକ୍ଷୟ ନାୟକ, ପ୍ରଦ୍ୟୁମ୍ନ ବେହେରା, ସନ୍ତୋଷ ରଥ ପ୍ରମୁଖ ଯୋଗଦେଇ ଗୁରୁ ଦିବସର ତାତ୍ପର୍ଯ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ସମାରୋହରେ ବହୁ ଜନ ପ୍ରତିନିଧି, ଶିକ୍ଷାବିତ୍, ସ୍ଥାନୀୟ ବହୁ ବିଶିଷ୍ଟ ବ୍ୟକ୍ତି ଯୋଗଦେଇଥିଲେ। ଶୋଭାଯାତ୍ରାରେ ସ୍ଥାନୀୟ ଅଞ୍ଚଳ ପ୍ରକମ୍ପିତ ହୋଇଉଠିଥିଲା।


ସମାରୋହରେ ମଞ୍ଚାସୀନ ଅତିଥିଙ୍କ ସହ ସମ୍ବର୍ଦ୍ଧିତ ଗୁରୁମାନେ ।

# ବିଭିନ୍ନ ଶିକ୍ଷାନୁଷ୍ଠାନରେ ଗୁରୁପୂଜନ

**ପିପିଲି,୫।୯(ଦୁର୍ଗା ମାଧବ ମିଶ୍ର)/ କୋଣାର୍କ, (ଜ୍ୟୋତିରାଜ ମହାନ୍ତି)/ ଅସ୍ତରଙ୍ଗ, (ମମତା ଜେନା)/ କାକଟପୁର, (ଶୁଭଦର୍ଶନ ମିଶ୍ର)/ କଣାସ, (ବିଭୂତି ଭୂଷଣ ତ୍ରିପାଠୀ)/ ସାକ୍ଷୀଗୋପାଳ, (ପ୍ରଶାନ୍ତ ବାରିକ/ କିଶୋର ମହାପାତ୍ର)/ ଗୋପ, (ଭାରତୀ ଭୂଷଣ ଉପାଧ୍ୟାୟ)**

ଡ. ସର୍ବପଲ୍ଲୀ ରାଧାକ୍ରିଷ୍ଣନଙ୍କ ଜନ୍ମଦିବସକୁ ସମସ୍ତ ବିଦ୍ୟାଳୟରେ ଗୁରୁଦିବସ ଭାବେ ପାଳନ କରାଯାଇଛି। ଗୋବିନ୍ଦପୁର କ୍ଲଷ୍ଟର ସମସ୍ତ ବିଦ୍ୟାଳୟ ଗୋବିନ୍ଦପୁର ହାଇସ୍କୁଲ, ବାଲୁଙ୍କେଶ୍ୱର ଉଚ୍ଚ ବିଦ୍ୟାପୀଠ, ହରିଅନ୍ତା, ଆରୁହା, ଗୋବିନ୍ଦପୁର ଆଦି ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ତଳଉ, କଣ୍ଟାପଡ଼ା ଆଦି ପ୍ରାଥମିକ ବିଦ୍ୟାଳୟରେ ମଙ୍ଗଳବାର ଗୁରୁଦିବସ ପାଳନ କରାଯାଇଛି। ଡ. ରାଧାକ୍ରିଷ୍ଣନଙ୍କ ଫଟୋଚିତ୍ରକୁ ପୂଜା କରି ଏହି ଦିନର ମହତ୍ତ୍ୱ ବିଷୟରେ ଛାତ୍ରୀଛାତ୍ରଙ୍କୁ ପ୍ରଧାନ ଶିକ୍ଷକ ଏବଂ ସହକାରୀ ଶିକ୍ଷୟିତ୍ରୀ ଶିକ୍ଷକ ବୁଝାଇଥିଲେ। ପରେ ଛାତ୍ରୀଛାତ୍ର ଗୁରୁପୂଜନ କରିଥିଲେ।

କୋଣାର୍କ ଯାତ୍ରୀ ନିବାସ ସମ୍ମେଳନ କକ୍ଷରେ ଉତ୍କଳ ୟୁଥ ଫାଉଣ୍ଡେଶନ ଓ ଆର୍ତ୍ତତ୍ରାଣ କାର୍ତ୍ତିକେଶ୍ୱର ବିଦ୍ୟାପୀଠ, ନୂଆଗାଁ ମିଳିତ ଆନୁକୂଲ୍ୟରେ ଗୁରୁପୂଜନ ସମାରୋହ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ପୁରୀ ଜିଲା ଅତିରିକ୍ତ ଶିକ୍ଷା ଅଧିକାରୀ ହିମାଂଶୁ ଶେଖର ବର୍ମା ପ୍ରଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। କୋଣାର୍କ ସରକାରୀ ଉଚ୍ଚ ବିଦ୍ୟାଳୟ ଛାତ୍ରୀଛାତ୍ର ଗୁରୁବନ୍ଦନା ଗାନ କରିଥିଲେ। ଅତିଥି ଭାବେ କୋଣାର୍କ ଏନ୍‌ଏସି ଅଧ୍ୟକ୍ଷା ସୁଶ୍ରୀ ସଂଯୁକ୍ତା ତ୍ରିପାଠୀ, ଗୋପ ବ୍ଲକ ଶିକ୍ଷା ଅଧିକାରୀ ସୁଶୀଲ ବ୍ରହ୍ମା, ପୂର୍ବତନ ଶିକ୍ଷା ଅଧିକାରୀ ରମେଶ ଚନ୍ଦ୍ର ଦାସ, ଗୋପ ବ୍ଲକ ଶିକ୍ଷକ ସମନ୍ୱୟ ସମିତି ସଭାପତି ଶିବଦତ୍ତ ନାୟକ ପ୍ରମୁଖ ଉପସ୍ଥିତ ରହି ଏହି ଦିବସ ବିଷୟରେ କହିଥିଲେ।

ଅସ୍ତରଙ୍ଗ ବ୍ଲକର ବିଭିନ୍ନ ସରକାରୀ ବେସରକାରୀ ଶିକ୍ଷାନୁଷ୍ଠାନରେ ପବିତ୍ର ଗୁରୁଦିବସ ମଙ୍ଗଳବାର ପାଳିତ ହୋଇଯାଇଛି। ସେହିପରି କେନ୍ଦ୍ରାପାଟି ସରକାରୀ ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପ୍ରିୟଦର୍ଶୀ ବିଶ୍ୱାଳଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥି ଭାବେ ଅବସରପ୍ରାପ୍ତ ଶିକ୍ଷୟିତ୍ରୀ ସ୍ୱର୍ଣ୍ଣଲତା ଦାଶ, ସମ୍ମାନିତ ଅତିଥି ତପନ ମିଶ୍ର, ହରିହର ସ୍ୱାଇଁ ପ୍ରମୁଖ ଯୋଗ ଦେଇଥିଲେ। ଛାତ୍ରୀଛାତ୍ର ଗୁରୁବନ୍ଦନା ଓ ଗୁରୁପୂଜନ ସାରି ଗୁରୁଦିବସ ବିଷୟରେ ବିଭିନ୍ନ ବକ୍ତୃତାରେ ଭାଗ ନେଇଥିଲେ।

କାକଟପୁର ଅଞ୍ଚଳରେ ଥିବା ସମସ୍ତ ସରକାରୀ, ବେସରକାରୀ ମହାବିଦ୍ୟାଳୟ, ବିଦ୍ୟାଳୟ, ଇଂଲିଶ ମିଡିୟମ ସ୍କୁଲ, ରାମକୃଷ୍ଣ ଶିଶୁମନ୍ଦିର ଓ ସରସ୍ୱତୀ ଶିଶୁବିଦ୍ୟା ମନ୍ଦିରରେ ଗୁରୁଦିବସ ମହାସମାରୋହରେ ପାଳିତ ହୋଇଯାଇଛି। ବିଦ୍ୟାମନ୍ଦିରର ସଭାପତି ପ୍ରମୋଦ କିଶୋର ପୃଷ୍ଟି, ପ୍ରଧାନ ଆଚାର୍ଯ୍ୟ ତନ୍ମୟ ପାତ୍ର, ପ୍ରଧାନ ଆଚାର୍ଯ୍ୟା ଜୟନ୍ତୀବାଳା ନନ୍ଦ, ସରସ୍ୱତୀଙ୍କ ନିକଟରେ ଦ୍ୱୀପ ପ୍ରଜ୍ୱଳନ କରିବା ସହ ଗୁରୁପୂଜନ ଉତ୍ସବର ତାତ୍ପର୍ଯ୍ୟ ବର୍ଣ୍ଣନା କରିଥିଲେ। ଏଥିରେ ଦଶମ ଶ୍ରେଣୀର ଭାଇ ଭଉଣୀ ଦେବାଶିଷ, ଅଂଶୁମାନ, ଅର୍ଚ୍ଚିତା, ପ୍ରଜ୍ଞାନ, ରାକେଶ, ଶୁଭଲକ୍ଷ୍ମୀ, ଆଶା, ତେଜଶକ୍ତି ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।


ପୁରୀ ଶିଶୁମନ୍ଦିରରେ ପିଲାମାନେ ଗୁରୁପୂଜନ କରୁଛନ୍ତି ।

କଣାସ ବ୍ଲକର ବିଭିନ୍ନ ଶିକ୍ଷାନୁଷ୍ଠାନରେ ଗୁରୁଦିବସ ପାଳିତ ହୋଇଯାଇଛି। ଛାତ୍ରୀଛାତ୍ର ସର୍ବପଲ୍ଲୀ ରାଧାକ୍ରିଷ୍ଣନଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ, ଫୁଲ, ଚନ୍ଦନ ଦେଇ ପୂଜାର୍ଚ୍ଚନା କରିଥିଲେ। ବିଦ୍ୟାଳୟରେ ଶିକ୍ଷୟିତ୍ରୀ ଶିକ୍ଷକଙ୍କ ପାଦଧୌତ କରି ଫୁଲ, ଚନ୍ଦନ ଦେଇ ପୂଜା କରିଥିଲେ। ଅନେକ ବିଦ୍ୟାଳୟରେ ବିଭିନ୍ନ ପ୍ରତିଯୋଗିତା କରାଯାଇ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କାର ବିତରଣ କରାଯାଇଥିଲା।

ସତ୍ୟବାଦୀ ଉଚ୍ଚ ବିଦ୍ୟାଳୟ, ସ୍ଥାନୀୟ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ବସୁକେରା, ବିଭିନ୍ନ ବିଦ୍ୟାଳୟ, କଲେଜ ଓ ଶିକ୍ଷା ଅନୁଷ୍ଠାନରେ ଛାତ୍ରୀଛାତ୍ରମାନେ ମଙ୍ଗଳବାର ଗୁରୁଦିବସ ଉତ୍ସବ ମହାସମାରୋହରେ ପାଳିଛନ୍ତି। ଡ. ସର୍ବପଲ୍ଲୀ ରାଧାକ୍ରିଷ୍ଣନଙ୍କ ଛାୟାଛବିକୁ ପୂଜା କରିଥିଲେ। ଛାତ୍ରୀଛାତ୍ର ରାଧାକ୍ରିଷ୍ଣନଙ୍କ ଜୀବନ ଓ ପାରଦର୍ଶିତା ଉପରେ ନିଜ ନିଜର ବକ୍ତବ୍ୟ ଦେଇଥିଲେ।

ସେହିଭଳି ସତ୍ୟବାଦୀ ଗୁରୁକୂଳ ଆଥଲେଟିକ୍ ପରିସରରେ ଗୁରୁପୂଜନ, ସମ୍ବର୍ଦ୍ଧନା ଉତ୍ସବ ପାଳନ କରାଯାଇଛି। ମୁଖ୍ୟ ଅତିଥି ଭାବେ ପୁରୀ ଜିଲା ଆଥଲେଟିକ୍ ଆସୋସିଏଶନର ସମ୍ପାଦକ ରବି ଶଙ୍କର ପ୍ରତିହାରୀ, ସାମାଜିକ କର୍ମୀ ଯୁଗବ୍ରତ କର ଯୋଗଦେଇଥିଲେ। ଗୁରୁକୂଳର ଅଧ୍ୟକ୍ଷ ବିଷ୍ଣୁ ପ୍ରସାଦ ମିଶ୍ରଙ୍କୁ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରିବା ସହ ଫୁଲ, ଚନ୍ଦନ, ଦୀପ ଓ ନୂତନ ବସ୍ତ୍ର ପ୍ରଦାନ କରି ଆଶିଷ ନେଇଥିଲେ।

ସେହିପରି ଗୋପ ବ୍ଲକ ସ୍ୱେଚ୍ଛାସେବୀ ସଂଗଠନ ଉତ୍ସର୍ଗ ପରିବାର ପକ୍ଷରୁ ଗୁରୁପୂଜନ କାର୍ଯ୍ୟକ୍ରମ ବାୟାକୁଦାସ୍ଥିତ ମା' ନାରାୟଣୀ ମନ୍ଦିର ପୀଠରେ ଅନୁଷ୍ଠିତ ହୋଇଯାଇଛି। ଗୋପ ଅଞ୍ଚଳରେ ବରିଷ୍ଠ ଶିକ୍ଷାବିତ୍ ଗୁରୁ ସତ୍ୟପୀର ନାୟକ, ଗୁରୁ ପ୍ରକାଶ ଚନ୍ଦ୍ର ଖଟୋଇ, ବୃଦ୍ଧା ମହିଳା ରେବତୀ ଦାସ, ଗୁରୁ ରବୀନ୍ଦ୍ରନାଥ ବେହେରା, ଗୁରୁ ସୁକାନ୍ତ ଶତ୍ରୁଶଲ୍ୟ, ଗୁରୁ ଲକ୍ଷ୍ମୀଧର ବେହେରା ପ୍ରମୁଖଙ୍କୁ ଗୁରୁ ଭାବେ ପୂଜନ କରାଯାଇଥିଲା।

**କୃତୀ ଛାତ୍ରୀଛାତ୍ର ସମ୍ବର୍ଦ୍ଧିତ**

କଣ୍ଟାପଡା,(ସୁରନାରାୟଣ ସାହୁ): ସର୍ବଭାରତୀୟ ସ୍ତର ଓ ରାଜ୍ୟସ୍ତରୀୟ ପରୀକ୍ଷାରେ କୃତୀତ୍ୱ ଅର୍ଜନ କରିଥିବା ଦଧିଚି ଫର୍ମାସୀ କଲେଜ ଛାତ୍ରୀଛାତ୍ରଙ୍କୁ ଅନୁଷ୍ଠାନ ପକ୍ଷରୁ ସୋମବାର ସମ୍ବର୍ଦ୍ଧିତ କରାଯାଇଛି। ଦଧିଚି ଫାର୍ମାସୀ କଲେଜ ଅଧକ୍ଷ ଡ. ରଜତ କୁମାର କରଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସର୍ବଭାରତୀୟ ଗ୍ରାଜୁଏଟ୍ ଫାର୍ମାସୀ ଆପ୍‌ଟିଚ୍ୟୁଟ୍ ପରୀକ୍ଷାରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରୀ ଲକ୍ଷ୍ମୀପ୍ରିୟା ବିଶ୍ୱାଳ, ସସ୍ମିତା ଟୁଡୁ, ଛାତ୍ର ଧୀରଜ କୁମାର ପରିଡା, ବିନୋଦ କୁମାର ସେଠୀ ଓ ରାଜ୍ୟସ୍ତରୀୟ ଓଏସ୍‌ବିପି ପରୀକ୍ଷାରେ ଟପ୍ପର ହୋଇଥିବା ସ୍ମୃତିରଞ୍ଜନ ଦାସଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଦଧିଚି ଶିକ୍ଷା ସମୂହ ଅନୁଷ୍ଠାନର ଚେୟାରମ୍ୟାନ୍ ଡ. ମନୋଜ କୁମାର ଦାଶ ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧିତ କରିବା ସହ ଭଲ ମଣିଷ ହେବାକୁ ପରାମର୍ଶ ଦେଇଥିଲେ।

**ସଂକ୍ଷେପରେ**

## ୟୁଟିଆ ଶିକ୍ଷକ ସଂଘର ବାର୍ଷିକ ଉତ୍ସବ

କଟକ,୫।୯ (କାର୍ତ୍ତିକ ସାହୁ)

ରାଜ୍ୟ ମିଳିତ ଶିକ୍ଷକ ଓ କର୍ମଚାରୀ ସଂଘ(ୟୁଟିଆ)ର ୨୯ତମ ବାର୍ଷିକ ଉତ୍ସବ କଟକ ଶ୍ରୀରାମଚନ୍ଦ୍ର ଭବନଠାରେ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ପ୍ରଫେସର ସୁରେନ୍ଦ୍ର ମୋହନ ପାଣି ଏହାକୁ ଉଦ୍‌ଘାଟନ କରିଥିଲେ। ସଂଘ ସଭାପତି ପ୍ରଫେସର ଯୁଧିଷ୍ଠିର ଖଟୁଆଙ୍କ ଅଧକ୍ଷତାରେ ଆୟୋଜିତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ବିଧାୟକ ଅମର ପ୍ରସାଦ ଶତପଥୀ ଯୋଗଦେଇ କହିଥିଲେ, ରାଷ୍ଟ୍ର ନିର୍ମାଣରେ ଗୁରୁଙ୍କ ସ୍ଥାନ ସବୁଠାରୁ ଉଚ୍ଚରେ। ମୁଖ୍ୟବକ୍ତା ପ୍ରଫେସର ଭୂଜେନ୍ଦ୍ର ନାଥ ପଣ୍ଡା କହିଥିଲେ, ଏକ ନିୟନ୍ତ୍ରିତ ଶିକ୍ଷା ପଦ୍ଧତି ମାଧ୍ୟମରେ ଗୁରୁ ସଙ୍କଳ୍ପ ବ୍ୟକ୍ତିତ୍ୱ ତିଆରି କରିବାରେ ସମର୍ଥ ହୋଇପାରିବେ। ଏଥିରେ ସମ୍ମାନିତ ଅତିଥି ଭାବେ ଜିଲା ଶିକ୍ଷାଧିକାରୀ କୃଷ୍ଣଚନ୍ଦ୍ର ନାୟକ, ଏସ୍‌ସିଇଆର୍‌ଟିର ଉପନିର୍ଦ୍ଦେଶକ ପ୍ରଶାନ୍ତ କୁମାର ରଥ, ପ୍ରଫେସର କାର୍ତ୍ତିକ ଚନ୍ଦ୍ର ବରାଳ, ପ୍ରଫେସର ଆଦିତ୍ୟ ପ୍ରତାପ ଧଳ ଯୋଗଦେଇଥିଲେ। ଏହି ଅବସରରେ ସଂଘର ମୁଖପତ୍ର ଶିକ୍ଷକ ବାର୍ତ୍ତା ଏବଂ ପ୍ରଫେସର ଯୁଧିଷ୍ଠିର ଖଟୁଆଙ୍କ ଆତ୍ମଜୀବନୀ ପୁସ୍ତକ 'ଜୀବନ ଯୁଦ୍ଧରେ ଯୁଧିଷ୍ଠିର' ଉନ୍ମୋଚିତ ହୋଇଥିଲା। ଶିକ୍ଷା ଓ ସମାଜସେବା କ୍ଷେତ୍ରରେ ବିଶେଷ ଅବଦାନ ପାଇଁ କେତେଜଣ ବ୍ୟକ୍ତିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସଂଘର ପୂର୍ବତନ ଉପଦେଷ୍ଟା କୁସୁମ କୁମାରୀ ଖଟୁଆ ଓ ସଙ୍ଗଠନ ସମ୍ପାଦକ ଡ. ରଶ୍ମିରଞ୍ଜନ ନାଥଙ୍କ ବିୟୋଗରେ ନିରବ ପ୍ରାର୍ଥନା କରାଯାଇଥିଲା। ସଂଘର ସାଧାରଣ ସମ୍ପାଦକ ଡ. ବ୍ରଜକିଶୋର ନାୟକ ବିବରଣୀ ପାଠ ଓ କୋଷାଧ୍ୟକ୍ଷ ଅର୍ଜ୍ଜୁନ ଚରଣ ପରମଗୁରୁ ଧନ୍ୟବାଦ ଦେଇଥିଲେ।

# ବିଦ୍ୟୁତ୍ ବିଭ୍ରାଟ, ଉପଭୋକ୍ତା ହନ୍ତସନ୍ତ

କଟକ ସଦର,୫।୯ (ସୁଶାନ୍ତ କୁମାର ଜେନା)

କଟକ-କନ୍ଦରପୁର ୩୩ କେଭି ବିଦ୍ୟୁତ୍ ଲାଇନ୍‌ରେ ସୋମବାର ରାତିରେ ବିଭ୍ରାଟ ଦେଖାଦେଇଥିଲା। ଏଥିଯୋଗୁ କନ୍ଦରପୁର, କିଶନ ନଗର, ରଘୁନାଥପୁର ଓ ବିରିଡ଼ି ବିଦ୍ୟୁତ୍ ସେକ୍ସନର ଉପଭୋକ୍ତାମାନେ ହନ୍ତସନ୍ତ ହୋଇଥିଲେ। ସୋମବାର ରାତିରେ ବର୍ଷା ସହ ଘଡ଼ଘଡି ମାରିବାରୁ ବିରିବାଟି ନିକଟରେ ଦୁଇଟି ଇନ୍‌ସ୍ୟୁଲେଟର ଫାଟିଯାଇଥିଲା। ଫଳରେ ବିଦ୍ୟୁତ୍ ସମସ୍ୟା ସୃଷ୍ଟି ହୋଇଥିଲା ବୋଲି ଟାଟା ପାୱାର କମ୍ପାନୀର ସହକାରୀ ପରିଚାଳକ ତୁଳସୀ ଚରଣ ଦାସ କହିଛନ୍ତି।

ସୂଚନା ଅନୁଯାୟୀ, ୧୯୫୨ ମସିହାରୁ ଏହି ଫିଡରର ନାମ କଟକ-ଜଗତ୍‌ସିଂହପୁର (ଗ୍ରାମାଞ୍ଚଳ) ରହିଛି। କିନ୍ତୁ ୧୯୯୪ ମସିହାରୁ ଜଗତ୍‌ସିଂହପୁରଠାରେ ୧୩୨/୩୩ କେଭି ସବ୍‌ଷ୍ଟେଶନ ପ୍ରତିଷ୍ଠା ହେବା ପରେ ଏହି ୩୩ କେଭି ଫିଡରରୁ କେବଳ ୪ଟି ସେକ୍ସନର ଉପଭୋକ୍ତା ଉପକୃତ ହେଉଛନ୍ତି। ସେହି ବର୍ଷଠାରୁ ଏହାର ଗୁରୁତ୍ୱ ଶକ୍ତି ବିଭାଗ ନିକଟରେ କମିଯାଇଥିବା ଉପଭୋକ୍ତାମାନେ ପ୍ରକାଶ କରିଛନ୍ତି। କଟକ ସହରର ନୂଆପଡ଼ାଠାରୁ ମାତ୍ର ୧୦ କି.ମି. ଦୂରରେ କନ୍ଦରପୁର ସବ୍ ଷ୍ଟେଶନ ରହିଛି। ଟାୱାର ଦ୍ୱାରା ବିଦ୍ୟୁତ୍ ଯୋଗାଣ ପାଇଁ ବାରମ୍ବାର ଦାବି ହେଉଥିଲେ ସୁଦ୍ଧା ସମାଧାନର ବାଟ ଏପର୍ଯ୍ୟନ୍ତ ବାହାରି ପାରିନାହିଁ। ଏପରି କି ବିକଳ୍ପ ବ୍ୟବସ୍ଥା ଭାବେ କେନ୍ଦ୍ରୀୟ ଧାନ ଗବେଷଣା ପ୍ରତିଷ୍ଠାନ(ସିଆର୍‌ଆର୍‌ଆଇ)ରୁ ଏକ ୩୩ କେଭି ଫିଡ଼ରର ତାର ଟଣା ୩ ବର୍ଷ ହେବ ବିଭିନ୍ନ କାରଣ ପାଇଁ ହୋଇପାରୁନାହିଁ। ବାରମ୍ବାର ବିଦ୍ୟୁତ୍ ବିଭ୍ରାଟ ପାଇଁ ଆକାଶବାଣୀ କଟକର ଉଚ୍ଚ ଶକ୍ତି ସମ୍ପନ୍ନ ୩୦୦ କିଲୋୱାଟ ସର୍ଟ ୱେଭ ଟ୍ରାନ୍ସମିଟର କାମ କରେନାହିଁ। ସେଥିପାଇଁ ଜେନେରେଟର ଦ୍ୱାରା ୧୦୦ କିଲୋୱାଟ ମିଡିୟମ ୱେଭ ଟ୍ରାନ୍ସମିଟରରେ କାର୍ଯ୍ୟକ୍ରମ ପ୍ରସାରଣ କରାଯାଇଥାଏ। ୩୩ କେଭି ଫିଡ଼ରରେ ବିଦ୍ୟୁତ୍ ସରବରାହର ସ୍ଥାୟୀ ସମାଧାନ ପାଇଁ କନ୍ଦରପୁର ଅଞ୍ଚଳର ଉପଭୋକ୍ତାମାନେ କଟକ ସଦର ବିଧାୟକ ଚନ୍ଦ୍ରସାରଥି ବେହେରାଙ୍କୁ ଶୀଘ୍ର ଭେଟିବା ପାଇଁ ନିଷ୍ପତ୍ତି ନେଇଥିବା ସୂଚନା ମିଳିଛି।



ଓଡ଼ିଶା ରାଜ୍ୟ ଟ୍ରକ୍ ମାଲିକ ମହାସଂଘର ସାଧାରଣ ସମ୍ପାଦକ ରବି ନାରାୟଣ ଶତପଥୀଙ୍କ ନେତୃତ୍ୱରେ ଏକ ୭ଜଣିଆ ପ୍ରତିନିଧିମଣ୍ଡଳୀ ସୋମବାର ନୂଆଦିଲ୍ଲୀ ରାଷ୍ଟ୍ରପତି ଭବନରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କୁ ସୌଜନ୍ୟମୂଳକ ସାକ୍ଷାତ କରିଛନ୍ତି।

## ବୃଦ୍ଧଙ୍କ ମୃତଦେହ ଜବତ, ହତ୍ୟା ଅଭିଯୋଗ

ଚୌଦ୍ୱାର,୫।୯ (ଆଶୁତୋଷ ଦାସ)

ଚୌଦ୍ୱାର ପୌରପାଳିକା ଅଧୀନ ୮ନଂ. ୱାର୍ଡର ବ୍ୟାଘ୍ରବାହିନୀ ମନ୍ଦିର ନିକଟ ଏକ ନିର୍ମାଣାଧୀନ ଘର ବାରଣ୍ଡାରୁ ସ୍ଥାନୀୟ ପୋଲିସ ଜଣେ ବୃଦ୍ଧଙ୍କ ମୃତଦେହ ମଙ୍ଗଳବାର ଜବତ କରିଛି। ସେ ହେଲେ ୮ନଂ. ୱାର୍ଡର ସୁନାରାମ ହେମ୍ବ୍ରମ(୬୮)। ତାଙ୍କ ମୁଣ୍ଡରେ କ୍ଷତ ସୃଷ୍ଟି ହୋଇ ରକ୍ତସ୍ରାବ ହେଉଥିବା ଦେଖିବାକୁ ମିଳିଛି। ତାଙ୍କୁ କେହି ହତ୍ୟା କରିଥିବା ତାଙ୍କ ଝିଅ ମିଟୁ ବିରୁଆ ଚୌଦ୍ୱାର ଥାନାରେ ଅଭିଯୋଗ କରିଛନ୍ତି। ଖବରପାଇ ଜୋନ-୧ ଏସିପି ଅରୁଣ ସ୍ୱାଇଁ ଓ ସ୍ଥାନୀୟ ପୋଲିସ ସାଇଣ୍ଟିଫିକ୍ ଟିମ୍ ସହାୟତାରେ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଛି। ପରେ ମୃତଦେହ ବ୍ୟବଚ୍ଛେଦ ପାଇଁ କଟକ ବଡ ଡାକ୍ତରଖାନା ପଠାଇ ଦିଆଯାଇଛି। ମିଳିଥିବା ସୂଚନା ଅନୁଯାୟୀ, ପ୍ରତିଦିନ ଭଳି ସୋମବାର ରାତିରେ ସୁନାରାମ ଉକ୍ତ ନିର୍ମାଣାଧୀନ ଘରର ବାରଣ୍ଡାରେ ଶୋଇଥିଲେ। ମଙ୍ଗଳବାର ସକାଳେ ତାଙ୍କ ମୃତଦେହ ସେଠାରେ ପଡିଥିବା ସ୍ଥାନୀୟ ଲୋକେ ଦେଖି ପୋଲିସକୁ ଖବର ଦେଇଥିଲେ। ପୋଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲା। ଏ ନେଇ ଥାନାରେ ଏକ ହତ୍ୟା ମାମଲା(ନଂ.୪୩୪/୨୩) ରୁଜୁ ହୋଇଛି। ଏ ସମ୍ପର୍କରେ ଏସିପି ସ୍ୱାଇଁ କହିଛନ୍ତି, ପ୍ରାଥମିକ ତଦନ୍ତରୁ ଏହା ଏକ ହତ୍ୟାକାଣ୍ଡ ବୋଲି ଅନୁମାନ କରୁଛୁ। ବ୍ୟବଚ୍ଛେଦ ରିପୋର୍ଟ ଆସିଲେ କାରଣ ଜଣାପଡିବ ବୋଲି ସେ କହିଛନ୍ତି।

## କଂଗ୍ରେସର ସାଙ୍ଗଠନିକ ପ୍ରସ୍ତୁତି ବୈଠକ

କଟକ,୫।୯ (ସୁପ୍ରିୟା ପ୍ରିୟଦର୍ଶିନୀ)

ସିଡିଏସ୍ଥିତ ସନ୍ତୁକା ପାଲେସ୍‌ଠାରେ ୪ନଂ. ୱାର୍ଡ କଂଗ୍ରେସ ପକ୍ଷରୁ ଏକ ସାଙ୍ଗଠନିକ ପ୍ରସ୍ତୁତି ବୈଠକ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ମର୍କତ ନଗର କଂଗ୍ରେସ କମିଟି ସଭାପତି ନିତ୍ୟାନନ୍ଦ ରାଉତରାୟଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ ବିଧାୟକ ମହମ୍ମଦ ମୋକିମ ଯୋଗଦେଇ ୱାର୍ଡ ଅଞ୍ଚଳରେ ସଙ୍ଗଠନକୁ ସୁଦୃଢ କରାଯିବା ଉପରେ ଗୁରୁତ୍ୱାରୋପ କରିଥିଲେ। ଆଗାମୀ ଦିନରେ କିପରି ଭାବେ ଅଧିକରୁ ଅଧିକ ମହିଳା ଓ ଯୁବକ ସଙ୍ଗଠନରେ ଯୋଡ଼ି ହେବେ ସେଥିପାଇଁ ଲୋକମାନଙ୍କ ସହିତ କାମ କରିବାକୁ ଆହ୍ୱାନ ଦେଇଥିଲେ। ବିଧାୟକ ଉନ୍ନୟନ ପାଣ୍ଠିରୁ ୱାର୍ଡ ଅଞ୍ଚଳରେ ହୋଇଥିବା ସମସ୍ତ କାର୍ଯ୍ୟ ଉପରେ ଆଲୋଚନା କରାଯାଇଥିଲା। ବାକି ଥିବା କାର୍ଯ୍ୟ ତୁରନ୍ତ ଶେଷ କରାଯିବ ବୋଲି ବିଧାୟକ ମୋକିମ ପ୍ରତିଶ୍ରୁତି ଦେଇଥିଲେ। ଏହି ବୈଠକରେ ନଗର କଂଗ୍ରେସର ପୂର୍ବତନ ସଭାପତି ଗିରିବାଳା ବେହେରା, ଯଶୋବନ୍ତ ବେହେରା, ରମେଶ ଚନ୍ଦ୍ର ବେହେରା, ଚିତ୍ତରଞ୍ଜନ ପରିଡ଼ା, ନିତ୍ୟାନନ୍ଦ ମିଶ୍ର, ରବି ନାରାୟଣ ମିଶ୍ର, ଶୈଳବାଳା ଜେନା, ଲକ୍ଷ୍ମୀଧର ବାବୁ ପ୍ରମୁଖ ଉପସ୍ଥିତ ରହିଥିଲେ। ପି. କେ. ପଣ୍ଡା ଧନ୍ୟବାଦ ଦେଇଥିଲେ।

## ୩ ଲକ୍ଷ ଠକେଇ, ଅଭିଯୁକ୍ତ ଗିରଫ

ମଙ୍ଗୁଳି-ଜଗତପୁର,୫।୯ (ମାନସ ସାମଲ)

୩ ଲକ୍ଷ ଠକେଇ ଅଭିଯୋଗରେ ଜଗତ୍‌ପୁର ପୋଲିସ ଜଣେ ଅଭିଯୁକ୍ତଙ୍କୁ ଗିରଫ କରି ମଙ୍ଗଳବାର କୋର୍ଟ ଚାଲାଣ କରିଛି। ସେ ହେଲେ ଯାଜପୁର ଜିଲା ଧର୍ମଶାଳା ଥାନା ଅଧୀନ କ୍ଷେତ୍ରପାଳ ଗ୍ରାମର ରାଜୀବ ଖାଣ୍ଡଇ(୪୪)। ପୋଲିସ ସୂଚନା ମୁତାବକ, ଅନୁଗୋଳ ଜିଲା ଖମାର ଥାନା ଅଧୀନ ଶଙ୍ଖପୁର ଗ୍ରାମର ପ୍ରଭାତ କୁମାର ପ୍ରଧାନଙ୍କ ପୁଅ ଜଗତ୍‌ପୁର ଅଞ୍ଚଳର ଏକ ଶିଶୁ ବିଦ୍ୟାମନ୍ଦିରରେ ସ୍ୱଳ୍ପ ଦରମାରେ ଶିକ୍ଷକ ଭାବେ କାମ କରୁଛନ୍ତି। ପୁଅ ବିବାହ ବୟସ ପାଖେଇ ଆସୁଥିବାରୁ ଏକ ପୁରୁଣା ୪ ଚକିଆ ଗାଡି କିଣି ଦେଲେ ସେ ସ୍କୁଲରେ ଭଡାରେ ଲଗାଇ ଅଧିକ ଟଙ୍କା ରୋଜଗାର କରିପାରିବ ବୋଲି ସ୍ଥିର କରିଥିଲେ। ପ୍ରଭାତ ଗାଡ଼ି କିଣିବା ପାଇଁ ରାଜୀବଙ୍କୁ ଯୋଗାଯୋଗ କରିଥିଲେ। ରାଜୀବ ଜଗତପୁର ଅଞ୍ଚଳରେ ଜଣେ ବନ୍ଧୁଙ୍କ ନିକଟକୁ ପ୍ରଭାତଙ୍କୁ ଡକାଇ ଏକ ପୁରୁଣା ଗାଡି ଦେଖାଇଥିଲେ। ଏଥିସହ ତାଙ୍କଠାରୁ ୩ଲକ୍ଷ ଟଙ୍କା ଆତ୍ମସାତ୍ ନେଇଥିଲେ। ପରବର୍ତ୍ତୀ ସମୟରେ ରାଜୀବ ପ୍ରଭାତଙ୍କୁ ଗାଡି ନ ଦେଇ ଦିନ ଗଡ଼ାଇ ଚାଲିଥିଲେ। ଏ ନେଇ ପ୍ରଭାତ ଜଗତ୍‌ପୁର ଥାନାରେ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା (ନଂ.୩୩୬/୨୩) ରୁଜୁ କରିଥିଲା।

## ୨ ଦିନିଆ ପ୍ରଶିକ୍ଷଣ କର୍ମଶାଳା ଉଦ୍‌ଯାପିତ

କଟକ,୫।୯ (ସୁପ୍ରିୟା ପ୍ରିୟଦର୍ଶିନୀ)

ଶିକ୍ଷା, ସୂଚନା ଓ ଯୋଗାଯୋଗ ଉପକ୍ରମରେ ଲୋକକଳାର ପ୍ରସାର ନିମନ୍ତେ କଟକ ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ଚାଲିଥିବା ଦୁଇଦିନିଆ ପ୍ରଶିକ୍ଷଣ କର୍ମଶାଳା ମଙ୍ଗଳବାର ଉଦ୍‌ଯାପିତ ହୋଇଛି। ଏଥିରେ ଅତିରିକ୍ତ ଜିଲାପାଳ ଶିବ ଟପୋ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଲୋକକଳା ମାଧ୍ୟମରେ ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନାଗୁଡିକ ଲୋକଙ୍କ ନିକଟରେ ପହଞ୍ଚା ପାଇଁ କହିଥିଲେ। ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଲଲାଟେନ୍ଦୁ ମହାପାତ୍ର ଏଥିରେ ଅଧକ୍ଷତା କରି ଜିଲାର ୩୭୩ଟି ପଞ୍ଚାୟତର କଳା ଓ ସଂସ୍କୃତି ସଂଘରେ ପଞ୍ଜିକୃତ କଳାକାରଙ୍କୁ ପ୍ରଶିକ୍ଷଣ ଦିଆଯିବ ବୋଲି କହିଥିଲେ। ଏହି ପ୍ରଶିକ୍ଷିତ କଳାକାରମାନେ ବିଭିନ୍ନ ପଞ୍ଚାୟତରେ କଳା ମାଧ୍ୟମରେ ସରକାରୀ ଯୋଜନା ସମ୍ପର୍କରେ ଲୋକଙ୍କୁ ଜଣାଇବେ। ଜିଲା ସଂସ୍କୃତି ଅଧିକାରୀ ନଳିନୀକାନ୍ତ ସାହୁ, ଜିଲା କଳା ଓ ସଂସ୍କୃତି ସଂଘ ଉପସଭାପତି ଜ୍ଞାନପ୍ରିୟ କାନୁନ୍‌ଗୋ ଓ ଜିଲା ସାମାଜିକ ସୁରକ୍ଷା ଅଧିକାରୀ ମନୋଜ କୁମାର ରଥ ଯୋଗଦେଇ ପ୍ରଶିକ୍ଷାର୍ଥୀମାନଙ୍କୁ ଉଦ୍‌ବୋଧନ ଦେଇଥିଲେ।

## ପୋଲିସକୁ ପୁଣି ଆକ୍ରମଣ କଲେ ଅବସରପ୍ରାପ୍ତ ଯବାନ

ବାଙ୍କୀ,୫।୯ (ଜ୍ଞାନେନ୍ଦ୍ର ମୋହନ ମିଶ୍ର)

ନ୍ୟାୟ ପାଇଁ ନିବେଦନ କରି ପୋଲିସ ଏବଂ ପ୍ରଶାସନଠାରୁ ବିଫଳ ହେବା ପରେ ଗତ ଶୁକ୍ରବାର ବାଙ୍କୀ ବଜାରରେ ହାତରେ ଖଣ୍ଡା ଏବଂ ହାତୁଡ଼ି ଧରି ଆତଙ୍କ ସୃଷ୍ଟି କରିଥିବା ଅବସରପ୍ରାପ୍ତ ଯବାନ ସରୋଜ ଦାସ ଓରଫ୍ ଟିପୁ ମଙ୍ଗଳବାର ମଧ୍ୟ ପୋଲିସ ଉପରକୁ ଆକ୍ରମଣ କରିଛନ୍ତି। ତାଙ୍କୁ ଧରିବାକୁ ପୋଲିସ ସାଦା ପୋଷାକରେ ଉଦ୍ୟମ କରିବା ବେଳେ ଅଭିଯୁକ୍ତଙ୍କ ଆକ୍ରମଣର ଶିକାର ହୋଇ ଜଣେ ମହିଳା ଏସ୍‌ଆଇ ଗୁରୁତର ହୋଇଛନ୍ତି। ତାଙ୍କୁ ବାଙ୍କୀ ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି।

ମିଳିଥିବା ସୂଚନା ଅନୁଯାୟୀ, ଡମପଡ଼ା ବ୍ଲକ ଅନ୍ତର୍ଗତ ହରିରାଜପୁର ଗ୍ରାମର ଅବସରପ୍ରାପ୍ତ ଯବାନ ସରୋଜ ଶୁକ୍ରବାର ହାତରେ ଖଣ୍ଡା ଧରି ଆକ୍ରମଣ କରିବା ସହ ପୋଲିସ ଏସ୍‌ଆଇ ସୁଶାନ୍ତ ଷଡ଼ଙ୍ଗୀଙ୍କୁ ଆକ୍ରମଣ କରିବାକୁ ଗୋଡ଼ାଇଥିଲେ। ଏପରି କି ପରେ ପୋଲିସ ତାଙ୍କୁ ଧରିବାକୁ ଚେଷ୍ଟା କରିବାବେଳେ ସେ କୌଶଳକ୍ରମେ ଖସି ପଳାଇଥିଲେ। ସେବେଠାରୁ ପୋଲିସ ତାଙ୍କୁ ଧରିବା ପାଇଁ ବିଭିନ୍ନ ସ୍ଥାନରେ ଚଢ଼ାଉ କରୁଥିଲା। ଅଭିଯୁକ୍ତ ସରୋଜ ହରିରାଜପୁର ଖେଳପଡିଆରେ ଥିବା ବିଶେଷ ସୂତ୍ରରୁ ଖବର ପାଇ ବାଙ୍କୀ ପୋଲିସ ଉପଖଣ୍ଡ ଅଧିକାରୀ ଜ୍ଞାନରଞ୍ଜନ ମିଶ୍ର ଏବଂ ପୋଲିସ ଫୋର୍ସ ସାଦା ପୋଷାକରେ ସଦଳବଳ ତାଙ୍କୁ ଧରିବା ପାଇଁ ସେଠାରେ ପହଞ୍ଚିଥିଲେ। କିନ୍ତୁ ସେଠାରେ ଉପସ୍ଥିତ ସରୋଜ ଓ ତାଙ୍କର କେତେଜଣ ସମର୍ଥକ ମିଶି ପୋଲିସ ଉପରକୁ ଆକ୍ରମଣ କରିଥିଲେ। ଏହି ସମୟରେ ବାଙ୍କୀ ଥାନା ମହିଳା ପୋଲିସ ଏସ୍‌ଆଇ ମଧୁସ୍ମିତା ବେହେରା ଅଭିଯୁକ୍ତଙ୍କୁ କାବୁ କରିବାକୁ ଚେଷ୍ଟା କରିବାବେଳେ ତାଙ୍କୁ ସରୋଜ ଆକ୍ରମଣ କରିଥିଲେ। ଫଳରେ ଏସ୍‌ଆଇ ବେହେରା ଗୁରୁତର ହୋଇଥିଲେ। ତାଙ୍କୁ ତୁରନ୍ତ ବାଙ୍କୀ ମେଡିକାଲ୍‌ରେ ଭର୍ତ୍ତି କରାଯାଇଥିଲା। ଅଭିଯୁକ୍ତଙ୍କୁ ଧରିବା ପାଇଁ ଚେଷ୍ଟା ଜାରି ରହିଛି ବୋଲି ଉପଖଣ୍ଡ ପୋଲିସ ଅଧିକାରୀ ମିଶ୍ର ପ୍ରକାଶ କରିଛନ୍ତି।



ମହିଳା ଏସ୍‌ଆଇଙ୍କୁ ଅବସରପ୍ରାପ୍ତ ଯବାନ ଆକ୍ରମଣ କରୁଛନ୍ତି।

**ଗୁରୁତର ମହିଳା ଏସ୍‌ଆଇ ବାଙ୍କୀ ହସ୍ପିଟାଲରେ ଭର୍ତ୍ତି**

## ବ୍ୟବସାୟୀଙ୍କୁ ଦୋକାନ ଗୃହ ଯୋଗାଇ ଦିଆଯାଉ

**ମେୟରଙ୍କୁ ଦାବିପତ୍ର**

କଟକ,୫।୯ (ସୁପ୍ରିୟା ପ୍ରିୟଦର୍ଶିନୀ)

ରାଣୀହାଟ ଛକରୁ ଉଚ୍ଛେଦ ହୋଇଥିବା ବ୍ୟବସାୟୀଙ୍କ ପକ୍ଷରୁ ସିଏମ୍‌ସି ମେୟର ସୁବାସ ସିଂଙ୍କୁ ମଙ୍ଗଳବାର ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଏହି ଛକରେ ୩୦ ଜଣ ବ୍ୟବସାୟୀ ବ୍ୟବସାୟ କରି ପରିବାର ପ୍ରତିପୋଷଣ କରୁଥିଲେ। ତାଳଦଣ୍ଡା କେନାଲ ପୁନରୁଦ୍ଧାର ସମୟରେ ରାସ୍ତା ସମ୍ପ୍ରସାରଣ ପାଇଁ ସେମାନଙ୍କ ଦୋକାନଗୁଡିକୁ ଉଚ୍ଛେଦ କରାଯାଇଥିଲା। ସେମାନେ ମେୟରଙ୍କୁ ସାକ୍ଷାତ କରି ପୂର୍ବ ମୌଖିକ ଚୁକ୍ତି ମୁତାବକ ଦୋକାନଘର ଯୋଗାଇ ଦେବାକୁ ଦାବି କରିଥିଲେ। ରାଣୀହାଟରେ ଥିବା ଲେଦର କର୍ପୋରେଶନ ଜାଗାରେ ନୂତନ ଗୃହ ନିର୍ମାଣ ଓ ଦୋକାନ ଗୃହ ଶୀଘ୍ର ନିର୍ମାଣ କରି ବ୍ୟବସାୟୀଙ୍କୁ ଯୋଗାଇ ଦିଆଯିବ ବୋଲି ମେୟର ପ୍ରତିଶ୍ରୁତି ଦେଇଥିଲେ। ଏହି ଆଲୋଚନାବେଳେ କର୍ପୋରେଟର ବିକାଶ ରଞ୍ଜନ ବେହେରା, ପୂର୍ବାଞ୍ଚଳ ଶାନ୍ତି କମିଟି ସଭାପତି ବିଜୟ କୁମାର ସାହୁ, ଲିଙ୍ଗରାଜ ସାହୁ, କାଶୀନାଥ ସାହୁ, କେଶବ ସାହୁ, ମନୋଜ ମହାପାତ୍ର, ରାଜେନ୍ଦ୍ର ସାହୁ ପ୍ରମୁଖ ଯୋଗଦେଇଥିଲେ।

## ଉପଖଣ୍ଡରେ ସାମାଜିକ ସୁରକ୍ଷା ଅଧିକାରୀ ପଦବୀ ସୃଷ୍ଟି କରାଯାଉ



ଓଡ଼ିଶା ସାମାଜିକ ସୁରକ୍ଷା ଅଧିକାରୀ ସେବା ସଂଘ ପକ୍ଷରୁ ଅତିରିକ୍ତ ଜିଲାପାଳଙ୍କୁ ଦାବିପତ୍ର ଦିଆଯାଉଛି।

କଟକ,୫।୯ (କାର୍ତ୍ତିକ ସାହୁ)

ଓଡ଼ିଶା ସାମାଜିକ ସୁରକ୍ଷା ଅଧିକାରୀ ସେବା ସଂଘ କଟକ ଜିଲା ଶାଖା ପକ୍ଷରୁ ମୁଖ୍ୟମନ୍ତ୍ରୀ ଓ ପ୍ରମୁଖ ଶାସନ ସଚିବଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ଅତିରିକ୍ତ ଜିଲାପାଳ ଶିବ ଟପୋଙ୍କୁ ମଙ୍ଗଳବାର ପ୍ରଦାନ କରାଯାଇଛି। ରାଜ୍ୟର ସମସ୍ତ ଜିଲାରେ ୩୦ଟି ନୂତନ ଅତିରିକ୍ତ ଜିଲା ସାମାଜିକ ସୁରକ୍ଷା ଅଧିକାରୀ ପଦବୀ ସୃଷ୍ଟି, ଅତିରିକ୍ତ ୧୫ଟି ଉପଖଣ୍ଡ ସାମାଜିକ ସୁରକ୍ଷା ଅଧିକାରୀ ପଦବୀ ସୃଷ୍ଟି ଓ କ୍ୟାଡର ପୁନର୍ବିନ୍ୟାସ ତଥା ବେତନ ବୃଦ୍ଧି ଆଦି ଦାବି କରାଯାଇଛି। ଜିଲା ସଂଯୋଜକ ଅନ୍ନପୂର୍ଣ୍ଣା ସାହୁଙ୍କ ନେତୃତ୍ୱରେ ୧୪ଟି ବ୍ଲକର ଗୋଷ୍ଠୀ ସାମାଜିକ ସୁରକ୍ଷା ଅଧିକାରୀ ଏହି ଦାବିପତ୍ର ପ୍ରଦାନ କରିଥିଲେ।

## ଟେଲିଫୋନ୍ ଏକ୍ସଚେଞ୍ଜ ଅଚଳ: ବ୍ୟାଙ୍କ, ଡାକସେବା ବାଧାପ୍ରାପ୍ତ

କଟକ ସଦର,୫।୯ (ସୁଶାନ୍ତ କୁମାର ଜେନା)

କଟକ ସଦର ବ୍ଲକ ଅନ୍ତର୍ଗତ ସୋମପୁରଠାରେ ଥିବା ଟେଲିଫୋନ ଏକ୍ସଚେଞ୍ଜରେ ଶୁକ୍ରବାର ରାତିରେ ବଜ୍ରପାତ ହେବାରୁ ଯନ୍ତ୍ରାଂଶ ପୋଡିଯାଇଛି। ଫଳରେ ଏହା ଉପରେ ନିର୍ଭର କରୁଥିବା ଜାତୀୟ କରଣ ବ୍ୟାଙ୍କ, ଡାକଘର, ଜନସେବା କେନ୍ଦ୍ରରେ ୪ ଦିନ ହେବ କାର୍ଯ୍ୟ ବାଧାପ୍ରାପ୍ତ ହୋଇଛି। ଏପରି କି ଏଟିଏମ୍ କାର୍ଯ୍ୟ କରୁ ନ ଥିବାରୁ ଟଙ୍କା ଉଠାଣରେ ସମସ୍ୟା ହେଉଛି। ଖୁବ୍‌ଶୀଘ୍ର ଉପଭୋକ୍ତାମାନଙ୍କୁ ଅପ୍‌ଟିକାଲ ଫାଇବର କେବୁଲ ଦ୍ୱାରା ଇଣ୍ଟରନେଟ୍ ସେବା ଯୋଗାଇ ଦେବା ପାଇଁ ଦାବି ହେଉଛି।



ଗୁରୁଦିବସ ଅବସରରେ କଟକ ଶ୍ରୀରାମଚନ୍ଦ୍ର ଭବନରେ କଳ୍ପନା ସାହିତ୍ୟ ସାଂସ୍କୃତିକ ଓ ସାମାଜିକ ପରିଷଦ ପକ୍ଷରୁ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥିବୃନ୍ଦ।

# ସିଏମ୍‌ସି ଅଧିକାରୀଙ୍କ ଦାୟିତ୍ୱ ବଦଳିଲା

**୧୨ ଜଣଙ୍କୁ ଦାୟିତ୍ୱ ବଣ୍ଟନ**

କଟକ,୫।୯ (ସୁପ୍ରିୟା ପ୍ରିୟଦର୍ଶିନୀ)

କଟକ ମହାନଗର ନିଗମ(ସିଏମ୍‌ସି) ପ୍ରଶାସନିକ ଅଧିକାରୀଙ୍କ ଦାୟିତ୍ୱରେ ବଦଳି କରାଯାଇଛି। କମିଶନର ନିଖିଲ ପୱନ କଲ୍ୟାଣ ୧୨ ଅଧିକାରୀଙ୍କୁ ସିଏମ୍‌ସିରେ ଥିବା ବିଭାଗଗୁଡିକର ଦାୟିତ୍ୱ ବଣ୍ଟନ କରିଛନ୍ତି। ସେମାନଙ୍କ ମଧ୍ୟରୁ କେତେଜଣ ଅଧିକାରୀଙ୍କୁ ନୂତନ ବିଭାଗର ଦାୟିତ୍ୱ ଦିଆଯାଇଥିବାବେଳେ ଆଉ କେତେଜଣ ଅଧିକାରୀ ପୁରୁଣା ସ୍ଥାନକୁ ଫେରିଛନ୍ତି। ସେହିପରି କେତେଜଣ ଅଧିକାରୀଙ୍କୁ ଅତିରିକ୍ତ ଦାୟିତ୍ୱ ଦିଆଯାଇଛି।

ଅନାମ ପାତ୍ରଙ୍କୁ ବିଭିନ୍ନ ବିଭାଗର ନୋଡାଲ ଅଫିସର ବା ସୁପରଭାଇଜିଂ ଅଫିସର ଭାବେ ଦାୟିତ୍ୱ ଦିଆଯାଇଛି। ସେହିପରି ସିଟି ଇଞ୍ଜିନିୟର ଅତନୁ କୁମାର ସାମନ୍ତ ଇଞ୍ଜିନିୟରିଂ ବିଭାଗର ପରିଚାଳନା ଏବଂ ସମସ୍ତ ସ୍ୱତନ୍ତ୍ର ପ୍ରକଳ୍ପର ଦାୟିତ୍ୱରେ ରହିବେ। ଡେପୁଟି କମିଶନର ସଞ୍ଜୀବିତା ରାୟ ସ୍ୱାସ୍ଥ୍ୟ ଏବଂ ପରିମଳ, ଅଭିଯୋଗ ପ୍ରକୋଷ୍ଠ ଓ କଣ୍ଟ୍ରୋଲ ରୁମ୍‌ର ବିଭାଗୀୟ ଅଧିକାରୀ ଭାବେ କାର୍ଯ୍ୟ କରିବେ। ସ୍ୱାସ୍ଥ୍ୟ ଅଧିକାରୀଙ୍କୁ ପୂର୍ବରୁ ପରିମଳ ବିଭାଗର ଦାୟିତ୍ୱରୁ ହଟାଇ ଦିଆଯାଇଥିଲା। କିନ୍ତୁ ଏବେ ପୁଣି ତାଙ୍କୁ ସ୍ୱାସ୍ଥ୍ୟ ବିଭାଗ ସହ ପରିମଳ ବିଭାଗର ଦାୟିତ୍ୱ ଦିଆଯାଇଛି। ଏଥିସହ ଜନ୍ମମୃତ୍ୟୁ ପଞ୍ଜିକରଣ, କୁକୁର ବନ୍ଧ୍ୟାକରଣ, ଖାଦ୍ୟ ସୁରକ୍ଷା ବିଭାଗର ଦାୟିତ୍ୱରେ ମଧ୍ୟ ସେ ରହିବେ। ଡେପୁଟି କମିଶନର ଅମ୍ରିତ ସରକାର ଆର୍‌ଟିଆଇର ପ୍ରଥମ ଅପିଲ ଅଧିକାରୀ, ବିଧାନସଭା ସମ୍ପର୍କିତ ପ୍ରଶ୍ନୋତ୍ତର ପ୍ରସଙ୍ଗ, ଇଏମ୍‌ଡି, ଆଇଏସ୍‌ଡି ସିକ୍ୟୁରିଟି ଫେରସ୍ତ, ବିବାହ ପଞ୍ଜିକରଣ, ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠି ଏବଂ ଜରୁରୀକାଳିନ ଅଧିକାରୀ ଭାବେ ଦାୟିତ୍ୱ ନିର୍ବାହ କରିବେ। ଡେପୁଟି କମିଶନର ଶୁଭଶ୍ରୀ ତ୍ରିପାଠୀ ଏଷ୍ଟାବ୍ଲିସ୍‌ମେଣ୍ଟ ଏବଂ ପେନ୍‌ସନ୍ ଅଧିକାରୀ ଦାୟିତ୍ୱରେ ରହିବେ। ଡେପୁଟି କମିଶନର ଅଜୟ କୁମାର ମହାନ୍ତିଙ୍କୁ କାଉନସିଲ ଆଫେୟାର୍ସ, ଉଦ୍ୟାନ ଏବଂ ବୃକ୍ଷରୋପଣ, ଏନ୍‌ଫୋର୍ସମେଣ୍ଟ, ଲ୍ୟାଣ୍ଡ ଆଣ୍ଡ୍ ସର୍ଭେ ଆଦି ଦାୟିତ୍ୱ ଦିଆଯାଇଛି। ସେହିପରି ଜଏଣ୍ଟ କମିଶନର ଅନିତା ପାତ୍ରଙ୍କୁ ନିର୍ବାଚନ, ଆଧାର, ଡିଡିଏନ୍, ଡିଡିଓ, ଗାଡି, ରେକର୍ଡ ରୁମ୍, ସାଧାରଣ ପ୍ରଶାସନ, ୟୁସି କେସ ଏବଂ ୟୁସି କୋର୍ଟର ଅଧିକାରୀ ଭାବେ କାର୍ଯ୍ୟ କରିବେ। ଡେପୁଟି କମିଶନର ଶ୍ୱେତପଦ୍ମା ଡି. ଶତପଥୀ ରାଜ୍ୟ ଏବଂ କେନ୍ଦ୍ର ସରକାରଙ୍କ ସମସ୍ତ ସୁରକ୍ଷା ଯୋଜନା, ଜାତୀୟ ସହରାଞ୍ଚଳ ଜୀବିକା ମିଶନ, ଜାତୀୟ ଖାଦ୍ୟ ସୁରକ୍ଷା ଆଇନ, ଆହାର, ଜାଗା ମିଶନ, ଲାଇସେନ୍ସ ବିଭାଗର ଅଧିକାରୀ ଭାବେ ଦାୟିତ୍ୱରେ ରହିବେ। ସହକାରୀ କମିସନର ତ୍ରିଶୂଳ ମାର୍ଣ୍ଡୀଙ୍କୁ ଲୋକ ସମ୍ପର୍କ ଅଧିକାରୀ (ନୋଡାଲ), ଲାଇବ୍ରେରୀ, ସୂଚନା ଓ ପ୍ରଯୁକ୍ତିବିଦ୍ୟା, କାଞ୍ଜିଆହ୍ରଦ, ଏବଂ ପରିମଳ ସମ୍ପର୍କିତ ଚଢାଉ ଦାୟିତ୍ୱ ଦିଆଯାଇଛି। ସହକାରୀ କମିଶନର ତ୍ରିନାଥ ବେହେରାଙ୍କୁ ପରିମଳ ବିଭାଗ ଏବଂ ଡେପୁଟି କମିଶନର ସୁବ୍ରତ କୁମାର ବେହେରାଙ୍କୁ ଜନଗଣନା, ଇଷ୍ଟେଟ ଅଫିସର ଭାବେ ଦାୟିତ୍ୱ ପ୍ରଦାନ କରାଯାଇଛି ବୋଲି ମଙ୍ଗଳବାର ସିଏମ୍‌ସି ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି।

## ଆଜି କ'ଣ କେଉଁଠି

**ଭୁବନେଶ୍ୱର**

- ଜନ୍ମାଷ୍ଟମୀ, କ୍ରିୟା ଯୋଗ ଆଶ୍ରମ, ପ୍ରଭୁଜୀ ଇଂଲିଶ ମିଡିୟମ୍ ସ୍କୁଲ, ଭିଏସ୍ଏସ୍ ନଗର, ପୂର୍ବାହ୍ନ ୧୦।
- ଶ୍ରୀକୃଷ୍ଣ ଜନ୍ମାଷ୍ଟମୀ, ଶ୍ୟାମା ଶ୍ୟାମ ଧାମ, ସନ୍ଧ୍ୟା ୬ଟା।
- ଗୁରୁ କେଲୁ ଚରଣ ମହାପାତ୍ର ପୁରସ୍କାର ମହୋତ୍ସବ, ରବୀନ୍ଦ୍ର ମଣ୍ଡପ, ସନ୍ଧ୍ୟା ୭ଟା।

**ବାଲିଅନ୍ତା**

- ପବିତ୍ର ଶ୍ରୀକୃଷ୍ଣଙ୍କ ଜନ୍ମାଷ୍ଟମୀ ଉତ୍ସବ ପାଳନ, ବାଲିଅନ୍ତାର ପ୍ରସିଦ୍ଧ ପ୍ରଭୁ ଶ୍ରୀକୃଷ୍ଣଙ୍କ ନିକୁଞ୍ଜ ବିହାରୀ ମନ୍ଦିର, ସକାଳ ୬ଟା।

# ଏକକ ନୃତ୍ୟ ସହ ବେହେଲା ବାଦନର ଯୁଗଳବନ୍ଦୀ

## ଓଏମ୍‌ସି ଗୁରୁ କେଳୁଚରଣ ମହାପାତ୍ର ପୁରସ୍କାର ଉତ୍ସବ ଆରମ୍ଭ

**ଭୁବନେଶ୍ୱର,୫।୯(ଶର୍ମିଷ୍ଠା ପାଣିଗ୍ରାହୀ)**

ସୃଜନ ଅନୁଷ୍ଠାନର ଗୁରୁ କେଳୁଚରଣ ମହାପାତ୍ର ଓଡ଼ିଶୀ ନୃତ୍ୟବାସ ଓ ଶ୍ରୀଶ୍ରୀ ବିଶ୍ୱବିଦ୍ୟାଳୟ ପକ୍ଷରୁ '୨୯ତମ ଓଏମ୍‌ସି ଗୁରୁ କେଳୁଚରଣ ମହାପାତ୍ର ପୁରସ୍କାର ଉତ୍ସବ' ମଙ୍ଗଳବାର ରବୀନ୍ଦ୍ର ମଣ୍ଡପଠାରେ ଆରମ୍ଭ ହୋଇଛି। ଅତିଥି ଭାବେ ଶ୍ରୀଶ୍ରୀ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ବି.ଆର୍. ଶର୍ମା, ପୂର୍ବତନ ରାଜସ୍ୱ ପରିଷଦ ଅଧ୍ୟକ୍ଷ ଅଶୋକ କୁମାର ତ୍ରିପାଠୀ, ଏମ୍.ଜି.ଏମ୍ ମିନେରାଲ୍ସର ନିର୍ଦ୍ଦେଶକ ପଙ୍କଜ ଲୋଚନ ମହାନ୍ତି ଓ ସୃଜନର ନିର୍ଦ୍ଦେଶକ ଗୁରୁ ରତିକାନ୍ତ ମହାପାତ୍ର ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ଦେବୀ ମହାମାୟାଙ୍କ ପ୍ରାର୍ଥନାରୁ ଆରମ୍ଭ ହୋଇଥିଲା ସାଂସ୍କୃତିକ ସନ୍ଧ୍ୟା। ଏକକ ଓଡ଼ିଶୀ ନୃତ୍ୟରେ ଓଡ଼ିଶୀ ନୃତ୍ୟାଙ୍ଗନା ଶାଶ୍ୱତୀ ଗରାଇ ଘୋଷ ତାଙ୍କର ପ୍ରଥମ ପରିବେଷଣ ରଖିଥିଲେ। ତାଙ୍କର ଦୁର୍ଗାବତାର ଦର୍ଶକଙ୍କୁ ବେଶ୍ ମୁଗ୍ଧ କରିଥିଲେ। ପରବର୍ତ୍ତୀ ପରିବେଷଣ ଶ୍ରୀକୃଷ୍ଣକର୍ଣ୍ଣାମୃତମ୍‌ରେ ତାଙ୍କର ଯଶୋଦା ମା' ନୃତ୍ୟାଭିନୟ ଭାବବିହ୍ୱଳ ପରିବେଶ ସୃଷ୍ଟି କରିଥିଲା। ଏହାର ନୃତ୍ୟ ସଂରଚନା କରିଥିଲେ ଗୁରୁ ଶର୍ମିଳା ବିଶ୍ୱାସ। ତାଙ୍କୁ ବେହେଲାରେ ସୁରମଣି ରମେଶ ଚନ୍ଦ୍ର ଦାସ, ମର୍ଦ୍ଦଳରେ ବୁଦ୍ଧନାଥ ସ୍ୱାଇଁ, ବଂଶୀରେ ଶ୍ରୀନିବାସ ଶତପଥୀ ଓ କଣ୍ଠରେ ରାଜେଶ କୁମାର ଲେଙ୍କା ସହଯୋଗ କରିଥିଲେ। ଏକକ ନୃତ୍ୟ ପରେ ଆରମ୍ଭ ହୋଇଥିଲା ବେହେଲା ବାଦନର ଯୁଗଳବନ୍ଦୀ। କର୍ନାଟକୀ ଶାସ୍ତ୍ରୀୟ ସଙ୍ଗୀତ ଉପରେ ଆଧାରିତ ବିଭିନ୍ନ ରାଗ ଓ ତାଳରେ ବେହେଲା ବାଦନ କରିଥିଲେ ଲାଲ୍‌ଗୁଡ଼ି ଜି.ଜେ.ଆର୍ କ୍ରିଷ୍ଣନ୍ ଓ ଲାଲ୍‌ଗୁଡ଼ି ବିଜୟଲକ୍ଷ୍ମୀ। ଏହା ଦର୍ଶକଙ୍କୁ ଶେଷ ପର୍ଯ୍ୟନ୍ତ ବାନ୍ଧି ରଖିଥିଲା। ସେମାନଙ୍କୁ ମୃଦଙ୍ଗରେ କୁଚିଭୋଟ୍ଲା ସାଇ ଗିରିଧର ଓ କଞ୍ଜିରାରେ ଏସ୍. ସୁନୀଲ କୁମାର ସହଯୋଗ କରିଥିଲେ। ଦେବୀପ୍ରସାଦ ମିଶ୍ରଙ୍କ ଆଲୋକ ପରିକଳ୍ପନା ଏବଂ ଶ୍ରୀ ସି. ଆନନ୍ଦ କୃଷ୍ଣଙ୍କ ସାଉଣ୍ଡ୍ ଇଞ୍ଜିନିୟରିଂ ମଧ୍ୟରେ ଶିଳ୍ପୀମାନେ କଳା ପ୍ରଦର୍ଶନ କରିଥିଲେ। ଦର୍ଶକମାନେ ସୃଜନର ଫେସ୍‌ବୁକ ପେଜ୍ ଓ ୟୁଟ୍ୟୁବ୍ ଚ୍ୟାନେଲରେ ଲାଇଭ୍ ଦେଖିପାରିବେ। କାର୍ଯ୍ୟକ୍ରମକୁ ଡ. ମୃତ୍ୟୁଞ୍ଜୟ ରଥ ପରିଚାଳନା କରିଥିଲେ। ୯ ତାରିଖ ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି ଉତ୍ସବର ମିଡିଆ ପାର୍ଟନର୍ 'ଧରିତ୍ରୀ' ଏବଂ 'ଓଡ଼ିଶା ପୋଷ୍ଟ' ରହିଛି।



'୨୯ତମ ଓଏମ୍‌ସି ଗୁରୁ କେଳୁଚରଣ ମହାପାତ୍ର ପୁରସ୍କାର ଉତ୍ସବ'ର ଉଦ୍‌ଘାଟନ ଅବସରରେ ଯୋଗଦେଇଥିବା ଅତିଥିମାନେ।



ଓଡ଼ିଶୀ ନୃତ୍ୟାଙ୍ଗନା ଶାଶ୍ୱତୀ ଗରାଇ ଘୋଷ ନୃତ୍ୟ ପରିବେଷଣ କରୁଛନ୍ତି। (ଫଟୋ-ମୌସମ ନନ୍ଦ)

# ବିଭୂତି କାନୁନ୍‌ଗୋଙ୍କ ପ୍ରତିମୂର୍ତ୍ତି ଉନ୍ମୋଚିତ

**ଭୁବନେଶ୍ୱର,୫।୯(ଶର୍ମିଷ୍ଠା ପାଣିଗ୍ରାହୀ):** ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ବିଶିଷ୍ଟ ଚିତ୍ରଶିଳ୍ପୀ ତଥା ଗୁରୁ ସ୍ୱର୍ଗତ ବିଭୂତି କାନୁନ୍‌ଗୋଙ୍କ ପୂର୍ଣ୍ଣାବୟବ ପ୍ରତିମୂର୍ତ୍ତି ମଙ୍ଗଳବାର ଘାଟିକିଆସ୍ଥିତ ବିଭୂତି କାନୁନ୍‌ଗୋ ସରକାରୀ ଚାରୁ ଓ ଚାରୁକଳା ମହାବିଦ୍ୟାଳୟ ପରିସରରେ ଉନ୍ମୋଚିତ ହୋଇଯାଇଛି। ବିଭାଗୀୟ ମନ୍ତ୍ରୀ ଅଶ୍ୱିନୀ କୁମାର ପାତ୍ର ଏହାର ଅନାବରଣ କରିଥିଲେ। ଭୁବନେଶ୍ୱର ମଧ୍ୟ ବିଧାୟକ ଅନନ୍ତ ନାରାୟଣ ଜେନା, ବିଏମ୍‌ସି କମିଶନର ସୁଲୋଚନା ଦାସ, ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁ, ନିର୍ଦ୍ଦେଶକ ଦିଲୀପ ରାଉତରାଏ, ଯୁଗ୍ମ ନିର୍ଦ୍ଦେଶକ ସୁବୋଧ ଚନ୍ଦ୍ର ଆଚାର୍ଯ୍ୟ, ରାଜ୍ୟ ପ୍ରତ୍ନତତ୍ତ୍ୱ ସଂସ୍ଥାର ଅଧୀକ୍ଷକ ଅଶ୍ୱିନୀ କୁମାର ଶତପଥୀ ପ୍ରମୁଖ ଉପସ୍ଥିତ ଥିଲେ। ବିଭାଗର ପୂଜ୍ୟପୂଜା ସଞ୍ଚାଳକ ଲକ୍ଷ୍ମୀଧର ବେହେରା ସଂଯୋଜନା କରିଥିବାବେଳେ କଲେଜ ଅଧ୍ୟକ୍ଷ ଗଜେନ୍ଦ୍ର କୁମାର ପାଢୀ ସ୍ୱାଗତ ଜଣାଇଥିଲେ। ଅଧ୍ୟାପକ ଚନ୍ଦ୍ରଶେଖର ସେଠୀ, ଅନ୍ତର୍ଯ୍ୟାମୀ ଦାସ, ଆଶିଷ ଶରଣ, ପ୍ରଦୀପ ପାତ୍ର, ଛତ୍ରପତି ବିଶ୍ୱାଳ, ମୀନକେତନ ପଟ୍ଟନାୟକ, ମାନସ ଜେନା, ଇପ୍ସିତା ପ୍ରିୟଦର୍ଶିନୀ ପ୍ରମୁଖ ସହଯୋଗ କରିଥିବାବେଳେ ସହକାରୀ ନିର୍ବାହୀ ଯନ୍ତ୍ରୀ ସରୋଜ କୁମାର ନନ୍ଦ ଧନ୍ୟବାଦ ଅର୍ପଣ କରିଥିଲେ।

# ହରିଦାସପୁର-ବୈରୀ ରେଳ ଷ୍ଟେଶନ ମଧ୍ୟରେ ତୃତୀୟ ଲାଇନ କାର୍ଯ୍ୟକ୍ଷମ

**ଭୁବନେଶ୍ୱର,୫।୯(ଅଭିଜିତ ଦାସ)**

ପୂର୍ବତଟ ରେଳପଥର ଭଦ୍ରକ-ନିର୍ଗୁଣ୍ଡି ମଧ୍ୟରେ ତୃତୀୟ ଲାଇନ କାର୍ଯ୍ୟ ଜାରି ରହିଛି। ଇତିମଧ୍ୟରେ ଏହି ପ୍ରକଳ୍ପ ଅନ୍ତର୍ଗତ ହରିଦାସପୁର-ବୈରୀ ୧୬.୮୦ କି.ମି. ତୃତୀୟ ଲାଇନ କାର୍ଯ୍ୟକ୍ଷମ କରାଯାଇଛି। କାମ ସରିବା ପରେ ଗତ ୩୧ ତାରିଖରେ କୋଲକାତାର ଦକ୍ଷିଣପୂର୍ବ ସର୍କଲ ରେଳ ନିରାପତ୍ତା ଆୟୁକ୍ତ(ସିଆରଏସ୍) ନିରୀକ୍ଷଣ କରି କାର୍ଯ୍ୟକ୍ଷମ ପାଇଁ ଅନୁମତି ଦେଇଥିଲେ। ପୂର୍ବତଟ ରେଳପଥର ସୂଚନା ଅନୁଯାୟୀ, ଖୋର୍ଦ୍ଧା ରୋଡ୍ ରେଳ ମଣ୍ଡଳ ଅନ୍ତର୍ଗତ ହାଓଡ଼ା-ଚେନ୍ନାଇ ମୁଖ୍ୟ ରେଳ ଲାଇନର ଭଦ୍ରକ-ନିର୍ଗୁଣ୍ଡି ମଧ୍ୟରେ ତୃତୀୟ ଲାଇନ ପ୍ରକଳ୍ପର ନିର୍ମାଣ କାର୍ଯ୍ୟ ଯୁଦ୍ଧକାଳୀନ ଭିତ୍ତିରେ ଚାଲୁଛି। ପାଖାପାଖି ୬୦ ପ୍ରତିଶତରୁ ଅଧିକ କାର୍ଯ୍ୟ ଶେଷ ହୋଇଛି। ସେହିପରି ପୂର୍ବତଟ ରେଳପଥ ମହାପ୍ରବନ୍ଧକ ମନୋଜ ଶର୍ମା ବିଭିନ୍ନ ପ୍ରକଳ୍ପର କାର୍ଯ୍ୟ ଧାର୍ଯ୍ୟ ସମୟ ଭିତରେ ସାରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏଥିସହ ଏ କ୍ଷେତ୍ରରେ ରାଜ୍ୟ ସରକାରଙ୍କ ଅଧିକାରୀ ଓ ରେଳ ଅଧିକାରୀଙ୍କ ମଧ୍ୟରେ ସମନ୍ୱୟ ରଖିବାକୁ ସେ ପରାମର୍ଶ ଦେଇଛି। ତୃତୀୟ ଲାଇନ ଦ୍ୱାରା ହାଓଡା-ଚେନ୍ନାଇ ମୁଖ୍ୟ ରେଳପଥରେ ବିନା ଅସୁବିଧାରେ ଟ୍ରେନ୍ ଚଳାଚଳ କରିବ ବୋଲି ସେ କହିଛନ୍ତି।

# ପାଣିଟାଙ୍କିରୁ ମୃତଦେହ ଜବତ, ହତ୍ୟା ସନ୍ଦେହ

**ବାରଙ୍ଗ,୫।୯(ଲିଙ୍ଗରାଜ ରାଉତ)**

ରଘୁନାଥପୁର ଗାଁ ମୁଣ୍ଡରେ ଥିବା ଅର୍ଦ୍ଧନିର୍ମିତ ମାର୍କେଟ କମ୍ପ୍ଲେକ୍ସର ପଛପଟେ ଥିବା ମୁକୁଳା ପାଣିଟାଙ୍କିରେ ଭାସୁଥିବା ଏକ ମୃତଦେହ ମଙ୍ଗଳବାର ନନ୍ଦନକାନନ ଥାନା ପୋଲିସ ଜବତ କରିଛି। ମୃତକ ହେଲେ ଆନନ୍ଦପୁର ମାର୍ଶାପାଳ ଗାଁର ପୀତାମ୍ବର ମୁର୍ମୁ(୫୮)। ପୀତାମ୍ବର ଅନ୍ୟଜଣେ ସହଯୋଗୀ ସୁନାରାମ ସୁରେନଙ୍କ ସହିତ କାମ କରିବାକୁ ଶୁକ୍ରବାର ଏଠାକୁ ଆସିଥିଲେ। ରଘୁନାଥପୁର ଗାଁ ମୁଣ୍ଡରେ ହେଉଥିବା ଏକ ଉଚ୍ଚ ଅଟ୍ଟାଳିକାରେ କାମ କରିବା ସହ କ୍ୟାମ୍ପରେ ରହୁଥିଲେ। ସୋମବାର ରାତିରେ ପୀତାମ୍ବର କ୍ୟାମ୍ପରୁ ନିଖୋଜ ହୋଇଯାଇଥିବା ନେଇ ସୁନାରାମ ତାଙ୍କ ପୁଅ ମାଧବକୁ ଖବର ଦେଇଥିଲେ। ଯାଜପୁର କଲେଜରେ ପାଠ ପଢୁଥିବା ମାଧବ ମଙ୍ଗଳବାର ଦ୍ୱିପ୍ରହରରେ କ୍ୟାମ୍ପରେ ପହଞ୍ଚି କ୍ୟାମ୍ପଠାରୁ ଅଳ୍ପ ଦୂରରେ ଥିବା ଖୋଲା ପାଣି ଟାଙ୍କିରେ ତାଙ୍କ ମୃତଦେହ ଭାସୁଥିବା ଦେଖି ଚିହ୍ନଟ କରିଥିଲେ। ପରେ ନନ୍ଦନକାନନ ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ଏକ ଅପମୃତ୍ୟୁ ମାମଲା ରୁଜୁ କରି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ଅନ୍ୟପଟେ ସୋମବାର ବିଳମ୍ବିତ ରାତିରେ ପୀତାମ୍ବରଙ୍କ କ୍ୟାମ୍ପରେ ପ୍ରବଳ ପାଟିତୁଣ୍ଡ ହୋଇଥିବାରୁ ସ୍ଥାନୀୟ ଲୋକେ ହତ୍ୟା ସନ୍ଦେହ କରୁଛନ୍ତି। ତେବେ ଏହା ହତ୍ୟା ନା ଆତ୍ମହତ୍ୟା ନା ଆଉ କିଛି ତାହାକୁ ନେଇ ପୋଲିସ ଖୋଳତାଡ଼ ଚଳାଇଛି।




ଜନ୍ମାଷ୍ଟମୀର ଅବ୍ୟବହିତ ପୂର୍ବରୁ ସୋମବାର ପୁରୀ ବେଳାଭୂମିରେ ଶିଳ୍ପୀ ପଦ୍ମଶ୍ରୀ ସୁଦର୍ଶନ ପଟ୍ଟନାୟକଙ୍କ ବାଲୁକାକଳା। (ଫଟୋ- ଯଜ୍ଞେଶ୍ୱର ମହାନ୍ତି)

# ୧୭ରେ ଇଞ୍ଜେକ୍ସନ ବନ୍ଦ ଆନ୍ଦୋଳନ

**ଭୁବନେଶ୍ୱର,୫।୯(ଅଭିଜିତ ଦାସ):** ବିଭିନ୍ନ ଦାବି ନେଇ ଆନ୍ଦୋଳନକୁ ଓହ୍ଲାଇବେ ନର୍ସିଂ କର୍ମଚାରୀ। ରାଜ୍ୟର ବିଭିନ୍ନ ଜିଲାସ୍ତରୀୟ ସରକାରୀ ହସ୍ପିଟାଲ, ମେଡିକାଲ କଲେଜ, ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ଉପକେନ୍ଦ୍ରରେ ୧୨ଶହ ନର୍ସିଂ ଷ୍ଟାଫ୍ ଦୀର୍ଘଦିନ ଧରି କାର୍ଯ୍ୟ କରୁଥିଲେ ମଧ୍ୟ କୌଣସି ପ୍ରୋମୋଶନ ମିଳୁନାହିଁ। ଏଥିସହ ନର୍ସିଂ ଅଧିକାରୀଙ୍କ ଲାଗି କ୍ୟାଡର ଗଠନ କରାଯାଇନାହିଁ। ସେହିପରି ଖାଲି ଥିବା ନର୍ସିଂ ପଦବୀଗୁଡ଼ିକ ପୂରଣ କରାଯାଉନାହିଁ। ସଂଘ ପକ୍ଷରୁ ରାଜ୍ୟ ସରକାରଙ୍କ ପାଖରେ ବାରମ୍ବାର ଦାବି କରୁଥିଲେ ମଧ୍ୟ କୌଣସି ଫଳ ମିଳୁନାହିଁ। ଏହାର ପ୍ରତିବାଦରେ ଆସନ୍ତା ୧୭ରେ ଲୋୟର ପିଏମ୍‌ଜିରେ ଧାରଣା ଦେବା ସହ ରାଜ୍ୟରେ ଇଞ୍ଜେକ୍ସନ ବନ୍ଦ ଆନ୍ଦୋଳନ କରାଯିବ ବୋଲି ସଂଘ ପକ୍ଷରୁ କୁହାଯାଇଛି।

# ବାଲିଅନ୍ତା ଉଚ୍ଚ ବିଦ୍ୟାଳୟରେ ୫ ପ୍ରତିମୂର୍ତ୍ତି ଅନାବରଣ

**ବାଲିଅନ୍ତା,୫।୯(ନୀଳମାଧବ ସାହୁ):** ବାଲିଅନ୍ତା ଉଚ୍ଚ ବିଦ୍ୟାଳୟ ପରିସରରେ ମଙ୍ଗଳବାର ଗୁରୁଦିବସ ପାଳନ ଅବସରରେ ୫ଟି ପ୍ରତିମୂର୍ତ୍ତି ଅନାବରଣ ହୋଇଯାଇଛି। ଜୟଦେବ ବିଧାୟକ ଡ. ଅରବିନ୍ଦ ଢାଲି ମୁଖ୍ୟ ଅତିଥି ରୂପେ ଯୋଗଦେଇ ମହାତ୍ମା ଗାନ୍ଧୀ, ଜବାହରଲାଲ ନେହେରୁ, ସର୍ବପଲ୍ଲୀ ରାଧାକୃଷ୍ଣନ, ଉତ୍କଳମଣି ଗୋପବନ୍ଧୁ ଦାସ ଓ ରମାଦେବୀ ଚୌଧୁରୀଙ୍କ ପ୍ରତିମୂର୍ତ୍ତିକୁ ଅନାବରଣ କରିଥିଲେ। ଏହି ଅବସରରେ ଗୁରୁ ଦିବସ ପାଳନ ହୋଇଥିଲା। ବିଧାୟକ ଢାଲି, ସ୍ଥାନୀୟ ସରପଞ୍ଚ କୃଷ୍ଣ କେଶବ ଆପଟ, ଆଲୁମିନି ସଭାପତି ଧୀରେନ କର, ପ୍ରଧାନ ଶିକ୍ଷକ ଭବାନୀ ମହାପାତ୍ର, ବରିଷ୍ଠ ଶିକ୍ଷୟିତ୍ରୀ ବିନୋଦିନୀ ସାହୁ, ଶିକ୍ଷକ ଅମରେନ୍ଦ୍ର ନାୟକ, ବିଶ୍ୱଭୂଷଣ ବାରିକ ପ୍ରମୁଖ ଯୋଗଦେଇ ଥିଲେ। ଏହି ଅବସରରେ ଏକ ଟ୍ରଷ୍ଟ ପକ୍ଷରୁ ଅଲ୍‌ରାଉଣ୍ଡର ପ୍ରଦର୍ଶନ ପାଇଁ ୪ ଛାତ୍ରୀଛାତ୍ର ଅଙ୍କିତା ପରିଜା, ତନିଶା ମଞ୍ଜରୀ ସାହୁ, ପାର୍ଥସାରଥି ନାୟକ ଓ ସୌଭାଗ୍ୟ ରଞ୍ଜନ ସାହୁଙ୍କୁ ମାନପତ୍ର ସହ ନଗଦ ୧୦ ହଜାର ଟଙ୍କାର ଚେକ୍ ପ୍ରଦାନ କରାଯାଇଥିଲା।

# ଓଡ଼ିଆ ବିଶ୍ୱବିଦ୍ୟାଳୟରେ ଶିକ୍ଷାଦାନ ଆରମ୍ଭ

**ସାକ୍ଷୀଗୋପାଳ,୫।୯ (ପ୍ରଶାନ୍ତ କୁମାର ବାରିକ/କିଶୋର ମହାପାତ୍ର/ଭରତ ରାଉତ)**

ପବିତ୍ର ଗୁରୁଦିବସରେ ମଙ୍ଗଳବାର ପୁରୀ ଜିଲା ସତ୍ୟବାଦୀସ୍ଥିତ ଓଡ଼ିଆ ବିଶ୍ୱବିଦ୍ୟାଳୟରେ ସ୍ନାତକୋତ୍ତର ଶିକ୍ଷାଦାନ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ପ୍ରାରମ୍ଭିକ ଭାବେ ତିନୋଟି ବିଭାଗରେ ୨୪ ଜଣ ଲେଖାଏ ସମୁଦାୟ ୭୨ ଜଣ ଛାତ୍ରୀଛାତ୍ରଙ୍କୁ ନେଇ ଶିକ୍ଷାଦାନ କରାଯାଇଛି। ଓଡ଼ିଆ ବିଶ୍ୱବିଦ୍ୟାଳୟର ନିର୍ମାଣ କାର୍ଯ୍ୟ ସରି ନ ଥିବାରୁ ସାକ୍ଷୀଗୋପାଳ ମନ୍ଦିର ପାନ୍ଥଶାଳାକୁ ଉଚ୍ଚଶିକ୍ଷା ବିଭାଗ କିଛି ମାସ ପାଇଁ ଭଡ଼ା ସୂତ୍ରରେ ନେଇଛି। ସେଠାରେ ଏହି ଶିକ୍ଷାଦାନ ଆରମ୍ଭ ହୋଇଛି। ଏହି ପରିପ୍ରେକ୍ଷୀରେ ଉଦ୍‌ଘାଟନ ଉତ୍ସବ ଅନୁଷ୍ଠିତ ହୋଇଥିଲା। ଉତ୍ସବରେ ମୁଖ୍ୟ ଅତିଥି ଭାବେ ଉଚ୍ଚଶିକ୍ଷା ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକ ଯୋଗଦେଇ କହିଥିଲେ, ଆଜିର ଦିନଟି ଆମ ସମସ୍ତଙ୍କ ପାଇଁ ଏକ ଅବିସ୍ମରଣୀୟ ଦିନ। ଗୁରୁଦିବସ ଭଳି ପୁଣ୍ୟତିଥିରେ ଓଡ଼ିଆ ବିଶ୍ୱବିଦ୍ୟାଳୟର ପ୍ରଥମ ପାଠ୍ୟଦାନ କାର୍ଯ୍ୟକ୍ରମ ଆରମ୍ଭ ହେବା ଏହି ମାଟିରେ ଜନ୍ମିତ ବରପୁତ୍ରମାନଙ୍କ ପ୍ରତି ରାଜ୍ୟ ସରକାରଙ୍କ ଶ୍ରେଷ୍ଠ ସମ୍ମାନ ବୋଲି ସେ ପ୍ରକାଶ କରିଥିଲେ। ସମ୍ମାନିତ ଅତିଥି ଭାବେ ସତ୍ୟବାଦୀ ବିଧାୟକ ଉମାକାନ୍ତ ସାମନ୍ତରାୟ, ଉଚ୍ଚଶିକ୍ଷା ବିଭାଗ ସ୍ୱତନ୍ତ୍ର ଶାସନ ସଚିବ ରମାକାନ୍ତ ନାୟକ, ଅତିରିକ୍ତ ଜିଲାପାଳ ପ୍ରଦୀପ୍ତ କୁମାର ସାହୁ, ଓଡ଼ିଆ ବିଶ୍ୱବିଦ୍ୟାଳୟର କୁଳପତି ସବିତା ପ୍ରଧାନ, କୁଳସଚିବ ରଶ୍ମିରେଖା ଦାଶ ପ୍ରମୁଖ ଯୋଗଦେଇଥିଲେ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭର୍ଚୁଆଲ ବାର୍ତ୍ତାରେ କହିଥିଲେ, ସତ୍ୟବାଦୀରେ ଓଡ଼ିଆ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ହେବା ଦ୍ୱାରା ଓଡ଼ିଆ ଭାଷା, ସାହିତ୍ୟ କ୍ଷେତ୍ରରେ ଛାତ୍ରୀଛାତ୍ର ଅଧିକ ଗବେଷଣା କରିପାରିବେ। ପବିତ୍ର ଗୁରୁଦିବସ ଅବସରରେ ବିଶ୍ୱବିଦ୍ୟାଳୟର ପାଠ୍ୟଦାନ ଆରମ୍ଭ କରାଯାଇ ଥିବାରୁ ପଞ୍ଚସଖା ଏବଂ ଓଡ଼ିଶାର ବରପୁତ୍ରମାନଙ୍କ ପ୍ରତି ଆମର ଶ୍ରେଷ୍ଠ ଶ୍ରଦ୍ଧାଞ୍ଜଳି ହେବ। ବହୁତ କମ୍ ଦିନ ମଧ୍ୟରେ ଏହି ବିଶ୍ୱବିଦ୍ୟାଳୟ ଜାତୀୟ ସ୍ତରରେ ପ୍ରତିଷ୍ଠା ଲାଭ କରିବ ବୋଲି ମୁଖ୍ୟମନ୍ତ୍ରୀ ଆଶା ବ୍ୟକ୍ତ କରିଛନ୍ତି। କାର୍ଯ୍ୟକ୍ରମ ପ୍ରାରମ୍ଭରେ ବେଦ ପାଠ ପରେ ସତ୍ୟବାଦୀ ସଙ୍ଗୀତ ମହାବିଦ୍ୟାଳୟ ଛାତ୍ରୀଛାତ୍ରଙ୍କ ଦ୍ୱାରା ଦେଶାତ୍ମବୋଧକ ସଙ୍ଗୀତ ପରିବେଷଣ କରାଯାଇଥିଲା। ବିଶ୍ୱବିଦ୍ୟାଳୟର ଛାତ୍ରୀ ସ୍ୱାତୀ ସୁମନ ମହାପାତ୍ର ଓ ଛାତ୍ର ଆନନ୍ଦ କୁମାର ଶତପଥୀ ଏଠାରେ ନିଜ ପାଠ ପଢିବା ସ୍ୱପ୍ନ ସମ୍ପର୍କରେ କହିଥିଲେ। ବିଶ୍ୱବିଦ୍ୟାଳୟ କୁଳସଚିବ ସ୍ୱାଗତ ଅଭିଭାଷଣ ପ୍ରଦାନ ସହ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଅନନ୍ତ କିଶୋର ଜେନା ଧନ୍ୟବାଦ ଦେଇଥିଲେ। ଉପଜିଲାପାଳ ଭବତାରଣ ସାହୁ, ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସନ୍ତୋଷ କୁମାର ସେଠୀ, ସତ୍ୟବାଦୀ ବିଡିଓ ଲୋଚନ ଦାଶ ଏବଂ ତହସିଲଦାର ଜୟନ୍ତ କୁମାର ଜୟସିଂ ପ୍ରମୁଖ ଉପସ୍ଥିତ ଥିଲେ।



ଉଦ୍‌ଘାଟନୀ ଉତ୍ସବରେ ଉଚ୍ଚଶିକ୍ଷା ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକ ଏବଂ ଅନ୍ୟ ଅତିଥିବୃନ୍ଦ।

## ସେଲ୍‌ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ଗୌତମ



@ ପ୍ରସନ୍ନ



@ ମନୋଜ



@ ସୁବ୍ରତ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟ ବିବେଚିତ ଫଟୋ ପ୍ରକାଶ ପାଇବ।

# ଅଭିଯୁକ୍ତ ଶରତଙ୍କୁ ଜାମିନ

## ବହୁଚର୍ଚ୍ଚିତ ମାହାଙ୍ଗା ନାବାଳିକା ମୃତ୍ୟୁ ମାମଲା

**କଟକ,୫।୯ (କାର୍ତ୍ତିକ ସାହୁ)**

ବହୁଚର୍ଚ୍ଚିତ ମାହାଙ୍ଗା ନାବାଳିକା ମୃତ୍ୟୁ ମାମଲାରେ ଅଭିଯୁକ୍ତ ଶରତ କୁମାର ନାୟକଙ୍କୁ କଟକ ସ୍ୱତନ୍ତ୍ର ପୋକ୍ସୋ ଅଦାଲତ ମଙ୍ଗଳବାର ସର୍ତ୍ତମୂଳକ ଜାମିନ ଦେଇଛନ୍ତି। ୫୦ ହଜାର ଟଙ୍କାର ଦୁଇ ଜଣ ଜାମିନଦାର ତଦନ୍ତରେ ସହଯୋଗ କରିବାକୁ ଅଦାଲତ ସର୍ତ୍ତ ରଖିଛନ୍ତି। ଜାମିନରେ ଯିବା ପରେ ଶରତ ସାକ୍ଷୀମାନଙ୍କୁ ପ୍ରଭାବିତ କରିବେ ନାହିଁ ବୋଲି ଅଦାଲତ ସର୍ତ୍ତ ରଖିଛନ୍ତି। ଏଥିରେ ଖିଲାପ ହେଲେ ତାଙ୍କ ଜାମିନ ରଦ୍ଦ ହୋଇଯିବ ବୋଲି କୋର୍ଟ ସ୍ପଷ୍ଟ କରିଛନ୍ତି।

ସୂଚନାଯୋଗ୍ୟ, ଗତ ଜୁନ୍ ୧୮ରେ ମାହାଙ୍ଗା ଥାନା ଅଞ୍ଚଳରେ ଜଣେ ଦଶମ ଶ୍ରେଣୀ ଛାତ୍ରୀଙ୍କ ସନ୍ଦେହଜନକ ମୃତ୍ୟୁ ଘଟିଥିଲା। ପରେ ପୋଲିସକୁ ନ ଜଣାଇ ତାଙ୍କ ମୃତଦେହ ପୋଡି ଦିଆଯାଇଥିଲା। ସମ୍ପୃକ୍ତ ଛାତ୍ରୀଙ୍କ ସହ ପ୍ରେମ ସମ୍ପର୍କ ଥିବା କ୍ରୀଡା ଶିକ୍ଷକ ଅନୁପମ ରାୟଙ୍କ ମା'ଙ୍କୁ ଶରତ ଫୋନ ଯୋଗେ ଧମକ ଦେଇଥିଲେ। ଏଥିସହ ମାମଲାକୁ ରଫାଦଫା କରିବା ପାଇଁ ୭୦ ହଜାର ଟଙ୍କା ଦାବି କରିଥିଲେ। ନାବାଳିକାଙ୍କ ମୃତ୍ୟୁର ପ୍ରମାଣ ନଷ୍ଟ କରାଯାଇଥିବା ସେ କହିଥିଲେ। ୫୭ ଦିନ ପରେ ଏହାର ଅଡିଓ କ୍ଲିପ୍ ଭାଇରାଲ ହୋଇଥିଲା। ଏହି ଘଟଣାରେ ବିଜେଡି ନେତା ତଥା ପୂର୍ବତନ ବ୍ଲକ ଅଧ୍ୟକ୍ଷ ଶରତ ଓ କ୍ରୀଡା ଶିକ୍ଷକ ଅନୁପମଙ୍କୁ ପୋଲିସ ଗିରଫ କରିଥିଲା। ଅପରପକ୍ଷରେ ଏହି ଅଡିଓରେ ଅଭିଯୁକ୍ତ ଶରତ ନାବାଳିକାଙ୍କ ମୃତଦେହ ବ୍ୟବଚ୍ଛେଦ କରା ନ ଯିବା ପ୍ରସଙ୍ଗରେ କେତେକ ଗୁରୁତ୍ୱପୂର୍ଣ୍ଣ କଥା କହିଥିଲେ। ତେବେ ଏହାର ସତ୍ୟାସତ୍ୟ ଜାଣିବା ପାଇଁ ଶରତଙ୍କ କଣ୍ଠସ୍ୱର ନମୁନା ପରୀକ୍ଷା ଜରୁରୀ ବୋଲି ଦର୍ଶାଇ ଅଦାଲତରେ ଆବେଦନ ହୋଇଥିଲା। ଗତ ଅଗଷ୍ଟ ୩୧ରେ ଏକ ଆବେଦନର ଶୁଣାଣି କରି ଶରତଙ୍କ କଣ୍ଠସ୍ୱର ପରୀକ୍ଷା (ଭଏସ ଟେଷ୍ଟ) ପାଇଁ ଅଦାଲତ ଅନୁମତି ଦେଇଥିଲେ। ରାଜ୍ୟ ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ପବ୍ଲିକ୍ ପ୍ରସିକ୍ୟୁଟର ରମେଶ ଚନ୍ଦ୍ର ମହାନ୍ତି ମାମଲା ପରିଚାଳନା କରୁଛନ୍ତି।

**ସଂକ୍ଷେପରେ**

## ତିଖାଲି ଡ୍ୟାମ୍ ସୌନ୍ଦର୍ଯ୍ୟକରଣ କରିବ ଡବ୍ଲ୍ୟୁଓଡିସି

ଭୁବନେଶ୍ୱର,୫।୯(ଅନିଲ ଦାସ)

ନୂଆପଡ଼ା ଜିଲାରେ ଥିବା ତିଖାଲି ଡ୍ୟାମ୍ ପ୍ରକଳ୍ପର ଉନ୍ନତି ଓ ସୌନ୍ଦର୍ଯ୍ୟକରଣ ପ୍ରକଳ୍ପରେ ପଶ୍ଚିମ ଓଡ଼ିଶା ବିକାଶ ପରିଷଦ(ଡବ୍ଲ୍ୟୁଓଡିସି) ପୁଞ୍ଜି ନିବେଶ କରିବ। ସରକାରୀ-ଘରୋଇ ସହଭାଗିତାରେ ଏହି ପ୍ରକଳ୍ପ କାର୍ଯ୍ୟକାରୀ କରାଯିବ। ମଙ୍ଗଳବାର ଭର୍ଚୁଆଲରେ ଅନୁଷ୍ଠିତ ପଶ୍ଚିମ ଓଡ଼ିଶା ବିକାଶ ପରିଷଦ ବୈଠକରେ ଏହି ନିଷ୍ପତ୍ତି ହୋଇଛି। ବୈଠକରେ ଯୋଗଦେଇ ପରିଷଦର ଅଧ୍ୟକ୍ଷ ଅସିତ ତ୍ରିପାଠୀ କହିଛନ୍ତି ଯେ ଲୋୟର ଇନ୍ଦ୍ର ପ୍ରକଳ୍ପର ତିଖାଲି ଡ୍ୟାମ୍ ସୌନ୍ଦର୍ଯ୍ୟକରଣ କରାଗଲେ ଏହା ପର୍ଯ୍ୟଟକଙ୍କ ଆକର୍ଷଣର କେନ୍ଦ୍ରବିନ୍ଦୁ ହେବ। ଅଞ୍ଚଳର ପ୍ରଗତି ସାଧିତ ହେବ। ସ୍ଥାନୀୟ ଜନସାଧାରଣ ମଧ୍ୟ ଉପକୃତ ହେବେ। ବୋଟ୍ କ୍ଲବ୍, ଫ୍ଲୋଟିଂ ଜେଟି, ବୋଟିଂ, ଶୌଚାଳୟ, କାଫେ ଓ ଫୁଡ୍ ଲାଉଞ୍ଜ, ଷ୍ଟାଫ୍ କ୍ୱାର୍ଟର, ୱାଟର ସ୍ଲାଇଡ୍, ୱାଟର ପ୍ଲେ ମସ୍‌ରୁମ୍ ଆଦିର ବ୍ୟବସ୍ଥା କରାଯିବ। ପରିବେଶ ପର୍ଯ୍ୟଟନ ସହାୟତା କେନ୍ଦ୍ର, ୱାଟର ଫ୍ରଣ୍ଟ ଡେଭଲପମେଣ୍ଟ ଓ ସଂଗ୍ରହାଳୟ ପ୍ରତିଷ୍ଠା କରାଯିବା ନେଇ ନୂଆପଡ଼ା ଜିଲା ପ୍ରଶାସନ ପକ୍ଷରୁ ପ୍ରସ୍ତାବ ଦିଆଯାଇଛି। ସୂଚନାଯୋଗ୍ୟ ଯେ ରାଜ୍ୟ ସରକାରଙ୍କ ଉଦ୍ୟମରେ ୨୦୧୯ରେ ତିଖାଲି ଡ୍ୟାମ୍ ନିର୍ମାଣ କାର୍ଯ୍ୟ ଶେଷ ହୋଇଥିଲା। ଇନ୍ଦ୍ର ନଦୀ ଉପରେ ଏହି ଜଳସେଚନ ପ୍ରକଳ୍ପ ନିର୍ମାଣ କରାଯାଇଛି। ବୈଠକରେ ପରିଷଦର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଅଜିତ୍ କୁମାର ମିଶ୍ର, ନୂଆପଡ଼ା ଜିଲାପାଳ ହେମକାନ୍ତ ସାଏ, ବୈଷୟିକ ପରାମର୍ଶଦାତା ସୁନୀଲ ନାୟକ ଯୋଗଦେଇ ପ୍ରକଳ୍ପ ସମ୍ବନ୍ଧରେ ମତାମତ ପ୍ରଦାନ କରିଥିଲେ।

## ସମ୍ବଲପୁର ଜିଲାର ଦୁଗ୍ଧ ଉତ୍ପାଦକ ଓ ବିତରଣ ପ୍ରୋଜେକ୍ଟକୁ ଅନୁମୋଦନ

ଭୁବନେଶ୍ୱର, ୫।୯(ସୁନିତ୍ ମିଶ୍ର)

ପଶ୍ଚିମ ଓଡ଼ିଶା ବିକାଶ ପରିଷଦ(ଡବ୍ଲ୍ୟୁଓଡିସି) ଦ୍ୱାରା ସମ୍ବଲପୁର ଜିଲାର ଦୁଗ୍ଧ ଉତ୍ପାଦକ ଓ ବିତରଣ ପ୍ରୋଜେକ୍ଟକୁ ଅନୁମୋଦନ ମିଳିଛି। ଏନେଇ ମଙ୍ଗଳବାର ଆଭାସି ମାଧ୍ୟମରେ ସମ୍ବଲପୁର ଜିଲା ପ୍ରଶାସନ ପ୍ରସ୍ତାବ ଉପସ୍ଥାପନ କରିଥିଲା। ବୈଠକରେ ପରିଷଦର ଅଧ୍ୟକ୍ଷ ଅସିତ ତ୍ରିପାଠୀ କହିଛନ୍ତି, ସମ୍ବଲପୁର ଜିଲାର ଦୁଗ୍ଧ ଉତ୍ପାଦକଙ୍କ ବିକାଶ ପାଇଁ ପଶ୍ଚିମ ଓଡ଼ିଶା ବିକାଶ ପରିଷଦ ସର୍ବଦା ଚେଷ୍ଟିତ। ଏହି ନିବେଶ ସମଲେଶ୍ୱରୀ ଆଞ୍ଚଳିକ ସମବାୟ ଦୁଗ୍ଧ ଉତ୍ପାଦକ ସଂଘ(ସାମୁଲ୍)କୁ ଅଧିକ ଉତ୍ସାହିତ କରିବ। ଏହାସହ ଗୋପାଳକଙ୍କ ସମୃଦ୍ଧି ଓ ପ୍ରଗତିରେ ସହାୟକ ହେବ। ସେହିଭଳି ଆସନ୍ତା ନଭେମ୍ବର ୪ ଓ ୫ରେ ପଶ୍ଚିମ ଓଡ଼ିଶା ଗୋପାଳନ ସମ୍ମିଳନୀର ଆୟୋଜନ କରାଯିବା ନେଇ ଆଲୋଚନା କରାଯାଇଛି। ଦୁଗ୍ଧ ଶୀତଳଭଣ୍ଡାର, ମିଲ୍କ ଟ୍ୟାଙ୍କର, ଆଲୁମିନିୟମ ମିଲ୍କ କ୍ୟାନ୍, ଦୁଗ୍ଧର ମାନ ପରିଖିବା ପାଇଁ ଯନ୍ତ୍ର ଆଦି ଚାଷୀଙ୍କୁ ଯୋଗାଇ ଦିଆଯିବ। ଏହାର ସୁପରିଚାଳନା ନିମନ୍ତେ ୩୦ ଦୁଗ୍ଧ ସମବାୟ ସମିତି ଗଠନ କରାଯିବ। ପ୍ରାୟ ୧,୫୦୦ ଦୁଗ୍ଧଚାଷୀଙ୍କ ପଞ୍ଜୀକରଣ କରାଯିବା ସହ ସେମାନଙ୍କଠାରୁ ଦୁଗ୍ଧ ସଂଗ୍ରହକରି ବିତରଣକୁ ମଧ୍ୟ ସୁନିଶ୍ଚିତ କରାଯିବ। ଏହି ଯୋଜନା ବଲାଙ୍ଗୀର, ବୌଦ୍ଧ, କଳାହାଣ୍ଡିରେ ମଧ୍ୟ କାର୍ଯ୍ୟକାରୀ କରାଯାଉଛି।

# ଗୋଟିଏ ଟ୍ରାକ୍‌ରେ ୨ ଟ୍ରେନ୍

**ରେଲୱେ କହିଲା ଏହା ଅଟୋ ସିଗ୍‌ନାଲିଂ ବ୍ୟବସ୍ଥା**



କଟକ,୫।୯ (କାର୍ତ୍ତିକ ସାହୁ)

ଗୋଟିଏ ଟ୍ରାକ୍‌ରେ ଟ୍ରେନ୍ ଅଟକି ଥିବାବେଳେ ତା’ ପଛକୁ ଆସିଯାଇଥିଲା ଆଉ ଗୋଟିଏ ଟ୍ରେନ୍। ଟ୍ରେନ୍‌ର ଗତି ଧୀର ଥିବାବେଳେ ତାହା ଆଗ ଟ୍ରେନ୍ ପଛକୁ ଆସି ରହିଥିଲା। କେନ୍ଦ୍ରାପଡ଼ା ରୋଡ୍ ଆଉଟ୍ ସେଡ୍ ନିକଟରେ ମଙ୍ଗଳବାର ପୂର୍ବାହ୍ନରେ ଏଭଳି ଦୃଶ୍ୟ ଦେଖିବାକୁ ମିଳିଥିଲା। ବାଲେଶ୍ୱର ଜିଲା ବାହାନଗା ଟ୍ରେନ୍ ଦୁର୍ଘଟଣା କଥା ମନରୁ ନ ଲିଭୁଣୁ ଏଭଳି ଦୃଶ୍ୟ ଯାତ୍ରୀ ଓ ସ୍ଥାନୀୟ ଲୋକଙ୍କ ମନରେ ଭୟ ସଞ୍ଚାର କରିଥିଲା। ଏହାକୁ ଲୋକମାନେ ମୋବାଇଲ୍ କ୍ୟାମେରାରେ କଏଦ କରିବା ସହ ସୋସିଆଲ ମିଡିଆରେ ସେୟାର କରିଥିଲେ। ପୂର୍ବତଟ ରେଳପଥ ପକ୍ଷରୁ ଏହାର ସ୍ପଷ୍ଟିକରଣ ଦିଆଯାଇ ଅଟୋ ସିଗ୍‌ନାଲିଂ ବ୍ୟବସ୍ଥା ବୋଲି କୁହାଯାଇଛି। ଏଥିରେ କୌଣସି ବ୍ୟତିକ୍ରମ ହୋଇନାହିଁ। ତେଣୁ ଲୋକମାନେ ଏଥିରେ ଭୟଭୀତ ହେବାର କୌଣସି କାରଣ ନାହିଁ। ଅତ୍ୟାଧୁନିକ ଜ୍ଞାନକୌଶଳ ଉପଯୋଗର ଫଳସ୍ୱରୂପ ଅଟୋ ସିଗ୍‌ନାଲିଂ ନିୟମାନୁସାରେ ଟ୍ରେନ୍‌ଦ୍ୱୟ ସୁରକ୍ଷିତ ଭାବେ ଯାତାୟାତ କରିଥିବା କୁହାଯାଇଛି।

ସୂଚନା ଅନୁସାରେ, ସମୟ ପାଖାପାଖି ପୂର୍ବାହ୍ନ ୯ଟା। କଟକ ଷ୍ଟେଶନକୁ ପ୍ରବେଶ କରିବା ନିମନ୍ତେ ମହାନଦୀର ଅପର ପାର୍ଶ୍ୱ କେନ୍ଦ୍ରାପଡ଼ା ରୋଡ୍ ଆଉଟ୍ ସେଡ୍ ନିକଟରେ ଏକ ପାସେଞ୍ଜର ଟ୍ରେନ୍ ଅଟକି ଥିଲା। ସେହି ସମୟରେ ଭଦ୍ରକ ପଟୁ ଏକ ମେମୁ ଟ୍ରେନ୍ ଆସିଯାଇଥିଲା। ସମାନ ଟ୍ରାକ୍‌ରେ ଥିଲେ ମଧ୍ୟ ନିରାପଦ ଦୂରତାରେ ଅଟକି ରହିଥିଲା। କଟକ ଷ୍ଟେଶନକୁ ପ୍ରବେଶ କରିବା ନିମନ୍ତେ ସିଗ୍‌ନାଲ ମିଳି ନ ଥିବାରୁ ପୂର୍ବ ଟ୍ରେନ୍‌ଟି ଅଟକି ଥିବା ରେଲୱେ ଖୋର୍ଦ୍ଧାରୋଡ୍ ଡିଭିଜନ୍‌ର ଲୋକସମ୍ପର୍କ ଅଧିକାରୀ ଲଳିତା ପଣ୍ଡା ସୂଚନା ଦେଇଛନ୍ତି। ସଡ଼କ ପଥରେ ରାସ୍ତା ଜାମ୍ କାରଣରୁ ବସ୍, ଟ୍ରକ୍ ଓ କାର୍ ଆଦି ପଛକୁ ପଛ ଅଟକି ରହିବା ଭଳି ଏଣିକି ସମାନ ଲାଇନ୍‌ରେ ଏକାଧିକ ଟ୍ରେନ୍ ମଧ୍ୟ ଅଟୋ ସିଗ୍‌ନାଲିଂ ନିୟମ ମାନି ଚାଲିବେ ବୋଲି ସେ କହିଛନ୍ତି।

# ପୋଲିସ ସହ ଗୁଳି ବିନିମୟ, ୨ ମାଓବାଦୀ ମୃତ

ମାଲକାନଗିରି,୫।୯(ଦୁର୍ଯ୍ୟୋଧନ ପାତ୍ର)



ଜବତ ମାଓବାଦୀ ସାମଗ୍ରୀ।

ମାଲକାନଗିରି ଜିଲା ସୀମାନ୍ତ ଛତିଶଗଡ଼ ସୁକ୍‌ମା ଜିଲାରେ ମଙ୍ଗଳବାର ପୋଲିସ-ମାଓବାଦୀଙ୍କ ମଧ୍ୟରେ ଗୁଳି ବିନିମୟ ଘଟି ୨ ମାଓବାଦୀ ନିହତ ହେବା ସହ ବିପୁଳ ପରିମାଣର ସାମଗ୍ରୀ ଜବତ ହୋଇଛି। ମୃତକ ଦ୍ୱୟ ହେଲେ ଜଗରଗୁଣ୍ଡା ଏରିଆ କମିଟି ଅନ୍ତର୍ଗତ ମାଓ ମିଲିସିଆ କ୍ୟାଡର ତାଡମେଟଲା ନିବାସୀ ସୋଡି ଦେବା ଓ ରବା ଦେବା।

ମାଲକାନଗିରି ଜିଲାକୁ ଲାଗିଥିବା ଛତିଶଗଡ଼ ସୁକ୍‌ମା ଜିଲା ଚିନ୍ତାଗୁଫା ଥାନା ଅନ୍ତର୍ଗତ ତାଡ଼ମେଟଲା ଓ ଦୁଲେଡ ଜଙ୍ଗଲରେ ଜଗରଗୁଣ୍ଡା ଏରିଆ କମିଟିର ୧୦ ରୁ ୧୨ ମାଓବାଦୀ ଉପସ୍ଥିତ ଥିବା ସୂଚନା ପାଇ ଡିଆର୍‌ଜି ଓ ସିଆର୍‌ପିଏଫ୍ ଯବାନମାନେ ମିଳିତ ଭାବେ କୋମ୍ବିଂ ଅପରେଶନ କରିଥିଲେ। ଏହି ସମୟରେ ମଙ୍ଗଳବାର ସକାଳ ପ୍ରାୟ ୬ ଟାରେ ପୋଲିସ ଉପରେ ମାଓବାଦୀମାନେ ଗୁଳି ଚାଳନା କରିଥିଲେ। ପାଲଟା ଜବାବରେ ଡିଆର୍‌ଜି ଓ ସିଆର୍‌ପିଏଫ୍ ବାହିନୀ ମଧ୍ୟ ଗୁଳି ଚଳାଇଥିଲେ। ପ୍ରାୟ ୨ ଘଣ୍ଟା ଧରି ଉଭୟ ପକ୍ଷ ଗୁଳି ବିନିମୟ ପରେ ଯବାନମାନଙ୍କ ଆକ୍ରମଣକୁ ସାମ୍ନା କରି ନ ପାରି ଜଙ୍ଗଲ ମଧ୍ୟରେ ମାଓବାଦୀମାନେ ଛତ୍ରଭଙ୍ଗ ଦେଇଥିଲେ। ପରେ ଯବାନମାନେ ସେହି ଅଞ୍ଚଳରେ ତଲାସି କରିବା ସମୟରେ ୨ ଜଣ ମାଓବାଦୀଙ୍କ ମୃତଦେହ ଠାବ କରିଥିଲେ।

ଏହି ଦୁଇଜଣଙ୍କ ଉପରେ ପୂର୍ବରୁ ସରକାରଙ୍କ ପକ୍ଷରୁ ୧ ଲକ୍ଷ ଟଙ୍କା ପୁରସ୍କାର ଘୋଷଣା କରିଥିଲେ। ଏହି ଦୁଇଜଣଙ୍କ ଉପରେ ଚିନ୍ତାଗୁଫା ଥାନାରେ ଜୁନ୍ ୨୮ ଦିନ ହୋଇଥିବା ଶିକ୍ଷକ କବାସୀ ସୁକା ଓ ବର୍ତ୍ତମାନ ତାଡମେଟଲା ପଞ୍ଚାୟତର ନାଏବ ସରପଞ୍ଚ ମାଡବୀ ଗଙ୍ଗାଙ୍କ ହତ୍ୟାରେ ସମ୍ପୃକ୍ତ ଥିବାରୁ ମାମଲା ଦାଏର ହୋଇଥିଲା। ଏଥିସହ ଜଙ୍ଗଲରୁ ଗୋଟିଏ ୧୨ ବୋର୍ ଡବଲ ବାରେଲ ରାଇଫଲ, ଗୋଟିଏ ପିସ୍ତଲ ସହ ଅନ୍ୟାନ୍ୟ ମାଓବାଦୀ ସାମଗ୍ରୀ ଜବତ କରାଯାଇଥିଲା। ଖବର ଲେଖାହେବା ସୁଦ୍ଧା ଉକ୍ତ ଅଞ୍ଚଳରେ ସର୍ଚ୍ଚ ଅପରେଶନ ଜାରି ରହିଥିଲା। ଯବାନମାନେ ଫେରିବା ପରେ ସମ୍ପୂର୍ଣ୍ଣ ଘଟଣା ଜଣାଯିବ ବୋଲି ପୋଲିସ କହିଛି।

# ସିବିଆଇ ଟିମ୍‌ରେ ଓଡ଼ିଆ ପୋଲିସ ଅଧିକାରୀ

**ମଣିପୁର ହିଂସାର ତଦନ୍ତ କରିବେ**

ବାରିପଦା,୫।୯ (ନୀଳାଦ୍ରି ବିହାରୀ ଦଣ୍ଡପାଟ)



ବିଶ୍ୱ ପ୍ରକାଶ ରାଉତ

ମଣିପୁର ହିଂସା ଘଟଣାର ତଦନ୍ତ କରୁଥିବା ସେଣ୍ଟ୍ରାଲ ବ୍ୟୁରୋ ଅଫ୍ ଇନ୍‌ଭେଷ୍ଟିଗେଶନ(ସିବିଆଇ) ଟିମ୍‌ରେ ଜଣେ ଓଡ଼ିଆ ପୋଲିସ ଅଧିକାରୀଙ୍କୁ ସାମିଲ କରାଯାଇଛି। ସେ ହେଲେ ମୟୂରଭଞ୍ଜ ଜିଲା କୁଳିଅଣା ଥାନା ଇନ୍ସପେକ୍ଟର ବିଶ୍ୱ ପ୍ରକାଶ ରାଉତ। ଏ ନେଇ ସିବିଆଇ ପକ୍ଷରୁ ଓଡ଼ିଶା ପୋଲିସ ମୁଖ୍ୟାଳୟକୁ ଅବଗତ କରାଯାଇଛି। ରାଜ୍ୟ ପୋଲିସ ମୁଖ୍ୟାଳୟରୁ ମଧ୍ୟ ଜିଲା ଏସ୍‌ପିଙ୍କୁ ଚିଠି ନଂ.୧୩୮୩/୪।୯।୨୦୨୩ରେ ସୂଚନା ପ୍ରଦାନ କରାଯାଇଛି। ପରବର୍ତ୍ତୀ ଆଦେଶ ପର୍ଯ୍ୟନ୍ତ ଖୁବ୍‌ଶୀଘ୍ର ତାଙ୍କୁ ସ୍ଥାନାନ୍ତର କରିବାକୁ ଚିଠିରେ ଉଲ୍ଲେଖ ରହିଛି ।

ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶକ୍ରମେ ମଣିପୁର ହିଂସା ଘଟଣାରେ ସିବିଆଇକୁ ତଦନ୍ତ ଦାୟିତ୍ୱ ଦିଆଯାଇଛି। ସିବିଆଇ ଟିମ୍‌ରେ ୫୩ଜଣ ଅଧିକାରୀ ରହିଛନ୍ତି। ସେମାନଙ୍କ ମଧ୍ୟରେ ୨୯ଜଣ ମହିଳା ଅଧିକାରୀ ସାମିଲ ରହିଥିବା ବେଳେ ଓଡ଼ିଶା ପୋଲିସର ଜଣେ ମାତ୍ର ଇନ୍ସପେକ୍ଟର ରାଉତଙ୍କୁ ସାମିଲ କରାଯାଇଛି। ଜଣେ କର୍ତ୍ତବ୍ୟନିଷ୍ଠ ପୋଲିସ ଅଧିକାରୀ ଭାବେ ଜଣାଶୁଣା ଇନ୍ସପେକ୍ଟର ରାଉତଙ୍କୁ ସିବିଆଇ ଟିମ୍‌ରେ ସାମିଲ କରାଯାଇଥିବା ଖବର ପ୍ରଚାରିତ ହେବା ପରେ ଜିଲା ପୋଲିସ ମହଲରେ ଖୁସିର ଲହରି ଖେଳିଯାଇଛି। ଯାଜପୁର ଜିଲା ସଦର ଥାନା ବଡ଼ବାଗ ସାହିର ବିଶ୍ୱ ପ୍ରକାଶ ୨୦୧୨ରେ ପୋଲିସରେ ଭର୍ତ୍ତି ହୋଇଥିଲେ। ଟ୍ରେନିଂ ସରିବା ପରେ ପ୍ରଥମେ କନ୍ଧମାଳ ଜିଲା ସଦର ଥାନାରେ ନିଯୁକ୍ତି ମିଳିଥିଲା। ପରେ ଇଓଡବ୍ଲ୍ୟୁ ଓ କ୍ରାଇମ୍ ବ୍ରାଞ୍ଚରେ ଉଲ୍ଲେଖନୀୟ କାର୍ଯ୍ୟକରି ସଫଳତା ହାସଲ କରିଥିଲେ। ତାଙ୍କ ବାପା ଓ ବଡ଼ଭାଇ ଅଗ୍ନିଶମ ବିଭାଗରେ ଚାକିରି କରୁଛନ୍ତି। ୨୦୨୧ରେ ଇନ୍ସପେକ୍ଟର ଭାବେ ପଦୋନ୍ନତି ପାଇ ସେ ବିଭିନ୍ନ ଥାନାରେ ସୁଚାରୁ ରୂପେ କାର୍ଯ୍ୟଭାର ତୁଲାଇ ଆସିଛନ୍ତି। ସେବା ମନୋବୃତ୍ତି ଓ କର୍ତ୍ତବ୍ୟ ପରାୟଣତାରେ ନିଜକୁ ଉତ୍ସର୍ଗୀକୃତ କରିଚାଲିଥିବା ଯୋଗୁ ତାଙ୍କୁ ସିବିଆଇ ଟିମ୍‌ରେ ସାମିଲ କରାଯାଇଥିବା କୁହାଯାଉଛି। ତେବେ ସିବିଆଇ ଟିମ୍‌ରେ ସାମିଲ ପାଇଁ ମନୋନୀତ ହୋଇଥିବାରୁ ସେ ଖୁସି ବ୍ୟକ୍ତ କରିବା ସହ ନିଜର କାର୍ଯ୍ୟଧାରାକୁ ଆହୁରି ତ୍ୱରାନ୍ୱିତ କରିବେ ବୋଲି ଧରିତ୍ରୀକୁ କହିଛନ୍ତି।

# ମା’ଠାରୁ ଅଲଗା ହୋଇଗଲା ହାତୀଛୁଆ



ପିଲାଙ୍କ ସହ ହାତୀଛୁଆ ଖେଳୁଛି।

ପାଟଣା, ୫।୯(ବୀରକିଶୋର ଦାଶ)

**ପିଲାଙ୍କ ସହ ଖେଳିଲା, ଦେଖିବାକୁ ଭିଡ଼**

କେନ୍ଦୁଝର ଜିଲା ପାଟଣା ରେଞ୍ଜ ସାହାରପଡ଼ା ସେକ୍ସନରେ ଥିବା ହାତୀପଲରୁ ଏକ ହାତୀଛୁଆ ମଙ୍ଗଳବାର ଅଲଗା ହୋଇଯାଇଥିଲା। ହାତୀଛୁଆକୁ ଦେଖିବାକୁ ଲୋକଙ୍କ ଭିଡ଼ ଜମିଥିବା ବେଳେ ସେ ମଧ୍ୟ ପିଲାଙ୍କ ସହ ଖେଳୁଥିବା ଭିଡିଓ ଭାଇରାଲ ହେଉଛି। ବନ ବିଭାଗ ପକ୍ଷରୁ ହାତୀଛୁଆକୁ ମା’ସହ ମିଶାଇ ଦିଆଯାଇଥିବା ଜଣାପଡ଼ିଛି।

ସୂଚନା ଅନୁଯାୟୀ, ସାହାରପଡ଼ା ସେକ୍ସନରେ ୨୩ ବିଶିଷ୍ଟ ହାତୀପଲ ରହିଛନ୍ତି। ପଲରେ ୬ ଦନ୍ତା, ୯ ମାଇ ଓ ୮ ହାତୀଛୁଆ ରହିଥିବା ବନ ବିଭାଗ ପକ୍ଷରୁ ସୂଚନା ମିଳିଛି। ମଙ୍ଗଳବାର ପଲରୁ ଗୋଟିଏ ଦନ୍ତାହାତୀ ଗୋଠ ଛାଡ଼ିବା ପରେ ଉକ୍ତ ହାତୀପଲ ମାଛଗଡ଼ ସାଉଥ ବିଟ୍ ଗୋହିରା ଗ୍ରାମ୍ୟ ହୁଡ଼ିରେ ଡେରା ପକାଇଛନ୍ତି। ୧ ବର୍ଷର ହାତୀଛୁଆ ମା’ଠାରୁ ଅଲଗା ହୋଇଯାଇଥିଲା। ହୁଡ଼ିର ପାଦଦେଶ ଗ୍ରାମ୍ୟ ଜଙ୍ଗଲରେ ହାତୀଛୁଆ ଖେଳୁଥିବା ଖବର ପାଇ ଦେଖିବାକୁ ଲୋକଙ୍କ ଭିଡ଼ ଜମିଥିଲା। ହାତୀଛୁଆ ଉପସ୍ଥିତ ପିଲାଙ୍କୁ ଗୋଡ଼ାଇବା ସହ ଖେଳିଥିଲା। ହାତୀ ପାଖକୁ ନ ଯିବା ଏବଂ ତା’ ଦେହରେ ହାତ ନ ମାରିବାକୁ ବନ ବିଭାଗ ପକ୍ଷରୁ ସୂଚନା ଦିଆଯିବା ସହ ସାହାରପଡ଼ା ବନପାଳ ଭୂପତି ସେଠୀ, ଗାର୍ଡ ଦେବଯାନୀ ମହାନ୍ତ, ପାରଷ୍ଟାଫ୍ ଏମ୍‌ଡି ୱାସିମ, ଅଟଳ ସେଠୀ ପ୍ରମୁଖଙ୍କ ଉଦ୍ୟମରେ ହାତୀଛୁଆକୁ ମା’ ପାଖରେ ମିଶାଯାଇଥିଲା। ବନପାଳ ସେଠୀ କହିଛନ୍ତି, ହାତୀଛୁଆକୁ ଗୋହିରା ଜଙ୍ଗଲରେ ତା ମା’ ପାଖରେ ସୁରକ୍ଷିତ ଭାବେ ଛାଡ଼ିଦିଆଯାଇଛି। ତା’ ଦେହରେ କେହି ହାତ ନ ମାରିବାକୁ ସଚେତନ କରାଯାଇଥିଲା।

# ମହିଳାଙ୍କ ସମେତ ୨ ଗିରଫ

**ଯୋଗାଣ ଅଧିକାରୀଙ୍କୁ ମାଡ଼ ଘଟଣା**

ବାସୁଦେବପୁର, ୫।୯ (ନାରାୟଣ ପ୍ରସାଦ ବାରିକ)



କଲମଛାଡ଼ ଆନ୍ଦୋଳନ କରୁଛନ୍ତି ବାସୁଦେବପୁର ବ୍ଲକ କର୍ମଚାରୀ।

- ୭୦ରୁ ଉର୍ଦ୍ଧ୍ୱ ଲୋକଙ୍କ ନାଁରେ ମାମଲା
- ବ୍ଲକ କର୍ମଚାରୀଙ୍କ କଲମଛାଡ଼ ଆନ୍ଦୋଳନ

ଭଦ୍ରକ ଜିଲା ବାସୁଦେବପୁର ବ୍ଲକ ଯୋଗାଣ ଅଧିକାରୀ ଅଜୟ କୁମାର ଦାସଙ୍କୁ ରାସ୍ତାରେ ଚଲାଇ ମାଡ଼ ଘଟଣାରେ ପୋଲିସ ମହିଳାଙ୍କ ସମେତ ୨ଜଣଙ୍କୁ ଗିରଫକରି ମଙ୍ଗଳବାର କୋର୍ଟ ଚାଲାଣ କରିଛି। ସେମାନେ ହେଲେ କରଞ୍ଜଆଡ଼ିଆ ଗ୍ରାମର ଅଜୟ କୁମାର ସେଠୀ(୪୫) ଓ ଉର୍ମିଳା ନାୟକ(୩୫)। ଏଥିସହ ଏହି ଘଟଣାରେ ୭୦ରୁ ଉର୍ଦ୍ଧ୍ୱ ମହିଳା ଓ ପୁରୁଷଙ୍କ ନାଁରେ ମାମଲା ରୁଜୁ କରାଯାଇଛି। ଯୋଗାଣ ଅଧିକାରୀ ଅଜୟ କୁମାର ଦାସଙ୍କ ଅଭିଯୋଗକ୍ରମେ ଥାନାରେ ମାମଲା (ନଂ.୫୦୫/୨୩) ରୁଜୁ ପରେ ଆକ୍ରମଣକାରୀଙ୍କ ମଧ୍ୟରେ ଭୟର ବାତାବରଣ ସୃଷ୍ଟି ହୋଇଛି।

ଅପରପକ୍ଷେ ଯୋଗାଣ ଅଧିକାରୀଙ୍କୁ ଆକ୍ରମଣ ପ୍ରତିବାଦରେ ବ୍ଲକ କର୍ମଚାରୀ ସଂଘ ପକ୍ଷରୁ ମଙ୍ଗଳବାର କଲମଛାଡ଼ ଆନ୍ଦୋଳନ କରାଯାଇଥିଲା। ଆକ୍ରମଣକାରୀଙ୍କୁ ତୁରନ୍ତ ଗିରଫ କରା ନ ଗଲେ ଆନ୍ଦୋଳନକୁ ତୀବ୍ର କରାଯିବ ବୋଲି ସଂଘ ପକ୍ଷରୁ ଚେତାବନୀ ଦିଆଯାଇଛି। ବିଡିଓ ସତ୍ୟଜିତ ରାଉତ, ଭଦ୍ରକ ଏସ୍‌ଡିପିଓ ସୌରଭ ଓତା ଏବଂ ବାସୁଦେବପୁର ଥାନା ଆଇଆଇସି ଲୋପାମୁଦ୍ରା ନାୟକ ବ୍ଲକ କର୍ମଚାରୀଙ୍କୁ ବୁଝାଶୁଝା କରିବା ସହ ଆକ୍ରମଣକାରୀଙ୍କୁ ଗିରଫ କରାଯିବାର ପ୍ରତିଶ୍ରୁତି ଦେବା ପରେ ସାମୟିକ ଭାବେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଛି। ସେହିପରି ବ୍ଲକ ଓ ପୌରପାଳିକାରେ କାର୍ଯ୍ୟରତ ରିଟେଲର ଏକତ୍ର ହୋଇ ଯୋଗାଣ ଅଧିକାରୀଙ୍କୁ ମାଡ଼ ଘଟଣାକୁ ଦୃଢ଼ ବିରୋଧ କରିବା ସହ ଆକ୍ରମଣକାରୀଙ୍କୁ ତୁରନ୍ତ ଗିରଫ ଦାବି କରିଛନ୍ତି। ନଚେତ୍ ରିଟେଲରମାନେ ବଣ୍ଟନ ବ୍ୟବସ୍ଥାକୁ ବନ୍ଦ ରଖିବାକୁ ନିଷ୍ପତ୍ତି ନେବା ସହ ଏ ବାବଦରେ ବିଭାଗୀୟ ଅଧିକାରୀ ଓ ଥାନାଧିକାରୀଙ୍କୁ ଲିଖିତ ଭାବେ ଜଣାଇଛନ୍ତି। ସୂଚନାଯୋଗ୍ୟ, ଗତ ଫେବୃୟାରୀ ଓ ମାର୍ଚ୍ଚ ମାସର ପିଡିଏସ୍ ଚାଉଳ ପାଇ ନ ଥିବାରୁ ଶତାଧିକ ମହିଳା ହିତାଧିକାରୀ ଓ ଅନ୍ୟମାନେ ସୋମବାର ଯୋଗାଣ ଅଧିକାରୀଙ୍କୁ କାର୍ଯ୍ୟାଳୟରୁ ଘୋଷାରି ନେଇ ରାସ୍ତାରେ ଚଲାଇବା ସହ ମାଡ଼ ମାରିଥିଲେ।

# ପାରାଦୀପ ସୁପରିଣ୍ଟେଣ୍ଡିଂ ଇଞ୍ଜିନିୟରଙ୍କୁ ଚାକିରିରୁ ବହିଷ୍କାର

ପାରାଦୀପ,୫।୯(ଶରତ ରାଉତ)

**ଜାତିଗତ ପ୍ରମାଣପତ୍ରରେ ଚଞ୍ଚକତା ଅଭିଯୋଗ**



ପ୍ରମୋଦ କୁମାର ବିନ୍ଧାଣି

ଚାକିରି ସମୟରେ ଜାତିଗତ ପ୍ରମାଣପତ୍ରରେ ଚଞ୍ଚକତା କରିଥିବା ଅଭିଯୋଗରେ ପାରାଦୀପ ବନ୍ଦର ପ୍ରାଧିକରଣ (ପିପିଏ) ସୁପରଣ୍ଟେଣ୍ଡିଂ ଇଞ୍ଜିନିୟର ପ୍ରମୋଦ କୁମାର ବିନ୍ଧାଣିଙ୍କୁ ବରଖାସ୍ତ କରିବା ପାଇଁ ଆର୍‌ଡିସି କଟକ ସୁରେଶ ଚନ୍ଦ୍ର ଦଳାଇ ନିର୍ଦ୍ଦେଶ ଦେଇଛନ୍ତି। ଉକ୍ତ ରିପୋର୍ଟ ପାଇବା ପରେ ମଙ୍ଗଳବାର ପିପିଏ ପକ୍ଷରୁ ବିନ୍ଧାଣିଙ୍କୁ ଚାକିରିରୁ ବହିଷ୍କାର କରାଯାଇଛି।

ଆର୍‌ଡିସି ଦଳାଇ ତାଙ୍କ ୨୭ ପୃଷ୍ଠାର ଚୂଡାନ୍ତ ରିପୋର୍ଟରେ ଦର୍ଶାଇଛନ୍ତି, ବିନ୍ଧାଣିଙ୍କ ଜାତିଗତ ପ୍ରମାଣପତ୍ର ଜାଲ୍ ଥିବା ୨୦୨୧ରେ କନ୍ଧମାଳ ଜିଲାର ବିଶ୍ୱଜିତ୍ ପ୍ରଧାନ ଅଭିଯୋଗ କରିଥିଲେ। ବିନ୍ଧାଣିଙ୍କ ପୈତୃକ ଗ୍ରାମ ମୟୂରଭଞ୍ଜ ଜିଲା ବଡସାହି ଥାନା ଅନ୍ତର୍ଗତ ପୁରୀଖୁଣ୍ଟା ଗାମରେ ହୋଇଥିବାବେଳେ ଜାତି ହେଲା କମାର। ଏହା ଏସ୍‌ଇବିସି/ଓବିସି ବର୍ଗରେ ଯାଉଛି। କିନ୍ତୁ ବିନ୍ଧାଣି ଚଞ୍ଚକତା କରି ଏସ୍‌ଟି (ଅନୁସୂଚିତ ଜନଜାତି)ବର୍ଗର ଦର୍ଶାଇ ଚାକିରି, ପଦୋନ୍ନତି ଏବଂ ଅନ୍ୟ ସମସ୍ତ ସରକାରୀ ସୁବିଧା ନେଇଛନ୍ତି। ଉକ୍ତ ଅଭିଯୋଗ ଆଧାରରେ ସମ୍ପୃକ୍ତ ତହସିଲ, ଅତିରିକ୍ତ ଜିଲାପାଳଙ୍କ ରିପୋର୍ଟ, ହାଇକୋର୍ଟର ରାଜ୍ୟସ୍ତରୀୟ ଏ ଚ୍ ଏ ଲ ଏ ସ ସି (ଷ୍ଟେଟଲେଭଲ ସ୍କୃଟିନ କମିଟି)ମାଧ୍ୟମରେ ତଦନ୍ତ ପାଇଁ ନିର୍ଦ୍ଦେଶ ଦିଆଯାଇଥିଲା। ଏହି କ୍ରମରେ ଗତମାସ ୭ ତାରିଖରେ ଆରଡିସି ଦଳାଇଙ୍କ ଅଧ୍ୟକ୍ଷତାରେ ଚୂଡାନ୍ତ ବୈଠକ ବସିଥିଲା। ଏଥିରେ ମୟୂରଭଞ୍ଜ ଜିଲାର ସମସ୍ତ ତଦନ୍ତକାରୀ ଅଧିକାରୀଙ୍କ ରିପୋର୍ଟ ଦାଖଲ ହୋଇଥିଲା। ଏଥିରେ ବିନ୍ଧାଣିଙ୍କ ଚାକିରି ସମୟରେ ମୟୂରଭଞ୍ଜ ଜିଲା ଉଦଳାର ତତ୍କାଳୀନ ତହସିଲଦାର ଦେଇଥିବା କୋଲ-ଲୋହାରସ ଜାତିର ପ୍ରମାଣପତ୍ରକୁ ବାତିଲ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ବିନ୍ଧାଣୀଙ୍କ ପୂର୍ବପୁରୁଷ ନାମରେ ଥିବା ଜାତିଗତ ରେକର୍ଡକୁ ମଧ୍ୟ ସଂଶୋଧନ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଏହି ଆଧାରରେ ମୟୂରଭଞ୍ଜ ଜିଲାପାଳ, ଜଗତ୍‌ସିଂହପୁର ଜିଲାପାଳ, ଉଭୟ ଜିଲାର ସମାଜ ମଙ୍ଗଳ ଅଧିକାରୀଙ୍କୁ କାର୍ଯ୍ୟାନୁଷ୍ଠାନ ନେବାକୁ ନିର୍ଦ୍ଦେଶ ଦିଆଯାଇଛି। ବିନ୍ଧାଣି ଯେତେ ସରକାରୀ ସୁବିଧା ନେଇଛନ୍ତି ତାକୁ ପ୍ରତ୍ୟାହାର କରିବା ପାଇଁ ପାରାଦୀପ ବନ୍ଦର କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଏହି ରିପୋର୍ଟ ସମ୍ପର୍କରେ ଇଞ୍ଜିନିୟର ବିନ୍ଧାଣିଙ୍କୁ ମୋବାଇଲ୍ ଫୋନ ଯୋଗେ ଯୋଗାଯୋଗ କରାଯାଇଥିଲେ ହେଁ ସେ କଲ୍ ଗ୍ରହଣ କରି ନ ଥିଲେ।

# ଭିମ୍‌ସାରରେ ମୃତଦେହକୁ ଅସମ୍ମାନ

ସମ୍ବଲପୁର,୫।୯(ଶୁଭାଶିଷ ପାଢ଼ୀ)

- ବ୍ୟବଚ୍ଛେଦରେ ହାତୁଡ଼ି, ଛେଣି ବ୍ୟବହାର
- ପଲିଥିନ ଅଭାବ, ବାହାରୁ କିଣୁଛନ୍ତି ପରିବାର



ବୁର୍ଲା ଭିମ୍‌ସାର ବ୍ୟବଚ୍ଛେଦ ଗୃହ।

ସମ୍ବଲପୁରର ବୁର୍ଲା ବୀର ସୁରେନ୍ଦ୍ର ସାଏ ମେଡିକାଲ ସାଇନ୍ସ ଆଣ୍ଡ ରିସର୍ଚ୍ଚ (ଭିମ୍‌ସାର) ସେଣ୍ଟରରେ ଅବ୍ୟବସ୍ଥା କିଛି ନୂଆ କଥା ନୁହେଁ। ବିଭିନ୍ନ ବିଭାଗରେ ସମସ୍ୟା ଲାଗିରହିଥିବା ବେଳେ ବ୍ୟବଚ୍ଛେଦ ଗୃହରେ ମଧ୍ୟ ମୃତଦେହକୁ ଅସମ୍ମାନ କରାଯାଉଛି। ବ୍ୟବଚ୍ଛେଦ ସମୟରେ ମୁଣ୍ଡକୁ ଫଟାଇବା ଓ ଶରୀର କାଟିବାରେ ଅତ୍ୟାଧୁନିକ ସରଞ୍ଜାମ ପରିବର୍ତ୍ତେ ଛେଣି, ହାତୁଡ଼ି ବ୍ୟବହାର କରାଯାଉଛି। ଏହାସହ ବ୍ୟବଚ୍ଛେଦ ପରେ ମୃତ ଶରୀର ନେବା ପାଇଁ ବ୍ୟବହାର ହେଉଥିବା ପଲିଥିନ ଉପଲବ୍ଧ ନାହିଁ। ଫଳରେ ମୃତକ ପରିବାର ମୃତଦେହ ନେବା ପାଇଁ ବାଧହୋଇ ବାହାରୁ ପଲିଥିନ କିଣି ଆଣୁଛନ୍ତି। ପ୍ରାୟ ୩ମାସ ହେବ ପଲିଥିନ ଷ୍ଟକ୍‌ରେ ନାହିଁ। ଏହି ଘଟଣାରୁ ଭିମ୍‌ସାର ପରିଚାଳନା କିଭଳି ହେଉଛି ତାହା ସହଜରେ ଅନୁମେୟ।

ଆତ୍ମୀୟଙ୍କୁ ହରାଇ ପରିବାର, ପରିଜନ ଶୋକରେ ରହିଥାନ୍ତି। ଶୀଘ୍ର ବ୍ୟବଚ୍ଛେଦ କରାଇ କିଭଳି ମୃତଦେହ ଘରକୁ ନେଇ ଅନ୍ତିମ ସଂସ୍କାର କରିବେ ସେହି ଚିନ୍ତାରେ ରହିଥାନ୍ତି। ଏଭଳି ପରିସ୍ଥିତିରେ ସେମାନଙ୍କୁ ବ୍ୟବଚ୍ଛେଦ ପାଇଁ ଆବଶ୍ୟକ ହେଉଥିବା ପଲିଥିନ, ଲୁଣ, ପ୍ଲାଷ୍ଟିକ ଡବା ଆଣିବାକୁ କୁହାଯାଇଥାଏ। ଏସବୁ ସାମଗ୍ରୀ ଆଣିବା ପରେ ମୃତକ ପରିବାର ବ୍ୟବଚ୍ଛେଦ କରାଇ ମୃତଦେହ ନେଇ ଘରକୁ ଯାଆନ୍ତି। ମେଡିକାଲ ହେବାର ୬୩ବର୍ଷ ପରେ ମଧ୍ୟ ବ୍ୟବଚ୍ଛେଦ ଗୃହରେ ଆନୁଷଙ୍ଗିକ ବ୍ୟବସ୍ଥା ହୋଇପାରି ନାହିଁ। ଏବେ ମଧ୍ୟ ଡାକ୍ତରମାନେ ମୃତଦେହରେ ହାତୁଡି ଓ ଛେଣି ବ୍ୟବହାର କରି ବ୍ୟବଚ୍ଛେଦ ରିପୋର୍ଟ ପ୍ରସ୍ତୁତ କରୁଛନ୍ତି। ମୃତ ଶରୀର ମୁଣ୍ଡକୁ ଛେଣି ସାହାଯ୍ୟରେ ଫଟାଇଲେ ପୂର୍ବରୁ ଥିବା କ୍ଷତ ବୃଦ୍ଧି ପାଇ ରିପୋର୍ଟ ତିଆରି କରିବାରେ ବ୍ୟତିକ୍ରମ ଘଟିବା ସମ୍ଭାବନା ରହିଛି। ଗୋଟିଏ ମୃତଦେହ ବ୍ୟବଚ୍ଛେଦ ପାଇଁ ପ୍ରାୟ ୨ ଘଣ୍ଟା ସମୟ ଲାଗିଥାଏ। ୩ରୁ ୪ ଗୋଟି ମୃତଦେହ ବ୍ୟବଚ୍ଛେଦ କରିବାକୁ ଥିଲେ ବହୁ ସମସ୍ୟାର ସମ୍ମୁଖୀନ ହେବାକୁ ପଡୁଛି। ଅନ୍ୟପଟେ ମେଡିକାଲ ଶିକ୍ଷାଦାନରେ ମଧ୍ୟ ବିଶେଷ ସମସ୍ୟା ହେଉଛି। ମେଡିକାଲ କଲେଜ ତୃତୀୟ ଓ ଚତୁର୍ଥ ବର୍ଷର ମୋଟ ୪ ଶହ ଛାତ୍ରୀଛାତ୍ର ବ୍ୟବଚ୍ଛେଦ କରିବା ଓ ଏହାର ରିପୋର୍ଟ ତିଆରି କରିବା ନେଇ ଅଧ୍ୟୟନ କରନ୍ତି। ସେମାନଙ୍କୁ ସିନିୟର ଡାକ୍ତରମାନେ ପାଠ ପଢ଼ାଇବା ସହ ପ୍ରାକ୍ଟିକାଲ ଦେଖାଇଥାନ୍ତି। ହେଲେ ଆବଶ୍ୟକ ସୁବିଧା ନ ଥିବାରୁ ଛାତ୍ରୀଛାତ୍ରମାନଙ୍କୁ ସମସ୍ୟା ହେଉଛି। ଆନୁଷଙ୍ଗିକ ସୁବିଧା ମଧ୍ୟ କରାଯାଉ ନାହିଁ। ପୂରା ବ୍ୟବଚ୍ଛେଦ ଗୃହ ବିପଦସଙ୍କୁଳ ଅବସ୍ଥାରେ ରହିଛି। ଭିମ୍‌ସାରର ଅନ୍ୟ ସ୍ଥାନରେ କୋଟି ଟଙ୍କା ଖର୍ଚ୍ଚ କରାଯାଉଛି। ହେଲେ ବ୍ୟବଚ୍ଛେଦ ଗୃହ ପ୍ରତି ଗୁରୁତ୍ୱ ଦିଆଯାଉ ନାହିଁ। ସୂଚନାଯୋଗ୍ୟ, ଭିମ୍‌ସାରରେ ପ୍ରତିବର୍ଷ ୧୮ ଶହରୁ ୨ ହଜାର ମୃତଦେହ ବ୍ୟବଚ୍ଛେଦ କରାଯାଉଛି। ମାସିକ ହାରାହାରି ୧୫୦ରୁ ଅଧିକ ହେଉଛି। ଏ ସମ୍ପର୍କରେ ଭିମ୍‌ସାର ଅଧୀକ୍ଷକ ଜୟଶ୍ରୀ ଡୋରା କହିଛନ୍ତି, ଏଭଳି ହେବା କଥା ନୁହେଁ। ନିଶ୍ଚିତ ଭାବେ ପଦକ୍ଷେପ ଗ୍ରହଣ କରାଯାଇ ସମାଧାନ କରାଯିବ ବୋଲି ସେ କହିଥିଲେ।

## ସଂକ୍ଷେପରେ

### ‘ଶିକ୍ଷାକୁ ଶକ୍ତି ରୂପେ ବ୍ୟବହାର କରନ୍ତୁ ବିଦ୍ୟାର୍ଥୀ’

#### ପରମାନନ୍ଦ ମହାବିଦ୍ୟାଳୟର ୪୩ତମ ପ୍ରତିଷ୍ଠା ଦିବସ

ବୋଲଗଡ଼,୫।୯(ଦେବବ୍ରତ ହୋତା)

ଖୋର୍ଦ୍ଧା ଜିଲା ବୋଲଗଡ଼ସ୍ଥିତ ପରମାନନ୍ଦ ମହାବିଦ୍ୟାଳୟର ୪୩ତମ ପ୍ରତିଷ୍ଠା ଦିବସ ସମାରୋହ ମଙ୍ଗଳବାର ଗୁରୁଦିବସ ଅବସରରେ କଲେଜ ପରିସରରେ ପାଳିତ ହୋଇଯାଇଛି। ଏଥିରେ ପରିଚାଳନା ପରିଷଦର ସଭାପତି ଡ. ସତ୍ୟ ନାରାୟଣ ରଥ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟ ଅତିଥି ଭାବେ ରାଜ୍ୟସଭା ସଦସ୍ୟ ସସ୍ମିତ ପାତ୍ର ଏବଂ ମୁଖ୍ୟବକ୍ତା ଭାବେ ସ୍ଥାନୀୟ ବିଧାୟକ ରାଜେନ୍ଦ୍ର କୁମାର ସାହୁ ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ବ୍ଲକ ଉପାଧ୍ୟକ୍ଷ ରମେଶ ଚନ୍ଦ୍ର ସାହୁ, ଜିଲା ପରିଷଦ ସଦସ୍ୟା ସୁନନ୍ଦିତା ସାହୁ, ସଦସ୍ୟ ସୁବାଷ ଚନ୍ଦ୍ର ରାୟଗୁରୁ ପ୍ରମୁଖ ମଞ୍ଚାସୀନ ଥିଲେ। ପ୍ରାରମ୍ଭରେ କଲେଜ ପ୍ରତିଷ୍ଠାତା ସ୍ୱର୍ଗତଃ ଭାସ୍କର ମହାପାତ୍ରଙ୍କ ପ୍ରତିମୂର୍ତ୍ତିରେ ଅତିଥିମାନେ ମାଲ୍ୟାର୍ପଣ କରିଥିଲେ। ଅଧ୍ୟାପିକା ଅନୁସୟା ପୃଷ୍ଟିଙ୍କ ବେଦ ଉଚ୍ଚାରଣ ମଧ୍ୟରେ ପ୍ରଭୁ ଜଗନ୍ନାଥ ଏବଂ ଡଃ ସର୍ବପଲ୍ଲୀ ରାଧାକ୍ରିଷ୍ଣନଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା। ଅବିନାଶ ସୁବୁଦ୍ଧିଙ୍କ ନିର୍ଦ୍ଦେଶନାରେ ଛାତ୍ରୀମାନେ ସ୍ୱାଗତ ସଙ୍ଗୀତ ଗାନ କରିଥିବା ବେଳେ ଅଧ୍ୟାପକ କର୍ମୋଦୟ ଛୋଟରାୟ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ଅଧ୍ୟକ୍ଷ ପ୍ରଫେସର ହେମନ୍ତ ମହାପାତ୍ର ବାର୍ଷିକ ବିବରଣୀ ପାଠ କରିଥିଲେ। ଅତିଥି ପାତ୍ର ନିଜ ଅଭିଭାଷଣରେ ବିଦ୍ୟାର୍ଥୀମାନଙ୍କୁ ଲକ୍ଷ୍ୟ କରି କହିଥିଲେ, ଶିକ୍ଷାକୁ ନିଜର ଶକ୍ତି ରୂପେ ବ୍ୟବହାର କରି ଆଗକୁ ବଢ଼ି ଚାଲ। ସଫଳତା ନିଶ୍ଚିତ ପାଇବ। ଏହି ଅବସରରେ ଅଧ୍ୟାପିକା ଗାୟତ୍ରୀ ପଟ୍ଟନାୟକଙ୍କ ସଂଯୋଜନାରେ କଲେଜର ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ଲାଭ କରିଥିବା କୃତି ଛାତ୍ରୀଛାତ୍ରଙ୍କୁ ମାନପତ୍ର ଓ ପୁରସ୍କାର ପ୍ରଦାନ କରାଯାଇଥିଲା। ଏହି କଲେଜରେ ନିରବଚ୍ଛିନ୍ନ ଭାବେ ୨୫ବର୍ଷ ଅଧ୍ୟାପନା କରିଥିବା ଗଣେଶ ପଣ୍ଡା ଏବଂ ରଙ୍କନାଥ ମହାରଣାଙ୍କୁ ସମ୍ମାନିତ କରାଯାଇଥିଲା।

# ନଳବଣ ନିଷିଦ୍ଧାଞ୍ଚଳରୁ ୩ ମତ୍ସ୍ୟଜୀବୀ ଗିରଫ

ବାଲୁଗାଁ, ୫।୯(ସଂଗ୍ରାମ ପାଇକରାୟ)



ଚିଲିକାର ପକ୍ଷୀ ଅଭୟାରଣ୍ୟ ନଳବଣରେ ବିଦେଶାଗତ ପକ୍ଷୀଙ୍କ ସୁରକ୍ଷା ଓ ଚଳପ୍ରଚଳରେ ବାଧା ନ ଉପୁଜିବା ପାଇଁ ବିଭାଗ ପକ୍ଷରୁ ନିଷିଦ୍ଧାଞ୍ଚଳ ଘୋଷଣା କରାଯାଇଛି। ତେବେ ଏହି ନିଷିଦ୍ଧାଞ୍ଚଳରେ କେତେଜଣ ମତ୍ସ୍ୟଜୀବୀ ଲୁକ୍କାୟିତ ଭାବେ ସୋମବାର ବିଳମ୍ବିତ ରାତ୍ରିରେ ମାଛ ମାରୁଥିବା ସୂଚନା ପାଇ ବିଭାଗୀୟ କର୍ମଚାରୀ ୨ଟି ଡଙ୍ଗାରେ ଚଢାଉ କରିଥିଲେ। ସେଠାରୁ ୩ ମତ୍ସ୍ୟଜୀବୀଙ୍କୁ ଗିରଫ କରାଯିବା ସହ ବ୍ୟବହୃତ ଦୁଇଟି ଡଙ୍ଗା ଜବତ କରାଯାଇଛି। ଗିରଫ ମତ୍ସ୍ୟଜୀବୀ ହେଲେ ଖୋର୍ଦ୍ଧା ଜିଲା ଟାଙ୍ଗୀ ଥାନା ଅଧୀନ ମଙ୍ଗଳାଯୋଡ଼ି ଗ୍ରାମର ସନ୍ତୋଷ ବେହେରା, କୃଷ୍ଣଚନ୍ଦ୍ର ବେହେରା ଏବଂ ନାରୁଣୀ ଥାନା ଅନ୍ତର୍ଗତ ସାନନଈରୀ ଗ୍ରାମର ଅମର ବେହେରା। ଏନେଇ ୨୩/୨୩ ଓ ୨୪/୨୩ରେ ଦୁଇଟି ମାମଲା ରୁଜୁ କରାଯାଇ ଅଭିଯୁକ୍ତଙ୍କୁ ମଙ୍ଗଳବାର କୋର୍ଟ ଚାଲାଣ କରାଯାଇଛି। ପ୍ରକାଶ ଥାଉ କି, ଚିଲିକାରେ ଦିନକୁ ଦିନ ମତ୍ସ୍ୟ ଉତ୍ପାଦନ ହ୍ରାସ ପାଉଥିବାବେଳେ ଏହା ଏହା ଉପରେ ନିର୍ଭରଶୀଳ ମତ୍ସ୍ୟଜୀବୀମାନେ ପରିବାର ପ୍ରତିପୋଷଣ କରି ନ ପାରି ଦାଦନ ଖଟିବାକୁ ବାଧ୍ୟ ହେଉଛନ୍ତି। ଏଭଳି ସ୍ଥିତିରେ ବିଶେଷକରି ନଳବଣ ନିଷିଦ୍ଧାଞ୍ଚଳ ପର୍ଯ୍ୟାପ୍ତ ପରିମାଣରେ ମତ୍ସ୍ୟ ସମ୍ପଦ ଥିବାରୁ ବାଧହୋଇ ମତ୍ସ୍ୟଜୀବୀମାନେ ପେଟ ପାଇଁ ଲୁଚିଛପି ମାଛ ମାରୁଥିବାବେଳେ ବିଭାଗୀୟ କର୍ମଚାରୀଙ୍କ ହାତରେ ଧରାପଡ଼ି ଦଣ୍ଡ ଭୋଗୁଛନ୍ତି। ତେଣୁ ମତ୍ସ୍ୟଜୀବୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି।

# ଶିକ୍ଷକ -ଶିକ୍ଷାର୍ଥୀଙ୍କ ମଧ୍ୟରେ ସୁସମନ୍ୱୟ ଦ୍ୱାରା ଶିକ୍ଷାଲାଭ ସାର୍ଥକ ହୁଏ




ବାଲୁଗାଁ,୫।୯(ସଂଗ୍ରାମ ପାଇକରାୟ)

ବାଲୁଗାଁ ମହାବିଦ୍ୟାଳୟରେ ମଙ୍ଗଳବାର ମହାନ ଦାର୍ଶନିକ ଡ. ସର୍ବପଲ୍ଲୀ ରାଧାକ୍ରିଷ୍ଣନଙ୍କ ୧୩୫ତମ ଜନ୍ମ ବାର୍ଷିକୀ ତଥା ଗୁରୁଦିବସ ପାଳିତ ହୋଇଯାଇଛି । ଦର୍ଶନ ବିଭାଗ ମୁଖ୍ୟ ଡ. କୈଳାସ ଚନ୍ଦ୍ର ମହାରଣାଙ୍କ ସଂଯୋଜନାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଡ. ରାଧାକ୍ରିଷ୍ଣନଙ୍କ ଶିକ୍ଷା ଓ ଦର୍ଶନ କ୍ଷେତ୍ରରେ ଗଭୀର ଚିନ୍ତନ ଉପରେ ଉପସ୍ଥିତ ଛାତ୍ରୀଛାତ୍ର ଆଲୋକପାତ କରିଥିଲେ। ଶିକ୍ଷକ ଓ ଶିକ୍ଷାର୍ଥୀଙ୍କ ମଧ୍ୟରେ ଉତ୍ତମ ସମନ୍ୱୟ ରକ୍ଷା କରିପାରିଲେ ଶିକ୍ଷାଲାଭ ସାର୍ଥକ ହୋଇଥାଏ । ଏଥିପାଇଁ ଶିକ୍ଷକମାନେ ପ୍ରେମ, ବୁଝାମଣା, ସହୃଦୟତା, ଗଭୀର ଚିନ୍ତନ ଏବଂ ଚରିତ୍ରବାନ ଗୁଣରେ ପରିପୂର୍ଣ୍ଣ ହେବା ଆବଶ୍ୟକ ବୋଲି ବକ୍ତବ୍ୟ ପ୍ରସଙ୍ଗରେ କହିଥିଲେ। ମହାବିଦ୍ୟାଳୟ ଅଧ୍ୟକ୍ଷା ଡ. କଳ୍ପନା ଦାଶ ଏବଂ ଯୁକ୍ତ ଦୁଇ ଅଧ୍ୟକ୍ଷା ଡ. ଜୟନ୍ତୀ ସାମଲଙ୍କୁ ଦର୍ଶନ ବିଭାଗ ପକ୍ଷରୁ ମାନପତ୍ର ସହ ଉତ୍ତରୀୟ ଓ ପୁସ୍ତକ ଉପହାର ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା । ଉଭୟ ଅଧ୍ୟାପିକା ଉକ୍ତ ମହାବିଦ୍ୟାଳୟରେ ଦୀର୍ଘ ୩୫ବର୍ଷରୁ ଊର୍ଦ୍ଧ୍ୱ ଦିନ ଧରି ଶିକ୍ଷାଦାନର ଅଭିଜ୍ଞତା ବର୍ଣ୍ଣନା କରିବା ସହ ଶିକ୍ଷାର୍ଥୀମାନଙ୍କୁ ଶୃଙ୍ଖଳିତ ଓ ଚରିତ୍ରବାନ ହେବାକୁ ପରାମର୍ଶ ଦେଇଥିଲେ । ଶେଷରେ ଅଧ୍ୟାପିକା ମନସ୍ୱିନୀ ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

# ଗୁରୁଦିବସରେ ସମ୍ବର୍ଦ୍ଧନା, ପୁରସ୍କାର

ବୋଲଗଡ଼,୫।୯(ଦେବବ୍ରତ ହୋତା)



ଅବସରପ୍ରାପ୍ତ କର୍ମଚାରୀ ସଂଘ ପକ୍ଷରୁ ଆୟୋଜିତ ଗୁରୁବେ ନମଃ କାର୍ଯ୍ୟକ୍ରମରେ ସମ୍ବର୍ଦ୍ଧିତ ବ୍ୟକ୍ତିତ୍ୱ।

ବୋଲଗଡ଼ ବ୍ଲକର ବିଭିନ୍ନ ସ୍ଥାନରେ ଗୁରୁଦିବସ ପାଳିତ ହୋଇଯାଇଛି। ସ୍ଥାନୀୟ ଅବସରପ୍ରାପ୍ତ କର୍ମଚାରୀ ସଂଘ ପକ୍ଷରୁ ଏହାର ନିଜସ୍ୱ କାର୍ଯ୍ୟାଳୟ ପରିସରରେ ସଭାପତି ନବକିଶୋର ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଗୁରୁବେ ନମଃ କାର୍ଯ୍ୟକ୍ରମରେ ଡଃ ସ୍ୱର୍ଣ୍ଣଲତା ମହାପାତ୍ର ମୁଖ୍ୟ ଅତିଥି, ଖବରଦାତା ଜୟକୃଷ୍ଣ ହୋତା ବରେଣ୍ୟ ଅତିଥି, ପ୍ରାଧ୍ୟାପକ ସୁଧିନ୍ଦ୍ର କୁମାର ମହାପାତ୍ର ମୁଖ୍ୟ ବକ୍ତା ଏବଂ ସତ୍ୟବାଦୀ ଦାସ ବରେଣ୍ୟ ବକ୍ତା ଭାବେ ମଞ୍ଚାସୀନ ଥିଲେ। ଉତ୍ସବରେ ଗୁରୁ ସର୍ବଶ୍ରୀ ବାସୁଦେବ ବେହେରା, ଗଦାଧର ପରିଡ଼ା, ମଦନମୋହନ ପୃଷ୍ଟି, କୃଷ୍ଣମୋହନ ମହାପାତ୍ର, ଅନୁସୟା ପୃଷ୍ଟି, କୈଳାଶ ଚନ୍ଦ୍ର ବଳୀୟାରସିଂ, କୃଷ୍ଣଚନ୍ଦ୍ର ମହାପାତ୍ର, ଯୋଗୀନାଥ ନାୟକ, ଲକ୍ଷ୍ମଣ ବରାଡ ଏବଂ ଅଜୟ ସୁବୁଦ୍ଧିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

ସେହିପରି ବୋଲଗଡ ବ୍ଲକ ସଦରସ୍ଥିତ ସର୍ବପୁରାତନ ଘରୋଇ ଶିକ୍ଷାନୁଷ୍ଠାନ ବିବେକାନନ୍ଦ ଶିକ୍ଷାକେନ୍ଦ୍ରରେ ଆୟୋଜିତ ଗୁରୁପୂଜନ ଉତ୍ସବ ପ୍ରାରମ୍ଭରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ଗାୟତ୍ରୀ ମନ୍ତ୍ରୋଚ୍ଚାରଣ କରାଯାଇ ଉତ୍ସବ କାର୍ଯ୍ୟକୁ ଆରମ୍ଭ କରାଯାଇଥିଲା। ସଭାରେ ଶିକ୍ଷାନୁଷ୍ଠାନର ସ୍ଥାୟୀ ସଭାପତି ଲଲାଟେନ୍ଦୁ କେଶରୀ ସିଂହ ସଭାପତିତ୍ୱ କରିଥିଲେ। ସମ୍ମାନିତ ଅତିଥି ଭାବେ ଶିକ୍ଷାବିତ୍ ମହେଶ୍ୱର ଦଣ୍ଡ ଏବଂ ପ୍ରଭାକର ସାହୁ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ଶୃଙ୍ଖଳିତ ହେବା ଏବଂ ଗୁରୁଙ୍କୁ ସର୍ବଦା ସମ୍ମାନ ଜଣାଇ ସେମାନଙ୍କ ପଥ ଅନୁସରଣ କଲେ ଜୀବନର ସବୁ ଝଡଝଞ୍ଜା ଦୂର ହୋଇଥାଏ ବୋଲି କହିଥିଲେ। ଉତ୍ସବକୁ ଅନୁଷ୍ଠାନର ଉପସଭାପତି କୈଳାସ ଚନ୍ଦ୍ର ସାହୁ ପରିଚାଳନା କରିଥିଲେ। ପ୍ରଧାନ ଆଚାର୍ଯ୍ୟ ଶ୍ରୀବତ୍ସ ଷଡଙ୍ଗୀ ଧନ୍ୟବାଦ ଦେଇଥିଲେ। ସମ୍ମୁଖସ୍ଥିତ ଚତୁର୍ଭୁଜ ସରକାରୀ ଉଚ୍ଚ ବିଦ୍ୟାଳୟରେ ଚତୁର୍ଭୁଜ ଆୱାର୍ଡ଼ ଫାଉଣ୍ଡେସନ ପକ୍ଷରୁ ସମ୍ବର୍ଦ୍ଧନା ଉତ୍ସବ ପାଳିତ ହୋଇଯାଇଛି। ଶିକ୍ଷୟିତ୍ରୀ ସୌଦାମିନୀ ପରିଡ଼ା ଓ ସସ୍ମିତ କେଦାର କରଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଉକ୍ତ ଉତ୍ସବରେ ପ୍ରଧାନଶିକ୍ଷକ ପ୍ରମୋଦ କୁମାର ସ୍ୱାଇଁ ପୌରୋହିତ୍ୟ କରିଥିଲେ। ମୁଖ୍ୟଅତିଥି ରୂପେ ବୋଲଗଡ଼ ଅବସରପ୍ରାପ୍ତ କର୍ମଚାରୀ ସଂଘର ଉପଦେଷ୍ଟା ଦିବାକର ପରମଗୁରୁ, ଖଙ୍ଗୁରିଆ ପଞ୍ଚାୟତ ସମିତି ସଭ୍ୟା ବିନୋଦିନୀ ଦଣ୍ଡ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଚତୁର୍ଭୁଜ ଆୱାର୍ଡ଼ ଫାଉଣ୍ଡେଶନ୍ ତରଫରୁ ଗତ ମାଟ୍ରିକ୍ ପରୀକ୍ଷାରେ ଚତୁର୍ଭୁଜ ଉଚ୍ଚ ବିଦ୍ୟାଳୟରେ ୧ମ, ୨ୟ ଓ ୩ୟ ସ୍ଥାନ ପ୍ରାପ୍ତ ହୋଇଥିବା ଶିବାନୀ ଜେନା, ସ୍ୱୟଂ ସ୍ୱଜଳ ସାହୁ ଓ ସୁଧାକର ବେହେରାଙ୍କୁ ଯଥାକ୍ରମେ ୨୫୦୦ ଟଙ୍କା, ୨୦୦୦ ଟଙ୍କା ଓ ୧୫୦୦ ଟଙ୍କା ସହ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। ପୂର୍ବରୁ ଅନୁଷ୍ଠିତ ଇଂରାଜୀ, ଗଣିତ ଏବଂ ବିଜ୍ଞାନ ବିଷୟ ଉପରେ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଶିକ୍ଷାଦାନ ପ୍ରତିଯୋଗିତାରେ ୧ମ,୨ୟ ଓ ୩ୟ ସ୍ଥାନ ହାସଲ କରିଥିବା କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ଶିକ୍ଷକ ବିଶ୍ୱଜିତ ସରୋଜ କୁମାର ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

## ବିଜ୍ଞପ୍ତି

No. PP-35

ପ୍ରାପ୍ତେଷୁ,

**ଶ୍ରୀ କେଶବ ଚନ୍ଦ୍ର ମହାରଣା, ବୈଷୟିକ ସହାୟକ,**
ସହାୟକ ନିର୍ଦ୍ଦେଶକ ବୟନଶିଳ୍ପଙ୍କ କାର୍ଯ୍ୟାଳୟ, ଭବାନୀପାଟଣା
ଜିଲ୍ଲା– କଳାହାଣ୍ଡି ।
ସ୍ଥାୟୀ ଠିକଣା: ଗ୍ରାମ– ଗମହାଡିଆ, ପୋଷ୍ଟ– ମଙ୍ଗଳାବାଗ,
ଜିଲ୍ଲା– କଟକ, ପିନ– ୭୫୩୦୦୧

ଏତଦ୍ଵାରା ଜଣାଇ ଦିଆଯାଉଅଛି ଯେ, ଆପଣ ଆସନ୍ତା ତା.୧୧.୦୯.୨୦୨୩ରିଖ ଦିବା ୧୧.୩୦ ସମୟରେ ବୟନଶିଳ୍ପ ଓ ହସ୍ତତନ୍ତ ନିର୍ଦ୍ଦେଶକ, ସତ୍ୟନଗର, ଭୁବନେଶ୍ୱରଙ୍କ ନିକଟରେ ଉପସ୍ଥିତ ହୋଇ ବିଜ୍ଞପ୍ତି ପତ୍ର ନଂ.– ୨୮୭/କନ/ବୟନ ତାରିଖ ୨୬.୦୫.୨୦୨୩ର ପ୍ରାପ୍ତି ସ୍ୱୀକାର କରି ଏହାର ଦସ୍ତଖତ ସହିତ ରସିଦକୁ ଫେରସ୍ତ କରିବେ ଏବଂ ଏହାକୁ ଉପଯୁକ୍ତ ସମୟରେ ପ୍ରାପ୍ତ ସ୍ୱୀକାର ନ କରିବା ସମ୍ବନ୍ଧରେ ନିଜ ପକ୍ଷ ଉପସ୍ଥାପନ କରିବେ ।

ଉପରୋକ୍ତ ନିର୍ବାଚିତ ସମୟାନୁଯାୟୀ ଉପସ୍ଥିତିରେ ବିଫଳ ହେଲେ ଆପଣଙ୍କୁ ପଳାତକ ହିସାବରେ ଧରିନିଆଯିବ ଏବଂ ଆପଣଙ୍କ ବିରୁଦ୍ଧରେ ଗ୍ରହଣ କରାଯାଇଥିବା ବିଭାଗୀୟ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଏକତରଫା ଭାବେ ଫଇସଲା କରାଯିବ ।

**ସ୍ୱା./- ନିର୍ଦ୍ଦେଶକ, ବୟନଶିଳ୍ପ ଓ ହସ୍ତତନ୍ତ, ଓଡ଼ିଶା**
OIPR-31003/11/0006/2324

## ପୋଲିସକୁ ପୁଣି ଆକ୍ରମଣ କଲେ ଅବସରପ୍ରାପ୍ତ ଯବାନ

ବାଙ୍କୀ,୫।୯(ଜ୍ଞାନେନ୍ଦ୍ର ମୋହନ ମିଶ୍ର)

ନ୍ୟାୟ ପାଇଁ ନିବେଦନ କରି ପୋଲିସ ଏବଂ ପ୍ରଶାସନଠାରୁ ବିଫଳ ହେବା ପରେ ଗତ ଶୁକ୍ରବାର ବାଙ୍କୀ ବଜାରରେ ହାତରେ ଖଣ୍ଡା ଏବଂ ହାତୁଡ଼ି ଧରି ଆତଙ୍କ ସୃଷ୍ଟି କରିଥିବା ଅବସରପ୍ରାପ୍ତ ଯବାନ ସରୋଜ ଦାସ ଓରଫ୍ ଟିପୁ ମଙ୍ଗଳବାର ମଧ୍ୟ ପୋଲିସ ଉପରକୁ ଆକ୍ରମଣ କରିଛନ୍ତି। ତାଙ୍କୁ ଧରିବାକୁ ପୋଲିସ ସାଦା ପୋଷାକରେ ଉଦ୍ୟମ କରିବା ବେଳେ ଅଭିଯୁକ୍ତଙ୍କ ଆକ୍ରମଣର ଶିକାର ହୋଇ ଜଣେ ମହିଳା ଏସ୍ଆଇ ଗୁରୁତର ହୋଇଛନ୍ତି। ତାଙ୍କୁ ବାଙ୍କୀ ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ମିଳିଥିବା ସୂଚନା ଅନୁଯାୟୀ, ଡମପଡ଼ା ବ୍ଲକ ଅନ୍ତର୍ଗତ ହରିରାଜପୁର ଗ୍ରାମର ଅବସରପ୍ରାପ୍ତ ଯବାନ ସରୋଜ ଶୁକ୍ରବାର ହାତରେ ଖଣ୍ଡା ଧରି ଆକ୍ରମଣ କରିବା ସହ ପୋଲିସ ଏସ୍ଆଇ ସୁଶାନ୍ତ ଷଡ଼ଙ୍ଗୀଙ୍କୁ ଆକ୍ରମଣ କରିବାକୁ ଗୋଡ଼ାଇଥିଲେ। ଏପରି କି ପରେ ପୋଲିସ ତାଙ୍କୁ ଧରିବାକୁ ଚେଷ୍ଟା କରିବାବେଳେ ସେ କୌଶଳକ୍ରମେ ଖସି ପଳାଇଥିଲେ। ସେବେଠାରୁ ପୋଲିସ ତାଙ୍କୁ ଧରିବା ପାଇଁ ବିଭିନ୍ନ ସ୍ଥାନରେ ଚଢ଼ାଉ କରୁଥିଲା। ଅଭିଯୁକ୍ତ ସରୋଜ ହରିରାଜପୁର ଖେଳପଡିଆରେ ଥିବା ବିଶେଷ ସୂତ୍ରରୁ ଖବର ପାଇ ବାଙ୍କୀ ପୋଲିସ ଉପଖଣ୍ଡ ଅଧିକାରୀ ଜ୍ଞାନରଞ୍ଜନ ମିଶ୍ର ଏବଂ ପୋଲିସ ଫୋର୍ସ ସାଦା ପୋଷାକରେ ସଦଳବଳ ତାଙ୍କୁ ଧରିବା ପାଇଁ ସେଠାରେ ପହଞ୍ଚିଥିଲେ। କିନ୍ତୁ ସେଠାରେ ଉପସ୍ଥିତ ସରୋଜ ଓ ତାଙ୍କର କେତେଜଣ ସମର୍ଥକ ମିଶି ପୋଲିସ ଉପରକୁ ଆକ୍ରମଣ କରିଥିଲେ। ଏହି ସମୟରେ ବାଙ୍କୀ ଥାନା ମହିଳା ପୋଲିସ ଏସ୍ଆଇ ମଧୁସ୍ମିତା ବେହେରା ଅଭିଯୁକ୍ତଙ୍କୁ କାବୁ କରିବାକୁ ଚେଷ୍ଟା କରିବାବେଳେ ତାଙ୍କୁ ସରୋଜ ଆକ୍ରମଣ କରିଥିଲେ। ଫଳରେ ଏସ୍ଆଇ ବେହେରା ଗୁରୁତର ହୋଇଥିଲେ।

**GOVERNMENT OF ODISHA**
**DEPARTMENT OF WATER RESOURCES**
**OFFICE OF THE SUPERINTENDING ENGINEER**
**CHHELIGADA HEADWORKS DIVISION, AT/PO: MAHENDRAGADA, VIA:CHANDRAGIRI, DIST: GAJAPATI, PIN-761017,**
No.A-520: email:eechwd@gmail.com
Letter No.1433 Date:28.08.2023
**1st Corrigendum to e-Procurement Notice No.SE-CHWD-03/2023-24**
1) The estimated cost may be read as Rs.33.71 to 64.97 Lakh.
2) The approx. value (Rs.in lakh) of Bid Identification No. e-CHWD 27/2023-24 may be read as 33.71 in place of 36.71.
3) The EMD required (Rs) may be read 33710.00 in place of 36706.00
4) The other terms & conditions remain on altered.
Sd./- Superintending Engineer
Chheligada Head Works Division,
Mahendragada
OIPR-32109/11/0004/2324

## ବାରିପଦା ପୌରପାଳିକା କାର୍ଯ୍ୟାଳୟ, ବାରିପଦା, ମୟୂରଭଞ୍ଜ

**ବିଜ୍ଞାପନ**

ପତ୍ର ସଂଖ୍ୟା: 4916 ତା04.09.2023ରିଖ

No. C-1328: କଚେରୀ ମାର୍କେଟ କମ୍ପ୍ଲେକ୍ସ ଦୋକାନ ଘର ଆବଣ୍ଟନ ସମ୍ବନ୍ଧରେ ଆବେଦନକାରୀମାନଙ୍କ ଯାଞ୍ଚ କାର୍ଯ୍ୟ ସମାପନ ପରେ ପ୍ରସ୍ତୁତ ଚିଠା ତାଲିକା ବାରିପଦା ପୌରପାଳିକା କାର୍ଯ୍ୟାଳୟ ନୋଟିସ ବୋର୍ଡ଼/ବାରିପଦା ପୌରପାଳିକା ୱେବ୍ **www.baripadamunicipality.in**ରେ ପ୍ରକାଶ କରାଗଲା।

ଏହି ଚିଠା ଉପରେ ଯଦି କାହାର କୌଣସି ଆପତ୍ତି ଅଭିଯୋଗ ଥାଏ, ତାହା ଉକ୍ତ ପ୍ରକାଶନର ୭ (ସାତ) ଦିନ ମଧ୍ୟରେ ପୌର ପରିଷଦ କାର୍ଯ୍ୟାଳୟରେ ଲିଖିତ ଅଭିଯୋଗ ଉପସ୍ଥାପନା କରିପାରିବେ। ଉକ୍ତ ସମୟ ଗତେ କୌଣସି ଅଭିଯୋଗ ଗ୍ରହଣ କରାଯିବ ନାହିଁ।

ଆପତ୍ତି ଅଭିଯୋଗକୁ ତର୍ଜମା କରାଯାଇ ଉପରୋକ୍ତ ସମୟ ସୀମା ପରେ ଚୂଡ଼ାନ୍ତ ଯୋଗ୍ୟ ଆବେଦନକାରୀଙ୍କୁ ଲଟେରୀ ମାଧ୍ୟମରେ ଆବଣ୍ଟନ ପ୍ରକ୍ରିୟା ଆସନ୍ତା ତା୧୩।୦୯।୨୦୨୩ରିଖ ୧୧.୦୦ ଘଟିକା ସମୟରେ କାର୍ଯ୍ୟାଳୟ ପ୍ରାଙ୍ଗଣରେ ସମ୍ପାଦନ କରାଯିବା ପାଇଁ ସ୍ଥିର କରାଗଲା।

ସ୍ୱା./– କାର୍ଯ୍ୟନିର୍ବାହୀ ଅଧିକାରୀ
OIPR-13078/11/0026/2324 ବାରିପଦା ପୌର ପରିଷଦ

GOVERNMENT OF ODISHA No. B-838
**OFFICE OF THE SUPERINTENDING ENGINEER**
**BHANJANAGAR (R&B) DIVISION, BHANJANAGAR**
(Phone/Fax: (06821) 241133 / E-mail: eernbbngr@yahoo.in
Ltr. No. 8844 Dtd.18.08.2023
**INVITATIONS FOR BIDS (IFB)**
**E-Procurement Bid Identification No. S.E.-BNJ-R&B-16/2023-24**

| | | |
|---|---|---|
| 1. | Name of Work | : 9 Nos. Building Works |
| 2. | No. of Works | : 09 Nos. Building Works |
| 3. | No. of Covers | : Double Cover |
| 4. | Estimated Cost | : Rs.86.77 lakhs to Rs.99.98 lakhs |
| 5. | Period of Completion | : Six Calendar Months |
| 6. | Date of time of availability of bid document in the portal | : From 12.00 Noon of dated 07.09.2023 to 5.00 P.M. of dated 21.09.2023 |
| 7. | Last date/time for receipt of bids in the portal | : Upto 5.00 P.M. of dated 21.09.2023 |
| 8. | Date of opening of bid documents | : At 11.00 A.M. of 22.09.2023 |
| 9. | Class of Contractor | : "B" Class Contractor |
| 10. | Name and address of Officer Inviting Bid | : Superintending Engineer, Bhanjanagar (R&B) Division, Bhanjanagar |

Further details can be seen from the e-Procurement portal **www.tendersodisha.gov.in**. The Addendum/Corrigendum if any will be hosted in the website only.
Sd./- Superintending Engineer
OIPR-34015/11/0014/2324 Bhanjanagar (R&B) Division

**INDIRA GANDHI INSTITUTE OF TECHNOLOGY**
**SARANG, DHENKANAL-759146**
**(An Autonomous Institute of Govt. of Odisha)**
NO. IGIT/ACA-EXAM-1139 Date- 05.09.2023
**NOTICE**
**Counselling for M.Sc Applied Physics, Applied Chemistry & Applied Mathematics for 2023-24**
No. KK-205:- Counselling for admission into Two year Regular M.Sc Programmes-2023 will be conducted on 08/09/2023 at IGIT, Sarang as per the Rank list displayed in the website.
Student having valid ranks may come and report to IGIT, Sarang on 08/09/2023 by 11.00 AM positively. For details please refer to Notice No.- IGIT/Aca-Exam-1138, dated-05/09/2023. (www.igitsarang.ac.in)
OIPR-14091/11/0056/2324 Sd./- DIRECTOR

**ODISHA HYDRO POWER CORPORATION LTD.**
OHPC
(A Government of Odisha Undertaking)
OFFICE OF THE SENIOR GENERAL MANAGER (ELECTRICAL)
UPPER KOLAB HYDRO ELECTRIC PROJECT
AT/PO- BARINIPUT, DIST-KORAPUT-764006
PHONE: (06854) 242001 FAX:(06854) 242038
E-mail:sgmelukhep@ohpcltd.com
**TENDER CALL NOTICE NO.OHPC:SGM (EL): UKHEP: No.15/2023-24, Dated 04.09.2023**
**No.CAD-1958:**Sealed tenders in duplicate are invited from the Registered Travel Agencies/ Vehicle Owners for the works mentioned below.

| Sl. No. | Description/Type of Vehicle | Cost of Tender Paper (Non-Refundable) (in Rs.) | EMD (In Rs.) |
|---|---|---|---|
| 1 | Hiring of 01 No. Commercial Registered Light Vehicle (Maruti Suzuki Ertiga/Bolero/ Sumo Gold/TUV 300) for deployment on divisional head duty and as pool vehicle under generation division, UKHEP, Bariniput | Rs.7080/- (Rs.6000/-+ GST @18%) | 01% of Quoted Value |

The Sale of Tender Paper will be from: 11.09.2023 to 11.00 Hrs. of Date 22.09.2023.
The last date & time of receipt of tender: Upto 11.30 Hrs. of Date 22.09.2023
The date and time of opening of tender: 12.00 Hrs. of Date 22.09.2023.
For details of Tender documents, Terms & Conditions and Corrigendum please visit our website www.ohpcltd.com from dtd. 11.09.2023 to 11.00 Hrs. of Date 22.09.2023.
Sd./-C & P Head, Upper Kolab HEP,
OHPC Limited, Bariniput
OIPR-04002/11/0036/2324

**ROURKELA MUNICIPAL CORPORATION**
**Uditnagar, Rourkela, PIN - 769012**
**Mail Id: rourkelamunicipality@gmail.com**
**Telephone: (0661) 2500388**
**Letter No. 10762** **Date: 05.09.2023**
**Expression of Interest (EoI) for Selection of Mission Shakti Groups for O&M of Mission Shakti Cafe under Rourkela Municipal Corporation**
No. C-1314: Rourkela Municipal Corporation invites Expression of Interest (EOI) in the prescribed formats (Annexure - I & II) in sealed cover from the intending Mission Shakti Groups having the credibility and experience for O&M of Mission Shakti Cafe and Overall management of Mission Shakti Cafe including cooking and serving and the entire responsibilities of Mission Shakti Cafe and bring in better accountability towards the public. The applicants should be under Rourkela Municipal Corporation and Steel Township Jurisdiction only.

| | | |
|---|---|---|
| 01 | Available of EOI documents in website | 05.09.2023 |
| 02 | Last date and time of submission of EOI | 22.09.2023(By 1.00 P.M.) |
| 03 | Date and time of Opening of EOI | 26.09.2023 (11.00 A.M.) |
| 04 | For downloading the EOI documents and term and condition of assignment, please visit the Rourkela Municipal Corporation website | www.rmc.nic.in |

The authority reserves right to reject any or all the EOIs without assigning any reason thereof. Any Change/Correction/Corrigendum in respect the above shall be placed in RMC website.
Sd./- Commissioner
Rourkela Municipal Corporation
OIPR-13131/11/0051/2324

**ଓଡ଼ିଶା ସରକାର**
## ହସ୍ତଶିଳ୍ପ ନିର୍ଦ୍ଦେଶାଳୟ, ଓଡ଼ିଶା, ଭୁବନେଶ୍ୱର
### ଜାତୀୟ ସ୍ତରୀୟ ଓ ରାଜ୍ୟ ସ୍ତରୀୟ ହସ୍ତଶିଳ୍ପ ପ୍ରଦର୍ଶନୀ ପାଇଁ ବିଜ୍ଞପ୍ତି

**No. PP-36:-** ଚଳିତ ଆର୍ଥିକବର୍ଷ (୨୦୨୩–୨୪) ପାଇଁ ନିମ୍ନଲିଖିତ ପ୍ରଦର୍ଶନୀରେ ଭାଗ ନେବାକୁ ଇଚ୍ଛୁକ ହସ୍ତଶିଳ୍ପ କାରିଗର / ସମବାୟ ସମିତି / ସ୍ୱୟଂ ସହାୟକ ଗୋଷ୍ଠୀମାନେ ତା୦୫.୧୦.୨୦୨୩ରିଖ ସୁଦ୍ଧା ସମ୍ପୃକ୍ତ ଜିଲ୍ଲାର ହସ୍ତଶିଳ୍ପ କାର୍ଯ୍ୟାଳୟରେ ଆବେଦନ କରିପାରିବେ ।

| କ୍ରମିକ ସଂଖ୍ୟା | ପ୍ରଦର୍ଶନୀ ନାମ | ସ୍ଥାନ | ପ୍ରସ୍ତାବିତ ମାସ |
|---|---|---|---|
| ୧ | ବାର୍ଷିକ ଟେରାକୋଟା ପ୍ରଦର୍ଶନୀ "ମୃତ୍ତିକା" | ପ୍ରଦର୍ଶନୀ ପଡ଼ିଆ, ୟୁନିଟ୍–୩, ଭୁବନେଶ୍ୱର | ନଭେମ୍ବର ୨୦୨୩ |
| ୨ | ତୋଷାଳି ଜାତୀୟ ହସ୍ତଶିଳ୍ପ ମେଳା | ଜନତା ମଇଦାନ, ଭୁବନେଶ୍ୱର | ଡିସେମ୍ବର ୨୦୨୩ |
| ୩ | ରାଜ୍ୟସ୍ତରୀୟ ହସ୍ତଶିଳ୍ପ ପ୍ରଦର୍ଶନୀ | ପ୍ରଦର୍ଶନୀ ପଡ଼ିଆ, ୟୁନିଟ୍–୩, ଭୁବନେଶ୍ୱର | ଫେବୃୟାରୀ ୨୦୨୪ |
| ୪ | ରାଜ୍ୟସ୍ତରୀୟ ଟେରାକୋଟା ପ୍ରଦର୍ଶନୀ | ବାଲିଯାତ୍ରା ପଡ଼ିଆ, କଟକ | ମାର୍ଚ୍ଚ ୨୦୨୪ |

ଆବେଦନକାରୀ ପ୍ରଦର୍ଶନୀର ନାମ, ଠିକଣା, ମୋବାଇଲ ନମ୍ବର, ପିତା / ସ୍ୱାମୀଙ୍କ ନାମ, ହସ୍ତଶିଳ୍ପର ନାମ, ଆନୁମାନିକ ସାମଗ୍ରୀର ପରିମାଣ, କାରିଗର ପରିଚୟ ପତ୍ର, ଆଧାର ନମ୍ବର, ଜାତୀୟ / ରାଜ୍ୟସ୍ତରୀୟ ପୁରସ୍କାର ବିବରଣୀ ଇତ୍ୟାଦି ସାଦା କାଗଜରେ ବା **website- http://crafts.odisha.gov.in**ରୁ ଡାଉନଲୋଡ୍ କରି ଦାଖଲ କରିପାରିବେ । ଉପରୋକ୍ତ ପ୍ରଦର୍ଶନୀ ପାଇଁ ଅଲଗା ଅଲଗା ଫର୍ମରେ ଆବେଦନ କରିବେ । ସମ୍ପୃକ୍ତ ଉପ–ନିର୍ଦ୍ଦେଶକ (ହସ୍ତଶିଳ୍ପ) / ସହକାରୀ ନିର୍ଦ୍ଦେଶକ (ହସ୍ତଶିଳ୍ପ) ଦରଖାସ୍ତଗୁଡ଼ିକୁ ଯାଞ୍ଚ କରି ଯୋଗ୍ୟ ବିବେଚିତ କାରିଗରଙ୍କ ତାଲିକା ହସ୍ତଶିଳ୍ପ ନିର୍ଦ୍ଦେଶାଳୟ, ଓଡ଼ିଶାକୁ ପଠାଇବେ ।

ସ୍ୱା./- ନିର୍ଦ୍ଦେଶିକା
OIPR-31042/11/0012/2324 **ହସ୍ତଶିଳ୍ପ ନିର୍ଦ୍ଦେଶାଳୟ, ଓଡ଼ିଶା**

**ODISHA HYDRO POWER CORPORATION LTD.**
OHPC
O/O. SR. GENERAL MANAGER, HIRAKUD HYDRO ELECTRIC PROJECT
POST BOX NO.5, BURLA-768017, DISTRICT:SAMBALPUR (ODISHA), INDIA, PHONE:0663-2950721(O), 2950765(R)
E-Mail:srgmhps_burla@yahoo.co.in, CIN:U40101OR1995SGC003963
No.HHEP/Tech-W-52/Vol-XI/ 4283 Date:05.09.2023
**TENDER CALL NOTICE NO. HHEP-54.2023**
**No.CAD-1957:**Sealed tenders are invited in two part i.e. (i) Techno-Commercial bid & (ii) price bid from the registered travel agencies/vehicle owners having commercial registration and having valid IT PAN, GST Regd. Certificate and experience of supplying hired vehicles to any Govt. Organization / PSU/ Industrial units in last 03 years.

| Description of type of Vehicle | Estimated Cost in Rs. | Cost of tender paper (non-refundable) in Rs. | EMD in shape of DD/BC (Refundable) in Rs. | Period of Sale/ download of tender document | Last date & time of receipt of tender document | Date & Time of opening of Techno Commercial bid |
|---|---|---|---|---|---|---|
| Deployment of different categories of hire vehicles to HHEP, Burla for a period of two years on 24 hours basis | 1,90,44,508/- | Rs.11,800/- (Rs.10000+ GST @18%) | 190450/- | 07.09.2023 to 21.09.2023 | 22.09.2023 upto 01.00 PM | 22.09.2023 at 04.00 PM |

Further details like tender documents/terms & conditions (corrigendum/errate/addendum, if any) please visit our official website www.ohpcltd.com
OIPR-04007/11/0027/2324 Sd./- Unit Head, HHEP, Burla

**ODISHA HYDRO POWER CORPORATION LTD.**
OHPC
(A Gold Rated State PSU)
O/O. SR. GENERAL MANAGER, RENGALI HYDRO ELECTRIC PROJECT, RENGALI, P.O. RENGALI DAM SITE, DIST: ANGUL (ODISHA), INDIA, PIN:759105, TEL.NO.-06760-266031, Email: sgmel500@gmail.com, CIN:U40101OR1995SGC003963
No.RHEP/C & P/PUR-III-208/ 5923 Date:05.09.2023
**NOTICE INVITING TENDER NO.RHEP-25/2023-24**
**No.CAD-1953:**Sealed tenders are invited in two part i.e. (i) Techno Commercial Bid and (ii) Price bid in separate sealed envelopes from reputed firm/Agency/Contractor.

| Sl. No. | Description of Services | Cost of Tender Paper (Non-refundable) in Rs. | EMD in shape of DD/BC only (refundable) in Rs. | Period of availability of tender at OHPC website | Last date & Time of receipt of tender | Date & Time of Opening of Techno -Commercial bid |
|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 |
| 1 | Replacement of Old Air Brake Line of Power House, RHEP, Rengali | Rs.2,360/- (Rs.2,000/-+ GST @ 18%) | 2,100/- | From dtd.12.09.2023 to dtd.25.09.2023 upto 03.30 PM | Dtd.25.09.2023 upto 04.00 PM | Dt.25.09.2023 at 04.30 PM |

For details and further correspondence/ corrigendum, please visit our website **www.ohpcltd.com.**
OIPR-04022/11/0028/2324 Sd./- C&P Head, RHEP, Rengali

See Career Appointment on every Wednesday & Saturday

# ନୂଆ କାଉଣ୍ଟର ଖୋଲୁନି, ଟିକେଟ ପାଇଁ ଲମ୍ବା ଲାଇନ

ଭୁବନେଶ୍ୱର,୫।୯(ଅଭିଜିତ ଦାସ)

ରାଜ୍ୟର ଅନ୍ୟତମ ପ୍ରମୁଖ ଚିକିତ୍ସାଳୟ କ୍ୟାପିଟାଲ ହସ୍ପିଟାଲରେ ଉନ୍ନତମାନର ଚିକିତ୍ସା ଯୋଗାଇ ଦେବା ପାଇଁ ରାଜ୍ୟ ସରକାର ପ୍ରୟାସ ଜାରି ରଖିଛନ୍ତି। ଇତିମଧ୍ୟରେ ମେଡିକାଲ କଲେଜ ଖୋଲାଯିବା ସହ ହସ୍ପିଟାଲର ରୂପରେଖ ବଦଳୁଛି। ହେଲେ ହସ୍ପିଟାଲର ଟିକେଟ କାଉଣ୍ଟରରେ ରୋଗୀଙ୍କ ଲମ୍ବା ଲାଇନ ଲାଗୁଥିବାବେଳେ ନୂତନ ଟିକେଟ କାଉଣ୍ଟର ଶୁଭାରମ୍ଭରେ ବିଳମ୍ବ ଘଟିବା ସମସ୍ତଙ୍କୁ ଚକିତ କରିଛି।

କ୍ୟାପିଟାଲ ହସ୍ପିଟାଲକୁ ଦୈନିକ ୫ହଜାରରୁ ଉର୍ଦ୍ଧ୍ୱ ରୋଗୀ ଆସୁଛନ୍ତି। ଏହାସହିତ ବିଭିନ୍ନ ବିଭାଗରେ ସୁପର ସ୍ପେଶିଆଲିଟିରେ ସ୍ୱତନ୍ତ୍ର ଚିକିତ୍ସା ସେବା ଦିଆଯାଉଛି। କିନ୍ତୁ ଚିକିତ୍ସା ପୂର୍ବରୁ ହସ୍ପିଟାଲର ଟିକେଟ କାଉଣ୍ଟରରେ ଲମ୍ବା ଲାଇନରେ ଅପେକ୍ଷା କରିବାକୁ ପଡୁଛି। ଏପରିକି ଔଷଧ ଓ ବିଭିନ୍ନ ପରୀକ୍ଷାନିରୀକ୍ଷା ପାଇଁ ମଧ୍ୟ ସମାନ ପରିସ୍ଥିତି ଉପୁଜୁଛି। ଏଭଳି ସମସ୍ୟା ଦୂର କରିବାକୁ କର୍ତ୍ତୃପକ୍ଷଙ୍କ ଦ୍ୱାରା ଆଉ ୫ଟି ଟିକେଟ କେନ୍ଦ୍ର ଖୋଲିବାକୁ ନିଷ୍ପତ୍ତି ନିଆଯାଇଥିଲା। ହସ୍ପିଟାଲ ପରିସରରେ ଥିବା ଫାଣ୍ଡି ପଛପଟେ



ନବ ନିର୍ମିତ ଟିକେଟ କାଉଣ୍ଟର।


ପୁରୁଣା ଟିକେଟ କାଉଣ୍ଟରରେ ଲୋକଙ୍କ ଭିଡ଼।

## କ୍ୟାପିଟାଲ ହସ୍ପିଟାଲ

ସ୍ଥାନ ଚିହ୍ନଟ କରାଯାଇ ପୂର୍ତ୍ତ ବିଭାଗ ପକ୍ଷରୁ ନୂତନ ଟିକେଟ କାଉଣ୍ଟର ଗୃହ ନିର୍ମାଣ କାର୍ଯ୍ୟ ଶେଷ ହୋଇଥିବାବେଳେ ଏହାର ଉଦ୍‌ଘାଟନ ହୋଇପାରି ନାହିଁ। ଅନ୍ୟପକ୍ଷରେ ଟିକେଟ୍ କାଉଣ୍ଟରରେ କାର୍ଯ୍ୟରତ କର୍ମଚାରୀମାନଙ୍କୁ ଠିକ୍ ସମୟରେ ଦରମା ମିଳୁ ନ ଥିବାରୁ ସେମାନେ ବାରମ୍ବାର ହସ୍ପିଟାଲର କର୍ତ୍ତୃପକ୍ଷଙ୍କୁ ଅବଗତ କରୁଥିଲେ ମଧ୍ୟ କୌଣସି ଫଳ ମିଳୁ ନାହିଁ। ଆଗାମୀ ଦିନରେ କର୍ମଚାରୀମାନେ ଟିକେଟ କାଉଣ୍ଟର ବନ୍ଦ କରିବେ ବୋଲି ଚେତାବନୀ ଦେଇଛନ୍ତି।

ଏନେଇ ହସ୍ପିଟାଲର ଉପ-ଅଧୀକ୍ଷକ ଡ. ଧନଞ୍ଜୟ ଦାସ କହିଛନ୍ତି, ପୂର୍ତ୍ତ ବିଭାଗ ଦ୍ୱାରା ନୂତନ ଟିକେଟ କାଉଣ୍ଟର ନିର୍ମାଣ ପରେ ବିଭାଗକୁ ଅବଗତ କରାଇଛୁ। ଓକାକ୍ ପକ୍ଷରୁ ମାନବସମ୍ବଳ ଯୋଗାଇଦେବା ଲାଗି ପ୍ରତିଶ୍ରୁତି ମିଳିଛି। ଅନ୍ୟପକ୍ଷରେ ପୁରୁଣା ଟିକେଟ କାଉଣ୍ଟରରେ ମାନବସମ୍ବଳ ଅଭାବରୁ ଟିକେଟ କାଉଣ୍ଟରରେ ଲମ୍ବା ଲାଇନ ଲାଗୁଛି। ସେହିପରି ଅଧିକାଂଶ ଲୋକ ଡିଜିଟାଲ ଟିକେଟ୍ ସିଷ୍ଟମ ଜାଣି ନ ଥିବାରୁ ଉକ୍ତ ସ୍ଥାନରେ ହେଲ୍ପସେଣ୍ଟର ମଧ୍ୟ ଖୋଲାଯାଇଛି। ସେହିପରି ଟିକେଟ କାଉଣ୍ଟରରେ କାର୍ଯ୍ୟରତ କର୍ମଚାରୀମାନଙ୍କ ପାଇଁ ମଙ୍ଗଳବାର ହସ୍ପିଟାଲ କର୍ତ୍ତୃପକ୍ଷଙ୍କ ଏକ ବୈଠକ ବସିଥିଲା। ଖୁବ୍‌ଶୀଘ୍ର ଏନେଇ ନିଷ୍ପତ୍ତି ନିଆଯିବ ବୋଲି ଦାସ କହିଛନ୍ତି।

### ଅନ୍‌ଲାଇନ ସିଷ୍ଟମ୍ ଜଣାନାହିଁ



“ଦୀର୍ଘସମୟ ଧରି ହସ୍ପିଟାଲର ଟିକେଟ କାଉଣ୍ଟରରେ ଲମ୍ବା ଲାଇନରେ ଛିଡ଼ା ହେବାକୁ ପଡୁଛି। ବିନା ଟିକେଟ୍‌ରେ ଓପିଡି ମଧ୍ୟକୁ ଯାଇପାରିବୁ ନାହିଁ। ଚିକିତ୍ସା ପାଇଁ ଗୋଟାଏ ଦିନ ପଳାଉଛି। ପୁଣି ଡାକ୍ତର ଦେଖାଇବାପରେ ମେଡିସିନ ନେବା ପାଇଁ ମଧ୍ୟ ଲମ୍ବା ଲାଇନରେ ଛିଡ଼ା ହେବାକୁ ପଡୁଛି। ଅନ୍‌ଲାଇନ ଟିକେଟ ବ୍ୟବସ୍ଥା କଥା କୁହାଯାଉଛି, ହେଲେ ଆମେ ସେ ବିଷୟରେ କିଛି ଜାଣିନାହୁଁ।

– ଶେଷଦେବ ମୌଳିକ, ଝାରପଡ଼ା ବାସିନ୍ଦା

### ଅପେକ୍ଷା କଷ୍ଟ ବଳି ପଡୁଛି



“କ୍ୟାପିଟାଲ ହସ୍ପିଟାଲରେ ଏପରି ଘଟଣା ସବୁବେଳେ ଦେଖିବାକୁ ମିଳେ। ଔଷଧ ନେବା କ୍ଷେତ୍ରରେ ହେଉ କିମ୍ବା ରକ୍ତ ପରୀକ୍ଷାନିରୀକ୍ଷା କ୍ଷେତ୍ରରେ ହେଉ ଅପେକ୍ଷା କରି ଦିନ ପଳାଇଯାଉଛି। ରୋଗୀ କଷ୍ଟ ଠାରୁ ଅପେକ୍ଷା କଷ୍ଟ ବଳିପଡୁଛି।

–ପ୍ରତାପ ପ୍ରଧାନ, ଶହୀନଗର ବାସିନ୍ଦା

# ଶ୍ରୀକୃଷ୍ଣ ଜନ୍ମ ପାଇଁ ଉତ୍ସବମୁଖର ରାଜଧାନୀ

ଭୁବନେଶ୍ୱର,୫।୯(ଶର୍ମିଷ୍ଠା ପାଣିଗ୍ରାହୀ)

ଜନ୍ମ ନେବେ ଶ୍ରୀ କୃଷ୍ଣ। ଭକ୍ତଙ୍କ ଗହଳି ସହ ଭଜନ, କୀର୍ତ୍ତନରେ କମ୍ପି ଉଠିବ ପରିସର। କୃଷ୍ଣ ପ୍ରେମରେ ମଜି ଯିବେ ଭକ୍ତଗଣ। ଏଥିପାଇଁ ପ୍ରସ୍ତୁତ ହୋଇଯାଇଛି ମନ୍ଦିର। ବିଭିନ୍ନ କାର୍ଯ୍ୟକ୍ରମ ସହ ଭକ୍ତିଭାବରେ ସମସ୍ତେ ଏକଜୁଟ ହେବେ। ଭୁବନେଶ୍ୱରରେ ରାମ ମନ୍ଦିର, ଇସ୍କନଠାରେ ଜନ୍ମାଷ୍ଟମୀ ଉତ୍ସବ ପାଳନ ପାଇଁ ବ୍ୟାପକ କାର୍ଯ୍ୟକ୍ରମର ଆୟୋଜନ କରାଯାଇଛି। ରାମ ମନ୍ଦିରରେ ବୁଧବାର ରାତିରେ ଶ୍ରୀକୃଷ୍ଣଙ୍କ ଜନ୍ମ ଉତ୍ସବ ପାଳନ ହେବାକୁ ଥିବାବେଳେ ଗୁରୁବାର ରାତିରେ ଇସ୍କନ ମନ୍ଦିରରେ ପ୍ରଭୁ ଶ୍ରୀକୃଷ୍ଣଙ୍କ ଜନ୍ମୋତ୍ସବ ପାଳନ କରାଯିବ ବୋଲି ସୂଚନା ମିଳିଛି।

### ୩ଦିନ ଉତ୍ସବମୁଖର ହେବ ଇସ୍କନ

କୃଷ୍ଣଙ୍କ ଜନ୍ମ ଉତ୍ସବ ପାଇଁ ବୁଧବାରଠୁ ଉତ୍ସବମୁଖର ହେବ ଇସ୍କନ ବେଢ଼ା। ସକାଳ ୭ଟା ୩୦ରୁ ଦର୍ଶନ ଓ ଗୁରୁ ପୂଜା କରାଯିବ। ୮ଘଟିକାରୁ ୨ଘଟିକା ଓ ଅପରାହ୍ନ ୩ଟାରୁ ରାତି ୧୧ଟା ୩୦ ପର୍ଯ୍ୟନ୍ତ ସାଧାରଣ ଦର୍ଶନ, ଭଜନ, କୀର୍ତ୍ତନରେ କୃଷ୍ଣମୟ ହେବ ପରିସର। ସକାଳ ୯ଟାରୁ ୩ଟା ଓ ୪ଟାରୁ ସନ୍ଧ୍ୟା ୬ଟା ଯାଏ ପିଲାଙ୍କୁ ନେଇ ବିଭିନ୍ନ ପ୍ରତିଯୋଗିତା କରାଯିବ। ସନ୍ଧ୍ୟା ୬ଟା ୩୦ରେ ଆଳତି ହେବ। ସେହିପରି ଗୁରୁବାର ସକାଳୁ ସନ୍ଧ୍ୟା ପର୍ଯ୍ୟନ୍ତ ନୀତି କରାଯିବ। ରାତି ୧୨ରେ ଜନ୍ମ ନେବେ ଶ୍ରୀ କୃଷ୍ଣ। କୃଷ୍ଣଙ୍କ ମହାଭିଷେକ କରାଯାଇ ରାତି ୧ଟାରେ ମହାଆଳତି କରାଯିବ। ଶୁକ୍ରବାର ସକାଳ ୮ଟା ୩୦ରେ ପ୍ରଭୁପାଦଙ୍କ ଜୀବନୀ ଓ ଇସ୍କନ ଉପରେ ଏକ ଭିଡିଓ ପ୍ରଦର୍ଶିତ ହେବ। ସନ୍ଧ୍ୟା ୭ଟା ୩୦ରେ ସାଂସ୍କୃତିକ ସନ୍ଧ୍ୟା ଆୟୋଜିତ ହେବ ବୋଲି ଇସ୍କନ ପକ୍ଷରୁ ସୂଚନା ମିଳିଛି।

### ରାମ ମନ୍ଦିରରେ ଜନ୍ମନେବେ ନନ୍ଦଲାଲା

ରାମ ମନ୍ଦିରରେ ଏଥର ନନ୍ଦ ଉତ୍ସବ ପାଇଁ ପ୍ରସ୍ତୁତି ବେଶ୍ ସୁନ୍ଦର ହୋଇଛି। ପ୍ରତିବର୍ଷ ପରି ମନ୍ଦିରକୁ ଆକର୍ଷଣୀୟ ଢଙ୍ଗରେ ସୁସଜ୍ଜିତ କରାଯାଇଛି। ମଙ୍ଗଳ ଆଳତି ପରେ ଶୃଙ୍ଗାର ବେଶ କରାଯିବ। ବୁଧବାର ରାତି ୧୨ରେ ଜନ୍ମନେବେ ଶ୍ରୀ କୃଷ୍ଣ। ଏହା ପରେ ଆରମ୍ଭ ହେବ ନନ୍ଦ ଉତ୍ସବ। ଭଜନ କୀର୍ତ୍ତନ ସହ ପ୍ରସାଦ ସେବନର ବ୍ୟବସ୍ଥା କରାଯାଇଛି। ଭକ୍ତମାନେ କିଭଳି ଶାନ୍ତିଶୃଙ୍ଖଳାରେ ଦର୍ଶନ କରିବେ ସେ ନେଇ ମନ୍ଦିର ପକ୍ଷରୁ ଆଲୋଚନା ହୋଇଛି।

No. PP-35

**ବିଜ୍ଞପ୍ତି**

ପ୍ରାପ୍ତେଷୁ,

**ଶ୍ରୀ କେଶବ ଚନ୍ଦ୍ର ମହାରଣା, ବୈଷୟିକ ସହାୟକ,**
ସହାୟକ ନିର୍ଦ୍ଦେଶକ ବୟନଶିଳ୍ପଙ୍କ କାର୍ଯ୍ୟାଳୟ, ଭବାନୀପାଟଣା
ଜିଲ୍ଲା- କଳାହାଣ୍ଡି ।
ସ୍ଥାୟୀ ଠିକଣା: ଗ୍ରାମ- ଗମହାଡିଆ, ପୋଷ୍ଟ- ମଙ୍ଗଳାବାଗ,
ଜିଲ୍ଲା- କଟକ, ପିନ- ୭୫୩୦୦୧

ଏତଦ୍ଦ୍ୱାରା ଜଣାଇ ଦିଆଯାଉଅଛି ଯେ, ଆପଣ ଆସନ୍ତା ତା.୧୧.୦୯.୨୦୨୩ରିଖ ଦିବା ୧୧.୩୦ ସମୟରେ ବୟନଶିଳ୍ପ ଓ ହସ୍ତତନ୍ତ ନିର୍ଦ୍ଦେଶକ, ସତ୍ୟନଗର, ଭୁବନେଶ୍ୱରଙ୍କ ନିକଟରେ ଉପସ୍ଥିତ ହୋଇ ବିଜ୍ଞପ୍ତି ପତ୍ର ନଂ.- ୨୮୭/କନ/ବୟନ ତାରିଖ ୨୬.୦୫.୨୦୨୩ର ପ୍ରାପ୍ତ ସ୍ୱୀକାର କରି ଏହାର ଦସ୍ତଖତ ସହିତ ରସିଦକୁ ଫେରସ୍ତ କରିବେ ଏବଂ ଏହାକୁ ଉପଯୁକ୍ତ ସମୟରେ ପ୍ରାପ୍ତ ସ୍ୱୀକାର ନ କରିବା ସମ୍ବନ୍ଧରେ ନିଜ ପକ୍ଷ ଉପସ୍ଥାପନ କରିବେ ।

ଉପରୋକ୍ତ ନିର୍ବାଚିତ ସମୟାନୁଯାୟୀ ଉପସ୍ଥିତିରେ ବିଫଳ ହେଲେ ଆପଣଙ୍କୁ ପଳାତକ ହିସାବରେ ଧରିନିଆଯିବ ଏବଂ ଆପଣଙ୍କ ବିରୁଦ୍ଧରେ ଗ୍ରହଣ କରାଯାଇଥିବା ବିଭାଗୀୟ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଏକତରଫା ଭାବେ ଫଇସଲା କରାଯିବ ।

**ସ୍ୱା./- ନିର୍ଦ୍ଦେଶକ, ବୟନଶିଳ୍ପ ଓ ହସ୍ତତନ୍ତ, ଓଡ଼ିଶା**
OIPR-31003/11/0006/2324

# ପୋଲିସଙ୍କୁ ପୁଣି ଆକ୍ରମଣ କଲେ ଅବସରପ୍ରାପ୍ତ ଯବାନ

## ମହିଳା ଏସ୍‌ଆଇ ଗୁରୁତର

ବାଙ୍କୀ,୫।୯(ଜ୍ଞାନେନ୍ଦ୍ର ମୋହନ ମିଶ୍ର)

ନ୍ୟାୟ ପାଇଁ ନିବେଦନ କରି ପୋଲିସ ଏବଂ ପ୍ରଶାସନଠାରୁ ବିଫଳ ହେବା ପରେ ଗତ ଶୁକ୍ରବାର ବାଙ୍କୀ ବଜାରରେ ହାତରେ ଖଣ୍ଡା ଏବଂ ହାତୁଡ଼ି ଧରି ଆତଙ୍କ ସୃଷ୍ଟି କରିଥିବା ଅବସରପ୍ରାପ୍ତ ଯବାନ ସରୋଜ ଦାସ ଓରଫ୍ ଟିପୁ ମଙ୍ଗଳବାର ମଧ୍ୟ ପୋଲିସ ଉପରକୁ ଆକ୍ରମଣ କରିଛନ୍ତି। ତାଙ୍କୁ ଧରିବାକୁ ପୋଲିସ ସାଦା ପୋଷାକରେ ଉଦ୍ୟମ କରିବା ବେଳେ ଅଭିଯୁକ୍ତଙ୍କ ଆକ୍ରମଣର ଶିକାର ହୋଇ ଜଣେ ମହିଳା ଏସ୍‌ଆଇ ଗୁରୁତର ହୋଇଛନ୍ତି। ତାଙ୍କୁ ବାଙ୍କୀ ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି।

# ଗୁରୁଦିବସକୁ ସ୍ୱାଭିମାନ ଦିବସ ପାଳିଲା

## ୬୬୨ ବର୍ଗ କଲେଜ ସଂଘ

ଭୁବନେଶ୍ୱର,୫।୯ (ଅନୁରାଧା ମହାରଣା)

ବିଭିନ୍ନ ଦାବି ନେଇ ୬୬୨ ବର୍ଗ କଲେଜ (ଯୁକ୍ତ୨ ଓ ଯୁକ୍ତ୩) ସଂଘ ୨୦୫ ଦିନ ଧରି ଆନ୍ଦୋଳନ ଚଳାଇଛି। ମଙ୍ଗଳବାର ଗୁରୁଦିବସକୁ ସେମାନେ ସ୍ୱାଭିମାନ ଦିବସ ଭାବେ ପାଳନ କରିଛନ୍ତି। ଧାରଣାସ୍ଥଳରେ ସର୍ବପଲ୍ଲୀ ରାଧାକ୍ରିଷ୍ଣନଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ ସହ ଦାବି ଉପସ୍ଥାପନ କରିଥିଲେ। ଏତେଦିନ ଧରି ଅହୋରାତ୍ର ଧାରଣାରେ ବସିବା ସତ୍ତ୍ୱେ ସରକାର ଦାବି ପୂରଣ ନ କରିବା ନିନ୍ଦନୀୟ ବୋଲି ସଂଘ ପକ୍ଷରୁ କୁହାଯାଇଛି। ସମାନ କାମକୁ ସମାନ ଦରମା ପ୍ରଦାନ, ଚାକିରୀ ସର୍ତ୍ତାବଳୀ ସହ ପେନ୍‌ସନ୍ ପରିସରଭୁକ୍ତ କରିବା, ୨୦୧୮ ସରକାରୀ ନିର୍ଦ୍ଦେଶନାମାରେ ଉପକୃତ କର୍ମଚାରୀଙ୍କୁ ସପ୍ତମ ବେତନ କମିଶନ ଆଧାରରେ ଦରମା ପ୍ରଦାନ ଓ ବାଦ୍ ପଡ଼ିଥିବା କର୍ମଚାରୀଙ୍କୁ ଅନୁଦାନ ପରିସରଭୁକ୍ତ କରିବାକୁ ଦାବି କରାଯାଇଛି। ସଂଘ ପକ୍ଷରୁ ୫ଥର ପାଇଁ ଏହି ମହାସମାବେଶ କରି ସରକାରଙ୍କ ଦୃଷ୍ଟି ଆକର୍ଷଣ କରିବା ସହ ଜିଲାପାଳଙ୍କ ଅଫିସ ଆଗରେ ପ୍ରତିବାଦ ଓ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରାଯାଇଛି। ଏହି ବର୍ଗର କର୍ମଚାରୀଙ୍କୁ କ୍ୟାଡରଭୁକ୍ତ ନ କରିବାରୁ ଏହି ଶିକ୍ଷାନୁଷ୍ଠାନଗୁଡ଼ିକର ଭବିଷ୍ୟତ ଅନିଶ୍ଚିତତା ଭିତରକୁ ଠେଲି ହୋଇଗଲାଣି। ଆଗାମୀ ଦିନରେ ଆମରଣ ଅନଶନ କରିବାକୁ ବାଧହେବୁ ବୋଲି ସଂଘ ସଭାପତି ଗୋଲକ ନାୟକ କହିଛନ୍ତି।

# ‘ଆଇନଜୀବୀ ସୁରକ୍ଷା ବିଲ୍ କାର୍ଯ୍ୟକାରୀ ହେଉ’

## ଭୁବନେଶ୍ୱର ଓକିଲ ସଂଘର ଦାବି

ଭୁବନେଶ୍ୱର,୫।୯(ସତ୍ୟଜିତ୍ ରାଉତ): ଗାଜିଆବାଦ ତହସିଲ କୋର୍ଟରେ ଆଇନଜୀବୀ ମନୋଜ କୁମାର ଚୌଧୁରୀଙ୍କୁ ଗୁଳି କରି ହତ୍ୟା କରାଯିବା ଘଟଣାକୁ ଭୁବନେଶ୍ୱର ଓକିଲ ସଂଘ ପକ୍ଷରୁ ଦୃଢ଼ ନିନ୍ଦା କରାଯିବା ସହ ଶୋକ ପ୍ରକାଶ କରାଯାଇଛି। କୋର୍ଟ ପରିସରରେ ଏଭଳି ଘଟଣା ଘଟୁଥିବାରୁ ଆଇନଜୀବୀ ସୁରକ୍ଷା ବିଲ୍ କାର୍ଯ୍ୟକାରୀ କରାଯାଉ ବୋଲି ସଂଘ ପକ୍ଷରୁ ମଙ୍ଗଳବାର ଏକ ଜରୁରିକାଳୀନ ବୈଠକରେ ଦାବି ହୋଇଛି। ସଂଘ ପକ୍ଷରୁ କୁହାଯାଇଛି ଯେ, ଗତ ବୁଧବାର ଗାଜିଆବାଦ ତହସିଲ କୋର୍ଟରେ ନିଜ ଚାମ୍ବରରେ ବସିଥିବା ଆଇନଜୀବୀ ମନୋଜଙ୍କୁ ଦୁର୍ବୃତ୍ତମାନେ ଅତି ନିକଟରୁ ଗୁଳି କରି ହତ୍ୟା କରିଥିଲେ। ଏହି ମାମଲାରେ ସମ୍ପୃକ୍ତ ଦୋଷୀଙ୍କୁ କଠୋର ଦଣ୍ଡବିଧାନ ହେଉ। ଏଥିସହ ହାପୁରର ଆଇନଜୀବୀମାନଙ୍କ ଶାନ୍ତିପୂର୍ଣ୍ଣ ଶୋଭାଯାତ୍ରା ଉପରେ ପୋଲିସର ଅମାନୁଷିକ ଆଚରଣକୁ ଦୃଢ଼ ନିନ୍ଦା କରାଯାଇଛି। ଏଥିରେ ଜଡ଼ିତ ପୋଲିସ କର୍ମଚାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି କରାଯାଇଛି। ଦେଶର ବିଭିନ୍ନ କୋର୍ଟ ପରିସରରେ ଏଭଳି ଘଟଣା ନିୟମିତ ଘଟୁଛି, ଯାହା ଆଇନଜୀବୀଙ୍କ କାର୍ଯ୍ୟକୁ ପ୍ରଭାବିତ କରୁଛି। ବିଭିନ୍ନ କୋର୍ଟ ପରିସରରେ ସୁରକ୍ଷା ବ୍ୟବସ୍ଥାର ସମୀକ୍ଷା କରାଯିବା ସହ ସୁରକ୍ଷା ବ୍ୟବସ୍ଥା ବଢ଼ାଯାଉ। ତୁରନ୍ତ ପ୍ରସ୍ତାବିତ ଲୟର୍ସ ୱେଲଫେୟାର୍ ଆଣ୍ଡ ପ୍ରୋଟେକ୍ସନ୍ ଆକ୍ଟ ୨୦୨୩ ଓ ଆଡ୍‌ଭୋକେଟ୍ ଆମେଣ୍ଡମେଣ୍ଟ ବିଲ୍ ୨୦୨୩ କାର୍ଯ୍ୟକାରୀ କରିବା ପାଇଁ ଦୃଢ଼ ଦାବି କରାଯାଇଛି। ଓକିଲ ସମାଜ ସୁରକ୍ଷିତ ରହିଲେ ନ୍ୟାୟିକ ବ୍ୟବସ୍ଥା ସୁଦୃଢ଼ ହେବ ବୋଲି ସଂଘ ପକ୍ଷରୁ କୁହାଯାଇଛି। ସଂଘ କାର୍ଯ୍ୟାଳୟରେ ଆୟୋଜିତ ଏହି ସଭାରେ ଓକିଲ ସଂଘର ସଭାପତି ଧନେଶ୍ୱର ମହାନ୍ତି, ଉପସଭାପତି ଅଞ୍ଜନ କୁମାର ସାମନ୍ତରାୟ, ସମ୍ପାଦକ ତାପସ ରଞ୍ଜନ ଦାସ, କୋଷାଧ୍ୟକ୍ଷ ମନେଶ କୁମାର ନାୟକ, ଯୁଗ୍ମ ସମ୍ପାଦକ ସୁକାନ୍ତ କୁମାର ବେହେରା, ସହ ସମ୍ପାଦକ ପୁଳିନ କୁମାର ମାଝୀ ପ୍ରମୁଖ ଉପସ୍ଥିତ ଥିଲେ।

**GOVERNMENT OF ODISHA**
**DEPARTMENT OF WATER RESOURCES**
**OFFICE OF THE SUPERINTENDING ENGINEER**
**CHHELIGADA HEADWORKS DIVISION, AT/PO: MAHENDRAGADA, VIA:CHANDRAGIRI, DIST: GAJAPATI, PIN-761017,**
No.A-520: email:eechwd@gmail.com
Letter No.1433 Date:28.08.2023
**1st Corrigendum to e-Procurement Notice No.SE-CHWD-03/2023-24**
1) The estimated cost may be read as Rs.33.71 to 64.97 Lakh.
2) The approx. value (Rs.in lakh) of Bid Identification No. e-CHWD 27/2023-24 may be read as 33.71 in place of 36.71.
3) The EMD required (Rs) may be read 33710.00 in place of 36706.00
4) The other terms & conditions remain on altered.
Sd./- Superintending Engineer
Chheligada Head Works Division, Mahendragada
OIPR-32109/11/0004/2324

**ବାରିପଦା ପୌରପାଳିକା କାର୍ଯ୍ୟାଳୟ, ବାରିପଦା, ମୟୂରଭଞ୍ଜ**
**ବିଜ୍ଞାପନ**
ପତ୍ର ସଂଖ୍ୟା: 4916 ତା04.09.2023ରିଖ
No. C-1328: କଚେରୀ ମାର୍କେଟ କମ୍ପ୍ଲେକ୍ସ ଦୋକାନ ଘର ଆବଣ୍ଟନ ସମ୍ବନ୍ଧରେ ଆବେଦନକାରୀମାନଙ୍କ ଯାଞ୍ଚ କାର୍ଯ୍ୟ ସମାପନ ପରେ ପ୍ରସ୍ତୁତ ଚିଠା ତାଲିକା ବାରିପଦା ପୌରପାଳିକା କାର୍ଯ୍ୟାଳୟ ନୋଟିସ ବୋର୍ଡ଼/ବାରିପଦା ପୌରପାଳିକା ୱେବ୍ www.baripadamunicipality.inରେ ପ୍ରକାଶ କରାଗଲା।
ଏହି ଚିଠା ଉପରେ ଯଦି କାହାର କୌଣସି ଆପତ୍ତି ଅଭିଯୋଗ ଥାଏ, ତାହା ଉକ୍ତ ପ୍ରକାଶନର ୭ (ସାତ) ଦିନ ମଧ୍ୟରେ ପୌର ପରିଷଦ କାର୍ଯ୍ୟାଳୟରେ ଲିଖିତ ଅଭିଯୋଗ ଉପସ୍ଥାପନା କରିପାରିବେ। ଉକ୍ତ ସମୟ ଗତେ କୌଣସି ଅଭିଯୋଗ ଗ୍ରହଣ କରାଯିବ ନାହିଁ।
ଆପତ୍ତି ଅଭିଯୋଗକୁ ତର୍ଜମା କରାଯାଇ ଉପରୋକ୍ତ ସମୟ ସୀମା ପରେ ଚୂଡ଼ାନ୍ତ ଯୋଗ୍ୟ ଆବେଦନକାରୀଙ୍କୁ ଲଟେରୀ ମାଧ୍ୟମରେ ଆବଣ୍ଟନ ପ୍ରକ୍ରିୟା ଆସନ୍ତା ତା୧୩।୦୯।୨୦୨୩ରିଖ ୧୧.୦୦ ଘଟିକା ସମୟରେ କାର୍ଯ୍ୟାଳୟ ପ୍ରାଙ୍ଗଣରେ ସମ୍ପାଦନ କରାଯିବା ପାଇଁ ସ୍ଥିର କରାଗଲା।
ସ୍ୱା./– କାର୍ଯ୍ୟନିର୍ବାହୀ ଅଧିକାରୀ
OIPR-13078/11/0026/2324 ବାରିପଦା ପୌର ପରିଷଦ

**GOVERNMENT OF ODISHA** No. B-838
**OFFICE OF THE SUPERINTENDING ENGINEER**
**BHANJANAGAR (R&B) DIVISION, BHANJANAGAR**
(Phone/Fax: (06821) 241133 / E-mail: eernbbngr@yahoo.in
Ltr. No. 8844 Dtd.18.08.2023
**INVITATIONS FOR BIDS (IFB)**
**E-Procurement Bid Identification No. S.E.-BNJ-R&B-16/2023-24**

| | | |
|---|---|---|
| 1. | Name of Work | 9 Nos. Building Works |
| 2. | No. of Works | 09 Nos. Building Works |
| 3. | No. of Covers | Double Cover |
| 4. | Estimated Cost | Rs.86.77 lakhs to Rs.99.98 lakhs |
| 5. | Period of Completion | Six Calendar Months |
| 6. | Date of time of availability of bid document in the portal | From 12.00 Noon of dated 07.09.2023 to 5.00 P.M. of dated 21.09.2023 |
| 7. | Last date/time for receipt of bids in the portal | Upto 5.00 P.M. of dated 21.09.2023 |
| 8. | Date of opening of bid documents | At 11.00 A.M. of 22.09.2023 |
| 9. | Class of Contractor | "B" Class Contractor |
| 10. | Name and address of Officer Inviting Bid | Superintending Engineer, Bhanjanagar (R&B) Division, Bhanjanagar |

Further details can be seen from the e-Procurement portal www.tendersodisha.gov.in. The Addendum/Corrigendum if any will be hosted in the website only.
Sd./- Superintending Engineer
OIPR-34015/11/0014/2324 Bhanjanagar (R&B) Division

**INDIRA GANDHI INSTITUTE OF TECHNOLOGY**
**SARANG, DHENKANAL-759146**
**(An Autonomous Institute of Govt. of Odisha)**
NO. IGIT/ACA-EXAM-1139 Date- 05.09.2023
**NOTICE**
**Counselling for M.Sc Applied Physics, Applied Chemistry & Applied Mathematics for 2023-24**
No. KK-205:- Counselling for admission into Two year Regular M.Sc Programmes-2023 will be conducted on 08/09/2023 at IGIT, Sarang as per the Rank list displayed in the website.
Student having valid ranks may come and report to IGIT, Sarang on 08/09/2023 by 11.00 AM positively. For details please refer to Notice No.- IGIT/Aca-Exam-1138, dated-05/09/2023. (www.igitsarang.ac.in)
OIPR-14091/11/0056/2324 Sd./- DIRECTOR

**ODISHA HYDRO POWER CORPORATION LTD.**
(A Government of Odisha Undertaking)
OFFICE OF THE SENIOR GENERAL MANAGER (ELECTRICAL)
UPPER KOLAB HYDRO ELECTRIC PROJECT
AT/PO- BARINIPUT, DIST-KORAPUT-764006
PHONE: (06854) 242001 FAX:(06854) 242038
E-mail:sgmelukhep@ohpcltd.com
**TENDER CALL NOTICE NO.OHPC:SGM (EL): UKHEP: No.15/2023-24, Dated 04.09.2023**
**No.CAD-1958:** Sealed tenders in duplicate are invited from the Registered Travel Agencies/ Vehicle Owners for the works mentioned below.

| Sl. No. | Description/Type of Vehicle | Cost of Tender Paper (Non-Refundable) (in Rs.) | EMD (In Rs.) |
|---|---|---|---|
| 1 | Hiring of 01 No. Commercial Registered Light Vehicle (Maruti Suzuki Ertiga/Bolero/ Sumo Gold/TUV 300) for deployment on divisional head duty and as pool vehicle under generation division, UKHEP, Bariniput | Rs.7080/- (Rs.6000/-+ GST @18%) | 01% of Quoted Value |

The Sale of Tender Paper will be from: 11.09.2023 to 11.00 Hrs. of Date 22.09.2023.
The last date & time of receipt of tender: Upto 11.30 Hrs. of Date 22.09.2023
The date and time of opening of tender: 12.00 Hrs. of Date 22.09.2023.
For details of Tender documents, Terms & Conditions and Corrigendum please visit our website www.ohpcltd.com from dtd. 11.09.2023 to 11.00 Hrs. of Date 22.09.2023.
Sd./-C & P Head, Upper Kolab HEP, OHPC Limited, Bariniput
OIPR-04002/11/0036/2324

**ROURKELA MUNICIPAL CORPORATION**
Uditnagar, Rourkela, PIN - 769012
Mail Id: rourkelamunicipality@gmail.com
Telephone: (0661) 2500388
Letter No. 10762 Date: 05.09.2023
**Expression of Interest (EoI) for Selection of Mission Shakti Groups for O&M of Mission Shakti Cafe under Rourkela Municipal Corporation**
No. C-1314: Rourkela Municipal Corporation invites Expression of Interest (EOI) in the prescribed formats (Annexure - I & II) in sealed cover from the intending Mission Shakti Groups having the credibility and experience for O&M of Mission Shakti Cafe and Overall management of Mission Shakti Cafe including cooking and serving and the entire responsibilities of Mission Shakti Cafe and bring in better accountability towards the public. The applicants should be under Rourkela Municipal Corporation and Steel Township Jurisdiction only.

| | | |
|---|---|---|
| 01 | Available of EOI documents in website | 05.09.2023 |
| 02 | Last date and time of submission of EOI | 22.09.2023(By 1.00 P.M.) |
| 03 | Date and time of Opening of EOI | 26.09.2023 (11.00 A.M.) |
| 04 | For downloading the EOI documents and term and condition of assignment, please visit the Rourkela Municipal Corporation website | www.rmc.nic.in |

The authority reserves right to reject any or all the EOIs without assigning any reason thereof. Any Change/Correction/Corrigendum in respect the above shall be placed in RMC website.
Sd./- Commissioner
Rourkela Municipal Corporation
OIPR-13131/11/0051/2324

**ଓଡ଼ିଶା ସରକାର**
**ହସ୍ତଶିଳ୍ପ ନିର୍ଦ୍ଦେଶାଳୟ, ଓଡ଼ିଶା, ଭୁବନେଶ୍ୱର**
**ଜାତୀୟ ସ୍ତରୀୟ ଓ ରାଜ୍ୟ ସ୍ତରୀୟ ହସ୍ତଶିଳ୍ପ ପ୍ରଦର୍ଶନୀ ପାଇଁ ବିଜ୍ଞପ୍ତି**
**No. PP-36:-** ଚଳିତ ଆର୍ଥିକବର୍ଷ (୨୦୨୩-୨୪) ପାଇଁ ନିମ୍ନଲିଖିତ ପ୍ରଦର୍ଶନୀରେ ଭାଗ ନେବାକୁ ଇଚ୍ଛୁକ ହସ୍ତଶିଳ୍ପ କାରିଗର / ସମବାୟ ସମିତି / ସ୍ୱୟଂ ସହାୟକ ଗୋଷ୍ଠୀମାନେ ତା୦୫.୧୦.୨୦୨୩ରିଖ ସୁଦ୍ଧା ସମ୍ପୃକ୍ତ ଜିଲ୍ଲାର ହସ୍ତଶିଳ୍ପ କାର୍ଯ୍ୟାଳୟରେ ଆବେଦନ କରିପାରିବେ ।

| କ୍ରମିକ ସଂଖ୍ୟା | ପ୍ରଦର୍ଶନୀ ନାମ | ସ୍ଥାନ | ପ୍ରସ୍ତାବିତ ମାସ |
|---|---|---|---|
| ୧ | ବାର୍ଷିକ ଟେରାକୋଟା ପ୍ରଦର୍ଶନୀ “ମୃତ୍ତିକା” | ପ୍ରଦର୍ଶନୀ ପଡ଼ିଆ, ୟୁନିଟ୍-୩, ଭୁବନେଶ୍ୱର | ନଭେମ୍ବର ୨୦୨୩ |
| ୨ | ତୋଷାଳି ଜାତୀୟ ହସ୍ତଶିଳ୍ପ ମେଳା | ଜନତା ମଇଦାନ, ଭୁବନେଶ୍ୱର | ଡିସେମ୍ବର ୨୦୨୩ |
| ୩ | ରାଜ୍ୟସ୍ତରୀୟ ହସ୍ତଶିଳ୍ପ ପ୍ରଦର୍ଶନୀ | ପ୍ରଦର୍ଶନୀ ପଡ଼ିଆ, ୟୁନିଟ୍-୩, ଭୁବନେଶ୍ୱର | ଫେବୃୟାରୀ ୨୦୨୪ |
| ୪ | ରାଜ୍ୟସ୍ତରୀୟ ଟେରାକୋଟା ପ୍ରଦର୍ଶନୀ | ବାଲିଯାତ୍ରା ପଡ଼ିଆ, କଟକ | ମାର୍ଚ୍ଚ ୨୦୨୪ |

ଆବେଦନକାରୀ ପ୍ରଦର୍ଶନୀର ନାମ, ଠିକଣା, ମୋବାଇଲ ନମ୍ବର, ପିତା / ସ୍ୱାମୀଙ୍କ ନାମ, ହସ୍ତଶିଳ୍ପର ନାମ, ଆନୁମାନିକ ସାମଗ୍ରୀର ପରିମାଣ, କାରିଗର ପରିଚୟ ପତ୍ର, ଆଧାର ନମ୍ବର, ଜାତୀୟ / ରାଜ୍ୟସ୍ତରୀୟ ପୁରସ୍କାର ବିବରଣୀ ଇତ୍ୟାଦି ସାଦା କାଗଜରେ ବା website- http://crafts.odisha.gov.inରୁ ଡାଉନଲୋଡ୍ କରି ଦାଖଲ କରିପାରିବେ । ଉପରୋକ୍ତ ପ୍ରଦର୍ଶନୀ ପାଇଁ ଅଲଗା ଅଲଗା ଫର୍ମରେ ଆବେଦନ କରିବେ । ସମ୍ପୃକ୍ତ ଉପ-ନିର୍ଦ୍ଦେଶକ (ହସ୍ତଶିଳ୍ପ) / ସହକାରୀ ନିର୍ଦ୍ଦେଶକ (ହସ୍ତଶିଳ୍ପ) ଦରଖାସ୍ତଗୁଡ଼ିକୁ ଯାଞ୍ଚ କରି ଯୋଗ୍ୟ ବିବେଚିତ କାରିଗରଙ୍କ ତାଲିକା ହସ୍ତଶିଳ୍ପ ନିର୍ଦ୍ଦେଶାଳୟ, ଓଡ଼ିଶାକୁ ପଠାଇବେ ।
ସ୍ୱା./- ନିର୍ଦ୍ଦେଶିକା
OIPR-31042/11/0012/2324 ହସ୍ତଶିଳ୍ପ ନିର୍ଦ୍ଦେଶାଳୟ, ଓଡ଼ିଶା

**ODISHA HYDRO POWER CORPORATION LTD.**
O/O. SR. GENERAL MANAGER, HIRAKUD HYDRO ELECTRIC PROJECT
POST BOX NO.5, BURLA-768017, DISTRICT:SAMBALPUR (ODISHA), INDIA, PHONE:0663-2950721(O), 2950765(R)
E-Mail:srgmhps_burla@yahoo.co.in, CIN:U40101OR1995SGC003963
No.HHEP/Tech-W-52/Vol-XI/ 4283 Date:05.09.2023
**TENDER CALL NOTICE NO. HHEP-54.2023**
**No.CAD-1957:** Sealed tenders are invited in two part i.e. (i) Techno-Commercial bid & (ii) price bid from the registered travel agencies/vehicle owners having commercial registration and having valid IT PAN, GST Regd. Certificate and experience of supplying hired vehicles to any Govt. Organization / PSU/ Industrial units in last 03 years.

| Description of type of Vehicle | Estimated Cost in Rs. | Cost of tender paper (non-refundable) in Rs. | EMD in shape of DD/BC (Refundable) in Rs. | Period of Sale/ download of tender document | Last date & time of receipt of tender document | Date & Time of opening of Techno Commercial bid |
|---|---|---|---|---|---|---|
| Deployment of different categories of hire vehicles to HHEP, Burla for a period of two years on 24 hours basis | 1,90,44,508/- | Rs.11,800/- (Rs.10000+ GST @18%) | 190450/- | 07.09.2023 to 21.09.2023 | 22.09.2023 upto 01.00 PM | 22.09.2023 at 04.00 PM |

Further details like tender documents/terms & conditions (corrigendum/errate/addendum, if any) please visit our official website www.ohpcltd.com
OIPR-04007/11/0027/2324 Sd./- Unit Head, HHEP, Burla

**ODISHA HYDRO POWER CORPORATION LTD.**
(A Gold Rated State PSU)
O/O. SR. GENERAL MANAGER, RENGALI HYDRO ELECTRIC PROJECT, RENGALI, P.O. RENGALI DAM SITE, DIST: ANGUL (ODISHA), INDIA, PIN:759105, TEL.NO.-06760-266031, Email: sgmel500@gmail.com, CIN:U40101OR1995SGC003963
No.RHEP/C & P/PUR-III-208/ 5923 Date:05.09.2023
**NOTICE INVITING TENDER NO.RHEP-25/2023-24**
**No.CAD-1953:** Sealed tenders are invited in two part i.e. (i) Techno Commercial Bid and (ii) Price bid in separate sealed envelopes from reputed firm/Agency/Contractor.

| Sl. No. | Description of Services | Cost of Tender Paper (Non-refundable) in Rs. | EMD in shape of DD/BC only (refundable) in Rs. | Period of availability of tender at OHPC website | Last date & Time of receipt of tender | Date & Time of Opening of Techno -Commercial bid |
|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 |
| 1 | Replacement of Old Air Brake Line of Power House, RHEP, Rengali | Rs.2,360/- (Rs.2,000/-+ GST @ 18%) | 2,100/- | From dtd.12.09.2023 to dtd.25.09.2023 upto 03.30 PM | Dtd.25.09.2023 upto 04.00 PM | Dt.25.09.2023 at 04.30 PM |

For details and further correspondence/ corrigendum, please visit our website www.ohpcltd.com.
OIPR-04022/11/0028/2324 Sd./- C&P Head, RHEP, Rengali

See Career Appointment on every Wednesday & Saturday

## ଜନ୍ମଦିନର ଶୁଭେଚ୍ଛା

ନାମ: ..................................
ବୟସ:..................................
ଜନ୍ମ ତାରିଖ: ..............................


ବୈଷ୍ଣବୀ ଓ ସୋନାଲିକା
ପରିବାରବର୍ଗ


କ୍ରିଷ୍ଣ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ଉତ୍ସବ ପାଳିବାକୁ ଆସି ଫସିଲେ ୭୦ ହଜାର ଲୋକ

**ୱାଶିଂଟନ**

ନିକଟରେ ଏକ ଉତ୍ସବ ପାଳନ କରିବାକୁ ଯାଇ ସେଠାରେ ୭୦ ହଜାରରୁ ଊର୍ଦ୍ଧ୍ୱ ଲୋକ ଫସି ଯାଇଛନ୍ତି। ଆମେରିକାର ନେୱଡା ରାଜ୍ୟରେ ବର୍ନିଂ ମ୍ୟାନ୍ ଉତ୍ସବ ଆୟୋଜିତ ହୋଇଥାଏ। ଉତ୍ସବକୁ ମନାଇବାକୁ ୭୦ ହଜାରରୁ ଅଧିକ ଲୋକ ଏଠାରେ ପହଞ୍ଚିଥିଲେ। ହେଲେ ସେମାନେ ଏବେ ଏଠାରେ ଫସି ଯାଇଛନ୍ତି। ଦକ୍ଷିଣ ନେୱଡାର ଏକ ମରୁଭୂମିରେ ଏହି ଉତ୍ସବ ଆୟୋଜିତ ହୋଇଥିଲା। ହେଲେ ସେଠାରେ ୨-୩ ଘଣ୍ଟା ବର୍ଷା ହେଲା। ଫଳରେ ମରୁଭୂମିର ବାଲି କାଦୁଅରେ ପରିଣତ ହୋଇଯିବାରୁ ଲୋକେ ସେହି କାଦୁଅରେ ଫସି ଯାଇଛନ୍ତି। କେହି ଚାଲିବାକୁ ସକ୍ଷମ ନୁହନ୍ତି। ଉତ୍ସବରେ ସେଲିବ୍ରିଟିଙ୍କଠାରୁ ଆରମ୍ଭ କରି ଅନେକ କୋଟିପତି ମଧ୍ୟ ଯୋଗ ଦେଇଥାନ୍ତି। ଏପରି ହେବା ଯୋଗୁ ଉତ୍ସବକୁ ବନ୍ଦ କରିଦିଆଯାଇଛି। ଏହା ପୂର୍ବରୁ ୨୦୧୮ରେ ହୋଇଥିବା ଏହି ଉତ୍ସବରେ କିଛି ଅଘଟଣ ଘଟିଥିଲା। ଫଳରେ ଲୋକଙ୍କ ଆସିବାକୁ ଅସ୍ଥାୟୀ ଭାବେ ବନ୍ଦ କରିଦିଆଯାଇଛି। ଏହାଛଡ଼ା କରୋନା ମହାମାରୀ ସମୟରେ ମଧ୍ୟ ଏହି ଉତ୍ସବକୁ ୨ ଥର ବନ୍ଦ କରାଯାଇଛି। ଆମେରିକାର ଲ୍ୟାଣ୍ଡ ମେଜରମେଣ୍ଟ ବ୍ୟୁରୋର କହିବା ମୁତାବକ, ଅଧିକ କାଦୁଅ ହୋଇଯିବାରୁ ସେଠାରେ ଗାଡ଼ି ଚାଲିବା କଷ୍ଟକର ହୋଇପଡ଼ିଛି। ଆଗକୁ ଅଧିକ ବର୍ଷା ହେବାର ସମ୍ଭାବନା ରହିଛି। ସେଥିପାଇଁ ଲୋକେ ତାଙ୍କ ପାଖରେ ଖାଦ୍ୟ ଓ ପାଣି ବଞ୍ଚାଇ ରଖିବାକୁ ଅନୁରୋଧ କରାଯାଇଛି। ଏପରି ଅବସ୍ଥା ସତ୍ତ୍ୱେ ଲୋକେ ମଜା କରିବାରେ ଲାଗି ପଡ଼ିଛନ୍ତି। ଏହି ଉତ୍ସବ ନେୱଡା ବ୍ଲାକ ରୋଡ୍ ସହରରେ କରାଯାଏ। ଏହି ମରୁଭୂମି ଦୁନିଆର ସବୁଠୁ ଖରାପ ମରୁଭୂମି ମଧ୍ୟରୁ ଅନ୍ୟତମ। ଏଠାକୁ କେବଳ ଏମର୍ଜେନ୍ସି ସମୟରେ ସେବା ଯୋଗାଇଦେଉଥିବା ଲୋକ ହିଁ ଆସିଥାନ୍ତି। ଏହାଛଡ଼ା ଏହି ମରୁଭୂମିରେ ଅନ୍ୟ ଲୋକଙ୍କ ପ୍ରବେଶ ନିଷେଧ। ଏହି ଉତ୍ସବର ଆରମ୍ଭ ୧୯୯୦ରେ ହୋଇଥିଲା। ସେତେବେଳେ ଉତ୍ସବକୁ କେବଳ ୮୦ ଜଣ ଲୋକ ହିଁ ଆସୁଥିଲେ। ପରେ ୧୯୯୩ରେ ଲୋକଙ୍କ ସଂଖ୍ୟା ବଢି ହଜାରରେ ପରିଣତ ହେଲା। ଉତ୍ସବ ଆମେରିକାର ଛୁଟି ସମୟରେ ଆୟୋଜିତ ହୋଇଥାଏ। ଉତ୍ସବରେ ଲୋକ ମୋବାଇଲ ଓ ସୋସିଆଲ ମିଡିଆଠାରୁ ଦୂରରେ ରହି ପରିବାର ସହ ନାଚ ଗୀତ କରି ଗୋଟେ ସପ୍ତାହ ବିତାଇଥାନ୍ତି। ଲୋକେ ଉତ୍ସବର ଶେଷ ଦିନ ଏଠାରେ ନିଜେ ପ୍ରସ୍ତୁତ କରିଥିବା କଳାକୃତିକୁ ପୋଡିଥାନ୍ତି। ଫଳରେ ନିଜ ଭିତରେ ଥିବା ଅହଂକାରକୁ ଦୂରେଇ ପାରିବେ। ଏଥିପାଇଁ ଉତ୍ସବର ନାମ ଏପରି ରଖାଯାଇଛି।



# ଶୁଟିଂ ବେଳେ ଶୁଣିଥିଲେ ଗାଳି


କ୍ରୀତି ସାନନ୍

**ମୁମ୍ବାଇ:** ବଲିଉଡ୍ ଅଭିନେତ୍ରୀ କ୍ରୀତି ସାନନ୍ ନିକଟରେ ଚଳଚ୍ଚିତ୍ର 'ମିମି' ପାଇଁ ଜାତୀୟ ଚଳଚ୍ଚିତ୍ର ପୁରସ୍କାର ପାଇ ବେଶ୍ ଚର୍ଚ୍ଚାରେ ଅଛନ୍ତି। ନିକଟରେ କ୍ରୀତି ଏକ ସାକ୍ଷାତ୍‌କାରରେ ତାଙ୍କ ପୁରୁଣା ଦିନକୁ ମନେପକାଇଛନ୍ତି। ସେ ମୁମ୍ବାଇରେ ଗ୍ରାଜୁଏଟ ମ୍ୟାନେଜମେଣ୍ଟ ଆଡ୍‌ମିଶନ ଟେଷ୍ଟ ପ୍ରସ୍ତୁତିର କୋଚିଂ ନେଉଥିଲେ। ସେତେବେଳେ ସେ ଏକକାଳୀନ ଚଳଚ୍ଚିତ୍ର ଏବଂ ମଡେଲିଂରେ ପ୍ରବେଶ ପାଇଁ ବି ପ୍ରସ୍ତୁତ ହେଉଥିଲେ। ତାଙ୍କର ପ୍ରଥମ ରାମ୍ପ ଶୋ'ର ଅନୁଭୂତି ବାବଦରେ ସେ କହିଛନ୍ତି। ତାହା ତାଙ୍କ ପାଇଁ ବେଶ୍ କଷ୍ଟଦାୟକ ଥିଲା। ସେ କିଛି ଭୁଲ କରିଥିଲେ। ଏଥିପାଇଁ ଜଣେ ମହିଳା କୋରିଓଗ୍ରାଫର ତାଙ୍କୁ ପ୍ରାୟ ୫୦ଜଣ ମଡେଲଙ୍କ ସାମ୍ନାରେ ତାଙ୍କୁ ଅତି କଠୋର ଭାବରେ ଗାଳି କରିଥିଲେ। ସେ ସେତେବେଳେ ବହୁତ କାନ୍ଦିଥିଲେ। ବହୁତ ମନଦୁଃଖ ବି ହୋଇଥିଲା। ସେ ସବୁକିଛି ଛାଡ଼ି ଘରେ ପହଞ୍ଚି ମା'ଙ୍କୁ ସବୁ କହିଥିଲେ। ହେଲେ ସେ ପରେ ମନକୁ ଦୃଢ଼ କରି ପୁଣି ତାଙ୍କ ଲକ୍ଷ୍ୟସ୍ଥଳକୁ ଫେରିଥିଲେ। ଏହାପରେ ସେ ଆଉ ସେହି କୋରିଓଗ୍ରାଫର ସହ କେବେ କାମ କରିନାହାନ୍ତି ବୋଲି କହିଛନ୍ତି।


## ମନେ ପଡ଼ନ୍ତି

### ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



**ସ୍ୱର୍ଗତ କୈଳାସ କର**
ଆର୍ବିଭାବ : ୨୮/୩/୧୯୫୫
ତିରୋଧାନ : ୨୭.୦୮.୨୦୨୩

ଗତ ୨୭ ତାରିଖ (ରବିବାର)ରେ ଆମ୍ଭମାନଙ୍କୁ ଶୋକ ସାଗରରେ ଭସାଇ ଆପଣ ଏ ଦୁନିଆରୁ ଚିର ବିଦାୟ ନେଇଗଲ। ଆପଣଙ୍କ ଆଶୀର୍ବାଦ ଓ ମାର୍ଗଦର୍ଶନ ଆମକୁ ସତ୍‌ପଥରେ ଯାତ୍ରୀ କରୁ। ଆଜି ଏକାଦଶାହରେ ଉପଲକ୍ଷେ ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା କରୁଛୁ।

ଶୋକସନ୍ତପ୍ତ :
ଅଭିଷେକ କର, ରୁକ୍ମତା କର, ବବି ଶାନ୍ତନୁ
ଡ୍ରା. ଶ୍ୱେତା କର, ଡ୍ରା. ସସ୍ମିତ ଦାସ ଏବଂ ପରିବାରବର୍ଗ

ଧ-୧୨୨୬


# ସବୁଠୁ ମହଙ୍ଗା ଛେନା



**ମାଡ୍ରିଡ୍**

ଦୁନିଆର ବିଭିନ୍ନ ସ୍ଥାନରେ ଭିନ୍ନ ଭିନ୍ନ ପ୍ରକାରର ଛେନା ଉତ୍ପାଦନ ହୋଇଥାଏ। ସେହି ଅନୁସାରେ ତା'ର ମୂଲ୍ୟ ନିର୍ଦ୍ଧାରିତ ହୋଇଥାଏ। ଉତ୍ତର ସ୍ପେନ୍‌ରେ ଏକ ପ୍ରକାରର ନୀଳ ଛେନାର ନିଲାମି ନିକଟରେ ଦୁନିଆର ସବୁଠୁ ମହଙ୍ଗା ଛେନା ହେବାର ରେକର୍ଡ ଭାଙ୍ଗିଛି। ପ୍ରତିବର୍ଷ ଅଗଷ୍ଟରେ ସ୍ପେନ୍‌ର ଲସ୍ ଏରେନାସରେ ଏକ ଉତ୍ସବ ଆୟୋଜନ କରାଯାଏ। ଯେଉଁଠାରେ ଛେନାର ନିଲାମି ହୁଏ। ସେଠାରେ ଲାଗୋର ଦି କଲୋଟୋ ନାମକ ଏକ ରେଷ୍ଟୁରାଣ୍ଟ ୨.୨ କି.ଗ୍ରା. ଓଜନର ଛେନା ୩୦ ହଜାର ୟୁରୋ ଅର୍ଥାତ୍ ୨୭ ଲକ୍ଷ ଟଙ୍କାରେ କିଣିଛି। ଉକ୍ତ ରେଷ୍ଟୁରାଣ୍ଟ କହିଛି, ଏହି କାବ୍ରାଲେସ ଛେନାର ଖାସ୍ କଥା ହେଉଛି, ଏହାକୁ ହାତରେ ପ୍ରସ୍ତୁତ କରାଯାଏ। ତେବେ ୧ କି.ଗ୍ରା. ଛେନାର ଦାମ୍ ୧୩ ଲକ୍ଷ ହେବ। ୪ କି.ଗ୍ରା. ଛେନାର ମୂଲ୍ୟ ୫୨ ଲକ୍ଷ ହେବ। ଗତଥର ଏହି ରେକର୍ଡ ୨୦୧୯ରେ ହୋଇଥିଲା। ସେତେବେଳେ ୨ କି.ଗ୍ରା. ଛେନାର ମୂଲ୍ୟ ୨୦,୫୦୦ ୟୁରୋ ଅର୍ଥାତ୍ ୧୮ ଲକ୍ଷ ୨୫ ହଜାରରେ ନିଲାମ ହୋଇଥିଲା। ଏହି ଛେନା ପ୍ରସ୍ତୁତ ପାଇଁ ଗାଈ ଏବଂ ଛେଳିର କ୍ଷୀରକୁ ଲସ୍ ପିକୋସ ଦି ୟୁରୋପା ପାହାଡ଼ର ଗୁମ୍ଫାରେ କିଛି ମାସ ପାଇଁ ରଖାଯାଏ। ଏହି ଛେନା ଗାଈର କଞ୍ଚା କ୍ଷୀର ନଚେତ୍ ଛେଳିର କ୍ଷୀରରେ ପ୍ରସ୍ତୁତ କରାଯାଏ। ପାହାଡ଼ ଗୁମ୍ଫାରେ ୭ ଡିଗ୍ରୀ ସେଲ୍‌ସିୟସ୍‌ରେ ଏକ ନୀଳ ରଙ୍ଗର ଆବରଣ ସୃଷ୍ଟି ହୁଏ।

# ଅମିଶାଙ୍କ କନ୍ୟାଦାନ କରିବାକୁ ଚାହୁଁଥିଲେ ସଞ୍ଜୟ ଦତ୍ତ



**ମୁମ୍ବାଇ:** 'ଗଦର ୨'ର ଅଭିନେତ୍ରୀ ଅମିଶା ପଟେଲ ନିକଟରେ ଏକ ସାକ୍ଷାତକାରରେ ଅଭିନେତା ସଞ୍ଜୟ ଦତ୍ତଙ୍କ ବିଷୟରେ କିଛି କହିଛନ୍ତି। ସଞ୍ଜୟ ତାଙ୍କ ପାଇଁ ୨୦ ବର୍ଷ ହେବ ଉପଯୁକ୍ତ ସାଥୀ ଖୋଜୁବାକୁ ଚେଷ୍ଟା କରୁଛନ୍ତି। ଏଥିସହ ଅମିଶା ସାଦା ସିଧା, ସରଳ, ଏହି ଇଣ୍ଡଷ୍ଟ୍ରି ପାଇଁ ସେ ଠିକ ବୋଲି ସଞ୍ଜୟ କୁହନ୍ତି। ହେଲେ ଯେତେବେଳେ ଅମିଶା ବିବାହ କରିବେ, ତାଙ୍କ କନ୍ୟାଦନ ସଞ୍ଜୟ କରିବାକୁ ଚାହାନ୍ତି ବୋଲି ଅମିଶା କହିଛନ୍ତି। ତେବେ ଅମିଶା ଅଭିନୀତ ଗଦର ୨ ଏବେ ୫୦୦ କୋଟି କ୍ଲବରେ ପହଞ୍ଚି ଦର୍ଶକଙ୍କ ହୃଦୟକୁ ଜିତି ପାରିଛି।


# Classified Everyday

0674-2580101, 2549949


MATRIMONIAL

**BRIDE WANTED**

Handsome Brahmin boy 1993, 5'9" B.Tech, MS Serving Engineer USA. Only Son- "SUNASANSAR". 9937512659, 8249969649. D-75210

**GROOM WANTED**

Beautiful Kshyatriya girl 1998, 5'4" M.A., Ph.D. Serving Lecturer Govt. College, Bhubaneswar, "SUNASANSAR". 9937512659, 8249969649. D-75209

**ପାଠକଙ୍କ ପାଇଁ ସୂଚନା**
କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

Wanted Groom for Beautiful Kayastha Bengali girl 34/5'3" M. Tech working as Teaching Professional, Call / Whatsapp- 9337240881. D-1205

Age-34, Government ଚାକିରିଆ ବିଧବା ବ୍ରାହ୍ମଣ ଝିଅଙ୍କ ପାଇଁ ଯେକୌଣସି ଜାତିର ପୁଅ ଦରକାର। 8658267680. D-1224


REAL ESTATE

**SALE**

Gharabari plot with boundary wall having 30feet. main and branch road, electrification, plantation with gated Community, Rs. 1400/- per sqft. Contact: 7008381162. D-1222

14000sqft. commercial plot for sale at- Dhauli Square, Bhubaneswar, Contact:- 7008381162. D-1223

Ready to move Duplex for sale at- Atla, 2km from Trinathbazar, Rate Rs.87lakhs. Contact:- 7008381162. D-1221

New Cancer Hospital ନାଇଜର, ଜଟଣୀ yellow zone BDA ୨୦୦ ଫୁଟ ରାସ୍ତାକୁ ଲାଗି ବର୍ଗଫୁଟ ୩୦୦-୮୦୦ରେ ଜାଗା ବିକ୍ରି ହେଉଛି। 7008323065. D-75146

3BHK Semi furnished flat sale at Jharpada, Bhubaneswar 80' feet road side. Contact: 9437307086. D-1184

ନଖରା ତ୍ରିନାଥବଜାର ମହୀଧରପଡ଼ା ପାଖରେ SC plot 7400sqft 11,00,000/-(outright) 7978663279. D-75208




Ground floor, 2BHK, 1BHK plot No-9 Neelakantha Nagar near DAV School, Nayapalli, BBSR, Mob- 9078706109. D-1202




Newly open spa positively health benefits with expert therapist. 9938843929. D-75145

Spa Kerala body Massage only best Therapist @699/- Bhubaneswar. 9337672475. D-1199

Asribada Panchakarma herbal SPA Kesharimall, Bhubaneswar. Contact: 8926173473. D-75035

Reduce stress through professional massage, SPA Station, Krishna Plaza, Nayapalli. Contact: 8118079281. D-74579

Relax, Refresh your body, Mind at Saikrupa Spa with best therapies. 8984068077. D-1190

Home service full body massage only for female Whatsapp 9777267601, 7853083303. D-1219

**Email** ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:-
classifieddharitri@gmail.com

**ଜନ୍ମଦିନ ଶୁଭେଚ୍ଛା**



କ୍ରିଷ୍ଣ
ନେରଡ଼ା, ଭଦ୍ରକ
ଆଜି ତୋର ପ୍ରଥମ ଜନ୍ମଦିନରେ "ମାଁ" ସୁନାମୀଙ୍କ ନିକଟରେ ତୋର ଦୀର୍ଘ ଉଜ୍ଜ୍ୱଳମୟ ଜୀବନ କାମନା କରୁଛୁ।
:ଶୁଭ ଆଶୀର୍ବାଦ ସହ: ବାବା, ମାମା ଆଇ, ଜେଜେ, ଜେଜେମା', ମାମୁ, ମଉସା, ମାଉସୀ, ଭାଇ, ଭଉଣୀ ଏବଂ ଆତ୍ମୀୟସ୍ୱଜନ।
ଧ-୭୩୩୮

**LOST**

I, Susama Meher, D/o- Minaketan Meher, R/o. Badabazar, P.O./ P.S.-Sonepur, Dist.- Subarnapur declare that I am the owner of land Khata No.- 1098, Plot No.-491, Area Ac.0.120 re. The original ROR and original Sale Deed (Doc. No.-3289/1991, Volume-93) has been misplaced somewhere between my home and Sonepur Bus Stand. After thorough search I could not found the same. D-1220

## LEGAL NOTICE

IN THE COURT OF ADDITIONAL COMMISSIONER, CONSOLIDATION & SETTLEMENT, SAMBALPUR.

Consolidation Revision Case No.311/2021

Radharani Jena & 8 others .....Petitioners.
Vrs.
State (Tahasildar, Sambalpur) & another ....Opposite Parties.

To,
Vundavali Veer Venkata Jaganadhan, S/o Late Veer Raju, At: Gujatal, P.S.: Hirakud, District: Sambalpur

NOTICE THROUGH PAPER PUBLICATION U/O 5 RULE 20 CIVIL PROCEDURE CODE 1908.

The above Petitioner has filed the above noted case against you for recording of case land on the basis of Sale Deed No.17 dated 10.3.1977 relating to M.S Khata No.46, Plot No.473 with an area of Ac.0.230 and Plot No.474 with an area of Ac.0.440 corresponding to Hal Chaka Khata No. 55 Plot No.517 with an area of Ac.0.500 of Mouza- Lamdunguri under Sambalpur Tahasil of Sambalpur District and you are avoiding to receive the Notices, you are hereby directed to appear in this Court in person or by a pleader duly instructed on 18th day of October 2023 at 10.30 A.M. by filing counter to said revision case, failing which the said revision case will be heard and determined you as Ex-parte.

Given under my hand and Seal of the Court this the 1st day of September, 2023.
Sd./- Additional Commissioner, Consolidation & Settlement, Sambalpur.
D-1225

# ବାଇଗଣରେ ପୋକ ନିୟନ୍ତ୍ରଣ



ବାଇଗଣରେ ଫଳ ଓ କାଣ୍ଡବିନ୍ଧା ପୋକର ଦମନ ଲାଗି ସମନ୍ୱିତ ପୋକ ପରିଚାଳନା ପଦ୍ଧତି ଅନୁସାରେ ଏକର ପ୍ରତି ୨୦,୦୦୦ ଟ୍ରାଇକୋଗ୍ରାମା ପରାଶ୍ରୟୀ କୀଟ ଛାଡ଼ନ୍ତୁ କିମ୍ବା ୩୦୦ପିପିଏମ୍ ନିମ୍ବଜାତ କୀଟନାଶକକୁ ଏକର ପ୍ରତି ୧ ଲିଟର ହିସାବରେ ପ୍ରୟୋଗ କରନ୍ତୁ ଅଥବା ପ୍ରତି ଲିଟର ପାଣିରେ ୫ ଗ୍ରାମ୍ କାର୍ବାରିଲ ମିଶାଇ ସିଞ୍ଚନ କରନ୍ତୁ। କଖାରୁ ଜାତୀୟ ଫସଲରେ ଲାଲ ଓ କଳା କଖାରୁ ଭୃଙ୍ଗ ଦମନ ପାଇଁ ଏକର ପ୍ରତି ୮୦୦ଗ୍ରାମ୍ ହିସାବରେ କାର୍ବାରିଲ ପ୍ରୟୋଗ କରନ୍ତୁ। ଲଙ୍କାମରିଚ ଫସଲରେ ପତ୍ରମୋଡା ରୋଗ ଦେଖାଗଲେ ଏହାର ଦମନ ସକାଶେ ପ୍ରତି ଲିଟର ପାଣିରେ ୨ ମି.ଲି. ଆବାମେକ୍ଟିନ୍(୧.୯%) କିମ୍ବା ୧.୫ରୁ ୨ ମି.ଲି. ଇଥିଅନ୍ ମିଶାଇ ପତ୍ର ସିଞ୍ଚନ କରନ୍ତୁ। ଝୁଡଙ୍ଗ ଫସଲରେ ଜଉପୋକର ଆକ୍ରମଣ ଦେଖାଗଲେ ଏକର ପ୍ରତି ୫୦ମି.ଲି. ଇମିଡାକ୍ଲୋପ୍ରିଡ୍ ୨୦୦ଲିଟର ପାଣିରେ ମିଶାଇ ପତ୍ର ସିଞ୍ଚନ କରନ୍ତୁ ଏବଂ ଏହାର ୭ଦିନ ପରେ ଫସଲ ଅମଳ କରନ୍ତୁ।

# ରାଶି ବୁଣୁଥିଲେ...



ଢିପ ଜମିରେ ରାଶି ବୁଣିବା ପାଇଁ ବର୍ତ୍ତମାନ ଉପଯୁକ୍ତ ସମୟ। ଏକର ପ୍ରତି ୪ କି.ଗ୍ରା. ବିହନ ଆବଶ୍ୟକ ହୋଇଥାଏ। ପ୍ରତି କି.ଗ୍ରା. ବିହନରେ ୨ ଗ୍ରାମ୍ ହିସାବରେ କାର୍ବେଣ୍ଡାଜିମ୍ କିମ୍ବା ୩ ଗ୍ରାମ୍ ଥିରାମ୍ ଗୋଳାଇ ବିଶୋଧନ କରନ୍ତୁ। ମୂଳସାର ଭାବେ ଏକର ପ୍ରତି ୨ଟନ୍ ଶଢ଼ା ଗୋବରଖତ ସହ ୬କି.ଗ୍ରା . ଯବକ୍ଷାରଜାନ,୬ କି.ଗ୍ରା. ଫସ୍‌ଫରସ ଓ ୬କି.ଗ୍ରା. ପଟାସ ଖାଦ୍ୟସାର ବିହନ ବୁଣାବେଳେ ମାଟିରେ ପ୍ରୟୋଗ କରନ୍ତୁ। ଅଧିକ ଅମଳକ୍ଷମ କିସମ ଯଥା-ପ୍ରାଚୀ,ନିର୍ମଳା,କନକ,କାଳିକା,ବିନାୟକ ଆଦି କିସମ ବ୍ୟବହାର କରନ୍ତୁ। ଧାଡ଼ିକୁ ଧାଡ଼ି ୩୦ସେ.ମି. ଓ ଗଛକୁ ଗଛ ୧୦ସେ.ମି. ବ୍ୟବଧାନ ରଖନ୍ତୁ। ବିହନ ବୁଣିବା ପୂର୍ବରୁ ପ୍ରତି କି.ଗ୍ରା. ବିହନରେ ୩ ଗ୍ରାମ୍ ହିସାବରେ ଥିରାମ୍ ଗୋଳାଇ ବିଶୋଧନ କରନ୍ତୁ। ଶେଷଓଡ଼ ଚାଷବେଳେ ବିହନ ବୁଣିବା ପୂର୍ବରୁ ୬କି.ଗ୍ରା. ଯବକ୍ଷାରଜାନ, ୮କି.ଗ୍ରା. ଫସ୍‌ଫରସ ଓ ୮କି.ଗ୍ରା. ପଟାସ୍ ପ୍ରୟୋଗ କରନ୍ତୁ।

# ଧାନଚାଷରେ ସମନ୍ୱିତ ରୋଗପୋକ ପରିଚାଳନା



ଡ. ପରେଶ କୁମାର ପଣ୍ଡା

ଧାନ ଫସଲରେ ସମନ୍ୱିତ ରୋଗପୋକ ପରିଚାଳନା ଏକ ଗୁରୁତ୍ୱପୂର୍ଣ୍ଣ ବିଷୟ। ତନ୍ମଧ୍ୟରେ ଚାଷ କାର୍ଯ୍ୟ, ଜୈବ ନିୟନ୍ତ୍ରଣ ଓ ରାସାୟନିକ ଉପାୟ ଇତ୍ୟାଦି ରହିଛି। ଚାଷ କାର୍ଯ୍ୟ ମଧ୍ୟରେ ଖରାଟିଆ ଚାଷ, ବିହନ ବିଶୋଧନ, ସଅଳ ବୁଣା ବା ରୁଆ ପ୍ରତି ୨୦ ଧାଡ଼ି ପରେ ୧ଟି ଧାଡ଼ି ଛାଡ଼ି ରୋଇବା, ସୁଷମ ସାର ପ୍ରୟୋଗ, ଜଳ ଠିକ୍ ପରିମାଣରେ ଦେବା, ସବୁଜ ସାର ପ୍ରୟୋଗ, ଜୀବାଣୁ ସାର ପ୍ରୟୋଗ, ୨-୩ ବର୍ଷରେ ଥରେ ଗଭୀର ଚାଷ କରିବା ଆବଶ୍ୟକ। ଯାନ୍ତ୍ରିକ ଉପାୟରେ ବାଉଁଶ ଯନ୍ତା, ଫେରୋମୋନ୍ ବା ସଙ୍ଗ ଆକର୍ଷକ ଯନ୍ତା, ଆଲୋକ ଯନ୍ତା, ଦଉଡ଼ି ଟାଣି ଗଛରୁ ପତ୍ରମୋଡ଼ା ଓ ନୀଳପୋକକୁ ଝଡ଼ାଇ କିରାସିନ ଭାସୁଥିବା ପାଣିରେ ପଡ଼ିବା, ତଳି ରୋଇବା ପୂର୍ବରୁ ଅଗ ଛିଡାଇ ବା କାଟି ଲଗାଇବା ଦ୍ୱାରା ପୋକ ସଂକ୍ରମଣ କମ୍ ହୋଇଥାଏ।

ଜୈବ ନିୟନ୍ତ୍ରଣ ସ୍ୱରୂପ : ଟ୍ରାଇକୋଗ୍ରାମା ପରାଶ୍ରୟୀ କୀଟ ଛାଡ଼ିବା, ଫସଲରେ ଏକର ପ୍ରତି ୫-୧୦ଟି କଣି ବା ଡାଳ ପୋତି ପକ୍ଷୀ ଆଶ୍ରୟସ୍ଥଳ ତିଆରି କରିବା, ବିଟି ଔଷଧ ଓ ନିମ୍ବଜାତୀୟ ଔଷଧ ପ୍ରୟୋଗ କରିବା ଭଲ। ଦରକାର ପଡ଼ିଲେ ଜମିରେ ରିଜେଣ୍ଟ ଏକର ପ୍ରତି ୪ କି.ଗ୍ରା. ପ୍ରୟୋଗକରି ଫସଲକୁ ରୋଗପୋକ ଦାଉରୁ ୩୦-୪୦ ଦିନ ପର୍ଯ୍ୟନ୍ତ ରକ୍ଷା କରାଯାଇପାରିବ।

ପ୍ରଥମେ ମିଳିତ ଭାବେ ଚାଷୀଭାଇମାନେ ଜୈବିକ ଉପାୟ ଅବଲମ୍ବନ କରିବା ଆବଶ୍ୟକ। ଜୈବିକ ଉପାୟ ଦ୍ୱାରା ଦେଶୀୟ ଜ୍ଞାନ୍ କୌଶଳର ସଦୁପଯୋଗ ହୋଇଥାଏ। ଖର୍ଚ୍ଚ ମଧ୍ୟ କମ୍ ପଡ଼ିଥାଏ। ଏହାକୁ ମଧ୍ୟ ସହଜରେ ପ୍ରସ୍ତୁତ କରାଯାଇପାରେ। ଶସ୍ୟରେ କୀଟନାଶକର କୁପ୍ରଭାବ ନ ଥାଏ। ଫସଲରୁ ଅଧିକ ଆୟ ମିଳିଥାଏ। ଫସଲ ତଳି ଘରାରେ ଥିବା ଅବସ୍ଥାରୁ ଲିଟର ପାଣି ପ୍ରତି ୫ ମି.ଲି. ନିମ୍ବଜାତୀୟ ଜୀବନନାଶକ ବିଷ ପ୍ରତି ୮-୧୦ଦିନ ଅନ୍ତରରେ ଏକର ପ୍ରତି ୨୦୦ ଲିଟର ଦ୍ରବଣ ସିଞ୍ଚନ କରାଯାଇଥାଏ। ନଚେତ୍, ହାଣ୍ଡି ଖତର ତରଳ ଜୀବନାଶକ ୧:୫୦ ଅନୁପାତରେ ପାଣି ସହ ମିଶାଇ ସିଞ୍ଚନ କଲେ ଫସଲରେ ରୋଗପୋକ ସଂକ୍ରମଣ ସହଜରେ ହୋଇ ନ ଥାଏ। ଏହି ହାଣ୍ଡି ଖତ ସହଜରେ କୃଷକ ନିଜ ଘରେ, ବାଡ଼ି ବଗିଚାରେ ଥିବା ନିମ୍ବ, କରଞ୍ଜ, ଅରଖ/କୋଚିଲା ପତ୍ରକୁ ବ୍ୟବହାରକରି ଗୋବର, ଗୋମୂତ୍ର ଓ ଗୁଡ଼ରେ ମିଶାଇ ପୋଚ ପ୍ରସ୍ତୁତକରି ଦ୍ରବଣ ପ୍ରସ୍ତୁତ କରିପାରିବେ। ଗୋବର ୧ କି.ଗ୍ରା., ଗୋମୂତ୍ର ୨.୩ ଲି., ଗୁଡ଼ ୫୦ ଗ୍ରାମ, ନିମ୍ବ, କରଞ୍ଜ, ଅରଖ/କୋଚିଲା ପତ୍ରରୁ ପ୍ରତ୍ୟେକ ୧ କି.ଗ୍ରା. ଏଥିପାଇଁ ଦରକାର ହୋଇଥାଏ। ଗୋମୂତ୍ରରେ ଗୋବର, ଗୁଡ଼ ଓ କଟାହୋଇଥିବା ପତ୍ରକୁ ଗୋଳାଇ ମୁହଁ ବନ୍ଦ ରଖା ପାତ୍ରରେ ୧୨ ଦିନ ପର୍ଯ୍ୟନ୍ତ ପଚାଯାଏ। ତା'ପରେ ସେହି ଘୋଳକୁ ମିଶାମିଶି କରି ପିଆଜ ଅଖାରେ ଛଣାଯାଏ। ତାହାକୁ ୩-୪ ମାସ ପର୍ଯ୍ୟନ୍ତ ବ୍ୟବହାର ପାଇଁ ରଖାଯାଇପାରେ। ତାହାକୁ ପୁନର୍ବାର ପତଳା କନାରେ ଛାଣି ଅନୁପାତରେ ପାଣି ସହ ମିଶାଇ ଫସଲରେ ୮-୧୦ ଦିନ ଅନ୍ତରରେ ସିଞ୍ଚନ କରାଯାଏ। ଏହାକୁ ଅନୁପାତରେ ସିଞ୍ଚନ କଲେ ଭଲ। ଆବଶ୍ୟକ ପରିମାଣର କୀଟନାଶକ ବାହାରେ ଗୋଳାଇ ଟିକେ ସାମ୍ପୋ ଫେଣ୍ଟି ଦ୍ରବଣ ପ୍ରସ୍ତୁତ ହେଲେ ଗଛରେ ଏହା ଠିକ୍ ଭାବରେ ପଡ଼ିଥାଏ। ସ୍ଥଳ ବିଶେଷରେ ପୋକ ଆକ୍ରମଣ 'ଆର୍ଥିକ ଦେହଳୀ ସୀମା' ଠାରୁ ଅଧିକ ହେଲେ ରାସାୟନିକ କୀଟନାଶକ ପ୍ରୟୋଗ କରିବା ଦରକାର ପଡ଼ିଥାଏ। ଦରକାର ପଡିଲେ ୮-୧୦ଦିନ ବ୍ୟବଧାନରେ ପୁନର୍ବାର କୀଟନାଶକ ପକାଇ ଫସଲକୁ ରକ୍ଷା କରାଯାଏ।

**ଧାନ ଫସଲରେ ମୁଖ୍ୟ ପୋକ**

ଧାନ ଫସଲରେ ମୁଖ୍ୟ ପୋକଗୁଡ଼ିକ ହେଲା-ଲେଡା ପୋକ, କର୍ତ୍ତନ କୀଟ, ମାଟିଆଗୁଣ୍ଡି ପୋକ, କାଣ୍ଡବିନ୍ଧା ପୋକ, କାହାଳିଆ ପୋକ, ପତ୍ର ମୋଡ଼ା ପୋକ, ସବୁଜ ପତ୍ରଡିଆଁ ପୋକ, ନଳୀପୋକ, ଗନ୍ଧିପୋକ, ବିରିହା ପୋକ, ଦହିଆ ପୋକ ଓ କେଣ୍ଡା କଟା ପୋକ। ଜୁଲାଇରୁ ସେପ୍ଟେମ୍ବର ମଧ୍ୟରେ ଲେଡ଼ା ପୋକ ତଳି ଓ ମୁଖ୍ୟ ଫସଲର ପତ୍ର ଖାଇଯାଆନ୍ତି। ଆକ୍ରାନ୍ତ ଫସଲ ଗୋରୁ ଚରିଲା ପରି ଦିଶିଥାଏ। ଲେଡ଼ା, କର୍ତ୍ତନ କୀଟ ଓ କେଣ୍ଡାକଟା ପୋକ ନିୟନ୍ତ୍ରଣ ନିମନ୍ତେ କ୍ଲୋରୋପାଇରିଫସ୍ ୫୦ ପ୍ରତିଶତ ସହ ସାଇପରସମେଥ୍ରିନ୍ ୫ ପ୍ରତିଶତ ଇସି ଅଥବା ପୋଫେନୋଫସ୍ ୫୦ ପ୍ରତିଶତ ଇସିର ୨୦ ମିଲି ୧୦ ଲିଟର ପ୍ରତି ସିଞ୍ଚନ କରାଯାଏ। ମାଟିଆଗୁଣ୍ଡି ପୋକ ଖୁବ୍ ଶୀଘ୍ର ବଂଶବୃଦ୍ଧି କରି ଗଛ ମୂଳରେ ରହି ଫସଲରୁ ରସ ଶୋଷି ଖାଇବା ଫଳରେ ଗଛ ହଳଦିଆ ପଡ଼ି ଶୁଖିଯାଏ। ଆର୍ଥିକ ଦେହଳୀ ସୀମା ବୁଦା ପ୍ରତି ୫-୭ ପୋକ। କିଆରିରେ ମଳା ମଳା ଧାନ ପୋଡ଼ିଯାଇଥିବା ପରି ଦେଖାଯାଏ। ତାହାର ନିୟନ୍ତ୍ରଣ ଲାଗି ଇଥୋଫେନପ୍ରକ୍ସ ୧୦ ପ୍ରତିଶତ ଇସି ୧୦ ମିଲି/ଫ୍ଲୋନିକାମାଇଡ୍ ୫୦ ପ୍ରତିଶତ ଡବ୍ଲ୍ୟୁଜି, ୩ ଡବ୍ଲ୍ୟୁଜି ୬ ଗ୍ରାମ/ଫ୍ଲୋନିକକାମିଡ ୫୦ ପ୍ରତିଶତ ଡବ୍ଲ୍ୟୁଜି ୩ ଗ୍ରାମ/ଥାୟୋମେଥୋକ୍ସାମ୍ ୨୫ ଡବ୍ଲ୍ୟୁଜିର ୨ ଗ୍ରାମ ୧୦ ଲିଟର ପାଣି ପ୍ରତି ମିଶାଇ ଫସଲକୁ ସିଞ୍ଚନ କରିବା ଜରୁରୀ।

କାଣ୍ଡବିନ୍ଧା ପୋକର ଶୂକ, କାଣ୍ଡ ମଧ୍ୟରେ ପ୍ରବେଶକରି ମଞ୍ଜି ଖାଇଯାଏ, ଯାହାକୁ 'ମଲା ମଞ୍ଜ' କୁହାଯାଏ। କେଣ୍ଡା ବାହାରିବା ଅବସ୍ଥାରେ ଆକ୍ରାନ୍ତ ଗଛରୁ ମଲାକେଣ୍ଡା ବାହାରିଥାଏ। ସାମାନ୍ୟ ଟାଣି ଦେଲେ ଏହା ବାହାରିଯାଏ। ଏହାକୁ 'ଧଳା କେଣ୍ଡା' ବା 'ବଗପକ୍ଷିଆ' ବୋଲି ମଧ୍ୟ କୁହାଯାଏ। ଆର୍ଥିକ ଦେହଳୀ ସୀମା ହେଲା ମଲା ମଞ୍ଜ ୫ ଗ୍ରାମ/ଇମିଡାକ୍ଲୋପ୍ରିଡ୍, ୧୭.୮, ଏସ୍ଏଲ୍ ୨.୮ ମି.ଲି./ଥାୟୋମେଥୋକାମ୍ ୨୫ ପ୍ରତିଶତ ଡବ୍ଲ୍ୟୁଜି ୨ ଗ୍ରାମ ୧୦ ଲିଟର ପ୍ରତି ଫସଲରେ ସିଞ୍ଚନ କରାଯାଏ।

ସବୁଜ ପତ୍ରଡିଆଁ ପୋକ ଦେଖାଗଲେ ଆକ୍ରାନ୍ତ ପତ୍ର ଅଗରୁ ତଳ ଆଡ଼କୁ ଫିକା ହଳଦିଆ ହୋଇ ପରେ ଧୂସର ପଡ଼ିଯାଏ। ଏମାନେ ଟୁଙ୍ଗ୍ରୋ ଭୂତାଣୁକୁ ସଂକ୍ରମଣ କରିବାରେ ସହାୟକ ହୋଇଥାଆନ୍ତି। ଏହି ଦୁଇ ପୋକ ସହଜରେ ଧଳାପିଠିଆ ପତ୍ରଡିଆଁ ପୋକର ନିୟନ୍ତ୍ରଣ ପାଇଁ ଇମିଡାକ୍ଲୋପ୍ରିଡ ୧୭.୮ ପ୍ରତିଶତ, ଏସ୍ଏଲ୍ ୨.୮ ମି.ଲି./ପାଇମୋଟ୍ରୋଜିନ୍ ୫୦ ପ୍ରତିଶତ ପ୍ରତିଶତ। କାଣ୍ଡବିନ୍ଧା ପୋକର ନିୟନ୍ତ୍ରଣ ନିମନ୍ତେ ଫ୍ଲୁବେଣ୍ଡିଆମାଇଡ୍ ୩୯.୩୫ ପ୍ରତିଶତ ଏସ୍‌ସି ୧ ମି.ଲି./ଫିପ୍ରୋନିଲ୍ ୫ ପ୍ରତିଶତ ଏସ୍‌ସି ୨୦-୩୦ ମି.ଲି./ଫ୍ରୋଫନଫସ୍ ୫୦ ପ୍ରତିଶତ ଇସିର ୨୦ ମି.ଲି. ଏବଂ କାହାଳିଆ ପୋକ ନିୟନ୍ତ୍ରଣ ନିମନ୍ତେ କାର୍ବୋସଲ୍‌ଫାନ୍ ୨୫ ପ୍ରତିଶତ ଇସିର ୧୬-୨୦ ମି.ଲି./କ୍ଲୋରୋପାଇରିଫସ୍ ୨୦ ଇସିର ୨୫ ମି.ଲି./ଥାୟୋମେଥୋକାମ୍ ୨୫ ଡବ୍ଲ୍ୟୁଜି ୨ ଗ୍ରାମ ୧୦ ଲିଟର ପାଣି ପ୍ରତି ମିଶାଇ ସିଞ୍ଚନ କରାଯାଏ। (କ୍ରମଶଃ...)

-ସହକାରୀ କୃଷି ନିର୍ଦ୍ଦେଶକ, ଯାଜପୁର
ମୋ : ୯୪୩୭୧୧୨୭୦୪



# କୋଳଥ କିସମ



କୋଳଥର ଉର୍ମି ଡିଏସ୍-୧-୨,ଡିଏସ୍୧-୨-୨ ଆଦି କିସମ ସଂଗ୍ରହକରି ଶୀଘ୍ର ବୁଣାବୁଣି ଶେଷ କରନ୍ତୁ। ଏକର ପ୍ରତି ୨୦କି.ଗ୍ରା. ବିହନ ବ୍ୟବହାର କରନ୍ତୁ। ବୁଣିବା ପୂର୍ବରୁ ପ୍ରତି କି.ଗ୍ରା. ବିହନକୁ ୨ଗ୍ରାମ୍ ହିସାବରେ କାର୍ବେଣ୍ଡାଜିମ୍ ସହିତ ଗୋଳାଇ ବିଶୋଧନ କରନ୍ତୁ। ଧାଡ଼ିକୁ ଧାଡ଼ି ୩୦ସେ.ମି ବ୍ୟବଧାନରେ ବିହନ ବୁଣନ୍ତୁ। ବୁଣିବା ପୂର୍ବରୁ ଏକର ପ୍ରତି ୫କି.ଗ୍ରା. ଯବକ୍ଷାରଜାନ, ୧୦କି.ଗ୍ରା. ଫସ୍‌ଫରସ ପ୍ରୟୋଗ କରନ୍ତୁ। ବୁଣିବାର ଦିନକ ପରେ ଘାସମରା ବିଷ ପେଣ୍ଡିମେଥାଲିନ୍ ଏକର ପ୍ରତି ୦.୩୦ କି.ଗ୍ରା. ହିସାବରେ କ୍ରିୟାଶୀଳ ଉପାଦାନ ସିଞ୍ଚନ କରନ୍ତୁ।

## ଜାଣିରଖନ୍ତୁ



- ଗୁହାଳ ତଳ ଓଦା ରଖନ୍ତୁ ନାହିଁ । ଓଦା ରହିଲେ ବିଭିନ୍ନ ରୋଗର ଆଶଙ୍କା ଥାଏ। ଗୁହାଳ ତଳକୁ ଶୁଖିଲା ରଖିବା ପାଇଁ ପାଉଁଶ ବା ବାଲି ବିଛାନ୍ତୁ । ବର୍ଷାଋତୁରେ ଗୋମହିଷ ଓ ବାଛୁରୀଙ୍କୁ ସାହାଣ ଓ ବଜବଜିଆ ରୋଗ ହେବା ଆଶଙ୍କା ଥାଏ। ଏହି ସଂକ୍ରାମକ ରୋଗ ନ ହେବା ପାଇଁ ପୂର୍ବରୁ ପ୍ରତିଷେଧକ ଟିକା ଦିଅନ୍ତୁ । ରୋଗ ଦେଖାଗଲେ ତୁରନ୍ତ ପ୍ରାଣୀ ଚିକିତ୍ସକଙ୍କ ପରାମର୍ଶ ନିଅନ୍ତୁ ।
- ଗୋମହିଷଙ୍କୁ ଅଢ଼େଇ ଦିନିଆ ଜ୍ୱର ହେଲେ ସେମାନଙ୍କ ଦେହରେ ଅଧିକ ତାତି ରହେ ଓ ଆକ୍ରାନ୍ତ ପ୍ରାଣୀ ଗୋଟିଏ ଗୋଡ଼ ଟେକି ରଖେ । ଏହି ଜ୍ୱରର ଉପଶମ ପାଇଁ ଡାକ୍ତରଙ୍କ ପରାମର୍ଶରେ ଔଷଧ ଖୁଆନ୍ତୁ ।
- ଗୁହାଳ ସବୁବେଳେ ପରିଷ୍କାର ଓ ଶୁଖିଲା ରଖନ୍ତୁ । ଏହାର ଚାରିପାଖ ଉଚ୍ଚା ଓ ନିଗିଡ଼ା କରନ୍ତୁ, ନଚେତ୍ ପାଣି ଜମି ସନ୍ତସନ୍ତିଆ ହେଲେ ଗୋରୁଙ୍କୁ ବିଭିନ୍ନ ସଂକ୍ରାମକ ରୋଗ ହେବା ଆଶଙ୍କା ଥାଏ ।
- ଗୁହାଳର ତଳକୁ ଦିନରେ ଅନ୍ତତଃ ଥରେ ବା ଦୁଇଥର ଫିନାଇଲ ପ୍ରଭୃତି ବିଶୋଧକ ପଦାର୍ଥରେ ସଫା କରନ୍ତୁ ।
- ଗୋରୁଙ୍କୁ କଦାପି ଫିମ୍ପି ହୋଇଥିବା ଦାନା ଖୁଆନ୍ତୁ ନାହିଁ ।

# ମାଛ ଯାଆଁଳ ଛାଡ଼ିବା ପରେ...



ମାଛ ଯାଆଁଳ ସଂଗ୍ରହ କରନ୍ତୁ। ଯାଆଁଳ ଛାଡ଼ିବା ପରେ ଅଖା ଭିତରେ ଖତ ଓ କୁଣ୍ଡା ରଖି ପୋଖରୀରେ ଛାଡ଼ି ଦିଅନ୍ତୁ। ନୂଆକରି ମାଛଚାଷ କରୁଥିଲେ ପୋଖରୀର ଆକାର ଦେଖି ପୋଖରୀ ପ୍ରତି ୫ରୁ ୧୦କି.ଗ୍ରା. ଚୂନ ପ୍ରୟୋଗ କରନ୍ତୁ। ପାଣିର ସୁବିଧା ଦେଖି ମାଛ ଯାଆଁଳ ଚାଷ କରନ୍ତୁ। ମାଛ ଯାଆଁଳ ଉତ୍ପାଦନ କେନ୍ଦ୍ରରୁ ମାଛ ବିହନକୁ ଯାଆଁଳ ପର୍ଯ୍ୟନ୍ତ ବଢ଼ାଇ ଯେଉଁଠି ଅଧିକ ପାଣିର ସୁବିଧା ରହିଛି ସେଠାରେ ଆଗାମୀ ଦିନ ପାଇଁ ସାଇତି ରଖିହେବ । ପୋଖରୀରେ ପଙ୍କମାଟି ମାଡ଼ିଯାଇଥିଲେ ଏହାକୁ କାଢ଼ି ପାଣି ନିର୍ମଳ ହେବା ପରେ ମାଛ ଯାଆଁଳ ଛାଡ଼ନ୍ତୁ।

# ପାଳଛତୁ ଚାଷ



ପାଳଛତୁ ଚାଷ ଲାଗି କୌଣସି ଏକ କୁଣ୍ଡ କିମ୍ବା ବଡ ଓସାରିଆ ଟିଣ ପାତ୍ରରେ (ଆଖୁରସ ରାନ୍ଧିବା ଟିଣ ହେଲେ ଭଲ) ୧୦୦ ଲିଟର ପାଣି ନିଅନ୍ତୁ। ସେଥିରେ ୮ ଗ୍ରାମ୍ କାର୍ବେଣ୍ଡାଜିମ୍ ଗୋଳାଇ ଦିଅନ୍ତୁ। ସେହି ପାଣିରେ ନଡ଼ାବିଡ଼ାଗୁଡିକୁ (୩୦ ବିଡ଼ା) ୧୨ ରୁ ୧୬ ଘଣ୍ଟା ପର୍ଯ୍ୟନ୍ତ ବତୁରାଇ ଦିଅନ୍ତୁ। ତା' ପରେ ନଡ଼ା ଛାଣି ନଡ଼ାରୁ ଅଧିକ ପାଣି ନିଗାଡ଼ିଦେବା ପାଇଁ ବିଡ଼ାଗୁଡିକୁ ୨ ରୁ ୩ ଘଣ୍ଟା ପର୍ଯ୍ୟନ୍ତ ଛାଇରେ ଛିଡ଼ା କରି ରଖନ୍ତୁ। ବୋତଲ ବା ପ୍ୟାକେଟରୁ ଛତୁ ମଞ୍ଜିକୁ ଅଗବଙ୍କା ହୋଇଥିବା ଲୁହାଖାଡି ସାହାଯ୍ୟରେ କିମ୍ବା ବୋତଲ ଭାଙ୍ଗି ବାହାରକରି ତାକୁ ଭାଗ କରନ୍ତୁ। ଭାଡି ଉପରେ ପ୍ରଥମେ ପୂର୍ବ ପଶ୍ଚିମ ଭାବରେ ୯ ଇଞ୍ଚ ବହଳରେ ୯ ଭିଜା ବିଡ଼ା ନଡ଼ାକୁ ଖୋଲି ବିଛାଇ ଦିଅନ୍ତୁ। ଯେପରି ନଡ଼ା ମୂଳ ଭାଗ ବାହାରକୁ ରହିବ। ତା'ପରେ ସେହି ଛତୁ ମଞ୍ଜି ଖଣ୍ଡଗୁଡିକ ଉପରେ ୧ ଭାଗ ବୁଟଗୁଣ୍ଡ ବା ହରଡ଼ ଗୁଣ୍ଡ ବୁଣି ଦିଅନ୍ତୁ। ବର୍ତ୍ତମାନ ୨ୟ ସ୍ତର ନଡ଼ା(୯ ବିଡ଼ାକୁ) ୯ ଇଞ୍ଚ ବହଳରେ ଉତ୍ତର ଦକ୍ଷିଣ ଭାବେ ବିଛାନ୍ତୁ। ଠିକ୍ ପୂର୍ବ ପରି ଛତୁ ମଞ୍ଜି ଓ ବୁଟଗୁଣ୍ଡ ବା ହରଡ଼ ଗୁଣ୍ଡ ପ୍ରୟୋଗ କରନ୍ତୁ। ତା' ପରେ ତୃତୀୟ ସ୍ତର ନଡ଼ା (୯ ବିଡାକୁ) ୯ ଇଞ୍ଚ ବହଳରେ ପୂର୍ବ ପଶ୍ଚିମ ଭାବେ ବିଛାନ୍ତୁ। ଏହା ପରେ ଦ୍ୱିତୀୟ ଭାଗ ଛତୁ ମଞ୍ଜିକୁ ପୂର୍ବ ପରି ଚାରିକଡ଼େ ଓ ମଝିରେ ମଧ୍ୟ ରଖନ୍ତୁ। ପୁଣି ବଳକା ଦ୍ୱିତୀୟ ଭାଗ ବୁଟଗୁଣ୍ଡ ବା ହରଡ଼ଗୁଣ୍ଡ ପ୍ରୟୋଗ କରନ୍ତୁ। ଶେଷରେ ରହିଥିବା ୩ ବିଡା ନଡାକୁ ଏହି ତୃତୀୟ ସ୍ତର ଉପରେ ଉତ୍ତର ଦକ୍ଷିଣ ଭାବରେ (ଚତୁର୍ଥ ସ୍ତର)୨ - ୩ ଇଞ୍ଚ ବହଳରେ ବିଛାଇ ଦିଅନ୍ତୁ। ବର୍ତ୍ତମାନ ଏହି ଛତୁ ବେଡ୍ ବା ଛତୁ ପଟିକୁ ପଲିଥିନ୍ ଚାଦର ଦ୍ୱାରା ସମ୍ପୂର୍ଣ୍ଣ ଘୋଡାଇ ଦିଅନ୍ତୁ। ୭ ରୁ ୮ ଦିନ ପରେ ଏହି ପଲିଥିନ୍ ଚାଦରକୁ କାଢି ଦିଅନ୍ତୁ। ପଲିଥିନ୍ କାଢିବାର ଦିନକ ପରେ ପ୍ରତିଦିନ ସ୍ପ୍ରେୟର ଦ୍ୱାରା କିମ୍ବା ଝରା ଦ୍ୱାରା ୩ - ୪ ଥର ପାଣି ସ୍ପ୍ରେ କରନ୍ତୁ।

# ନଳିତା ଶଢ଼ାଇବା ପ୍ରଣାଳୀ

ଗଛଗୁଡ଼ିକୁ ପାଣିରେ ୧୦-୧୨ଦିନ ପର୍ଯ୍ୟନ୍ତ ଶଢ଼ାନ୍ତୁ। ନଳିତା ଶଢ଼ାଇବା ପ୍ରକ୍ରିୟା ତନ୍ତୁର ଗୁଣ ଓ ମାନ ନିର୍ଦ୍ଧାରଣରେ ଏକ ମୁଖ୍ୟ ଭୂମିକା ଗ୍ରହଣ କରିଥାଏ। ନଳିତା ଶଢ଼ାଇବା ପାଇଁ ପରିଷ୍କାର ଓ ସ୍ୱଚ୍ଛ ପାଣି ବ୍ୟବହାର କରନ୍ତୁ। ଏହା ଉତ୍ପାଦିତ ତନ୍ତୁର ପୋକ ଓ ରଙ୍ଗକୁ ନଷ୍ଟହେବାକୁ ଦିଏ ନାହିଁ। ସ୍ଥିରପାଣି ଅପେକ୍ଷା ଧୀରେ ଧୀରେ ବହିଯାଉଥିବା ପରିଷ୍କାର ପାଣି ନଳିତା ଶଢ଼ାଇବା ପାଇଁ ଅଧିକ ଉପଯୋଗୀ। ଗଛର ମୂଳଭାଗ ଅପେକ୍ଷାକୃତ ଭାବେ ମୋଟା ଓ ପରିପକ୍ୱ ହୋଇଥିବାରୁ ଏହା ଶଢ଼ିବା ପାଇଁ ଅଧିକ ସମୟ ଦରକାର କରିଥାଏ। ଏଥିପାଇଁ ବିଡ଼ାଗୁଡିକୁ ୬୦ସେ.ମି. ପାଣି ଥିବା ସ୍ଥାନରେ ୨-୩ ଦିନ ଠିଆ କରି ରଖାଯିବା ଆବଶ୍ୟକ। ତା'ପରେ ଗଛର ମୂଳ ଅଂଶକୁ ସାମାନ୍ୟ ବାଡ଼େଇ ୫-୧୦ଭାଗ ୟୁରିଆ ଦ୍ରବଣରେ ୧ ମିନିଟ୍ ବୁଡ଼ାଇ ରଖାଯିବା ପରେ ବିଡ଼ାଗୁଡିକୁ ସମ୍ପୂର୍ଣ୍ଣ ଭାବେ ପାଣିରେ ବୁଡ଼ାଇ ଦିଅନ୍ତୁ। ଭେଳାର ତଳଅଂଶ ମାଟିରେ ଲାଗିବାକୁ ଦିଅନ୍ତୁ ନାହିଁ। ଲଳିତା ଶଢ଼ିବା ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବା ପାଇଁ କବକ କଲ୍‌ଚର ବ୍ୟବହାର କରନ୍ତୁ। ନଳିତାରେ ଘୋଡ଼ାପୋକ ଏବଂ କାଣ୍ଡବିନ୍ଧା ପୋକର ଦମନ ପାଇଁ ପ୍ରତି ଲିଟର ପାଣିରେ ୨ ମି.ଲି. ହିସାବରେ ଏଣ୍ଡୋସଲ୍‌ଫାନ୍ କିମ୍ବା ଫୋସାଲୋନ୍ ମିଶାଇ ସିଞ୍ଚନ କରନ୍ତୁ। ଜମିରେ ଅଧିକ ପାଣି ଜମି ରହିଗଲେ ବୟସ୍କ ଗଛରେ କାଣ୍ଡଶଢ଼ା ରୋଗ ଦେଖାଯାଇଥାଏ; ଯଦ୍ୱାରା ପତ୍ର ଝଡ଼ିଯାଏ ଏବଂ କାଣ୍ଡ କଳା ପଡି ପଚିଯାଏ। ଆକ୍ରାନ୍ତ ପତ୍ର ଓ କାଣ୍ଡରେ କଳାଦାଗ ଦେଖାଯାଏ। ଏହାର ଦମନ ପାଇଁ ପ୍ରତି ଲିଟର ପାଣିରେ ୧ଗ୍ରାମ୍ କାର୍ବେଣ୍ଡାଜିମ୍ +ମାଙ୍କୋଜେବ୍ କିମ୍ବା ୩.୫ଗ୍ରାମ୍ ମାଙ୍କୋଜେବ୍ ମିଶାଇ ପତ୍ର ସିଞ୍ଚନ କଲେ ରୋଗ ନିୟନ୍ତ୍ରଣ ହୋଇଥାଏ।



## ଶେୟାର ବଜାରରେ ଉତ୍ସାହ

ନୂଆଦିଲ୍ଲୀ: କ୍ରମାଗତ ୩ୟ ଦିନ ଲାଗି ଶେୟାର ବଜାର କାରବାରରେ ବୃଦ୍ଧି ଘଟିଛି। ଚଳିତ ସପ୍ତାହର ୨ୟ କାର୍ଯ୍ୟ ଦିବସର ଫଳାଫଳ ଅନୁଯାୟୀ ଶେୟାର ବଜାରର ନିବେଶକମାନେ ଲକ୍ଷାଧିକ ଟଙ୍କାର ନିବେଶ ବୃଦ୍ଧି କରିଛନ୍ତି। ମଙ୍ଗଳବାର କାରବାର ଶେଷ ସୁଦ୍ଧା ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସ୍ଇ)ର ସେନ୍ସେକ୍ସ ୧୫୨.୧୨ ପଏଣ୍ଟ ବଢ଼ି ୬୫,୭୮୦.୨୬ ଅଙ୍କରେ କାରବାର ବନ୍ଦ କରିଥିଲା। ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ (ଏନ୍ଏସ୍ଇ) ର ନିଫ୍ଟି-୫୦ ରେ ମଧ୍ୟ ୪୬.୧୦ ପଏଣ୍ଟ ବୃଦ୍ଧି ଘଟି ୧୯,୫୭୪.୯୦ ଅଙ୍କରେ କାରବାର ବନ୍ଦ ହୋଇଥିଲା।

# ଅକ୍ଟୋବର ୧୭ରୁ ୩ ଦିନିଆ ଜିଏମ୍ଆଇଏସ୍

ଭୁବନେଶ୍ୱର,୫।୯: (ଅଭୟ ଦାଶ)

ଚଳିତ ବର୍ଷ ଅକ୍ଟୋବର ୧୭ରୁ ଏକ ୩ ଦିନିଆ ଗ୍ଲୋବାଲ ମାରିଟାଇମ୍ ଇଣ୍ଡିଆ ସମିଟ୍ (ଜିଏମ୍ଆଇଏସ୍)-୨୦୨୩ ନୂଆଦିଲ୍ଲୀର ଆଇଟିପିଓ ଭାରତ ମଣ୍ଡପମ୍ଠାରେ ଆୟୋଜିତ ହେବାକୁ ଯାଉଛି। ଏପରିକି ଜିଏମ୍ଆଇଏସ୍ର ୩ୟ ସଂସ୍କରଣ ଅକ୍ଟୋବର ୧୭ରୁ ୧୯ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଏହା ପୂର୍ବରୁ ପାରାଦୀପ ପୋର୍ଟ ପକ୍ଷରୁ ଭୁବନେଶ୍ୱରରେ ଏକ ରୋଡ୍ଶୋ'ର ଆୟୋଜନ କରାଯାଇଥିଲା। ଏହି ପରିପ୍ରେକ୍ଷୀରେ ବନ୍ଦର, ନୌପରିବହନ ଓ ଜଳପଥ ଏବଂ ଆୟୁଷ ମନ୍ତ୍ରୀ ସର୍ବାନନ୍ଦ ସୋନୱାଲ ଭିସି ଜରିଆରେ ଯୋଗଦେଇ ଏହାର ଶୁଭାରମ୍ଭ କରିବା ସହ ଭାରତ ନୌବାଣିଜ୍ୟ କ୍ଷେତ୍ରରେ ଏକ ନୂତନ ଯୁଗର ଅଗ୍ରଭାଗରେ ରହିଛି ଏବଂ ଦେଶ ଏକ ଅନୁକୂଳ ବ୍ୟବସାୟ ପରିବେଶ ପାଇଁ ବୈଷୟିକ ଅଗ୍ରଗତି ଓ ଭିତ୍ତିଭୂମି ଉନ୍ନତୀକରଣ ମାଧ୍ୟମରେ ପ୍ରଗତିର ଏକ ଯାତ୍ରା ଆରମ୍ଭ କରିଛି ବୋଲି ବିସ୍ତୃତ ଭାବେ ମତପ୍ରକାଶ କରିଛନ୍ତି। ସେହିଭଳି ବନ୍ଦର, ନୌପରିବହନ ଓ ଜଳପଥ ମନ୍ତ୍ରୀ ଶାନ୍ତନୁ ଠାକୁର କହିଛନ୍ତି, ଦେଶର ସାମଗ୍ରିକ ନୌବାଣିଜ୍ୟ ଆକାଂକ୍ଷାଗୁଡିକୁ ପ୍ରତିଫଳନ କରିବା ସହିତ ୨୦୩୦ ର ଉଚ୍ଚାଭିଳାଷୀ ଲକ୍ଷ୍ୟ ପାଇଁ ପ୍ରସ୍ତୁତ ରହିଛି। ସେହିପରି ବନ୍ଦର, ନୌପରିବହନ ଓ ଜଳପଥ ମନ୍ତ୍ରଣାଳୟର ଯୁଗ୍ମ ସଚିବ ଭୂଷଣ କୁମାର କହିଛନ୍ତି, ଆମେ ସ୍ୱୟଂଚାଳିତ ବନ୍ଦର ଓ ଟର୍ମିନାଲଗୁଡ଼ିକୁ ଘରୋଇ କ୍ଷେତ୍ର ସହିତ ସହଭାଗିତା ଜରିଆରେ ଆମର ବନ୍ଦରଗୁଡିକର ଦକ୍ଷତା ବୃଦ୍ଧି କରିବା ପାଇଁ ପ୍ରୟାସ କରୁଛୁ। ଅପରପକ୍ଷରେ ରୋଡ ଶୋ'ର ୨ପର୍ଯ୍ୟାୟରେ ଏକ ଖବରଦାତା ସମ୍ମିଳନୀକୁ ସମ୍ବୋଧିତ କରି ପାରାଦୀପ ପୋର୍ଟ ଅଥରଟି (ପିପିଏ)ର ଅଧ୍ୟକ୍ଷ ପିଏଲ୍ ହାରାନ୍ଧ ଜିଏମ୍ଆଇଏସ୍-୨୦୨୩ର ଆଭିମୁଖ୍ୟ ଓ ପାରାଦୀପ ବନ୍ଦରର ଭୂମିକା ବିଷୟରେ ବିସ୍ତୃତ ଆଲୋଚନା ସହ ପାରାଦୀନ ବନ୍ଦର କାର୍ଯ୍ୟ କଳାପ ଓ ଆଗାମୀ ଦିନର ବିକାଶ ଓ ପଦକ୍ଷେପ ଆଦି ବିଷୟରେ ବିସ୍ତୃତ ସୂଚନା ପ୍ରଦାନ କରିଛନ୍ତି। ଉକ୍ତ ସମ୍ମିଳନୀରେ ବନ୍ଦର, ନୌପରିବହନ ଓ ଜଳପଥ ମନ୍ତ୍ରଣାଳୟର ଯୁଗ୍ମ ସଚିବ ଭୂଷଣ କୁମାର, ପିପିଏର ଉପାଧ୍ୟକ୍ଷ ନୀଳାଭ୍ର ଦାସଗୁପ୍ତା ଏବଂ ସମ୍ପାଦକ ଡ. ପି.ଏନ୍.ବାହେକର ପ୍ରମୁଖ ଉପସ୍ଥିତ ଥିଲେ। ଅପରପକ୍ଷରେ ରୋଡ୍ ଶୋ'ର ପ୍ରାରମ୍ଭିକ ସଭାରେ ଶିଳ୍ପ ସଚିବ ହେମନ୍ତ ଶର୍ମା, ବାଣିଜ୍ୟ ଓ ପରିବହନ ସଚିବ ଉଷା ପାଢ଼ୀଙ୍କ ସମେତ ଗୋପାଳପୁର ପୋର୍ଟର ସିଇଓ ଭି.ଜନାର୍ଦ୍ଦନ ରାଓ ଏବଂ ଧାମରା ପୋର୍ଟର ସିଓଓ ସଞ୍ଜୀବ କୁମାର ଗୁପ୍ତା ପ୍ରମୁଖ ଉପସ୍ଥିତ ଥିଲେ। ଉଲ୍ଲେଖଯୋଗ୍ୟ, ଏହା ପୂର୍ବରୁ ଚେନ୍ନାଇ, କୋଲ୍କାତା, ମାଙ୍ଗାଲୋର, ବିଶାଖାପାଟଣା, ଗୋଆ ଓ ଗୁଆହାଟୀରେ ରୋଡ୍ଶୋ'ର ଆୟୋଜନ କରାଯାଇଥିଲା।



ଖବରଦାତା ସମ୍ମିଳନୀକୁ ପାରାଦୀପ ପୋର୍ଟ ଅଥରଟିର ଅଧ୍ୟକ୍ଷ ପିଏଲ୍ ହାରାନ୍ଧ ସମ୍ବୋଧିତ କରୁଛନ୍ତି ।

# ଟିପିସିଓଡିଏଲ୍ର ଭ୍ରାମ୍ୟମାଣ ସ୍ୱାସ୍ଥ୍ୟ ଡିସ୍ପେନ୍ସାରି

ଭୁବନେଶ୍ୱର,୫।୯

ଟାଟା ପାୱାର ଏବଂ ଓଡ଼ିଶା ସରକାରଙ୍କ ଯୌଥ ଉଦ୍ୟୋଗ ଟିପି ସେଣ୍ଟ୍ରାଲ ଓଡ଼ିଶା ଡିଷ୍ଟ୍ରିବ୍ୟୁଶନ ଲିମିଟେଡ୍ (ଟିପିସିଓଡିଏଲ୍)ର ସ୍ୱତନ୍ତ୍ର ସ୍ୱାସ୍ଥ୍ୟ ପ୍ରକଳ୍ପ 'ଆରୋଗ୍ୟ' ଅଧୀନରେ ୨ଟି ଅତ୍ୟାଧୁନିକ ଭ୍ରାମ୍ୟମାଣ ସ୍ୱାସ୍ଥ୍ୟ ଡିସ୍ପେନ୍ସାରିକୁ ନିକଟରେ ଆନୁଷ୍ଠାନିକ ଭାବେ ଶୁଭାରମ୍ଭ କରାଯାଇଛି। ଏହି ପରିପ୍ରେକ୍ଷୀରେ ଟିପିସିଓଡିଏଲ୍ର ସିଇଓ ଅରବିନ୍ଦ ସିଂହ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଉକ୍ତ ଭ୍ରାମ୍ୟମାଣ ସ୍ୱାସ୍ଥ୍ୟ ଡିସ୍ପେନ୍ସାରିକୁ ଉଦ୍ଘାଟନ କରିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଟିପିସିଓଡିଏଲ୍ର ବହୁ ବରିଷ୍ଠ ଅଧିକାରୀ ଓ ଅନ୍ୟମାନେ ଉପସ୍ଥିତ ଥିଲେ। ବିଶେଷ କରି ଏକ ନିର୍ଦ୍ଦିଷ୍ଟ ଅଞ୍ଚଳରେ ସ୍ୱାସ୍ଥ୍ୟସେବା ପ୍ରଦାନ କରିବା ଲାଗି ଏହି ଭ୍ରାମ୍ୟମାଣ ସ୍ୱାସ୍ଥ୍ୟ ଡିସ୍ପେନ୍ସାରି ଭୁବନେଶ୍ୱର ସର୍କଲ୍-୨ ଏବଂ ପାରାଦୀପ ସର୍କଲରେ ଉକ୍ତ ଡିସ୍ପେନ୍ସାରିକୁ ମୁତୟନ କରାଯାଇଛି। ଭୁବନେଶ୍ୱର ସର୍କଲ-୨ରେ ମୁତୟନ କରାଯାଇଥିବା ଭ୍ରାମ୍ୟମାଣ ସ୍ୱାସ୍ଥ୍ୟ ଡିସ୍ପେନ୍ସାରି ନୟାଗଡ଼, ଖୋର୍ଦ୍ଧା ଓ ବାଲୁଗାଁ ଡିଭିଜନରେ ସେବା ପ୍ରଦାନ କରିବ। ସେହିଭଳି ପାରାଦୀପ ସର୍କଲରେ ମୁତୟନ କରାଯାଇଥିବା ଭ୍ରାମ୍ୟମାଣ ଡିସ୍ପେନ୍ସାରି ପାରାଦୀପ, କେନ୍ଦ୍ରାପଡ଼ା ଓ ମାର୍ଶାଘାଇ ଡିଭିଜନରେ ଆବଶ୍ୟକ ସ୍ୱାସ୍ଥ୍ୟସେବା ପ୍ରଦାନ କରିବ। ବିଶେଷକରି ଡାକ୍ତର, ନର୍ସ ଓ ଫାର୍ମାସିଷ୍ଟଙ୍କ ଭଳି ଅଭିଜ୍ଞ ମେଡିକାଲ ପେସାଦାରମାନେ ଆବଶ୍ୟକ ସେବା ଯୋଗାଇବା ସହ ଲୋକମାନଙ୍କୁ ମାଗଣାରେ ପରାମର୍ଶ ଓ ଔଷଧ ପ୍ରଦାନ କରୁଛନ୍ତି। ଏପରିକି ଉକ୍ତ ଭ୍ରାମ୍ୟମାଣ ଡିସ୍ପେନ୍ସାରିକୁ ଏଭଳି ଭାବେ ପ୍ରସ୍ତୁତ କରାଯାଇଛି, ଯାହା ଦ୍ୱାରା ରୋଗୀଙ୍କୁ ଆବଶ୍ୟକ ସେବା ବ୍ୟତୀତ ସ୍ୱାସ୍ଥ୍ୟସେବା ପରାମର୍ଶ, ସ୍ୱଚ୍ଛତା ଓ ସଚେତନତା କାର୍ଯ୍ୟକ୍ରମ ଏବଂ ଜିଲା ସ୍ୱାସ୍ଥ୍ୟ ଅଧିକାରୀଙ୍କ ସହଯୋଗରେ ଗୁରୁତ୍ୱର ମାମଲାଗୁଡ଼ିକ ପାଇଁ ସ୍ୱତନ୍ତ୍ର ଆମ୍ବୁଲାନ୍ସ ସେବା ପ୍ରଦାନ କରୁଛି। ଏ ସମ୍ପର୍କରେ ଟିପିସିଓଡିଏଲ୍ର ସିଇଓ ଅରବିନ୍ଦ ସିଂହ କହିଛନ୍ତି, ଏକ ସମୃଦ୍ଧ ସମୁଦାୟର ମୂଳଦୁଆ ପାଇଁ ଗୁଣାତ୍ମକ ସ୍ୱାସ୍ଥ୍ୟ ସେବା ପହଞ୍ଚିବା ଜରୁରୀ ବୋଲି ଆମର ବିଶ୍ୱାସ ରହିଛି।




# ଜେଏସ୍ଏଲ୍କୁ ନୂତନ ଗ୍ରେଡ୍ ସାର୍ଟିଫିକେଶନ

ଭୁବନେଶ୍ୱର,୫।୯

ଜିନ୍ଦଲ ଷ୍ଟେନ୍ଲେସ୍ ଲିମିଟେଡ୍ (ଜେଏସ୍ଏଲ୍)କୁ ନିକଟରେ ବ୍ୟୁରୋ ଅଫ୍ ଇଣ୍ଡିଆନ୍ ଷ୍ଟାଣ୍ଡାର୍ଡ (ବିଆଇଏସ୍)ର ନୂତନ ଗ୍ରେଡ୍ ସାର୍ଟିଫିକେଶନ ଦିଆଯାଇଛି। ବିଶେଷକରି ବିଭିନ୍ନ ଉତ୍ପାଦ ପାଇଁ ଗୁଣବତ୍ତା ଏବଂ ପ୍ରମାଣୀକରଣ ମାନ ନିର୍ଦ୍ଧାରଣ କରୁଥିବା ବିଆଇଏସ୍ ଆଇଏସ୍ ୧୫୯୯୭ ମାନକ ଅନୁଯାୟୀ ତିନୋଟି ଗ୍ରେଡ୍ ଏନ୍୫, ଏନ୍୬, ଏବଂ ଏନ୍୭'ର ସର୍ବଭାରତୀୟ ପ୍ରଚଳନ କରିଛନ୍ତି, ଯାହାକି ବାସନକୁସନ ଏବଂ ରୋଷେଇ ସାମଗ୍ରୀ ଆଦିରେ ବ୍ୟବହୃତ ହେଉଥିବା ଷ୍ଟେନ୍ଲେସ୍ ଷ୍ଟିଲ୍ ପାଇଁ ବିଶେଷ ଭାବେ ଉଦ୍ଦିଷ୍ଟ ହୋଇଥାଏ ବୋଲି ବିଆଇଏସ୍ ପକ୍ଷରୁ କୁହାଯାଇଛି।

ସେହିଭଳି ଗ୍ରାହକଙ୍କ କଲ୍ୟାଣ ପାଇଁ ବିଆଇଏସ୍ର ଏହା ଏକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ହୋଇଥିବାବେଳେ ଖାଦ୍ୟସାମଗ୍ରୀ ସହ ସ୍ୱାସ୍ଥ୍ୟ ଏବଂ ସ୍ୱଚ୍ଛତାର ଗୁରୁତ୍ୱପୂର୍ଣ୍ଣ ବିଷୟ ସହିତ ଜଡିତ ଉଭୟ ଉତ୍ପାଦକ ଓ ନିର୍ମାତଙ୍କ ପାଇଁ ନୂତନ ଗ୍ରେଡ୍ ବିଆଇଏସ୍ ସାର୍ଟିଫିକେଶନ ଜରୁରୀ ବୋଲି ବିଆଇଏସ୍ ପକ୍ଷରୁ ଘୋଷଣା କରାଯାଇଛି। ସେହିପରି ନିୟାମକଙ୍କ ଏହି ବର୍ଦ୍ଧିତ ମାନକ ଅଧୀନରେ ପରିଚାଳିତ ସଂସ୍ଥାଗୁଡିକ ଏହି ନୂତନ ଗ୍ରେଡ୍ ସାର୍ଟିଫିକେଟ୍ ପ୍ରାପ୍ତ କରିବା ଅନିବାର୍ଯ୍ୟ ହୋଇଥିବା କୁହାଯାଇଛି। ଉଲ୍ଲେଖଯୋଗ୍ୟ, ଭାରତର ପ୍ରଥମ ଘରୋଇ କମ୍ପାନୀ ଭାବେ ଜିନ୍ଦଲ ଷ୍ଟେନ୍ଲେସ୍ ଉପରୋକ୍ତ ପ୍ରାମଣ ହାସଲ କରିଥିବା ଜେଏସ୍ଏଲ୍ ପକ୍ଷରୁ କୁହାଯାଇଛି।

ଏ ସମ୍ପର୍କରେ ଜେଏସ୍ଏଲ୍ର ପରିଚାଳନା ନିର୍ଦ୍ଦେଶକ ଅଭ୍ୟୁଦୟ ଜିନ୍ଦଲ କହିଛନ୍ତି, ବାସନକୁସନ ଏବଂ ରୋଷେଇ ସାମଗ୍ରୀ ପାଇଁ ଏହି ନୂତନ ଗ୍ରେଡ୍ ଅନ୍ତର୍ଭୁକ୍ତ କରିବା ବେଶ୍ ଉତ୍ସାହଜନକ ହୋଇଥିବାବେଳେ ବିଆଇଏସ୍ର ନିଷ୍ପତ୍ତି ଗ୍ରାହକଙ୍କ ସ୍ୱାସ୍ଥ୍ୟ ତଥା ସ୍ୱଚ୍ଛତାକୁ ପ୍ରୋତ୍ସାହିତ କରିବା ଦିଗରେ ଏକ ସକାରାତ୍ମକ ପଦକ୍ଷେପ ହେବ। ବିଶେଷକରି ଗ୍ରାହକଙ୍କ ସ୍ୱାର୍ଥ ରକ୍ଷା ପାଇଁ ଷ୍ଟେନ୍ଲେସ୍ ଷ୍ଟିଲର ବ୍ୟବହାର ସହିତ ବାସନକୁସନ ଏବଂ ରୋଷେଇ କ୍ଷେତ୍ରରେ ବିଆଇଏସ୍ ନାମାଙ୍କ ପାଳନ କରିବାକୁ ସେ ସରକାରଙ୍କୁ ଆବଶ୍ୟକ ପଦକ୍ଷେପ ଗ୍ରହଣ ପାଇଁ ଅନୁରୋଧ କରୁଛନ୍ତି।

ଅପରପକ୍ଷରେ ବଜାର ଚାହିଦା, ବୈଷୟିକ ପରିବର୍ତ୍ତନ, ଗ୍ରାହକଙ୍କ ପସନ୍ଦ ସହ ଖାପ ଖୁଆଇବା ଏବଂ ବଜାର ଆବଶ୍ୟକତା ସହିତ ମାନକଗୁଡ଼ିକୁ ପ୍ରକୃତରେ ପ୍ରାସଙ୍ଗିକ କରାଇବାକୁ ସୁନିଶ୍ଚିତ କରିବା ଉଦ୍ଦେଶ୍ୟରେ ବିଆଇଏସ୍ ଏହି ନୂତନ ଗ୍ରେଡ୍ର ଶୁଭାରମ୍ଭ କରିଛି।

# ଓଡ଼ିଶା ଖାଦ୍ୟ ପ୍ରକ୍ରିୟାକରଣ କନ୍କ୍ଲେଭ ଉଦ୍ଯାପିତ



ଦୁଇଦିନିଆ ଓଡ଼ିଶା ଖାଦ୍ୟ ପ୍ରକ୍ରିୟାକରଣ କନ୍କ୍ଲେଭ ଆଣ୍ଡ ଇଣ୍ଡଷ୍ଟ୍ରି ମିଟ୍ରେ ଅଂଶଗ୍ରହଣ କରିଥିବା ଅତିଥିବୃନ୍ଦ।

ଭୁବନେଶ୍ୱର,୫।୯

କେନ୍ଦ୍ର ସରକାରଙ୍କ ଖାଦ୍ୟ ପ୍ରକ୍ରିୟାକରଣ ଶିଳ୍ପ ମନ୍ତ୍ରଣାଳୟ ( ଏମ୍ଓଏଫ୍ପିଆଇ) ଏବଂ ପିଏଚ୍ଡି ଚାମ୍ବର ଅଫ୍ କର୍ମସ ଆଣ୍ଡ ଇଣ୍ଡଷ୍ଟ୍ରିର ମିଳିତ ସହଯୋଗରେ ଆୟୋଜିତ ଓଡ଼ିଶା ଖାଦ୍ୟ ପ୍ରକ୍ରିୟାକରଣ କନ୍କ୍ଲେଭ ଆଣ୍ଡ ଇଣ୍ଡଷ୍ଟ୍ରି ମିଟ୍ ମଙ୍ଗଳବାର ଉଦ୍ଯାପିତ ହୋଇଯାଇଛି। ଭୁବନେଶ୍ୱରଠାରେ ଆୟୋଜିତ ଏହି ୨ ଦିନିଆ ସମ୍ମିଳନୀରେ ଖାଦ୍ୟ ପ୍ରକ୍ରିୟାକରଣ ୟୁନିଟ୍ଗୁଡିକ ଦ୍ୱାରା ଏକ ସ୍ୱତନ୍ତ୍ର ପ୍ରଦର୍ଶନୀ କରାଯାଇଥିଲା। ଉକ୍ତ କନ୍କ୍ଲେଭରେ ୨୮ଟି ଶିଳ୍ପର ଶିଳ୍ପ ପ୍ରତିନିଧି ଓ ଅନ୍ୟମାନେ ଅଂଶଗ୍ରହଣ କରିଥିଲେ। ଅପରପକ୍ଷରେ କନ୍କ୍ଲେଭର ୨ ଦିନରେ ଖାଦ୍ୟ ପ୍ରକ୍ରିୟାକରଣର ବିଭିନ୍ନ ସମସ୍ୟା ଓ ଆବଶ୍ୟକତା ସମ୍ପର୍କରେ ବିସ୍ତୃତ ଆଲୋଚନା ବିଶେଷଜ୍ଞଙ୍କ ଦ୍ୱାରା କରାଯାଇଥିଲା। ବିଶେଷକରି ଖାଦ୍ୟ ପ୍ରକ୍ରିୟାକରଣ ବ୍ୟବସାୟ ସାଙ୍ଗକୁ ପୁଞ୍ଜିନିବେଶ ଓ ବିନିଯୋଗ, ଯୋଜନା ଏବଂ ପ୍ରୋତ୍ସାହନ ପାଇଁ ଆବଶ୍ୟକ ପଦକ୍ଷେପ ଗ୍ରହଣ ଉପରେ ବିଚାରବିମର୍ଶ କରାଯାଇଥିଲା। ଏହି ପରିପ୍ରେକ୍ଷୀରେ ଜୟଶ୍ରୀ ମହାନ୍ତି, ତାପସ ଚନ୍ଦ୍ର ରାୟ, ନଗେଶ ବାରିକ, ଓମ୍କାର ରାଏ, ସୁଶାନ୍ତ କୁମାର ପଣ୍ଡା, ଗୌତମ ମହାନ୍ତି ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ନିଜ ନିଜର ମତ ଉପସ୍ଥାପନ କରିଥିଲେ। ସେହିପରି କନ୍କ୍ଲେଭର ଉଦ୍ଘାଟନୀରେ ଶିଳ୍ପର ବିକାଶ ପାଇଁ ବିଭିନ୍ନ ପ୍ରସ୍ତାବ ସହ ୨ଟି ଗୁରୁତ୍ୱପୂର୍ଣ୍ଣ ଅଧିବେଶନର ଆୟୋଜନ କରାଯାଇଥିଲା। ଅପରପକ୍ଷରେ ଓଡ଼ିଶା ପ୍ରଦେଶର ବିଭିନ୍ନ ଦିଗ ଓ ବ୍ୟବସାୟିକ କାର୍ଯ୍ୟକଳାପ ଉପରେ ବିସ୍ତୃତ ଆଲୋଚନା କରାଯାଇଥିଲା। ପରିଶେଷରେ ପିଏଚ୍ଡିସିସିଆଇର ଆବାସିକ ନିର୍ଦ୍ଦେଶକ ପ୍ରଣବ ସିଂହ ଧନ୍ୟବାଦ ଅଭିଭାଷଣ ପ୍ରଦାନ କରିଥିଲେ।

# ହଜାର କୋଟି କମ୍ପାନୀ ସମୂହରେ ଏଲ୍ପିଏଲ୍

ଭୁବନେଶ୍ୱର,୫।୯

ଲିଙ୍କଲନ୍ ଫାର୍ମାସ୍ୟୁଟିକାଲ୍ସ ଲିମିଟେଡ୍ (ଏଲ୍ପିଏଲ୍)କୁ ନିକଟରେ ଏକ ସମ୍ମାନଜନକ ସ୍ୱୀକୃତି ଏବଂ ମାନ୍ୟତା ମିଳିଛି। ବିଶେଷକରି କମ୍ପାନୀ ପ୍ରଥମ ଥର ପାଇଁ ୧୦୦୦ କୋଟି ଟଙ୍କାରୁ ଅଧିକ ବଜାର ପୁଞ୍ଜୀକରଣ କମ୍ପାନୀ ସମୂହ ତାଲିକାରେ ପ୍ରବେଶ କରିଛି। ଉଲ୍ଲେଖଯୋଗ୍ୟ, ନିକଟରେ କମ୍ପାନୀର ଶେୟାର ମୂଲ୍ୟ ୫୨ ସପ୍ତାହ ମଧ୍ୟରେ ସର୍ବୋଚ୍ଚ ସ୍ତର ସହ ଶେୟାର ପିଛା ୫୦୩.୩୫ଟଙ୍କାରେ ପହଞ୍ଚିଥିଲା। ଏପରିକି କମ୍ପାନୀ ଆଗାମୀ ବର୍ଷରେ ରାଜସ୍ୱ ଆୟର ସୁସ୍ଥ ଅଭିବୃଦ୍ଧି ଧାରା ବଜାୟ ରଖିବାକୁ ଲକ୍ଷ୍ୟ ରଖିବା ସହିତ 'ନେଟ୍ ଡେବଟ୍ ମୁକ୍ତ' ସ୍ଥିତି ବଜାୟ ରଖି ୨୦୨୬ ଆର୍ଥିକ ବର୍ଷ ସୁଦ୍ଧା ୭୫୦ କୋଟି ଟଙ୍କା ରାଜସ୍ୱ ଆୟ ଲକ୍ଷ୍ୟ ହାସଲ କରିବାକୁ ଧାର୍ଯ୍ୟ କରିଛି। ସେହିଭଳି ୨୦୨୩ ଆର୍ଥିକ ବର୍ଷ ନିମନ୍ତେ କମ୍ପାନୀ ଯେକୌଣସି ଗୋଟିଏ ଆର୍ଥିକ ବର୍ଷରେ ସର୍ବୋତ୍ତମ ଫଳାଫଳ ପ୍ରଦର୍ଶନ କରିବା ସହିତ ସର୍ବାଧିକ ରାଜସ୍ୱ, ଇବିଆଇଟିଡିଏ ଏବଂ ନେଟ ଲାଭ ଉପାର୍ଜନ କରିଛି। ଏପରିକି ଗୋଟିଏ ଆର୍ଥିକ ବର୍ଷରେ କମ୍ପାନୀ ପ୍ରଥମ ଥର ପାଇଁ ୫୦୦କୋଟି ଟଙ୍କାରୁ ଅଧିକ ରାଜସ୍ୱ ଆୟ ଏବଂ ଟିକସ ପୈଠ ପୂର୍ବରୁ ୧୦୦ କୋଟି ଟଙ୍କାରୁ ଅଧିକ ଲାଭ କରିଛି। ସେହିପରି ୨୦୨୪ ଆର୍ଥିକ ବର୍ଷର ପ୍ରଥମ ତ୍ରୈମାସିକରେ କମ୍ପାନୀ ପରିଚାଳନାଗତ ଏବଂ ଆର୍ଥିକ କ୍ଷେତ୍ରରେ ଉଚ୍ଚ ପ୍ରଦର୍ଶନ କରିଥିଲାବେଳେ କମ୍ପାନୀର ନେଟ୍ ଲାଭ ପୂର୍ବ ବର୍ଷ ତୁଳନାରେ ୨୬.୭% ଏବଂ ଇବିଆଇଟିଡିଏ ୨୧.୪% ଓ ମୋଟ ଆୟ ୧୦.୩%କୁ ବୃଦ୍ଧି ପାଇଥିଲା। କମ୍ପାନୀ ସଫଳତାର ସହିତ ଗୁଜରାଟର ମେହସାନାଠାରେ ଥିବା ସେଫାଲୋସ୍ପୋରିନ କାରଖାନାର ସମ୍ପ୍ରସାରଣ କାର୍ଯ୍ୟ ସମ୍ପୂର୍ଣ୍ଣ କରିଛି। ଉକ୍ତ କାରଖାନାରୁ ବ୍ୟବସାୟିକ ଉତ୍ପାଦନ ଆରମ୍ଭ ହୋଇଛି ଏବଂ କମ୍ପାନୀ ଘରୋଇ ବଜାରରେ ଉତ୍ପାଦିତ ସାମଗ୍ରୀ ବିକ୍ରି ଆରମ୍ଭ କରିଥିବାବେଳେ ରପ୍ତାନି ନିମନ୍ତେ ଅନେକ ରାଷ୍ଟ୍ର ପାଇଁ ଉତ୍ପାଦ ପଞ୍ଜୀକରଣ ପ୍ରକ୍ରିୟା ଚାଲିଛି। ଆଗାମୀ ୩ବର୍ଷ ମଧ୍ୟରେ ଏହି କାରଖାନାରୁ ପ୍ରାୟ ୧୫୦ କୋଟି ଟଙ୍କାର ବିକ୍ରି ବାବଦ ଆୟ ହେବା ଆଶା କରାଯାଉଛି। ଅପରପକ୍ଷରେ ୨୦୧୩ ଆର୍ଥିକ ବର୍ଷରୁ ଆରମ୍ଭକରି ୨୦୨୩ ଆର୍ଥିକ ବର୍ଷ ପର୍ଯ୍ୟନ୍ତ ପ୍ରତିଟି ବର୍ଷରେ ଲାଭ ଉପାର୍ଜନରେ ଅଭିବୃଦ୍ଧି ହାସଲ କରିଥିବା ଅଳ୍ପ କେତେକ କମ୍ପାନୀ ମଧ୍ୟରେ ଏହି କମ୍ପାନୀ ସ୍ଥାନ ପାଇଛି। ଭାରତୀୟ ଷ୍ଟକ୍ ବଜାରରେ ତାଲିକାଭୁକ୍ତ ୪୨୦୦ରୁ ଅଧିକ କମ୍ପାନୀ ମଧ୍ୟରୁ ଏଭଳି ସଫଳତା ହାସଲ କରିଥିବା ମାତ୍ର ୧୬ଟି କମ୍ପାନୀ ମଧ୍ୟରେ ଏହା ରହିଥିବା ମର୍ନିଂଷ୍ଟାର ବିଶ୍ଳେଷଣରୁ ଜଣାପଡିଛି।

## ସ୍ୱତନ୍ତ୍ର

# ଦେଶ ନାଁରେ ରାଜନୀତି

ନୂଆଦିଲ୍ଲୀ,୫।୯
(ପ୍ରସ୍ତୁତି: ଦୁର୍ଯ୍ୟୋଧନ ମିଶ୍ର)

ଶାସକ ଓ ବିରୋଧୀଙ୍କ ରାଜନୀତିର ପଶାପାଲିରେ ଭୂଖଣ୍ଡ ଦୁଇଭାଗରେ ବିଭାଜିତ। ଦେଶ ଗୋଟିଏ କିନ୍ତୁ ଦୁଇଟି ନାମରେ ବିଭକ୍ତ। ଗୋଟିଏ ଭାରତ ଓ ଅନ୍ୟଟି ଇଣ୍ଡିଆ। ଦୁଇଟିଯାକ ସମାନ ହୋଇଥିଲେ ବି ବିରୋଧୀ ଦଳଗୁଡ଼ିକ ନିଜ ମଞ୍ଚର ନାମ ଇଣ୍ଡିଆ (ଭାରତୀୟ ଜାତୀୟ ଗଣତାନ୍ତ୍ରିକ ସମାବେଶୀ ମେଣ୍ଟ) ରଖିବା ପରେ ମନେହେଉଛି ସତେଯେମିତି ଶାସକଙ୍କ ପାଇଁ ଅସ୍ପୃଶ୍ୟ ହୋଇଯାଇଛି 'ଇଣ୍ଡିଆ' ଶବ୍ଦ। ସମ୍ଭବତଃ ଏଇଥିପାଇଁ ସେମାନେ ଦେଶର ନାମ କେବଳ 'ଭାରତ' ରଖିବା ପାଇଁ ଉଦ୍ୟମ ଆରମ୍ଭ କରିଛନ୍ତି। ତାହା ପୁଣି ରାଷ୍ଟ୍ରପତିଙ୍କ ଜରିଆରେ। କୁହାଯାଉଛି, କେନ୍ଦ୍ର ଡାକିଥିବା ସଂସଦର ସ୍ୱତନ୍ତ୍ର ଅଧିବେଶନରେ ଏନେଇ ବିଧେୟକ ଆସିବ।

ଶାସକ ଭାରତୀୟ ଜନତା ପାର୍ଟି (ଭାଜପା)ର ମାର୍ଗଦର୍ଶକ ରାଷ୍ଟ୍ରୀୟ ସ୍ୱୟଂସେବ ସଂଘ (ଆର୍ଏସ୍ଏସ୍) ଦେଶର ନାମ 'ଇଣ୍ଡିଆ' ପରିବର୍ତ୍ତେ 'ଭାରତ' ରଖିବାକୁ ପ୍ରସ୍ତାବ ଦେଇଥିଲା। ଗତ ଶୁକ୍ରବାର ଗୁଆହାଟୀରେ ସରସଂଘଚାଳକ ମୋହନ ଭାଗବତ କହିଥିଲେ, ଆମେ 'ଇଣ୍ଡିଆ' ବ୍ୟବହାର ବନ୍ଦ କରି 'ଭାରତ' କହିବା ଆରମ୍ଭ କରିବା ଉଚିତ। ବେଳେବେଳେ ଇଂଲିଶ ବୁଝୁଥିବା ଲୋକଙ୍କ ସହ କଥା ହେବା ସମୟରେ ଆମେ 'ଇଣ୍ଡିଆ' ବୋଲି କହିଥାଉ। ଏହା ଆପେ ଆପେ ଆସିଯାଇଥାଏ। ତେବେ ତୁମେ ବିଶ୍ୱର ଯେଉଁଆଡ଼େ ଗଲେ ବି ଆମ ଦେଶର ନାମ ' ଭାରତ' ହୋଇ ରହିଥିବ। ଲେଖାପଢ଼ା ହେଉ କି କଥୋପକଥନ ସବୁଠି 'ଭାରତ' ବ୍ୟବହାର କର ବୋଲି ଭାଗବତ ପରାମର୍ଶ ଦେଇଥିଲେ। ଦେଶରେ 'ଇଣ୍ଡିଆ ବନାମ ଭାରତ'କୁ ନେଇ ରାଜନୀତି ଗତ ଜୁଲାଇରେ ଆରମ୍ଭ ହୋଇଥିଲା, ଯେତେବେଳେ ବିରୋଧୀ ଦଳଗୁଡ଼ିକ ନିଜ ମେଣ୍ଟର ନାମ 'ଇଣ୍ଡିଆ' ରଖିଥିଲେ। ଏହା ହେଉଛି ଭାଜପା ନେତୃତ୍ୱାଧୀନ ଜାତୀୟ ଗଣତାନ୍ତ୍ରିକ ମେଣ୍ଟ (ଏନ୍ଡିଏ) ଏବଂ ଇଣ୍ଡିଆ ମଧ୍ୟରେ ବୈଚାରିକ ଲଢ଼େଇ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ୨୬ ଅଣଭାଜପା ଦଳର ନେତାଙ୍କ ମଧ୍ୟରେ ଭୋଟ ରାଜନୀତି ପାଇଁ ନିର୍ବାଚନୀ ଯୁଦ୍ଧ। ଖବରଦାତା ସମ୍ମିଳନୀରେ ମେଣ୍ଟର ନାମ ଘୋଷଣା ବେଳେ କଂଗ୍ରେସ ନେତା ରାହୁଲ ଗାନ୍ଧୀଙ୍କ ଏକ ମନ୍ତବ୍ୟ ଏଠାରେ ଉଲ୍ଲେଖଯୋଗ୍ୟ। ରାହୁଲ କହିଥିଲେ, ଯଦି କେହି ଇଣ୍ଡିଆ ବିରୋଧରେ ଛିଡ଼ାହୁଏ ତେବେ କାହାର ବିଜୟ ହେବ।




## ଇଣ୍ଡିଆ ବନାମ ଭାରତ

ଅକ୍ସଫୋର୍ଡ ଡିକ୍ସନାରି (ତୃତୀୟ ସଂସ୍କରଣ ୨୦୦୯) ଅନୁସାରେ 'ଇଣ୍ଡିଆ' ନାମ କ୍ଲାସିକାଲ ଲାଟିନ୍ ଇଣ୍ଡିଆରୁ ଉଦ୍ଧୃତ। ଦକ୍ଷିଣ ଏସିଆ ଏବଂ ଏହାର ଏକ ପୂର୍ବରେ ଥିବା ଏକ ଅନିର୍ଦ୍ଦିଷ୍ଟ ଅଞ୍ଚଳକୁ ଏବଂ ପାର୍ସୀ ଭାଷାରେ ହିନ୍ଦୁକୁଶ (ତ୍ରୟୋଦଶ ଶତାବ୍ଦୀରେ ଆଚମେନିଦ ସାମ୍ରାଜ୍ୟର ଏକ ପୂର୍ବାଞ୍ଚଳ ପ୍ରଦେଶ)କୁ ବୁଝାଇବା ପାଇଁ 'ଇଣ୍ଡିଆ' ବ୍ୟବହାର କରାଯାଏ। ସଂସ୍କୃତରେ ସିନ୍ଧୁନଦୀକୁ ଇନ୍ଦସ୍ ରିଭର କୁହାଯାଏ। ଏହି ନଦୀ ଅବବାହିକାରେ ସ୍ଥାପିତ ବସତିର ନାମ 'ଇଣ୍ଡିଆ' ରଖାଯାଇଥିଲା। ପ୍ରାଚୀନ ଗ୍ରୀକ୍ମାନେ ଇନ୍ଦସ୍ରେ ବସବାସ କରୁଥିବା ଲୋକଙ୍କୁ 'ଇଣ୍ଡୋଇ' କହୁଥିଲେ। ଅନ୍ୟପକ୍ଷେ 'ଭାରତ' ଶବ୍ଦ ଉଭୟ ପ୍ରାଚୀନ କାବ୍ୟ ଓ ଭାରତୀୟ ସମ୍ବିଧାନରେ ସ୍ଥାନିତ। ଆଧୁନିକ ଯୁଗରେ ଯେଉଁ ଭୂଖଣ୍ଡକୁ ଐତିହାସିକ ନାମ 'ଭାରତବର୍ଷ' ରୂପେ ଉଚ୍ଚାରଣ କରାଯାଉଛି, ତାହା ମୂଳତଃ କେବଳ ଉତ୍ତର ଭାରତ କ୍ଷେତ୍ରରେ ବ୍ୟବହାର କରାଯାଉଥିଲା। ସେହିପରି ପ୍ରାଚୀନ କାଳରେ ଭାରତ ଜମ୍ବୁଦ୍ୱୀପ, ଭାରତଖଣ୍ଡ, ହିମବର୍ଷ, ଅଜନାଭବର୍ଷ, ଆର୍ଯ୍ୟାବର୍ତ୍ତ, ହିନ୍ଦ ଓ ହିନ୍ଦୁକୁଶ ନାମରେ ମଧ୍ୟ ପରିଚିତ ଥିଲା। ତ୍ରେତୟା ଯୁଗର ରାଜା ଦଶରଥଙ୍କ ପୁଅ ଭରତଙ୍କ ନାମାନୁସାରେ ଏହି ଭୂଖଣ୍ଡର ନାମ ଭାରତ ହୋଇଥିବା ମଧ୍ୟ ଅନେକ ଐତିହାସିକ ମତ ଦିଅନ୍ତି।

## ଆସ, 'ଇଣ୍ଡିଆ'କୁ ଭୁଲିଯିବା: ଭିଏଚ୍ପି

ଆମେ ଆମ 'ପ୍ରେସିଡେଣ୍ଟ ଅଫ୍ ଇଣ୍ଡିଆ'ଙ୍କୁ ନେଇ ଗର୍ବିତ। ଆସନ୍ତୁ, 'ଇଣ୍ଡିଆ'କୁ ଭୁଲିଯିବା ବୋଲି ବିଶ୍ୱହିନ୍ଦୁ ପରିଷଦ (ଭିଏଚ୍ପି) ରାଷ୍ଟ୍ରୀୟ ମୁଖପାତ୍ର ବିନୋଦ ବଂସଲ ଏକ୍ସ'ରେ ପୋଷ୍ଟ କରିଛନ୍ତି। ଏହାକୁ ନେଇ ସୋସିଆଲ ମିଡିଆରେ ନେଟିଜେନ୍ମାନେ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିଛନ୍ତି। ୟୁଜର୍ସମାନେ ପ୍ରଶ୍ନ କରିଛନ୍ତି, ଯେଉଁ ପ୍ରତିଷ୍ଠାନଗୁଡ଼ିକର ନାମରେ ଇଣ୍ଡିଆ ରହିଛି, ସେଗୁଡ଼ିକ ବି ବଦଳଯିବ? ଇଣ୍ଡିଆନ୍ ସ୍ପେସ୍ ରିସର୍ଚ୍ଚ ଅର୍ଗାନାଇଜେଶନ୍ (ଇସ୍ରୋ), ରିଜର୍ଭ ବ୍ୟାଙ୍କ ଅଫ୍ ଇଣ୍ଡିଆ (ଆର୍ବିଆଇ), ବୋର୍ଡ ଅଫ୍ କଣ୍ଟ୍ରୋଲ ଫର୍ କ୍ରିକେଟ୍ ଇନ୍ ଇଣ୍ଡିଆ (ବିସିସିଆଇ)ର ନାମ ମଧ୍ୟ ପରିବର୍ତ୍ତନ ହେବ କି ବୋଲି ଲୋକେ ଚିନ୍ତାରେ ପଡ଼ିଗଲେଣି।

**ନେଟିଜେନ୍ ପଚାରିଲେ: ଇସ୍ରୋ, ଆର୍ବିଆଇ, ବିସିସିଆଇର ନାମ ବଦଳାଇବ କି**

## ଅମିତାଭଙ୍କ 'ଭାରତ ମାତା' ପୋଷ୍ଟ



ଜି୨୦ ସମ୍ମିଳନୀ ପାଇଁ ଡିନର ଇନ୍ଭାଇଟେଶନ୍ରେ 'ପ୍ରେସିଡେଣ୍ଟ ଅଫ୍ ଭାରତ' ଉଲ୍ଲେଖକୁ ନେଇ ରାଜନୀତି ସରଗରମ ହୋଇଥିବାବେଳେ ବଲିଉଡ୍ ସୁପରଷ୍ଟାର ଅମିତାଭ ବଚ୍ଚନଙ୍କ ଏକ ପୋଷ୍ଟ ଚର୍ଚ୍ଚା ସାଉଣ୍ଟୁଛି। ଏକ୍ସ'ରେ ବିଗ୍ ବି ଲେଖିଛନ୍ତି, ଭାରତ ମାତା କୀ ଜୟ।

## ନାଗରିକ ଭାରତ କିମ୍ବା ଇଣ୍ଡିଆ ନାଁ ବ୍ୟବହାର କରିପାରିବେ

ନୂଆଦିଲ୍ଲୀ,୫।୯ (ପି.ଟି.)

ନାଗରିକମାନେ ସେମାନଙ୍କ ଇଚ୍ଛା ଅନୁସାରେ ଦେଶର ନାଁ ଭାରତ କିମ୍ବା ଇଣ୍ଡିଆ କହିପାରିବେ ବୋଲି ସୁପ୍ରିମକୋର୍ଟ ୨୦୧୬ରେ ଏକ ଜନସ୍ୱାର୍ଥ ମାମଲା (ପିଆଇଏଲ୍)କୁ ଖାରଜ କରିଦେବା ଅବସରରେ କହିଥିଲେ। ଇଣ୍ଡିଆକୁ 'ଭାରତ' ଭାବେ ନାମିତ କରିବା ପାଇଁ ନିର୍ଦ୍ଦେଶ ଦେବା ଲାଗି ଉକ୍ତ ଜନସ୍ୱାର୍ଥ ମାମଲାରେ ନିବେଦନ କରାଯାଇଥିଲା। ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଜି୨୦ ନୈଶ୍ୟଭୋଜି ପାଇଁ ପଠାଇଥିବା ନିମନ୍ତ୍ରଣପତ୍ରରେ 'ପ୍ରେସିଡେଣ୍ଟ ଅଫ୍ ଭାରତ' ଲେଖାଯିବାକୁ ନେଇ ଦେଶବ୍ୟାପୀ ବିତର୍କ ଆରମ୍ଭ ହୋଇଥିବାବେଳେ ପିଆଇଏଲ୍କୁ ଖାରଜ କରିବା ଅବସରରେ ସର୍ବୋଚ୍ଚ ଅଦାଲତ ଦେଇଥିବା ଟିପ୍ପଣୀର ପ୍ରାସଙ୍ଗିକତା ରହିଛି।

ମହାରାଷ୍ଟ୍ରର ନିରାଞ୍ଜନ ଭଟୱାଲ ଇଣ୍ଡିଆ ନାଁ ପରିବର୍ତ୍ତନ ପାଇଁ ସୁପ୍ରିମକୋର୍ଟରେ ପିଆଇଏଲ୍ ଦାଖଲ କରିଥିଲେ। ତତ୍କାଳୀନ ପ୍ରଧାନ ବିଚାରପତି ଟି.ଏସ୍. ଠାକୁର ଏବଂ ବିଚାରପତି ୟୁ.ୟୁ. ଲଳିତ ପିଟିଶନକୁ ଖାରଜ କରିବା ଅବସରରେ ଯଦି ଭାରତ କହିବାକୁ ଚାହୁଁଛ କୁହ, କେହି ଇଣ୍ଡିଆ କହିବାକୁ ଚାହିଁଲେ କହିପାରିବେ ବୋଲି ମତ ଦେଇଥିଲେ। ସେତେବେଳେ ଉକ୍ତ ପିଆଇଏଲ୍କୁ କେନ୍ଦ୍ର ବିରୋଧ କରିଥିଲା। ଇଣ୍ଡିଆ ବଦଳରେ ଭାରତ ନାଁ ବ୍ୟବହାର କରାଯିବାର ନାହିଁ ବୋଲି ୨୦୧୫ ନଭେମ୍ବରରେ କେନ୍ଦ୍ର ସରକାର ସର୍ବୋଚ୍ଚ ଅଦାଲତଙ୍କୁ କହିଥିଲେ। ସମ୍ବିଧାନର ଅନୁଚ୍ଛେଦ ୧(୧)ରେ ଇଣ୍ଡିଆ, ଯାହାକି ଭାରତ, ଏକ ରାଜ୍ୟସଂଘ ହେବ ବୋଲି କୁହାଯାଇଛି।

**୨୦୧୬ରେ ସୁପ୍ରିମକୋର୍ଟ କହିଥିଲେ**

## 'ଭାରତ'କୁ ନେଇ ବଡ଼ ଡିଲ୍ ନାହିଁ: ଅନୁରାଗ

ନୂଆଦିଲ୍ଲୀ,୫।୯ (ପି.ଟି.)

ରାଷ୍ଟ୍ରପତିଙ୍କ ନିମନ୍ତ୍ରଣପତ୍ରରେ 'ପ୍ରେସିଡେଣ୍ଟ ଅଫ୍ ଭାରତ' ଲେଖାଯିବା ପଛରେ କୌଣସି ବଡ଼ ଡିଲ୍ ନାହିଁ। ଦେଶର ନାଁକୁ ବିପକ୍ଷ ଦଳଗୁଡ଼ିକ ବିରୋଧ କରିବା ତାଙ୍କୁ ବିସ୍ମିତ କରିଛି ବୋଲି କେନ୍ଦ୍ରମନ୍ତ୍ରୀ ଅନୁରାଗ ଠାକୁର କହିଛନ୍ତି। ପୂର୍ବରୁ ମଧ୍ୟ ଅନେକ ନିମନ୍ତ୍ରଣପତ୍ରରେ 'ଭାରତ ସରକାର' ଲେଖାଯାଇଛି। ସେ ଭାରତ ସରକାରଙ୍କ ମନ୍ତ୍ରୀ, ଭାରତ ନାଁରେ ଅନେକ ନ୍ୟୁଜ୍ ଚ୍ୟାନେଲ ରହିଛି। ଏଥିରେ ସମସ୍ୟା କ'ଣ ବୋଲି ଅନୁରାଗ ପ୍ରଶ୍ନ କରିଛନ୍ତି।

# ଭାରତୀୟ ବାହିନୀ



**ଆଇସିସି ଦିନିକିଆ କ୍ରିକେଟ ବିଶ୍ୱକପ ପାଇଁ ମଙ୍ଗଳବାର ଭାରତୀୟ ଦଳ ଘୋଷଣା ହୋଇଛି। ଆହତ ସମସ୍ୟା ପାଇଁ ଦୀର୍ଘଦିନ କ୍ରିକେଟରୁ ଦୂରେଇ ରହିଥିବା ଲୋକେଶ ରାହୁଲଙ୍କୁ ଦଳରେ ସାମିଲ କରାଯାଇଛି। ଭାରତୀୟ ଦଳରେ ୭ ସ୍ପେଶାଲିଷ୍ଟ ବ୍ୟାଟର, ୨ ଅଲ୍ ରାଉଣ୍ଡର, ୨ ସ୍ପିନର ଓ ୪ ପେସ୍ ବୋଲରଙ୍କୁ ନିଆ ଯାଇଛି।**

ICC MEN'S CRICKET WORLD CUP INDIA 2023



## ଶୁବମନ ଗିଲ୍

ଜନ୍ମ: ସେପ୍ଟେମ୍ବର ୮, ୧୯୯୯, ମ୍ୟାଚ୍: ୨୯, ରନ୍: ୧୫୧୪। ମାତ୍ର ୨୩ ବର୍ଷ ବୟସରେ ଗିଲ୍ କ୍ରିକେଟର ୩ଟି ଯାକ ଫର୍ମାଟରେ ନିଜର ଉପସ୍ଥିତି ଜାହିର କରିବାରେ ସମର୍ଥ ହୋଇଛନ୍ତି। ଆଇସିସି ଇଭେଣ୍ଟରେ ଭାରତର ଶ୍ରେଷ୍ଠ ବ୍ୟାଟର ରହିଥିବା ଶିଖର ଧାୱନଙ୍କ ସ୍ଥାନରେ ଗିଲ୍ ବିଶ୍ୱକପ୍ ଦଳରେ ସାମିଲ ହୋଇଛନ୍ତି। ଦିନିକିଆରେ ଦ୍ୱିଶତକ ହାସଲ କରି ସାରିଥିବା ଗିଲ୍ଙ୍କଠାରୁ ଟପ୍ ଅର୍ଡରରେ ସମାନ ସଫଳତା ଆଶା କରିବ ଟିମ୍ ମ୍ୟାନେଜମେଣ୍ଟ।

## ହାର୍ଦ୍ଦିକ ପାଣ୍ଡ୍ୟା (ଉପ-ଅଧିନାୟକ)



ଜନ୍ମ: ଅକ୍ଟୋବର ୧୧, ୧୯୯୩, ମ୍ୟାଚ୍: ୭୯, ରନ୍: ୧୫୭୩, ଉଇକେଟ: ୭୪। ୧୯୮୩ ବିଶ୍ୱକପ୍‌ରେ ମହିନ୍ଦର ଅମରନାଥ ଓ ୨୦୧୧ ବିଶ୍ୱକପ୍‌ର ଯୁବରାଜ ସିଂଙ୍କ ଦାୟିତ୍ୱରେ ନଜର ଆସିବେ ଉପ ଅଧିନାୟକ 'ବରୋଦା ବମ୍ବର' ହାର୍ଦ୍ଦିକ ପାଣ୍ଡ୍ୟା। ବିସ୍ଫୋରକ ବ୍ୟାଟିଂ ପାଇଁ ଫିନିଶର ଦାୟିତ୍ୱରେ ନଜର ଆସୁଥିବା ପାଣ୍ଡ୍ୟା ବର୍ତ୍ତମାନ ନିଜକୁ ଜଣେ ସ୍ପେଶାଲିଷ୍ଟ ମଧ୍ୟକ୍ରମ ବ୍ୟାଟରରେ ପରିଣତ କରି ସାରିଛନ୍ତି। ଏହା ସହିତ ୧୦ ଓଭର ବୋଲିଂ କରିବାର ଦକ୍ଷତା ରଖୁଥିବା ପାଣ୍ଡ୍ୟା ଯେକୌଣସି ମୁହୂର୍ତ୍ତରେ ନିଜର ବ୍ୟାଟିଂ ଗିଅର ମଧ୍ୟ ବଦଳାଇବାର ଦକ୍ଷତା ରଖିଥାନ୍ତି।

## ରୋହିତ ଶର୍ମା(ଅଧିନାୟକ)

ଜନ୍ମ: ୩୦ ଏପ୍ରିଲ୍ ୧୯୮୭, ମ୍ୟାଚ୍:୨୪୬, ରନ୍: ୯୯୨୨। ଭାରତୀୟ କ୍ରିକେଟ ଦଳର ଅଧିନାୟକ ରୋହିତ ଶର୍ମାଙ୍କ ନେତୃତ୍ୱରେ ଦଳ ୨୦୧୧ର ସଫଳତା ଆଉଥରେ ଦୋହରାଇବାକୁ ଉଦ୍ୟମ କରିବ। ୨୦୧୧ ଦିନିକିଆ କ୍ରିକେଟ ବିଶ୍ୱକପ୍ ଦଳରେ ରୋହିତ ସ୍ଥାନ ପାଇ ନ ଥିବା ବେଳେ ଏହାର ୩ଟି ବିଶ୍ୱକପ୍ ମଧ୍ୟରେ ସେ ଭାରତୀୟ ଦଳର ନେତୃତ୍ୱ ନେଉଛନ୍ତି। ଦିନିକିଆରେ ୯୯୨୨ ରନ୍ କରି ସାରିଥିବା ବେଳେ ବିଶ୍ୱକପ୍‌ରେ ତାଙ୍କ ନାମରେ ରହିଛି ୬ଟି ଶତକ। ଆଉ ଏକ ଶତକ ହାସଲ କଲେ ସେ ବିଶ୍ୱକପ୍‌ରେ ସର୍ବାଧିକ ଶତକର ରେକର୍ଡ ନିଜ ନାମରେ କରିବେ। ୨୦୧୩ ପରଠାରୁ ଭାରତୀୟ ଦଳ ଏକ ଆଇସିସି ଟ୍ରଫି ହାସଲ କରି ନ ଥିବା ବେଳେ ରୋହିତଙ୍କ ନେତୃତ୍ୱରେ ଦଳ ଟ୍ରଫି ମରୁଡି ଶେଷ କରିବାକୁ ପ୍ରୟାସ କରିବ।



## ବିରାଟ କୋହଲି

ଜନ୍ମ: ନଭେମ୍ବର ୫, ୧୯୮୮, ମ୍ୟାଚ୍: ୨୭୭, ରନ୍: ୧୨୯୦୨। ଯୁବ ଖେଳାଳି ଭାବରେ ବିରାଟ କୋହଲି ୨୦୧୧ ବିଶ୍ୱକପ୍ ବିଜୟୀ ଦଳର ସଦସ୍ୟ ଥିଲେ। ଉକ୍ତ ବିଶ୍ୱକପ୍ କିମ୍ବଦନ୍ତୀ ସଚିନ ତେନ୍ଦୁଲକରଙ୍କୁ ଭାରତୀୟ ଦଳର ଉପହାର ରହିଥିବା ବେଳେ ଏହା ପରେ ତେନ୍ଦୁଲକରଙ୍କ ପରି ଭାରତୀୟ କ୍ରିକେଟର ଭାର କୋହଲି ନିଜ କାନ୍ଧକୁ ନେଇଥିଲେ। ଇତିମଧ୍ୟରେ ୪୬ ଶତକ ହାସଲ କରିଥିବା କୋହଲି ଆଉ ୪ ଶତକ ହାସଲ କଲେ ଦିନିକିଆରେ ତେନ୍ଦୁଲକରଙ୍କ ରେକର୍ଡକୁ ଅତିକ୍ରମ କରିବେ। ବିଶ୍ୱକପ୍ ପରି ଏକ ବଡ ଟୁର୍ନାମେଣ୍ଟ ଓ ଘରୋଇ ଦର୍ଶକଙ୍କ ସମ୍ମୁଖରେ ଏହାଠାରୁ ବଡ ମୁହୂର୍ତ୍ତ ମିଳିବା ଅସମ୍ଭବ। ୩ ବର୍ଷ ଧରି ଗୋଟିଏ ବି ଶତକ ହାସଲ କରି ନ ଥିବା କୋହଲି ବର୍ତ୍ତମାନ ଚମତ୍କାର ଫର୍ମକୁ ଫେରିଛନ୍ତି। ଆଇସିସି ଇଭେଣ୍ଟରେ ପୁନର୍ବାର ଭଲ ପ୍ରଦର୍ଶନ କରିବା ସହିତ ସେ ଭାରତକୁ ଏହାର ତୃତୀୟ ଦିନିକିଆ ବିଶ୍ୱକପ୍ ଜିତାଇବା ନେଇ ଫ୍ୟାନ୍‌ଙ୍କ ଆଶା ରହିବ।



## ଇଶାନ କିଶନ (ଉଇକେଟକିପର)

ଜନ୍ମ: ଜୁଲାଇ ୧୮, ୧୯୯୮, ମ୍ୟାଚ୍: ୧୯, ରନ୍: ୭୭୬। ଚଳିତ ଟିମ୍‌ରେ ଇଶାନ କିଶନ୍‌ଙ୍କୁ ଭିନ୍ନ ଭିନ୍ନ ରୋଲରେ ଦେଖିବାକୁ ମିଳିବ। ଜଣେ ବ୍ୟାକ୍ ଅପ୍ ଓପନର, ମଧ୍ୟକ୍ରମ ବ୍ୟାଟର ଓ ଉଇକେଟକିପର ଭଳି ୩ଟି ଭୂମିକାରେ ସେ ଫିଟ୍ ହୋଇ ପାରନ୍ତି। ଲୋକେଶ ରାହୁଲ ଦଳର ପ୍ରଥମ ପସନ୍ଦର ଉଇକେଟକିପର-ବ୍ୟାଟର ରହିଥିଲେ ହେଁ ପାକିସ୍ତାନ ବିପକ୍ଷରେ ଖେଳିଥିବା ୮୨ ରନର ଇନିଂସ ତାଙ୍କୁ ଆଗୁଆ ରଖିଛି। ଏହା ସହିତ ବାମହାତୀ ବ୍ୟାଟର ଭାବରେ ସେ ଦଳକୁ ବିବିଧତା ପ୍ରଦାନ କରିପାରିବେ।

## ସୂର୍ଯ୍ୟକୁମାର ଯାଦବ

ଜନ୍ମ: ସେପ୍ଟେମ୍ବର ୧୪, ୧୯୯୦, ମ୍ୟାଚ୍: ୨୬, ରନ୍: ୫୧୧। ଟି୨୦ କ୍ରିକେଟରେ ମିଷ୍ଟର ୩୬୦ ଡିଗ୍ରୀ ଭାବରେ ପରିଚିତ ସୂର୍ଯ୍ୟକୁମାର ବିଶ୍ୱର ଏକ ନମ୍ବର ବ୍ୟାଟର ରହିଛନ୍ତି। ୩୦ ବର୍ଷ ବୟସରେ ପଦାର୍ପଣ କରିଥିବା ବେଳେ ଟି୨୦ରେ ୪୬ ହାରାହାରି ସହିତ ୧୮୪୧ ରନ୍ ସ୍କୋର କରିଛନ୍ତି। ତେବେ ଦିନିକିଆରେ ସେ ସମାନ ସଫଳତା ଦୋହରାଇବାରେ ସମର୍ଥ ହୋଇନାହାନ୍ତି। ଚୂଡାନ୍ତ ଏକାଦଶରେ ସୂର୍ଯ୍ୟକୁମାରଙ୍କ ସ୍ଥାନ ପାଇବାର ସମ୍ଭାବନା କମ୍ ରହିଥିବା ବେଳେ ତାଙ୍କୁ ଶ୍ରେୟସ ଆୟରଙ୍କ ବ୍ୟାକ୍ ଅପ୍ ଭାବରେ ରଖାଯାଇଛି।



## ଲୋକେଶ ରାହୁଲ (ଉଇକେଟକିପର)

ଜନ୍ମ: ଏପ୍ରିଲ୍ ୧୮,୧୯୯୨, ମ୍ୟାଚ୍: ୫୪, ରନ୍:୧୯୮୬। ଆହତ ହୋଇ ଭାରତୀୟ ଦଳକୁ ପ୍ରତ୍ୟାବର୍ତ୍ତନ କରିଥିବା ରାହୁଲଙ୍କୁ ଦଳରେ ସାମିଲ କରାଯାଇଛି। ମ୍ୟାଚ୍ ପ୍ରାକ୍ଟିସ୍ ମିଳି ନ ଥିଲେ ମଧ୍ୟ ରାହୁଲ ବିଗତ କିଛି ବର୍ଷ ଧରି ୪ ନମ୍ବର ସ୍ଥାନରେ ଭାରତର ବ୍ୟାଟିଂ ମେରୁଦଣ୍ଡ ରହି ଆସିଛନ୍ତି। ସମାନ କାରଣରୁ ଅନ୍ୟ ଖେଳାଳିଙ୍କ ଅପେକ୍ଷା ରାହୁଲଙ୍କୁ ଦଳରେ ସାମିଲ କରିଛି ଟିମ୍ ମ୍ୟାନେଜମେଣ୍ଟ।



## ଯଶପ୍ରୀତ ବୁମ୍‌ରା

ଜନ୍ମ: ଡିସେମ୍ବର ୬, ୧୯୯୩, ମ୍ୟାଚ୍: ୭୩, ଉଇକେଟ:୧୨୧। ଚଳିତ ଟୁର୍ନାମେଣ୍ଟରେ ଭାରତର ବୋଲିଂ ଆଟାକ୍ ଏତେଟା ପ୍ରଭାବଶାଳୀ ରହିନାହିଁ। ମାତ୍ର ବୁମ୍‌ରାଙ୍କ ଉପସ୍ଥିତି ଭାରତ ପାଇଁ ଏକ ସକାରାତ୍ମକ ଖବର। ୨୯ ବର୍ଷୀୟ ଏହି ବୋଲର ଜଣଙ୍କ ବ୍ୟାକ୍ ସର୍ଜରି ପରେ ପ୍ରତ୍ୟାବର୍ତ୍ତନ କରିଥିବା ବେଳେ ଚମତ୍କାର ଫର୍ମରେ ରହିଛନ୍ତି। ଉଭୟ ନୂଆ ବଲ୍ ଓ ଡେଥ୍ ଓଭରରେ ଚମତ୍କାର ବୋଲିଂ କରିବାର ଦକ୍ଷତା ରଖୁଥିବା ବୁମ୍‌ରା ଅଧିନାୟକ ରୋହିତ ଶର୍ମାଙ୍କ ପାଇଁ ଟ୍ରମ୍ପ କାର୍ଡ ସାବ୍ୟସ୍ତ ହେବେ।





## ରବୀନ୍ଦ୍ର ଜାଡେଜା

ଜନ୍ମ: ଡିସେମ୍ବର ୬, ୧୯୮୮,ମ୍ୟାଚ୍ : ୧୭୯, ରନ୍: ୧୫୭୪, ଉଇକେଟ: ୧୯୭। ଭାରତୀୟ ଦଳର ଏହି ସ୍ପିନ୍ ବୋଲିଂ ଅଲରାଉଣ୍ଡର ଉଭୟ ବ୍ୟାଟ ଓ ବଲ୍ ଜରିଆରେ ସମାନ ଭାବରେ ପ୍ରଭାବଶାଳୀ। ଇକୋନୋମିକାଲ୍ ବୋଲିଂ ସହିତ ଆକ୍ରମଣାତ୍ମକ ବ୍ୟାଟିଂ ଓ ଚମତ୍କାର ଫିଲ୍ଡିଂ କାରଣରୁ ଅକ୍ଷର ପଟେଲଙ୍କ ସ୍ଥାନରେ ଟିମ୍ ମ୍ୟାନେଜମେଣ୍ଟ ଜାଡେଜାଙ୍କୁ ପ୍ରାଧାନ୍ୟ ଦେବ। ଚୂଡାନ୍ତ ଏକାଦଶରେ ଜାଡେଜାଙ୍କ ସ୍ଥାନ ନିଶ୍ଚିତ ରହିଥିବା ବେଳେ କୁଲଦୀପ ଯାଦବଙ୍କ ସହିତ ସେ ସ୍ପିନ୍ ବିଭାଗ ସମ୍ଭାଳିବେ। ଏହା ସହିତ ଜାଡେଜାଙ୍କ ଉପସ୍ଥିତିରେ ବାମ-ଡାହାଣ ବ୍ୟାଟିଂ କମ୍ବିନେଶନ ମଧ୍ୟ ମିଳିପାରିବ।



## ଶ୍ରେୟସ ଆୟର

ଜନ୍ମ: ଡିସେମ୍ବର ୬, ୧୯୯୪, ମ୍ୟାଚ୍: ୪୪, ରନ୍: ୧୬୪୫। ଭାରତୀୟ ମଧ୍ୟକ୍ରମରେ ଆୟର ବିଗତ କିଛି ବର୍ଷ ଧରି ଚମତ୍କାର ପ୍ରଦର୍ଶନ କରିଛନ୍ତି। ସ୍ପିନ୍ ବିପକ୍ଷରେ ଅନ୍ୟତମ ଶ୍ରେଷ୍ଠ ଖେଳାଳି ରହିଥିବା ଆୟର ଆହତ ସମସ୍ୟାରୁ ପ୍ରତ୍ୟାବର୍ତ୍ତନ କରୁଥିବା ବେଳେ ଏହା ତାଙ୍କୁ ସାମାନ୍ୟ ଚାପରେ ରଖିବ। ତେବେ କ୍ୱାଲିଟି ବୋଲିଂ ଆଟାକ ବିପକ୍ଷରେ ଆୟରଙ୍କ ଶର୍ଟ ବଲ୍ ଦୁର୍ବଳତା ତାଙ୍କୁ ଅସୁବିଧାରେ ପକାଇପାରେ।



## ମହମ୍ମଦ ଶାମି

ଜନ୍ମ: ସେପ୍ଟେମ୍ବର ୩, ୧୯୯୦, ମ୍ୟାଚ୍: ୯୧, ଉଇକେଟ:୧୬୩। ରୋହିତ ଶର୍ମା ଓ ବିରାଟ କୋହଲିଙ୍କ ପରି ମହମ୍ମଦ ଶାମି ମଧ୍ୟ ନିଜର ତୃତୀୟ ତଥା ଅନ୍ତିମ ବିଶ୍ୱକପ ଖେଳୁଛନ୍ତି। ଭାରତୀୟ ବୋଲରଙ୍କ ମଧ୍ୟରେ ଶାମି ଅଧିକ ଦକ୍ଷ ଏହା ନିଃସନ୍ଦେହ । ତେବେ ବ୍ୟାଟିଂ ଅର୍ଡରକୁ ଅଧିକ ଶକ୍ତିଶାଳୀ କରିବା ପାଇଁ ଭାରତ ଶାର୍ଦ୍ଦୂଳ ଠାକୁରଙ୍କୁ ଏସିଆ କପ୍‌ରେ ଖେଳାଉଛି। ବୁମ୍‌ରା, ସିରାଜ କିମ୍ବା ଶାର୍ଦ୍ଦୂଳଙ୍କ ମଧ୍ୟରୁ ଜଣେ ଆହତ ହେଲେ ବା ବିଶ୍ରାମ ପାଇଲେ ଶାମି ଦଳରେ ସାମିଲ ହୋଇପାରିବେ। ତେବେ କ୍ୱାଲିଟି ବ୍ୟାଟିଂ ଲାଇନଅପ୍ ବିପକ୍ଷରେ ଶାର୍ଦ୍ଦୂଳଙ୍କ ଅପେକ୍ଷା ଶାମି ଭଲ ବିକଳ୍ପ ରହିବେ।



## ଶାର୍ଦ୍ଦୂଳ ଠାକୁର

ଅକ୍ଟୋବର ୧୬, ୧୯୯୧, ମ୍ୟାଚ୍: ୪୦, ରନ୍: ୩୧୮, ଉଇକେଟ: ୫୯। ମୁମ୍ବାଇରୁ ଆସୁଥିବା ତଥା ପାଲଗଡ ଏକ୍ସପ୍ରେସ୍ ନାମରେ ପରିଚିତ ଶାର୍ଦ୍ଦୂଳ ଠାକୁର ନିମ୍ନକ୍ରମରେ ଜଣେ ଉପଯୋଗୀ ବ୍ୟାଟର ତଥା ଉଇକେଟ ଟେକିଙ୍ଗ ବୋଲର। ପାର୍ଟନରଶିପ୍ ଭାଙ୍ଗିବାରେ ଶାର୍ଦ୍ଦୂଳଙ୍କ ଦକ୍ଷତା କାରଣରୁ ସୋସିଆଲ ମିଡିଆରେ ତାଙ୍କୁ ଲର୍ଡ ବୋଲି ମଧ୍ୟ କୁହାଯାଏ। ବଲ୍‌କୁ ଉଭୟ ପାର୍ଶ୍ୱକୁ ସୁଇଙ୍ଗ କରାଇବାରେ ମାହିର ଶାର୍ଦ୍ଦୂଳଙ୍କ ଦକ୍ଷତା ହେଉଛି ସ୍ଲୋ ଭ୍ୟାରିଏସନ୍। ୮ ନମ୍ବର ସ୍ଥାନରେ ବ୍ୟାଟିଂ କରି ସେ ଯେଉଁ ସନ୍ତୁଳନ ପ୍ରଦାନ କରନ୍ତି ତାହା ତାଙ୍କୁ ତୃତୀୟ ପେସ୍ ବୋଲର ଭାବରେ ସାମିଲ କରିବାକୁ ମ୍ୟାନେଜମେଣ୍ଟକୁ ବାଧ୍ୟ କରିବ। ତେବେ ଫିଲ୍ଡିଂ ଓ ଫିଟନେସ୍ ଶାର୍ଦ୍ଦୂଳଙ୍କର ଦୁଇଟି ବଡ ସମସ୍ୟା ରହିଛି।

## ଅକ୍ଷର ପଟେଲ

ଜାନୁୟାରୀ ୨୦, ୧୯୯୪, ମ୍ୟାଚ୍: ୫୨, ରନ୍: ୪୧୩, ଉଇକେଟ: ୫୮। ଦିନିକିଆ କ୍ରିକେଟରେ ଅଲରାଉଣ୍ଡରଙ୍କ ଭୂମିକା ବେଶ୍ ଗୁରୁତ୍ୱପୂର୍ଣ୍ଣ। ଅକ୍ଷର ପଟେଲ ଟି୨୦ରେ ନିଜ ଦକ୍ଷତା ଦେଖାଇ ସାରିଥିବା ବେଳେ ବର୍ତ୍ତମାନ ଦିନିକିଆରେ ମଧ୍ୟ ତାଙ୍କ ପାଖରେ ସମାନ ସୁଯୋଗ ରହିଛି। ବାମହାତୀ ଆକ୍ରମଣାତ୍ମକ ବ୍ୟାଟିଂ ସହିତ ସ୍ଲୋ ଲେଫ୍ଟ ଆର୍ମ ଅର୍ଥୋଡକ୍ସ ବୋଲିଂ କରୁଥିବାରୁ ସେ ଜାଡେଜାଙ୍କ ବିକଳ୍ପ ସାବ୍ୟସ୍ତ ହେବେ। ଏହା ସହିତ ଉଇକେଟ ଟୁ ଉଇକେଟ ବୋଲିଂ କରି ସଫଳତା ପାଉଥିବାରୁ ସେ ଭାରତୀୟ ପରିବେଶରେ ସଫଳ ହେବା ନେଇ ଆଶା କରାଯାଏ।



## କୁଲଦୀପ ଯାଦବ

ଜନ୍ମ: ଡିସେମ୍ବର ୧୪, ୧୯୯୪, ମ୍ୟାଚ୍:୮୬, ଉଇକେଟ: ୧୪୧। ୨୦୧୯ରେ ଯୁଜବେନ୍ଦ୍ର ଚହଲଙ୍କ ସହ ମିଶି ବୋଲିଂ ପାର୍ଟନରଶିପ୍ ଗଢିଥିବା କୁଲଦୀପ ଚଳିତ ବିଶ୍ୱକପରେ ଭାରତର ପ୍ରଥମ ପସନ୍ଦର ସ୍ପିନର ରହିଛନ୍ତି। ବର୍ଷେ ତଳେ ଖରାପ ଫର୍ମ ସହିତ ସଂଘର୍ଷ କରୁଥିବା କୁଲଦୀପ ପ୍ରତ୍ୟାବର୍ତ୍ତନ କରିବା ସହ ଶ୍ରୀଲଙ୍କା ଓ ୱେଷ୍ଟଇଣ୍ଡିଜ୍ ବିପକ୍ଷରେ ଚମତ୍କାର ପ୍ରଦର୍ଶନ କରି ନିଜ ସ୍ଥାନ ପକ୍କା କରିଛନ୍ତି। ଭାରତରେ ଖେଳାଯିବାକୁ ଥିବା ବିଶ୍ୱକପ୍‌ରେ କୁଲଦୀପଙ୍କ ଭୂମିକା ବେଶ୍ ଗୁରୁତ୍ୱପୂର୍ଣ୍ଣ ରହିବ।





## ମହମ୍ମଦ ସିରାଜ

ଜନ୍ମ: ମାର୍ଚ୍ଚ୧୩, ୧୯୯୪, ମ୍ୟାଚ୍: ୨୬, ଉଇକେଟ: ୪୬। ଏକ ବର୍ଷ ତଳେ ଭାରତର ବିଶ୍ୱକପ ସ୍କ୍ୱାଡ ପରିକଳ୍ପନାରେ ମଧ୍ୟ ନ ଥିବା ସିରାଜ୍ ବର୍ତ୍ତମାନ ଦଳର ଷ୍ଟ୍ରାଇକ୍ ବୋଲର ରହିଛନ୍ତି। ସ୍କ୍ରାମ୍ବଲଡ୍ ସିମ୍ ବ୍ୟବହାର କରିବାରେ ସିରାଜଙ୍କ ଦକ୍ଷତା ତାଙ୍କୁ ଅନ୍ୟ ବୋଲରଙ୍କ ତୁଳନାରେ ଘାତକ ସାବ୍ୟସ୍ତ କରିଥାଏ। ୨୬ ମ୍ୟାଚ୍‌ରୁ ୪୬ ଉଇକେଟ ନେଇଥିବା ସିରାଜ ଚଳିତ ବିଶ୍ୱକପରେ ଭାରତର ଷ୍ଟ୍ରାଇକ୍ ବୋଲର ଭୂମିକାରେ ନଜର ଆସିବେ।

# କ୍ୱାର୍ଟରରେ ଝେଙ୍ଗ, ଅଲକାରାଜ

**ୟୁଏସ୍ ଓପନ୍ ଟେନିସ୍**

**ନ୍ୟୁୟର୍କ, ୫।୯ (ପି.ଟି.)**

ଟେନିସ୍ ଗ୍ରାଣ୍ଡସ୍ଲାମ ୟୁଏସ୍ ଓପନର ପୁରୁଷ ସିଙ୍ଗଲ୍ସ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି ସ୍ପେନ୍‌ର କାର୍ଲୋସ୍ ଅଲକାରାଜ। ଅନ୍ୟ ପୁରୁଷ ଖେଳାଳିଙ୍କ ମଧ୍ୟରେ ଆଣ୍ଡି ରୁବଲେଭ୍, ଆଲେକ୍‌ଜାଣ୍ଡର ଜେରେଭ୍ ଓ ଡାନିଲ୍ ମେଡ୍‌ଭେଡେଭ୍ ମଧ୍ୟ ଟପ୍ ୮ରେ ସ୍ଥାନ ସୁରକ୍ଷିତ କରି ନେଇଛନ୍ତି। ମହିଳା ସିଙ୍ଗଲ୍ସରେ ଚାଇନାର କ୍ୱେନିନ୍ ଝେଙ୍ଗ ପ୍ରଥମ ଥର ପାଇଁ ଏକ ଗ୍ରାଣ୍ଡସ୍ଲାମ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି। ଅନ୍ୟ ମାନଙ୍କ ମଧ୍ୟରେ ଆରିନା ସାବାଲେଙ୍କା, ମାଡିସନ୍ କିସ୍ ଓ ମାର୍କେଟା ଭୋନ୍ଦ୍ରୋସୋଭା ମଧ୍ୟ କ୍ୱାର୍ଟରରେ ପ୍ରବେଶ କରିଛନ୍ତି।

ବିଶ୍ୱ ମାନ୍ୟତାର ଏକ ନମ୍ବର ସ୍ଥାନରେ ଥିବା ୨୦ ବର୍ଷୀୟ ଅଲକାରାଜ ୬-୩, ୬-୩ ଓ ୬-୪ ସେଟ୍‌ରେ ଇଟାଲୀର ମାଟେଓ ଅରଲାଣ୍ଡିଙ୍କୁ ପରାସ୍ତ କରିଛନ୍ତି। ୧୯୬୮ ମସିହା ପରେ ସର୍ବକନିଷ୍ଠ ଖେଳାଳି ଭାବରେ ୟୁଏସ୍ ଓପନ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି ଅଲକାରାଜ। ଚାଇନାର ଝେଙ୍ଗ କ୍ୱିନେନ୍ ଗତବର୍ଷର ରନର ଅପ୍ ଓନ୍ସ ଜାବେରଙ୍କୁ ସିଧାସଳଖ ୬-୨ ଓ ୬-୪ ସେଟ୍‌ରେ ପରାସ୍ତ କରି କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି। ବିଶ୍ୱ ମାନ୍ୟତାର ୨୩ ନମ୍ବର ସ୍ଥାନରେ ଥିବା ଝେଙ୍ଗ ୨୧ଟି ୱିନର ଶଟ୍ ଖେଳିଥିଲେ।ଜାବେର୍ ଏହି ମ୍ୟାଚ୍‌ରେ ୩୩ଟି ଅନଫୋର୍ସଡ ଏରର କରିଥିଲେ। ଝେଙ୍ଗ ନିଜର କ୍ୱାର୍ଟର ଫାଇନାଲ ମ୍ୟାଚ୍ ଆରିନା ସାବାଲେଙ୍କାଙ୍କ ସହିତ ଖେଳିବେ। ସାବାଲେଙ୍କା ୬-୧, ୬-୩ରେ ବିଶ୍ୱ ମାନ୍ୟତାର ଦ୍ୱିତୀୟ ସ୍ଥାନରେ ଥିବା ଦାରିଆ କାସାଟକିନାଙ୍କୁ ପରାସ୍ତ କରିଥିଲେ। ଆମେରିକୀୟ ଖେଳାଳି ମାଡିସନ୍ କିସ୍ ନିଜ ଦେଶର ଜେସିକା ପେଗୁଲାଙ୍କୁ ୬-୧, ୬-୩ରେ ପରାସ୍ତ କରିଛନ୍ତି। ସେହିପରି ୱିମ୍ବେଲଡନ୍ ଚାମ୍ପିୟନ ଚେକ୍ ରିପବ୍ଲିକ୍‌ର ମାର୍କେଟା ଭୋନ୍ଦ୍ରୋସୋଭା ୭-୬(୭-୩), ୩-୬, ୨-୬ ସେଟ୍‌ରେ ଆମେରିକୀୟ ପେଟନ୍ ଷ୍ଟର୍ନସଙ୍କୁ ପରାସ୍ତ କରିଛନ୍ତି।

ଅଷ୍ଟମ ସିଡେଡ୍ ଆଣ୍ଡି ରୁବଲେଭ୍ ୬-୩, ୩-୬, ୬-୩ ଓ ୬-୪ ସେଟ୍‌ରେ ବ୍ରିଟେନ୍‌ର ଜ୍ୟାକ୍ ଡ୍ରେପରଙ୍କୁ ପରାସ୍ତ କରିଛନ୍ତି। ବିଶ୍ୱ ମାନ୍ୟତାର ପଞ୍ଚମ ସ୍ଥାନରେ ଥିବା ଇଟାଲୀର ଜାନିକ୍ ସିନ୍ନରଙ୍କୁ ୫ ସେଟ୍‌ର ମାରାଥନ୍ ମୁକାବିଲାରେ ପରାସ୍ତ କରିଛନ୍ତି ଜର୍ମାନୀର ଆଲେକଜାଣ୍ଡାର ଜେରେଭ୍। ୪ ଘଣ୍ଟା ୪୧ ମିନିଟ ଧରି ଚାଲିଥିବା ମ୍ୟାଚ୍‌କୁ ଜେରେଭ୍ ୬-୪, ୩-୬, ୬-୨, ୪-୬ ଓ ୬-୩ ରେ ଜିତି ନେଇଥିଲେ। ରୁଷିଆର ଡାନିଲ ମେଡଭେଡେଭ ୨-୬, ୬-୪, ୬-୧ ଓ ୬-୨ରେ ଅଷ୍ଟ୍ରେଲିଆର ଆଲେକ୍ସ ଡି ମିନାଉରଙ୍କୁ ପରାସ୍ତ କରି କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି।



ମ୍ୟାଚ୍ ଜିତିବା ପରେ କ୍ୱେନିନ୍ ଝେଙ୍ଗଙ୍କ ପ୍ରତିକ୍ରିୟା।

## ସୁପର ଫୋର୍ ଓ ଫାଇନାଲ କଲମ୍ବୋରେ ହିଁ ଖେଳିବ

**କଲମ୍ବୋ, ୫।୯ (ପି.ଟି.):** କଲମ୍ବୋ ପାଣିପାଗରେ ଉନ୍ନତି ପରିଲକ୍ଷିତ ହୋଇଛି। ତେଣୁ ଚଳିତ ଏସିଆ କପ୍ ଦିନିକିଆ କ୍ରିକେଟ ଟୁର୍ନାମେଣ୍ଟର ସୁପର ଫୋର ପର୍ଯ୍ୟାୟ ଏବଂ ଫାଇନାଲ ମ୍ୟାଚ ପୂର୍ବ ନିର୍ଦ୍ଧାରିତ କାର୍ଯ୍ୟସୂଚୀ ଅନୁସାରେ ସେଠାରେ ଖେଳାଯିବ ବୋଲି ଏସିଆ କ୍ରିକେଟ କାଉନ୍‌ସିଲ (ଏସିସି) ପକ୍ଷରୁ ମଙ୍ଗଳବାର ସ୍ପଷ୍ଟ କରାଯାଇଛି। କଲମ୍ବୋରେ ବର୍ଷା ଲାଗି ରହୁଥିବାରୁ ସୁପର ଫୋର ଓ ଫାଇନାଲ ମ୍ୟାଚଗୁଡ଼ିକ ହାମ୍ବାନଟୋଟାକୁ ସ୍ଥାନାନ୍ତର କରାଯିବା ନେଇ କଳ୍ପନାଜଳ୍ପନା ପ୍ରକାଶ ପାଇଥିଲା। ଏସିସି ଶ୍ରୀଲଙ୍କା କ୍ରିକେଟ (ଏସ୍ଏଲ୍‌ସି), ଆୟୋଜକ ପାକିସ୍ତାନ କ୍ରିକେଟ ବୋର୍ଡ (ପିସିବି) ଏବଂ ଅଫିସିଆଲ ବ୍ରଡକାଷ୍ଟରଙ୍କ ସହ ଆଲୋଚନା ପରେ ମ୍ୟାଚଗୁଡ଼ିକ କଲମ୍ବୋରେ ରଖିବା ଲାଗି ନିଷ୍ପତ୍ତି ନିଆଯାଇଥିଲା। ସ୍ୱଳ୍ପ ସମୟ ମଧ୍ୟରେ ହାମ୍ବାନଟୋଟାକୁ ଷ୍ଟାଫ୍ ପଠାଇ ଖେଳର ସାଧା ପ୍ରସାରଣ ପାଇଁ ଆବଶ୍ୟକ ସରଞ୍ଜାମ ଖଞ୍ଜିବା କଷ୍ଟକର ବୋଲି ବ୍ରଡ଼କାଷ୍ଟିଂ ସଂସ୍ଥା କହିଥିଲା। ରାଜଧାନୀ ସହରରେ ବର୍ଷା ଲାଗି ରହୁଛି। କେନ୍ଦ୍ରାଞ୍ଚଳ ସହର କାଣ୍ଡିଠାରେ ମଧ୍ୟ ଅନୁରୂପ ଅବସ୍ଥା। ଫଳରେ ପ୍ରତିଯୋଗିତାରେ ଭାରତର ଉଭୟ ମ୍ୟାଚ ବର୍ଷା ଦ୍ୱାରା ପ୍ରଭାବିତ ହୋଇଥିଲା। କାଣ୍ଡିର ପାଲିକେଲ ଷ୍ଟାଡିୟମରେ ବହୁ ପ୍ରତିକ୍ଷିତ ଭାରତ ବନାମ ପାକିସ୍ତାନ ମ୍ୟାଚ ଅଧାରୁ ବାତିଲ କରିବାକୁ ହୋଇଥିଲା। ସୋମବାର ନେପାଳ ବିପକ୍ଷ ମ୍ୟାଚ ମଧ୍ୟ ବର୍ଷାରେ ପ୍ରଭାବିତ ହୋଇଥିଲା। ବର୍ତ୍ତମାନ ମ୍ୟାଚ ପାଇଁ ହାମ୍ବାନଟୋଟା ହେଉଛି ସବୁଠାରୁ ଉପଯୁକ୍ତ ସ୍ଥାନ। କିଛି ସପ୍ତାହ ଧରି ସେଠାରେ ଆଦୌ ବର୍ଷା ହୋଇନାହିଁ। ତେଣୁ କଲମ୍ବୋର ପ୍ରେମାଦାସା ଷ୍ଟାଡିୟମରେ ଖେଳାଯିବାକୁଥିବା ସମସ୍ତ ୫ ସୁପର ଫୋର୍ ମ୍ୟାଚ ହାମ୍ବାନଟୋଟାରେ ଆୟୋଜନ କରିବା ଲାଗି ଏସଏଲ୍‌ସି ପ୍ରସ୍ତାବ ଦେଇଥିଲା। ଆର୍. ପ୍ରେମାଦାସା ଷ୍ଟାଡିୟମରେ ଶ୍ରୀଲଙ୍କା ପର୍ଯ୍ୟାୟ ସୁପର ଫୋର ସେପ୍ଟେମ୍ବର ୧୦ରେ ଭାରତ-ପାକିସ୍ତାନ ମ୍ୟାଚ ସହ ଆରମ୍ଭ ହେବ।

## ହିମା ଦାସ ସାମୟିକ ସସ୍‌ପେଣ୍ଡ

**ନୂଆଦିଲ୍ଲୀ, ୫।୯(ପି.ଟି.)**



ନ୍ୟାଶନାଲ ଆଣ୍ଟି ଡୋପିଙ୍ଗ ଏଜେନ୍ସି (ନାଡା) ଭାରତର ଷ୍ଟାର ସ୍ପ୍ରିଣ୍ଟର ହିମା ଦାସଙ୍କୁ ଅସ୍ଥାୟୀ ଭାବେ ସସ୍‌ପେଣ୍ଡ କରିଛି। ୧୨ ମାସରେ ୩ ଥର ତାଙ୍କ ଠିକଣା ଜଣାଇବା (ହୋୟାର ଏବାଉଟ)ରେ ସେ ବିଫଳ ହୋଇଛନ୍ତି। ବର୍ତ୍ତମାନ ଆଘାତଜନିତ ସମସ୍ୟାରେ ଥିବାରୁ ଆସାମର ଏହି ୨୩ ବର୍ଷୀୟା ଧାବିକାଙ୍କୁ ହାଙ୍ଗ୍‌ଝୋ ଏସିଆନ ଗେମ୍ସ ପାଇଁ ଦଳରେ ସାମିଲ କରାଯାଇ ନାହିଁ। ହିମା ଅତି ବେଶିରେ ୨ବର୍ଷ କିମ୍ବା ଅତି କମ୍‌ରେ ଗୋଟିଏ ବର୍ଷ ବାସନ୍ଦ ହୋଇପାରନ୍ତି, ଏହା ତାଙ୍କ ଦୋଷର ମାତ୍ରା ଉପରେ ନିର୍ଭର କରେ। ହିମା ହେଉଛନ୍ତି ୨୦୧୮ ଜାକର୍ତ୍ତା ଏସିଆନ ଗେମ୍ସ ୪୦୦ମିଟର ଦୌଡ଼ରେ ରୌପ୍ୟ ବିଜେତା। ଜାକର୍ତ୍ତାରେ ଆହୁରି ମଧ୍ୟ ସେ ମହିଳା ୪X୪୦୦ ମିଟର ଏବଂ ମିକ୍ସଡ ୪X୪୦୦ ମିଟର ରିଲେ କ୍ୱାର୍ଟରରେ ସ୍ୱର୍ଣ୍ଣ ଓ ରୌପ୍ୟ ଜିତିଥିଲେ। ୱାର୍ଲ୍ଡ ଆଥ୍‌ଲେଟିକ୍ସ ଆଣ୍ଟି ଡୋପିଙ୍ଗ (ୱାଡା) ନିୟମାନୁସାରେ ୧୨ ମାସରେ ଯଦି ଜଣେ ଆଥ୍‌ଲେଟ ୩ଥର ତାଙ୍କ ଠିକଣା ଜଣାଇବାରେ ବିଫଳ ହୁଅନ୍ତି ତେବେ ସେ ଡୋପିଙ୍ଗ ନିରୋଧୀ ନିୟମ ଉଲ୍ଲଂଘନ କରିଥିବା ବିଚାର କରାଯିବ।

## ଏମ୍ଏସ୍ ଇଲେଭେନ ବିଜୟୀ

**ଭୁବନେଶ୍ୱର, ୫।୯ (ତପନ ସ୍ୱାଇଁ)**

ଭୁବନେଶ୍ୱର ଆଥଲେଟିକ ଆସୋସିଏଶନ ଆନୁକୂଲ୍ୟରେ ଚାଲିଥିବା ଗତିକୃଷ୍ଣ ମେମୋରିଆଲ 'ବି' ଡିଭିଜନ ଫୁଟବଲ ଲିଗରେ ମଙ୍ଗଳବାର ଏମ୍ଏସ୍ ଇଲେଭେନ ବିଜୟୀ ହୋଇଛି। ଅପରାହ୍ନରେ ଅନୁଷ୍ଠିତ ମ୍ୟାଚରେ ଏମ୍ଏସ୍ ୬-୦ ଗୋଲରେ ଏସଜିଓ ନୂଆପଲ୍ଲୀକୁ ପରାସ୍ତ କରିଛି। ବିଜୟୀ ଦଳ ପକ୍ଷରୁ ମାନସ ମାରାଣ୍ଡି ଓ ସୋନୁ ସିଂ ୨ଟି ଲେଖାଏ ଏବଂ ଚକ୍ରଧର ମାରାଣ୍ଡି ଓ ରାଜା ବିନ୍ଧାଣୀ ଗୋଟିଏ ଲେଖାଏ ଗୋଲ ଦେଇଥିଲେ। ଆୟୋଜକ ଆସୋସିଏଶନର ବରିଷ୍ଠ ସଦସ୍ୟ ରାଧାନାଥ ମହାପାତ୍ର ଏମ. ଏସ. ଇଲେଭେନର ମାନସ ରଞ୍ଜନ ମାରାଣ୍ଡିଙ୍କୁ ପ୍ଲେୟର ଅଫ ଦି ମ୍ୟାଚ ପୁରସ୍କାର ପ୍ରଦାନ କରିଥିଲେ। ମ୍ୟାଚ ପରିଚାଳନା କରିଥିଲେ ବିଜୟ ମଙ୍ଗରାଜ ଓ ତାଙ୍କୁ ସହାୟତା କରିଥିଲେ ଆଲୋକ ଦେହୁରୀ ଓ ଶିବପ୍ରସାଦ ସାମନ୍ତରାୟ।

## ପ୍ରଣୟ, ସେନ୍ ପ୍ରଥମ ରାଉଣ୍ଡରୁ ବିଦା

**ଚାଙ୍ଗଝୋ (ଚାଇନା), ୫।୯(ପି.ଟି.)**

ଭାରତର ବିଶ୍ୱ ଚାମ୍ପିୟନଶିପ୍ ବ୍ରୋଞ୍ଜ ପଦକ ବିଜେତା ଏଚ୍ଏସ୍ ପ୍ରଣୟ ଏଠାରେ ଚାଲିଥିବା ଚାଇନା ଓପନ ସୁପର ୧୦୦୦ ବ୍ୟାଡ୍‌ମିଣ୍ଟନ ଟୁର୍ନାମେଣ୍ଟର ଓପନିଂ ରାଉଣ୍ଡରୁ ବିଦାୟ ନେଇଛନ୍ତି। ବିଶ୍ୱର ଏହି ୬ଷ୍ଠ ନମ୍ବର ମାନ୍ୟତାପ୍ରାପ୍ତ ଖେଳାଳି ୨୨ତମ ର୍‍ୟାଙ୍କିଙ୍ଗପ୍ରାପ୍ତ ମାଲେସିଆର ଏଙ୍ଗ ଜି ୟଙ୍ଗଙ୍କଠାରୁ ୧୨-୨୧, ୨୧-୧୩, ୧୮-୨୧ରେ ହାରିଯାଇଛନ୍ତି। ବର୍ତ୍ତମାନର ରାଜ୍ୟଗୋଷ୍ଠୀ କ୍ରୀଡ଼ା ଚାମ୍ପିୟନ ଲକ୍ଷ୍ୟ ସେନ୍ ମଧ୍ୟ ଟୁର୍ନାମେଣ୍ଟର ପ୍ରଥମ ରାଉଣ୍ଡରୁ ବିଦାୟ ନେଇଛନ୍ତି। ସେ ଡେନମାର୍କର ଆଣ୍ଡର୍ସ ଆଣ୍ଟନସେନ୍‌ଙ୍କଠାରୁ ୨୧-୨୩, ୨୧-୧୬, ୯-୨୧ରେ ହାରିଯାଇଛନ୍ତି। ପରେ ପ୍ରିୟାଂଶୁ ରାଜାୱତ ଇଣ୍ଡୋନେସିଆର ଶେସାର ହିରେନ୍ ରୁସ୍ତାଭିଟୋଙ୍କ ନିକଟରୁ ପରାଜିତ ହୋଇଛନ୍ତି। ଅନ୍ୟପକ୍ଷରେ ମହିଳା ଡବଲ୍ସରେ ଟପ୍ ସିଡ୍ ଚାଇନାର ଚେନ୍ କ୍ୱିଙ୍ଗ୍ ଚେନ୍ ଓ ଜିଆ ୟି ଫାନ୍ ଭାରତୀୟ ଯୋଡ଼ି ତ୍ରିସା ଜୋଲି ଓ ଗାୟତ୍ରୀ ଗୋପୀଚାନ୍ଦଙ୍କୁ ହରାଇ ଦେଇଛନ୍ତି।



**ନୂଆଦିଲ୍ଲୀ:** ଚାଇନାର ହାଙ୍ଗ୍‌ଝୋଠାରେ ଆୟୋଜିତ ଏସିଆନ ଗେମ୍ସ ପାଇଁ ମଙ୍ଗଳବାର ଭାରତୀୟ ଦଳର ସେଣ୍ଡ-ଅଫ୍ ସେରିମନି ଏବଂ ସେରିମନିଆଲ ଡ୍ରେସ୍ ଓ ପ୍ଲେଇଂ କିଟ୍‌ର ଉନ୍ମୋଚନ ଅବସରରେ ଭାରତୀୟ ଦଳର ସଦସ୍ୟମାନଙ୍କ ସହ ଉପସ୍ଥିତ ଅଛନ୍ତି କେନ୍ଦ୍ରମନ୍ତ୍ରୀ ଅନୁରାଗ ଠାକୁର, ଏମ୍ଓଏସ ନୀତୀଶ ପ୍ରମାଣିକ, ଭାରତୀୟ ଅଲିମ୍ପିକ ଆସୋସିଏଶନ (ଆଇଓଏ) ସଭାପତି ପି.ଟି. ଉଷା ଏବଂ ଆଇଓଏର ସିନିୟର ଅଫିସିଆଲ।

## ଲୁକାସ ହକି କୋଚ୍ ଓ ଭିଡିଓ ଆନାଲିଷ୍ଟ



ହକି ଇଣ୍ଡିଆ କର୍ମକର୍ତ୍ତାଙ୍କ ସହ ଆର୍ଟର ଲୁକାସ।

**ନୂଆଦିଲ୍ଲୀ, ୫।୯ (ପି.ଟି.)**

ହକି ଇଣ୍ଡିଆ ମଙ୍ଗଳବାର ବେଲଜିୟମର ଆର୍ଟର ଲୁକାସଙ୍କୁ କୋଚ୍ ଓ ଭିଡିଓ ଆନାଲିଷ୍ଟ ଭାବେ ନିଯୁକ୍ତି ଦେଇଛି। ଲୁକାସଙ୍କ ସହିତ ହୋଇଥିବା ଚୁକ୍ତି ଅନୁସାରେ ସେ ବେଙ୍ଗାଲୁରୁସ୍ଥିତ ସିନିୟର ପୁରୁଷ ଓ ମହିଳା ଏବଂ ଜୁନିୟର ପୁରୁଷ ଓ ମହିଳା ଆଦି ସମସ୍ତ ୪ ଭାରତୀୟ ହକି ଦଳ ପାଇଁ କାର୍ଯ୍ୟ କରିବେ। ଲୁକାସଙ୍କର ନିକଟରେ ପ୍ରଚୁର ଅଭିଜ୍ଞତା ପାରଦର୍ଶିତା ରହିଛି। ପୂର୍ବରୁ ସେ ରୟାଲ ବେଲଜିୟମ ହକି ଆସୋସିଏଶନ ପାଇଁ ୨୦୧୮ରୁ ୨୦୨୩ ପର୍ଯ୍ୟନ୍ତ ୧୮ ବର୍ଷରୁ କମ୍ ଜାତୀୟ ଦଳର ପରଫର୍ମାନ୍ସ ଆନାଲିଷ୍ଟ ଭାବେ କାର୍ଯ୍ୟ କରିଛନ୍ତି। ତାଙ୍କ କାର୍ଯ୍ୟକାଳ ସମୟରେ ଏହି ଦଳର ବିକାଶ ଓ ସଫଳତା କ୍ଷେତ୍ରରେ ତାଙ୍କର ଉଲ୍ଲେଖନୀୟ ଅବଦାନ ରହିଥିଲା। ଲୁକାସ ୨୦୧୭ରୁ ବେଲଜିୟମର ଅନ୍ୟତମ ଟପ୍ ହକି କ୍ଲବ କେଏଚ୍‌ସି ଡ୍ରାଗନ୍ସର ପରଫର୍ମାନ୍ସ ଆନାଲିଷ୍ଟ ଭାବେ କାର୍ଯ୍ୟ କରିଛନ୍ତି। ୨୦୧୫ରୁ ୨୦୨୧ ପର୍ଯ୍ୟନ୍ତ ସେ ଇଡେନଜେମ୍‌ର ଭିକ୍ଟୋରିଆ ହକି କ୍ଲବ ପାଇଁ ଯୁବ ମ୍ୟାନେଜର ଓ କୋଚ୍ ସମେତ ବିଭିନ୍ନ ଭୂମିକାରେ କାର୍ଯ୍ୟ କରିଛନ୍ତି। ହକି ଇଣ୍ଡିଆ ସଭାପତି ତିର୍କୀ କହିଛନ୍ତି, ଜଣେ କୋଚ୍ ଓ ଭିଡିଓ ଆନାଲିଷ୍ଟ ଭାବେ ଲୁକାସଙ୍କ ନିକଟରେ ରହିଥିବା ଅଭିଜ୍ଞତା ଓ ପାରଦର୍ଶିତା ଆମ ଦଳଗୁଡ଼ିକର ପ୍ରଦର୍ଶନରେ ଉନ୍ନତି ଆଣିବାରେ ବିଶେଷ ସହାୟକ ହେବ। ଲୁକାସ ମଙ୍ଗଳବାର ନୂଆଦିଲ୍ଲୀରେ ପହଞ୍ଚିଛନ୍ତି।

## ୫ଏସ୍ ହକି: ଗ୍ରୁପ୍ 'ବି'ରେ ଭାରତ

**ନୂଆଦିଲ୍ଲୀ, ୫।୯(ପି.ଟି.)**

ଜାନୁୟାରୀ ୨୪ରୁ ୩୧ ପର୍ଯ୍ୟନ୍ତ ମସ୍କାଟରେ ପୁରୁଷ ୫ଏସ୍ ହକି ବିଶ୍ୱକପ୍‌ର ପ୍ରଥମ ସଂସ୍କରଣ ଅନୁଷ୍ଠିତ ହେବ। ଏଥିରେ ଇଜିପ୍ଟ, ସୁଇଜରଲାଣ୍ଡ, ଜାମାଇକା ସହ ଭାରତ ଗ୍ରୁପ୍ 'ବି'ରେ ସ୍ଥାନ ପାଇଛନ୍ତି। ଓମାନର ସଲାଲାଠାରେ ଉଦ୍‌ଘାଟନୀ ପୁରୁଷ ୫ଏସ୍ ଏସିଆ କପ୍ ହକିରେ ଶନିବାର ପାକିସ୍ତାନକୁ ଶୁଟ୍‌ଆଉଟରେ ପରାସ୍ତ କରିବା ପରେ ଭାରତ ଯୋଗ୍ୟତା ଅର୍ଜନ କରିଛି। ପୁଲ୍-'ଏ'ରେ ପାକିସ୍ତାନ, ପୋଲାଣ୍ଡ, ନେଦରଲାଣ୍ଡ୍ସ, ନାଇଜେରିଆ ଓ ପୁଲ୍ 'ସି'ରେ ଅଷ୍ଟ୍ରେଲିଆ, ନ୍ୟୁଜିଲାଣ୍ଡ, ତ୍ରିନିଦାଦ୍ ଓ ଟୋବାଗୋ ଏବଂ କେନିଆ ରହିଥିବା ବେଳେ ପୁଲ୍ 'ଡି'ରେ ଆୟୋଜକ ଓମାନ, ମାଲେସିଆ, ଫିଜି ଓ ଯୁକ୍ତରାଷ୍ଟ୍ର ଆମେରିକା ରହିଛନ୍ତି।

## ଚାନୁଙ୍କ ବିଶ୍ୱ ରେକର୍ଡ ଭାଙ୍ଗିଲେ ଜିଆଙ୍ଗ୍

**ରିୟାଦ, ୫।୯ (ପି.ଟି.)**

ଚାଇନା ଲିଫ୍ଟର ଜିଆଙ୍ଗ ହୁଇହୁଆ ଏଠାରେ ଚାଲିଥିବା ବିଶ୍ୱ ଚାମ୍ପିୟନଶିପ୍‌ରେ କ୍ଲିନ ଆଣ୍ଡ ଜର୍କରେ ୧୨୦ କେଜି ଉତ୍ତୋଳନ କରି ଟୋକିଓ ଅଲିମ୍ପିକ ରୌପ୍ୟ ବିଜେତା ମୀରାବାଇ ଚାନୁଙ୍କ ନାମରେ ରହିଥିବା ବିଶ୍ୱରେକର୍ଡକୁ ଭାଙ୍ଗି ଦେଇଛନ୍ତି। ଚାନୁ ୨୦୨୧ ଏସିଆନ ଚାମ୍ପିୟନଶିପ୍‌ରେ ୧୧୯କେଜି ଉଠାଇ ବିଶ୍ୱ ରେକର୍ଡ କରିଥିଲେ। ହୁଇହୁଆ ୪୯କେଜିଶ୍ରେଣୀ କ୍ଲିନ ଆଣ୍ଡ ଜର୍କ ବିଭାଗରେ ସଫଳତାର ସହ ତାଙ୍କ ବିଶ୍ୱ ଚାମ୍ପିୟନଶିପ୍ ଟାଇଟଲ ବଜାୟ ରଖିପାରିଛନ୍ତି। କେବଳ ସେତିକି ନୁହେଁ ଚାଇନିଜ ଲିଫ୍ଟର ମୋଟ ୨୧୫ କେଜି ଉତ୍ତୋଳନ କରି ନୂଆ ବିଶ୍ୱରେକର୍ଡ କରଛନ୍ତି। ପୂର୍ବରୁ ଏହି ରେକର୍ଡ ତାଙ୍କ ଦେଶର ବର୍ତ୍ତମାନ ଅଲିମ୍ପିକ ଚାମ୍ପିୟନ ହୋଉ ଝିହୁଇ (୨୧୩ କେଜି)ଙ୍କ ନାମରେ ରହିଥିଲା। ହୁଇହୁଆ ସ୍ନାଚ୍‌ରେ ୯୫କେଜି ଓଜନ ଉଠାଇ ପ୍ରଥମ ସ୍ଥାନ ଅଧିକାର କରିଥିବା ବେଳେ ଝିହୁଇ ୨୧୧କେଜି (୯୫+୧୧୬କେଜି) ସହ ଦ୍ୱିତୀୟ ହୋଇଥିଲେ। ଆମେରିକାର ଜୋର୍ଡାନ ଡେଲାକ୍ରୁଜ୍ ୨୦୦କେଜି (୮୮କେଜି+୧୧୨କେଜି) ଓଜନ ଉଠାଇ ତାଙ୍କ ଦେଶ ପାଇଁ ବ୍ରୋଞ୍ଜ ଜିତିଥିଲେ। ସୂଚନାଯୋଗ୍ୟ, ଆଗକୁ ଏସିଆନ ଗେମ୍ସରେ ରହିଥିବାରୁ ଏଥିଲାଗି ପ୍ରସ୍ତୁତି ସକାଶେ ଚାନୁ ବିଶ୍ୱ ଚାମ୍ପିୟନଶିପ୍‌ରୁ ଓହରିଯାଇଥିଲେ।

## କଟକ, ଖୋର୍ଦ୍ଧା, ଓଡ଼ିଶା ସେକ୍ରେଟାରିଏଟ ବିଜୟୀ

**ରାଜ୍ୟ ସିନିୟର ହକି ଚାମ୍ପିୟନଶିପ୍**

**ଭୁବନେଶ୍ୱର, ୫।୯ (ତପନ ସ୍ୱାଇଁ)**

ହକି ଆସୋସିଏଶନ ଅଫ୍ ଓଡ଼ିଶା ଏବଂ କ୍ରୀଡ଼ା ଓ ଯୁବସେବା ବିଭାଗର ମିଳିତ ଆନୁକୂଲ୍ୟରେ ଚାଲିଥିବା ରାଜ୍ୟ ସିନିୟର ହକି ଚାମ୍ପିୟନଶିପ୍‌ରେ ମଙ୍ଗଳବାର ୭ଟି ମ୍ୟାଚ ଅନୁଷ୍ଠିତ ହୋଇଛି। ସୁନ୍ଦରଗଡ଼ ୭-୦ ଗୋଲରେ କେନ୍ଦ୍ରାପଡ଼ାକୁ ହରାଇଥିବାବେଳେ ଗଞ୍ଜାମ ୬-୦ରେ ଗଜପତି ଓ ଓଡ଼ିଶା ସେକ୍ରେଟାରିଏଟ ୬-୦ ଗୋଲରେ ବାଲେଶ୍ୱରକୁ ପରାସ୍ତ କରିଛି। ସେହିପରି ଆରଏସ୍‌ପି ୭-୪ରେ ରାୟଗଡ଼ା, ଢେଙ୍କାନାଳ ୭-୧ରେ ନବରଙ୍ଗପୁରକୁ ହରାଇଛି। ଅନ୍ୟ ୨ଟି ମ୍ୟାଚରେ କଟକ ୩-୧ ଗୋଲରେ ନୟାଗଡ଼କୁ ଏବଂ ଖୋର୍ଦ୍ଧା ୬-୧ରେ ବଲାଙ୍ଗୀରକୁ ପରାସ୍ତ କରିଛି।



ଗଜପତି ଓ ଗଞ୍ଜାମ ମଧ୍ୟରେ ଅନୁଷ୍ଠିତ ମ୍ୟାଚ୍।

# ଏସିଆ କପ୍: ଶ୍ରୀଲଙ୍କାର ରୋମାଞ୍ଚକ ବିଜୟ

**ପାଲେକେଲ୍, ୫।୯ (ପି.ଟି.)**

ଏସିଆ କପ୍ କ୍ରିକେଟ୍ ୨୦୨୩ରେ ଆଫଗାନିସ୍ତାନ ବିପକ୍ଷ ମ୍ୟାଚ୍‌କୁ ୨ ରନ୍‌ରେ ଜିତି ନେଇଛି ଶ୍ରୀଲଙ୍କା। ମଙ୍ଗଳବାର ଶ୍ରୀଲଙ୍କାର ରୋମାଞ୍ଚକ ବିଜୟ ସହିତ ଗ୍ରୁପ୍ ପର୍ଯ୍ୟାୟ ଶେଷ ହୋଇଛି। କୁଶାଲ ମେଣ୍ଡିସ୍‌ଙ୍କ ୯୨ ରନ୍ ବଳରେ ପ୍ରଥମେ ବ୍ୟାଟିଂ କରି ଶ୍ରୀଲଙ୍କା ନିର୍ଦ୍ଧାରିତ ଓଭରରେ ୮ ଉଇକେଟ ହରାଇ ୨୯୧ ରନ୍ ସଂଗ୍ରହ କରିଥିଲା। ଜବାବରେ ଆଫଗାନିସ୍ତାନ ୩୭.୪ ଓଭରରେ୨୮୯ ରନ୍‌ରେ ଅଲଆଉଟ ହୋଇଥିଲା।

ଟସ୍ ଜିତି ଶ୍ରୀଲଙ୍କା ପ୍ରଥମେ ବ୍ୟାଟିଂ କରିଥିଲା। ଦୁଇ ଓପନର ପାଥୁମ୍ ନିଶଙ୍କା(୪୧) ଓ ଦିମୁଥ୍ କରୁଣାରତ୍ନେ(୩୨) ରନ୍ ପ୍ରଥମ ଉଇକେଟରେ ୬୩ ରନ୍ ଯୋଡିଥିଲେ। କରୁଣାରତ୍ନେଙ୍କୁ ଆଉଟ୍ କରି ଗୁଲବଦିନ ନାଏବ ଦଳକୁ ପ୍ରଥମ ସଫଳତା ପ୍ରଦାନ କରିଥିଲେ।ପରବର୍ତ୍ତୀ ବ୍ୟାଟର ସମର ୱିକ୍ରମାଙ୍କ ସହିତ ପାଥୁମ୍ ନିଶଙ୍କାଙ୍କୁ ଆଉଟ କରିଥିଲେ ନାଇବ। ୮୬ ରନ୍‌ରେ ୩ ଉଇକେଟ ହରାଇବା ପର କୁଶାଲ ମେଣ୍ଡିସ୍ (୯୨) ଓ ଚରିଥ୍ ଅସଲଙ୍କା (୩୬) ଚତୁର୍ଥ ଉଇକେଟରେ ୧୦୨ ରନ୍ ଯୋଡିଥିଲେ। ମେଣ୍ଡିସ୍ ୮୪ ବଲ୍ ଖେଳି ୬ ଚୌକା ଓ ୩ ଛକା ମାରିଥିଲେ। ଅନ୍ୟ ପକ୍ଷରେ ଅସଲଙ୍କା ୪୩ ବଲ୍ ଖେଳି ୨ ଚୌକା ଓ ୧ ଛକା ମାରିଥିଲେ। ଧନଞ୍ଜୟ ଡି ସିଲ୍‌ଭା୧୪ ଓ ଦାସୁନ ଶନକା ୫ ରନ୍ କରି ଆଉଟ ହୋଇଥିବା ବେଳେ ଶେଷ ଆଡକୁ ଦୁନିଥ୍ ୱେଲିଲାଗେ ୩୩ ଓ ମହୀଷ ଥିକ୍‌ସାନା ୨୮ ରନ୍ କରିବାରୁ ଶ୍ରୀଲଙ୍କା ୨୯୧ ରନ୍ ସଂଗ୍ରହ କରିଥିଲା। ଆଫଗାନିସ୍ତାନ ପକ୍ଷରୁ ଗୁଲବଦିନ ନାଇବ ସର୍ବାଧିକ ୪ ଉଇକେଟ ନେଇଥିଲେ।

ସୁପର୍-୪ ପ୍ରବେଶ ପାଇଁ ଆଫଗାନିସ୍ତାନକୁ ୩୭ ଓଭରରେ ବିଜୟ ହାସଲ ଆବଶ୍ୟକ ରହିଥିବା ବେଳେ ଦଳ ୨୭ ରନ୍ ମଧ୍ୟରେ ଦୁଇ ଓପନରଙ୍କ ଉଇକେଟ ହରାଇଥିଲା।୫୦ ରନ୍‌ରେ ୩ ଉଇକେଟ ହରାଇବା ପରେ ଅଧିନାୟକ ହସମତଉଲ୍ଲା ଶାହିଦି (୫୯) ଓ ରେହମତ ଶାହ(୪୫) ଚତୁର୍ଥ ଉଇକେଟରେ ୭୧ ରନ୍ ଯୋଡିଥିଲେ। ରେହମତ ଶାହ ଆଉଟ ହେବା ପରେ କ୍ରିଜ୍‌ରେ ଯୋଗ ଦେଇଥିଲେ ମହମ୍ମଦ ନବି। ଆଫଗାନିସ୍ତାନ ପକ୍ଷରୁ ଦ୍ରୁତତମ ଅର୍ଦ୍ଧଶତକ ହାସଲ କରିବା ସହିତ ୨୪ ବଲ୍‌ରୁ ଅର୍ଦ୍ଧଶତକ ହାସଲ କରିଥିଲେ। ୩୨ ବଲ୍ ଖେଳି ୬ ଚୌକା ଓ ୫ ଛକା ସହିତ ୬୫ ରନ୍ ସ୍କୋର କରିଥିଲେ। ଶେଷ ଆଡକୁ ଦୁନିଥ ୱେଲିଲାଗେ ଓ ଧନଞ୍ଜୟ ଡି ସିଲ୍‌ଭା ଦୁଇଟି ଲେଖାଏ ଉଇକେଟ ନେଇ ଶ୍ରୀଲଙ୍କାକୁ ଜିତାଇଥିଲେ। ଶ୍ରୀଲଙ୍କା ପକ୍ଷରୁ କଶୁନ ରଜିଥା ୪, ଦୁନିଥ୍ ୱେଲିଲାଗେ ଓ ଧନଞ୍ଜୟ ଡି ସିଲ୍‌ଭା ୨ ଉଇକେଟ ନେଇଛନ୍ତି।



ଶଟ୍ ଖେଳିବା ଅବସରରେ କୁଶାଲ ମେଣ୍ଡିସ।

**ସଂକ୍ଷିପ୍ତ ସ୍କୋର**

ଶ୍ରୀଲଙ୍କା ୫୦ ଓଭରରେ ୨୯୧/୮(କୁଶାଲ ମେଣ୍ଡିସ୍-୯୨, ପାଥୁମ୍ ନିଶଙ୍କା-୪୧, ଚରିଥ୍ ଅସଲଙ୍କା-୩୬, ଗୁଲବଦିନ ନାଇବ-୪/୬୦, ରଶିଦ୍ ଖାନ-୨/୬୩)। ଆଫଗାନିସ୍ତାନ ୩୭.୪ ଓଭରରେ ୨୮୯/୧୦(ମହମ୍ମଦ ନବି-୬୫, ହସମତଉଲ୍ଲା ଶାହିଦି-୫୯, ରେହମତ ଶାହ-୪୫, କସୁନ୍ ରଜିଥା-୪/୭୯, ଦୁନିଥ୍ ୱେଲିଲାଗେ-୨/୩୬, ଧନଞ୍ଜୟ ଡି ସିଲ୍‌ଭା-୨/୧୨)।

### ସୁପର-୪ କାର୍ଯ୍ୟସୂଚୀ

| | | |
|---|---|---|
| ପାକିସ୍ତାନ ବନାମ ବାଂଲାଦେଶ | ସେପ୍ଟେମ୍ବର ୬ | ଲାହୋର |
| ଶ୍ରୀଲଙ୍କା ବନାମ ବାଂଲାଦେଶ | ସେପ୍ଟେମ୍ବର ୯ | କଲମ୍ବୋ |
| ଭାରତ ବନାମ ପାକିସ୍ତାନ | ସେପ୍ଟେମ୍ବର ୧୦ | କଲମ୍ବୋ |
| ଭାରତ ବନାମ ଶ୍ରୀଲଙ୍କା | ସେପ୍ଟେମ୍ବର ୧୨ | କଲମ୍ବୋ |
| ପାକିସ୍ତାନ ବନାମ ଶ୍ରୀଲଙ୍କା | ସେପ୍ଟେମ୍ବର ୧୪ | କଲମ୍ବୋ |
| ଭାରତ ବନାମ ବାଂଲାଦେଶ | ସେପ୍ଟେମ୍ବର ୧୫ | କଲମ୍ବୋ |
| ଫାଇନାଲ | ସେପ୍ଟେମ୍ବର ୧୭ | କଲମ୍ବୋ |

ସମସ୍ତ ମ୍ୟାଚ୍ ଭାରତୀୟ ସମୟ ଅପରାହ୍ନ ୩.୦୦ରେ ଖେଳାଯିବ।

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୬ Press Regd. No. R.N. 21326/74 Postal Regd. No. BN/42/21-23. ଭୁବନେଶ୍ୱର, ବୁଧବାର, ସେପ୍ଟେମ୍ବର ୬/୨୦୨୩ Bhubaneswar, Wednesday, September 6/ 2023

# ଜାତୀୟ ଜୁନିୟର ଫୁଟବଲ ଉଦ୍‌ଘାଟିତ



ଉଦ୍‌ଘାଟନୀ ଅବସରରେ ଅତିଥିଙ୍କ ଗହଣରେ ଓଡ଼ିଶା ଓ ହରିୟାଣା ଦଳର ଖେଳାଳି।

**ଭୁବନେଶ୍ୱର, ୫।୯ (ତପନ ସ୍ୱାଇଁ)**

ରାଜ୍ୟ ସରକାରଙ୍କ କ୍ରୀଡ଼ା ବିଭାଗ ଓ ଫୁଟବଲ ଆସୋସିଏଶନ ଅଫ୍ ଓଡ଼ିଶା (ଫାଓ) ଆନୁକୂଲ୍ୟରେ ବି.ସି. ରୟ ଟ୍ରଫି ଜାତୀୟ ଜୁନିୟର ଫୁଟବଲ ଟୁର୍ନାମେଣ୍ଟ ମଙ୍ଗଳବାର ଉଦ୍‌ଘାଟିତ ହୋଇଯାଇଛି। ସ୍ଥାନୀୟ କ୍ୟାପିଟାଲ ଫୁଟବଲ ଆରେନାରେ ଆୟୋଜିତ ଉଦ୍‌ଘାଟନୀ ଉତ୍ସବରେ କ୍ରୀଡ଼ା ନିର୍ଦ୍ଦେଶକ ସିଦ୍ଧାର୍ଥ ଦାସ ମୁଖ୍ୟ ଅତିଥି, ଯୁଗ୍ମ ସଚିବ ବିଜୟାନନ୍ଦ ନାୟକ ସମ୍ମାନିତ ଅତିଥିଭାବେ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ସର୍ବଭାରତୀୟ ଫୁଟବଲ ଫେଡେରେଶନର କାର୍ଯ୍ୟକାରିଣୀ ସଦସ୍ୟ ଅଭିଜିତ ପାଲ, ଫାଓ ଉପସଭାପତି ଦିଲୀପ କୁମାର ସାହୁ, ଯୁଗ୍ମ ସମ୍ପାଦକ ବିଶ୍ୱ ରଞ୍ଜନ ଘଡ଼େଇ, ସଦସ୍ୟ ବିଜୟ କୁମାର ଦାସ ପ୍ରମୁଖ ଉପସ୍ଥିତ ଥିଲେ। ଭୁବନେଶ୍ୱରର ଭେନ୍ୟୁରେ ପ୍ରଥମ ଦିବସରେ ମୋଟ ୪ଟି ମ୍ୟାଚ ଅନୁଷ୍ଠିତ ହୋଇଯାଇଛି। ହରିୟାଣା ବିପକ୍ଷରେ ବୃହତ୍ ବିଜୟ ସହ ଓଡ଼ିଶା ଏହାର ଅଭିଯାନ ଆରମ୍ଭ କରିଛି। କ୍ୟାପିଟାଲ ଆରେନାରେ ଅନୁଷ୍ଠିତ ମ୍ୟାଚରେ ଓଡ଼ିଶା ୪-୦ ଗୋଲରେ ହରିୟାଣାକୁ ପରାସ୍ତ କରିଛି। ଦଳ ପକ୍ଷରୁ ଶଙ୍ଖ ଶେଖର ହେମ୍ବ୍ରମ ୩, ୪୯ ଓ ୮୫ତମ ମିନିଟରେ ୩ଟି

## ବି.ସି. ରୟ ଟ୍ରଫି

### ବିଜୟ ସହ ଓଡ଼ିଶାର ଅଭିଯାନ

ଗୋଲ ଦେଇ ହ୍ୟାଟ୍ରିକ ଅର୍ଜନ ସହ ଓଡ଼ିଶା ବିଜୟରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଛନ୍ତି। ଆକାଶ ସାହୁ ୧୪ତମ ମିନିଟରେ ଅନ୍ୟ ଗୋଲଟି କରିଥିଲେ। ୩୬ତମ ମିନିଟରେ ଓଡ଼ିଶାର ମୋହନ ଗୁଣ୍ଡା ଓ ୫୭ତମ ମିନିଟରେ ହରିୟାଣା ଅଧିନାୟକ ଭବେଶ ୟେଲୋ କାର୍ଡ ପାଇଥିଲେ। ସପ୍ତମ ବାଟାଲିୟନ ପରିସରରେ ଥିବା ଓଡ଼ିଶା ଫୁଟବଲ ଏକାଡେମୀ ପଡ଼ିଆରେ ମହାରାଷ୍ଟ୍ର ୩-୧ ଗୋଲରେ କର୍ଣ୍ଣାଟକକୁ ପରାସ୍ତ କରିଛି। ଆରମ୍ଭରୁ ଆକ୍ରମଣାତ୍ମକ ଖେଳିଥିବା କର୍ଣ୍ଣାଟକ ପକ୍ଷରୁ କ୍ରିସ୍ ଥୋମାସ ଜୋସେଫ ୬ଷ୍ଠ ମିନିଟରେ ଗୋଲ ଦେଇ ଦଳକୁ ଅଗ୍ରଣୀ କରିଥିଲେ। ମାତ୍ର ନିଆଲ ଗୋଘାଭଲା ୪୫ ଓ ୫୪ତମ ମିନିଟରେ ୨ଟି ଏବଂ ପାର୍ଥ ବିଜୟ ତାଲକୋକୁଲ ୬୯ତମ ମିନିଟରେ ଗୋଟିଏ ଗୋଲ ଦେଇ ମହାରାଷ୍ଟ୍ରକୁ ବିଜୟୀ କରିଥିଲେ। କ୍ୟାପିଟାଲ ଆରେନାରେ ଅନୁଷ୍ଠିତ ଅନ୍ୟଏକ ମ୍ୟାଚରେ ଝାଡ଼ଖଣ୍ଡ ୫-୨ ଗୋଲରେ ମିଜୋରାମକୁ ହରାଇ ଦେଇଛି। ଝାଡ଼ଖଣ୍ଡ ପକ୍ଷରୁ ଜେମ୍ସ ଥୋଙ୍ଗମିନ ଚେଙ୍ଗଲୋଇ ୩୦, ୪୮, ୮୦ତମ ମିନିଟରେ ୩ଟି ଗୋଲ ଦେଇ ହ୍ୟାଟ୍ରିକ ଅର୍ଜନ କରିଥିବାବେଳେ ଲମ୍‌ସାଙ୍ଗଜୁଆଲା ୧୨ ଓ ମହେନ୍ଦ୍ର ବେଦିୟା ୮୩ତମ ମିନିଟରେ ଗୋଟିଏ ଲେଖାଏ ଗୋଲ ସ୍କୋର କରିଥିଲେ। ମିଜୋରାମ ପକ୍ଷରୁ ଲାଲରିନଫେଲା ରାଲ୍‌ଟେ ୪୧ ଓ ଇଡି ଲାଲହମାଙ୍ଗାଇଜୁଆଲା ୭୩ତମ ମିନିଟରେ ଗୋଟିଏ ଲେଖାଏ ଗୋଲ ପରିଶୋଧ କରିଥିଲେ। ଓଡ଼ିଶା ଫୁଟବଲ ଏକାଡେମୀ ପଡ଼ିଆରେ ଅନୁଷ୍ଠିତ ମ୍ୟାଚରେ ଉତ୍ତର ପ୍ରଦେଶ ୫-୧ ଗୋଲରେ ଛତିଶଗଡ଼କୁ ହରାଇଛି। ବିଜୟୀ ଦଳ ପକ୍ଷରୁ ନିରଞ୍ଜନ ଜୁଙ୍ଗ ଶାହି ୨ ଓ ୬ଷ୍ଠ ମିନିଟରେ ୨ଟି ଏବଂ ମହମ୍ମଦ ନଦିମ ୨୪, କୈଫ ଖାଁ ୩୧ ଓ ଅବିନାଶ ଥାପା ୪୩ତମ ମିନିଟରେ ଗୋଟିଏ ଲେଖାଏ ଗୋଲ ଦେଇଥିଲେ। ଛତିଶଗଡ଼ ପକ୍ଷରୁ ଅଧିନାୟକ କେଓ୍ୱାତ କୋଲା ୭୩ତମ ମିନିଟରେ ଗୋଟିଏ ଗୋଲ ପରିଶୋଧ କରିଥିଲେ।

# ବିଶ୍ୱକପ୍ ଜର୍ସିରେ ଇଣ୍ଡିଆ ବଦଳରେ ଭାରତ

**ନୂଆଦିଲ୍ଲୀ, ୫।୯ (ପି.ଟି.)**

ଆଗାମି ଅନ୍ତର୍ଜାତୀୟ ଦିନିକିଆ କ୍ରିକେଟ ବିଶ୍ୱକପ୍‌ରେ ଜାତୀୟ ଦଳର ଖେଳାଳିଙ୍କ ଜର୍ସିରେ ଇଣ୍ଡିଆ ସ୍ଥାନରେ 'ଭାରତ' ଲେଖାଗଲେ ଭଲ ହୁଅନ୍ତା ବୋଲି କହିଛନ୍ତି ପୂର୍ବତନ ଭାରତୀୟ କ୍ରିକେଟ ବୀରେନ୍ଦ୍ର ସେହ୍ୱାଗ। ଏହାକୁ କାର୍ଯ୍ୟକାରୀ କରିବା ଲାଗି ସେ ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ସମ୍ପାଦକ ଜୟ ଶାହାଙ୍କୁ ଏକ ପ୍ରସ୍ତାବ ଦେଇଛନ୍ତି। ସେ କହିଛନ୍ତି, ଆମେ ହେଉଛୁ ପ୍ରକୃତରେ ଭାରତୀୟ। ବ୍ରିଟିଶରମାନେ ଆମ ଦେଶର ନାମ 'ଇଣ୍ଡିଆ' ଦେଇଛନ୍ତି। ସ୍ୱାଧୀନ ହେବାପରେ ଆମେ ମୂଳ ନାମ 'ଭାରତ'କୁ ଫେରିଯିବାର କଥା। ଏଥିରେ ଯଦିଓ ବହୁ ବିଳମ୍ବ ଘଟିଲାଣି ଆଉ ନୁହେଁ।

## ସେହ୍ୱାଗଙ୍କ ପ୍ରସ୍ତାବ

ଖେଳାଳିମାନଙ୍କ ଜର୍ସିରେ ଟିମ୍ ଇଣ୍ଡିଆ ପରିବର୍ତ୍ତେ ଟିମ୍ ଭାରତ ଲେଖାଯିବା ଉଚିତ। ସେପ୍ଟେମ୍ବର ୯ରେ ଜି୨୦ ଡିନର ପାଇଁ ରାଷ୍ଟ୍ରପତି ଭବନରୁ ପଠାଇଯାଇଥିବା ଆମନ୍ତ୍ରଣ ପତ୍ରରେ 'ପ୍ରେସିଡେଣ୍ଟ ଅଫ୍ ଇଣ୍ଡିଆ' ପରିବର୍ତ୍ତେ 'ପ୍ରେସିଡେଣ୍ଟ ଅଫ୍ ଭାରତ' ଲେଖାଯିବା ପରେ ବିବାଦୀୟ ପରିସ୍ଥିତି ସୃଷ୍ଟି ହୋଇଥିବା ବେଳେ ସେହ୍ୱାଗ ଏହି ମନ୍ତବ୍ୟ ଦେଇଛନ୍ତି। ବହୁ ରାଜନୈତିକ ନେତା ଏହା ଉପରେ ଟିପ୍ପଣୀ ଦେବା ଆରମ୍ଭ କରିଦେଇଛନ୍ତି। ପୂର୍ବତନ ବିସ୍ଫୋରକ ଓପନର ଅନ୍ୟ କେତୋଟି ଦେଶର ଉଦାହରଣ ଦେଇଛନ୍ତି, ଯେଉଁମାନେ କି ସେମାନଙ୍କ ନାମ ପରିବର୍ତ୍ତନ କରିଛନ୍ତି। ନେଦରଲାଣ୍ଡସ୍ ୧୯୯୬ ବିଶ୍ୱକପ୍ ଖେଳିବା ଲାଗି ଭାରତ ଆସିଥିଲା ବେଳେ ଏହାର ନାମ ହଲାଣ୍ଡ ରହିଥିଲା। ୨୦୦୩ରେ ଆମେ ଯେତେବେଳେ ଏହି ଦେଶ ବିପକ୍ଷରେ ଖେଳିଲୁ ସେତେବେଳେ ନାମ ନେଦରଲାଣ୍ଡସ୍ ହୋଇଯାଇଥିଲା। ତାହା ବଳବତ୍ତର ରହିଛି। ସେହିପରି ବ୍ରିଟିଶ ଶାସନମୁକ୍ତ ହେବା ପରେ ବର୍ମା ଏହାର ମୂଳ ନାମ ମ୍ୟାନମାରକୁ ଫେରି ଆସିଛି। ଏହି ପରି ଆହୁରି ଅନେକ ଦେଶ ତାଙ୍କ ମୂଳ ନାମକୁ ଫେରି ଆସିଛନ୍ତି।







4-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ